Digitized by srujanika@gmail.com

ଶୁକଦେବ ସାହୁ

ଫଗୁଣି

Digitized by srujanika@gmail.com

ପ୍ରକାଶକ :
● ନାଲନ୍ଦା
ବିନୋଦ ବିହାରୀ, କଟକ-୭୫୩୦୦୨

ଅଙ୍ଗ ସଜ୍ଜା :
● ଅସୀତ ମୁଖାର୍ଜି
ଶିଳ୍ପ ରୂପମ୍, କଟକ-୨

ମୁଦ୍ରଣ :
● ବ୍ରଜେନ୍ଦ୍ର ପ୍ରେସ
କଟକ-୧

● ଅଭିନବ ନାଲନ୍ଦା ସଂସ୍କରଣ .
୧୯୭୭

ବନ୍ଧାଇ :
● ଏକନୋମିକ୍ ବାଇଣ୍ଡିଂ ୱାର୍କସ
କଟକ-୨

ମୂଲ୍ୟ ବାର ଟଙ୍କା

Digitized by srujanika@gmail.com

ତଳୋତ୍ତମା,

ବିବାହିତ ଜୀବନର ସ୍ମୃତିମଧୁର ତିରିଶ ବର୍ଷ କେଉଁଆଡେ ହଜିଗଲାଣି । ଏହି ଦୀର୍ଘ ବ୍ୟବଧାନ ଭିତରେ ତୁମର ସ୍ନେହ, ସେବା, ପ୍ରୀତି ତଟିନୀର କୁଳୁକୁଳୁ ଶାନ୍ତ ମଧୁର ଧାର ପରି ଅଲକ୍ଷିତରେ ବହିଯାଇଛି । ଆଜି ତୁମେ ପାଞ୍ଚୋଟି ସନ୍ତାନର ଜନନୀ । ପୁତ୍ର ବିଜୟ, ସଂଜୟ—କନ୍ୟା ନିବେଦିତା, ପରିଣୀତା, ସୁଚରିତା । ଏଇମାନଙ୍କୁ ନେଇ ତୁମର ଜୀବନ ଓ ସଂସାର । ନିବେଦିତା ଓ ବିଜୟ ଦୁହିଁଙ୍କୁ ବିବାହିତ ଜୀବନରେ ଛନ୍ଦି ଦେଲଣି । ନିବେଦିତା ତାର ସୁଖର ସଂସାର ଗଢ଼ିବାକୁ ଦୂରକୁ ଚାଲିଗଲାଣି । ପୁଣି ଦୂରରୁ ମହାନଦୀ ଓ ତେଲନଦୀର ମିଳନ ସ୍ଥଳ ସୋନ୍‌ପୁର—ଯେଉଁଠି ନଦୀ ଉପତ୍ୟକାର ସ୍ନିଗ୍ଧ ମାଧୁରିମା ଭିତରେ ଆକାଶକୁ ଚାହିଁ ସୁଖ ସ୍ୱପ୍ନ ଦେଖିବାକୁ ଭଲଲାଗେ—ଯାହାର ଅପରୂପ ଆଲେଖ୍ୟ, ସୁରଭିତ ଶାନ୍ତ-ମଧୁର ପରିବେଶ ମନକୁ ବାନ୍ଧିରଖେ ଅଜଣା ପ୍ରୀତି-ବଂଧନରେ; ସେହି ବିଚିତ୍ରବର୍ଣ୍ଣା ସୋନ୍‌ପୁର କୋଳରୁ ତୁମେ ଫୁଲଟି ପରି ତୋଳିଆଣିଲ ପୁତ୍ରବଧୂ ରୂପେ 'ରେଣୁ'କୁ । ଆମ ପରିବାରରେ ତାର ନୂତନ ନାମ ରଖିଲ 'ପଦ୍ମାଳୟା' । ତା ପ୍ରତି ତୁମର ସ୍ନେହ ଗଙ୍ଗଶିଉଳି ଫୁଲପରି ନିଶବ୍ଦରେ ଝରି ପଡୁଛି । ବଡ଼ ବୋହୂ ହିସାବରେ 'ରେଣୁ' ତାର କର୍ତ୍ତବ୍ୟ ଠିକ୍‌ଭାବେ ସମାଦନ କରିବ କି ନାହିଁ ଜାଣେ ନାହିଁ । ତଥାପି ସେଇ ଝିଅଟି ପ୍ରତି ମୋର ଗଭୀର ଅନୁରାଗ ରହିଛି—ପାହାଡ଼ି ଝରଣା ପରି ଚଳଚଞ୍ଚଳ ଗତିରେ ସେ ଆମ ପରିବାରରେ ଛନ୍ଦ ମଧୁରତା ସୃଷ୍ଟି କରି ନିଜକୁ ହଜାଇଦେବ ବୋଲି ଆଶା ।

ସମୟ ଯେତିକି ଆଗକୁ ଚାଲିଛି—ସୁଦୀର୍ଘ ଅତୀତ ପଛରେ ଛାଡ଼ି ଆସିଲାବେଳେ ସେତିକି ମାୟା ଲାଗୁଛି । ଆଜି ଜୀବନ ଗୋଧୂଳିରେ ପୁରୁଣା ଦିନର ସ୍ମୃତି ଉଦ୍‌ଭାସିତ ହେଉଛି । ମନେ ପଡୁଛି, ପ୍ରଥମ ଜୀବନର ସେହି ଅଭାବପୂର୍ଣ୍ଣ ସଂସାରର କଥା । ଜୀବନ-ଯନ୍ତ୍ରଣାର ବ୍ୟଥା ବେଦନା ଭିତରେ ଥିଲା ଯେଉଁ ପରିପୂର୍ଣ୍ଣ ଆବେଗ, ନିବିଡ଼ତା ତାହା ଆଜି ଆଉ ନାହିଁ । ହଜିଲା ଅତୀତର ସ୍ନିଗ୍ଧ-ମଧୁର-ସରସତା ସବୁ ଯେପରି ଆଜି ସ୍ୱପ୍ନ । ମନଟା ଟିକି ଟିକି ହୋଇ ଭାଙ୍ଗିପଡୁଛି । ରାତ୍ରିର ଅନ୍ଧକାର ଭିତରେ ହଜିଯିବାକୁ ମୋର ବେଶି ଡେରି ହୁଏ ତ ନାହିଁ । ଜୀବନର ଏହିପରି ଏକ ସନ୍ଧିକ୍ଷଣରେ 'ବର୍ଣ୍ଣାଳୀ' ତୁମ ହାତରେ ଦେଉଛି—ଟିକିଏ ବ୍ୟଥା ବେଦନା ଲାଘବ କରିବା ଉଦ୍ଦେଶ୍ୟରେ ।

ଲେଖକ

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

• ପ୍ରିୟା ଓ ପରକୀୟା

ରବିବାବୁ, ପରୀକ୍ଷା ସରିଲାଣି ଆଜିକୁ ସାତ ଦିନ ହେବ, ତଥାପି ତମର ଦେଖା ନାହିଁ । ଏଇ କାଦୁଅ ସନ୍ତସନ୍ତିଆ ଗାଁ ଭୂଇଁକୁ କାହିଁକି ଆସିବ । ଆସିଲେ କାଦୁଅ ଲାଗିଯିବ । ବାବୁ ବୋଲି କେହି ଚିହ୍ନିବେ ନାହିଁ ପରା । ନା, ଭଉଜଙ୍କୁ କିଛି ଦେବାକୁ ପଡ଼ିବ ବୋଲି ଡରିଯାଉଛ !

ଆଜକୁ ସାତଦିନ ହେବ ନିତି ମୁଁ ଚାହିଁଛି । ଭାଇ ନିତି କହନ୍ତି ଆଜି ରବି ଆସିବ । ମା କହନ୍ତି, ବୋହୂ ଲୋ, ପୁଅ ମୋର ଆଜି ସଞ୍ଜକୁ ନିଶ୍ଚୟ ଆସି ପହଞ୍ଚିବ । ସକାଳ ଯାଏ—ସଞ୍ଜ ମିଳାଏ; ଆସେ ରାତି । ଜହ୍ନ ଆଲୁଅର ଲହଡ଼ି ଖେଳିଯାଏ ଆମ ଘର ବାହାରେ । ବେଳେବେଳେ ସେଇ ଆଲୁଅରେ କାର ଛାଇ ଦେଖି ମୁଁ ଚମକିପଡ଼ି ଚାହେଁ ତମେ ଆସିଲ ପରା । କିନ୍ତୁ ଦେଖେ ତମେ ଆସିନାହଁ—ବାହାରୁ ବୁଲି ବୁଲି ଫେରି ଆସିଛନ୍ତି ତମରି ଭାଇ ।

ଚାହିଁ ଚାହିଁ ନ ଆସିବାରୁ ଆଜି ଚିଠି ଖଣ୍ଡିଏ ଲେଖିଲି । 'ରବି' ବୋଲି ଲେଖିଲେ କାଳେ କ'ଣ ମନେ କରିବ, ସେଇଥି ପାଇଁ ନାଁ ଆଗରେ ବାବୁଟା ଯୋଡ଼ିଦେଲି । କଟକରେ ରହି ନିତି ସିନେମା, ଥିଏଟର ଦେଖୁଥିବ—ଯୋଡ଼ା ମଟେଇ ମଟ ମଟ ଚାଲୁଥିବ । ରିକ୍ସା ବନ୍ଦ ଥିବ—ଆଉ ଅଧେ ଓଡ଼ିଆ ଅଧେ ଇଂରାଜି କଥା କହି କଲେଜ ପଢୁଆ ବୋଲି ପରିଚୟ ଦେଉଥିବ । ସାହେବ ପୋଷାକରେ ସିଗାରେଟ ଧୂଆଁ ଛାଡ଼ି ଯେତେବେଳେ କାହାକୁ ଜଣେଇ ଜଣେଇ ଚାହୁଁଥିବ—ସେତେବେଳେ ସମସ୍ତେ ତମକୁ ବାବୁ ବୋଲି ଭାବୁଥିବେ । ଏତେ ପରିଶ୍ରମରେ ଯେଉଁ ବାବୁ ପଦବୀଟା ମିଳିଛି, ତାକୁ ତମ ନାଁ ଆଗରେ ଯୋଡ଼ି ନ ଲେଖିଥିଲେ ନିଶ୍ଚୟ ତମର ସମ୍ମାନର ଅବମାନନା ହୋଇଥାନ୍ତା ! ଆଉ ତମେ

Digitized by srujanika@gmail.com

ମଫସଲି ଭାଉଜଙ୍କ ପ୍ରତି ଘୃଣାରେ ନାକ ଟେକି କହିଥାନ୍ତ—ଥାର୍ଡ କ୍ଲାସ—ନୁହେଁ, ଚଳିବ ନାହିଁ । ଚିଠି ଖଣ୍ଡି ପାଇ ଶୀଘ୍ର ଗାଁକୁ ଫେରି ଆସିବ । ତମକୁ ନ ଦେଖି ବୋଉ କାନ୍ଦୁଛନ୍ତି । ନିଶ୍ଚୟ ଆସିବ—ମୋ ରାଣ ।

ଭାଉଜଙ୍କ ଚିଠି ଖଣ୍ଡିକ ପଢ଼ି ରବିର ଆଖି ଆଗରେ ଭାସିଉଠିଲା, କୋଳାହଳଠୁ ବହୁଦୂରରେ ତାର ସେଇ ଗାଁଟିର କଥା । ଯେଉଁଠି ଅଛି ତାର ବାପା, ମା, ଭାଇ ଆଉ ନୂଆ ଭାଉଜ ।

ଦୂର ପବନରେ ଥରି ଥରି ଭାସି ଆସିଲା ତାର ମା'ର ସେଇ କଅଁଳ ଡାକ—କେତେ ଆନ୍ତରିକତା ଭରିରହିଚି ତହିଁରେ । ଆଲୁଅରେ ଭାସି ଭାସି ହସି ଉଠିଲା ଭାଉଜର ଅଦେଖା ଢଳ ଢଳ ରୂପ । କେତେ କଳ୍ପନା ଠୁଳ ହୋଇ ରୂପ ପାଇଚି ସତେ ଯେପରି । ଆଉ ତା ସଙ୍ଗେ ସଙ୍ଗେ ବାଜି ଉଠିଲା ଗାଁ' ମାଟିର ସେଇ ଖୋଲା ସବୁଜ ବିଲ ପଡ଼ିଆର ସନ୍ଦେଶ । ନହନହକା ବାଉଁଶ ବଣ ଛାଡ଼ି ଗାଁର ସେଇ କପୋତୀଟା ଧାଇଁ ଆସି ଯେପରି ରବିର ମନ ଗହନରେ ବସି ଡାକିଉଠିଲା ।

ଆଖି ଆଗରେ ଭାସି ଉଠିଲା ଦୂର ଗାଁର ଚଳନ୍ତି ଛବି । ହୃଦୟରେ ବାଜି ଉଠିଲା ତା'ର ନିତିଦିନର କେତେ କରୁଣ ମଧୁର ପ୍ରତିଧ୍ୱନି ।

ଗାଁକୁ ଲାଗି କେନାଲ । ବଙ୍କେଇ ବଙ୍କେଇ ଚାଲି ଯାଇଚି କେତେ ଦୂର । ଗାଁକୁ ଲାଗି ଯେଉଁ ପୁରୁଣା ବନ୍ଧଟା ଛିଡ଼ା ହୋଇଚି କେତେ ଦିନରୁ, ତାରି ଉପରେ ଡାଁ ଉଁ କେଇଟା ଖଜୁରି ଗଛ । ବନ୍ଧ ସାଙ୍ଗରେ ଗାଁର ବହୁ ଦିନର ସମ୍ପର୍କକୁ ଅତୁଟ ରଖିଚି ସେଇ ଦଦରା କାଠ ପୋଲଟା—ଯା'ର ଦେହଯାକ ସତର ଜାଗା ତାଳି ।

ଗାଁର ଗୋଟାଏ କରକୁ ଆମ୍ବ ତୋଟା । ତାରି ଭିତରେ କୋଇଲି ଏ ଗଛରୁ ସେ ଗଛ, ଉଡ଼ି ଉଡ଼ି ଗୀତ ଛାଡ଼େ । ସେ ଗୀତର ଲହରୀକୁ ପବନ ପହଞ୍ଚାଇଦିଏ ଗାଁ ଭିତରେ । ସେଇ ଆମ୍ବ ତୋଟ, ମାଳ ଛାଇ-ଶୀତଳ କୋଳରେ ବସିଲେ ପବନ ଶ୍ରମକ୍ଲାନ୍ତ ଦେହରୁ ଝାଳ ପୋଛିଦିଏ । କୋଇଲି ମନର ସବୁ ଅବସାଦ ଦୂର କରିଦିଏ ।

ଆମ୍ବ ତୋଟା ସେ ପାଖରେ ଧାନ ବିଲ । ସତେ ଯେପରି ବିଲରୁ ଖଟି ଖଟି ଫେରି ଆସିଛନ୍ତି ତାରି ଗାଁର ସୁଦାମ ଝଇ, ନଖି ପରିଡ଼ା, ଧୋଇ ସୂତାର, ଚନ୍ଦନ ମଲିକ । ପରିଧାନ ଛୋଟିଆ ମୋଟା ଖଦି—ମୁଣ୍ଡରେ ଭିଡ଼ା ହୋଇଚି ଚାଳେଖା ଗାମୁଛା—କାନ୍ଧରେ ହଳ । ଝାଳ ବହୁଚି ଗମଗମ—ତଥାପି ମୁହଁରେ ଲାଗି ରହିଚି ହସ—ଦେହରୁ ଫୁଟି ଉଠୁଚି ଅପୂର୍ବ କାନ୍ତି ।

ଗାଁ ଭିତରେ ସେଇ ପୋଖରୀ । ଯା'ର ଅତଡ଼ା ଉପରେ ଭର ଦେଇ ଛିଡ଼ା ହୋଇଚି କେତେ ଦିନରୁ ଗୋଟାଏ ବରଗଛ । ସେଇ ଗଛଟା ଉପରେ ପୋଖରୀର ଭାରି ମମତା । ହୋଇଥିପାଇଁ ସେ ତାର ଲହଡିରେ ଗଛ କର ଅତଡ଼ା ଉପରେ ପିଟି ହେଇ ଯାଏନା । ଖାଲି ଟିକିଏ ମୃଦୁ ପରଶ ବୁଲାଇ ଦିଏ । ତାହା ଉପରେ ସକାଳ ସଞ୍ଜରେ ନାନା ଜାତି ଚଢ଼େଇ ଆଲୁଅ ହୋଇ ଖେଳନ୍ତି ।

Digitized by srujanika@gmail.com

ପୋଖରୀ କଳା ଗୁମର ପାଣି ଉପରେ ଉଡ଼ି ଉଡ଼ି ନିଜର ଛବି ଦେଖନ୍ତି । ଆଉ ବେଳେ ବେଳେ ଡେଣା ବାଡ଼େଇ ଥିର ପାଣିକୁ ଚହଲାଇ ଉଡ଼ି ଯାଆନ୍ତି ଫଡ଼ କରି ସରଗ ସେପାରିକୁ !

ପୋଖରୀ କୂଳର ସେଇ ମୁଗୁନି ପଥର ବନ୍ଧା ପାହାଚ ଉପରେ ସଞ୍ଜବେଳେ ତାକୁ ବସିବାକୁ ବଡ଼ ଖୁସି ଲାଗେ । ଶେଷ ସୂର୍ଯ୍ୟର ନିଗିଡ଼ା ରଙ୍ଗ ପାଣି ଟିକେ ଛିରିକି ପଡ଼େ ଫେରିଆସେ । କ୍ରମେ ଆଲୁଅ ଲିଭିଆସେ । ଅନ୍ଧାର ମାଡ଼ି ଆସୁଥିବା ଦେଖି ପୋଖରୀ ଆରପାଖର ଘନ ଗୁଛା ସେଇ ବାଉଁଶ ବଣ ଭିତରୁ କାପ୍ତାଟା ଡାକିଉଠେ । ସେ ସ୍ୱରର ମୂର୍ଚ୍ଛନା ଯେପରି ହୃଦୟରେ ଲାଗି ରହିଯାଏ ।

ଗାଁ ମାଟିର ଛବିଟୁଡ଼ା ରବିର ମନ ଉପରେ ଭସି ଭସି ଗଲା ସରଗ ଦରିଆର ମାଳ ମାଳ ଢେଉ ପରି । ଯାଙ୍କ ଯନ୍ତ୍ରରେ ଏଇ ମାଟି ପିଣ୍ଡଟା ରୂପ ନେଇଚି, ସେଇ ବାପ, ମାଙ୍କ କଥା ବେଶି ମନେପଡ଼ିଲା । ଭାବିଲା, ବାପ, ମା, ଭାଇ, ଭଉଜ ଏଇମାନଙ୍କ ବନ୍ଧନ ନେଇ ଗାଁ—ଆଉ ଏଇମାନଙ୍କ ସ୍ନେହ ଯେପରି ଯୁଗ ଯୁଗ ଧରି ବଞ୍ଚାଇ ରଖିଚି ମଣିଷ ସମାଜକୁ ।

ଭଉଜଙ୍କର ସେଇ ଚିଠି ଖଣ୍ଡିକୁ ରବି ଆଉ ଥରେ ଆଖି ବୁଲାଇ ନେଲା । ସ୍ନେହ ପରିହାସ ଯେପରି ଭଉଜଙ୍କର ଉଚ୍ଛ୍ୱସିତ ହୃଦୟରୁ ଛିରିକି ପଡ଼ି ଚିଠି ଖଣ୍ଡିକରେ ରୂପ ନେଇଚି । ଭଉଜଙ୍କ ସହିତ ତାର ପରିଚୟ ନାହିଁ—ତଥାପି ଏମିତି ଚିଠି ଖଣ୍ଡିକ ପାଇବ ବୋଲି ସେ ଆଶା କରି ନ ଥିଲା ।

ମାସକ ଆଗରୁ ରବି ଚିଠି ପାଇଲା । ବାପା ଲେଖିଥିଲେ, ଭାଇଙ୍କର ବାହାଘର ଏଇ ମାଘ ମାସରେ । ବାହାଘର ଦି'ଦିନ ଆଗରୁ ଗାଁକୁ ଚାଲିଆସିବୁ । କିନ୍ତୁ ରବିର ବି. ଏ. ଫାଇନାଲ ନିକଟ ହୋଇ ଆସିଥିଲା । ସେଇଥିପାଇଁ ସେ ଇଚ୍ଛା କରି ପଢ଼ାପଢ଼ି ନଷ୍ଟ କରି ଯାଇପାରିବ ନାହିଁ ବୋଲି ଜଣାଇ-ଦେଇଥିଲା ।

ଫାଇନାଲ ପରୀକ୍ଷା ସରିଲାଣି ସାତ ଦିନ ହେବ । ଆଗରୁ ସେ ବାପାଙ୍କ କତିକି ଲେଖିଥିଲା, ପରୀକ୍ଷା ବାସିଦିନ ଘରକୁ ଚାଲିଯିବ ବୋଲି । କିନ୍ତୁ ସେ ଯାଇ ପାରିନାହିଁ । ବନ୍ଧୁ ରମେଶ ତାକୁ ଅଟକାଇ ରଖିଚି । ରମେଶର ଜିଦ୍ ତାକୁ ତାଙ୍କ ଗାଁକୁ ନେବ । ଏ ଭିତରେ ରମେଶ ଘର ହୋଇ ସେ ଗାଁକୁ ଫେରି ଯାଆନ୍ତାଣି । ମାତ୍ର ରମେଶର କେତେକ କାମ ପାଇଁ ସେମାନେ ଏଯାଏ କଟକ ଛାଡ଼ି ପାରିନାହାନ୍ତି ।

ଭଉଜଙ୍କର ଚିଠି ଖଣ୍ଡିକ ରବିର ସବୁ ଧୈର୍ଯ୍ୟକୁ ଚହଲାଇ ଦେଇ ଯେପରି ଡାକିନେଲା କତିକି । ରମେଶର ଅନୁରୋଧ ଏଡ଼ିଦେଇ ଗାଁକୁ ଫେରି ଯିବାକୁ ସେ ପରଦିନ ଗାଡ଼ି ଧରିଲା ।

ବୈରୀ ଷ୍ଟେସନରେ ଗାଡ଼ି ଅଟକିଲା । ଷ୍ଟେସନଠାରୁ ଖଣ୍ଡେ ଦୂରରେ ଗାଁ । ପହଞ୍ଚିବାକୁ ଅଧିକ ସମୟ ଲାଗିଲା ନାହିଁ । ଗାଁ ମାଟି ଛୁଇଁଲାକ୍ଷଣି ଆଖି ଆଗରେ ଭସି ଉଠିଲା ସଜ ସକାଳର ଶୁଭ୍ର ଶତଦଳ ପରି ଗୋଟିଏ ଢଳ ଢଳ ମନଲୋଭା ଛବି ।

Digitized by srujanika@gmail.com

ନୂଆବୋଉଙ୍କର ଆକର୍ଷଣ ମନର ବ୍ୟଗ୍ରତାକୁ ଆହୁରି ବଢ଼ାଇ ଦେଉ-ଥିଲା । ରବି ଘରେ ଗୋଡ଼ ଦେଉ ନ ଦେଉଣୁ ଆଖି ଦି'ଟା ତାର ଚାରିଆଡ଼େ ବୁଲି ଆସିଲା । କିନ୍ତୁ କାହିଁ—ନୂଆବୋଉଙ୍କର ଦେଖା ନାହିଁ ।

ମା ପଚାରିଲା, ରବି, ଏତେ ଦିନ ହେଲା କଣ କରୁଥିଲୁ କିରେ ?

ଘରକୁ ଆସି କଣ ବା କରିଥାନ୍ତି ବୋଉ । ଏଠି ଖାଲି ବୁଲେଇ ବୁଲେଇ ଅଳସରେ ଦିନଗୁଡ଼ା କଟିଥାନ୍ତା । ସେଠି ଥାଇଁ ଆଉ କେତୁଟା ଦିନ ସାଙ୍ଗ ସାଥୀ ମେଳରେ ହସ ଖୁସିରେ କଟାଇ ଦେଇ ଆସିଲି ।

ଦୁଃଖ ସୁଖରେ ଘଡ଼ିଏ ବିତିଗଲା । ତଥାପି ନୂଆବୋଉଙ୍କର ରୂପ ଦର୍ଶନ ମିଳିବାର ସୌଭାଗ୍ୟ ଯୁଟିଲା ନାହିଁ । ମନର ଚଞ୍ଚଳତା ଏତେ ବଢ଼ି ଯାଇଥିଲା ଯେ, ନୂଆବୋଉଙ୍କ ପ୍ରତି ରବିର ଭୀଷଣ ରାଗ ହେଲା ।

ବୋଉ କହିଲା, ଯା'ରେ ରବି, ନୂଆବୋଉକୁ ସେ ଘରେ ଦେଖା କରି ଆ । ତୋତେ ସେ ଦେଖିବ ବୋଲି ନିଇତି ଚାହିଁ ଚାହିଁ ଅସ୍ଥିର ହେଲାଣି ।

ସେଇଥିପାଇଁ ଏତେବେଳ ଯାଏ ଦର୍ଶନ ନାହିଁ । ତାଙ୍କର ଲୋଡ଼ା ନାହିଁ ନା ଖୋଜା ନାହିଁ, ମୁଁ ବଳେବଳେ ଯିବିନି ବୋଉ !

ବଡ଼ ଭାଉଜ, ବଳେବଳେ ଗଲେ ମାନ କଣ ତୋର ତଳେ ପଡ଼ି ଯିବକି ରେ ରବି !

ତଳେ ପଡ଼ିଯିବନି ବୋଉ ! ଯେତେହେଲେ କଲେଜ ପଢୁଆ ବାବୁ ! ଆଉ ଏଇ ନିପଟ ମଫସଲିଆଣୀ ଭାଉଜ । କାହିଁ ଆକାଶ, ଆଉ କାହିଁ ପାତାଳ !

ଏତିକି କହି ହସଭରା ମୁହଁରେ ଭାଉଜ ଘର ଭିତରକୁ ପଶି ଆସିଲେ । ରବି ଭାଉଜଙ୍କର ସରଳଭରା ମୁହଁକୁ ଚାହିଁଲାକ୍ଷଣି ଲଜ୍ଜା ଓ ସଂକୋଚରେ ନରମି ଗଲା । ହସି ହସି ଭାଉଜଙ୍କ ଗୋଡ଼ତଳେ ମୁଣ୍ଡ ନଇଁଲା ।

ଭାଉଜ ହାତ ଧରି ଉଠାଇଦେଇ କହିଲେ, ବହୁତ ବେଳୁ ଆସିଲଣି । ଚାଲିଲ ଆଗେ ଦି'ଟା ଖାଇଦେବ । ତା'ପରେ ଯାଇ ତମ ସହିତ ଆଉ କଥା ।

ଭାଉଜଙ୍କ ସାଙ୍ଗରେ ରବି ଆର ଘରଆଡ଼େ ଚାଲିଲା ।

ନୂଆବୋଉ ଖାଇବାକୁ ବାଢ଼ିଲେ । ରବି ଲାଜ ଲାଜ ହୋଇ ଖାଇ ବସିଲା ।

କଲେଜ ମାଟି ମାଡ଼ି ବି ଲାଜ ତମର ଛାଡ଼ିଲା ନାହିଁ । ଖାଇଦିଅ । ଏତେ ଲାଜ କାହିଁକି କରୁଚ !

ରବି ଭାଉଜ ଆଡ଼େ ଚାହିଁଲା । ସୁନ୍ଦର ଛବିଟି ପରି ରୂପ । ବେଶି ଗୋରା ନ ହେଲେ ବି ରଙ୍ଗଟି ମନ୍ଦ ନୁହେଁ । ତଳ ଓଠାସିନ୍ଧ ଚାହାଣି ମୁଖମଣ୍ଡଳର କମନୀୟତାକୁ କରୁଚି ଆହୁରି ମଧୁର । ଓଠରେ ଲାଗିରହିଛି ଫୁଟି ଆସୁଥିବା ଫୁଲର ପାଖୁଡ଼ା ପରି ହସ ।

Digitized by srujanika@gmail.com

ଇମିତି ଖୁଉଜଟିଏ ସେ ପାଇବ ବୋଲି ଆଶା କରିଥିଲା । ମନର କଳ୍ପନାକୁ ଯେପରି ରୂପ ଦେଇଛନ୍ତି ବିଧାତା । ନୂଆ ଖୁଉଜଙ୍କର ନୂଆ ଆଦରରେ ରବିର ହୃଦୟ ପୂରିଗଲା । ସେ ଅଳପ ଦି'ଟା ଖାଇ ଉଠିପଡ଼ିଲା ।

ଖୁଉଜ କହିଲେ, ଉଠିପଡ଼ିଲ କଣ ? ସବୁ ତ ସିମିତି ଥୁଆ ହେଇଚି । ମୋ ରାଣ, ଆଉ ଦି'ଟା ଖାଇଦିଅ ।

କଣ କରିବ । ଖୁଉଜଙ୍କ ସ୍ନେହପୂର୍ଣ୍ଣ ଅନୁରୋଧ ଏଡ଼ି ନ ପାରି ପୁଣି ଖାଇ ବସିଲା ରବି ।

ତମ ରୂପ ଏମିତି କାହିଁକି ହେଇଛି ? ସେ କଟକ ରାଇଜରେ କ'ଣ ଖାଇବାକୁ ମିଳେ ନାହିଁ କି ରବି ।

ମିଳେ ନୂଆବୋଉ, କିନ୍ତୁ ଘର ପରି ସୁଆଦ ଭରା ଛ' ତୁଣ, ନା' ଭଜା ମିଳେ ନାହିଁ—କି ତମପରି ଆଦର ଯତ୍ନ ସେଠି ନାହିଁ । ତମର ଏଇ ଆଦର ଯତ୍ନରେ ମୋର ପେଟ ପୂରିଯାଉଛି—ଖାଇବି କଣ ନୂଆବୋଉ !

ସତେ, ଛଳନା କରୁନା ତ ?

ତମ ପରି ସରଳ ହୃଦୟଭରା ଖୁଉଜ କତିରେ ମୋର ଛଳନା କଣ ଶୋଭା ପାଇବ ନୂଆବୋଉ !

ଖୁଉଜ ସ୍ନେହଭରା ଦୃଷ୍ଟିରେ ରବି ଆଡ଼େ ଚାହିଁଲେ ।

ରବିର ସରମଭରା ମୁହଁ ନଇଁଗଲା ତଳକୁ ।

!

Digitized by srujanika@gmail.com



ଖୋଲା ଆକାଶ ତଳେ ସବୁଜ ସୁନ୍ଦର ଏଇ ଜନ୍ମମାଟିର ଡାକ ଯେତେବେଳେ ଦୂର ପରବାସୀ ପ୍ରାଣରେ ବାଜିଉଠେ ତୁହାଇ ତୁହାଇ, ସେତେବେଳେ ସେ ଆଉ ନିଜକୁ ସମାଳି ପାରେନା । ଆଖି ଆଗରେ ତାର ଦିଶିଯାଏ ଗାଁର ସେଇ ଚାଳଘର ତଳେ ପ୍ରିୟଜନର ରୂପ । ଅତୀତର ସହଜ ସୁନ୍ଦର ସାନ ବଡ଼ କେତେ ସ୍ମୃତିର ଲହଡ଼ି ମନ ଉପରେ ପିଟି ହୋଇଯାଏ । ସେଇ ଲହଡ଼ି ତଳେ ତଳେ ଦିଶିଯାଏ ମରମର କେତେ କଅଁଳ ଅନୁଭୂତିର କଥା ।

କାଲିର ଗୋଧୂଳି ଆଜି ସନ୍ଧ୍ୟାରେ ପରିଣତ ହେଲାଣି । କିନ୍ତୁ ତା'ରି ରଙ୍ଗ ଟିକକ ବେଳେବେଳେ ମନର ଛନ୍ଦେ ଛନ୍ଦେ ରୂପ ନେଉଛି । ଆଉ ମଣିଷର ଦୁର୍ବଳ ମନରେ ପଡିଆଶ ଦେଖାଉଛି ।

ରବି ଗାଁ ମାଟିରେ ପାଦ ଦେଇ ଦେଖୁଚି, ସବୁ ଅଛି । ଗାଁ ତାର କାଲି ପରି ଆଜି ବି ହସୁଚି ଆଉ ହସୁଥିବ ଚିରଦିନ । ସେଇ ହସ ସହିତ ହସ ମିଳାଇ କିନ୍ତୁ ମଣିଷ ସମାଜ ହସି ପାରୁନି । ତାରି ଅତୀତର କେତେ ସାଙ୍ଗ ସାଥୀ ଆଜି କାହାନ୍ତି ! କିଏ କେଉଁଠି ବିକ୍ଷିପ୍ତ । ଯେ କେତେଜଣ ଅଛନ୍ତି, ସେମାନଙ୍କ ଜୀବନ-ସୌରଭ ଯେପରି ମରି ମରି ଯାଉଚି । ବଞ୍ଚି ରହିବାର ସଂଗ୍ରାମ ମଣିଷକୁ କହି ଦେଉଚି ସେ ବଡ଼ ସ୍ୱାର୍ଥପର । ପଛକୁ ଚାହିଁବାକୁ ଯେପରି ବେଳ ନାହିଁ—ଧାଇଁ ଆସୁଥିବା ଦିନଗୁଡ଼ିକ ପ୍ରତି ସେ ଯେପରି ବଡ଼ ସତର୍କ । ଜୀବନ ସଂଗ୍ରାମରେ ହୃଦୟର ସ୍ନେହ ମମତା ଦିନକୁ ଦିନ ମରି ମରି ଯାଉଚି ।

ଯେଉଁମାନଙ୍କୁ ନେଇ ଏଇ ଗାଁ ମାଟିର ନରମ ଛାତି ଉପରେ ସେ ଅତୀତର ଦିନଗୁଡ଼ିକ ଆଲୋକ ଆନନ୍ଦରେ କଟାଇ ଦେଇଥିଲା, ସେମାନଙ୍କ ଅଭାବରେ ଆଜିର ଦିନଗୁଡ଼ା ଖାଲି ନିରସ ବୋଧହେଲା ।

ରବିର ନିରସ ମନ ଉପରେ ସରସତୀର ପ୍ରଭାବ ପକାଉଥିଲା ଖାଲି ଖୁଡ଼ୀଙ୍କର ସ୍ନେହ ପରିହାସ । ନ ହେଲେ ଏଇ ଗାଁ ମାଟିରେ ସାଥୀଶୂନ୍ୟ ହୃଦୟରେ ଦିନଗୁଡ଼ା ଯେ କିପରି କଟନ୍ତା, ଭାବି ହେଉନାହିଁ ।

Digitized by srujanika@gmail.com

ସେ ଦିନ ଖରବେଳେ । ଭାଉଜ ଲାଗିଥାନ୍ତି ଅନ୍ୟ କାମରେ । ଭାଇଙ୍କ ଶୋଇବା ଘର ଭିତରକୁ ପଶିଗଲା ବେଳକୁ ରବି ଆଖି ଆଗରେ ପଡ଼ିଲା ଗୋଟିଏ ଫଟୋରେ ସଜ ଗୋଲାପ ଶିରୀ ନେଇ ଦୁଇଟି ବାଳିକାର ରୂପ ।

ଜଣକୁ ଚିହ୍ନିବାକୁ ଡେରି ହେଲା ନାହିଁ—ସେ ଜଣକ ଆଦରର ଭାଉଜ— ଅନ୍ୟ ଜଣକ କିଏ ? ଭାଉଜଙ୍କଠୁ ରୂପରେ ଆହୁରି ଦିଶୁଚି ସୁନ୍ଦର । ସରୁ ଲତା ଫୁଲ ଶାଢ଼ୀଟି ତାର ଦେହରକୁ ବେଶ୍ ମାନୁଛି । ସୁନ୍ଦର ଭସାଣିଆ ଆଖିତଳେ ଯେପରି କେତେଗୁଡ଼ାଏ ପ୍ରଶ୍ନ ଭରିରହିଚି । ଗୋଲ ମୁହଁଟି । କାନରେ ଝୁଲୁଚି ୟାରିଂ । ହସ ହସ ମୁଖଶ୍ରୀକୁ ଗୁରୁ ସ୍ନିଗ୍ଧ ଚାହାଁଣି ଆହୁରି କରିଚି ସୌରଭ-ମୟ । ଫଟୋଟିକୁ ଦେଖି ରବି କ୍ଷଣକ ପାଇଁ ଭୁଲିଗଲା ନିଜକୁ ।

ଘଡ଼ିଏ ହେଲା କଣ ଦେଖୁଚ ରବି ?

ରବି ଚମକିପଡ଼ି ପଛକୁ ଚାହିଁଲା ନୂଆବୋଉ । ହସ ହସ ମୁହଁରେ କେତେବେଳେ ଆସି ଛିଡ଼ା ହେଇଗଲେଣି ।

ମୋ ଫଟଟା ତମ ମନକୁ ଖୁବ୍ ପାଉଚି ବୋଧହୁଏ ।

ନାଁ ନୂଆବୋଉ । ଭାଇଙ୍କ ପିଲାବେଳର ଫଟୋଟା ଦେଖୁଥିଲି । ଅତୀତ ଓ ବର୍ତ୍ତମାନ ଭିତରେ ଏତେ ତଫାତ୍ ! ଭାଇଙ୍କ ଫଟୋ ବୋଲି ଚିହ୍ନିହେଉ ନାହିଁ ।

ଭାରି ଚାଲାକ ତମେ ପଡ଼ିଲଣି ରବି ! ଲୁଚି ଲୁଚି ଆସି ଆଉ କାହା ଫଟୋ ଦେଖିବ ? ପଚାରିଲେ କହିବ ଭାଇଙ୍କ ଫଟୋ....ସତ କରି କହିଲ କାହା ଫଟୋ ଦେଖୁଥିଲ ?

ରବି ଲାଜମିଶା ହସ ଟିକେ ହସି କହିଲା, ଜାଣି ପୁଣି ପଚାରୁଚ କାହିଁକି ନୂଆବୋଉ ! ସେ ଫଟୋ ଦେଖିବାରେ କ'ଣ କିଛି ଆପତ୍ତି ଅଛି ?

କିନ୍ତୁ ଅଜଣା ଅଶୁଣା ଆଉ ଗୋଟିଏ ଝିଅ ଫଟୋ ଦେଖିବାରେ ନିଶ୍ଚୟ ଆପତ୍ତି ଅଛି । ନିଜ ମନକୁ ଥରେ ପଚାରିଲ ।

ଯେତେ ଅଜଣା ଅଶୁଣା ହେଲେ ବି ତମ ଭଉଣୀ ଉପରେ ଭାଇଙ୍କର ଅଧିକାର ଯେମିତି—ମୋର ବି ସେମିତି ।

ମୋର ତ ମୋଟେ ଭଉଣୀ ନାହିଁ ।

ତେବେ ଏ କାହା ଛବି ନୂଆବୋଉ ?

ପରିଚୟ ପରେ ଦେବି, ଆଗେ କହିଲ, ଆମ ଦି ଜଣଙ୍କ ଭିତରୁ ତମ ଆଖିକୁ କିଏ ଭଲ ଦିଶିଲା ।

ସେଇ ଝିଅଟି ନୂଆବୋଉ ! ସତରେ ତମଠୁ ସେ ଅଧିକ ସୁନ୍ଦର ।

Digitized by srujanika@gmail.com

ଛବି ଦେଖି ତ ଏତେ ମୁଗ୍ଧ ହେଇ ଯାଉଚ—ଆଉ ତାକୁ ଦେଖିଲେ ତମେ ତ ପାଗଳ ହୋଇଯିବ ବୋଧେ ରବି !

ସୁନ୍ଦର ଦରବ ସମସ୍ତଙ୍କର ଲୋଭନୀୟ ନୂଆବୋଉ—ଏକା ମୋର ନୁହେଁ !

ସତରେ ରବି, ମୋର କାହିଁକି ମନେହୁଏ, ଅଳକା ପରି ଝିଅ ଏଇ ଦୁନିଆରେ ଖୁବ୍ କମ ଅଛନ୍ତି । ଦେଖିବାକୁ ରୂପରେ ଯେମିତି, ଗୁଣରେ ସେମିତି କମ୍ ନୁହେଁ । ସମସ୍ତଙ୍କ ସାଙ୍ଗରେ ସେ ଦଣ୍ଡକରେ ମିଶିଯାଏ । ପରକୁ ଆପଣାର କରିବା ତାର ସରଳ ହୃଦୟର ଏକ ଅଭିନବ ଆକର୍ଷଣ ।

ଇମିତିକା ଝିଅ ଏଇ ଗାଁ ମାଟିରେ ଅଛନ୍ତି—ପୁଣି ମାଳତୀପୁର ପରି ଏକ ନିପଟ ମଫସଲ ଭିଇତରେ !

ପରିସ୍ଥିତି ଓ ସୁଯୋଗ ଆସିଲେ ଅଳକା ସାଙ୍ଗରେ ତୁମର ପରିଚୟ ହେବ, ରବି ! ଦେଖିବ, ସେ ତାର ଅନ୍ତର ସରଗ-ଫୁଲର ଅର୍ଘ୍ୟ ନିବେଦନ ତମରି ଚରଣ ତଳେ ଢାଳି ଦେବାକୁ ଛାଡ଼ିବ ନାହିଁ । ଅଜଣାରେ ସେ ତମକୁ କରିନେବ ଆପଣାର !

ହଁ, ନୂଆବୋଉ ! ତମରି ମାଳତୀପୁର ଝିଅଗୁଡ଼ା ଖାଲି ଉପରେ ପଡ଼ି ଆଳାପ କରିବା ତ ଜାଣନ୍ତି—ମୁଁ କିନ୍ତୁ ଇମିତିକା ଝିଅଗୁଡ଼ିକୁ ମୋଟେ ପସନ୍ଦ କରେନା ।

ଆଚ୍ଛା, ତମରି ଏଇକଥା ମୋର ମନେରହିଲା । ଅଳକା ସାଙ୍ଗରେ ତମର ପରିଚୟ ହେଲା ପରେ ଯାଇଁ ଆଉ କଥା ।

ନୂଆବୋଉ, ତମର ଏଇ ଅଳକାଟି କିଏ ?

ପଡ଼ିଶା ଲେଖାରେ ସେ ମୋର ଭଉଣୀ । ଆମ ଘର ପାଖରୁ ମଝିରେ ଜେଇଟା ଘର ବାଦ ଦେଲେ ତାଙ୍କ ଘର । ଆମରି ଜାତି । କିନ୍ତୁ ଆମଠାରୁ ସେମାନଙ୍କ ଅବସ୍ଥା ବେଶ ସ୍ୱଚ୍ଛଳ । ବାପା ତାର ଜଣେ ବଡ଼ ବ୍ୟବସାୟୀ । ତାଙ୍କ ଘର ଆମଘର ଭିତରେ ସାମାନ୍ୟ ଝଡ଼ସାନ ତୁଳନା ଅଛି ସିନା—କିନ୍ତୁ ଏଇ ଭେଦର ପାଚେରୀ ଆମ ଦୁହିଁଙ୍କ ଭିତରେ ଉଠି ପାରିନି । ଦୁହେଁ ଦୁହିଁଙ୍କ ହୃଦୟରେ କିଣା । ସେ ମୋତେ ଡାକେ ଅପା—ଆଉ ମୁଁ ତାରି ଡାକରେ ଅନୁଭବ କରେ ସେ ଯେପରି ମୋ ମା ପେଟର ଭଉଣୀ । ଆଜି ତାଠାରୁ ମୁଁ ବହୁ ଦୂରରେ ! କିନ୍ତୁ ବିଦାୟବେଳର ତାର ବେଦନା-ମଉଳା ମୁହଁ ଓ ଲୁହଭରା ଆଖି ଦୁଇଟିକୁ ଭୁଲି ପାରୁ ନାହିଁ । ଏତେ ଦିନର ବନ୍ଧୁତା ମଝିରେ ବିବାହ-ବନ୍ଧନ ଆଜି ଏପରି ଖବରେ ଛିଡ଼ା ହେଇଚି ଯେ, ବାହା ହେଇ ଆସିଲା ଦିନୁ ତା ନିକଟକୁ ଚିଠି ଖଣ୍ଡେ ବି ଦେଇ ପାରି ନାହିଁ ।

ଜୀବନର ପଥ ଏତେ ବନ୍ଧୁର, ଯିଏ ଅତି ଆପଣାର ତାକୁ ଛାଡ଼ି ଦେବାକୁ ମଣିଷ ବାଧ୍ୟ ହୁଏ । ଆଜି ଯାହା ଅସମ୍ଭବ ପରି ମନେ ହେଉଚି, କାଲି ତାହା ସମ୍ଭବରେ ପରିଣତ ହେଇଯାଏ । ସେଥିପାଇଁ ନିଜେ ନିଜକୁ ବି ବିଶ୍ୱାସ କରି

Digitized by srujanika@gmail.com

ହୁଏନା । ଏଇ ମଣିଷ ଜାତିଟା ବଡ଼ ସ୍ୱାର୍ଥପର ନୂଆବୋଉ—କେହି କାହାର ନୁହେଁ । ଯେଉଁ ବାଟଧରି କିଏ କୁଆଡ଼େ ଚାଲିଯିବେ । ସମୟର ବାଲି ଉପରେ ତାଙ୍କରି ପାଦଚିହ୍ନ ଟିକେ ଯା' ରହିଯିବ । ପୁଣି ଆସିବ ଝଡ଼—ସବୁ ମିଶି ହୋଇଯିବ ସମାନ ।

ତଥାପି ରବି, ବଞ୍ଚି ରହିବାକୁ ହେଲେ ଜୀବନର ପରିପୂର୍ଣ୍ଣତା ଲାଭ କରେ ବନ୍ଧୁର ସହଯୋଗରେ । ଦୁର୍ଯୋଗ ଅନ୍ଧକାର ଭିତରେ ବେଳେବେଳେ ସେ ଆଶାର ତାରା ଭଳି ଜଳିଉଠେ, ଆଉ ସୁଖର ଅଲୁଅ ଲହଡ଼ିରେ ସେ ସପନ ରୂପରେ ଆସି ଛାଇ ପରି ଉଭା ହୁଏ ।

ସେ ପାଖ ଘରୁ ଭାଇ ଡାକିଲେ, ଉର୍ମି !

ନୂଆବୋଉ ଉଠିଗଲେ ।

ନୂଆବୋଉ ନାଁଟା ଆଉ ଆବିଷ୍କାର କରିବାକୁ ପଡ଼ିଲା ନାହିଁ । ଖଟ ଉପରେ ଶୋଇ ଶୋଇ ରବି ଭାବିଲା ନୂଆବୋଉଙ୍କର କେଇ ପଦ କଥା । ଆଖି ଆଗରେ ଭାସିଉଠିଲା ପୁରୁଣା ରାତି ଶେଷରେ ନୂଆ ଅଲୁଅ ପରି କାହାର ଏକ ଉଜ୍ଜ୍ୱଳ ହସ ହସ ମୁହଁ ।

ଅଳୀକ କଳ୍ପନାର ଛାୟା ହଜିଗଲା ।

ରବିର ହୃଦୟରେ ନୂଆ ତରଙ୍ଗ ଆଲୋଡ଼ନ ସୃଷ୍ଟି କରିସାରିଥିଲା ସେତେବେଳକୁ ।

Digitized by srujanika@gmail.com



ଅଳକା ପାଖକୁ ଚିଠି ଖଣ୍ଡେ ଦେବ ବୋଲି ଊର୍ମି ନିଇତି ଭାବୁଛି, କିନ୍ତୁ କର୍ମ କୋଳାହଳରେ ମନକଥା ମନରେ ରହି ଯାଉଛି । ସେ ପାଇଲା ଅଳକାଠୁ ଖଣ୍ଡେ ଚିଠି । ଅଳକା ଲେଖିଛି ।

ଊର୍ମି ଅପା,

ଆଶା କରି ନଥିଲି ତମେ ମୋତେ ଭୁଲିଯିବ ବୋଲି । କାଲିର ସହଜ ସୁନ୍ଦର ଊର୍ମି ଅପା ଆଜି ପୁଣି ଏତେ କଠିଣ ପାଷାଣ ହୋଇଗଲେ । ଏଥିପାଇଁ ତମକୁ ଦୋଷ ଦେଇ ଲାଭ କଣ ? କଅଁଳ ଛନ ଛନ ନୂଆ ଜୀବନ ଯେତେବେଳେ ପ୍ରୀତି ବନ୍ଧନରେ ବାନ୍ଧି ହୋଇଯାଏ, ସବୁ କଥା ବୋଧହୁଏ ଇମିତି ମନରୁ ପାଶୋର ଯାଇଥାଏ ।

ତମେ ଆଜି ତମର ଜୀବନ ନଉକାଟିକୁ ସୁଖରେ ଭସାଇ ନେଇ ଚାଲିଲା ବେଳେ ମୋ ଆଖି କଣରେ କାହିଁକି ଛପି ଛପି ଆସୁଛି ଲୁହ ? ମନ ମୋର ଭଲ ନାହିଁ । ଗୋଟିଏ ଗୋଟିଏ ମୁହୂର୍ତ୍ତ ତମ ଅଭାବରେ କୋଟିଏ ଯୁଗର ଦୁଃଖ ଲଦି ଦେଉଛି । କାଲି ତମ ମୋ ଭିତରେ ନ ଥିଲା ତଫାତ୍ । ଦୁନିଆର ସବୁ ପବନରେ ଉଡ଼ି ବୁଲିଥିଲେ ଦୁଇଟି ପକ୍ଷୀ ପରି । ସମୟର ତରଙ୍ଗ ସବୁ ବଦଳାଇ ଯାଡ଼ି ଦେଲା, ତେବେ ତମ ମୋ ଭିତରେ ପ୍ରାଣର ଏତେ ନିବିଡ଼ତା ରଖିଥିଲା କାହିଁକି ?

ମନ ଦୁଃଖରେ କଣ ଲେଖି ପକାଇଛି କିଛି ଭାବିବ ନାହିଁ । ନୂଆ ଜୀବନର ନୂଆ ଅନୁଭୂତି ଚିଠିରେ ଶୁଣାଇବ । ଚିଠି ନ ଦେଇ ତମକୁ ଯଦି ଶାନ୍ତି ଲାଗୁଥାଏ, ତେବେ ଯାହାଙ୍କ ପାଇଁ ତମେ ମୋତେ ଆଜି ଭୁଲି ଯାଇଚ, ତାଙ୍କୁ ଖଣ୍ଡେ ଚିଠି ଦେବାକୁ କହିବ । ଆଜି ଏତିକି ।

ଅଳକାର ଚିଠି ପଢ଼ି ଊର୍ମି ଭାବିଲା ଚିଠି ଖଣ୍ଡେ ନ ଦେଇ ସତରେ ସେ ଭାରି ଅନ୍ୟାୟ କରିଛି । ଅଳକା ତାର ହୃଦୟ ବୀଣା ତାରର ଯେପରି ଜୀବନ୍ତ ମୂର୍ଚ୍ଛନା । କାଲି ହଠାତ୍ ତାକୁ ଏଠି ନା ଦେଖିଲେ ସାତ ସପନ ପରି ଲାଗୁଥିଲା ।

Digitized by srujanika@gmail.com

ତାଁର ସେଇ ସରଳ ସୁନ୍ଦର ନାଲ କଇଁଫୁଟା ଭଲ ଭଲ ପୋଖରୀ । ତାରି ତୁଠରେ ଗାଧୋଇବା ବେଳେ ପ୍ରାଣର କେତେ ସାଇତା ସପନ କଥା—ଶୁଣିଛି ପୋଖରୀ ତୁଠର ସେଇ ପଥରଟା । ନୀରବ ଗୋପନ କଥା ଶୁଣି ଶୁଣି ସତେ ଯେପରି ସେ ନୀରବ ପାଷାଣ ହୋଇଯାଇଛି ।

ବାରି ବଗିଚାରେ ରାଶି ରାଶି ମଲ୍ଲୀ ଫୁଟେ । ଅଳକା ଫୁଲ ତୋଳି ମାଳ ଗୁନ୍ଥେ । ଆଉ ମୋ ଜୁଡ଼ାରେ ଖୋସି ଦେଇ କହେ, କେଡ଼େ ସୁନ୍ଦର ମାନିଲା ଦେଖିଲ—ଯେପରି କଳା ମେଘ ଭିତରେ ବିଜୁଳିର ଛଟା । ମୁଁ କୁହେ, ଅଳକା ମାଳ ଗୁନ୍ଥି ମୋତେ କାହିଁକି ଦେଉଚ—ଯେଉଁ ଅଜଣା ଅତିଥି ତମ ଜୀବନରେ ଦିନେ ବସନ୍ତର ସଉରଭ ଭରି ଦେଖା ଦେବେ—ତାଙ୍କରି ପାଇଁ ରଖ । ସେ ଅଭିମାନ କରେ—ରାଗେ । କୁହେ, ଅପା ତମେ କତିରେ ଯଦି ମୋର ଦିନଗୁଡ଼ା ଇମିତି କଟିଯାଆନ୍ତା—ତେବେ ଜୀବନଟା କେଡ଼େ ସୁଖମୟ ନହୁଅନ୍ତା ।

ଆଖି ଉତ୍ତରାଦ୍ଧର କଥା ଗୁଡ଼ା ଦିଶିଗଲା । ଊର୍ମି ଭାବିଲା, ଅଳକା ତାକୁ କେଡ଼େ ଭଲ ନ ପାଏ ! ସାଙ୍ଗେ ସାଙ୍ଗେ ସେ ଚିଠିର ଉତ୍ତର ଲେଖିବସିଲା ।

ଅଳକା,

ସପନରେ ଦେଖିଲି ତମେ ମୋତେ କ୍ଷମା ଦେଇଚ । ସପନ କଥା—ଯଦି ସତ ହୋଇଥାଏ, ତେବେ ତମେ ମୋର ସେଇ ଅତୀତ ଯୁଗର ଟିକି ଭଉଣୀ ଅଳକା । ସୁଦୂର ଆକାଶରୁ ପକ୍ଷୀର କାକଳୀର ଛନ୍ଦ ଧରଣୀକୁ ଭାସି ଆସିଲା ପରି ତମରି ସ୍ନେହର ଡାକ ଦୂର ରାଇଜରୁ ଆସି ଖାଲି ବୁଲୁଚି ଆଜି ମୋରି ମରମରେ । ତାରି ପ୍ରତିଛବି ଦେଖି ଆଜି ମୁଁ କାନ୍ଦିବାରେ ଯେତିକି ଆନନ୍ଦ ପାଏ—ତମକୁ ପାଖରେ ପାଇ ବି ଏତେ ଆନନ୍ଦ ପାଇ ନାହିଁ । ଚିଠି ଖଣ୍ଡେ ଦେଇନାହିଁ ବୋଲି ତମେ ଭାବିଥିବ ଊର୍ମି ଅପା ଏତେ ହୃଦୟହୀନା । କିନ୍ତୁ କଣ କହିବି ଭଉଣି, ନୂଆ ଘରଟିରେ ଗୋଡ଼ ଦେଲାଦିନୁ ଅବସର ପାଉନାହିଁ ।

କାଲି କଥା ଆଜିକୁ କେତେ ଫରକ ହୋଇଗଲାଣି । କାଲିର ଝିଅ ଊର୍ମିଅପା ଆଜି ବହୂ ରୂପରେ ନୂଆ ସଂସାରରେ ଗୋଡ଼ ଦେଲାଣି । ଯାହାଙ୍କ ହାତ ଧରିଚି, ତାଙ୍କ ସ୍ନେହ ମୋ ପ୍ରତି ଊଣା ନାହିଁ । ଘରେ ଶାଶୁ ଶଶୁର ସମସ୍ତଙ୍କର ମୋପ୍ରତି ଆଦର । ଆଉ ଦିଅରଟି କଥା ନ କହି ରହି ହେବ ନାହିଁ । ତାଙ୍କର କୁଆଡ଼େ କଳ୍ପନାର ଭଉଜ ମୁଁ । ବି. ଏ. ପରୀକ୍ଷା ଦେଇ ଘରେ ଅଛନ୍ତି । ତାଙ୍କରି ସାଙ୍ଗରେ ଆଳାପ ଆଲୋଚନାରେ ଦିନଗୁଡ଼ା କଟିଯାଉଚି ।

ହଁ, ଆଉ ଗୋଟିଏ କଥା—ସତେ କହିବାକୁ ମନେ ନ ଥିଲା । ତମର ସେଇ ଫଟଟା ଦେଖିଲା ଦିନୁ ମୋର ଦିଅର ରବିବାବୁ ତମ ପ୍ରତି ଏତେ ମୁଗ୍ଧ ହୋଇ ଯାଇଚି ଯେ, କଥା କଥାକେ ତମରି ଆଲୋଚନା । ଅଜଣାରେ ତୁମରି ରୂପ ଲାବଣ୍ୟ ଛପି ଛପି ଆସି ତା ମନରେ ମାୟା ଲଗାଇଲାଣି ନା କଣ ? ବେଳ ଆସିଲେ ରବି ସହିତ ତମର ଦେଖା ହେବ । ଦେଖିବ ମୋର ସୁନା ଦିଅରଟି ତମ ମନକୁ ପାଉଛି କି ନାହିଁ !

Digitized by srujanika@gmail.com

ବଉଳ, କଳ୍ପନା, ସ୍ନେହ—ସମସ୍ତଙ୍କୁ ବହୁତ କରି କହିବୁ ଚିଠି ଦେବେ । ଭୁଲିଯିବେ ନାହିଁ । ସାତ ସପନର ସ୍ମୃତି ଧରି ଆଗରେ କୁଆଁରପୁନେଇ ଆସୁଚି । ତମେମାନେ ଯେତେବେଳେ ଜୋଛନା ହୋରି ଖେଳି ଗାଉଥିବ ଜହ୍ନ ଓଷାର ଗୀତ—ତେତିକିବେଳେ ମୋ ଆଖିରୁ ଝରିପଡୁଥିବ ଲୁହ ! ନିଜ ଘର ନିଜର ନୁହେଁ—ପର ଘର ନିଜର । ଝିଅ ଜନମ ତ ଏଇଆ—କାନ୍ଦିବାରେ ଲାଭ କଣ ଅଳକା ! ତଥାପି ମନ ବୁଝେନା—ସେଇ କାନ୍ଦିବାରେ ନିଜକୁ ଶାନ୍ତି ଲାଗେ । ଚିଠି ଦେବୁ । ବୋଉକୁ କହିବୁ ମୋ ଲାଗି ଭାବିବ ନାହିଁ ।

ଚିଠିଟି ତା' ପରଦିନ ଡାକରେ ଊର୍ମି ପଠାଇଦେଲା । ଦିନ କେଇଟା ପରେ ପୁଣି ପାଇଲା ଅଳକାର ଚିଠି ।

ଊର୍ମି ଅପା !

ଚିଠି ପାଇଲି । ସତରେ ଆଜି ତମେ ଗୋଟାଏ ପକ୍କା ଘରଣୀ ହୋଇ ଯାଇଛ ଜାଣି ବିଶେଷ ସୁଖୀ ହେଲି । ତମକୁ କୋଉ ଗୁଣରେ କିଏ ବଳେଇଯିବ ଭଲା—ସତରେ ତମ ଉପରେ ମୋର ଭାରି ହିଂସା ହୁଏ ; ଏତେ ସୁଖରେ ରହିଲ—ମୋତେ କାହିଁକି ପଚାରିବ ! ବଳେ ପଶି ଚିଠି ଦେଇଥିଲି ବୋଲି ସିନା.....

ଚିଠିରୁ ଜାଣିପାରୁଚି ତମେ ଦିଅରଟିକୁ ଭାରି ଗେହ୍ଲା କରୁଛ—ସେ ତ ଆଉ କଅଁଳା ଛୁଆ ହୋଇ ନାହାନ୍ତି । ତମ ସ୍ନେହର ଅସରନ୍ତି ଭଣ୍ଡାର ଚାବି ମୋ'ଠୁ ଛଡ଼ାଇ ନେଇ ଆଜି ତାଙ୍କ ହାତରେ ଦେଇଦେଲ । ହଉ ଦିଅ—ମୁଁ ବା ତମର ଆଜି କିଏ ।

ଡର ମାଡୁଚି—କାଳେ ତମ ସୁନା ଦିଅର ଯଦି ଭୀଷଣ ହୋଇ ଉଠନ୍ତି । ଦିଅରକୁ ଫାଳୁଆ ଗୁଣ୍ଡା ଦେଲାବେଳେ ଯଦି ତଣ୍ଟିରେ ଲାଗେ, ତେବେ କହିବ ତମକୁ ମନେ କରୁଚି ଅଳକା । ଆମ ଘରକୁ ତାଙ୍କୁ ବୁଲି ଆସିବାକୁ କହିବ ।

ମୋତେ କେତେ ଦିନ ଧରି ଜର ହେଉଚି । ଦିନ ଗୁଡ଼ା ବହୁତ ଲମ୍ବି ଯାଉଚି । କାହା ସାଙ୍ଗରେ ଗପ କରି ଦିନ କାଟିବି—ତମେ କେବେ ଆସିବ ?

ଚିଠିଟି ପଢ଼ି ସାରିଲା ବେଳକୁ ରବି ଘର ଭିତରକୁ ପଶି ଆସି ପଚାରିଲା, ନୂଆବୋଉ, କା'ଚିଠି ?

ଊର୍ମି ହସି ହସି କହିଲା, ଯାହାଙ୍କ ଫଟୋ ଦେଖି ତମେ ଝୁରି ହେଉଛ— ତାଙ୍କରି ଚିଠି । ତମକୁ ସେ ମନେ କରିଛନ୍ତି ରବି ।

ଭାଉଜ ଚିଠିଟି ବଢ଼ାଇଦେଲେ । ଚିଠିଟି ପଢ଼ି ସାରିଲା ବେଳକୁ ରବିର ମୁଖମଣ୍ଡଳ ପରିତୃପ୍ତିରେ ଉଜ୍ଜଳି ଉଠିଲା ।

Digitized by srujanika@gmail.com

ଊର୍ମି କହିଲା, ଅଳକା ତ ଲେଖିଚି ଯାଅ, ଥରେ ତାଙ୍କ ଘରେ ବୁଲି ଆସିବ । ଖାଲି ବସି ବସି ଏଠି ବିରକ୍ତ ଲାଗୁଚି । ଯଦି ଯାଅ, ଅଳକା ସହିତି କେଇଟା ଦିନ କଟାଇ ଦେଇ ଆସିବ ।

ଯିବି ନୂଆବୋଉ, କିନ୍ତୁ ଆଜି ନୁହେଁ ।

ଗଲେ କିନ୍ତୁ ଆଉ ଫେରି ଆସିବାକୁ ମନ ହେବନାହିଁ । ଅଳକାର ସ୍ନେହ-ପଞ୍ଜରୀ ଏତେ ଶକ୍ତ, ଥରେ ତା ଭିତରେ ପଶିଲେ ବାହାରିବା ବଡ଼ କଷ୍ଟ ।

ନୂଆବୋଉ, ତମେ କଣ ଭାବିଚ ତମର ଏଇ ନାରୀ ଜାତିଟା ପାଖରେ ପୁରୁଷ ସବୁଦିନେ ଦୁର୍ବଳ ! ନିଜକୁ କଣ ବଞ୍ଚାଇବାର ଶକ୍ତି ପୁରୁଷର ନାହିଁ ? ମୁଁ ତ ମୋ କଲେଜ ଜୀବନ ଭିତରେ ପୁଣି ବହୁତ ଝିଅଙ୍କ ସମ୍ପର୍କରେ ଆସିଚି ।

କିନ୍ତୁ ରବି, ତମର ସେଇ କଲେଜ ପଢ଼ୁଆ ଅତି ଆଧୁନିକା ଓ ଗାଁ ଗହଳ ସରଳ ଝିଅକୁମାରୀ ଭିତରେ ବହୁତ ତଫାତ୍ । ବେଳ ଆସିଲେ ଅଳକାକୁ ପରୀକ୍ଷା କରି ତମେ ଦେଖିବ—ତାର ହୃଦୟ ସରଳ ସ୍ନିଗ୍ଧ ପରଶ ତମ ମନରେ ଟିକିଏ ହେଲେ ତରଙ୍ଗ ଖେଳାଇବ କି ନାହିଁ ।

ସେପାଖରୁ ବୋଉ ଡାକିଲା, ରବି, ବାହାରେ କିଏ ଡାକୁଚି ।

ରବି ଉଠି ଆସିଲା । ଊର୍ମି ଅନ୍ୟ କାମରେ ଲାଗିଲା ।

ଗାଁ ଗହଳରେ ସରଳ ନିରବଚ୍ଛିନ୍ନ ଦିନଗୁଡ଼ା ବିତିବାକୁ ଲାଗିଲା ।

ହଠାତ୍ ସେଦିନ ଗୋଧୂଳି ମଉଳାବେଳେ କମଳାକୁ ପ୍ରଥମେ ଦେଖି ଚିହ୍ନି ପାରିଲାନାହିଁ । ଯୌବନ ସମ୍ଭାରରେ ବିକଶିତ ଏଇ ଅପରୂପ ଯୁବତୀଟି କିଏ ? ମନରେ ପ୍ରଶ୍ନ ଉଠିଲା ବାର ବାର । ଅତି ନିକଟରେ ଯେତେବେଳ ଚାରି ଆଖିର ମିଳନ ହେଲା, ରବିର ଚିହ୍ନିବାକୁ ଆଉ ବାକି ରହିଲା ନାହିଁ । କମଳା ତା'ରି କୈଶୋରର ସାଥୀ । ଦୁହିଁଙ୍କର ଜୀବନ ସ୍ମୃତି ଏଇ ଗାଁ ଦାଣ୍ଡର ଧୂଳିଖେଳ ଭିତରେ ଜଡ଼ିତ ।

ବହୁଦିନ ପରେ ରବିର ତା ସହିତ ଆଜି ଭେଟ । ରବିକୁ ଦେଖି କମଳା ଲାଜରେ ମୁଣ୍ଡରୁ ଓଢ଼ଣା ଟାଣି ଘର ଭିତରକୁ ପଶିଗଲା । ରବି ଡାକିଲା, କମଳା ! ଶୁଣ । କମଳା ଶୁଣିଲା ନାହିଁ । ରବି ଘର ଭିତରକୁ ପଶି ତା ହାତ ଧରିପକାଇଲା । କହିଲା, କମଳା, ତୋତେ ଦେଖିଲେ ଅତୀତ ଆଖି ଆଗରେ ଭାସି ଉଠୁଚି । ପିଲାଦିନର କମଳାଠୁ ତ ଆଜିର କମଳା ସୌନ୍ଦର୍ଯ୍ୟରେ ଏତେ ତଫାତ ମୁଁ ବିଶ୍ୱାସ କରିପାରୁ ନାହିଁ ।

ରୁକ୍ଷ ଗଳାରେ କମଳା କହିଲା, ହାତ ଛାଡ଼ ରବିଭାଇ । ରବି ହାତ ଛାଡ଼ିଦେଲା । କମଳା କିଛି ନ କହି ପଳାଇଲା ।

Digitized by srujanika@gmail.com

କମଳାର ବ୍ୟବହାର ରବିର ହୃଦୟରେ ଆଘାତ ଦେଲା । ସେ ଭାବିଲା, ହାୟରେ ନିର୍ବୋଧ ନାରୀ ! ଯା' ସହିତ ଜୀବନର ପ୍ରଥମ ଉଦୟରେ ଦିନଗୁଡ଼ା କଟି ଯାଇଛି ଏଇ ନୀଳ ଆକାଶର ତଳେ...ସବୁଜ ପ୍ରାନ୍ତରର ନରମ ଛାତି ଉପରେ, ତାକୁ ତୁ ଏତେ ଚଞ୍ଚଳ ଭୁଲିଗଲୁ କିପରି ? ଆକାଶର ବୁଲା ପକ୍ଷୀଟିର ସ୍ନେହ ମାଟି ଉପର ଘାସଫୁଲ ବି ଭୁଲି ପାରୁନାହିଁ ।.ଆଉ ମଣିଷ ମଣିଷର ସ୍ନେହ ଭୁଲି ଯାଉଛି ! ବିଚିତ୍ର ଏ ଦୁନିଆର ଗତି ! ବିଚିତ୍ର ମଣିଷର ଭାବଧାରା !!

ରବି ଫେରି ଆସିଲା । ମନଟା ତାର ବେଦନାରେ ଭରି ହୋଇଉଠିଲା । ଦିନର ଆଲୁଅ ଆଜି ରାତ୍ରିର ଗାଢ଼ ଅନ୍ଧକାର ଭିତରେ ହଜି ଗଲାଣି । କମଳା ଆଉ ତା ଭିତରେ ଅତୀତର ବ୍ୟବଧାନ ଦୂରେଇ ଯାଇଛି । ଅତୀତ ଜୀବନ ଇତିହାସର ପୃଷ୍ଠା ଭିତରୁ ସ୍ମୃତିର ଧୂଳିକଣା ଟିକେ ଉଡିଆସି ରବି ଆଖି ଉପରେ ଲାଖିଗଲା ।

ଘରକୁ ଫେରି ରବି ଶୋଇ ଶୋଇ ଭାବିଲା ଅତୀତ ଜୀବନର କଥା ।

ସଞ୍ଜ ବେଳୁଟାରେ ଶୋଇ ଶୋଇ କଣ ଏତେ ଭାବୁଚ ?

ନୂଆବୋଉଙ୍କ ପ୍ରଶ୍ନରେ ରବି ଉଠି ବସିଲା । ଭାବପ୍ରବଣତାରେ କହି ପକାଇଲା, ସତ କହିଲ ନୂଆବୋଉ, ନାରୀର ହୃଦୟ ଏତେ ଜଟିଳତାରେ ଭରା କାହିଁକି ?

ଊର୍ମି ମୁହଁରେ ହସ ଖେଳିଗଲା । କହିଲା, କାହିଁକି, କେଉଁଠି ଠକିଗଲ କି । ଭିତରେ ଭିତରେ ଏତେଦୂର ଆଗେଇ ଗଲଣି । ନାରୀର ହୃଦୟ ପରୀକ୍ଷା କରିବା ପୂର୍ବରୁ କାହିଁ ଭାଉଜଙ୍କୁ ଥରେ ପଚାରି ନ ଥିଲ ! ଠକିସାରି ଶିଖିଲ ପରେ ଆଉ ପଚାରି ଲାଭ କ'ଣ ।

ରବି ଲଜ୍ଜିତ ହେଲା ।

ଊର୍ମି ପୁଣି ପଚାରିଲା, ନାରୀ ମୂର୍ତ୍ତିଟି କିଏ ? କାହିଁକି ଏ ଅଭିଯୋଗ !

ଯା' ସହିତ ଜୀବନର ପ୍ରଥମ ମଧୁର ସ୍ମୃତି ଜଡ଼ିତ ସେ ପୁଣି ଏତେ ଚଞ୍ଚଳ ଭୁଲିଯାଏ କିପରି ? ଏଇ କମଳା—ପିଲାବେଳର ସାଥୀ । ଆଜି ଦେଖା ହେଲା ସେ କଥା ପଦେ କହିଲା ନାହିଁ ।

ଭୁଲ ବୁଝୁଚ ତମେ ରବି । ଅତୀତକୁ କେହି କେବେ ଭୁଲି ପାରେନା— କିନ୍ତୁ ପରିସ୍ଥିତି ଭୁଲିଯିବାକୁ କହେ । ବାହାହେଲା ପରେ ଜୀବନରେ ନୂତନର ପ୍ରଭାବ ପୁରାତନ ଉପରେ ପରଦା ଟାଣିଦିଏ । ଅତୀତ ଯାଇଛି—ଯାଉ, ପୁଣି ମନ ନୂତନକୁ ସ୍ୱାଗତ କରେ । ନହେଲେ ଦୁନିଆ ଆଖିରେ—ସମାଜରେ ବଞ୍ଚି ରହିବା କଷ୍ଟକର ହେବ ! ସେଦିନ କମଳାର ସରସତା ତମକୁ ଯେତିକି ଆନନ୍ଦ ଦେଉଥିଲା—ଆଜି ତାର କଠୋରତା ସେତିକି ଦୁଃଖ ଦେବ । ଖାଲି ତମକୁ ଦୁଃଖ ଦେଇ ସେ ଆନନ୍ଦ ପାଇବ ନାହିଁ । ସେ ମଧ୍ୟ ଦୁଃଖର ଜ୍ୱାଳା ଅନୁଭବ କରିବ । ସୁତରାଂ କମଳାକୁ ବୁଝିବା ତମର ଭୁଲ ।

Digitized by srujanika@gmail.com

ତୁମେ ଯାହାକୁହ ନୂଆବୋଉ ! ଏଇ ନାରୀ ଜାତିଟା ବଡ଼ ସ୍ୱାର୍ଥପର ।

ତମର ଏ ଅଭିଯୋଗ ମୂଳରେ କେତେକଟା ସତ୍ୟ ଥିଲେ ବି ସମର୍ଥନ କରିପାରୁନାହିଁ, କିନ୍ତୁ କମଳା ପାଇଁ ଏତେ ପାଗଳ ହେଉଚ କାହିଁକି ? ସେ ପର ତମରି ପରି ଆଉ ଜଣକର ହେଇଗଲାଣି । ତା' କଥା ଭାବିବା ତମର ପାପ । ତାର ନିର୍ମଳ ମନରେ ପୁଣି ଅତୀତର ପ୍ରଭାବ ପକାଇବାର ଚେଷ୍ଟା ନକରି ଯିଏ ତମ ପାଇଁ ଦୂରରେ ରହି ବସିଚି, ତାକୁ ହୃଦୟରେ ଟିକେ ସ୍ଥାନ ଦିଅ । ଦେଖିବ, ଅତୀତର ସବୁ ଦୁଃଖ ଗ୍ଲାନିକୁ ଧୋଇଦେଇ ସେ କରିଦେବ ଜୀବନକୁ ଅସୀମ ଅନନ୍ତ ଏଇ ନୀଳ ଆକାଶ ପରି ସୁନ୍ଦର । ପୁଣି ଚନ୍ଦ୍ର ହସିବ—ଜୋଛନାର ଫଲ୍‌ଗୁଧାରା ହୃଦୟ ସାଗରର ବେଳା ଭୂମିକୁ ଚୁମିଯିବ । ଯା ସତ୍ୟ, ଯା ସୁନ୍ଦର, ତା ଜୀବନ ସଙ୍ଗୀତରେ ଫୁଟିଉଠିବ ।

ରବି ମୁହଁରେ ସରମର ଆଭା ଫୁଟିଉଠିଲା । କହିଲା, ଖାଲି ଏତିକି କହିଲା—ନୂଆବୋଉ, ଯା କଳ୍ପନାର ଅତୀତ, ତାକୁ ତମେ ବାସ୍ତବରେ ପରିଣତ କରି ପାରିବ ନାହିଁ ।

କଳ୍ପନା ପୁଣି ବାସ୍ତବରେ ରୂପ ନେବ । ଦେଖିବ ନୂଆବୋଉଙ୍କ କଥା ଆଉ କାମରେ କେତେ ଫରକ । ସେ ଦିନକୁ ପୁଣି ତମେ ସ୍ୱାଗତ କରିବ ।

ଭାଉଜ ହସି ହସି ବିଦାୟ ନେଲେ । ରବିର ମନ ଉପରେ ଉଙ୍କି ଆସିଲା ନୂଆ କଳ୍ପନା । ସେ କମଳା ନୁହେଁ—ଅଳକା । କାହିଁ କେତେ ଦୂରରେ ସେ—ତଥାପି ତାର ରୂପ ଛବିର ସଉରଭ ବାତାୟନ ଦେଇ ପବନ ଗତିରେ ଭାସି ଭାସି ହୃଦୟ ମନକୁ କ୍ଷଣିକ ପାଇଁ ଆକୁଳିତ କରି ଦେଇଗଲା । ମନରେ ପ୍ରଶ୍ନ ଉଠିଲା—କେବେ ତା ସହିତ ଦେଖାହେବ ।

ବାହାହେବାର ମାସ ତିନିଟା ପରେ । ଉର୍ମି ବାପଘରକୁ ବାହୁଡ଼ି ଆସିଲା । ଆସିଲାବେଳେ ଉର୍ମି କହିଲା—ରବି, ଭୁଲିଯିବ ନାହିଁ—ଚିଠି ଦେବ । ଆମ ଘରଆଡ଼େ ମଝିରେ ମଝିରେ ବୁଲିଆସିବ ।

ରବି କହିଲା—ନୂଆବୋଉ, ତମ ସହିତ ହସ ଖୁସିରେ ଦିନଗୁଡ଼ା ବିତି ଯାଉଥିଲା । ଏଣିକି ଖାଲି ଖାଲି ଲାଗିବ । ଗାଁରେ ନ ରହି ମୁଁ ପୁଣି କଟକ ପଳେଇଯିବି ।

ଉର୍ମି ହସି ହସି କହିଲା, ଆମ ଗରିବ ଘରକୁ ଥରେ ପାଦ ଦେଇ ପଛେ କଟକ ଯିବ । ଭୁଲିବ ନାହିଁ । ଅଳକା ଓ ମୁଁ ତମ ଆସିବା ବାଟକୁ ଚାହିଁ ରହିଥିବୁ ।

Digitized by srujanika@gmail.com

ଦିନ କେତୁଟା ପରେ ।

ରବି ପାଇଲା ନୂଆବୋଉଙ୍କର ଅଭିମାନଭରା କେଇ ଧାଡ଼ି ଲେଖା ଚିଠି । ସ୍ନେହର ରବି, ଲୁହି ଲୁହି ଆଖିରୁ ପାଣି ମଲା । କାହିଁ ଆମ ଆଡ଼େ ଥରୁଟିଏ ପାଦ ପକାଇଲ ନାହିଁ ! କାହିଁକି ଆସିବ—ଗରିବ ଘରେ ପାଦ ଦେଲେ କାଳେ ବଡ଼ପଣିଆ ଖସିଯିବ । ତଥାପି ଆମେ ଗରିବ ହେଲେ ବି ତମକୁ କଣ ଶାଗ ଭାତ ଗଣ୍ଡେ ଦେଇ ପାରନ୍ତୁନି ! ଭାଉଜଙ୍କ ପ୍ରତି ସ୍ନେହ ଖାଲି ମୁହଁରେ । ଅନ୍ତରଭରା ସ୍ନେହ ଯଦି ଥାଆନ୍ତା, ତେବେ କେବେଠୁଁ ଆସି ସାରିଥାନ୍ତ । ନ ଆସିଲ ନାହିଁ । ତମ ସାଙ୍ଗରେ ଆଉ କଥା କହିବା ଏତିକି । କାନିରେ ଗଣ୍ଠି ପଡ଼ିଲା ।

ଚିଠି ଖଣ୍ଡିକ ପଢ଼ି ରବିର ହୃଦୟ ଭାଉଜଙ୍କ ପ୍ରତି ଶ୍ରଦ୍ଧାରେ ନଇଁ ପଡ଼ିଲା । ତାଙ୍କର ପ୍ରତି ଧାଡ଼ିର, ଅଭିମାନଭରା ଲେଖାରେ ଯେପରି ଅସରନ୍ତି ସ୍ନେହ ଭରି ରହିଛି । ରବି ଠିକ୍ କଲା ଦି'ଦିନ ପରେ ନିଶ୍ଚୟ ସେ ନୂଆବୋଉଙ୍କୁ ଥରେ ସନ୍ଦୋଳି ଆସିବ ।

ନାଳ ବାଂଧେ ବାଂଧେ ସାଇକେଲ ଛୁଟାଇ ପୋଲ ପାରି ହେଲା । ଆଗରେ ଧୂଳି ଧୂସରିଆ ସଡ଼କ ! ପଚାରି ବୁଝିଲା, ଏଇ ସଡ଼କେ ସଡ଼କେ କିଛି ଦୂର ଆଗେଇଗଲେ ମାଳତୀପୁର ଗାଁ ।

ଘଣ୍ଟେ ବାଟ ଆଗେଇ ଆସିଲା ବେଳକୁ ମାଳତୀପୁର ଗାଁ ଦିଶିଲା । ଗାଁ ମୁଣ୍ଡରେ ଆମ୍ବତୋଟା । ତୋଟା ଭିତରେ ରାସ୍ତାଟା ହଜି ଯାଇ ପୁଣି ସରୁ ହେଇ ଗାଁ ଭିତରକୁ ନୂଆ ରୂପ ଧରିଛି । ରାସ୍ତା ଦି'କଡ଼ରେ କିଆ ବୁଦା, ଅରମା ବୁଦି ବୁଦିକିଆ ଜଙ୍ଗଲ । ଜଙ୍ଗଲ ଡରକୁ ଧାନବିଲ । ବିଲ ମଝିରେ ଠାଏ ଠାଏ ଗାଁ ଆଉ ଗଛଗଛଳି ।

Digitized by srujanika@gmail.com

ଗାଁ ଭିତରେ ଦି କାଡ଼କୁ ଦିଂଷାରି ଘର । ରବି ପଚାରି ବୁଝିଲା, ଆଗରେ ଯେଉଁ କେତୁଟା ନଡ଼ିଆ ଗଛ ମୁଣ୍ଡ ଟେକି ଗାଁ ଆଡ଼କୁ ଚାହିଁ ରହିଛନ୍ତି, ସେଇଠି ଗୋପିନାଥ ପଟନାୟକଙ୍କ ଘର । ବୁନିଆଦି ଘର । ଗାଁ ଗୋଟିକରେ ପଟନାୟକ ବଂଶର ଯଥେଷ୍ଟ ସୁନାମ ଅଛି ବୋଲି ସେ ଜାଣିଚି ।

ସାଇକେଲ ଡେରି ରବି ଘର ଭିତରକୁ ପଶିଲା । ପଟନାଏକ ବୁଢ଼ା ଦାଣ୍ଡ ଘରେ ବସିଥିଲେ । ରବି ସେଇଠି ପ୍ରଥମେ ମୁଣ୍ଡ ନୋଇଁଲା । ବୁଢ଼ା ହସି ହସି ଡାକ ଛାଡ଼ିଲା—ଊର୍ମି, ଦେଖିଲୁ କିଏ ଆସିଲାଣି ! ଘର ଭିତରୁ ଊର୍ମି ବାହାରି ଆସିଲା । ଦେଖିଲା ରବି । ମୁହଁରେ ପରିତୃପ୍ତିର ହସ—ଆଖିରେ ଆବେଗମିଶା ଦୃଷ୍ଟିରେ ଡାକ—ରବି, ଭିତରକୁ ଆସ । ରବି ଶ୍ୱଶୁରଙ୍କ ପାଦଧୂଳି ମୁଣ୍ଡରେ ମାରିଲା । ଊର୍ମି ହସ ହସ ମୁହଁରେ ରବିର ହାତ ଧରି ଘର ଭିତରକୁ ଟାଣି ନେଇଗଲା ।

ଭିତର ଘର ଖଟ ଉପରେ ବସିବା ପାଇଁ ସ୍ଥାନ କରି ଦେଇ ଊର୍ମି ପଚାରିଲା, ଏତେ ଦିନେ କିପରି ମନେ ପଡ଼ିଲା—ବାଟ ଭୁଲି ଏଆଡ଼େ ଗଡ଼ି ପଡ଼ିଲ ନାଁ କଣ ?

ସତେ ନୂଆବୋଉ, ତମର ସ୍ନେହ ଆକର୍ଷଣ ଅଲକ୍ଷିତରେ ମୋର ଆଖି ଦିଂଟାରେ ଅନ୍ଧପୁଟୁଳି ବାନ୍ଧିଦେଲା । ବାଟ ଭୁଲିବାର ଗତି ନ ଥିଲା ।

ମୋର ସ୍ନେହର ଆକର୍ଷଣ ତମକୁ ଅନ୍ଧ କରିଦେଲା, ନା, ଅଳକାର ରୂପଛବି ତମକୁ ମୋହ ମୁଗ୍ଧ କରି ଟାଣି ଆଣିଲା—ତମ ହୃଦୟକୁ ଥରେ ପଚାରି ସତ କରି କହିଲ ରବି ?

କଥା କଥାକେ ମୋତେ ଆଘାତ ଦେଇ ତମକୁ କଣ ଭଲ ଲାଗେ ନୂଆବୋଉ ।

ଯାଂ ସତ୍ୟ ତାଂ ପ୍ରକାଶରେ ଯଦି ଅପ୍ରିୟତା ହୁଏ, ତେବେ ମୋତେ କ୍ଷମା କରିବ ରବି । ଆଚ୍ଛା ଘର ଖବର କଣ କହିଲ । ବାପା, ବୋଉ ସମସ୍ତେ ଭଲ ଅଛନ୍ତି ତ ?

ସମସ୍ତେ ଭଲ ଅଛନ୍ତି, କିନ୍ତୁ ଯାହାଙ୍କ କଥା ତମେ ପଚାରିବାକୁ ବାଦ ଦେଲ, ସେ କିନ୍ତୁ ଭଲ ନାହାନ୍ତି ।

ଆଉ କିଏ ?

ଭାଇ ।

କଣ ହେଇଚି ?

ଯାଂ ହେବାର କଥା । ତମ ଛଡ଼ା ସେ ରୋଗ କାହାରି ହାତରେ ଭଲ ହେବନାହିଁ ।

Digitized by srujanika@gmail.com

ଭାରି ଦୁଷ୍ଟ ତମେ, ରବି ।

ଏତିକିବେଳେ ଊର୍ମିର ମା' କନକ ଦେବୀ ଆସି ପହଞ୍ଚିଲେ । ରବି ଉଠେ ଆସି ମୁଣ୍ଡିଆ ମାରିଲା । ମା' କହିଲେ, ଏତେ ବାଟ ଏଇ ଖରାରେ ଆସିଲେ— ଅଗେ ଖାଇବାକୁ କ'ଣ ନଦେଇ ଖାଲି ଗପ ।

ଆରେ ସତେ ତ ! ଊର୍ମି ଲାଜେଇ ହେଲା ।

ବୋଉକୁ ରବି ସହିତ ଗପ କରିବାକୁ କହି ଊର୍ମି ଚାଲି ଆସିଲା । କନକ ଦେବୀ କେତେ ଆଦରର ଗପ ରବି ସହିତ ମେଲି ଦେଲେ । ପୁଣି ଅନ୍ୟ କାମରେ ଲାଗିଲେ ।

କ୍ଷଣକ ପରେ ଊର୍ମି ଆସି ପହଞ୍ଚିଲା । ହାତରେ ଗିଲାସେ ସରବତ ।

ନିଅ ପିଇଦିଅ । ଅନେକ ବାଟ ସାଇକେଲ କରି ଆସିଚ । କ୍ଳାନ୍ତି ଲାଗୁଥିବ । ଆରାମ କର । ମୁଁ ରୋଷେଇ ବରଦ କରେ ।

ରବି ସରବତ ପିଇ ନିଜର ଅବଶ ଦେହଟାକୁ ଖଟ ଉପର କୋମଳ ମସୃଣ ଶଯ୍ୟା ଉପରେ ମେଲିଦେଲା । ଟିକିଏ ପରେ ଆଖିପତା ଦୁଇଟି ନିଦଭାରରେ ନଇଁପଡ଼ିଲା ।

ରବି ! ରବି !

ନୂଆବୋଉଙ୍କର ମୃଦୁମଧୁର ଡାକରେ ରବି ଆଖି ମେଲାଇ ଚାହିଁଲା ।

ନିଦ କଣ ଭାଙ୍ଗିବ ନାହିଁ ? ତେଣେ ଅଳକା ପରା ତମ ଦର୍ଶନ ପାଇଁ କେତେବେଳୁ ଆସି ହାଜର ହେଲାଣି, ଉଠ ।

ରବି ହସ ହସ ମୁହଁରେ ଉଠି ବସିଲା । ଊର୍ମି ଡାକିଲା—ଅଳକା, ଆସ !

ଲାଜ ଲାଜ ହୋଇ ମୁହଁରେ ସରୁ ହସ ଟାଣି ଅଳକା ଭିତରକୁ ଆସି ହାତଯୋଡ଼ି ନମସ୍କାର ଜଣାଇଲା । ରବି ପ୍ରତିନମସ୍କାର ଜଣାଇ ଅଳକା ମୁହଁକୁ ଚାହିଁବାକ୍ଷଣି ତା'ର ଆଖି ଦୁଇଟିରେ ପରମର ଆଭା ଫୁଟିଉଠିଲା । ଅଳକା ରୂପ ରାଇଜର ରାଜଜେମା—କୋଟି କଳ୍ପନା ଠୁଳ ହେଇଚି ତା'ର ରୂପ ଲାବଣ୍ୟରେ ସତେ ଯେପରି । ଅଳକା ପ୍ରତି ମୁଗ୍ଧ ଦୃଷ୍ଟିରେ ରବି ବାର ବାର ଚାହିଁଲା ।

ଊର୍ମି ହସି ହସି କହିଲା—ରବି, ମନ ପୂରାଇ ଦେଖିନିଅ । ନୂଆବୋଉ ତମ ପାଇଁ ଯେଉଁ ଫୁଲଟିକୁ ବାଛିଚନ୍ତି—ସେ ତମର ଗ୍ରହଣଯୋଗ୍ୟ କି ନୁହେଁ ଥରେ ହୃଦୟକୁ ପଚାରି ଜବାବ ଦିଅ ।

Digitized by srujanika@gmail.com

ଅଳକା ଲାଜ ଲାଜ ହୋଇ ପଳାଇ ଯିବାକୁ ବସିଲା ।

ଊର୍ମି କହିଲା, କିଲୋ କୁଆଡ଼େ ଯାଉଛୁ ! ରବିକୁ ଦେଖିବୁ ବୋଲି ତ ଉଚ୍ଛନ୍ନ ହେଉଥିଲୁ—ଆଜି ପୁଣି ଏତେ ଲାଜ ! ଆହା କିଛି ଯେମିତି ଜାଣେ ନାହିଁ, ମଉନମୁହାଁ ।

ଊର୍ମି ତା ଗାଲରେ ମୃଦୁ ଆଘାତ ଦେଲା ।

ମୁଁ କାହିଁକି ଉଚ୍ଛନ୍ନ ହେବି । ତମ ମନ କଥା ନ କହି କଥା ବୁଲାଇ କାହିଁକି କହୁଛ ଊର୍ମି ଅପା ! ଏତେ ସ୍ନେହ ଯେଉଁ ଗେହ୍ଲା ଦିଅରଟି ପ୍ରତି ଅଜାଡ଼ି ଦିଅ ତାଙ୍କରି ସ୍ୱରୂପ ଦେଖିବାକୁ ତମେ ସିନା........

ସେତିକି ଥାଉ । ଆଉ କୁହନା ଅଳକା ! ମୋର ସ୍ନେହ ତମରି ମନଲୋଭା ସୌନ୍ଦର୍ଯ୍ୟ ନିକଟରେ ହାର ମାନୁଛି । ଆଜିଟୁ ରବି ତମର । ତମକୁ ଦେଖିବାକୁ ଏତେ ଆଗ୍ରହରେ ଦଉଡ଼ି ଆସିଚନ୍ତି । ଏତେ ପରିଶ୍ରମର କଣ ଏଇ ପରିଣତି । ତମେ ଚାଲି ଯାଉଚ କିପରି ? ଯାଅ, କତିରେ ବସ । ତାଙ୍କ ନିକଟରେ ତମର ପ୍ରେମ ନିବେଦନ ଢାଳି ଦିଅ । ଖାଲି ଆଖିର ମିଳନରେ ଉତ୍କଣ୍ଠା ଜାଗେ ସିନା—କିନ୍ତୁ ପରସ୍ପର ଭିତରେ ପରିଚୟ ହୁଏନା ।

ପରିଚୟ ଅନେକ ଦିନୁ ସେ ପାଇଚନ୍ତି ।

ପରିଚୟ ପରେ ମନର ମିଳନ ହୁଏ—ତା'ପରେ ହୃଦୟ ହୃଦୟକୁ ନିମନ୍ତ୍ରଣ କରେ । ହୃଦୟର ନିବିଡ଼ତାରେ ପ୍ରେମ ବନ୍ଧନ ଦୃଢ଼ ହୁଏ । ପରିଚୟ ସିନା ପାଇଚନ୍ତି—କିନ୍ତୁ ତମ ମନ ଆଉ ହୃଦୟଠାରୁ ସେ ଦୂରରେ ରହିଚନ୍ତି । ଯାଅ—ଆଉ ଡେରି କାହିଁକି ! ସରଗ ଫୁଲର ସୁଆଦ ଚଖାଇ ପାଖକୁ ଟାଣି ନିଅ ।

ଅଳକା ଲାଜରେ ଝାଉଁଳି ପଡ଼ିଲା । କହିଲା,—ଊର୍ମିଅପା, ଏଇଥିପାଇଁ ଖବର ପଠାଇ ଡକେଇ ଆଣିଥିଲ ? ଇମିତି ଚିଡ଼େଇ ମାରିଲେ ମୁଁ ମୋଟେ ଆସିବିନି ।

ଥିର ପାଣି ଚହଲି ଉଠିଲେ ସେ କୂଳରେ ବାଡ଼େଇ ହୋଇ ପୁଣି ଲେଉଟିଯାଏ । ସେମିତି ତମେ ନ ଆସି ଯିବ କୁଆଡ଼େ ?

ସେ ପାଖ ଘରୁ କନକ ଦେବୀ ପଚାରିଲେ, ରବିକି ଖାଇବାକୁ ଦେଲୁ ଊର୍ମି !

ଅଳକା କହିଲା, ଊର୍ମି ଅପା ଦିଅରକୁ ଫାଲୁଆଗୁଣ୍ଡା ଦେବ ନାହିଁ କି ?

ମୁଁ ଭାତ ବାଢ଼ି ଜାଗା କରୁଚି, ତୁ ରବିଙ୍କୁ ନେଇଆ ।

ଅଳକା ଡାକିଲା, ରବିବାବୁ ଆସନ୍ତୁ ! ରବି ଉଠିଲା ।

ଖାଇ ବସିଲାବେଳେ ଊର୍ମି କହିଲା—ରବି, ଏକଲା ଖାଉଚ, ଅଳକାକୁ ଡାକୁନା ।

Digitized by srujanika@gmail.com

ରବି ହସି ହସି କହିଲା, ଜାତି ଗ୍ଲଲିଯିବ ନୂଆବୋଉ ।

ବାଣ୍ଟରୁ ଭାତ ନେଲେ ପେଟ ପୂରିବନି, ସେ କଥା ନ କହି କଥା ବୁଲାଇ ଦେଇ ଠକି ଜାଣନ୍ତି ରବିବାବୁ । ହସି ହସି ଅଳକା କହିଲା ।

ଖାଇବାକୁ ନ ଡାକିଲେ ଅଳକା ଦେବୀଙ୍କ ପାଟିରୁ ଏମିତି ଲାଳ ଗଢ଼ିବ ବୋଲି ଜାଣି ନ ଥିଲି ।

ରବି କଥା ଶୁଣି ଉର୍ମି କିରି କିରି ହୋଇ ହସିଉଠିଲା । ଅଳକା ନିଜକୁ ଅପମାନିତ ବୋଧକଲା ।

ଅଳକା ପାଟିରୁ ଲାଳ ଗଢ଼ିଲେ ତମ ପେଟ ଟାଣିବ, ରବି ! ସାଙ୍ଗରେ ଖାଇବ କୁ ଡାକ ।

ରବି ଡାକିଲା – ଆସ, ଅଳକା !

ଶିକ୍ଷାଗୁରୁ ଟିକିଏ ହେଲେ ଶିଖି ନାହାନ୍ତି । ଦରଖିଆ ହେଲା ବେଳକୁ କାହାରିକୁ ସାଙ୍ଗରେ ଖାଇବାକୁ ଆଉ ଡକା ଯାଏନା ।

ଡକାଯାଏ । ଅଳକା, ତମେ ମୋଠୁଁ ବୟସରେ ସାନ ।

ତଥାପି ସାନ ହେଲେ ବି ଆତ୍ମମର୍ଯ୍ୟାଦା କଣ ନାହିଁ !

ଅଛି, କିନ୍ତୁ ସ୍ନେହର ନିବିଡ଼ତା ଯେଉଁଠି ପାଖେଇ ଆସେ, ସେଠି ଆତ୍ମ-ମର୍ଯ୍ୟାଦା ଦୂରେ ଥାଉ ସାନ ବଡ଼ର ବିଗ୍ଭର ଆସେନା । ଏଣୁ ତମକୁ ମୋ ସାଙ୍ଗରେ ଖାଇବାକୁ ହେବ ।

ମୁଁ ଯଦି ନ ଖାଏ ?

ତେବେ ଜାଣିବି ଅଳକା, ତମର ହୃଦୟ ନାହିଁ ।

ଯଦି ତାହାହିଁ ତମେ ଅନୁଭବ କର ।

ଭାବିବି ମୋର ଦୁର୍ଭାଗ୍ୟ । ଅଳକା ପରି ଝିଅ ମୋତେ ଭୁଲ ବୁଝିଛି ।

ଉର୍ମି କହିଲା—ଯାଅ ଅଳକା, ରବିର ଅନୁରୋଧ ଏଡ଼ି ଦିଅନା । ଶେଷରେ ତମରି ଜୟ ହେଲା ।

ରବି ଅଳକାର ହାତ ଧରି ଟାଣି ନେଲା । ଅଳକାର ମନର ଅନ୍ଧକାର ଦୂରେଇ ଯାଇ ଓଠରେ ଫୁଟି ଉଠିଲା ପରିତୃପ୍ତିର ହସ ।

ଉର୍ମି ପଣତ ବଢ଼ାଇ ଦେଇ ଗୋଧୂଳି ମଥା ନଇଁଲା । ଟିକକ ଆଗରୁ ଯେଉଁ ଆଲୁଅରେ ପୃଥିବୀ ହସୁଥିଲା, ତାରି ଅଭାବରେ କରୁଣ ରାଗିଣୀ ବିହଙ୍ଗମର କାକଳୀଛନ୍ଦରେ ଦିଗ ଦିଗନ୍ତ ମୁଖରିତ ହେଲା । ସଞ୍ଜ ସୁକୁମାରୀ ଲୁହାରେ ତାର ଫୁଲ ଜୋଷି ଧୀରେ ଧୀରେ ପୃଥିବୀ ଉପରେ ଅନ୍ଧାରି ପଣତ ଟାଣିଦେଲା ।

Digitized by srujanika@gmail.com

ରାତିରେ ଊର୍ମି, ଅଳକା, ରବି ତିନିଙ୍କ ଭିତରେ କେତେ ଆଦର ଚାପ ଚାଲିଲା । ପରସ୍ପର ସ୍ନେହ ମମତାରେ ଯେପରି ବାନ୍ଧି ହୋଇ ପଡ଼ିଛନ୍ତି ତିନିହେଁ ।

ଊର୍ମି ନିଜର ଘର କଥା ବଖାଣିଲା । ଅତୀତରେ ସେମାନେ କିପରି ଥିଲେ, କାଳକ୍ରମେ କିପରି ହେଲେ; ବର୍ତ୍ତମାନ କିପରି ଅଛନ୍ତି । ତାଙ୍କରି ଘାଆନ୍ତ ବାପା ଅମଳରେ ସେମାନେ କିପରି ଏଇ ଗାଁରେ ପ୍ରଖ୍ୟବଶାଳୀ ଥିଲେ । ତାଙ୍କ ସମୟରେ ଘରେ ଧନ ସମ୍ପଦ ପୂରି ରହିଥିଲା । ଦିନ ଗଡ଼ିଗଲା, ସେମାନେ ହଜିଗଲେ । ବାପାଙ୍କ ଅମଳରେ ଜମିଦାରୀ ଗଲା । ଧୀରେ ଧୀରେ ଆୟର ପନ୍ଥା କମି ଆସିଲା ସିନା, କିନ୍ତୁ ଘରର ଖର୍ଚ୍ଚ କମିଲା ନାହିଁ । ତଥାପି ବଂଶର ଆତ୍ମମର୍ଯ୍ୟାଦା ରଖିବା ପାଇଁ ବାପା ତାର କିପରି ଜମି ସବୁ ହାତକୁ ନେଇ ଚାଷ କାମ ଆରମ୍ଭ କରିଛନ୍ତି । ଗାଁରେ ବଡ଼ଭାଇ ଏକ ଲୁଗା ଦୋକାନ ଖୋଲି ବ୍ୟବସାୟରେ ମନ ବଳାଇଚନ୍ତି । ବୋଉ ଭାରି ଧର୍ମପରାୟଣା । ସବୁବେଳେ ତାର ରାମାୟଣ, ମହାଭାରତ ପଢ଼ା । ଚରିବ ହୃଦୟ ଚିହ୍ନି ପାରନ୍ତି ଓ ତାଙ୍କରି ଦୁଃଖରେ ଲୁହ ପୋଛି ସେ ନିଜେ କାନ୍ଦନ୍ତି । ବୋଉର ଅଭିଯୋଗ ଠାକୁରେ ତମେ ସାନବଡ଼, ଧନୀ ଦରିଦ୍ରର ଭେଦ ରଖିଲ କାହିଁକି ? ଯଦି ରଖିଲ, ତେବେ ସମସ୍ତଙ୍କ ହୃଦୟ ପବିତ୍ରତାରେ ନିର୍ମଳ କରିଦିଅ । ସମସ୍ତେ ସମସ୍ତଙ୍କୁ ଭଲ ପାଆନ୍ତୁ । ସାନ ବଡ଼ର ବିଚାର ଲିଭିଯାଉ । ହିଂସା, ଦ୍ୱେଷ ପରିବର୍ତ୍ତେ ସାମ୍ୟ, ମୈତ୍ରୀର ବାଣୀ ଫୁଟିଉଠୁ ମାନବ ସମାଜରେ ।

ନୂଆବୋଉ, ମୋତେ ନିଦ ମାଡ଼ିଲାଣି ।

ଆମରି ଘରେ ଶୋଇପଡ଼ । ଆପତ୍ତି ନ ଥିଲେ.....ରବି କହିଲା ।

ଅଳକାର ଜ୍ୟୋତ୍ସ୍ନା ଧୁଆ ମୁଖଶ୍ରୀ ଲାଜରେ ମଉଳିଗଲା । ଊର୍ମି ପ୍ରତି ବିରକ୍ତିଭରା ଆଖିରେ ଅନାଇ ଉଠିଯିବାକୁ ବସିଲା ।

ଊର୍ମି ହସି ହସି ଅଳକା ହାତ ଧରି କହିଲା, ରାଗିଲ ? ସ୍ନେହ ପରିହାସକୁ ତମେ ଯଦି ଖରାପ ମନେକର ତେବେ କ୍ଷମା କରିବ । ଆଉ ତମେ ତ ମୋତେ ଏଇ ଅଧିକାର ଦେଇ ଆସିଚ । ଆଜି ସେଥିରୁ ଯଦି ବଞ୍ଚିତ କର ତେବେ ସଫା ସଫା କହିଦେଇ ଚାଲିଯାଅ ।

ଅଳକା ଆଖି ଲୁହରେ ଛଳଛଳେଇ ଉଠିଲା । ଏଇ ତାଂରି ଊର୍ମି ଅପା । ହୃଦୟ ବିନିମୟରେ ସେ ପାଇଚି ହୃଦୟ । ସମୟ ତରଙ୍ଗ ଦୁହିଁଙ୍କୁ ଅଲଗା କରିପାରି ନାହିଁ । ଦୁହେଁ ଅତୀତରେ ଯେପରି ଫୁଟିଥିଲେ ଆଜି ମଧ୍ୟ ସେଇପରି ଗୋଟିଏ ବୃନ୍ତରେ ଦୁଇଟି ଫୁଲ । ଅଳକା କହିଲା, ଊର୍ମି ଅପା, ମୋତେ ଭୁଲ୍ ବୁଝିଲ । ଏତେ ବଡ଼ କଥା ମୁହଁରେ ଧରି ପାରିଲ !

ଊର୍ମି ଦେଖିଲା ଅଳକ ଆଖିରେ ଲୁହ । ସେ ତାକୁ କୋଳକୁ ଟାଣି ଆଣି କହିଲା, ମନ ବିଗିଡ଼ିଥିଲି ଅଳକା ! ଅଳକା ଆଖିରୁ ଲୁହ ପୋଛି ଦେଲା । ଦୁହିଁଙ୍କର ଦୁହିଁଙ୍କ ପ୍ରତି ଅସାଧାରଣ ସ୍ନେହ ଦେଖି ରବି ବିସ୍ମିତ ହେଲା । କହିଲା, ନୂଆବୋଉ ଅଳକାକୁ ବିଦାୟ ଦିଅ । ରାତି ବହୁତ ହେଲାଣି ।

Digitized by srujanika@gmail.com

ଡକ୍ତିଦେଲେ ମୁଁ ଯିବିନି ରବିବାବୁ, ତମ ଖାଇବା ପତରରୁ ଭାଗ ନେବି ।

ଅଇଁଠା ଖାଇବା ଯାʼର ପ୍ରକୃତି ସେ କଣ ସହଜରେ ଯିବ ରବି !

ନାହିଁ ଅପା, ରବିବାବୁ ମନେ ମନେ ଗାଳି ଦେଲେଣି, ଯାଉଚି ।

ମନକଥା ଆଖିରୁ କିପରି ଜାଣିଲ ଅଳକା !

ଆରେ.....ଅପା ତମେ ଭାରି ଢଣେ ।

ଅଳକା ଦର ଦର ହସି ରବି ପ୍ରତି ସ୍ନେହଭରା ନୟନରେ ଶେଷଥର ପାଇଁ ଅନାଇ ବିଦାୟ ନେଲା । ରବି ତାରି ଗତିପଥକୁ ଚାହିଁ ରହିଲା । ମନରେ ଭାବନାର ନୂଆ ଝଡ଼ କ୍ଷଣକପାଇଁ ଆନ୍ଦୋଳିତ ହୋଇଉଠିଲା ।

Digitized by srujanika@gmail.com

ତା' ପରଦିନ ରବି ଘରକୁ ବାହାରିଲା ।

ଊର୍ମି ହସି ହସି କହିଲା, ଏତେ ଚଞ୍ଚଳ, ବଣରେ ରହିବ କି ରବି ! ଏ କଣ ତମର ଘର ନୁହେଁ ?

ଊର୍ମିର ମାଆ କନକ ଦେବୀ କହିଲେ, ବାପ ଇମିତି କଣ ଯାଆନ୍ତି । ବଡ଼ ଲୋକ ପୁଅର ଗରିବ ମା' ପ୍ରତି ଟିକିଏ କଣ ସ୍ନେହ ନାହିଁ ।

ଅଲକା ଆସି କହିଲା, ଦିନକ ପାଇଁ କାହିଁକି ଆସୁଥିଲେ । ଖାଲି ମମତା ଟିକେ ଲଗେଇ ଦେଇ ଯିବାକୁ ।

ଆଜିର ପରିଚୟରେ ସେଇ ମମତା ଟିକେ ଲାଗିଥାଉ ଅଲକା ! ସେଇ ମମତାଟିକ ସ୍ମୃତିର ପାଥେୟ ହେଉ । ପୁଣି କେବେ........

ପୁଣି କେବେ ଆସିବେ ?

ଯେବେ ତମରି ସ୍ନେହ ଡାକି ଆଣିବ ଏଇଠିକି ।

ଅଲକା ମୁହଁରେ ବେଦନାର ଆଭା ଫୁଟିଉଠିଲା । ଅଭିମାନ ଭରା ସ୍ୱରରେ କହିଲା, ମନେ ରଖିଥିବେ—ଭୁଲି ଯିବେନି ।

ମୋ ଯିବାରେ ତମେ କ'ଣ ଦୁଃଖିତ ଅଲକା ?

ଅଲକା ଆଖି କଣରେ ପାଣି ଟିକେ ଉକେଇ ଆସିଲା । ରବି ଅଲକାର ହାତ ଧରି କହିଲା, ତମେ ଜିତିଲ ଅଲକା ! ଅଜଣା ଅଶୁଣା ପରି ତମେ କାହିଁ କେଉଁଠିଥିଲ—କିନ୍ତୁ ଆଜି ମୋ ହୃଦୟର ନିଭୃତ କୋଣ ଦଖଲ କରି ବସିଚ । ତମକୁ ଦୁଃଖଦେଇ ଯାଇପାରିବିନି—ରହିବି ।

Digitized by srujanika@gmail.com

ଅଳକା ମୁହଁରେ ଫୁଟିଉଠିଲା ହସ—ଆଉ ଆଖିରେ ଆବେଗ ।

କ୍ଷଣକ ପରେ ଊର୍ମି ଆସି କହିଲା, ଯିବ ପରା ରବି—ଡେରି ହେଉଛି । ତେଣେ ଖରା ବାଘ ପରି ମାଡ଼ି ଆସୁଛି । ଶୀଘ୍ର ବାହାରି ପଡ଼ ।

ଯାଇ ପାରିଲିନି ନୂଆବୋଉ !

ତେବେ କଣ ଏତେ ଚଞ୍ଚଳ ଠକିଗଲ । ନୂଆବୋଉ ଓଠରେ ହସ ଝଟକିଲା ।

ଠକାଇବାକୁ ରୀତିମତ ଷଡ଼ଯନ୍ତ୍ର କରିଚ ତମେ—କିନ୍ତୁ କାହିଁକି ?

ପ୍ରଶ୍ନର ଉତ୍ତର ଦେବାର ବେଳ ଆସିନାହିଁ । ଚାଲ—ସେ ଘରେ ଅଳକା ଅପେକ୍ଷା କରିଚି । ଦୁହେଁ ବସି ଗପ କର । ମୁଁ ଟିକିଏ ପରେ ଆସୁଚି ।

ରବି ଏ ଘରେ ଆସି ଦେଖିଲା ଅଳକା ଏକଲା ବସିଚି । ପାଖରେ ଚେୟାର ଟାଣି ବସିପଡ଼ିଲା । ଅଳକା ମୁହଁକୁ ଚାହିଁଲା । ଢଳ ଢଳ ଭସାଣିଆ ଆଖି ଉପରକୁ କଳା ଭ୍ରୂଲତା ଯୁଗଳ ଚମ୍ପାଫୁଲ ପରି ମୁହଁଟିକୁ କରିଛି ଶ୍ରୀମଣ୍ଡିତ । ଜବାଫୁଲ ଓଠ ଦୁଇଟିରେ ଲାଖି ରହିଚି ମରମଥର ଦର ଦର ହସ । କାନରେ ଝୁଲୁଚି ସୁନାର ୟାରିଂ । ପରିଧାନ ଖଣ୍ଡେ ରଙ୍ଗିନ ଶାଢ଼ୀ । ହାତରେ ଦି' ଦି' ପଟ ସୁନା କାଚ—ବେକରେ ଆମ୍ବକଷିଆ ହାର । ମୁଣ୍ଡ ଉପରେ ଶାଢ଼ିର ଲତା ଫୁଲ ଧାଡ଼ି ତଳେ ଚୂର୍ଣ୍ଣକୁନ୍ତଳ ଥରି ଥରି ଉଠୁଚି । ଯଉବନର ପରିପୂର୍ଣ୍ଣ ସମ୍ଭାର ବିକଶିତ ହୋଇ ସୁନ୍ଦରୀ ଅଳକାକୁ କରିଚି ଅଧିକ ଲୋଭନୀୟ ।

ଯେତେଗୁଡ଼ିଏ ଯୁବତୀ ସଂପର୍କରେ ରବି ଆସିଚି—ଅଳକା ପରି ସୁନ୍ଦରୀ ସେମାନଙ୍କ ଗହଣରେ କେହି ନାହାନ୍ତି । ଅଳକାର ରୂପ ପ୍ରଭାବ ହୃଦୟକୁ ବିଚଳିତ କରି ପକାଇଲା । ମନରେ ଜାଗିଲା ନୂଆ ନିଶା । ସେ ନିଶାରେ ରବି ନୂଆବୋଉଙ୍କ ଅତି ପ୍ରିୟ ଏଇ ସ୍ନେହ ଫୁଲଟି ଅଜଣାରେ ଢଳିପଡ଼ିଲା ।

ବି. ଏ. ପାଶ ପରେ କଣ କରିବେ ? ଅଳକା ପ୍ରଶ୍ନ କଲା ।

ଚାକିରି ଛଡ଼ା ଅନ୍ୟ ପନ୍ଥା କିଛି ଆଉ ନାହିଁ ।

ଆଉ ପଢ଼ିବେ ନାହିଁ ?

ପଢ଼ାପଢ଼ି ଇତି ଶ୍ରୀ । ବାପାଙ୍କର ଆର୍ଥିକ ଶକ୍ତି ନାହିଁ—ଆଉ ମୋର ବି ଇଚ୍ଛା ନାହିଁ । ବି. ଏ. ଡିଗ୍ରୀଟା ହାସଲ ପରେ ଯେ କୌଣସିଠି ଚାକିରୀ କରି ଆୟର ପନ୍ଥା ଧରି ପାରିଲେ ହେଲା । ଚାକିରୀ ପରେ ଜୀବନର ଗତି ହୁଏତ ବଦଳି ପାରେ । କାରଣ ଜୀବନରେ ପରିବର୍ତ୍ତନର ଢେଉ ଥରେ ନୁହେଁ ବାର ବାର ଉଠିବ ।

ଜୀବନର ଲକ୍ଷ୍ୟ କଣ କିଛି ନାହିଁ ?

Digitized by srujanika@gmail.com

ଲକ୍ଷ୍ୟ ତ ମଣିଷ କରୁଛି । କିନ୍ତୁ ପରିସ୍ଥିତି ଓ ସୁଯୋଗ ମଣିଷର ଲକ୍ଷ୍ୟକୁ କଣ ସବୁବେଳେ ଠିକ୍ ଜାଗାରେ ପହଞ୍ଚାଇ ଦେଇପାରୁଛି ? ମନର ଆଶା, ହୃଦୟର କଳ୍ପନା । ଜୀବନର ଲକ୍ଷ୍ୟ ସବୁବେଳେ ତ ଆଗକୁ । ତଥାପି ମଣିଷ ଅବଶୋଷ କରୁଛି, ଜୀବନର କଳ୍ପିତ ଆଶା ଆକାଙ୍କ୍ଷା ବିଫଳ ହେଉଛି ।

ସବୁ କ୍ଷେତ୍ରରେ ନୁହେଁ । ଜୀବନର ଏକାଗ୍ରତା, ଉଦ୍ୟମ, ଯୋଜନା ଠିକ୍ ମଣିଷକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରିବ । ଜୀବନର ପରିସରକୁ କ୍ଷୁଦ୍ର କରିଦେଲେ ମଣିଷ ବଡ଼ ହୋଇ ପାରେନା । ତେଣୁ ମୋ ମତରେ ଆପଣ ପୁଣି ପଢ଼ନ୍ତୁ । ସମାଜ, ଦେଶ, ଜାତି ପାଇଁ ଆପଣଙ୍କର କଣ କରିବାର କିଛି ନାହିଁ ? ଯଦି ନ ପଢ଼ିବେ ତେବେ ସହରର ମମତା ଓ ଗ୍ଳାନିର ଗହଳରୁ ଫେରିଆସି ଗାଁ ଗହଳର କର୍ମ ଯୋଜନାରେ ନିଜକୁ ହଜାଇ ଦିଅନ୍ତୁ ।

ଏଇ ଗାଁ ମାଟିରେ କିଛି ହେବ ନାହିଁ ଅଳକା । ଏଠି ପରସ୍ପର ପ୍ରତିହିଂସା ପୂରି ରହିଛି । ଏଠି ଜଣଙ୍କର ସୁଖ ପ୍ରତି ଅନ୍ୟ ଜଣେ ବିମୁଖ । ଦାରିଦ୍ର୍ୟର ଉତ୍ପୀଡ଼ନରେ କାହାରି ପ୍ରତି କାହାରି ସହଯୋଗ ନାହିଁ । ଜାତି, ଧର୍ମ ଏଠି ବିକାଶ ପଥରେ ଅନ୍ତରାୟ ହୋଇ ଛିଡ଼ା ହୋଇଛି ।

ଏହାରି ବିପ୍ଳବାତ୍ମକ ପରିବର୍ତ୍ତନ ପାଇଁ ଆପଣମାନଙ୍କ ପରି ଉଚ୍ଚଶିକ୍ଷିତ ଉତ୍ସାହୀ ଯୁବକ ଲୋଡ଼ା ।

ତୁମର ଉଦ୍ଦେଶ୍ୟ ମହତ୍ ଅଳକା ! କିନ୍ତୁ କାଲି ସକାଳେ ବାପ ଯେତେବେଳେ କେଉଁ ଅଜଣା ହାତ ସହିତ ହାତ ଛନ୍ଦି ଦେବେ—ସେତେବେଳେ ସଂସାରର ଗୁରୁ ଦାୟିତ୍ୱରେ ମନର ବଡ଼ ଆଶା, ଆଦର୍ଶ ଛପିଯିବ—ରାତ୍ରିର ଗାଢ଼ ଅନ୍ଧକାରରେ ଦିନର ଆଲୁଅ ଲିଭିଗଲା ପରି ।

ବାପାଙ୍କ କାର୍ଯ୍ୟରେ ନୀରବ ପ୍ରତିବାଦ କରି ନିଜକୁ ଯେମିତି ବଞ୍ଚାଇ ରଖିଲେ !

ହୋଇ ପାରେନା ଅଳକା ! ଯଉବନର ଚିରଚଞ୍ଚଳ ମନ କାହାକୁ ଯେପରି ଅଦେଖା ନିମନ୍ତ୍ରଣ କରେ । ଜଣଙ୍କର ଅଭାବରେ ହୃଦୟ ଯେପରି ଖାଲି ଖାଲି ଲାଗେ । ଆଶାର ଆଲୋକ ନାଚି ଉଠେ—ମନ ଧାଏଁ ଜୀବନର ସୁଖ, ସ୍ୱାଦ ଚାଖିବାକୁ । ଏତେ ବଡ଼ କଳ୍ପିତ ଆଶା, ଯଉବନର ସୁନେଲି ସ୍ୱପ୍ନ, ହୃଦୟର ଅସୀମ ଆକାଂକ୍ଷା ଏ ସବୁକୁ ଆଡେ଼ଇ ପାରିଲେ ତ ? ଚିରଦିନ କଳ୍ପନାର ମାୟା ମରୀଚିକା ପଛେ ପଛେ ଧାଇଁ ସରସ ସୁନ୍ଦର ଜୀବନକୁ ରୁକ୍ଷ ମରୁଭୂମିରେ ପରିଣତ କରିବାକୁ ଖୁବ୍ ଉପଦେଶ ଦେଉଚ ଅଳକା !

ରବି ପ୍ରଶ୍ନଭରା ଦୃଷ୍ଟିରେ ଅଳକାକୁ ଚାହିଁଲା । ଅଳକାର ଆଖି ଦୁଇଟି ଲାଜରେ ତଳକୁ ହେଲା । ସେ କିଛି କହିପାରିଲା ନାହିଁ ।

ମୋ ବିଷୟରେ ତୁମର ମତ କଣ ?

Digitized by srujanika@gmail.com

ଆପଣଙ୍କ ଜୀବନର କଥା ମୁଁ କିପରି କହିବି ! ମୋ କଥା କ'ଣ ଆପଣ ଗ୍ରହଣ କରି ପାରିବେ ?

ଧରିନିଅ ତମେ ମୋ ହୃଦୟର ଅତି ଆପଣାର । ଏବେ କୁହ ! ରବି ସହାସ୍ୟ ବଦନରେ ଗ୍ରହିଲା ।

ଅଳକା ମୁଖମଣ୍ଡଳରେ ରକ୍ତିମ ଆଭା । ଆଖିର ଜ୍ୟୋତି ସ୍ଥିର—ମନ ଭିତରେ ଯେପରି ଉଠିଚି ଭାବନାର ଝଡ଼ । ଏତେ ଚଞ୍ଚଳ ରବିବାବୁ ତାଙ୍କୁ ଆପଣାର କରି ପାରିଲେ ଯଦି ସେ କିପରି ନିଜେ ନିଜର ପ୍ରତିବାଦ କରିବ ଭାବିପାରିଲା ନାହିଁ ।

ସମୟ ଆସିଲେ କହିବି—ଆଜି ନୁହେଁ । ମୁଁ ଆସୁଚି—ବୋଉ ତେଣେ ଅସ୍ଥିର ହେବଣି । ଆପଣଙ୍କ ଆସିବା କଥା ବୋଉକୁ ଜଣାଇ ଦେଇଚି । ଆଜି ରାତିକୁ ଆପଣଙ୍କୁ ବୋଉ ନିମନ୍ତ୍ରଣ କରିଚନ୍ତି । ଆପଣଙ୍କ ପରି ବଡ଼ଲୋକ ଆମ ଘରେ ପାଦ ପକାଇବାକୁ ଭୁଲନ୍ତି ନାହିଁ ଯେପରି ।

ରବି ଅଳକାର ସ୍ନିଗ୍ଧ କୋମଳ ହାତଟି ଧରି ପଚାରିଲା, ବଡ଼ ଲୋକ ବୋଲି ଚିହ୍ନିଲ କିପରି ?

ବାଃରେ ! ମାନରେ, ବୟସରେ, ବିଦ୍ୟା, ବୁଦ୍ଧି ପୁଣି ଭଦ୍ରତା-ସବୁଥିରେ ଆପଣ ମୋଠାରୁ ବଡ଼ । ବଡ଼ଲୋକ ନ କହନ୍ତି କିପରି ?

କଥାକୁ ବୁଲାଇ ଖୁବ୍ କହି ଶିଖିଲଣି ଅଳକା !

ଅଳକା ଗାଲରେ ରବି ସ୍ନେହଭରା ମୃଦୁ ଓ ଛୋଟ ଚୁମ୍ବନଟି ବସାଇ ଦେଲା । ନିବିଡ଼ତାର ପ୍ରଥମ ପୁରସ୍କାର । ଅଳକା ମୁହଁରେ ହସର ବିଜୁଳି ଖେଳିଗଲା !

ଜହ୍ନ ଆଲୁଅ ଝରି ପଡ଼ୁଥିଲା ବାହାରେ । ଅଳକାର ନିମନ୍ତ୍ରଣ ରକ୍ଷା କରି ରବିକୁ ନୂଆବୋଉଙ୍କ ସାଙ୍ଗରେ ଆସିବାକୁ ପଡ଼ିଲା । ଘରେ ପହଞ୍ଚି ରବି ପ୍ରଥମେ ଅଳକାର ବାପା ଓ ମାଆଙ୍କୁ ଯଥାରୀତି ସମ୍ମାନ ଦେଖାଇଲା । ଅଳକା ହସି ହସି ସ୍ୱାଗତ ସମ୍ଭାଷଣ ଜଣାଇ ଅନ୍ୟ ଘରକୁ ବାଟ କଢ଼ାଇ ଡାକିନେଲା ।

ଊର୍ମି ହସି ହସି କହିଲା—ଅଳକା, ରବି ମୋଟେ ଆସୁ ନ ଥିଲେ । ତମ ପାଇଁ ତାଙ୍କୁ ପୁଣି ମୋର କେତେ ଖୋସାମତ ! କାହିଁକି ନିମନ୍ତ୍ରଣ କରିବାକୁ ଆଉ ଲୋକ ମିଳିଲେ ନାହିଁ ? ଶେଷକୁ ମୋର ଏଇ ଗୁଣମନ୍ତ ଲାଜକୁଳା ଦିଅରଟି ଉପରେ ତମର ଆଖି ପଡ଼ିଲା ।

ସତେ ଊର୍ମି ଅପା, ତମ ଦିଅରଟିକୁ ଏତେ ଯଦି ଲାଜ ତେବେ ସେଇ ଘର କବାଟ କଣକୁ ନେଇ ଯାଇ ବସାଇ ଦେଇଆସ ।

ତମେ ନେଲେ ସିନା ଶୋଭା ପାଇବ ଅଳକା ! ସେଇ କବାଟ କଣରେ ତାଙ୍କର ଲାଜ ସରମ ଛଡ଼ାଇ ପାରିବ, କେବଳ ତମେ ।

Digitized by srujanika@gmail.com

ଊର୍ମି ଅପା, ତମେ ଭାରି ଫାଜିଲ ହେଇଗଲଣି ।

ଊର୍ମି ମୃଦୁ ହସି କହିଲା, ଆଜି ନ ହେଲେ ଦିନେ କିନ୍ତୁ ତମେ ତାଙ୍କର ଲାଜ ଛଡ଼ାଇ ପାରିବ ଅଳକା—ସେଦିନ ଖୁବ୍ ନିକଟରେ· ନହେଲେ ବି ଦୂର ପ୍ରାୟ ବେଶି ନାହିଁ ।

ନୂଆବୋଉଙ୍କ କଥାରେ ରବି ପରିତୃପ୍ତିର ହସ ଟିକେ ହସି ଦେଲା । ଅଳକା ଲାଜରେ ମୁହଁ ବୁଲାଇଲା ।

ଆହା, ଲାଜକୁଳୀ ଲତା !

ନୂଆବୋଉ ହସି ହସି ଅଳକାକୁ ଟିକିଏ ଠେଲିଦେଲେ । ଅତି ନିକଟରେ ଥିବାରୁ ଅଳକା ରବି ଉପରକୁ ଲାଗି ଢଳି ପଡ଼ିଲା । ତଳେ ପଡିଯିବା ଆଗରୁ ରବି ଅଳକାକୁ କୋଳରେ ଧରି ପକାଇଲା ।

ଅଳକା ଆଖିରେ ଢଳ ଢଳ ହେଲା ଲଜ୍ଜା ଓ ସଂକୋଚର ବିନ୍ଦୁ ବିନ୍ଦୁ ବାରି । ନୂଆବୋଉଙ୍କ ବ୍ୟବହାରରେ ରବି ମନେ ମନେ ଭାରି ଦୁଃଖିତ ହେଲା ।

ଊର୍ମି ଅପାର ହୃଦୟଟା ଯେପରି, ବାହାରଟା ମଧ୍ୟ ସେଇପରି । ସେ ସବୁବେଳେ ତୋ କଡ଼ିରେ ସେଇ ସମବୟସୀ ଊର୍ମି ଅପା । ଏଡେ ଯଦି ଛଳ କରିବୁ—ତେବେ ଊର୍ମି ଅପା ତୋର କେହି ନୁହେଁ ଜାଣିଥା—ଅଳକାକୁ ଶୁଣାଇ ଊର୍ମି କହିଲା ।

ଅଳକା ମୁହଁରୁ ସରମଭରା ଛାଇ ଅପସରି ଗଲା । ମୁହଁରେ ଫୁଟିଲା ଅଭି-ମାନର କ୍ଷୀଣ ବାଦଲ କାଟି ଭରା ହସ । ସେ କହିଲା, କ୍ଷଣିକେ ହସାଇ କ୍ଷଣିକେ ରୋଷାଇ ତମକୁ ଯଦି ଭଲ ଲାଗେ ଊର୍ମି ଅପା, ତେବେ ଛଳ କରିବି କାହିଁକି ?

ନୂଆବୋଉଙ୍କର ଅଟା ପରିହାସ ଅଳକାର ମାନ ଅଭିମାନ ଭିତରେ ନିମନ୍ତ୍ରଣ ରକ୍ଷା କରି ରବି ଫେରି ଆସିଲା । ସେଦିନ ରାତିରେ ଭଲ କରି ତାକୁ ନିଦ ହେଲା ନାହିଁ । ନୂଆବୋଉ ଯେଉଁ ପ୍ରଲୋଭନ ନିଆଁରେ ତାକୁ ଆହୁତି ଦେଇଥିଲେ, ସେଇ ଅଗ୍ନିଶିଖାର ଧାସ ଟିକେ ସପନରେ ବି ବାଜି ଉଠୁଥିଲା । ସାରା ରାତି ଖାଲି ତନ୍ଦ୍ରା ଆଉ ଜାଗରଣରେ କଟିଲା । କିନ୍ତୁ ସବୁରି ଭିତରେ ମିଶି-ଥିଲା ସେଇ ଜଣଙ୍କର ତୀବ୍ର ତଡ଼ିତ ଅନୁଭୂତି । କଳ୍ପନା ଧୀରେ ଧୀରେ ବାସ୍ତବ ରୂପରେଖ ଭିତରେ ଗୋଟିଏ ହେଇ ଯାଇଥିଲା । ରାତ୍ରିର ଶେଷ ପ୍ରହରକୁ ରବିକୁ ନିଦ ଲାଗି ଯାଇଥିଲା ।

ରାତି ପାହିଲା । କଅଁଳ ସକାଳର ସ୍ନିଗ୍ଧ ଆଲୋକ ଧରଣୀକୁ ମୃଦୁ ଚୁମ୍ବନ ଦେଲା ।

ନିଦ କଣ ଭାଙ୍ଗିବ ନାହିଁ ?

ଭାଉଜଙ୍କ ଡାକରେ ରବି ଆଖି ମଳି ଉଠିଲା । ସକାଳର ଆଲୁଅ ଘର ଭିତରେ ଲୁଚି ଗଲାଣି । ମନେ ହେଲା ଯେପରି ରାତି ବହୁତବେଳୁ ପାହିଲାଣି । ଧଡ଼ପଡ ହେଇ ରବି ଉଠିପଡ଼ିଲା ।

Digitized by srujanika@gmail.com

ଭାଉଜ ହସି ହସି କହିଲେ, ରତିପାକ ଅଳକା ଚିନ୍ତାରେ ବିଚଳିତ ହୋଇ ପଡ଼ିଥିଲ ନାଁ କଣ ?

ଏତେବେଳ ହେଲାଣି ! ଟିକିଏ ଆଗରୁ ଉଠାଇ ଦେଲନି ! ଘରକୁ ଆଜି ଯିବି !

ଘରକୁ ଯିବ ଯିବ ବୋଲି ଉପରେ କହୁଥିଲେ ନୂଆବୋଉ ବୋଧହୁଏ ତମ ହୃଦୟ କଥା ଜାଣିପାରିବେ ନାହିଁ ।

ତମର ସବୁବେଳେ ସେଇକଥା, ଦେଖିବ ଆଜି ମୁଁ ନିଶ୍ଚୟ ଯିବି ।

ରବି ନିତ୍ୟକର୍ମ ଶେଷ କରି ସାମାନ୍ୟ ଜଳଯୋଗ କରି ବାହାରିଲା ବେଳକୁ ଦେଖେ ତା ସାଇକେଲଟି ଅସହାୟ ଅବସ୍ଥାରେ ପଡ଼ିଚି । ଦୁଇଟି ଚକର ଟିଉବ ନାହିଁ । ଆଜି ଘରକୁ ଯିବ ବୋଲି ପ୍ରତିଜ୍ଞା କରି ବାହାରିଥିଲା, କିନ୍ତୁ ଯିବ କିପରି ? ଭାଉଜଙ୍କୁ ଯାଇ ନିଜର ଅଭିଯୋଗ ଜଣାଇଲା ।

ଭାଉଜ ହସି ହସି କହିଲେ, ବିନା ଟିଉବ୍‌ରେ ସାଇକେଲ ନେଇ ପାରିଲେ ତମେ ଯାଇ ଛିଡ଼ିବ—ନଚେତ୍ ତମକୁ ଅଳକା କଡ଼ିରେ ହାର ମାନିବାକୁ ହେବ ।

ତେବେ ରୀତିମତ ଷଡ଼ଯନ୍ତ୍ର !

ନିପଟ ମଫସଲି ଝିଅଙ୍କୁ ଠକିବାକୁ ହେଲେ ନିଜକୁ ଆଗେ ବୋକା ବନିବାକୁ ହେବ ।

ଖରା ମାଡ଼ି ଆସୁଛି ରବିବାବୁ ! ଦୂରବାଟ—ଶୀଘ୍ର ଶୀଘ୍ର ବାହାରି ପଡ଼ନ୍ତୁ । ସେ ପାଖ ଘରୁ ଅଳକା ବାହାରି ଆସି ହସି ହସି କହିଲା ।

ମୋତେ ଅଟକାଇ ତମର କି ଉଦ୍ଦେଶ୍ୟ ସାଧିତ ହେବ ଅଳକା ?

ନୂଆବୋଉ ସହାସ୍ୟ ବଦନରେ କହିଲେ, କି ଉଦ୍ଦେଶ୍ୟ ସାଧିତ ହେବ ସେ ପାଖଘରେ ଅଳକା ସହିତ ବସି ଆଲୋଚନା କର । ଯିବା ଯେତେବେଳେ ବନ୍ଦ ହେଲା, କୌଣସି ଉଦ୍ଦେଶ୍ୟ ସାଧିତ ହେବାକୁ ବେର ସମୟ ମିଳିବ ।

ରବି ଅଳକା ଦୁହେଁ ଦୁହିଁଙ୍କୁ ଚାହିଁ ହସିଲେ ।

ଆଜି କାଲି ହୋଇ ରବି ନିଇତି ଘରକୁ ବାହାରେ; କିନ୍ତୁ ଯାଇ ପାରେନା । କେଇଦଟି ଦିନ ଜଳ ବିନ୍ଦୁପରି ସଂସାର ମାତାରରେ ଛିଟିକି ପଡ଼ି କେଉଁଆଡ଼େ ହଜିଗଲା । ଅଳକାର ଅଯାଚିତ ସ୍ନେହ, ଭାଉଜଙ୍କ ଅସୀମ ମମତାରେ ସେପରି ବାନ୍ଧି ହୋଇ ପଡ଼ି ନିଜକୁ ଭୁଲିଗଲା । ଅଳକାର ରୂପ, ହସ, ଢଙ୍ଗ କଥା ସବୁ ମରମରେ ଲେଖି ହୋଇଗଲା । କେତେ କଷ୍ଟରେ ରବି ନିତେ କାନ୍ଦି ଅଳକା ଆଖିରେ ଲୁହ ଭରି ଗାଁ ବାହୁଡ଼ା ବାଟ ଧରିଲା ।

Digitized by srujanika@gmail.com



ବନ୍ଧୁ ଘରେ ବହୁତ ଦିନ ରହିଲେ ନିଜର ଆତ୍ମମର୍ଯ୍ୟାଦା କ୍ଷୁଣ୍ଣ ହୁଏ ବୋଲି ରବି ଗାଁକୁ ଫେରି ସିନା ଆସିଲା; କିନ୍ତୁ ଦିନ ଗୁଡ଼ା ବଡ଼ କଷ୍ଟରେ ବିତିଲା । ଘରେ ହାସ୍ୟମୟୀ ଭଉଜଙ୍କର ଅଭାବ ତାକୁ ବେଶି ବାଧିଲା ।

ପନ୍ଦରଟି ଦିନ ଭିତରେ ଅଜଣା ଅଶୁଣା ବାଳିକାଟି ତା'ପ୍ରତି ଯେଉଁ ଅସୀମ ସ୍ନେହ ଢାଳି ଦେଇଥିଲା, ତାରି ଅଭିନବ ଆକର୍ଷଣ ଅଲକ୍ଷିତରେ ଆସି ଅନୁଭୂତ ହେଉଥିଲା ।

ଅଳକାର ହସ ହସ ମୁହଁ ଦିନର ଉଜ୍ଜ୍ୱଳ ଆଲୁଅରେ ସୂର୍ଯ୍ୟମୁଖୀ ଫୁଲ ପରି ହସି ଉଠୁଥିଲା । ଆକାଶର ଥିରି ଥିରି ପବନରେ ତାର ସ୍ନେହଭରା କଥା ଭାସି ଆସୁଥିଲା । ଶୟନରେ ସେ ଛପି ଛପି ସପନରୂପେ ଉଭା ହେଉଥିଲା । ରବି କ୍ଷଣିକ ପାଇଁ ବି ତାର ସ୍ମୃତିକୁ ଆଡ଼େଇ ଦେଇ ପାରି ନ ଥିଲା ।

ଦିନ ଗଡ଼ି ଚାଲିଲା । ଜୀବନ କିନାରରେ ଅବିରତ ସ୍ମୃତିର ଆଲୁଅ ଲହରି ଭାଙ୍ଗୁଥିଲା ।

କଟକରୁ ରମେଶ ଟେଲିଗ୍ରାମ ଦ୍ୱାରା ରବିକୁ ଦୁହିଁଙ୍କର ବି. ଏ. ପାଶ ଖବର ଜଣାଇଲା । ଟେଲିଗ୍ରାମ ପଢ଼ି ରବି ଆନନ୍ଦରେ ଆତ୍ମହରା ହୋଇ ପଡ଼ିଲା । ଘରେ ସମସ୍ତଙ୍କୁ ଜଣାଇ ସେଇଦିନ ଭଉଜଙ୍କ କତିକି ଚିଠି ଖଣ୍ଡେ ଲେଖିଲା ।

ନୂଆବୋଉ,

ତମରି ଆଶୀର୍ବାଦରୁ ବି. ଏ ଟା କୌଣସିମତେ ଟପିଗଲି । ଏଣିକି କଣ କରିବି ? ଜୀବନର ଦିଗ ବଦଳାଇବା ପୂର୍ବରୁ ତମରି ସଂକେତ ମୋତେ ହୁଏତ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରିବ । ଅଳକାକୁ ମୋର ସ୍ନେହ ଓ ଶୁଭେଚ୍ଛା ଜଣାଇବ । ତା କଥା ମୁଁ ଭୁଲିପାରି ନାହିଁ । ଦିନ କେଇଟା ଭିତରେ ସେ ମୋତେ ଏପରି ଆପଣାର କରି ପାରିଲା କିପରି ? ମୁଁ ବୁଝିପାରୁନି ନୂଆବୋଉ । ସବୁବେଳେ ତାର ସ୍ମୃତି ମୋ ମନ ପ୍ରାଣକୁ ଆକୁଳିତ କରୁଚି କାହିଁକି ? ସବୁ

Digitized by srujanika@gmail.com

ଦୋଷ ତମରି । ଜାଣି ଜାଣି ତମେ ମୋ ମନ ପ୍ରାଣରେ ଆଲୋଡ଼ନ ସୃଷ୍ଟି କରିଚ । ବଡ଼ ବିଚଳିତ ଅବସ୍ଥାରେ ଅଛି । ଆଉ କିଛି ଲେଖି ପାରିବିନି—ଲେଖୁ ଲେଖୁ କଣ ଲେଖିଦେବି ଶେଷକୁ ତମେ ମୋତେ କ୍ଷମା ଦେଇ ପାରିବନି ।

ଦିନ କେଇଟା ପରେ ଚିଠିର ଉତ୍ତର ଫେରିଆସିଲା ।

ସ୍ନେହର ରବି, ତମ ପାଶ୍ କରିବା ଖବର ଆଗରୁ ଅଳକା ସପନରେ ଜାଣି ପାରିଥିଲା । ତମେ ତା ସହିତ ଏତେ ନିବିଡ଼ ସମ୍ପର୍କ ରଖିଚ ଯେ, ସପନରେ ବି ନିତି ତାକୁ ଦେଖା ଦେଉଚ—ଆଉ ମନ ଖୋଲା କଥା କହିପାରୁଚ । ମନେ ପଡ଼ିଲେ କେବେ ଥରେ ଭାଉଜଙ୍କୁ ଚିଠି ଖଣ୍ଡେ ଲେଖି ପଠଉଚ । ହଉ ବି. ଏ. ଡିଗ୍ରୀ ହାସଲ ସଙ୍ଗେ ସଙ୍ଗେ ଆଉ ଜଣକୁ ହାସଲ କରିପାରିଲେ ଜୀବନର ଧାରା ଭିନ୍ନ ରୂପ ନେବ । ସେ ତମକୁ ସଂକେତ ଦେଇ ଠିକ୍ ବାଟରେ ନେଇ ଯିବ । ଭାଉଜଙ୍କ ନିର୍ଦ୍ଦେଶ ଲୋଡ଼ା ହେବ ନାହିଁ ।

ଅଳକା କହୁଚି, ପାଶ୍ କଲ—ଏତେବଡ଼ ଖୁସି ଖବର ! ଖାଲି ଚିଠି ଲେଖି ଦେଇ ଠକି ଦେଲେ ହେବ ନାହିଁ । ଏଠି ଶୀଘ୍ର ଆସି ମୁହଁ ମିଠା କରିବ । ଯେଉଁ ଝଡ଼ ତମ ହୃଦୟ ଗଗନରେ ସୃଷ୍ଟି ହେଇଚି ତାକୁ ଥମେଇ ଦେଇପାରିବା ଶକ୍ତି ତମ ଛଡ଼ା କାହାରି ନାହିଁ । ଭଲ କରି ଥରେ ଭାବି ଯଦି ମନ ମାନେ ତେବେ ଭାଉଜଙ୍କର ସ୍ନେହର କଣିକାଟିକୁ ଗ୍ରହଣ କରିବ । ମନଖୋଲା କଥା କହିବ । ଚିଠିରେ ନୁହେଁ—ନିଜେ ଆସି । ଭୁଲିଯିବ ନାହିଁ । ବଡ଼ ଭାଉଜଙ୍କର ଅନୁରୋଧ, ତମର ଅତି ପରିଚିତା ଅଳକାର ନିବେଦନ ରକ୍ଷା କରିବ ।

ଚିଠିଟି ପଢ଼ି ସାରିବା ପରେ ରବି ନିଜକୁ ଗୌରବାନ୍ୱିତ ମନେକଲା । ତା ହୃଦୟରେ ଯେପରି ଅଳକାର ସ୍ମୃତି ଆଜି ଆସନ ପାତିଚି, ତା ସ୍ମୃତି ମଧ୍ୟ ସେଇପରି ଅଳକାର ମନ ଗହୀରରେ ଦାଗ ଟାଣି ପାରିଚି । ଦୁହିଁଙ୍କ ଭିତରେ ଏ ଝଡ଼ ବନ୍ଦହେବ କିପରି ? ଶକ୍ତି ସିନା ଅଛି—କିନ୍ତୁ ଭାଉଜଙ୍କ ସହଯୋଗ ବିନା ସବୁ ଅସମ୍ଭବ ହେବ । ଭାଉଜଙ୍କ ଚିଠି ଖଣ୍ଡିକ ରବି ମନ ଉପରେ ଏତେ ଛାପ ପକାଇଲା ଯେ, ସାରା ରାତି ନିଦ ହେଲାନାହିଁ । ମନ ପବନରେ ଉଡ଼ି ଉଡ଼ି ସେ କେତେବେଳେ ଅଳକା କତିରେ ଉଠିଲା—ପୁଣି କେତେବେଳେ କଳ୍ପନା-ଲୋକରେ ବିଚରଣ କରି ଫେରି ଆସିଲା ।

ଦି'ଦିନ ପରେ । ଘରେ ବୋଉକୁ ଜଣାଇ ରବି ମାଳତୀପୁର ଆଡ଼େ ବାହାରିପଡ଼ିଲା ।

ରବିକୁ ଦେଖି ଭାଉଜଙ୍କ ମୁହଁରେ ହସ ଫୁଟିଲା । ଉର୍ମି ସୁନା ଦିଅରଟିକୁ ସଂଖୋଳି ନେଇ ଘରେ ବସାଇ ଆଗେ ଶାଶୁ ଶ୍ୱଶୁରଙ୍କ ଭଲ ମନ୍ଦ ପଚାରି ବୁଝିଲା । ତା ପରେ ଉର୍ମି ଥଟା କରି କହିଲା, "କୁଆଡ଼େ ଆସିଲ, ଆସିବାର ଉଦ୍ଦେଶ୍ୟଟା ଟିକିଏ ଜଣାଅ ।"

ଭିତରେ ଡାକି ପୁଣି ପଚାରିବି ଲଜ୍ଜା କାହିଁକି ଦେଉଚ !

Digitized by srujanika@gmail.com

ମୋ ଡାକଟା ସୁନା ପିଲାଭଳି ଖୁବ୍ ଚଞ୍ଚଳ ଶୁଣିପାରିଲ ନା ଅଳକାକୁ ଭୁଲି ରହିପାରିଲ ନାହିଁ ।

ଭାଉଜଙ୍କର ପରିହାସଭରା କଥା ରବିକୁ ବଡ଼ ବାଧିଲା । ଏତେ ଆବେଗରେ ସେ ଦଉଡ଼ି ଆସି ପହଞ୍ଚୁ ନ ପହଞ୍ଚୁଣୁ ଏପରି ବ୍ୟବହାର ପାଇବ ବୋଲି ଆଶା କରି ନ ଥିଲା ।

ଡାକି ଆଣି ମାଡ଼ ମାରିଲା ପରି କଥା କାହିଁକି କହୁଚ ନୂଆବୋଉ । ମୋ ଆସିବା ବୋଧହୁଏ ଭାରି ଅନ୍ୟାୟ ହୋଇଚି । ରବିର କଥାର ସ୍ୱର ନରମି ଗଲା ।

ଊର୍ମି ଦେଖିଲା ତା ବ୍ୟବହାରରେ ସତରେ ରବି ଦୁଃଖିତ ହୋଇଚି । ଅଳକା ଓ ରବି ଭିତରେ ସଂପର୍କ ପ୍ରତିଷ୍ଠା କରିଚି କିଏ ? ନିଜେ ଦୁହିଁଙ୍କ ଭିତରେ ଭଲ ପାଇବାର ନିଆଁ ଜଳାଇ ପୁଣି ଜଣକୁ ଦୂରକୁ ଠେଲି ଦେଲାଭଳି ପରିହାସ ତାର ଠିକ୍ ହୋଇନାହିଁ । ସେ ରବିର ହାତ ଧରି କହିଲା, ଭାଉଜଙ୍କର ପରିହାସ-ଭରା ଏଇ ଟିକିଏ କଥା—ଏଇଥି ପାଇଁ ମନରେ ଦୁଃଖ କଲ ?

ନା ନୂଆବୋଉ, ନିଜେ ବୁଝିପାରିଚି ମୋର ଭୁଲ ହୋଇଚି । ମୁଁ କେବେ ଏଠିକି ଆସିବି ନାହିଁ । ରବିର ଆଖି ଦୁଇଟି ସଜଳ ହୋଇଉଠିଲା ।

ଊର୍ମି କହିଲା, ରବି ଏତେ ବଡ଼ କଥା ତମେ ମୁହଁରେ ଧରିପାରିଲ । ଭାଉଜ ତମର କେହି ନୁହେଁ ? ଏ ଘର କଣ ତମର ନୁହେଁ ? କହୁ କହୁ ଊର୍ମି ଆଖିରୁ ଅଜାଣାରେ ଗଡ଼ି ଆସିଲା ଧାର ଧାର ଲୁହ ।

ରବି ଭାଉଜଙ୍କ ଗୋଡ଼ ଧରି ପକାଇ କହିଲା ମୋତେ କ୍ଷମା କର ନୂଆବୋଉ । ଏପରି କଥା କେବେ ମୁଁ ମୁହଁରେ ଧରିବିନି ।

ଊର୍ମି ଆଖିରୁ ଲୁହପୋଛି ରବିକୁ ଉଠାଇ ନେଇ କହିଲା, ଚାଲ ଆଗେ ଦି'ଟା ଖାଇଦିଅ । ବହୁତ ବାଟରୁ ଆସିଚ, ଭୋକ ହେଉଥିବ ।

ନା ନୂଆବୋଉ, ମୋତେ ମୋଟେ ଭୋକ ନାହିଁ । ମୁଁ ଟିକିଏ ଏଇ ଖଟ ଉପରେ ବିଶ୍ରାମ ନେଉଚି ।

ଆଗେ ଭୋଜନ—ତା'ପରେ ଅଳକା ସହିତ ମିଳନ । ତା' ପରେ ଖଟ ଉପରେ ଶୟନ ।

ଊର୍ମି ହସି ହସି ରବି ହାତ ଧରି ଟାଣି ନେଇଗଲା । ଭାଉଜଙ୍କ କଥାରେ ରବିର ହୃଦୟ ସ୍ନେହରେ ପୂରି ଉଠିଲା । ଭାଉଜଙ୍କୁ ଚାହିଁ ସେ ପରିତୃପ୍ତିର ହସ ଟିକେ ହସିଦେଲା ।

Digitized by srujanika@gmail.com

ଖାଇ ସାରି ରବି ଖଟ ଉପରେ ତାର ଅବଶ ଦେହଟାକୁ ମେଲିଦେଲା । ଅଜାଣାରେ ଆଖିପତା ଦୁଇଟି ନଇଁ ଆସିଛି କି ନାହିଁ ଊର୍ମି ଆସି ଡାକ ଛାଡ଼ିଲେ, ରବି ଶୋଇ ପଡ଼ିଲଣି ନାଁ କଣ ? ଅଳକା ରାଣୀ ଆସି ତମ ଦର୍ଶନ ପାଇଁ ହାଜର ହେଲେଣି । ମିଳନ ପର୍ବ ପରେ ଯାଇ ଶୟନ । ଉଠ । ଉଠ ।

ରବି ଅନିଚ୍ଛା ସତ୍ତ୍ୱେ ଉଠି ବସିଲା । ଅଳକା ହସି ହସି ନମସ୍କାର ଜଣାଇ କହିଲା, ଏବେତ ବଡ଼ ପାଶ୍ଟା କଲେ, ଭାଉଜଙ୍କ ବେଳକୁ ସବୁ—ମୋ ବେଳକୁ କିଛି ନାହିଁ ?

ଭାଉଜଙ୍କ ମନ ଆଗେ ନେଲେ ତେବେ ଯାଇ ଭାଉଜଙ୍କ ସାନ ଭଉଣୀଟିର ମନ ନେଇହେବ । ବୁଝି ତମେ ଅବୁଝା ହେଉଚ ଅଳକା । ଯାଅ, ପାଖରେ ବସି ତାଙ୍କ ମନ ନେବାର ସୁଯୋଗ ନିଅ । ମୁଁ ଟିକିଏ ପରେ ଆସୁଚି । ଊର୍ମି ଅନ୍ୟ କାମ ବାହାନାରେ ଚାଲି ଆସିଲା ।

ଛିଡ଼ା ହେଲ କାହିଁକି, ବସ ?

ଅଳକା ଖଟ କରକୁ ଆଉଜି ବସିଲା ।

ଶୁଖିଲା କାହିଁକି ଦିଶୁଚ ? ରବି ପଚାରିଲା ।

ମୁଁ ନା ତମେ ।

ଦୁହେଁ ଦୁହିଁଙ୍କୁ ଚାହିଁ ହସିଲେ ।

ଯାଦୁକର ପରି ତମର ଏଇ ରୂପର କାଉଁରି କାଠି ପରଶରେ ମୋର ହୃଦୟ ଓ ମନକୁ ଏପରି ତମେ ଆୟତ୍ତ କରିପାରିଚ ଅଳକା, ତମକୁ ନ ଦେଖି ମୁଁ ରହିପାରିଲି ନାହିଁ । ଛୁଟି ଆସିଲି ସବୁଗର ପୀୟୂଷ ତଳେ ତମରି ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ । କିନ୍ତୁ କାହିଁକି ମୋର ଦୁର୍ବଳତା—ତମେ କହି ପାରିବ ଅଳକା ?

ଅଳକା ଲଜ୍ଜାରେ ସମ୍ମୁଖକୁ ଚାହିଁପାରିଲା ନାହିଁ ।

ନୀରବ ରହିଲ ? ଉତ୍ତର ନ ଦେଇ ପାରିଲେ ତମର ଏଠୁ ନିସ୍ତାର ନାହିଁ । ରବି ତାର ଫୁଲ-କୋମଳ ହାତଟିକୁ ନିଜ ହାତ ମୁଠାରେ ରଖି ପଚାରିଲା ।

ଅପରର ଦୁର୍ବଳତା କେଉଁଠି ମୁଁ କିପରି ଉପଲବ୍ଧି କରିବି । ଏପରି ପ୍ରଶ୍ନ ପଚାରି ମୋତେ ଦୁର୍ବଳ କରୁଛନ୍ତି କାହିଁକି ? କ୍ଷମା ଦିଅନ୍ତୁ ।

ଅପର ବୋଲି ଯଦି ତମେ ମୋତେ ଭାବିପାରିଲ ଅଳକା; ତେବେ ମୋ ପ୍ରଶ୍ନ ମୁଁ ଫେରାଇ ଅଣୁଚି । ରବି ଅଭିମାନଭରା ଗଳାରେ କହିଲା ।

ଶେଷକୁ ମୋତେ ଭୁଲ ବୁଝିଲେ । ମୁଁ ଯଦି କୁହେ ଆପଣ ମୋ ଜୀବନ ପଥରେ ଉଦୟ ହୋଇ ମୋତେ ପଥହୁଡ଼ା କରିଦେଲେ, ତେବେ.....

Digitized by srujanika@gmail.com

ଅଳକାର ଏଇ କଥା ପଦକ ରବି ମନ ଉପରେ ଅଭିମାନର ବାଲି ବାଂଧ ତେଇଁ ହୃଦୟ କିନାରରେ ଲାଗିଥିବା ବିଷାଦର ମାଟି କାଦୁଅ ଟିକ ପୋଛି ଦେଲା । ରବି ମୃଦୁ ହସି ଅଳକାକୁ ଗ୍ଚହିଁଲା, କିନ୍ତୁ ଅଳକା ତଳକୁ ମୁହଁ ପୋତିଲା । ଅଳକାର ସୁନ୍ଦର ରୂପଶ୍ରୀ ଖାଲି ଦୂରରୁ ଦେଖି ରବି ନିଜକୁ ବୋଧ କରିପାରିଲା ନାହିଁ । ସେ ଆହୁରି ନିକଟକୁ ଲାଗିଗଲା ।

ଅଳକା ବାଧା ଦେଇପାରିଲା ନାହିଁ । କିନ୍ତୁ ପରକ୍ଷଣରେ ଲାଜରେ ଝାଉଁଳି ପଡ଼ିଲା ତାର ପୁଲକଭରା ମୁଖଶ୍ରୀ । ସେ ପଳାଇଆସିଲା ।

ରାତି ଅନ୍ଧାର ବାଧା ନ ମାନି ଜହ୍ନମାମୁଁ ମୁହଁରେ ଜୋଛନାର ଲହଡ଼ି ଯଦି ଖେଳିପାରିଲା—ତେବେ ଲାଜ କାଳିମା ଦୂରକୁ ଠେଲି ତମ ମୁହଁରେ କୁମୁଦ ବଧୂର ହସ ଟିକେ ଫୁଟିଉଠୁ । ରବି ଅଳକାକୁ ଲକ୍ଷ୍ୟ କରି କହିଲା ।

ଅଳକା ଏଥର କାହିଁକି ଭରି ଲାଜ କରୁଚି ରବି ! ମୁଁ କଥା କିଛି ବୁଝି ପାରୁନାହିଁ । ହସି ହସି ଉର୍ମି କହିଲା ।

ଲାଜ ନାରୀ ଜାତିର ଭୂଷଣ । ଅଳକା ଦେବୀ ନୂଆ କରି ବୋଧହୁଏ ଶିଖିବାକୁ ଆରମ୍ଭ କରିଚନ୍ତି ।

ଜୀବନ ଯାତ୍ରାର ସାଥୀ ବୋଧହୁଏ ଅଳକା କେଉଁଠି ଠିକ୍ କରି ସାରି-ଲଣି । ନ ହେଲେ ଲାଜ ତା ପକ୍ଷରେ ଗୋଟାଏ ମସ୍ତବଡ଼ ବୋଝ ହୋଇଥାନ୍ତା । ଉର୍ମି ପରିହାସ କରି କହିଲା ।

ସାଥୀଟି କିଏ ? ଅଳକା ଦେବୀ ଅନୁଗ୍ରହ କରି ଜଣାଇବେ କି ? ରବି ହସି ହସି ପଚ୍ଚରିଲା ।

ସାଥୀ ତ ପାଖରେ—ଉତ୍ତର ଦେବାକୁ ତେବେ ବି ଏଡେ ଡେରି ।

ଉର୍ମି ଅପା, ମୋତେ ପରିହାସ କରିବାକୁ ତମକୁ ଯଦି ଖୁସି ଲାଗେ, ତେବେ ମୁଁ ଆଉ କିଛି କହିବି ନାହିଁ ।

କିଛି କହିବ ନାହିଁ—ତେବେ ଉଠ, ଗ୍ଚଲ ରବି ।

ଉର୍ମି, ରବି ଦିହେଁ ଦୁଆରୁ ଉଠି ପଡ଼ିଲେ ।

ଅଳକା ମୁହଁରୁ ସରମ ଫାଟିଲା । ହସି ହସି ଦୁହିଁଙ୍କର ହାତ ଧରି ବସିବାକୁ ଅନୁରୋଧ କଲା ।

ଉପରେ ଜହ୍ନମାମୁଁ ଖିଲି ଖିଲି ହସୁଥାଏ—ସରଗ କବରୁ ଭାସି ଆସୁଥାଏ ଅଜଣା ପକ୍ଷୀର ସ୍ୱନ । ଜୋଛନାର ଲହଡ଼ିରେ ସେ ସ୍ୱନ ଥରି ଥରି ସରମରେ ଲେଖୁଥାଏ ଅପରୂପ ଛନ୍ଦ । ଆକାଶରେ ଖଣ୍ଡ ଖଣ୍ଡ ମେଘ କେଉଁଆଡ଼ୁ ଦଉଡ଼ି ଆସି ଅବକାଶ ନେଇ ଗ୍ଚହିଁଥାଏ—ସତେ ଯେପରି ତାର ଶୀତଳ ସ୍ନିଗ୍ଧ ପରଶ ବୁଲାଇ ଦେବାକୁ ଧରଣୀରାଣୀର ନିମନ୍ତ୍ରଣକୁ ଅପେକ୍ଷା କରିଛି ।

Digitized by srujanika@gmail.com

ଦୁଆରେ ତିନିଠହଁ । ତିନିଙ୍କ ଭିତରେ ଜମିଲା ପୁଣି ଖୁବ—ଆରମ୍ଭ ହେଲା କଥା ।

ଏଠୁଁ ଫେରିଲେ ଚାକିରୀ ଅନ୍ୱେଷଣରେ କଟକ ଯିବି ନୂଆବୋଉ ।

ବାହାଘରଟା ସରୁ, ଚାକିରୀ ବେଳ କଣ ଗଡ଼ିଯାଇଚି ।

ନିଜର ଦାୟିତ୍ୱ ନିଜେ ସମ୍ଭାଳିବା ଅବସ୍ଥାରେ ନ ଥାଇଁ ପୁଣି ଅନ୍ୟ ଜଣକୁ କିପରି ପାଖକୁ ନେବି । ମୋ ଜୀବନଟିକୁ ମାଟି କରି ଦେବାକୁ ତମର ଇଚ୍ଛା କଣ ନୂଆବୋଉ ?

ବାପା ଭଲ ଥିବାଯାଏ ତମର ସେ ଚିନ୍ତା ନାହିଁ ।

ମୋତେ ତାଙ୍କର ସମସ୍ତ ଶକ୍ତି ଖଟାଇ ମଣିଷ କରିଛନ୍ତି ତାଙ୍କ ଭାର ଲାଘବ କରିବାକୁ, ନା ପୁଣି ତାଙ୍କ ଉପରେ ବୋଝ ହୋଇ ଛିଡ଼ା ହେବାକୁ ? ତମେ ଯା' କୁହ ନୂଆବୋଉ, ଆଗେ ଚାକିରୀ ପରେ ଯାଇଁ ଆଉ କଥା ।

ମୁଁ କିନ୍ତୁ ଏତେ ଦିନ ଅପେକ୍ଷା କରିପାରିବି ନାହିଁ । ଏଇଥର ଫେରିଲେ ତମ ବାହାଘର ଶେଷ କରିବି । ବାପା, ବୋଉ, ସମସ୍ତଙ୍କ ମନ ନେଇ ମୋତେ ଘର କରିବାକୁ ହେବ ।

କଥା ପଡ଼ୁ ପଡ଼ୁ କେତେ ଆଡ଼ର କଥା ଆଲୋଚନା ହେଲା, ଭଉଣୀ ଆସି ଘର ମଥାନ କଣରେ ଛିଡ଼ାହେଲା । କାନ୍ଥଘଡ଼ି ରାତି ବେଶି ହେବାର ସୂଚନା ଦେଇ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ଟାଣିଦେଲା ।

ଆନନ୍ଦ ଆଲୋକର ମଝିରେ ଦୁଇଟି ଦିନ କଟିଗଲା । ରବି ଓ ଅଳକା ଭିତରେ ସଂପର୍କ ନିବିଡ଼ ହେଇଆସିଲା ।

ସେଦିନ ଖରାବେଳେ ରବି ଖାଇସାରି ଆଖି ବୁଜିଚି । ଅଳକା ଆସି ପାଣି ପକାଇ ନିଦ ଭାଙ୍ଗିଦେଲା । ରବି ଉଠି ଦେଖିଲା, ଅଳକା ହସ ହସ ମୁହଁରେ ଛିଡ଼ା ହେଇଚି ।

ଏତେ ସୁନ୍ଦର ନିଦଟାକୁ ଭାଙ୍ଗିଦେଲ—ତା' ସହିତ ମଧୁର ସପନଟିକୁ ମଧ୍ୟ ।

ମଧୁର ସପନ କଣ ଦେଖୁଥିଲେ ।

ଦେଖୁଥିଲି ଜୀବନର ପଥେ ପଥେ ମୁଁ ବୁଲୁଥିଲି ଏକା—ହଠାତ୍ ବିପରୀତ ଦିଗରୁ ମୋ ସମ୍ମୁଖରେ ଉଭାହେଲା ଗୋଟିଏ ଅପରୂପ ସୁନ୍ଦରୀ—ହାତରେ ପ୍ରଦୀପ । ତାର ସୌନ୍ଦର୍ଯ୍ୟରେ ମୋତେ କଲା ମୁଗ୍ଧ । ଆଉ ଦୀପାଲୋକରେ ମୋର ନୂତନ ପଥକୁ କଲା ନବ 'ରାଗରେ ରଞ୍ଜିତ । ତା'ପରେ ମୋତେ ସେ ଆହ୍ୱାନ କଲା । ଆସ ପଥିକ—ଜୀବନର କଣ୍ଟକିତ ପଥ ବହୁତ

Digitized by srujanika@gmail.com

ବାକି । ତମକୁ ମୁଁ ବାଟ କଢ଼ାଇ ନେବି । ଯାତ୍ରା ଆରମ୍ଭ କରିବାକୁ ଭାବୁଚି— ହଠାତ୍ ସପନ ଗଲା ଭାଜି । ଦେଖେ ସମ୍ମୁଖରେ ତମେ—ସପନ ମୋର ତେବେ ସତ ହୋଇଚି ।

ମତେ କଣ ତେବେ ସପନସୁନ୍ଦରୀ ବୋଲି ଭାବୁଚନ୍ତି ?

ହୁଁ ଅଳକା । ସପନ ସୁନ୍ଦରୀ ଆଉ ତମ ଭିତରେ କିଛି ତଫାତ୍ ନାହିଁ । ସପନ ଓ ଜାଗରଣରେ ତମେ ମୋତେ ଆପଣାର କରିପାରିଚ । ତମ ଅଭାବରେ ମୋର ଦିନଗୁଡ଼ିକ କିପରି କଟିବ ଭାବି ପାରେ ନା ।

ରବି ସ୍ନେହରେ ଅଳକାକୁ କୋଳ ଭିତରକୁ ଟାଣିଲା । ଅଳକା ଲାଜରେ ଦୂରେଇ ଠିଆହେଲା ! ଶେଷକୁ ଜବରଦସ୍ତ କରି ତାକୁ ଟାଣି ନେଇ ତା ଗାଲରେ ଚୁମ୍ବନ ଆଙ୍କିଦେବାକୁ ଉଦ୍ୟତ ହେଲାବେଳେ ଅଳକା ବାଧାଦେଇ ନିଜକୁ ମୁକ୍ତକରି କହିଲା, କଥା କହୁ କହୁ ଆପଣଙ୍କର ଏପରି ବ୍ୟବହାର ଭାରି ଖରାପ ! ମୁଁ ଯାଉଚି ।

ଭୀତତ୍ରସ୍ତ ହରିଣୀ ପରି ଅଳକା ଲଜ୍ଜାରେ ଛାଟିପିଟି ହେଇ ପଳାଇଗଲା ।

ରବି ନିଜକୁ ଭାରି ଅପମାନ ବୋଧକଲା । ତା'ର ଆଉ ଦଣ୍ଡେ ଇଚ୍ଛା ହେଲା ନାହିଁ ଏଠି ରହିବାକୁ । ଲଜ୍ଜା ଓ କ୍ଷୋଭରେ ସେ ଭାବିଲା, ଅଳକା ପ୍ରତି ତା'ର ବ୍ୟବହାର ପ୍ରକୃତରେ ଖରାପ ହୋଇଚି । କିନ୍ତୁ ଏତେ ଦୂର ଯିବାକୁ ପ୍ରଥମେ ସୁଯୋଗ ଦେଇ ଶେଷକୁ ଅଳକା ଏପରି ମାଡ଼ ମାରିଲା ପରି ଦୂରେଇ ଯିବ ବୋଲି ସେ ସ୍ୱପ୍ନରେ ବି ଆଶା କରିନଥିଲା ।

ସେ ଉଠି ବାହାରକୁ ଆସି ଦେଖିଲା, ଅଳକା ଚାଲି ଯାଇଚି । ଖରାବେଳେ ନୂଆବୋଉ ଓ ଅନ୍ୟମାନେ ଶୋଇଛନ୍ତି । ଭଉଜଙ୍କ କତିକି ଘରକୁ ଯିବା କଥା ଜଣାଇ ଚିଠି ଖଣ୍ଡେ ଲେଖି ଟେବୁଲ ଉପରେ ଥୋଇଲା । ତା'ପରେ କାଳ ବିଳମ୍ବ ନକରି ନିଜ ପୋଷାକ ପିନ୍ଧିଲା । ସାଇକେଲଟି ଧୀରେ କାଢ଼ି ଗାଁ ଅଭିମୁଖରେ ଚାଲିଆସିଲା ।

ଗାଁକୁ ଫେରି ରବିର କୋଉଥିରେ ମନ ଲାଗିଲା ନାହିଁ । ସବୁବେଳେ ତା' କାନ ପାଖରେ ବାଜିଉଠିଲା ଅଳକାର ଶେଷ କଥାପଦକ । ଖାଲି କ୍ଷଣକପାଇଁ ନୂଆବୋଉ ତା ଜୀବନ ଭୂମିକାରେ ଅଭିନୟ କରିବାକୁ ଅଳକାକୁ ପଠାଇଥିଲେ । ନୂଆବୋଉଙ୍କ ଉପରେ ରବିର ଭାରି ରାଗ ହେଲା । ମନେ ମନେ ପ୍ରତିଜ୍ଞା କଲା, ବଞ୍ଚିଥିବା ଯାଏ ସେ ମାଳତୀପାଟପୁର ଗାଁ ମାଡ଼ିବ ନାହିଁ କି ଅଳକାକୁ ସାକ୍ଷାତ କରିବ ନାହିଁ ।

ଅଳକାର ସ୍ମୃତି ସେ ମାଡ଼ି ମକଚି ଦୂର କରିବାକୁ ଚେଷ୍ଟା କଲା ।

× × × ×

Digitized by srujanika@gmail.com

ଅଳକା ଗୋଟାଏ ଉତ୍ତେଜନାରେ କ'ଣ କହି ପକାଇ ଚାଲିଆସିଲା ସିନା, ଘରେ ମନ ଲାଗିଲା ନାହିଁ । ଅସ୍ଥିର ମନ ଓ ହୃଦୟ ଶୋଇବାକୁ ଦେଲାନାହିଁ । ଭାବିଲା, ଏପରି କହିବା ଦ୍ୱାରା ରବିବାବୁ ନିଶ୍ଚୟ କ'ଣ ମନେ କରିଥିବେ । କାହିଁକି ସେ ବା ଅପସରି ଆସିଲା । ମନ ମନ୍ଦିରରେ ଯାହାକୁ ସେ ଦେବତାରୂପେ ନିମନ୍ତ୍ରଣ କରି ପାରିଚି—ତାଙ୍କ ନିକଟରେ ନିଜକୁ ଅର୍ଘ୍ୟରୂପେ ବାଢ଼ିଦେଇଥିଲେ କ'ଣ ହେଇଥାନ୍ତା । ଭାବିଲା—ଖାଲି ଭାବିଲା ।

ଭାବନାରେ ସେ ନିଜକୁ ବୋଧ କରି ନ ପାରି ଶେଷକୁ କିଛି ସମୟ ପରେ ଫେରି ଆସିଲା । କିନ୍ତୁ ଦେଖେ ରବିବାବୁ ନାହାନ୍ତି । ଟେବୁଲ ଉପର ଚିଠିଟା ଉପରେ ନଜର ପଡ଼ିଲା । ଖୋଲି ପଢ଼ିଲା—ନୂଆବୋଉ, ଯିବାବେଳେ କହିକରି ଯାଇଥିଲେ ତମେ ଛାଡ଼ି ନଥାନ୍ତ—ସେଥିପାଇଁ ମୁଁ ଚିଠିରେ ଜଣାଇ ଘରକୁ ଚାଲିଲି । ଭଗବାନଙ୍କର ଇଚ୍ଛା ଥିଲେ ପୁଣି କେବେ ଆସିବି । ଅଳକାକୁ କହିବ, କ୍ଷଣକପାଇଁ ଯଦି ତା'ମନରେ ଦୁଃଖ ଦେଇଥାଏ, ତେବେ ନିଜର ମହତ୍ ଗୁଣରେ ସେ କ୍ଷମା କରିବ ।

ଅଳକା ଚିଠିଟି ପଢ଼ି ଘଡ଼ିଏ କାଳ କିଛି ଭାବି ପାରିଲା ନାହିଁ । ଜୀବନର ସ୍ରୋତ ଗତିଶୀଳ ହୋଇ ଆଗକୁ ଚାଲିଥିଲାବେଳେ ଆଜି ପୁଣି ଲେଉଟି ପଡ଼ିଲା କାହିଁକି ? ରବିବାବୁଙ୍କ ଅଭାବରେ ତା ମନରେ ଅନୁତାପ ଆସିଲା । ଅନୁତାପ ନିଆଁରେ କୁହୁଳି କୁହୁଳି ଆଖିରୁ ଝରିଲା ବାରିଧାର । କିଛିକ୍ଷଣ ପରେ ଆଖିରୁ ଲୁହପୋଛି ଊର୍ମି ଅପାକୁ ଆସି ଉଠାଇଲା ।

ଊର୍ମି ଚମକିଲା, କିଲୋ କ'ଣ ?

ତମେ ନିଶ୍ଚିନ୍ତରେ ଶୋଇଚ । ଦେଖେ ରବିବାବୁ ଘୋଷା ହେଇ ପଳେଇଲେଣି ।

କାହିଁକି ' କଣ ହେଲା ?

ଅଳକା କଣ କହି ଉତ୍ତର ଦେବ, କିଛି ଭାବି ପାରିଲା ନାହିଁ ।

କିଲୋ କଣ ହେଲା କହୁନାହୁଁ ?

ଅଳକା ସବୁ କଥା ଖୋଲି କହିଲା ।

ସବୁ ଶୁଣିସାରି ଊର୍ମି କହିଲା, ଯା' ସହିତ ତୁ ଜୀବନର ମଧୁର ସମ୍ପର୍କ ପ୍ରତିଷ୍ଠା କରିବାକୁ ମନେ ମନେ ସିଦ୍ଧାନ୍ତ କରିସାରିଲୁଣି—ତା'ଠାରୁ ଆଉ ନିଜକୁ ଏତେ ଦୂରେଇ ରଖିଲୁ କାହିଁକି ? ଦୁହିଁଙ୍କ ଭିତରେ ସମ୍ପର୍କ କ୍ରମେ ଅଧିକ ଘନିଷ୍ଠତର କରିବାକୁ ତ ମୁଁ ତମ ଦୁହିଁଙ୍କୁ ସୁଯୋଗ ଦେଇ ଆସିଥିଲି । ତୁ ବଡ଼ ଭୁଲ କଲୁ ଅଳକା । ରବି ବଡ଼ ଏକବାଜିଆ ପିଲା । କଥା କଥାକେ ତାର ଭାରି ରାଗ ଅଭିମାନ । ମନ ଭାଙ୍ଗିଗଲେ ହବୁକଥା ଅତୁଆ ହେଇଯାଏ । ଆଚ୍ଛା । ସତ କହିଲୁ ଅଳକା, ଏହି ଘର ଭିତରେ ଅନ୍ୟ କେହି ନାହିଁ—ଅଛି ତୋର ଅତି ଆପଣାର ଊର୍ମିଅପା । ସତେ କଥା—ହୃଦୟ ଖୋଲି କହିଦେ । ରବି ହାତ ଧରିଲେ ତୁ ଦୁଖୀ ହେଇ ପାରିବୁ ତ ?

Digitized by srujanika@gmail.com

ଊର୍ମି ଅପା, ହୃଦୟ ଚିହ୍ନି ପାରିଲ ନାହିଁ ? ମୁଁ ତମର ସାନ ଭଉଣୀ । ଆଜି ଯେମିତି—ସବୁଦିନେ ଠିକ୍ ଏଇମିତି ରହିବି । ତମେ ଆଗେ କୁହ, ସବୁଦିନ ପାଇଁ ତମେ ମୋତେ ପାଖରେ ରଖିବ କି ନାହିଁ ?

ମୋର ଇଚ୍ଛା ନ ଥିଲେ ରବି ସହିତ ତୋର ଭେଟ ହୋଇ ନ ଥାନ୍ତା ।

ତୁ ଯେତେବେଳେ ସାରା ଜୀବନ ପାଇଁ ଜଣକର ହାତ ଧରି ଚାଲିବୁ, ତୋର ଭଲ ମନ୍ଦ ବାଛିବାର କଥା । ରବି ଯଦି ତୋର ପସନ୍ଦ ନ ହେଉଛି, ତେବେ ମୋ ମନରେ ଦୁଃଖ ହେବନାହିଁ ଅଳକା—ସତ କରି କହିଦେ । ରବି ଯେମିତି ମୋର ଅତି ଆପଣାର—ତୁ ବି ସେମିତି ମୋର ହୃଦୟର । କାହାରି ଅମଙ୍ଗଳ ମୁଁ ଚାହେଁ ନାହିଁ ।

ଊର୍ମି ଅପା, ମୋତେ ଏତେ କଥା ପଚାରି ଲଜ୍ଜା ଦିଅନା । ମୁଁ ତମ ହାତ ଧରି କ୍ଷମା ଚାହୁଁଛି, ମୋତେ ତମେ ତାଙ୍କରି ପାଦତଳେ ଉତ୍ସର୍ଗ କରିଦିଅ ।

ଅଳକା ଆଖିରୁ ଝରିପଡ଼ିଲା ଦି' ଟୋପା ଲୁହ ।

ଊର୍ମି ତାକୁ କୋଳକୁ ଟାଣିନେଇ କହିଲା, ତୋ ହୃଦୟ କଥା ମୁଁ ଭଲ କରି ଅନୁଭବ କରି ପାରିଚି ଅଳକା—ଦୁଃଖ କର ନାହିଁ । ଉଡ଼ିଯାଇଥିବା ଚଢ଼େଇଟି ପୁଣି ତୋ କତିକି ଫେରିଆସିବ । କିନ୍ତୁ ଏଥର ଯେମିତି ଫାଶ କୋହଳାଇ ଭୁଲରେ ଛାଡ଼ି ନ ଦେଉ ।

ଅଳକା ଆଖିଲୁହରେ ଆନନ୍ଦର ଆଭା ଖେଳିଗଲା ।

Digitized by srujanika@gmail.com

ନୂଆବୋଉ ଲେଖିଛନ୍ତି—ରବି ! ତମେ ନ କହି ଘୋଷା ହୋଇ ଚାଲିଗଲ । କାହା ଉପରେ ଘୋଷା ହୋଇ ଶେଷକୁ ଭାଉଜଙ୍କ ଉପରେ ରାଗ ସାରୁଛ । ଅଳକା ତା ଭୁଲ ପାଇଁ ଅନୁତାପ କରୁଚି । ଚିଠି ପାଇ ଥରେ ଏଠିକି ନ ଆସିଲେ ମୋ ମନରେ ଭାରି ଦୁଃଖ ହେବ । ନ ଖାଇ ନ ପିଇ ଘୋଷା ହୋଇ ଚାଲିଯିବା ଶୁଣି ବାପା, ଭାଇ, ବୋଉ ସମସ୍ତେ ମୋତେ ଦୋଷ ଦେଉଛନ୍ତି । ହେଲା, ଏବେ ସବୁ ଦୋଷ ମୋରି । ତମେ ଥରେ ଏଠିକି ଆସି ଦୋଷୀକୁ ଦଣ୍ଡ ଦେଇଯାଅ । ଭୁଲିବ ନାହିଁ ।

ରବି ରାଗରେ ଚିଠିଟିକୁ ଚିରି ଫୋପାଡ଼ି ଦେଲା । ଅଳକାକୁ ଭୁଲିଯାଇ ନିଜକୁ ସଂଯତ କରିବାକୁ ଚେଷ୍ଟା କଲା । ତଥାପି ଦୀର୍ଘ ରାତି ଶେଷରେ ଉଷାର ଦର୍ଶନ କେବେ ମିଳିବ ଏଇ ଅବଶୋଷରେ ସେ ଛଟପଟ ହେଲା । ହଠାତ୍ ସେଦିନ ବନ୍ଧୁ ରମେଶର ଚିଠିଖଣ୍ଡିକ ଅଳକାର ସ୍ମୃତି ଉପରେ ବୁଦ୍ଧିଆଣୀ ଜାଲପରି ଗୁଡ଼ାଇ ହୋଇ ଅସ୍ପଷ୍ଟ କରିଦେଲା । ରମେଶ ଲେଖିଚି—ରବି, ଆମ ଘରଆଡ଼େ ଏଯାଏ ଆସିଲୁ ନାହିଁ । ଗୋଟାଏ କଥା—ତୋର ମତ ଜାଣିବା ପାଇଁ ଲେଖିଲି । ମୋର ସାନ ଭଉଣୀ ନମିତା । ତୋ ହାତରେ ଟେକି ଦେବାକୁ ମୋର ଇଚ୍ଛା । ଯୋଗ୍ୟପାତ୍ର ପାଖରେ ଥାଉଁ ଥାଉଁ ଆଉ ଖୋଜିବାକୁ କୋଉଠିକି ଯିବି । ନମିତାର ଫଟ ଖଣ୍ଡିକ ଚିଠି ଭିତରେ ପଠାଇଲି । ଇଚ୍ଛା କଲେ ନମିତାକୁ ଥରେ ଆସି ଦେଖିଯାଇ ପାରିବୁ । ଚିଠିରେ ସବୁକଥା ଲେଖିବୁ । ସିଧା ସଳଖ ଏ ପ୍ରସ୍ତାବରେ ତୁ ଯଦି ରାଜିହେଉ ତେବେ ବାପାଙ୍କ ମତ ନେବାକୁ ଶୀଘ୍ର ଯାଇ ପହଞ୍ଚିବି ।

ଚିଠି ଭିତରୁ ନମିତାର ଫଟଖଣ୍ଡିକ ରବି ବାହାର କରି ଦେଖିଲା । ରୂପରେ ସେ ଅଳକାର କୌଣସି ଗୁଣରେ କମ୍ ନୁହେ । କେଜାଣି କାହିଁକି ଫଟ ଖଣ୍ଡିକ ପ୍ରତି ତାର ମମତା ଜାଗିଉଠିଲା । ମନ ଗଗନରେ ଉଇଁ ଆସିଲା ନମିତା —ଝଡ଼ର ଅବସାନ ପରେ ପ୍ରକୃତି ପୃଥିବୀ ପର୍ବତର ନୂଆ ରୂପ ନେଲା ପରି ।

ପୁଣି ଦିନ କେଇଟା ପରେ ଭାଉଜଙ୍କର ଚିଠି । ରବି, ଚିଠିର ଉତ୍ତର ଦେଲ ନାହିଁ କି ଥରୁଟିଏ ଆସିଲ ନାହିଁ । ଅଳକା ତମ ଚିନ୍ତାରେ ଦିନୁଦିନ କ୍ଷୀଣ ହୋଇପଡ଼ୁଚି । ତାକୁ ଭୁଲ ବୁଝିବ ନାହିଁ । ସେ ତମକୁ ଭାରି ଭଲପାଏ ।

Digitized by srujanika@gmail.com

ହସିଲା ସଂଜ । ମଧୁର ସକାଳ—ମଣିଷ ଜୀବନରେ ଯେପରି ପ୍ରିୟ—ତମେ ଯେଉଁପରି ତା ନିକଟରେ ପ୍ରିୟ—ଅତି ପ୍ରିୟ ! ଏମିତି ଘୋଷା ହେଇ କଥା ନ କହିଲେ ଭାଉଜଙ୍କୁ ନେଇ ଘରେ ରହିବ କିପରି ? ଦୋଷ କଲେ ଦଣ୍ଡ ଦିଅ—ଭୁଲ କରିଥିଲେ କ୍ଷମା ଦିଅ । ମୋ ରାଣ, ତମେ ଥରୁଟିଏ ଆସ । ତମେ ଗଲାଦିନୁ ଆମ ଦୁହିଁଙ୍କ ମୁହଁରେ ହସଟିକିଏ ଫୁଟି ନାହିଁ ।

ତଥାପି ରବି ନିଜ ପ୍ରତିଜ୍ଞାରେ ଅଟଳ । ମଝିରେ ବାଇଶି ଦିନ କଟିଗଲା । ରବି ଚାକିରୀ ଅନ୍ୱେଷଣରେ କଟକ ଚାଲିଗଲା । ବୁଲି ବୁଲି ଦିନ କେତୁଟା ପରେ ଘରକୁ ଫେରିଆସିଲା । ଦେଖିଲା, ତା ଅନୁପସ୍ଥିତିରେ ଭାଉଜଙ୍କ ଚିଠି ଖଣ୍ଡେ କେବେଠୁଁ ଆସି ପହଞ୍ଚିଛି, ଖୋଲି ପଢ଼ିଲା ।

ରବି, ଭାଉଜଙ୍କ ଉପରେ ଏତେ ରାଗ ଯାଧୁଚ ଯେ ଚିଠିଗୁଡ଼ିକର ଜବାବ ବି ଦେଉନାହଁ । ଜୀବନର ପଥ ଉପରେ ପଡ଼ିଥିବା ଗୋଟିଏ ଫୁଲ—ତାକୁ ତମେ ଉଠାଇ ନେଇ ପୁଣି ଫୋପାଡ଼ି ଦେଲ କାହିଁକି ? ହୁଏତ ଆଉ କେହି ବାଟୋଇ ତା'ର ମୂଲ୍ୟ ବୁଝି ଆଦର କରିଥାନ୍ତା; କିନ୍ତୁ ତୁମେ ଯଦି ଫୁଲର ପାଖୁଡ଼ାରେ ଦାଗ ଆଙ୍କି ଦେଲ, ତେବେ ତାର ଆଶା ଆକାଂକ୍ଷା ଭରା ସଉରଭ ସବୁଦିନ ପାଇଁ ଗ୍ରହଣ କରିନିଅ—ଏତିକି ମୋର ଅନୁରୋଧ । ମୋ ଦେହ କେତେ ଦିନ ହେଲା ଭଲ ନାହିଁ—କ୍ରମାଗତ ଜର ଲାଗି ରହିଚି । ଭାଇ ଆସି ଦେଖି ଯାଇଛନ୍ତି । ମୋଠାରେ ଲୋଭ ଥିଲେ ତମେ ନିଶ୍ଚୟ ଆସିବ । ଭାଉଜ ମରିଗଲେ ତମକୁ ବହୁତ ଭାଉଜ ମିଳିବ । କିନ୍ତୁ ମୋତେ ତମ ପରି ସରଳ ଶାନ୍ତ ଦିଅରଟିଏ ଏ ଜୀବନରେ ଆଉ ମିଳିବ ନାହିଁ ।

ଭାଉଜଙ୍କ ଅଭିମାନ ଦରଦଭରା ଚିଠି ଖଣ୍ଡକ ରବି ପ୍ରତିଜ୍ଞାକୁ ତହଲାଇ ନିମିଷକେ ପାଣି କରିଦେଲା । ହୃଦୟରେ ଦୁଃଖର ଏକ ତୀବ୍ର ତଡ଼ିତ୍‌ର ଅନୁଭୂତି ଖେଳିଗଲା । ଆଖି ଆଗରେ ଦିଶିଲା, ଭାଉଜଙ୍କର ମଳିନ ମୁହଁ—ତେଜହୀନ ଆଖି—ହସବିହୀନ ଓଠ । ସେ ବୋଉଠାରୁ ଭାଉଜଙ୍କ ଦେହ ଖବର ପଚାରି ବୁଝିଲା । ତା'ପରଦିନ ସକାଳ ହେବାକ୍ଷଣି ସେ ବାହାରିପଡ଼ିଲା । ମାଳତୀପୁର ଗାଁ ଦାଣ୍ଡ ଛୁଇଁବାକ୍ଷଣି ତାକୁ ଭାରି ଖାପଛଡ଼ା ଲାଗିଲା ।

ପହଞ୍ଚିବାକ୍ଷଣି ଊର୍ମିର ଭାଇ ଉଦୟ କହିଲା, କିହୋ ରବିବାବୁ, ଏଥର ପୁଣି ଲୁଚି ଲୁଚି ପଳାଇଯିବ ନାହିଁ ତ ?

ଊର୍ମିର ମା କହିଲା, ବାପ, ତମେ ଯେଉଁଦିନ ଚାଲିଗଲ, ଊର୍ମି, ଅଳକା ତମରି ଚିନ୍ତାରେ ସେଦିନ ଉପାସ । ଏ କଣ ତମରି ଘର ନୁହେଁ । ବାୟା ପୁଅ ପରି ହେଲେ ସଂସାର କରିବ କିପରି ? ଚାଲ ସେ ଘରେ ଊର୍ମି ଅଛି । ତା ଦେହ ତି'ଦିନ ହେବ ଭଲ ଅଛି ।

ରବି କିଛି ନ କହି ମୃଦୁ ହସି ସିଧା ସଳଖ ଭାଉଜଙ୍କ ପାଖକୁ ଚାଲିଗଲା । ରବିକି ଦେଖି ଊର୍ମି ଆଖିରେ ଲୁହ ଛଳ ଛଳ ହେଇଉଠିଲା । କହିଲା, ଏତେ ଦିନେ ଭାଉଜ ବୋଲି ମନେ ପଡ଼ିଲା—ମରିଥିଲେ ମୋ ଉପରେ ଘାସ ଆଣ୍ଠୁଏ ହେଇ ସାରନ୍ତାଣି ।

Digitized by srujanika@gmail.com

ରବି କହିଲା, ମୁଁ କଟକ ଚାଲି ଯାଇଥିଲି । ମୋତେ କ୍ଷମା କର । ତମ ପରି ଝିଅଟିଏ ମୁଁ ଜୀବନ ଭିତରେ ପାଇବି ନାହିଁ ।

ସେଇଥିପାଇଁ ଏତେ ରାଗ ସାଧିଲ !

ତମରି ଅସାଧାରଣ ସ୍ନେହ ମୋର ସବୁ ରାଗ ମାନ ଅଭିମାନକୁ ଦୂରକୁ ଠେଲି ପୁଣି ପାଖକୁ ଟାଣିଆଣିଛି । ତମର ମହତ୍ ହୃଦୟ, ଅନାବିଳ ମମତା ମୋତେ ପୁଣି ବାନ୍ଧି ପକାଇଛି । ତମ ମନରେ ଦୁଃଖ ହେଲା ଭଳି ଆଉ କୌଣସି କାମ କରିବିନି ନୂଆବୋଉ—ମୁଁ କଥା ଦେଉଛି ।

ଊର୍ମି ମୁହଁରେ ବିଷାଦର ଅମାରାତି କାଟି ଉଇଁ ଆସିଲା ନୂତନ ଆଲୁଅ । ସେ ଆଲୁଅ ପୁଣି ଦୁହିଁଙ୍କ ମନ ଭିତରୁ ସବୁ ଗ୍ଲାନି ଦୂରକୁ ଠେଲି ଦୁହିଁଙ୍କୁ କରିଦେଲା ଅଭିନବ, ସୁନ୍ଦର ।

ଦୁହିଁଙ୍କ ଭିତରେ ଆଳାପ ଆଲୋଚନା ଜମିଉଠିଲା । ଊର୍ମି କହିଲା, ଅଳକା ସେଦିନ ତମ ମନରେ ଦୁଃଖ ଦେଇ ଅନୁତପ୍ତ । ତାକୁ ତମେ କ୍ଷମା ଦେବ ରବି ।

ନୂଆବୋଉ ତମକୁ ଅନୁରୋଧ କରୁଛି, ଅଳକା କଥା ମୋ ଆଗରେ ଆଉ ଉଠାଇବ ନାହିଁ, ତାକୁ ମୁଁ ଭୁଲି ଯିବାକୁ ଚେଷ୍ଟା କରୁଛି ।

କାହିଁକି ?

ଆଉ ଜଣକୁ ମୁଁ ଆପଣାର କରିବାକୁ ମନେ ମନେ ଠିକ୍ କରିସାରିଛି ।

ଊର୍ମି ବିସ୍ମିତ ହୋଇ ପଚାରିଲା, ସେ କିଏ ?

ରବି ପକେଟରୁ ଉମେଶର ଚିଠି ଓ ନମିତାର ଫଟ କାଢ଼ି ଦେଖାଇଲା ।

ଅଳକା ପ୍ରତି ଏତେ ବଡ଼ ପ୍ରତିଶୋଧ ନେବାକୁ ବସିଛ ରବି । ତମର ଏ ପ୍ରସ୍ତାବକୁ ମୁଁ ଅନୁମୋଦନ କରିପାରୁନାହିଁ । ଅଳକା ଆଖି ଆଗରେ ତମେ ଦିନେ ରଙ୍ଗିନ ଛବି ସୃଷ୍ଟି କରି ତାକୁ ପାଖକୁ ଟାଣିନେଲ । ସେ ନିରୀହା ସରଳାଟି ପ୍ରତି ଶେଷକୁ ଏଇ ବିଚାର । ଏଇଥିପାଇଁ ସେଦିନ କହୁଥିଲ ନାରୀ ଜାତିଟା ବଡ ସ୍ୱାର୍ଥପର ।

ରବି ଝିଅଟିଙ୍କ ମୁହଁକୁ ଚାହିଁଲା । ସତେ ଯେପରି ତାଙ୍କ ମୁହଁରେ ତା ପ୍ରତି ଘୃଣା ଜାଗିଉଠିଛି । ସେ ଅସହାୟ ହୋଇ ପଡ଼ିଲା ଓ ପଚାରିଲା, ତମର ଇଚ୍ଛା କ'ଣ ଖୋଲି କୁହ ନୂଆବୋଉ ।

ମୋର ଇଚ୍ଛା ବୁଝି ଆଉ ଲାଭ କ'ଣ ! ନମିତାକୁ ତ ତମେ ମନେ ମନେ ଠିକ୍ କରି ସାରିଛ ।

Digitized by srujanika@gmail.com

ଏବେ ବି ସମୟ ଅଛି ।

ମୁଁ ତମର କେହି ନୁହେଁ । ତମେ ଯା ଭଲ ମନେ କରୁଛ କର ।

ଊର୍ମି ଉଠି ଅନ୍ୟଆଡ଼କୁ ଚାଲିଯିବାକୁ ବସିଲା । ରବି ହାତ ଧରି କହିଲା, ତମର ଇଚ୍ଛା କଣ କୁହ ନୂଆବୋଉ ! ମୋତେ ପର ବୋଲି ଭାବିବା ଆଗରୁ ନିଜ ହାତରେ ମାରି ଦେଇଯାଅ ।

ରବିର ପ୍ରାଣସ୍ପର୍ଶୀ ନିବେଦନରେ ଊର୍ମି ତରଳିଗଲା । କହିଲା; ଅଳକା ପ୍ରତି ଅବିଚାର କଲେ ମୁଁ ସହ୍ୟ କରିପାରିବି ନାହିଁ ।

ତେବେ ତମରି କଥା ହେବ ନୂଆବୋଉ ! ଏଇ ଫଟ ଓ ଚିଠିକୁ ମୁଁ ଚିରିଦେଉଛି ।

ରବି ତାହା ହିଁ କଲା । ଊର୍ମି ମୁହଁରେ ହସ ଝଟକିଲା ।

ଦିଂପହରେ । ଅଳକା ଆସି ପହଞ୍ଚିଲା । ଲାଜରେ ସେ ରବିବାବୁଙ୍କୁ ମୁହଁ ଦେଖାଇବାକୁ ପ୍ରଥମେ ଯାଇପାରିଲା ନାହିଁ । ଊର୍ମି କହିଲା—କିଲୋ, ଏତେ ଲାଜ ଯଦି କରୁଚୁ କାହିଁକି ଆସିଲୁ ? ସେ ତା ହାତଧରି ଟାଣି ଟାଣି ନେଇ ରବି କତିରେ ଛାଡ଼ିଦେଲା । ହସି ହସି କହିଲା, ଲାଜକୁଳୀ ଲତାଟିର ସବୁ ଦୋଷ କ୍ଷମା କରି ପୁଣି ପାଖକୁ ନିଅ ରବି । ତମ କଥା ଭାବି ଭାବି ଦେଖୁନା ତାର ରୂପ ସଉରଭ କିପରି ମଉଳି ଯାଇଚି । ଏଥର ତମଠୁଁ ସେ ଦୂରେଇ ଯାଇପାରିବ ନାହିଁ । ନିଅ, ହାତ ଧର । ଅଳକାର ହାତଟା ଟାଣି ରବି ହାତ ମୁଠାରେ ଜବରଦସ୍ତି ରଖିଦେଲା ।

ଅଳକା ଆପତ୍ତି କଲା ନାହିଁ; କିନ୍ତୁ ରବି ଲାଜରେ ହାତ ଛାଡ଼ିଦେଲା ।

ଏତେ ଯଦି ଲାଜ, ତେବେ ମୁଁ ଅନ୍ତର ହେଇଯାଉଛି । ମୋ ଯିବାପରେ ଯଦି ତାଣେ ତମେ ଅଳକା ପ୍ରତି ପୂର୍ବ ଅତ୍ୟାଚାର ଆରମ୍ଭ କରିଚ, ତେବେ ଫେରି ଆସି ଉପଯୁକ୍ତ ଶାସ୍ତି ଦେବାକୁ ଛାଡ଼ିବି ନାହିଁ ।

ଊର୍ମି ହସି ହସି ଦୁହିଁଙ୍କ ଭିତରୁ ଅପସରିଗଲା ।

ଭାଉଜ ଯିବାପରେ ଘଡ଼ିଏ କାଳ ମଉନରେ ବିତିଗଲା । ଦୁହେଁ ଦୁହିଁଙ୍କୁ ଚାହିଁ ପାରିଲେ ନାହିଁ । କଥା ଆରମ୍ଭ କରି ଅଳକା କହିଲା, ସେଦିନ କଥାକୁ ଭୁଲିଯାଇ ମୋତେ କ୍ଷମା ଦେବେ ।

ରବି ହସି ହସି କହିଲା, ଅତୀତ ଯାଇଚି, ବର୍ତ୍ତମାନ ଉପରେ ଛିଡ଼ା ହେଇ କିଛି ନୂଆ କଥା କୁହ ଅଳକା ।

ଜୀବନର ଗତି ଆଗକୁ ଚାଲିଛି । ଯେତିକି ସେ ନୂତନକୁ ସ୍ୱାଗତ କରୁଚି ସେତିକି ସେ ପୁରାତନ ଭିତରେ ଛନ୍ଦି ହେଇ ପଡ଼ୁଚି । ସେଥିପାଇଁ ନୂଆ ପୁରୁଣା

Digitized by srujanika@gmail.com

ସବୁବେଳେ ଜୀବନ ଉପରେ ଆଲୁଅ ଓ ଛାଇ ପରି ଲାଗି ରହିଚି । ପୁରୁଣାକୁ ଭୁଲି ହେବ କିପରି ? ଏତେ ବଡ଼ ରାଗ ଅପଣ ମୋ ଉପରେ ନ ସାଧି ଭାଉଜଙ୍କ ଉପରେ ସାଧିଲେ କାହିଁକି ?

ରାଗବେଳେ ବିଚାର ଶକ୍ତିର ଅଭାବ ହୁଏ—ସେଇଥିପାଇଁ ।

ଏତେ ପାଠ ପଢ଼ିଛନ୍ତି—ବିଚାର ଶକ୍ତିର ଅଭାବ ହେଲେ ଆମର ନୂତନ ବାଟକୁ ନିଜର ଆଦର୍ଶରେ ସଜାଡ଼ିବ କିଏ ? ତମେମାନେ ପରା ଆଗୁଆ ଦେଶ, ସମାଜ, ଜାତି, ଘରେ, ପୁଣି ବାହାରେ ।

ମୋର ଭୁଲ ହେଇଚି । କଣ ଦଣ୍ଡ ଦେବ ଦିଅ ଅଳକା ! ତମ ଦଣ୍ଡ ହସି ହସି ଗ୍ରହଣ କରିବା ଭଳି ଶକ୍ତି ମୋର ଅଛି । ସ୍ନେହରେ ରବି ଅଳକାକୁ ନିଜ କୋଳ ଭିତରକୁ ଟାଣିନେଲା ।

କଣ ଦଣ୍ଡ ଦେବ ଅଳକା ଭାବିପାରିଲା ନାହିଁ । ସେ ନିଜ ମୁହଁ ରବି କୋଳରେ ଲୁଚାଇଲା । ଘନ ଘନ ଚୁମ୍ବନ ନଇଁଆସିଲା ଅଳକାର ଢଳ ଢଳ ସୁନ୍ଦର ମୁହଁ ଉପରକୁ । ଘଡ଼ିଏ ପାଇଁ ଦୁହେଁ ଦୁହିଁଙ୍କୁ ଭୁଲିଗଲେ । ଦୁହିଁଙ୍କ ପ୍ରାଣରେ ଗୁଞ୍ଜରି ଉଠିଲା ବିଚ୍ଛେଦ ପରେ ମିଳନର ମଧୁ ସଙ୍ଗୀତ ।

ଝରକାରେ ଜହ୍ନ ଆଲୁଅ ଛପି ଛପି ଘର ଭିତରେ ଅନ୍ଧାରକୁ ତଡ଼ିବାକୁ ଚେଷ୍ଟା କରୁଥିଲା । ପ୍ରକୃତିର ଶୋଭା ସମ୍ପଦ ଫିଟିପଡ଼ି ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିଲା । ରୂପାର କାଉଁରୀ କାଠି ଛୁଇଁଲାପରି ରଜନୀବଧୂ ଅଚେତ ହୋଇ ପଡ଼ିଥିଲା । ଅସୀମ ନୀରବତା ଭଙ୍ଗ କରି ଭାସିଆସୁଥିଲା କେଉଁ ବିରହୀର ବଇଁଶୀର ତାନ । ସମୀର ପୁଲକରେ ସେ ତାନ ହୃଦୟକୁ ଆହ୍ୱାନ ଜଣାଇ କହୁଥିଲା ଭାସିଯିବାକୁ କଳ୍ପନା ରାଇଜକୁ । ନୀଳ ଆକାଶ ତଳେ ଦୁଆର ମଝିରେ ତିନିଙ୍କ ମଧ୍ୟରେ ଚାଲିଛି କେତେଆଡ଼ର ଗପ । ହସ ଖୁସିର ଆଲୋଚନା ଥଟା ପରିହାସ । ତିନିଙ୍କ ହୃଦୟର ଅନାବିଳ ଆନନ୍ଦଧାରା ଫିଟି ପଡ଼ିଚି । ସେଥିପାଇଁ କଥା ଗଣି ପଡ଼ି ଲମ୍ବି ଲମ୍ବି ଯାଉଚି । ସତେ ଯେପରି ଅଛିଣ୍ଡା—ଏଇ ତାରା ଫୁଲ ଖଞ୍ଜା ସରଗ ଚାନ୍ଦୁଆ ପରି ।

ରାତି ଧୀରେ ଧୀରେ ବଢ଼ି ଚାଲିଲା । ଊର୍ମିର ମା ଆସି ଟାଳି ଦେବାରୁ ତିନିଙ୍କ ଭିତରେ କଥାର ଲହଡ଼ି ଅଟକିଲା ।

ଊର୍ମି କହିଲା; ଆଜି ଏଇଠି ଖାଇବୁ ଅଳକା, ଘରକୁ ଯିବୁ ନାହିଁ ।

ଊର୍ମିର ମା ଗୋଟିଏ ଜାଗାରେ ଭାତ ବାଢ଼ି ତିନିଙ୍କୁ ଖାଇବାକୁ ଦେଲା । ଥଟା ପରିହାସ ଭିତରେ ଖାଇସାରି ତିନିହେଁ ଉଠିଲେ । ରାତି ସେତେବେଳକୁ ଦୁଇଟା । ଖାଇସାରି ସମସ୍ତେ କିଏ କୁଆଡ଼େ ଶୋଇ ପଡ଼ିଲେଣି । ଅଳକା କହିଲା, ଊର୍ମି ଅପା, ବାହାରେ ଚାଲ ଛିଡ଼ା ହେବ—ମୁଁ ଘରକୁ ଯିବି । ଊର୍ମି କହିଲା; ଏତେ ରାତିରେ କୁଆଡ଼େ ଯିବୁ । ଆଜି ରାତିକ ଆମରି ଘରେ ଶୋଇ ପଡ଼ିବୁ ।

Digitized by srujanika@gmail.com

ଦୁହେଁ ଶୋଇବାକୁ ଗଲେ । ପାଖ ଘରେ ରବି ଶୋଇଲା ।

ଖଟ ଉପରେ ପଡ଼ି ରହିଲା ସିନା, ରବିକୁ ମୋଟେ ନିଦ ହେଲା ନାହିଁ । ଅଳକାର ରୂପ ଲାବଣ୍ୟ ତା ଆଖି ଆଗରେ ଖାଲି ମରୀଚିକା ପରି ଭାସିଉଠିଲା । ସେ ତାକୁ ଖୋଜି ଖୋଜି କଳ୍ପନାରେ ଦଉଡ଼ିଲା ସିନା—କିନ୍ତୁ ପାଇପାରିଲା ନାହିଁ । ଯନ୍ତ୍ରଣାରେ ଛଟପଟ ହେଲା । କାନ୍ଥ ଘଡ଼ିରେ ଦୁଇଟା ବାଜିଲା । ଭାରି ଗରମ ଲାଗିଲାରୁ କବାଟ ଖୋଲି ରବି ବାହାରକୁ ଉଠିଆସିଲା । ହଠାତ୍ ଆଖି ଆଗରେ ଅଳକା ଦୁଆର ମଝିରେ ଛିଡ଼ା ହୋଇଛି । ରବି ପଚାରିଲା, ଏଠି କାହିଁକି ଛିଡ଼ା ହେଇଛ ।

ଭାରି ଗରମ ହେବାରୁ ନିଦ ହେଲା ନି । ଉଠିଆସି ଟିକିଏ ପବନ ଖାଉଥିଲି ।

ରବି ପାଖକୁ ଘୁଞ୍ଚିଯାଇ ଧୀର ଗଳାରେ କହିଲା, ଅଳକା; ମୋତେ ବି ଆଜି ନିଦ ହେଉ ନାହିଁ । ଘର ଭିତରକୁ ଆସ—ଦୁହେଁ ବସି ଗପ କରିବା ।

ଏତେ ରାତିରେ କିଏ ଜାଣିବ ଯଦି ମୁଁ ଲଜ୍ଜାରେ ମୁହଁ ଦେଖାଇ ପାରିବି ନାହିଁ ।

ସମସ୍ତେ ଶୋଇଛନ୍ତି । ତମେ ଆମ ଅଳକା । ଏତେ ପାଖରେ ଥାଇ ଦୂରକୁ ଘୁଞ୍ଚି ଯାଅନା । ରବି ଅଳକାର ହାତଧରି ନିଜ ଘର ଭିତରକୁ ନେଇ ଆସିଲା । ଧୀରେ ଧୀରେ ଦରଜା ଦେଇଦେଲା । ଘର ଭିତରେ ପଡ଼ୁଆଁବାକ୍ଷଣି ଅଳକା ଅଜଣା ଭୟରେ ଥରିଉଠିଲା । ରବି କହିଲା, ଅଳକା, ଭୟ କରନା, ଦିନେ ତମେ ମୋରି ପାଖକୁ ଲାଗି ଆସିଥାନ୍ତ, ଆଜି ନିବିଡ଼ ବନ୍ଧନରେ ବାନ୍ଧି ହୋଇ ପଡ଼ିଲେ କ୍ଷତି କଣ ? ତମରି ଭାବନାରେ ମୋତେ ନିଦ ହେଉନାହିଁ । ଭାବନାରୁ ଛୁଟିଦିଅ । ଆଖିରେ ନିଦ ଦେଇ ଶାନ୍ତିରେ ଶୋଇବାକୁ ଦିଅ, ଆସ ଅଳକା ।

ଅଳକା ଲାଜରେ କିଛି କହିପାରିଲା ନାହିଁ । ତା ହୃଦୟ ଅଜଣାରେ ରବି ପ୍ରତି ଢଳିପଡ଼ିଥିଲା । ସେ ପାଖକୁ ଘୁଞ୍ଚିଗଲା । ରବି ଅଳକାକୁ କୋଳ ଭିତରକୁ ଟାଣି ନେଲା । ଦୁହିଙ୍କ ଭିତରେ ନିଦ୍ରିତ ପ୍ରେମକଳି ଫୁଟି ଫୁଟି ଗଲା । ତା'ରି ଉଚ୍ଛୁଳା ଗନ୍ଧରେ ଦୁହିଁଙ୍କ ଭିତରେ ପ୍ରେମର ବିନିମୟ ହେଲା । ହୃଦୟ ହୃଦୟକୁ ଆପଣା କରି ଡାକି ନେଲା ଦିଗ ଆରପାରିକି ।

ଦୁହେଁ ଅବଶ ହୋଇ ଶୋଇପଡ଼ିଲେ । ଅଳକା ବି ପ୍ରେମନିଶାରେ ଭୁଲିଗଲା, ସେ ଊର୍ମି ଅପା ପାଖରୁ ଉଠି ଆସିଚି ବୋଲି । ରବି ବାହୁବନ୍ଧନ ଭିତରେ ତାର ସତ୍ତା ଲିଭି ଯାଇଥିଲା ।

ଊର୍ମି ନିଦ ଭାଙ୍ଗିବାରୁ ସେ କର ଲେଉଟାଇ ଖୋଜିଲା ଅଳକା ନାହିଁ । ମନରେ ସନ୍ଦେହ ହେଲା । ବାହାରିକୁ ଉଠିଆସି କାହାରିକୁ ଦେଖିବାକୁ ପାଇଲା ନାହିଁ । ତେବେ କଣ ଅଳକା ରବି କତିରେ ଶୋଇଚି—ମନରେ ପ୍ରଶ୍ନ ଘୁରେଇ

Digitized by srujanika@gmail.com

ଚୁପରେଇ ହେଲ୍। ହଠାତ୍ ରବି ଘର କବାଟ ଖୋଲିବାର ଶବ୍ଦ ହେଲ୍। ମେ ପଳାଇ ଆସି ନିଜ ବିଛଣାରେ ଢଳି ପଡ଼ିଲି।

ସତକୁ ସତ ଟିକିଏ ପରେ ଅଳକା ଆସି ପାଖରେ ଶୋଇଲା।

ଊର୍ମି ପଚାରିଲା, କି ଲୋ କୁଆଡ଼େ ଯାଇଥିଲୁ ?

ଭାରି ଗରମ ହେଲା। ଟିକିଏ ଦୁଆରେ ଛିଡ଼ା ହେଇଥିଲି।

କାହିଁ ଦୁଆରେ ତ ଦେଖାଯାଉ ନଥିଲୁ !

ଊର୍ମି ଅପା କଥା ଶୁଣି ଅଳକାର ହୃଦୟ ଶୁଖିଲା। ଭାବିଲା, ଧରା ପଡ଼ିଲାଣି ଯେତେବେଳେ ଆଉ ତାର ନିସ୍ତାର ନାହିଁ।

କି ଲୋ ପାଟିରୁ କଥା ବାହାରୁ ନାହିଁକି ? କୋଉ ପ୍ରେମିକ ନିମନ୍ତ୍ରଣ ରଖିବାକୁ ଯାଇଥିଲୁ ?

ଅଳକା ଊର୍ମି ଅପା କୋଳରେ ମୁହଁ ଲୁଚାଇଲା। ସରମରେ ତା' ପାଟିରୁ କଥା ବାହାରିଲା ନାହିଁ।

କମ୍ ସାହସ ତ ତୋର ନୁହେଁ। ମୋତେ ଏକଲା ଛାଡ଼ି ଲୁଚି ଲୁଚି ଯାଇ ରବି କତିରେ। ଆଜିଠୁ ଏତେ—ବିବାହଗଣ୍ଠି ପଡ଼ିଲେ ହବୁ କେତେ ? ମଉନମୁହାଁ ଭାରି ଢଣେ—ବାହାରକୁ ଗୋଟିକ ଯାକ ତୁଳସୀ।

ଅଳକା ମୁରୁକି ମୁରୁକି ହସୁଥିଲା।

ରାତି ସେତେବେଳକୁ ପାଞ୍ଚଟା ବାଜିଗଲାଣି। ଭୋର ହେବାକୁ ଆଉ ବେଶି ଡେରି ନାହିଁ।

ସକାଳେ ରବିକୁ ଟିକିଏ ଡେରିରେ ଉଠିବାର ଦେଖି ଊର୍ମି ହସି ହସି କହିଲା, ଅଳକାକୁ ନେଇ ଆଗରୁ ମଧୁଶଯ୍ୟା ସାରି ଦେଲ। ଭଉଜକୁ ରୀତିମତ ବୋକା ବନେଇ ଠକିଦେଲ।

ରବି ଲାଜରେ କିଛି କହି ପାରିଲା ନାହିଁ। ଖାଲି ଦର ଦର ହସିଲା।

ସାତୋଟି ଦିନ ଛାୟା ଛବି ପରି କଟାଇ ରବି ଫେରି ଆସିଲା। ଆସିଲାବେଳେ ଅଳକା ଆଖିରେ ଲୁହ।

ରବି କହିଲା, ଲୁହ କାହିଁକି ? ଆଉ ଦିନ କେଇଟା ଅପେକ୍ଷା କରି ପାରୁନ।

ଅଳକା ନିରୁତ୍ତର।

ରବି ତା ଆଖିରୁ ଲୁହ ପୋଛି ବିଦାୟ ନେଲା।

Digitized by srujanika@gmail.com

ଚାରି ମାସ ପରେ । ଊର୍ମି ଶାଶୁଘରକୁ ଫେରି ଆସିଲା । ଘରେ ପହଞ୍ଚିବା କ୍ଷଣି ଅଳକା ସହିତ ରବିର ବିବାହ ପ୍ରସ୍ତାବ ଉଠାଇଲା । ପ୍ରଥମେ ସ୍ୱାମୀଙ୍କ ମତ ନେଇ ଶାଶୁ ଶଶୁରଙ୍କୁ ଜଣାଇଲା । ଶାଶୁ କହିଲେ, ମୋର ଧନ ଦଉଲତ ଲୋଡ଼ା ନାହିଁ । ବାଛି ବାଛି ତୋରି ପରି ଝିଅଟିଏ ଆଣିବୁ, ଯେପରି ରୂପରେ ଗୁଣରେ ସେ ସମସ୍ତଙ୍କୁ ଆପଣାର କରିପାରିବ । ଶଶୁର କହିଲେ, ମା' ତମେ ଯେତେବେଳେ ରବି ବାହାଘର ଠିକ୍ କରିସାରିଚ— ଗୋଟିଏ ଚିନ୍ତାରୁ ମୋତେ ଛୁଟି ମିଳିଲା । ତାକୁ ନେଇ ତୁ ଘର ଚଳାଇବୁ । ଦୀପରୁ ତେଲ ସରିବା ଉପରେ—ଆମେ ଆଉ କେତେଦିନ । ଯାହାକୁ ରବିର ବୋହୂ କରି ଆଣିବୁ, ସେ ତୋତେ ଆପଣାର କରି ବଂଶର ମର୍ଯ୍ୟାଦା ତଳେ ନ ପକାଇଲେ ସେତିକିରେ ମୁଁ ସନ୍ତୁଷ୍ଟ । ତୁ ଏ ଘରର ଲକ୍ଷ୍ମୀ । ତୋ ମନ ଯେତେବେଳେ ପାଇଚି, ଏ ପ୍ରସ୍ତାବରେ ମୁଁ ଅମତ ନୁହେଁ । ଖାଲି ରବିକି ଟିକିଏ ପଚାର—ଆଜିକାଲିକା ପିଲା ।

ତାଙ୍କ ମତ ମୁଁ ନେଇ ସାରିଚି ବାପା—ସେ ଅଳକା ଛଡ଼ା ଆଉ କାହାରିକୁ ବାହା ହେବେ ନାହିଁ ।

ତେବେ ଆଉ ଡେରି କରି ଲାଭ କ'ଣ ? ଏଇ ଫଗୁଣରେ ବାହାଘରର ଆୟୋଜନ କର । କନ୍ୟାର ପିତା ଏଥିରେ ଅମତ ନୁହେଁ ତ ?

ସେମାନେ ଖାଲି ଆପଣଙ୍କ 'ହଁ'କୁ ଚାହିଁ ବସିଛନ୍ତି ।

ତେବେ ସେମାନଙ୍କୁ ଲେଖିଦେ । ସେମାନେ ମହାପ୍ରସାଦ ନିର୍ବନ୍ଧ ପାଇଁ ଦିନ ସ୍ଥିର କରି ଯାଆନ୍ତୁ ।

ଦିନ କେଇଟା ପରେ ମହାପ୍ରସାଦ ନିର୍ବନ୍ଧ ସରିଲା । ବାହାଘରର ଆୟୋଜନ ଚାଲିଲା ।

ଧୀରେ ଧୀରେ ବନ୍ଧୁ ବାନ୍ଧବ ଆଗମନ ଓ କୋଳାହଳରେ ଘର ମୁଖରିତ ହୋଇଉଠିଲା । ରବିର ମନ ଓ ହୃଦୟ ଛନ୍ଦ ମଧୁରତାରେ ପରିପୂର୍ଣ୍ଣ

Digitized by srujanika@gmail.com

ହୋଇଗଲା । ଅଳକାକୁ ଅତି ଆଗ୍ରହରେ ନିଜ ପାଖକୁ ଟାଣି ଆଣିବା ପାଇଁ ସେ ଯେଉଁ ମଧୁର ସ୍ୱପ୍ନ ଦେଖି ଆସିଥିଲା—ତାହା ବାସ୍ତବ ରୂପ ନେଲା ।

ଅଳକା ଏହି ଘରର ବୋହୂ ହୋଇ ଆସୁଛି ବୋଲି ଊର୍ମି ଭାଉଜର ଆନନ୍ଦର ସୀମା ନାହିଁ । ଏତେ ଦିନ ପରେ ସେ ତାର ମନଲାଖି ଯା' ତ ନୁହେଁ—ଭଉଣୀଟିଏ ପାଉଛି । ରବି ଓ ଅଳକାର ଯୋଡ଼ି ସତରେ କି ସୁନ୍ଦର ! ବିବାହ ଦିନ ଯେତିକି ନିକଟ ହୋଇଆସୁଛି—ଆନନ୍ଦ ଓ ମଧୁରତାରେ ଊର୍ମିର ପାଦ ଦୁଇଟି ତଳେ ଲାଗୁ ନାହିଁ ।

ବସନ୍ତ ଆସିଲା—ଗଛଲତାରେ ଲାଗିଲା ନୂଆ ପତର । କୋଇଲି ଗାଇଲା ଗୀତ । ରାଶି ରାଶି ଫୁଟିଲା ବସନ୍ତ ଋତୁର ଫୁଲ । ଦକ୍ଷିଣା ପବନ ଦେହ ମନରେ ଭରିଦେଲା ନୂତନ ମାଦକତା । ଗଗନ ପବନରେ ବାଜି ଉଠିଲା ଏତେ ଦିନେ ପୁଣି ବସନ୍ତ ଫେରି ଆସିଚି ଧରଣୀକୁ । ଘାସଫୁଲ ମଧୁ ଆହରଣ କରି ବୁଲାପକ୍ଷୀ ଝୁସିରେ ଉଡ଼ି ଉଡ଼ି ବୁଲିଲା । ଆମ୍ବ ବକୁଳର ବାସନା କହିଦେଲା, ବସନ୍ତ ଆସିଚି ଗୋ ଦିଗବଧୂ ତମେ ତମର ଅର୍ଚ୍ଚନା ଘେନି ସ୍ୱାଗତ କରି ନେବାକୁ ଶୀଘ୍ର ଆସ । ନଇଲେ ଦଗାଦିଆ ବସନ୍ତ ପୁଣି କୁଆଡ଼େ ପଳାଇବ । ବକୁଳର କଥା ପୁଣି ଦିଗବଧୂ ବାଇଲା ଆଗମନୀ ଶଙ୍ଖ ।

ବସନ୍ତର ଲଳିତ ମଧୁର ଲଗନରେ ଅଳକା ସହିତ ରବିର ବନ୍ଧନ ସାରା ଜୀବନ ପାଇଁ ଏକ ହୋଇଗଲା । ଭଲି ଭଳିକି ବାଜା, ଅସୁମାରି ବାଣ, ଜାକଜମକ ଶୋଭାଯାତ୍ରା ଭିତରେ ରବି ଯେତେବେଳେ ଅଳକାକୁ ସାଙ୍ଗରେ ଧରି ଫେରିଆସିଲା—ଭାଉଜ ହସି ହସି କହିଲେ, ଏତେ ଦିନେ ରଜାପୁଅ ଗଡ଼ ଜିତି ଫେରିଲେ । ରବି ହସିଲା ପରିତୃପ୍ତିଭରା ହସ ।

ବନ୍ଦାପନା ସାରି ସବାରି ଭିତରୁ ଅଳକାକୁ ଘରକୁ ନେଲାବେଳେ ହସି ହସି ଊର୍ମି କହିଲା, ଥିରି ଥିରି କରି ଚାଲ ଗୋ ରଜଜେମା, ହାତେ ଓଢ଼ଣା ଟାଣିଚ—ନଇଲେ ଝୁଣ୍ଟିପଡ଼ି ଲୋକହସା କରିବ । ଓଢ଼ଣା ତଳେ ଅଳକା ମୃଦୁ ମୃଦୁ ହସୁଥିଲା ।

ଅଳକା ଓ ରବି ଆଜି ଦୁହେଁ ଗୋଟିଏ ବୃନ୍ତରେ ଦୁଇଟି ଫୁଲ । ଦୁହିଁଙ୍କ ଜୀବନର ପ୍ରଥମ ଅଙ୍କ ଶେଷ ହୋଇ ଦ୍ୱିତୀୟ ଅଙ୍କ ଆରମ୍ଭ ହେଲା ।

ମଧୁଶଯ୍ୟା ରାତିରେ ଅଳକାକୁ ଟାଣି ଟାଣି ରବି କତିରେ ଛାଡ଼ି ଦେଇ ଊର୍ମି ହସି ହସି କହିଲା, ମଧୁଶଯ୍ୟା ଆଗରୁ ସାରି ଦେଇଚ ବୋଲି ଆସିବାକୁ ମନ ନାହିଁ ନା କ'ଣ ? ଅଳକା ମୃଦୁ ମୃଦୁ ହସିଲା । ରବିକୁ ଲକ୍ଷ୍ୟ କରି ଊର୍ମି କହିଲା, ଜୀବନର ମଧୁପାତ୍ର ଏକାରାତିକେ ଶେଷ କରିଦେବ ନାହିଁ । ଅଳକାକୁ ପାଖକୁ ନେଇ ମୋତେ ଏଥର ଛୁଟି ଦିଅ । ରବି ଲାଜରେ କିଛି କହିପାରିଲା ନାହିଁ ।

ଭାଉଜଙ୍କ ମୁହଁରେ ଉଛୁଳା ହସ ଲହଡ଼ି ଖେଳୁଥିଲା । ସେ ଧୀରେ ଧୀରେ କବାଟ ଆଉଜାଇ ଆସିଲେ ।

Digitized by srujanika@gmail.com

ଦୀପାଲୋକ ଦୁହିଁଙ୍କ ପ୍ରୀତିବନ୍ଧନର ରହିଲା ମୂକସାକ୍ଷୀ । ରବି ଅଳକାକୁ କୋଳକୁ ନେଲା । ଦୁହିଁଙ୍କ ଜୀବନର କଳ୍ପିତ ଆଶା ଆକାଂକ୍ଷା ଆଜି ଏକ ହୋଇଗଲା । ଦୁହିଁଙ୍କ କାନ ପାଖରେ ରଣିତ ହେଲା ମିଳନର ଏକ ମଧୁସଙ୍ଗୀତ । ସେ ସଙ୍ଗୀତର ମୂର୍ଚ୍ଛନା ମନପ୍ରାଣକୁ ସ୍ପର୍ଶ କରିଚାଲା ।

ଅଳକା ଦିନ କେଇଟା ଭିତରେ ଶାଶୂ, ଶଶୁର ଓ ପଡ଼ୋଶୀ ଝିଅ ବୋହୂମାନଙ୍କୁ ନିଜ ଗୁଣରେ ଆପଣାର କରିପାରିଲା । ଗାଁରେ ସମସ୍ତଙ୍କ ମୁହଁରେ ଅଳକାର ପ୍ରଶଂସା ଫୁଟିଉଠିଲା । ଉର୍ମିର ଛାତି ଗର୍ବରେ ଫୁଲିଉଠିଲା । ରବି ଆନନ୍ଦରେ ଆତ୍ମହରା ହୋଇପଡ଼ିଲା ।

ଉର୍ମି ଅଳକା ଦି' ଭଉଣୀ । ଏକା ମା' ପେଟର ନ ହେଲେ ବି ବିଧାତା ଏକାଛାଞ୍ଚରେ ଗଢ଼ିଚି ଦୁହିଁଙ୍କୁ । ଦୁହେଁ ଏକା ଲତାର ଦୁଇଟି ଫୁଲ । ଅଳକା ଉର୍ମି ଅପାକୁ କାମ କରଇ ଦିଏନା । ଉର୍ମି ରାଗେ, ଅଭିମାନ କରେ । କୁହେ, ତୁ ପର ଏଡ଼ି ସମୟତକ ହସି ଖେଳି ଦିନ କାଟିବୁ ! ମୋତେ କ'ଣ କାମ ବଳାଉଛି । ତୁ ଯା, ରବି ଖବର ବୁଝିବୁ । ଜାଣୁ ତ ସେ କେଡେ ରାଗୀ । ତା' ଚିନ୍ତା ତୋତେ ଦେଲି, ଆଉ କାମ ସବୁ ମୋର । ଜୋର କରି ବଳେ ପଶି ଅଳକା କାମ କରେ । ଉର୍ମି ରାଗ ପକାଏ । କ'ଣ କହିବ—କାମ ଛାଡ଼ି ତୁନି ହୋଇ ଚାଲିଆସେ । ଶାଶୁଙ୍କ ପାଖରେ ଫେରାଦ ହୁଏ । ଶାଶୁ ହସନ୍ତି । କହନ୍ତି, ବଡ଼ ଯା' ଯାହା କହିବ, ତା' ମାନି ଚଳିଲେ ଘର ସୁନ୍ଦର ହେବ । ଯା' ରବି ତେଣେ ଖୋଜୁଥିବ ।

ଅଳକା ମନମାରି ପଳାଇ ଆସେ ।

ରବି ପଚାରେ, କି, ମଳିନ ମୁହଁ କାହିଁକି ? କିଏ କ'ଣ କହିଲା !

ଅଳକା ସବୁ କଥା କହେ । ରବି ହସେ । କୁହେ, ଏଇଥିପାଇଁ ଅଭିମାନ ? ନୂଆବୋଉ ମୋ ଚିନ୍ତା ତୋତେ ତ ଦେଇଛନ୍ତି । ପୁରୁଣା ହେଲେ କାମ ମିଳିବ—ଭାବନା କାହିଁକି ?

ତମରି ପାଖରେ ଖାଲି ରାତିଦିନ ବସିବି । ଘରେ ବାହାରେ କ'ଣ କହିବେ ?

କହିବେ, ଅଳକା ଭଳି ସ୍ୱାମୀ ସୁହାଗୀ—ଏଇ କଥା ତ । ରବି ହସି ହସି ଅଳକାକୁ କୋଳକୁ ଟାଣିନେଇ ଆଦର କରେ । ଅଳକାର ଅଭିମାନ କ୍ଷଣକରେ ମିଳାଇଯାଏ ।

ଉର୍ମି ଅଳକା ମୁଣ୍ଡ କୁଣ୍ଡାଇ ତା'ର ଚିକ୍କଣ ଜୁଡ଼ାରେ ଖୋସିଦିଏ ନିଇତି ବଗିଚାରୁ ଫୁଲ ତୋଳିଆଣି କେତୋଟି ସଜଫୁଟା ଫୁଲ । ମୁଣ୍ଡରେ ସିନ୍ଦୂର ଟୋପାଟି ଦେଇ ଆଖିରେ କଜ୍ଜଳଗାର ଟାଣିଦିଏ । ଅଳକାକୁ ଥଟ୍ଟା କରି କୁହେ, ତୋର ମୁହଁଟି କେଡେ ସୁନ୍ଦର ଦିଶିଲା ଦେଖିଲୁ । ଅଳକା ହସି ହସି କହେ, ଅପା ମୋତେ ନିଇତି ତୁମେ ଇମିତି ବେଶ କଲେ ସାଇପଡ଼ିଶା କଣ କହିବେ ?

Digitized by srujanika@gmail.com

କୁହନ୍ତୁ, ସାଇପଡ଼ିଶା ତ ଆସି ଘର କରିଦେବେ ନାହିଁ ।

ତମ ଲେଖାରେ ମୁଁ କଣ ଛୋଟ ଛୁଆଟିଏ ହୋଇଛି ଅପା !

ହଁ ଲୋ ଅଳକା, ମୋ ଆଖିରେ ସବୁଦିନେ ତୁ ଛୋଟ ଭଉଣୀ ପରି । ହସି ହସି ଊର୍ମି ଅଳକାକୁ କୋଳକୁ ଟାଣିନିଏ ।

ଯା' ନୁହେଁ—ବଡ଼ ଭଉଣୀ । ଅଳକା ଭାବେ ଏମିତି ଭଉଣୀ ଯଦି ସବୁ ଘରେ ଏଇ ଆଦର୍ଶରେ ଉଭା ହୁଅନ୍ତେ—ତେବେ ଏଇ ମାଟିଘର ହିଂସା ଆଉ ଦ୍ୱେଷ ପରିବର୍ତ୍ତେ ସୁଖ ସାଗରରେ ହସିଉଠନ୍ତା ।

ରାତିରେ ଅଳକାକୁ ଦେଖି ରବି କୁହେ, ଦିନକୁ ଦିନ ତମେ ଖୁବ୍ ସୁନ୍ଦର ହୋଇ ଉଠୁଚ ଅଳକା ! ତମକୁ ଛାଡ଼ି ମୁଁ କୁଆଡ଼େ ଯାଇପାରିବି ନାହିଁ । ଅଳକା ହସେ । କୁହେ ସ୍ୱାମୀ ! ଏତେବଡ଼ ସୋହାଗ କ'ଣ ମୋ ଜୀବନରେ ଅଛି !

ଅଳକାକୁ ରବି ଗେଲ କରେ ।

ଦିନଗୁଡ଼ା ବିତି ଚାଲେ—ବାଲୁକା ବଉଦ ଆକାଶ ପଟରେ ଚାଲିଗଲା ପରି ।

ଘରେ ଖାଲି ବସିବାକୁ ରବିକୁ ବିରକ୍ତ ବୋଧ ହେଲା । ସେ ଏ ମଧ୍ୟରେ ତା'ର ଜଣାଶୁଣା ବନ୍ଧୁ ମହଲକୁ ଚାକିରୀ ସନ୍ଧାନ ପାଇଁ ଅନୁରୋଧ ଜଣାଇଥିଲା ।

ସେଦିନ ବନ୍ଧୁ ବିଜୟଠାରୁ ପାଇଲା ଖଣ୍ଡେ ଚିଠି । ରବି, ମୋରି ଜୀବନବୀମା କର୍ପୋରେଶନ କଟକ ଡିଭିଜନ ଅଫିସରେ ଚାକିରୀଟାଏ ଖାଲି ଅଛି । ତୋତେ ସେଠି ରଖିବାକୁ ଚେଷ୍ଟା କରୁଚି । ଚିଠି ପାଇ ଶୀଘ୍ର କଟକ ଚାଲିଆସିବୁ ।

ରବି ଘରେ ଜଣାଇ ଭାଉଜଙ୍କ ଅନୁମତି ନେଲା । ଦିନ କେଇଟା ପରେ ଫେରି ଆସିବାକୁ ଅଳକାକୁ କଥା ଦେଇ ତା' ପରଦିନ ଗାଡ଼ିରେ କଟକ ଚାଲିଆସିଲା ।

କଟକ ଆସି ବିଜୟ ବସା ତଳରପଡ଼ାରେ ପହଞ୍ଚିଲା । ଭଗବାନଙ୍କ ଆଶୀର୍ବାଦରୁ ବିଜୟ ଚେଷ୍ଟାରେ ଚାକିରୀ ଖଣ୍ଡିକ ଜୁଟିଗଲା । ମାସକୁ ଦରମା ଓ ମହର୍ଘ ଭତ୍ତା ମିଶି ଶହେ ପଚିଶ ଟଙ୍କା । ରବି ଭାବିଲା, ମନ୍ଦ ନୁହେଁ । ଘରକୁ ଟଙ୍କା ଯାଉ ନ ଯାଉ ଅନ୍ତତଃ ଅଳକା ସହିତ ସେ କଟକ ସହରରେ ଚଳିପାରିବ । ଆସନ୍ତା ପହିଲାରେ ଚାକିରୀରେ ଯୋଗ ଦେବାକୁ ହେବ । ତା' ପୂର୍ବରୁ ଗାଁକୁ ଫେରିଆସିଲା, ସହରରେ ଚଳିବା ପାଇଁ ତାର ସମସ୍ତ ଆବଶ୍ୟକୀୟ ଜିନିଷପତ୍ର ନେଇଯିବାକୁ ।

Digitized by srujanika@gmail.com

ଚାକିରୀ ଖଣ୍ଡକ ମିଳିଯିବା ଶୁଣି ଘରେ ସମସ୍ତେ ଖୁସି ହେଲେ । ଏକା ଖୁସି ହୋଇପାରିଲା ନାହିଁ ଅଳକା । ବିବାହ ପରଦିନଠାରୁ ସେ ସ୍ୱାମୀଙ୍କ ଅଭାବରେ ନିଜର ଦୁଃଖ କ'ଣ ଜାଣି ନ ଥିଲା । କେତେ ହସଖୁସିଭରା ସରଳ ମନମତାଣିଆ ଦିନଗୁଡ଼ା କଟିଯାଉଥିଲା ଗଙ୍ଗଶିଉଳି ଫୁଲର ମଦ ମଧୁର ସଉରଭ ନେଇ । ଆଜି ସ୍ୱାମୀଙ୍କର ବିଦେଶ ଯିବା ଶୁଣି ତାର ହସ ଲିଭିଗଲା ! ଏକ ଅନାଗତ ବିଚ୍ଛେଦ ତା'କୁ ବେଦନାରେ ଅଧୀର କରିଦେଲା । ଊର୍ମି ତାକୁ ବୁଝାଇ କହିଲା—ଅଳକା, ବିଦେଶ ଯିବା ବେଳେ କାନ୍ଦିଲେ ସ୍ୱାମୀଙ୍କର ଅମଙ୍ଗଳ ହୁଏ । ରବି ଅଳକାର ମନ ନେଇ କହିଛି ମୁଁ ଚାକିରୀରେ ଯୋଗ ଦେବା ପରେ ପରେ କଟକରେ ବସା ଠିକ୍ କରି ତୋତେ ପୁଣି ପାଖକୁ ନେଇଯିବି । ମଝିରେ ଦିନ କେତୁଟା—ଆଖି ପିଛୁଡ଼ାକେ ହଜିଯିବ । ତୋତେ ଏକଲା ଛାଡ଼ି କେତେ ଦିନ ମୁଁ ରହିପାରିବି ! ପ୍ରାଣ ଅଭାବରେ ଦେହ କ'ଣ ଦଣ୍ଡେ ରହିପାରେ ?

ଅଳକା ଆଖିର ଲୁହ ଧାର ଆଉ ରବିର ଦୁର୍ବଳ ମନ ଉପରେ ପଡ଼ିଆର ଦେଖାଇ ପାରିଲା ନାହିଁ ! ଆଗରେ କର୍ତ୍ତବ୍ୟର ଆହ୍ୱାନ—ସେ ଚାଲିଆସିଲା ସବୁ ବନ୍ଧନ ଛିନ୍ନ କରି ସେଇ କଟକ ସହରକୁ ।

ଠିକ୍ ପହିଲା ଦିନ ରବି ଚାକିରୀରେ ଯୋଗ ଦେଲା ।

ଅଳକାର ମଳିନ ମୁହଁ ଦେଖିଲେ ଊର୍ମି ହସି ହସି ପଚାରେ, ଶୁଖିଲା କାହିଁକି ଦିଶୁଚୁ—ରବି କଥା ନିଇତି ଭାବୁଚୁ ବୋଧହୁଏ ।

ନାହିଁ ଅପା ! ତାଙ୍କୁ କାହିଁକି ଭାବିବି ! ଭାବୁଚି ତାଙ୍କ କଥାକୁ । ସେଦିନୁ ଗଲେ ଯେ ଚିଠି ଖଣ୍ଡେ ଦେଲେ ନାହିଁ ।

ଊର୍ମି ପରିହାସ କରି କହେ, ତୁ ଜାଣିନୁ କି ଅଳକା ! ସେଇ କଟକ ମାଟି ଏତେ ମିଠା—ଯିଏ ଥରେ ସେ ସୁଆଦ ଚାଖେ, ସେ ପର ସମସ୍ତଙ୍କୁ କ୍ଷଣକରେ ଭୁଲିଯାଏ । ଏଠି ସିନା ଗୋଟିଏ ରାଣୀ—ସେଠି ପର କେତେ ରାଣୀ, ମାଳ ମାଳ । ହୁଏତ ରବି ତାହାରି ଭିତରୁ କାହାରି ପାଲରେ ପଡ଼ିଯିବଣି !

ଇମିତିକା ଅମଙ୍ଗଳ କଥା ତୁଣ୍ଡରେ ଧରନା ଅପା ! ଇମିତିକା କଥା ଜାଣିଲେ ମୋତେ କୂଅ, ପୋଖରୀ ଅଭାବ ହେବ ନାହିଁ ।

ଊର୍ମି ଅଳକାକୁ କୋଳକୁ ଟାଣିଆଣେ । କୁହେ, ଭୁଲ ବୁଝିଲୁ କି ଅଳକା ! କାହାର ସାଧ୍ୟ ରବିକୁ ତୋ କତିରୁ ଅଲଗା କରିବ, ନିଜ ହାତରେ ଯେଉଁ ଫୁଲ ଦୁଇଟିକୁ ଗୁନ୍ଥି ଏକାଠି କରିଦେଇଛି—ତାକୁ କିଏ ଛିନ୍ନ କରିବା ପୂର୍ବରୁ ଠାକୁରଙ୍କ ଡାକ ଊର୍ମି ଅପାର୍ ଯେମିତି ମରଣ ହୋଇଥାଏ ।

ଅଳକା ରାଗ ପକାଇ କହେ, ଇମିତିକା କଥା କହିବ ନାହିଁ ।

ଦୁନିଆ କହେ, ଧି ଯା'—ଭଗାରୁଣୀ । ମନ ମିଳିବ କେଉଁଦିନ । ଊର୍ମି ଭାବେ, ମନ ମିଳେଇ ପାରିଲେ ଭଗାରୁଣୀ ଯଦି ନିଜର ହୁଏ ତେବେ ନିଜ ଯା' ନିଜର ହେବ ନାହିଁ ! ନିଜକୁ ଆହୁତି ଦେଇ ସେ ଅଳକା ମୁହଁରେ

Digitized by srujanika@gmail.com

ହସ ଫୁଟାଇବାକୁ ଯତ୍ନ କରେ । ଯା' ନୁହେଁ, ଛୋଟ ଭଉଣୀ । ସଣ୍ଣା ଶିଖିନି—ସେଥିପାଇଁ ଜାଣିନି—ପରକୁ ଆପଣାର କରିନି । ତଥାପି ସେ ତା'ର ଅତି ଆପଣାର, ସବୁ ଶିଖିବ—ସବୁ ଜାଣିବ, ଅଟଙ୍କ ନିଭେଇଲେ । ଉର୍ମିର ଭାବନା ନାହିଁ । ସେ ଅଳକା ଭିତରେ ଦେଖେ ନିଜକୁ ।

ରବି କଲେଜରୁ ଚିଠି ଆସେ । ଅଳକାକୁ ସବୁ ଦୁଃଖ ତାରୁ ଛୁଟି ମିଳେ । ଅଳକା ଚିଠି ଭିତରେ ସ୍ୱାମୀଙ୍କର ହସ ହସ ମୁଖଛବି ଦେଖିପାରେ ଓ ସରାଗ-ଭରା କଥା ଶୁଣିପାରେ । ସେଇଥିପାଇଁ ସେ ଚାହିଁ ରହିଥାଏ ପ୍ରତି ସପ୍ତାହରେ ସ୍ୱାମୀଙ୍କ ପାଖରୁ ଆସିବା ସନ୍ଦେଶକୁ ।

ବିଜୟ ବସାରେ ରବି ଦୋ'ଟି ମାସ କଟାଇଦେଲା । ଭାବିଲା, ଆଉ ବେଶି ଦିନ ବିଜୟ ବସାରେ ରହିବା ଠିକ୍ ନୁହେଁ । ଏଣିକି ସେ ଅନ୍ୟଠି ବସାଟିଏ ନେଇ ରହିବ ଓ ସୁବିଧା କରି ଅଳକାକୁ ପାଖକୁ ନେଇଆସିବ ।

ବହୁତ ସନ୍ଧାନ ନେଇ ବସାଟିଏ ପାଇବା ରବି ପକ୍ଷରେ କଷ୍ଟକର ହେଇଉଠିଲା । କଟକ ସହରର ଉନ୍ନତି ଦିନୁ ଦିନ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଲୋକସଂଖ୍ୟା ବଢ଼ିଚାଲିଛି ଓ ଭଡ଼ାଘର ସମସ୍ୟା ଦିନୁ ଦିନ ଉତ୍କଟତର ହେଇଉଠୁଛି । ତଥାପି ଆଶା ଅଛି । ସରକାରଙ୍କର ବଡ଼ ବଡ଼ ଯୋଜନା, ଦେଶ ଆଗେଇବ । ଅଦୂରଭବିଷ୍ୟତରେ ସବୁ ସମସ୍ୟାର ସମାଧାନ ହୋଇ ସମାଜବାଦ ଛାଞ୍ଚରେ ଶାନ୍ତି ପ୍ରତିଷ୍ଠିତ ହେବ ।

ଖଣ୍ଡିଏ ଘର ପାଇବା ପାଇଁ ମାଲିକ ପାଖରେ କେତେ ଅନୁନୟ ଓ ମାସ ମାସ ଧରି ଦଉଡ଼ିବାକୁ ପଡୁଛି । ଦୁଇଟି ମାସ ଯାଇ ଯାଇ ବୁଲି ଶେଷରେ ରବିଙ୍କୁ ଭଡ଼ାଘର ଖଣ୍ଡିଏ ମିଳିଲା—ଓଥାଳିଆ ସାହିରେ । ଦୁଇ ବଖରା ଘର—ମାସକୁ ଭଡ଼ା ତିରିଶ ଟଙ୍କା । କୌଣସିମତେ ମୁଣ୍ଡ ଗୁଞ୍ଜି ରହିବାକୁ ଜାଗା ମିଳିଗଲା । ଏତେ ଦିନ ପରିଶ୍ରମ ପରେ ଘର ଖଣ୍ଡେ ପାଇ ରବି ନିଜକୁ ନିଜେ ଧନ୍ୟବାଦ ଦେଲା ।

ରହିବା ପରେ ଦୋଟିଏ ସପ୍ତାହ ଛୁଟି ନେଇ ରବି ପ୍ରଥମ ଥର ପାଇଁ ଗାଁକୁ ବାହୁଡ଼ିଆସିଲା । ସେଥିପାଇଁ ସେ ତା'ର ପ୍ରଥମ ଉପାର୍ଜନ ପଇସାରେ ଅଳକା ଓ ଭଉଣୀ ପାଇଁ କେତେଗୋଟି ଉପହାର ସାମଗ୍ରୀ ଆଣିବାକୁ ଭୁଲି ନ ନ ଥିଲା । ଅଳକା ସ୍ୱାମୀଙ୍କୁ ପାଖରେ ପାଇ ନିଜକୁ ତାଙ୍କ ଆନନ୍ଦରେ ମିଶାଇ ଦେଇଥିଲା ଓ ତାଙ୍କ ସେବା ଯତ୍ନରେ ତିଳେ ମାତ୍ର ତ୍ରୁଟି କରୁ ନ ଥିଲା । ଅଳକାର ଆନନ୍ଦ ଦେଖି ଉର୍ମି ପରିହାସ ଛଳରେ କହିଲା, କି ଲୋ, ଭାରି ତ ଡାହୁକି ସହରରେ ପାଠି ପଢ଼ୁଛୁ ?

ଘରେ କଣ ଦେଖିଛନ୍ତି ଅପା । ତମ କୋଳରେ ଯେଉଁଦିନ କୁଆଁ କୁଆଁ ଡାକ ଶୁଭିବ, ସେଇଦିନ ଯାଇ ଦେଖିବି ।

ଅଳକା ଏମିତି ଉତ୍ତରଟେ ଶୁଣିବ ବୋଲି ଜମା ଭାବି ନ ଥିଲା । ସେ ଉର୍ମି ଆଡ଼କୁ ଚାହିଁଲା, ନିଜ କଥା ନ କହି ଖୁବ୍ ଜୋର ହସିଉଠିଲା ଉର୍ମି ସାଥେ ।

Digitized by srujanika@gmail.com

ଚତୁରୀ ବୋଲି ତ ତମକୁ ଓ ତମ ଝିଅରକୁ ଆପଣାର କରିପାରିଲି ।

ଆଉ ଚତୁରୀ ବୋଲି ତ ବାହାଘ ଆଗରୁ ମତେ ଚିତାକାଟି ମଧୁଶଯ୍ୟା କାମ ବନ୍ଦେଇ ଦେଇପାରିଲୁ, ନୁହେଁ !

ଅଳକା ଲାଜରେ ହେଲା । କିଛି କହିପାରିଲା ନାହିଁ ।

ଏତେବେଳକୁ ପାଟି ବନ୍ଦ । ଆସିଲୁ ମୁଣ୍ଡଟା ବାନ୍ଧିଦିଏ । ଲୁଗା ନ ଥିଲା ପରି ମଇଳା ଲୁଗାଟା କାହିଁକି ପିନ୍ଧିଚୁ । ଗଲୁ ସେ ସମ୍ବଲପୁରୀ ଶାଢୀଟି ପିନ୍ଧିବୁ । ଗହଣାଯାକ ବାକ୍ସରେ କାହିଁକି ଥୁଆ ହୋଇଚି—ଯା ବାହାର କରି ପିନ୍ଧ ।

ଅଳକା ବୁଝିପାରିଲା, ଅପାଙ୍କ କଥାର ଉଦ୍ଦେଶ୍ୟ । ସେ ମୃଦୁ ମୃଦୁ ହସିଲା । ମନକୁ ମନ କହିଲା, ଅପା, ତମେ ମଣିଷ ଜନମ ନେଇ ଏତେ ମହତ ହୃଦୟ ହେଲ କିପରି ।

ସେଦିନ ରାତିରେ ରବି କହିଲା, ମୋ ଆସିବା ଉଦ୍ଦେଶ୍ୟ କଣ ବୁଝିଚ ଅଳକା ? ତମକୁ ସଙ୍ଗରେ ଏଇଥର ନେଇଯିବି ।

ଅଳକା କହିଲା, ଅସମୟରେ—ଅପାଙ୍କୁ ଛାଡ଼ି ମୁଁ କିମିତି ଯିବି ? ଆଉ ମାସ କେତୁଟା ପରେ ସେ ପର ମା' ହେବାକୁ ଯାଉଚନ୍ତି ।

ନାହିଁ ଅଳକା, ସେସବୁ ବାଜେ କଥା ରଖି ଦେଇଥା । ତମକୁ ଏଇଥର ମୋ ସହିତ ଯିବାକୁ ହେବ ।

ମୋତେ କ୍ଷମା କର । ନିଜ ସୁଖ ଶରଧା ପାଇଁ ଏତେବଡ଼ ସ୍ୱାର୍ଥପର ହେଇ ପାରିବି ନି । ଅପାଙ୍କ ଦେହ ମଝିରେ ମଝିରେ କ'ଣ ହେଇଯାଉଚି । ତାଙ୍କୁ ଦେଖିବ କିଏ ? ଶାଶୁ ବୁଢ଼ୀଲୋକ । ଏ ସମୟରେ ତାଙ୍କୁ କିପରି ମୁଁ ଛାଡ଼ି ଚାଲିଯିବି ? ପାଇ ପଡ଼ିଶା କଣ କହିବେ ? ଉମି ଅପାଙ୍କର କଣ ହେବା ପରେ ପଛେ ମୋତେ ଆସି ନେଇଯିବ ।

ରବି ବୁଝିପାରିଲା, ଅଳକାର ଆପତ୍ତି କେଉଁଠି । ଭାଉଜ ଆଜି ପ୍ରକୃତରେ ହୃଦୟ ଦେଇ ଅଳକାକୁ ଆପଣାର କରିପାରିଛନ୍ତି । ଭାଉଜଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିରେ ତାର ଅନ୍ତର ନଇଁପଡ଼ିଲା । ଅଳକାକୁ କଟକ ନେବା କଥା ଆଉ ଘରେ ଉଠାଇ ପାରିଲା ନାହିଁ ।

ଦିନ କେତୁଟା ପରେ ରବି କଟକ ଫେରିଆସିଲା । ଭାବିଲା, ଅଳକା ଆସିବାଯାଏ ମଝିରେ ମାସ କେତୁଟା ହୋଟେଲରେ ଖାଇ କଟାଇଦେବ । ନୂଆ ବସାଟିରେ ଏକୁଟିଆ ତାକୁ ଦିନ କାଟିବାକୁ ହେଲା । ଭାରି ନିଃସଙ୍ଗ ଲାଗେ—ଅଳକା କଥା ମନେପଡ଼େ । ଚିଠି ଉପରେ ଚିଠି ଲେଖେ । ଅଳକା ପାଖରୁ ଆସେ ଉତ୍ତର । ପଢ଼େ—ଖୁସି ଲାଗେ । ପୁଣି ଚାଲେ ଚିଠିଲେଖା— ଭର୍ଜିନ୍ ରାଇଟିଂ ପ୍ୟାଡ୍‌ରେ ମନର ଭାଷା ସଜାଇବ ହୋଇଉଠେ । ଯେପରିକି ଚିଠି ଲେଖାର ଶେଷ ନାହିଁ—ଏଇ ନିଃସଙ୍ଗ ଜୀବନରେ ।

Digitized by srujanika@gmail.com

ରବି ବସାର ଠିକ୍ ପାଖକୁ ଲାଗି ଯେଉଁ ବସାଟି, ସେଥିରେ ରହନ୍ତି ଦୁଷ୍ମନ୍ତ କୁମାର ମିଶ୍ର । ରହିବାର କିଛିଦିନ ପରେ ପରେ ତାଙ୍କ ସହିତ ରବିର ଆଳାପ ହେଲା । ବୁଝିଲା, ସେ ସପ୍ଲାଇ ଅଫିସରେ କାମ କରନ୍ତି । ନିଜେ ଜଣେ ଇନ୍‌ସପେକ୍‌ଟର । ବସାରେ ତାଙ୍କର ସ୍ତ୍ରୀ ଓ ଚାରିବର୍ଷର ଛୋଟ ଝିଅଟିଏ । ଦୁଷ୍ମନ୍ତବାବୁ ଓ ରବି ବସା ଦୁଇଟି ଏକାଠି ଲାଗିଛି । ଆଉ କେତେଜଣ ନିକଟରେ ଅଛନ୍ତି—ସେମାନଙ୍କର ଘର ଏଇ ଦୁଇଟି ବସାଠୁ କିଛି ଛଡ଼ାରେ । ତେଣୁ ପ୍ରଥମ ପରିଚୟରେ ଦୁଷ୍ମନ୍ତବାବୁ ହସି ହସି କହିଲେ, ଆପଣ ଯେତେବେଳେ ଆମର ନିକଟ ପଡ଼ୋଶୀ ହେଲେ—ଏଣିକି ଦୁହେଁ ଦୁହିଁଙ୍କର ସୁଖଦୁଃଖରେ ଭାଗୀହୋଇ ରହିଲେ । ରବି ହସି ହସି ପୂର୍ଣ୍ଣପ୍ରାଣରେ ଅନୁମୋଦନ ଜଣାଇଥିଲା ।

ସେଦିନ ଅଫିସରୁ ରବି ଫେରିଲାବେଳେ ଦୁଷ୍ମନ୍ତ ବାବୁଙ୍କ ଘର ଦରଜାଠୁ କିଛି ଦୂରରେ ଗୋଟିଏ ଛୋଟ ଝିଅ ସହିତ ହଠାତ୍ ସାଇକେଲ ଧକ୍କା ହୋଇଗଲା । ଝିଅଟି ବିଚରା ତଳେ ପଡ଼ିଯାଇ କାନ୍ଦିଉଠିଲା । ରବି ସଙ୍ଗେ ସଙ୍ଗେ ତାକୁ ଉଠାଇ ନେଇ କୋଳକଲା । ଦେହରୁ ଧୂଳି ଝାଡ଼ିଦେଇ ତା' ମନ ବୁଝାଇବାକୁ କହିଲା; କାନ୍ଦନା, ତତେ କେତେ ସୁନ୍ଦର ବେଲୁନ୍ ଆଣି ଦେବି । ଝିଅଟି ଦେହରେ ଆଘାତ କିନ୍ତୁ ବେଶି ହୋଇ ନ ଥିଲା । ତେଣୁ ସେ ବେଲୁନ୍ ଆଶାରେ ଚୁପ୍ ହୋଇଗଲା । ରବି ତାକୁ ପାଖ ଦୋକାନରୁ ବେଲୁନ୍ ଦି'ଟା କିଣିଆଣି ଧରାଇଦେଲା । ଝିଅଟି ମୁହୂର୍ତ୍ତରେ ପୂର୍ବ ଆନନ୍ଦ ଫେରିଆସିଲା । ସେ ବେଲୁନ୍ ଧରି ପୁଣି ନାଚି ନାଚି ବୁଲିଲା ।

ରବି କହିଲା, ଛି, ଆଉ ରାସ୍ତା ମଝିରେ ବୁଲନ୍ତି ନି । ଚାଲ ତମ ଘରେ ଛାଡ଼ିଦେଇ ଆସେ । ଆଚ୍ଛା, ତୋ ନାଁ—ଆଉ ତୋ ବାପା ନାଁ କଣ କହିଲୁ ?

ମୋ ନାଁ ସଙ୍ଗୀତା । ବାପା ନା ଦୁଷ୍ମନ୍ତ କୁମାର ମିଶ୍ର, ଆଉ ବୋଉ ନାଁ ମଞ୍ଜୁଳା ।

ଆଚ୍ଛା, ତା'ହେଲେ ତମେ ଦୁଷ୍ମନ୍ତବାବୁଙ୍କ ଝିଅ । ଆମର ଘର ପାଖରେ ରହି ଏ ଯାଏ ଚିହ୍ନା ଦେଇ ନାହଁ । ଚାଲ, ତମକୁ ଛାଡ଼ିଦେଇ ଆସେ ।

Digitized by srujanika@gmail.com

ରବି ତାକୁ କୋଳକରି ଦୁଷ୍ମନ୍ତବାବୁଙ୍କ ଘର ପାଖରେ ଆସି ଦେଖିଲା ଦରଜା ବନ୍ଦ । କବାଟରେ ଆବାଜ ଦେଇ ଡାକିଲା ଦୁଷ୍ମନ୍ତବ ବୁ ଅଛନ୍ତି ?

ଭିତରୁ କବାଟ ଖୋଲିବାର ଶବ୍ଦ ହେଲା । ହଠାତ୍ ଦରଜା ଖୋଲି ଦେଲା ବେଳକୁ ରବି ଆଖି ଆଗରେ ପଡ଼ିଲା ଅପରୂପ ସୁନ୍ଦରୀ ଯୁବତୀଟିଏ । ହରିଣୀ ପରି ତ୍ରସ୍ତ ଆଖି ଦୁଇଟି ଫେରାଇ ନେଇ ଯୁବତୀଟି ଲାଜରେ କବାଟ କଣକୁ ଘୁଞ୍ଚିଗଲା । ରବି ମନେ ମନେ ଭାବିଲା ବୋଧହୁଏ ଦୁଷ୍ମନ୍ତବାବୁଙ୍କ ସ୍ତ୍ରୀ— ମଞ୍ଜୁଳା ।

ରବି ପଦାରୁ ଶୁଣାଇ କହିଲା, ଝିଅଟିକୁ ରାସ୍ତା କୁ ଛାଡ଼ିଦେଇଛନ୍ତି । ସହର ଜାଗା—ଗାଡ଼ିଘୋଡ଼ା ଅବିରତ ଛୁଟୁଛି । ଭଲ ମନ୍ଦ ହେଲେ ସେଥିପାଇଁ ଦାୟୀ କିଏ ହେବ । ନିଅନ୍ତୁ—ଝିଅଟିକୁ ସମ୍ଭାଳନ୍ତୁ ।

ସଙ୍ଗୀତା ଦଉଡ଼ି ଭିତରକୁ ପଳାଇଲା ।

କିଛିବାଟ ଚାଲିଆସି ରବି ଫେରି ଚାହିଁଲା । ସେ ଚାହିଁଚନ୍ତି । କୋଳରେ ସଙ୍ଗୀତା । ତାକୁ ଦେଖିବା କ୍ଷଣି ସୁନ୍ଦର ଡଳ ଡଳ ଆଖି ଦୁଇଟି ସେ ଫେରାଇ ନେଲେ—ଓଠରେ କିନ୍ତୁ ହସ ଟିକିଏ ଲାଗି ରହିଥାଏ ।

ମଞ୍ଜୁଳାର ଗଠନ ସୌଷ୍ଠବ—ପୂରିଲା ପୂରିଲା ଦେହ—ହରିଣୀ ପରି ଚଞ୍ଚଳ ଆଖି—ଲାଜଭରା ହସ ହସ ମୁହଁଟି ରବି ମନକୁ କ୍ଷଣକ ପାଇଁ ଚହଲାଇ ଦେଲା । ସେ ଲୋଭ ସମ୍ବରଣ କରି ନ ପାରି ବାରମ୍ବାର ଚାହିଁଲା । ପୁଣି ପରକ୍ଷଣରେ ଭାବିଲା, ପର ସ୍ତ୍ରୀକୁ ଏପରି ଚାହିଁବା ଅଭଦ୍ରାମିର ପରିଚୟ । ଦ୍ରୁତ ପଦକ୍ଷେପରେ ବସାକୁ ଫେରିଆସିଲା । ବସାରେ ପହଞ୍ଚିଲାବେଳକୁ ଆଉ ଜଣଙ୍କର ହସ ହସ ମୁହଁ ସରାଗଭରା କଥା ମନ ପରଦାରେ ରୂପପାଇ ଅଲିଭା ଛାୟା ରଚି ସାରିଥିଲା । ସେ ମଞ୍ଜୁଳା ନୁହେଁ—ଅଳକା । ପ୍ରିୟା ବିରହରେ ଘାରି ହେଲା ହୃଦୟ—ନୀରବରେ ବାହୁନିଲା ମନ । କଳ୍ପନାର ଘୋଡ଼ା ଛୁଟିଲା । ଦିନଗଲା—ରାତି ଆସିଲା । ପୁଣି ରାତି ପାହି ଦିନ ହେଲା—ତଥାପ ସେ ଅଳକାକୁ ପାଖକୁ ଆଣିପାରିଲା ନାହିଁ ।

ତା' ଆରଦିନ ଅଫିସରୁ ଫେରିଲା ବେଳକୁ ସଙ୍ଗୀତା ରବିକୁ ଦେଖି ଦଉଡ଼ିଆସିଲା । ପୂର୍ବ ଦିନର ପରିଚୟରେ ସେ ରବିକୁ ଠିକ୍ ମନେ ରଖିଥିଲା । ରବି ହାତଧରି ସେ ହସି ହସି ଅଳିକଲା ମୋତେ ଆଉ ଗୋଟିଏ ବେଲୁନ ଦିଅ—କାଲି ଯୋଉ ବେଲୁନ୍‌ଟା ଦେଇଥିଲ ବୋଉ ତାକୁ ଫୁଟାଇଦେଲା । ରବି ତାର ହସ ଭରା ମୁହଁଟିକୁ ହାତରେ ଧରି କହିଲା, ବେଲୁନ ଯଦି ନବ— ତେବେ କହିଲ, ତମେ ମୋ ଝିଅ ହବ ?

ଆରେ ମୁଁ ପରା ବୋଉ ଝିଅ—ବାପା ଝିଅ । ପୁଣି ତମ ଝିଅ ହେବି କିମିତି ?

ବୋଉ ଝିଅ ନ ହେଇ ବାପା ଝିଅ ଆଉ ମୋ ଝିଅ ହେବ ଯଦି ନିଇତି ତମକୁ ବେଲୁନ ଆଣି ଦେବି ।

Digitized by srujanika@gmail.com

ନାହିଁ ବୋଉ ଝିଅ ହେବି—ବାପା ଝିଅ ହେବି ନି— ସେ ଖାଲି ମୋତେ ସବୁବେଳେ ମାରୁଚନ୍ତି । ତମ ଝିଅ ହେଲେ ତମେ ମୋତେ ମାରିବ ନି ?

ରବି ସଙ୍ଗୀତାର ଚପଳ ଆବେଗଭରା କଥାରେ ମୁଗ୍ଧ ହେଲା । ତାକୁ କୋଳକୁ ନେଇ ପାଖ ଦୋକାନରୁ ଦୁଇଟି ବେଲୁନ କିଣିଆଣି ତା' ହାତରେ ଧରାଇ ଦେଲା । ସଙ୍ଗୀତା ଆବେଗରେ ନାଚି ନାଚି ଘରକୁ ଚାଲିଗଲା । ଦୁନିଆର ମୁକୁଳା ପବନ ଲହଡ଼ିରେ ଭାସିଆସି ଛୋଟ ପକ୍ଷୀଟି ପରି ସଙ୍ଗୀତା ଦିନୁଦିନ ରବିର ସ୍ନେହ ବନ୍ଧନରେ ବାନ୍ଧି ହୋଇପଡ଼ିଲା ।

ଏଣିକି ରବି ବସାରେ ସଙ୍ଗୀତାର ଅବାଧ ଗତି । ସଙ୍ଗୀତାକୁ ପାଖରେ ପାଇଲେ ରବି ତା' ସହିତ ଖେଳ ଆରମ୍ଭ କରିଦିଏ । କେତେ ମଜା ଗପ ଶୁଣାଏ । ବେଳେବେଳେ ତା' ପାଇଁ ନୂଆ ନୂଆ ଖେଳଣା କିଣିଆଣେ । ସଙ୍ଗୀତା ଖୁସି ହୁଏ । ଗୁଣୁ ଗୁଣୁ ଗୀତ ଗାଏ । ତାଳିମାରି ଡେଇଁ ଡେଇଁ ବୁଲେ ଏ ଘରୁ ସେ ଘର ।

ସେଦିନ ସଙ୍ଗୀତା ଖେଳି ଖେଳି ରବି ବସାରେ ଢ଼ାଳିଆ ହୋଇ ଶୋଇପଡ଼ିଚି । ହଠାତ୍ ବାହାରୁ ଡାକ ଶୁଭିଲା— ସଙ୍ଗୀତା ! ସଙ୍ଗୀତା !

ରବି କବାଟ ଖୋଲି ଦେଖିଲା ସଙ୍ଗୀତାର ମାଆ ମଞ୍ଜୁଳା । ସେ ହସି ହସି ମୁଣ୍ଡ ଉପରକୁ ଓଢ଼ଣା ଟାଣି କହିଲେ, ସଙ୍ଗୀତା ଅଛି ଯଦି ଟିକିଏ ଡାକି ଦିଅନ୍ତୁ—ସେ ଖାଇନାହିଁ । ରବି ହସି ହସି କହିଲା, ଏଠି ସେ ଖେଳି ଖେଳି ଶୋଇପଡ଼ିଚି । ଆସନ୍ତୁ, ତାକୁ ଉଠାଇ ନିଅନ୍ତୁ ।

ମଞ୍ଜୁଳା ଘର ଭିତରକୁ ଆସିବାକୁ ସଂକୋଚ ବୋଧକଲା । ରବି ହସି ହସି କହିଲା, ପାଖରେ ଥାଇ ଯେତେବେଳେ ବସା ବାନ୍ଧିଛନ୍ତି — ଏତେ ଲାଜ କଲେ ଚଳିହେବ ନାହିଁ । ମୁଁ ତ ଏଇ ବସାରେ ଏକୁଟିଆ ଥାଏ । ଭଲ ମନ୍ଦକୁ ଆପଣମାନେ ପୁଣି ବେଳ ପଡ଼ିଲେ ସାହା ହେବେ ତ । ଆସନ୍ତୁ ।

ମଞ୍ଜୁଳା ଓଠରେ ମଧୁର ହସ ଟିକେ ଦେଖାଦେଲା । ଲାଜ ଲାଜ ହୋଇ ଘରଭିତରୁ ସଙ୍ଗୀତାକୁ ଉଠାଇଆଣିଲା । ରବି କହିଲା, ଏକୁଟିଆ ଜୀବନର ନୀରବତା ବଡ଼ କଷ୍ଟଦାୟକ । ସେଥିପାଇଁ ସଙ୍ଗୀତାର ଉପସ୍ଥିତି ମୋତେ ଭାରି ଆନନ୍ଦ ଦିଏ । ସେ ଏଠିକି ସବୁବେଳେ ଆସୁଚି ବୋଲି ତା'ପ୍ରତି ବିରକ୍ତ ହେବେ ନାହିଁ । ବେଳେବେଳେ ଇଚ୍ଛା ହୁଏ, ଦୁଷ୍ମନ୍ତବାବୁଙ୍କୁ ମୁହଁ ଖୋଲି କହିଦେବାକୁ, ସଙ୍ଗୀତାଟିକୁ ମୋତେ ଦେଇଦିଅନ୍ତୁ । କିନ୍ତୁ ପରକ୍ଷଣରେ ଭାବେ ତାଙ୍କର ତ ସେଇ ଗୋଟିଏ । ମାଗିପାରେ ନା ।

ସଙ୍ଗୀତା ଆପଣଙ୍କୁ ଭାରି ଭଲପାଏ : ନିଜ ବାପ , ମା'ଠାରୁ ଆପଣଙ୍କ ପ୍ରତି ତା' ସ୍ନେହ ଏତେ ବେଶି, ସେଥିପାଇଁ ତାକୁ ମୁଁ ବାଧା ଦେଇପାରେନା । ସେ ଆପଣଙ୍କ ଝିଅ ହୋଇଚି ବୋଲି ମୋ'ବ୍ରତ କେବଠାରୁ କହିସାରିଚି ।

Digitized by srujanika@gmail.com

ମଞ୍ଜୁଳା ହସି ହସି ଏତକ କହିଦେଇ ସଙ୍ଗୀତାକୁ ନେଇ ଚାଲିଆସିଲା । ରବି ମନରେ ମଞ୍ଜୁଳାର ଲଳିତ ମଧୁର କଥା ପଦକ ସ୍ନିଗ୍ଧ ଶୀତଳ ପରଶ ବୁଲେଇଦେଲା ।

କେଇଦିନ ହେଲା ସଙ୍ଗୀତାର ଦେଖା ନାହିଁ—କଥା କ'ଣ ? ରବି ମନ ଭିତରେ ପ୍ରଶ୍ନ ଚୂଟେଇ ତୁରେଇ ହେଲା । ଘଟଣା କଣ ଜାଣିବାକୁ ବ୍ୟାକୁଳତା ପ୍ରକାଶ ପାଇଲା । ସେ ସଙ୍ଗୀତାକୁ ଖୋଜିବାକୁ ଆସି ଡାକିଲା, ଦୁଷ୍ମନ୍ତବାବୁ ଘରେ ଅଛନ୍ତି ? ଭିତରୁ କବାଟ ଖୋଲିଦେଲା ମଞ୍ଜୁଳା ! ରବି ଦେଖିଲା ମଞ୍ଜୁଳା ମୁହଁଟି ଶୁଖିଲା ଦିଶୁଚି—ଆଖିରେ କରୁଣତାର ଆଭା ଫୁଟି ଉଠୁଚି । ପଚାରିଲା, ସଙ୍ଗୀତା କଣ କରୁଚି—ତାର କାହିଁକି ଦେଖାନାହିଁ ?

ସଙ୍ଗୀତାକୁ ଦି' ଦିନ ହେବ ଜର । ସେ ଘରେ ଶୋଇଚି । ଆସନ୍ତୁ ।

ରବି ମଞ୍ଜୁଳା ପଛେ ପଛେ ଯାଇ ଦେଖିଲା, ସଙ୍ଗୀତା ଶୋଇଛି ; ବିଛଣା ଉପରେ ବସିପଡ଼ି ତା' ଦେହରେ ହାତମାରି ଦେଖିଲା; ଏବେ ବି ତାତି ପୂରିରହିଚି । ପଚାରିଲା—ଔଷଧ ଦେଇଛନ୍ତି ?

ନାଁ, କିଛି ଦେଇ ନାହିଁ । ତା' ବାପା ଦି'ଦିନ ହେବ ବାହାରକୁ ଯାଇଚନ୍ତି । ଔଷଧ ଆଣି ମୋତେ ଦେବ କିଏ ?

କାହିଁକି, ମୋତେ ଜଣାଇଲେ ନାହିଁ । ମୁଁ ତ ଦୂରରେ ନ ଥିଲି ! ମୁଁ ଆପଣଙ୍କର ପର ହେଲେ ବି ସୌଜନ୍ୟ ଖାତିରରେ ଏତକ ଉପକାର ପାଇବା କଣ ଆଶା କରିପାରିଲେ ନାହିଁ । ହଉ, ଆପଣ ନ କହିଲେ ବି ମୋ କାମ ମୁଁ କରି ଯାଉଚି ।

ରବି ଚାଲିଆସି ସାଙ୍ଗେ ସାଙ୍ଗେ ଡାକ୍ତର ସହିତ ପରାମର୍ଶ କରି ଔଷଧ ନେଇ ଆସିଲା । ଔଷଧ ଖାଇବା ଦି'ଦିନ ପରେ ଜର ସମ୍ପୂର୍ଣ୍ଣ ଛାଡ଼ିଗଲା । ସଙ୍ଗୀତା ମୁହଁରେ ପୂର୍ବ ହସ ଧୀରେ ଧୀରେ ଫେରିଆସିଲା । ମଞ୍ଜୁଳାର ଅନ୍ତର କୃତଜ୍ଞତାରେ ରବି ପ୍ରତି ନଇଁପଡ଼ିଲା । କହିଲା, ଆପଣ ପର ହେଲେ ବି ଆପଣାର ପରି ଯେଉଁ ଉପକାର କରି ସଙ୍ଗୀତାକୁ ଭଲ କରିଦେଲେ, ତା'ର ପ୍ରତିଦାନରେ ମୁଁ ଆପଣଙ୍କ ଋଣ ଶୁଝି ପାରିବି ନାହିଁ । ଆପଣଙ୍କ ପରି ସରଳ ସୁନ୍ଦର ଲୋକ ଖୁବ୍ କମ ଅଛନ୍ତି ଏଇ ପୃଥିବୀରେ ।

ଦୁଷ୍ମନ୍ତ ଫେରିଆସି ସବୁ ଘଟଣା ଜାଣିପାରିଲେ । ରବିବାବୁଙ୍କୁ ସାକ୍ଷାତ କରି କହିଲେ, ଆପଣଙ୍କ ଉପକାର ଭୁଲି ପାରିବି ନାହିଁ ।

ରବି ହସି ହସି କହିଲା, ସାଇ ପଡ଼ିଶାରେ ଘର କରି ଏତକ କରିବା ତ ମୋର କର୍ତ୍ତବ୍ୟ । ଆଉ ଆଉ ଉପକାର ବୋଲି କହି ଲଜ୍ଜା ଦିଅନ୍ତୁ ନାହିଁ ।

ସଙ୍ଗୀତା ଭଲ ହେବା ପରେ ଆଉ ଦିନୁଟିଏ ହେଲେ ବି ରବି ଦୁଷ୍ମନ୍ତ ବାବୁଙ୍କ ଘରକୁ ଯାଇନାହିଁ । କେତେବେଳେ କିମିତି ମଞ୍ଜୁଳା ସାଥିରେ ଭେଟ

Digitized by srujanika@gmail.com

ହେଲେ ସେ ହସି ଦେଇ ଚାଲିଯାଏ । ଦୁହିଁଙ୍କ ଭିତରେ କଥା ହେବାର ସୁଯୋଗ ହେଉନା । ମଞ୍ଜୁଳାର ହସ ହସ ମୁଖଛବି ରବିକୁ କ୍ଷଣକ ପାଇଁ ମୁଗ୍ଧ କରି ଦିଏ । ମଞ୍ଜୁଳାର ରୂପଶ୍ରୀ ଭିତରେ ରବି ଦେଖିପାରେ ଅଳକାକୁ ।

ସେଦିନ ସଙ୍ଗୀତାର ଜନ୍ମଦିନ ଉପଲକ୍ଷେ ଦୁଷ୍ମନ୍ତବାବୁ ନିମନ୍ତ୍ରଣ କରି ରବିକୁ ଘରକୁ ଡାକିନେଲେ । ରବିକୁ ଦେଖିବାକ୍ଷଣି ମଞ୍ଜୁଳା ଲାଜ ଲାଜ ହେଲା । ଦୁଷ୍ମନ୍ତବାବୁ ହସି ହସି କହିଲେ, ରବିବାବୁ ନିଜ ଲୋକପରି । ତାଙ୍କୁ ଏତେ ଲାଜ କଣ କରୁଛ ମଞ୍ଜୁଳା । ନିମନ୍ତ୍ରଣ କରି ଭଦ୍ରଲୋକଙ୍କୁ ତ ଭଲ ଚର୍ଚ୍ଚା କରିବ ! ମଞ୍ଜୁଳା ସଲଜ୍ଜ ହସି କହିଲା, ଗରିବ ଘର । ତାଙ୍କ ସମ୍ମାନରେ ତ୍ରୁଟି ହେଲେ ନିଶ୍ଚୟ କ୍ଷମା ଦେବେ । ରବି ହସି ହସି କହିଲା, ବଡ଼ଲୋକ ନ ହୋଇ ବି ମଞ୍ଜୁଳା ଦେବୀ ଯଦି ମୋତେ ଏତେ ବଡ଼ ଭାବିପାରନ୍ତି—ଏହାଠୁ ବଳି ଆନନ୍ଦର କଥା କଣ ଅଛି ?

ମଧୁର ଆଳାପ ଭିତରେ ନିମନ୍ତ୍ରଣ ରକ୍ଷା କରି ରବି ଫେରି ଆସିଲା । ତାପରେ ଦିନଠାରୁ ଧୀରେ ଧୀରେ ରବି ପ୍ରତି ମଞ୍ଜୁଳାର ଲାଜ ସଂକୋଚ କମିଆସିଲା । ଏଣିକି ସମୟ ସମୟରେ ରବି ସଙ୍ଗୀତା ବାହାନାରେ ମଞ୍ଜୁଳା ସହିତ ପଦେ ଅଧେ କଥା ହୋଇପାରିଲା । ରବିକୁ ଦେଖିଲେ ମଞ୍ଜୁଳା ହସି ହସି ଘରକୁ ଡାକିନେଇ ବସିବାକୁ ଜାଗା କରିଦିଏ । ପାନ ଖଣ୍ଡେ କିମ୍ବା ବେଳେବେଳେ ଚାହା କପେ ଦେଇ ଆପ୍ୟାୟିତ କରିବାକୁ ଛାଡ଼େନା । ରବି ମଞ୍ଜୁଳାର ଆଦର ଅଭ୍ୟର୍ଥନାରେ ଦିନୁ ଦିନ ବାନ୍ଧିହୋଇ ପଡ଼ିଲା । ରବି ନିଜ କଥା ଧୀରେ ଧୀରେ ମଞ୍ଜୁଳା ଆଗରେ ସବୁ କହି-ପାରିଲା ।

ଦୁଷ୍ମନ୍ତବାବୁ ନ ଥିବା ସମୟରେ ରବି ଅଧିକ ସମୟ ମଞ୍ଜୁଳା ସମ୍ପର୍କରେ ଆସିଲା । ଯେତେ ଭଲ ଲୋକ ବୋଲି ପରିଚୟ ଦେଲେ ବି ନାରୀର ସଂସ୍ପର୍ଶରେ ଆସିଲେ ନିଜକୁ ସଂଯତ କରି ହୁଏନା । ରବିର ତାହା ହିଁ ହେଲା । ମଞ୍ଜୁଳାର ଚାରୁ ସ୍ନିଗ୍ଧ ଚାହାଣି, ଅଭିନବ ପରିପାଟୀ, ମଧୁର ବଚନ—ରବିର ମନ ଗହନରେ ମୃଦୁ ଗୁଞ୍ଜରଣ ସୃଷ୍ଟି କଲା । ହୃଦୟରେ ଜାଗିଲା ପରମ ତୃଷା । ସେ ତୃଷା ଖାଲି ଆଖିର ମିଳନରେ ପର୍ଯ୍ୟବସିତ ହେଉଥିଲା ।

ଅଳକା ଲେଖିଛି—ସ୍ୱାମୀ ! ମୋ ନିକଟକୁ ଚିଠି ଦେବାରେ ତମର କାହିଁକି ଆଜିକାଲି ବ୍ୟତିକ୍ରମ ଘଟୁଚି କିଛି ବୁଝିପାରୁ ନାହିଁ । ମୋ କଥା ମନେ ନ ପଡ଼ିଲା ପରି ଲାଗୁଚି; କିନ୍ତୁ ମୋର ତମ ଭାବନାରୁ ଗୋଟିଏ ମୁହୂର୍ତ୍ତ ବି ବାଦ୍ ପଡ଼ୁନାହିଁ । ମୋତେ ପାଖକୁ ନ ନେଇ ତମେ ନିଶ୍ଚିନ୍ତ ହେବା ଲୋକ ନୁହଁ । ତଥାପି ତମେ ମଝିରେ ମଝିରେ ଯେପରି ନୀରବ ରହୁଚ, ମୋ ମନରେ ବାର ଅଶୁଭ କଥା ଉଙ୍କି ମାରୁଚି । ସତେ ତମେ ଏତେ ନିଦାରୁଣ ହେଉଛ କିପରି ? ମୁଁ ତ ତମର କିଛି ଦୋଷ କରି ନାହିଁ । ଚିଠିର ଉତ୍ତର ଶୀଘ୍ର ଦେବ ଓ ଶେଷରେ ମୋର ସ୍ନେହ ଗ୍ରହଣ କରିବ ।

ଅଳକାର ଚିଠି ପଢ଼ି ରବି ନିଜ ମନକୁ ଭାବିଲା, ସତେ ସେ କେତେ ଅନ୍ୟାୟ କରିଚି । ମଞ୍ଜୁଳା ତାର କିଏ ? ତାପାଇଁ କାହିଁକି ତାର ଏତେ ଚଞ୍ଚଳତା ।

Digitized by srujanika@gmail.com

ସେ ବନ୍ଧୁର ସ୍ତ୍ରୀ ବାନ୍ଧବୀ ଲେଖାରେ ଲେଖା । ଘଟଣା ସ୍ରୋତରେ ତା' ସହିତ କ୍ଷଣକର ଭେଟ—ପୁଣି ସମୟର ସୁଅ ବଦଳିବ । ପରିବର୍ତ୍ତନର ଢେଉ କୁଆଡ଼େ ଦୁହିଁଙ୍କୁ ଭସାଇ ନେବ । ନିଜର ଦୁର୍ବଳତା ପାଇଁ ରବି ଦୁଃଖିତ ହେଲା । ଅଳକାର ଚିଠିର ଉତ୍ତର ଦେଇ ସେଇଦିନଠାରୁ ସେ ଆଉ ଦୁଷ୍ମନ୍ତବାବୁଙ୍କ ଘରକୁ ଗଲା ନାହିଁ । ନିଜକୁ ମଞ୍ଜୁଳା ଆଖି ଉହାଡ଼ରେ ରଖିବାକୁ ଚେଷ୍ଟାକଲା । ନିଜକୁ ସଂଯତ କରିବାକୁ ସେ ଅଫିସ ଛୁଟି ପରେ ବସାରେ ନ ରହି ଆଉ ସମୟତକ ବାହାରେ କଟାଇ ଦେବାକୁ ଲାଗିଲା ।

ସେଦିନ ଅଫିସରୁ ଫେରି ରବି ବସାରେ ନିଜର କ୍ଳାନ୍ତ ଶରୀରଟିକୁ ଇଜି ଚେୟାରଟିରେ ଜଡ଼ାଇ ଦେଇ ଦୂର ଆକାଶକୁ ଚାହିଁ ଅନ୍ୟମନସ୍କ ଭାବେ କଣ ଭାବୁଚି । ଦୂରରେ ଅସୀମ ଅନନ୍ତ ଆକାଶ ଧାଇଁ ଧାଇଁ ଭୂଇଁ ଉପରେ ନଇଁପଡ଼ି ବିଶ୍ରାମ ନେଉଚି । ତା'ରି କୋଳରେ ଦୁଇଟି ପକ୍ଷୀ ହଜିଗଲେ— ଦୁହେଁ ଯେପରି ଅମୃତପଥର ଯାତ୍ରୀ । ବସାପାଖ ସେଇ ପାଳଧୁଆ ଫୁଲର ଉତ୍ସବ ଭିତରେ କେତୋଟି ଚଢ଼େଇ ସୁଖର ସନ୍ଧାନ ଖୋଜିବାରେ ବ୍ୟସ୍ତ । କିନ୍ତୁ ମଣିଷକୁ ବିପୁଳ ବିଭବ ଭିତରେ ବି ସୁଖର ଅନ୍ୱେଷଣ କରିବାକୁ ବେଳ ନାହିଁ । ବିବାହିତ ଜୀବନର ଦିନ କେଇଟା ପରେ ସବୁ ଯେପରି ନିଜକୁ ଖାପଛଡ଼ା ଲାଗୁଚି । ଜୀବନ ସଂଗ୍ରାମରେ ଦିନୁ ଦିନ ସୁଖ ସରସତା ସମାଧି ନେଉଚି ।

ରବିବାବୁ ! କଣ ଏତେ ଭାବୁଚନ୍ତି ?

ଭାବନାର ଚିନ୍ତାଧାର ଥମିଗଲା । ସେ ଦେଖେ ବାହାରେ ଛିଡ଼ା ହୋଇଚି ସହାସ ବଦନରେ ମଞ୍ଜୁଳା ।

ଏତେ ଭାବୁଚନ୍ତି କାହିଁକି ? ଅଳକାକୁ ପାଖକୁ ନେଇ ଆସୁନାହାନ୍ତି । ହୋଟେଲରେ ଖାଇ ଦିନକୁ ଦିନ ଆପଣଙ୍କ ସ୍ୱାସ୍ଥ୍ୟ ବି ଖରାପ ହେଉଚି ।

ଅଳକା ଆସିବା ପାଇଁ ଚିନ୍ତା ନାହିଁ । ସ୍ୱାସ୍ଥ୍ୟ ଭାଙ୍ଗଗଲେ ବି ଦୁଃଖ କରିବାର କିଛି ନାହିଁ । ଜୀବନର ମମତା ଦିନେ ନା ଦିନେ ତୁଟାଇବାକୁ ତ ହେବ ।

ଜୀବନ ପ୍ରତି ଏତେ ବିରକ୍ତ କାହିଁକି ? ନିଶ୍ଚୟ ମନ ଭିତରେ କେଉଁଠି ଝଡ଼ର ସୂଚନା ଦେଖା ଦେଇଚି, କିନ୍ତୁ ଶତ ଝଡ଼ ଝଞ୍ଜା ଭିତରେ ବି ନିଜକୁ ବଞ୍ଚାଇ ରଖି ଆଗକୁ ଚାଲିବାକୁ ହେବ । ମୋ ଜୀବନର ଅନୁଭୂତି ଭିତରେ ମୁଁ ଏତକ ଶିଖିଚି ।

ତମ ଜୀବନର ଅନୁଭୂତିଭରା କଥା ପଦେ କେବେ ତ କହି ପାରିନା ମଞ୍ଜୁଳା । ଆଜି ହେଲେ ଶୁଣାଅ—ତା ଭିତରୁ ମୋର ଯଦି କିଛି ଶିଖିବାର ଥାଏ, କିନ୍ତୁ ମୁଁ ଜାଣେ ତମେ ପ୍ରକୃତରେ ସୌଭାଗ୍ୟବତୀ ।

ମଞ୍ଜୁଳା ହସିଲା—ଲିଭି ଆସୁଥିବା ପ୍ରଦୀପର ମଳିନ ଆଲୁଅପରି । କହିଲା, ସମୟ ଆସିଲେ ତମକୁ ସବୁ କଥା କହିବି—ଆଜି ନୁହେଁ । ଖାଲି ଏତିକି

Digitized by srujanika@gmail.com

ଜାଣିଥାଅ, ମୋ ପରି ହତଭାଗିନୀ ବି ପୃଥିବୀ ଉପରୁ ବଞ୍ଚି ରହିବାର ମମତା ତୁଟାଇ ପାରି ନାହିଁ । ଛାଡ଼ନ୍ତୁ ସେ କଥା । ଆପଣଙ୍କର କାହିଁକି ଏ କେଇଦିନ ହେବ ଆମ ଘର ଆଡ଼େ ପାଦ ପଡ଼ୁନାହିଁ । ମୋ ଉପରେ ରାଗିଚନ୍ତି ନା କଣ ?

ରବି ହସିଲା— ନିରର୍ଥକ ହସ । କହିଲା, ତମ ଉପରେ ରାଗିବାର ଅଧିକାର ମୋର ଆସିଲା କେଉଁଠୁ ?

ଅଧିକାର ନ ଥିବା ଜାଗାରେ ବେଶି ରାଗ ଅଭିମାନ ଆସେ । ହୁଏତ ଏଇ ରାଗ ଅଭିମାନ ଫଳରେ ଆପେ ଆପେ ପରସ୍ପର ଭିତରେ ଅଧିକାର ସୃଷ୍ଟି ହୋଇଯାଏ ।

ମୋ ନଯିବା ଦ୍ୱାରା ତମର କିଛି କ୍ଷତି ହେଉନି ମଞ୍ଜୁଳା । ବରଂ ସବୁ ଦିଗରୁ ଭଲ ହେବ । ତମ ସହିତ ମୋର ସଂପର୍କ ଦୂରରୁ ଥାଇ ରହିବା ଭଲ । ନିକଟ ସମ୍ପର୍କରେ ଆସିଲେ ଦୁନିଆର ସନ୍ଦେହପୂର୍ଣ୍ଣ ଆଖି ଆମ ଉପରେ ପଡ଼ିପାରେ । ଏଇଥିପାଇଁ ତମ ପାଖକୁ ଯାଇ ପାରୁନି ମଞ୍ଜୁଳା—ଆମ ଭିତରେ ଯେଉଁ ମହତ ଉଦ୍ଦେଶ୍ୟ ଏବେ ବି ରହୁଚି; ତାକୁ ସବୁଦିନ ପାଇଁ ବଞ୍ଚାଇ ରଖିବାକୁ ହେବ ।

କିନ୍ତୁ ତମ ନିକଟ ସମ୍ପର୍କରେ ଆସିଲେ ମୁଁ ଜୀବନର ସବୁ ଦୁଃଖ କ୍ଷଣକ ପାଇଁ ଭୁଲିଯାଏ । ମନର ଅନ୍ଧକାର ଭିତରେ ତମେ ଯେତେବେଳେ ଆଲୋକ କଣ ଟିଏ ଜାଳି ଦେଇଚ—ତାକୁ ଲିଭାଇ ଦେଇ ଦୂରେଇ ଗଲେ ମୁଁ ନିବିଡ଼ ତମସା ଭିତରେ ହଜିଯିବି ।

ଜୀବନର କରୁଣ ଦିନଗୁଡ଼ିକ ଭିତରେ ତମେ ଯେଉଁ ସରାଗର ହିଲ୍ଲୋଳ ଛୁଟାଇଥିଲ, ସେହି ସୁଖ ସ୍ପର୍ଶ ମୋତେ କେତେ ଯେ ଆନନ୍ଦ ଦେଇଚି ତା' ତମେ ବୁଝି ପାରିବ ନାହିଁ ।

ମଞ୍ଜୁଳା ଆଖି କଣରେ ଜମି ଆସିଲା ଲୁହ କଣିକା ।

ତମର ଦୁଃଖ କଣ ମୁଁ ବୁଝି ପାରୁନି ମଞ୍ଜୁଳା—ମୋତେ ସବୁ କଥା ଥରେ ହୃଦୟ ଖୋଲି କହିଦିଅ ।

ମୋ ହୃଦୟ କଥା ଜାଣିବା ଆଗରୁ ଦୂରେଇ ଯେତେବେଳେ ରହିଲେ, ଆଉ ସେଇ ସହ୍ୟହୀନ ଦରଦଭରା କଥା ଶୁଣି କିଛି ଆପଣଙ୍କର ଲାଭ ହେବ ନାହିଁ । ଯାଉଚି, ମୋତେ ଭୁଲ ବୁଝିବେନି । ପୃଥିବୀର କେଉଁ କଣରୁ ଝଞ୍ଜା ପବନ ଭସି ଆସି ବେଳେବେଳେ ମଣିଷ ମନରେ ଯେପରି ଶୀତଳ କଣିକା ସିଞ୍ଚି ଦେଇ ଚାଲିଯାଏ; ସେହିପରି ତମେ ଚାଲିଗଲେ ବି ତମର ସହଜ ସୁନ୍ଦର ସ୍ମୃତି ମୋ ମନରୁ ଲିଭିଯିବ ନାହିଁ ।

ରବି କହିଲା—ମଞ୍ଜୁଳା ! ସବୁ କଥା ଖୋଲି କରି ନ କହି ଅଭିମାନିନୀ ପରି ଚାଲିଗଲେ ମୁଁ ଭାରି ଦୁଃଖିତ ହେବି ।

ମଞ୍ଜୁଳା ନ ଶୁଣିଲା ପରି ପଳାଇ ଆସିଲା ।

Digitized by srujanika@gmail.com



ସମୟ ଆଗକୁ ଚାଲିଚି, କାହାରିକୁ ଅପେକ୍ଷା ନାହିଁ ।

ମଞ୍ଜୁଳା ଅଭିମାନ କରି ଚାଲିଆସିଲା ! କିନ୍ତୁ ମଞ୍ଜୁଳାର କଥାଗୁଡ଼ା ରବି ମନ ଉପରେ ଟିକି ଟିକି ଆବାଜ ତୋଳିଲା । ଆବାଜର ପ୍ରତିଧ୍ୱନି ହୃଦୟ ଭିତରେ ବି ପହଞ୍ଚିପାରିଲା ନାହିଁ । ଭାବିଲା; କାହିଁକି ମଞ୍ଜୁଳା ଦୁଃଖ ଦରଦରେ ଭାଙ୍ଗି ପଡ଼ିଚି ! ତେବେ କଣ ସେ ଦାମ୍ପତ୍ୟ ଜୀବନର ସୁଖସଂଭୋଗ ପାଇପାରୁ ନାହିଁ । ଦୁଷ୍ମନ୍ତ ବାବୁ କଣ ତାକୁ ଭଲ ପାଆନ୍ତି ନାହିଁ ? ଭଲ ନ ପାଇବାର କାରଣ କେଉଁଠି ? ମଞ୍ଜୁଳା ସୁନ୍ଦରୀ, ଶିକ୍ଷିତା, ଗୁଣବତୀ । ତେବେ କାହିଁକି ଦୁଷ୍ମନ୍ତ ବାବୁ ତା ପ୍ରତି ଅବିଚାର କରିବେ ? ପ୍ରଶ୍ନ ଉପରେ ପ୍ରଶ୍ନ ଆସେ । ରବି ଭାବି ପାରେନା ।

ମଞ୍ଜୁଳାର ପରଶଭରା କଥାଗୁଡ଼ା ପୁଣି ରବିକୁ ଆପଣାର କରି ଟାଣି ନେବାକୁ ବସିଲା । ରବି ଭାବିଲା, ସେ ମଞ୍ଜୁଳାର ଅତି ନିକଟକୁ ଚାଲିଯିବ— ବୁଝିବ ତାର ଦୁଃଖ କେଉଁଠି ? ନିଜକୁ ଦାନ କରି ଯଦି ସେ ମଞ୍ଜୁଳା ଦୁଃଖ ଲାଘବ କରି ପାରେ—ନିଜର ଯତ୍ନରେ ଯଦି ମଞ୍ଜୁଳା ମୁଖରେ ବ୍ୟଥାର ତିମିର କାଟି ସରଗଚାନ୍ଦ ଫୁଟାଇ ପାରେ, ତେବେ କାହିଁକି ସେ ଦୂରକୁ ଘୁଞ୍ଚିଯିବ ?

ସେଦିନ ରାତିରେ ଦୁଷ୍ମନ୍ତ ବାବୁଙ୍କ ଘର ଭିତରୁ କ୍ରନ୍ଦନ ଧ୍ୱନି ଅସ୍ପଷ୍ଟ ହୋଇ ଶୁଭିଲା । ରବି କାନ ପାତିଲା, କିଏ କାନ୍ଦୁଚି । କାନ୍ଦଣାର ଧ୍ୱନି ଏତେ ଅସ୍ପଷ୍ଟ କିଏ କାନ୍ଦୁଚି ଠିକ୍ ଧରି ହେଲା ନାହିଁ । ତେବେ କଣ ମଞ୍ଜୁଳା କାନ୍ଦୁଚି ? କିନ୍ତୁ କାହିଁକି ? ମନ ଭିତରେ ପ୍ରଶ୍ନ ଉପରେ ପ୍ରଶ୍ନ ଖେଳି ବୁଲିଲା । ହୃଦୟ ଅଜଣା ବେଦନାରେ ଗୁମୁରି ଉଠିଲା । ସାରା ରାତି ସନ୍ଦେହ ଆଉ ବେଦନାରେ କଟିଗଲା ।

ସକାଳେ ସଙ୍ଗୀତାକୁ ଦେଖି ରବି ଡାକି ଆଣିଲା ପାଖକୁ । ଆଦର କରି ପଚାରିଲା—କାଲି ରାତିରେ ତମ ଘରେ କିଏ କାନ୍ଦୁଥିଲା ?

ବାପା ମାରିଲେ । ବୋଉ କାନ୍ଦୁଥିଲା ।

Digitized by srujanika@gmail.com

କାହିଁକି ମାଉଛଲେ ?

ମୁଁ ଜାଣେନା । ବାପା ଭାରି ଖରାପ ଲୋକ । ସବୁବେଳେ ଖାଲି ବୋଉକୁ ମାରୁଛନ୍ତି । ତମ ଭଳିଆ ଭଲ ମଣିଷ ମୋର ବାପା ହେଲା ନାହିଁ କାହିଁକି ?

ଏତେଦିନେ ରବି ମଞ୍ଜୁଳାର କଥାର ମର୍ମ ଠିକ୍ ବୁଝିପାରିଲା । ବିବାହିତ ଜୀବନର ସୁଖ ସରାଗ ହୁଏତ କୌଣସି କାରଣରୁ ସେ ପାଇ ପାରୁନାହିଁ । ମନଟା ତାର ଉଦାସରେ ଭରିଗଲା । ଦୁଷ୍ମନ୍ତବାବୁ ବାହାରକୁ ଏତେ ସୁନ୍ଦର; ଅଥଚ ଭିତରେ ଏତେ ଖରାପ ! ସେ ଭାବି ପାରିଲା ନାହିଁ ।

ରବି ସଙ୍ଗୀତାକୁ କହିଲା, ବୋଉକୁ ଚୁପ୍‌କରି କହିବୁ ରବିବାବୁ ଡକାଇଛନ୍ତି । ବାପା ଅଫିସକୁ ଗଲା ପରେ ମୋତେ ଆସି ବସାରେ ଦେଖା କରିବେ ।

ସଙ୍ଗୀତା ସମ୍ମତି ଜଣାଇ ସୁନାଝିଅଟି ପରି ଚାଲିଗଲା ।

ରବି ଅଫିସକୁ ଗଲା ନାହିଁ । ବସାରେ ମଞ୍ଜୁଳାକୁ ଅପେକ୍ଷା କରି ରହିଲା । ଦିନ ଗୋଟାଏ ବାଜିଲା । ତଥାପି ମଞ୍ଜୁଳା ଆସିଲା ନାହିଁ । ରବି ଭାବିଲା, ହୁଏତ ଦୁଃଖ ଓ ଲଜ୍ଜାରେ ମଞ୍ଜୁଳା ଆଜି ମୁହଁ ଦେଖାଇ ପାରୁନାହିଁ । ସେ ନିଜେ ମଞ୍ଜୁଳାକୁ ଦେଖା କରିବାକୁ ଆସିଲା ।

ଦରଜା ଖୋଲିଦେଇ ମଞ୍ଜୁଳା ରବିକୁ ରୁହିଁପାରିଲା ନାହିଁ । ରବି ଭିତରକୁ ଆସି କବାଟ ବନ୍ଦ କରିଦେଲା । କହିଲା—ମଞ୍ଜୁଳା ! ତମ ସହିତ ବହୁତ କଥା ଅଛି । ମୁଁ ସବୁକଥା ଟିକିଏ ଟିକିଏ ବୁଝିପାରିଲିଣି । ଆଉ ନିଜକୁ ମୋ'ଠାରୁ ଲୁଗୁଇବାର ଚେଷ୍ଟା କର ନାହିଁ । ସବୁକଥା ଖୋଲି କହିଦିଅ । ମୁଁ ତମର କେହି ନୁହେଁ । ତଥାପି ମୋତେ ତମର ଜଣେ ବନ୍ଧୁ ବୋଲି ଗ୍ରହଣ କରିନେଇ ସେ ଆପତ୍ତି କରିବ ନାହିଁ ।

ମଞ୍ଜୁଳା ଦୁଃଖରେ କହିଲା—ମୋ ପରି ହତଭାଗିନୀର ଦୁଃଖ ଶୁଣି ଆପଣଙ୍କର କିଛି ଲାଭ ହେବନାହିଁ । ମୋତେ କ୍ଷମା ଦିଅନ୍ତୁ । ମୋତେ ଯେପରି ଦୂରକୁ ଘଉଁାଇ ଆଡ଼ ହୋଇ ଯାଇଚନ୍ତି, ସେହିପରି ଦୂରକୁ ଆହୁରି ଦୂରକୁ ଚାଲିଯାଆନ୍ତୁ । ସରାଗହୀନ ଜୀବନପଥରେ ପୁଣି ଦେଖାଦେଇ ମୋତେ ପଥହୁଡ଼ା କରନ୍ତୁ ନାହିଁ । ପୁଣି ଆଖିର ଲୁହ ନ ପୋଛି ମୋତେ ଭଲକରି କାନ୍ଦିବାକୁ ସୁଯୋଗ ଦିଅନ୍ତୁ ।

କହୁ କହୁ ମଞ୍ଜୁଳା ଆଖିରେ ଲୁହ ପୂରିଉଠିଲା !

ରବି ମଞ୍ଜୁଳାର ଗୁଲୁସ୍ନିଗ୍ଧ ହାତ ଦୁଇଟି ଧରି କହିଲା, ମଞ୍ଜୁଳା ମୋତେ ଭୁଲ ବୁଝନା । ତମରି ଆଖିର ଲୁହ—ହୃଦୟର ପୁଞ୍ଜୀଭୂତ ବେଦନାର ମୌନ ହାହାକାର ମୋତେ ପୁଣି ତମରି ପାଖକୁ ଟାଣିଆଣିଲା । ତମରି ପରି ସରଳ ସୁନ୍ଦରୀ ସ୍ତ୍ରୀ ପାଇ ଦୁଷ୍ମନ୍ତବାବୁ ନିଜକୁ ସୁଖୀ କରିପାରିଲେ ନାହିଁ କାହିଁକି ?

Digitized by srujanika@gmail.com

ତାହାର କାରଣ ମୁଁ ଖୋଜି ପାଉନାହିଁ । ଅତଏବ ହୃଦୟ ଖୋଲି ସବୁକଥା କହିଦିଅ । ତମ ଦୁଃଖରେ ଦୁଃଖିତ ହେବାକୁ ଯଦି ମୁଁ ଆଗେଇ ଆସିଚି, ତେବେ ମୋତେ ଦୂରକୁ ତଡ଼ି ଦିଅନା ।

ମଞ୍ଜୁଳା ଆଖିରୁ ଲୁହ ପୋଛି କହିଲା, ତେବେ ଶୁଣନ୍ତୁ । ଯେଉଁ ଆଶା ନେଇ ପ୍ରତ୍ୟେକ ନାରୀ ବିବାହିତ ଜୀବନର ସୁଖସୌଧର ପରିକଳ୍ପନା କରିଥାଏ —ତାହା ହିଁ ମୁଁ କରିଥିଲି । ବିବାହ ପରେ ଦିନଗୁଡ଼ା ଫଗୁଣ ବଉଳର ସୌରଭ ମିଶା ପବନରେ ଭରିଯାଇଥିଲା । ଭାବୁଥିଲି ମୋ ଜୀବନର କଳ୍ପିତ ସୁଖଶାନ୍ତି ଭଗବାନ ମୋତେ ଦେଇ ସାରିଛନ୍ତି । ସେଥିପାଇଁ ସବୁବେଳେ ଅଜଣା ଦେବତା ଉଦ୍ଦେଶ୍ୟରେ କହୁଥିଲି, ଠାକୁରେ ! ଏଇମିତି ଝରଣା ପରି କଳକଳ ସରଳ ସୁନ୍ଦର ଦିନଗୁଡ଼ିକ ଭିତରେ ତମରି ଉଜ୍ଜ୍ୱଳ ଆଲୁଅ ସବୁଦିନେ ପଡ଼ିଥାଉ । କିନ୍ତୁ ଦିନ କେତୁଟା ପରେ ସ୍ୱାମୀଙ୍କର କରଛଡ଼ା ଭାବ ମୋ ମନରେ ଭାରି ଦୁଃଖ ଦେଲା । ତାଙ୍କ ମନ ନେଇ ସୁଦ୍ଧା ତାଙ୍କ ହୃଦୟରେ ଦୁଃଖ କେଉଁଠି ବୁଝିପାରିଲି ନାହିଁ । ସେ ବି ମୋତେ ବୁଝିବାର ସୁଯୋଗ ନ ଦେଇ ଦିନୁଦିନ କିପରି ଉଦାସ ହୋଇପଡ଼ିଲେ ।

ଯେଉଁଦିନ ଜାଣିଲି ମୋ ଅଜଣାରେ ସେ ଆଉଜଣକୁ ଭଲ ପାଉଚନ୍ତି, ସେ ପୁଣି ଗୋଟିଏ ବାରନାରୀ; ସେଦିନ ଦୁଃଖ ଓ କ୍ଷୋଭରେ ବତୀଟାକୁ ଲିଭାଇଦେଇ ସାରା ରାତି କାନ୍ଦିକାନ୍ଦି ଭୂଇଁ ଉପରେ ଲୋଟିପଡ଼ିଥିଲି । ମନ ହଉଥିଲା ଯେପରି ରାତ୍ରିର ସେଇ ଗାଢ଼ ଅନ୍ଧକାର ଭିତରେ ମୋର ସକଳସତ୍ତା ଲିଭାଇ ଦିଅନ୍ତି—କିନ୍ତୁ ପାରିଲି ନାହିଁ । ସଙ୍ଗୀତାର ସରଗସ୍ପନ୍ଦ ପରି ହସ ଭରା ମୁହଁ, ଝରଣାପରି କଳକଳ କଥା ମୋତେ ସେ ବାଟରୁ ଫେରାଇ ଆଣିଲା ।

ତା'ପରେ ତାଙ୍କୁ ମୁଁ ଆପଣାର କରିବାକୁ ବହୁତ ଚେଷ୍ଟା କରିଚି । ସବୁ ଚେଷ୍ଟା ବିଫଳ ହେବା ପରେ ତାଙ୍କ ପ୍ରତି ମୋର ଘୃଣା ଜାଗିଉଠିଲା । ପରସ୍ପର ଭିତରେ ବ୍ୟବଧାନ ଦୂରେଇ ଗଲା । ସ୍ୱାମୀ, ସ୍ତ୍ରୀର ଯେଉଁ ମଧୁର ସମ୍ପର୍କତା ଧୀରେ ଧୀରେ ତୁଟିଯାଇ ସଂଘର୍ଷ ସୃଷ୍ଟି ହେଲା ।

ଧୀରେ ଧୀରେ ସେ ଆହୁରି ତଳକୁ ଖସିଗଲେ । ମଦ ଖାଇଲେ । ଅଧେ ଦିନ ସେ ରାତିରେ ଘରକୁ ଆସିଲେ ନାହିଁ । ସ୍ୱାମୀସୁଖରୁ ବଞ୍ଚିତ ହୋଇ ଯନ୍ତ୍ରଣାରେ ଦିନ କାଟିବାକୁ ଲାଗିଲି । କାନ୍ଦିକାନ୍ଦି ଆଖିରୁ ଲୁହ ଶୁଖିଗଲା—ହୃଦୟ ପାଷାଣ ପରି ହୋଇଗଲା । ସ୍ୱାମୀଙ୍କ ପ୍ରତି ମୋର ଅଶ୍ରଦ୍ଧା ବେଖାତିର ଭାବ ପ୍ରକାଶ ପାଇଲା । ତା'ପରେ ସେ ମୋତେ ମାଡ଼ମାରନ୍ତି—ତାହା ଆସ୍ତେ ଆସ୍ତେ ଭୀଷଣ ରୂପ ଧରିଲା । ଭାବେ ଆଉ ବଞ୍ଚି ଲାଭ କ'ଣ ? ଯାଉଚି ଆତ୍ମହତ୍ୟା କରିବି । ତଥାପି ଜୀବନ ପ୍ରତି ମମତା ତୁଟାଇ ନ ପାରି ବଞ୍ଚି ରହିଚି । ନଦୀ ଧାରରେ ପଡ଼ି ରହିଥିବା ଉଦ୍ଦେଶ୍ୟହୀନ ପାଷାଣ ଖଣ୍ଡ ପରି ଜୀବନର ଆଲୁଅ ମରିଯାଇଛି । ସକଳ ସରାଗ ତୁଟିଯାଇଛି । ମରି ନ ପାରି ବି ଖାଲି ମରଣକୁ ଅପେକ୍ଷା ଅଛି । ହୁଏତ ସେ ଦିନେ ଅଜଣାରେ ଆସିବ । କିନ୍ତୁ ସେତେବେଳେ ମୁଁ ମରିବାକୁ ପ୍ରସ୍ତୁତ ନ ଥାଇ ବି ତା' ଆହ୍ୱାନ ଶୁଣିପାରିବି । ମରଣର ମ୍ଳାନ ଆଲୁଅ ଭିତରେ ମୋ ଜୀବନର ଜୀର୍ଣ୍ଣଦୀପ ଲିଭିଯିବ । ରାତ୍ରି

Digitized by srujanika@gmail.com

ଆସିବ । ସେଇ ଭଲ । ଦିନର ତେଜିୟାନ ଆଲୁଅଠାରୁ ରାତ୍ରିର ଶାନ୍ତ ନରମ ଅନ୍ଧକାର କେତେ ଭଲ, ହୁଏତ ସେତିକିବେଳେ ତାହା ମୁଁ ଅନୁଭବ କରିପାରିବି ।

ମଞ୍ଜୁଳାର ଦୁଃଖଭରା ଜୀବନ କାହାଣୀ ଶୁଣି ସାରିଲା ବେଳକୁ ଆଖିରେ ଭରିଯାଇଥିଲା ଲୁହ । ସେ କହିଲା, ତୁମପରି ସ୍ତ୍ରୀ ଥାଉଁ ଥାଉଁ ଦୁଷ୍ମନ୍ତବାବୁ ଆଉ ଜଣକୁ ଭଲ ପାଉଛନ୍ତି । ମୁଁ ଭାବି ପାରୁ ନାହିଁ ଦୁଷ୍ମନ୍ତବାବୁ ଏତେ ତଳକୁ ଖସିଗଲେ କିପରି ? ତାଙ୍କୁ ସେ ବାଟରୁ ଫେରାଇ ଆଣିବାକୁ ଥରେ ମୁଁ ଯତ୍ନକରି ଦେଖିବି ।

ପାରିବେ ନାହିଁ । ନିମ୍ନଗାମୀ ସ୍ରୋତକୁ କେବେ ରୋଧ କରି ହୁଏନା । ତାଙ୍କୁ ଏ ବିଷୟ ଜଣାଇଲେ ସେ ମୋ ପ୍ରତି ଆହୁରି ଅତ୍ୟାଚାର ଆରମ୍ଭ କରିଦେବେ । ତାଙ୍କ ଇଚ୍ଛା ସେ ଯାହା କରନ୍ତୁ । ମୋ' ଭାଗ୍ୟ ଯଦି ଭଲ ଥାଏ, ତେବେ ସେ ଦିନେ ଅମଦାବାଦରୁ ଲେଉଟି ଆସିବେ । ନ ଆସିଲେ ମୋର ଦୁଃଖ କରିବାର କିଛି ନାହିଁ । ଜାଣିଛି ଏ ଜୀବନଟା ମୋର ଛନ୍ଦହୀନ ଜୀବନ ।

ସାରା ଜୀବନ ପାଇଁ ସ୍ୱାମୀ ପ୍ରତି ଅଭିମାନ କରି ଅମଙ୍ଗଳ ଜୀବନ ବରି ନେବାକୁ ତମେ ପ୍ରସ୍ତୁତ କାହିଁକି ହେଉଛ ମଞ୍ଜୁଳା ! ତମର ଆଉ ଆପଣାର ହେବ କିଏ ?

ମୋ ଜୀବନର ବେଦନା ତମର ଆଖିର ଲୁହ ଧାରରେ ଯେତେବେଳେ ଫୁଟିଉଠିଛି, ସେତେବେଳେ ତମ ଛଡ଼ା ମୋର ଆପଣାର ଲୋକ ଦୁନିଆ ଦୁଆରେ କେହି ନାହିଁ ।

ରବି ଦେଖିଲା ମଞ୍ଜୁଳା ଆଖିରୁ ଧାର ଧାର ଲୁହ ଗଡ଼ିପଡ଼ୁଛି । ସେ ନିଜକୁ ଭୁଲିଯାଇ ତାକୁ କୋଳକୁ ଟାଣିଆଣିଲା । ତା' ଆଖିରୁ ଲୁହ ପୋଛିଦେଇ କହିଲା—ମଞ୍ଜୁଳା, କାନ୍ଦନା !

ମଞ୍ଜୁଳା କହିଲା—ତମେ କାନ୍ଦୁଛ କାହିଁକି ?

ହୃଦୟର ଅତି ନିକଟକୁ ତୁମେ ଟାଣିନେଉଚ, ସେଇଥିପାଇଁ ।

ସେଇଦିନୁ ମଞ୍ଜୁଳା ଓ ରବି ଭିତରେ ସବୁ ବ୍ୟବଧାନ ଦୂରେଇଗଲା । ଦୁହିଁଙ୍କ ଭିତରେ ପ୍ରେମର ଅନ୍ତଃସଲିଳା ଫଲ୍ଗୁ ପ୍ରବାହିତ ହେଲା । ସ୍ୱାମୀସୁଖରୁ ବଞ୍ଚିତ ହୋଇ ବିରହ ବିଧୁରା ମଞ୍ଜୁଳା ନୂତନ ସୁଖ ସନ୍ଧାନ ପାଇ ପାରିଲା । ଅନେକାଠାରୁ ଦୂରରେ ରହି ରବି ହୃଦୟରେ ଯେଉଁ ଜ୍ୱାଳା ଅନୁଭୂତ ହେଉଥିଲା, ମଞ୍ଜୁଳାକୁ ଅତି ନିକଟରେ ପାଇବାରୁ ତାହା ଧୀରେ ଧୀରେ ଅପସରିଗଲା ।

ରବିକୁ କେତେଦିନ ହେବ ଜର । ମଞ୍ଜୁଳାର ଭାବନାର ସୀମା ନାହିଁ । ସ୍ୱାମୀଙ୍କ ଅଜଣାରେ ସେ ତା'ର ସେବା ଯତ୍ନରେ ତ୍ରୁଟି କରୁ ନ ଥିଲା । ମଞ୍ଜୁଳାର ଉଚ୍ଛୁସିତ ହୃଦୟର ଅନାବିଳ ସ୍ନେହ ଦେଖି ରବି ଭୁଲିଗଲା ନିଜକୁ ।

Digitized by srujanika@gmail.com

ମଞ୍ଜୁଳାର ତ୍ରୁଟିହୀନ ସେବା ଯତ୍ନ ରବିର ପୂର୍ବ ସ୍ୱାସ୍ଥ୍ୟକୁ ଫେରାଇ ଆଣିଲା । ସେଦିନ ଦି'ପହରରେ, ରବି ଶୋଇଥିଲା । ମଞ୍ଜୁଳା ଧୀରେ ଧୀରେ ପହଞ୍ଚି ରବିର ପାଦ ମଞ୍ଚାଳି ଦେବାକୁ ଲାଗିଲା । ରବି ଆଖି ଖୋଲି ଦେଖିଲା ମଞ୍ଜୁଳା । ସେ ଉଠିପଡ଼ି ମଞ୍ଜୁଳାର ହାତ ଦୁଇଟି ଧରି ପାଖକୁ ଟାଣିଆଣି ପଚାରିଲା, ମଞ୍ଜୁଳା ! ଏତେ ସେବା କରୁଚ କାହିଁକି ? ମୁଁ ତମର କିଏ ?

ଯେଉଁ ସ୍ନେହରେ ତମେ ମୋତେ ବାନ୍ଧିରଖିଚ, ତା'ରି ମୁଁ ଭିକାରୁଣୀ ।

ରବି ମଞ୍ଜୁଳାକୁ ଆହୁରି କୋଳକୁ ଟାଣିନେଇ ତାର ଗାଲରେ ଝରଝରର ଚୁମ୍ବନ ଆଙ୍କି ଦେଇ କହିଲା, ଭିକାରୁଣୀ ନୁହଁ—ସେଇ ସ୍ନେହର ତମେ ଅଧିକାରିଣୀ—ହୃଦୟର ରାଣୀ ।

ମଞ୍ଜୁଳା ନିଜକୁ ରବି ପାଖରେ ଦାନ କରିସାରିଥିଲା । ସେ ବାଧାଦେଇ ପାରିଲା ନାହିଁ । ରବିର ଘନ ଘନ ଚୁମ୍ବନ ତା'ର ଚନ୍ଦ୍ରମା ପରି ମୁହଁ ଉପରକୁ ଲାଗିଆସିଲା ।

ମଞ୍ଜୁଳାର କରୁଣ ଗଭୀର ଛନ ଛନ ଚାହାଣି ରବିକୁ ପାଗଳ କରିଦେଲା । ତା'ପରେ ରବିର ଦେହ ମଞ୍ଜୁଳାର ଦେହ ଭିତରେ ଜଡ଼ି ଏକ ହୋଇଗଲା ।

ମଞ୍ଜୁଳାର ସ୍ନେହ ଦିନୁ ଦିନ ରବିକୁ ନିବିଡ଼ତାରେ ବାନ୍ଧିରଖିଲା—ଘାସର ଅସଂଖ୍ୟ ଚେର ଦୃଢ଼ ବନ୍ଧନରେ ଯେପରି ବାନ୍ଧି ରଖେ ମାଟିପିଣ୍ଡକୁ ।

ମଞ୍ଜୁଳାକୁ ଦିନେ ନ ଦେଖିଲେ ରବିକୁ କିଛି ଭଲ ଲାଗେନା । ରବିକୁ ଦିନେ ଦେଖା ନ ଦେଇ ମଞ୍ଜୁଳା ଘରେ ରହି ପାରେନା । ବେଳେବେଳେ ଦୁହିଁଙ୍କ ମନ ଉପରେ ପାପର ସ୍ଫୁଲିଙ୍ଗ ଦେଖାଦିଏ । ପୁଣି ସେଇ ମନ କୁହେ, ଦୁର୍ବଳ ମନର ଅନୁତାପ ହିଁ ପାପ । ଦୁହିଁଙ୍କ ମନ ମିଳି ଏକ ହୋଇ ପ୍ରଣୟର ହେଇଛି ରୂପାନ୍ତର ପାପ, ଅନୀତିର ସ୍ଥାନ ଚାଲିଯାଇଛି ବହୁ ଦୂରକୁ । ମନ ଉପରୁ ପାପର ତାତି ଉଭେଇ ଯାଏ—ପୁଣି ସହଜ ସୁନ୍ଦର ପ୍ରେମର ଫଲ୍‌ଗୁ ପ୍ରବାହିତ ହୁଏ ।

ଜହ୍ନ ଆଲୁଅ ସନ୍ଦେଶ ଧରି ଦିନ ଶେଷରେ ଶାନ୍ତ ମଧୁର ରାତି ହସି ଉଠିଲା । ଫୁଲୁଫୁଲୁ ପବନ ନଈ ସେପାରିର କେଉଁ ନିଛାଟିଆ ଉଦ୍ୟାନ ଭିତରୁ ଗନ୍ଧ ଚୋରିକରି ବିଞ୍ଚିଦେଇ ଗଲା । ତାରା ଜୁଳୁଜୁଳୁ ଆକାଶଟି ଦିଶିଲା କେଡ଼େ ମଉନ—ଚାହିଁଲେ କଅଁଳ ଜୋଛନାର ଝିଅଟିର ମନଟା ବାନ୍ଧି ହୋଇ କେଉଁ ଅଜଣା ରାଇଜକୁ ଚାଲିଯାଏ । ହୃଦୟ ଖୋଜେ ସାଥୀ—ଯେପରି ଏଇ ଯୌବନା ରାତିର ଗନ୍ଧଉଛୁଳା ମହକକୁ ପ୍ରାଣଭରି ନିଃଶେଷ କରି ଦେବାକୁ ହେବ ।

Digitized by srujanika@gmail.com

ରବି ପ୍ରକୃତିର ଶୋଭାସଂପଦରେ ନିଜକୁ ହଜାଇ ଦେଇଛି । ହଠାତ୍ ପାଖରେ ମଞ୍ଜୁଳା କେତେବେଳେ ଆସି ଉଭା ହେଲାଣି, ସେ ଜାଣିପାରିନି ।

ସ୍ୱପ୍ନ କ'ଣ ଭାଙ୍ଗିବ ନାହିଁ ?

ରବି ଚମକିପଡ଼ି ଚାହିଁଲା, ହସ ହସ ମୁହଁରେ ପଛରେ ଛିଡ଼ା ହୋଇଛି ମଞ୍ଜୁଳା ।

କୁଆଡ଼େ ଆସିଛ ମଞ୍ଜୁଳା—ଦୁଷ୍ମନ୍ତବାବୁ ଘରେ, ନା, ତାଙ୍କର ସେଇ ପ୍ରଣୟିନୀଙ୍କ କତିରେ ?

ଅଫିସ କାମରେ ବାହାରକୁ ଯାଇଛନ୍ତି—ଫେରିବେ ତିନିଦିନ ପରେ । ଏକୁଟିଆ ବସାରେ ଭଲ ଲାଗିଲା ନାହିଁ—ଚାଲିଆସିଲି ।

ଭଲ କଲ । ତମରି ସାନ୍ନିଧ୍ୟରେ ଏଇ ସୁନ୍ଦର ଉତ୍ସବତିକୁ ବେଶ୍ ଉପଭୋଗ କରିହେବ ।

ସଙ୍ଗୀତାକୁ ଏକଲା ଛାଡ଼ିଆସିଚି । ଆମ ଘରଠିକୁ ଚାଲନ୍ତୁ । ମଞ୍ଜୁଳାର ଅନୁରୋଧ ଏଡ଼ିଦେବା ଶକ୍ତି ରବିର ନ ଥିଲା ।

ଘର ଭିତରେ ବିଜୁଳି ଆଲୁଅ ବିଛାଡ଼ି ହୋଇ ପଡ଼ିଥିଲା । ସଙ୍ଗୀତା ନିଦରେ ଶୋଇ ପଡ଼ିଥିଲା । ଦୁନିଆର ସକଳ ବାଧା ବନ୍ଧନ ସନ୍ଦେହ ଉହାଡ଼ରେ ମଞ୍ଜୁଳା ଓ ରବି ଭିତରେ ଚାଲିଥିଲା ପ୍ରେମାଳାପ ।

ରବି କହିଲା—ମଞ୍ଜୁଳା, ଇମିତି ଲୁଚି ଲୁଚି ଆମର ଦିନଗୁଡ଼ା କେତେ ଦିନ କଟିବ ?

ଯେତେଦିନ ମୋ ଭାଗ୍ୟରେ ତମରି ସୁଖ ସ୍ପର୍ଶଲାଭ ଥିବ ।

ତମେ ଜାଣ, ମୋର ବିବାହିତା ସ୍ତ୍ରୀ ଘର ଜଗୁଛି । ତା'ର ମୋ ଉପରେ ଯେଉଁ ଦାବୀ, ତା' ତମେ ଅସ୍ୱୀକାର କରିବ ନି ।

ତମ ସ୍ତ୍ରୀଠାରୁ ତମକୁ ମୁଁ ଛିନ୍ନକରି ନେବାକୁ ଚାହେଁ ନାହିଁ । ନାରୀ ହୃଦୟର ବ୍ୟଥା ଓ ସକଳ ଦୁଃଖ କେଉଁଠି, ତାହା ମୁଁ ନିଜ ଅନୁଭୂତି ଭିତରେ ବେଶ୍ ଜାଣିପାରିଚି । ତମରି ପରି ସରଳ ସୁନ୍ଦର ଲୋକ ସହିତ ଭେଟ ଏଇ ଜୀବନରେ ମୋର ପ୍ରଥମ ଓ ଶେଷ । ସେଥିପାଇଁ ମୁଁ ଚାହେଁ ତମରି ଅସୀମ ଆନନ୍ଦ ଭିତରେ ନିଜକୁ ମିଶାଇ ଦେଇ ଜୀବନର ସକଳ ଦୁଃଖ ଭୁଲିଯିବାକୁ; କିନ୍ତୁ ନିଜର ସ୍ୱାର୍ଥସିଦ୍ଧି ପାଇଁ ତମକୁ ବାଟବଣା କରିଦେବା ମୋର ଉଦ୍ଦେଶ୍ୟ ନୁହେଁ । ସେ ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ମୁଁ ଅପସରି ଆସିଥିବି ।

Digitized by srujanika@gmail.com

ମଞ୍ଜୁଳା, ଏତେବଡ଼ ମହତ୍ ହୃଦୟ ନେଇ ତମେ ମୋ ପରି ଅଜଣା ଅଶୁଣା ଲୋକକୁ ଆପଣାର କରିପାରିଲ—ଅଥଚ ନିଜ ସ୍ୱାମୀକୁ ?

ତାଙ୍କ କଥା କହି ମୋତେ ଦୁଃଖ ଦିଅନ୍ତୁ ନାହିଁ । ଛନ୍ଦହୀନ ଜୀବନ ଭିତରେ ତମେ ଯେଉଁ ରାଗିଣୀର ଆଳାପ ତୋଳିଚ, ସେଇ ମଧୁର ଆଳାପରେ ମୋତେ ସବୁ ଦୁଶ୍ଚିନ୍ତାରୁ ଛୁଟିଦେଇ ଆହୁରି ନିକଟକୁ ନେଇଯାଅ ।

ତମ ପାଖରେ ମଧୁର ଆଳାପ ହେବାବେଳେ ହୃଦୟରେ ଯେଉଁ ଅସୀମ ଆନନ୍ଦର ଜୁଆର ଉଠେ—ତାହା ମୁଁ ନିଜ ସ୍ତ୍ରୀ ସହିତ କେବେ ଅନୁଭବ କରି ପାରିନି । ବିବାହିତ ଜୀବନରେ ସ୍ତ୍ରୀ ସହିତ ପ୍ରେମର ଉତ୍ସ କ୍ଷଣସ୍ଥାୟୀ—କିନ୍ତୁ ପରକୀୟା ପ୍ରୀତିରେ ଯେଉଁ ଆନନ୍ଦ, ତା'ର ତୀବ୍ର ତଡ଼ିତାନୁଭୂତି ଅଭିଭୂତ କରିପକାଏ ସବୁଦିନ ପାଇଁ । ତମରି ଅନାବିଳ ପ୍ରେମ ଭିତରେ ମୁଁ ଆଜି ପାଇଚି ମନର ପରିପୂର୍ଣ୍ଣତା । ସେଥିପାଇଁ ଆମର ପ୍ରେମ କ୍ଷଣସ୍ଥାୟୀ ହେଲେ ବି ଯୁଗ ଯୁଗ ପାଇଁ ତାହା ସାର୍ଥକ ହୋଇଚି ।

ମଞ୍ଜୁଳା ଲାଜରେ ମୁଖାନତ କଲାବେଳକୁ ରବି ତାକୁ କୋଳକୁ ଟାଣି-ଆଣିଲା । ତାର ଗୁରୁ ସ୍ନିଗ୍ଧ ହାତ ପାପୁଲିକୁ ଚିପି କହିଲା, ଏତେ କୋମଳାଙ୍ଗୀ ହେଲ କିପରି ?

ମଞ୍ଜୁଳା ମୁଖରେ ଭାଷା ନାହିଁ । ଉତ୍ତର ପାଇବାକୁ ରବି ତା' ମୁହଁ ଉପରକୁ ନିଜ ମୁହଁଟିକୁ ଲଦିଦେଲା । ରାତି ବାରଟା । ଘର ଭିତରେ ବିଜୁଳି ଆଲୁଅକୁ ନିଦ ଝାଙ୍କୁଥିଲା । ବାହାର ନିଶବଦ ରାତି ବେଶି ହବାର ସୂଚନା ଦେଉଥିଲା ।

ମଞ୍ଜୁଳାକୁ କୋଳରୁ ଉଠାଇ ଦେଇ ରବି କହିଲା, ରାତି ବହୁତ ହେଲାଣି, ବିଦାୟ ଦିଅ !

ମୋତେ ଏକଲା ଛାଡ଼ି କୁଆଡେ ଯିବ । ନିଛାଟିଆ—ଭାରି ମାଡ଼ି ମାଡ଼ି ପଡୁଚି । ଆଜି ରାତିକ ଏଠି ରହିଗଲେ କ'ଣ ହେବ ନାହିଁ ?

ଅବାଧ୍ୟ ହେବାର ଉପାୟ ରବି ଖୋଜି ପାଇଲା ନାହିଁ ।

ଖଟ ଉପରେ ବିଛଣା ସଜାଡ଼ି ଦେଇ ମଞ୍ଜୁଳା କହିଲା, ତମେ ଏଠି ଶୋଇପଡ଼, ମୁଁ ଶୋଉଚି ତଳେ । ତଳେ ବିଛଣା ପାରିବା ପୂର୍ବରୁ ରବି ହସି ହସି ମଞ୍ଜୁଳାକୁ ଖଟ ଉପରକୁ ଟାଣିନେଇ କହିଲା, ଏଇ ଖଟ ଉପରେ ଦୁଇଜଣଙ୍କୁ ବେଶ୍ ଜାଗା ହେବ—ବୃଥାରେ ଏତେ ପରିଶ୍ରମ କରିବ କାହିଁକି ? ମଞ୍ଜୁଳା ରବି କଥାରେ ଆପତ୍ତି କରିପାରିଲା ନାହିଁ । ଦୁହିଁଙ୍କ ଭିତରେ ଯେଉଁ କାମନାର ନିଆଁ ଜଳୁଥିଲା, ତାହା ଲିଭିଗଲା । ତା'ରି ଭିତରୁ ମିଳନର ଏକ ପ୍ରୀତିଉଚ୍ଛୁଳା ଗନ୍ଧ ଘର ଭିତରେ ଖେଳିବୁଲିଲା ।

Digitized by srujanika@gmail.com

ତା' ପରଦିନ ରବି ଅଫିସରୁ ଫେରିଲାବେଳେ 'ହିନ୍ଦ୍'ରୁ ଦୁଇଟି ସିନେମା ଟିକେଟ୍ ନେଇ ଆସିଥିଲା ! କାଳେ ଦେଖିଲେ କିଏ କ'ଣ ମନେକରିବ ସେଥିପାଇଁ ମଞ୍ଜୁଳା ଆସିବାକୁ ପ୍ରଥମେ ଅନିଚ୍ଛା ପ୍ରକାଶ କରୁଥିଲା; କିନ୍ତୁ ରବିର ଏକାନ୍ତ ଅନୁରୋଧ ସେ ଏଡ଼ି ଦେଇ ପାରିଲା ନାହିଁ । ସନ୍ଧ୍ୟାକୁ ଦୁହେଁ ସିନେମା ଦେଖିଗଲେ । ଫେରିବାବେଳେ କାଠଯୋଡ଼ୀ କୂଳେ କିଛି ସମୟ ଜ୍ୟୋତ୍ସ୍ନାଭରା ଯାମିନୀ ଅତିବାହିତ କରି ବସାକୁ ଫେରିଆସିଲେ ।

ମଞ୍ଜୁଳାକୁ ନେଇ ରବି ସ୍ୱପ୍ନ ବିଭୋର ଦିନଗୁଡ଼ିକ ଭିତରେ ଅଳକାକୁ ଭୁଲିଗଲା । ଭୁଲିଗଲା, ଯାହାପାଇଁ ସେ ଦିନେ ପାଗଳ ହୋଇ ଛୁଟି ଯାଉଥିଲା ସେଇ ଜୀବନର ସାଥୀ ସରଳା ସୁକୁମାରୀ ପ୍ରାଣପ୍ରିୟାଟିର କଥା, ଅତି ଆପଣାର ଖଉଜ, ଘର ଦୁଆର, ବାପ ମା' ସବୁ ଯେପରି ବିସ୍ମୃତିର କୁହୁଡ଼ି ଭିତରେ ହଜିଗଲା !

Digitized by srujanika@gmail.com



ହଠାତ୍ ସେଦିନ ଭାଇଜଙ୍କ ଚିଠି ଖଣ୍ଡେ ପାଇ ରବି ଭୀତତ୍ରସ୍ତ ହୋଇ ପଡ଼ିଲା ।

ସେ ଲେଖିଛନ୍ତି—ସ୍ନେହର ରବି, ତମେ ଏପରି ହେବ ବୋଲି ମୁଁ ସ୍ୱପ୍ନରେ ବି ଧାରଣା କରି ନ ଥିଲି । ଏଥି ପାଇଁ ପୁଅ ଏକୋଇଶାକୁ ଛୁଟି ମିଳିଲା ନାହିଁ ବୋଲି ଲେଖିଦେଇ ଗାଁକୁ ଆସିଲ ନାହିଁ । ଏତେ ବଡ଼ ଆନନ୍ଦ ଉତ୍ସବରେ ତମେ ନ ଆସି ରହିଲ କିପରି ? ସେଦିନ ମୁଁ ଭାବିପାରି ନ ଥିଲି; କିନ୍ତୁ ଆଜି ମୁଁ ଠିକ୍ ତମକୁ ଧରି ନେଇଛି ।

ଯୋଉଁ ସୁନ୍ଦରୀ ସ୍ତ୍ରୀଟିକୁ ନେଇ ସିନେମା ଦେଖି କଟକ ସହରରେ ହସିଖେଳି ବୁଲି ପାରୁଚ—ସେଟି କିଏ ? ସେ କଣ ଅଳକାଠାରୁ ଏଡ଼େ ସୁନ୍ଦରୀ ? ମନ ଜାଣି ତାକୁ ତମ ହାତରେ ଦେଇଥିଲି । ସେ କଣ ତମଠାରୁ ଏଇଆ ଆଶା କରିଥିଲା ! ତାକୁ ଦୂରରେ ଫିଙ୍ଗିଦେଇ ତମେ ଭ୍ରମର ପରି ଏ ଫୁଲରୁ ସେ ଫୁଲ ଉଡ଼ି ଉଡ଼ି ବୁଲିବ ! ଏଇଆ ଯଦି ତମ ମନରେ ଥିଲା ତେବେ ଅଳକାକୁ ଜୀବନ ସଙ୍ଗିନୀ କରୁଥିଲ କାହିଁକି ? କାଣ ଭାଉଜଙ୍କୁ ଆତ୍ମହତ୍ୟା ଦୋଷରେ ଭାଗୀ କରିବାକୁ ?

ଅଳକାର ବଡ଼ଭାଇ ବିଜୟ କଟକ ଯାଇଥିଲା । ସେ ତମ ଦୁହିଁଙ୍କୁ ସିନେମା ହଲରେ ଓ କାଠଯୋଡ଼ି କୂଳରେ ମଧ୍ୟ ଦେଖିଚି । ସାଥିରେ ଅନ୍ୟ ଜଣେ ସ୍ତ୍ରୀ ଥିବା ଦେଖି ସେ ତମକୁ ଦୁଃଖରେ ଦେଖା ନ ଦେଇ ପଳାଇ ଆସିଚି । ଏଠି ଆସି ଅଳକାକୁ ସବୁ କଥା କହିସାରିଚି ।

ଦୀନହୀନ ହେବ ଅଳକାର ଖିଆପିଆ ନାହିଁ । କାନ୍ଦି କାନ୍ଦି ତା'ର ଦିନ ସରୁ ନାହିଁ । ସେ ଖାଲି ସବୁବେଳେ କହୁଚି, ଉର୍ମି ଅପା, ମୋର ବଞ୍ଚି ଆଉ ଲାଭ କଣ ? ଗୋଡ଼େ ଗୋଡ଼େ ତାକୁ ଜଗି ରହିଚି । ଶୀଘ୍ର ଗାଁକୁ ଚାଲିଆସ । ଛୁଟି ନ ମିଳିଲେ ତମେ ଚାକିରୀକୁ ଛୁଟି ଦେଇ ସବୁଦିନ ପାଇଁ ଗାଁକୁ ଚାଲି ଆସ । ଏଠି ପେଟ ଆପୋଷା ରହିବ ନାହିଁ । ଯିଏ ଶୁଣିବ, ସିଏ କଣ କହିବ ? ବାହାରକୁ ତମେ ଏଡ଼େ ମଉନ, ଧୀର—ଭିତରେ ପୁଣି ଏତେ ଗୁଣ ! ଭାବିଲାବେଳକୁ ଆଖିରେ ଲୁହ ଆସୁଚି । ମୋ ରାଣ । ଶୀଘ୍ର ଘରକୁ ଆସ—ବାଟବଣା ହୁଅନା ।

Digitized by srujanika@gmail.com

ଚିଠି ଭିତରୁ ଏକ ଅଜଣା ଆଶଙ୍କାର ଛାୟା ନାଚି ଉଠିଲା । ମନଟା ତା'ର ଫେରିଗଲା ଦୂର ଗାଁ ଗହଳରେ ଥିବା ପ୍ରାଣପ୍ରିୟା କତିକି । ଜୀବନଫୁଲର ସଉରଭ—ସୁଖ-ଦୁଃଖ, ହସ କାନ୍ଦର ସାଥୀ—ଅନାଗତ ଦିନର ଉଜ୍ଜ୍ୱଳ ଆଲୁଅ, ସେଇ ତା'ର ଅତି ଆଦରଣୀୟା ଅଳକା । ଦିନେ ଯା ପାଇଁ ସେ ପାଗଳ ହେଉଥିଲା, ଆଜି ମଞ୍ଜୁଳାର ଅଯାଚିତ ସ୍ନେହର ଧୂଳିକଣା ମନ ଉପରେ ସଦା ହସହସ ଅଳକା ରୂପଛବି ଉପରେ ପଡ଼ି ମଳିନ, ନିଷ୍ପ୍ରଭ କରି ଦେଇଚି । ସେଥିପାଇଁ ସେ ଅଳକାକୁ ଭୁଲି ଯାଇଚି । ତା'ପ୍ରତି କବଛଡ଼ା ଭାବ ଅଳକା ମନରେ ସନ୍ଦେହର ଧୂଆଁ ଖେଳାଇ ଦେଇଚି । ସେ ଧୂଆଁ ଅଳକା ଆଖିରୁ ଛୁଟାଇଚି ଅବିଶ୍ୱାସର ଲୁହଧାର । ରବି ଦେଖିଲା, ଏଇ ଧୂଆଁ ଧୀରେ ଧୀରେ ନିମନ୍ତ୍ରଣ କରିବ—ତା'ପରେ ସବୁ କଥା ଶେଷ ହୋଇଯିବ ।

ଏତେବଡ଼ ଅନ୍ୟାୟ ସେ କରିପାରିବ ନାହିଁ । ଯିବ ସେ ଅଳକା କତିକି । ତା ହୃଦୟର ବେଦନା, ମନର ପରଶ, ଆଖିର ଲୁହ ପୋଛିଦେବ । ମୁହଁରେ ଖେଳାଇବ ଖୁରୁଲତା—ଆଖିରେ ଭରିଦେବ ଉଜ୍ଜ୍ୱଳତା—ଓଠରେ ଫୁଟାଇବ ହସ ଫୁଲ, ମନରେ ବୋଳି ଦେବ ମାଦକତା—ପ୍ରାଣରେ ସିଞ୍ଚିଦେବ ସଉରଭ । ସନ୍ଦେହ କାଳିମା ଯିବ ଅପସରି । ପୁଣି ଦୁହିଁଙ୍କ ଭିତରେ ବହିବ ପ୍ରୀତିଗଙ୍ଗା ଏକ ଆବେଗମୟ ଛନ୍ଦଭରା ସାବଲୀଳଗତିରେ । ମଞ୍ଜୁଳାକୁ ଏ ବିଷୟ ନ ଜଣାଇ ତା'ପର ଦିନ ରବି ଅଫିସରୁ ଛୁଟି ନେଲା ।

ବିଦାୟ ନେବାଦିନ ମଞ୍ଜୁଳା ଆଖିରେ ଲୁହର ବନ୍ୟା କୂଳ ଲଙ୍ଘି ରବିର ଧୈର୍ଯ୍ୟର ବନ୍ଧ ଭାଙ୍ଗିଦେଲା । ରବି ମଞ୍ଜୁଳା ଆଖିରୁ ଲୁହ ପୋଛି ଦେଇ କହିଲା, ତମର ମୁଁ କିଏ ? କାହିଁକି ମୋତେ ଏପରି ବନ୍ଧନରେ ବାନ୍ଧି ରଖି ପଥହୁଡ଼ା କରୁଚ ? ମଞ୍ଜୁଳା କହିଲା, ତମେ ମୋର କେହି ନୁହଁ ବୋଲି ଆଜି ତମକୁ ମୁଁ ଛାଡ଼ି ଦେଇପାରୁଚି । ତମକୁ ଆପଣାର କରିବା ଗୌରବ ମୋର ନାହିଁ । ମୋ ଜୀବନର କଣ୍ଟକଭରା ଯାତ୍ରା ପଥରେ ତମେ ଥିଲ ଆଲୋକ ସ୍ତମ୍ଭ । ସେ ଆଲୋକଟିକ ଲିଭିଗଲା ବେଳେ ମୋର କାନ୍ଦିବାର କଥା । ମୁଁ କାନ୍ଦୁଚି । ଏ ଲୁହ ତମକୁ ବନ୍ଧନରେ ବାନ୍ଧି ରଖିପାରିବ ନାହିଁ । ତମେ ଯାଅ—ଅଲୋଡ଼ା ଜୀବନ ପ୍ରତି ଟିକିଏ ମମତାପୂର୍ଣ୍ଣ ଦୃଷ୍ଟି ଫେରାଇ ପୁଣି ଚାହିଁବ, ଏତିକି ନିବେଦନ ।

ରବି କହିଲା—ମଞ୍ଜୁଳା, ଯେଉଁଠିଥିଲେ ବି ତମକୁ ମୁଁ ଭୁଲିପାରିବି ନାହିଁ । ମୋ ଜୀବନର ମଧୁସ୍ମୃତି ଭିତରେ ତମରି ଉଜ୍ଜ୍ୱଳ ମୁଖଶ୍ରୀ ସବୁଦିନେ ହସୁଥିବ । ମୁଁ ଘରେ ଥିବାବେଳେ ଭଲମନ୍ଦ ଖବର ଲେଖି ଜଣାଇବ । ଶୀଘ୍ର ପୁଣି ଫେରି ଆସିବି ।

ମଞ୍ଜୁଳାଠୁ ବିଦାୟ ନେଇ ରବି ଗାଁକୁ ଫେରି ଆସିଲା ।

* * * *

ରବିକି ଦେଖି ଊର୍ମି ଅଭିମାନରେ କଥା କହିଲା ନାହିଁ । ରବି ହାତ ଧରି ବିନୟ ହୋଇ କହିଲା, ନୁଆବୋଉ, ତମେ ମୋତେ ଯେଉଁ ଦୃଷ୍ଟିରେ ଦେଖୁଚ, ତା ମୁଁ ନୁହେଁ । ସେ ସ୍ତ୍ରୀଲୋକଟି ମୋର ପଡ଼ିଶା ବନ୍ଧୁର ସ୍ତ୍ରୀ । ତମେ ଥରେ

Digitized by srujanika@gmail.com

ତାଙ୍କ ସଂସ୍ପର୍ଶରେ ଆସିଲେ ମୋ ପ୍ରତି ତମର ସବୁ ଅବିଶ୍ୱାସ କେଉଁଆଡ଼େ ଉଭେଇଯିବ । ଅଳକା ପ୍ରତି ଅନ୍ୟାୟ, ଅବିଚାର କରି ଏତେ ଦୂରକୁ ଚାଲିଯିବି, ଏହା ତମେ ଭାବିପାରିଲ କିପରି ? ମୋତେ ଭୁଲ ବୁଝି କଥା ନ କହିଲେ ଯେଉଁବାଟେ ଆସିଥିଲି—ସେଇ ବାଟେ ବାଟେ ଚାଲିଯିବି ।

ଅଳକାକୁ ସଂଗରେ ନେଇ ଶୀଘ୍ର ଚାଲିଯାଅ ରବି । ତମକୁ ଭୁଲ ବୁଝିବାକୁ ମୋ ମନରେ ଅବକାଶ ଦିଅନା । ତାକୁ ତମେ ସୁଖୀ କଲେ ଭାଉଜଙ୍କ ସ୍ନେହ କେବେ ତମଠାରୁ ଊଣା ହେବ ନାହିଁ । ସେ ମୋର ଯା' ନୁହେଁ—ଭଉଣୀ । ତା ଆଖିର ଲୁହ ମୋତେ କେତେ ଦୁଃଖ ଦିଏ ତା ତମେ ବୁଝିପାରିବ ନାହିଁ । ନାରୀର କୋମଳ ହୃଦୟକୁ ବୁଝିପାରିବା ଶକ୍ତି ନାରୀ ଛଡ଼ା ପୁରୁଷର ନାହିଁ । ସୁତରାଂ ତମ ପ୍ରତି ମୋର ଅଭିମାନ ନିବେଦନ ଛଡ଼ା କିଛି ନୁହେଁ ।

ତମରି କଥା ହେବ ନୂଆବୋଉ ।

ତେବେ ଯାଅ । ସବୁକଥା ବୁଝାଇ ଅଳକା ଆଖିରୁ ଲୁହ ପୋଛି ଦିଅ । ପଦ୍ମପତ୍ର ଉପରେ ଅସ୍ଥିର ଜଳ ବିନ୍ଦୁ ପରି ତା'ର ମନକୁ ନିଜର ପ୍ରାଣ ସରସୀରେ ମିଶାଇ ଦିଅ । ପବନ ପିଟିଲେ କଅଁଳ ଛନ ଛନ ନୂଆ ପତ୍ର ଯେପରି ଅଜଣା ଭୟରେ ଥରିଉଠେ, ସେହିପରି ସନ୍ଦେହ-ଦୋଳାରେ ସେ ଆଜି ଦୋଳାୟିତ । ତା'ର ସରଳ ମନ-ମୁକୁରରେ ତମରି ଅନାବିଳ ସ୍ନେହ ଛବି ଖେଳାଇ ଦିଅ । ସେ ପୁଣି ତମକୁ ଅତି ଆପଣାର ପରି ଦେଖୁ—ଏତିକି ମୋର କାମନା ।

ରବି ଯେତେ ଚେଷ୍ଟାକଲା, ଦିନମାନ ଅଳକା ତାକୁ ଧରାଛୁଆଁ ଦେଲା ନାହିଁ । ରାଗ ଓ ଅଭିମାନରେ ରବିକି ଥରୁଟିଏ ବି ଚାହିଁଲା ନାହିଁ ।

ରାତିରେ ଅଳକା ଅନ୍ୟଘରେ ଶୋଇବାକୁ ଗଲା । ଊର୍ମି ଦେଖିଲା, ଦୁହିଁଙ୍କ ମାନଭଞ୍ଜନ ନ କଲେ ହୁଏତ ତିକ୍ତତା କାଲିକି ବେଶି ବଢ଼ିଯିବ । ସେ ହସଭରା ମୁହଁରେ ଅଳକାକୁ ପଚାରିଲା, କିଲୋ, ଏକୁଟିଆ ଏଠି କାହିଁକି ଶୋଇଛୁ ! ସେ ଘରକୁ ଯାଉନାହୁଁ । ରବି ପରା ତୋତେ ଅନେଇଛି ।

ମୋ ଦେହ ଭଲ ନାହିଁ । ମତେ ତମେ ବିରକ୍ତ କରନା ଅପା ।

ଅଳକା ମୁହଁ ମାଡ଼ି ଶୋଇଲା ।

କିଛି ନ ଥିଲା । ହଠାତ୍ ପୁଣି କଅଣ ହେଲା ?

ମୋ ମୁଣ୍ଡ ବିନ୍ଧୁଛି ।

ମୁଣ୍ଡ ଚିପି ଦେବି ? ସରାଗରେ ଊର୍ମି ଅଳକା ମୁହଁଟିକୁ କୋଳ ଭିତରକୁ ଟାଣି ଆଣିଲା । ଦେଖିଲା ଆଖିରେ ଢଳ ଢଳ ହେଉଛି ଅଶ୍ରୁ । କହିଲା, ମିଛ କହି ଭୁଲାଇ ଦେଲେ ଭାବିଛୁ ଅପା ତୋ ମନକଥା ବୁଝିପାରିବି ନାହିଁ ? ଛି ! ରାଗ,

Digitized by srujanika@gmail.com

ଅଭିମାନ ନାରୀ ଜୀବନର ବଡ଼ ଶତ୍ରୁ । ଟିକ ଟିକ ଋଟ ଅଭିମାନରେ ସ୍ୱାମୀ ସ୍ତ୍ରୀ ଭିତରେ ବେଳେବେଳେ ଯେଉଁ ସଂପର୍କ ସୃଷ୍ଟି ହୁଏ, ତାହା ଦୁହିଁଙ୍କ ଭିତରେ ପ୍ରସ୍ଫୁଟିତ ସ୍ନେହକଳିକୁ ଚିରଦିନ ପାଇଁ ମୁଦ୍ରିତ କରିଦିଏ । ସ୍ୱାମୀ ପ୍ରତି ଦୂରେଇ ରହି ଅଭିମାନ କରି ବସିଲେ ସ୍ତ୍ରୀର ମଙ୍ଗଳ ହୁଏ ନାହିଁ । ସ୍ୱାମୀକୁ ଆପଣାର କରି ଭଲ ପାଇ ତାଙ୍କରି ପାଖରେ ଅଭିମାନ କଲେ ଶୋଭା ପାଇବ ଅଳକା । ଚାଲ, ରବି ତୋତେ କେତେ ଭଲପାଏ ସବୁ ଜାଣି ତଥାପି ଅବୁଝା ହେଉଛୁ ।

ନାହିଁ ଅପା । ମୋ ଦେହ ଭଲ ଲାଗୁ ନାହିଁ । ଆଜି ଦିନକ ମୋତେ ଟିକେ ଶାନ୍ତିରେ ଶୋଇବାକୁ ଦିଅ ।

ଏଇଠି କାନ୍ଦି କାନ୍ଦି ଏକୁଟିଆ ଶୋଇବୁ । ମୋତେ ନିଦ ହେବ କିପରି ? ନାରୀ ଜନମ ପାଇ ନାରୀର ଦୁଃଖ କେଉଁଠି ବୁଝିପାରିବି ନାହିଁ ? ଛି.....ଅବାଧ୍ୟ ହୁଅନା !

ଊର୍ମି ଅଳକା ହାତଧରି ଟାଣିଲା । ଅଳକା କହିଲା, ତମ ହାତ ଧରୁଚି ଅପା ! ମୋତେ ଆଜିକ ତାଙ୍କଠୁ ଦୂରରେ ରହିବାକୁ ଦିଅ । ତାଙ୍କ ଉପରେ ମୋ ହୃଦୟରେ ଯେଉଁ ଅବସାଦ ଜନ୍ମିଚି ତାକୁ ଆଖିଲୁହରେ ଧୋଇ ଯିବାକୁ ଦିଅ ।

ଆଖି ଲୁହରେ ସେ ଅବସାଦ ଦୂର ହେବନି ଅଳକା । ସେ ଅବସାଦ ଦୂର ହେବ ମନର ମିଳନରେ; ହୃଦୟ ହୃଦୟ ନିବିଡ଼ତାରେ, ଚାଲ ।

ଊର୍ମି ଅଳକାକୁ ଟାଣି ଟାଣି ଆଣି ରବି ଘର ଭିତରେ ଛାଡ଼ି ଦେଇ କବାଟ ଆଉଜାଇ ନେଲେ ।

ଅଭିମାନିନୀ ଅଳକା ଘର ଭିତରେ ସ୍ୱାମୀଙ୍କଠାରୁ ଦୂରେଇ ରହିଲା ।

ରବି ଡାକିଲା—ଅଳକା, ପାଖକୁ ଆସ ।

ତଥାପି ଅଳକା ନିରୁତ୍ତର । ରବି ଅଳକାର ହାତଧରି କୋଳକୁ ଟାଣି ନେଲା । ଅଳକାର ରୁଦ୍ଧବେଦନା ଉଛୁଳି ଉଠିଲା । ରବି ଅଳକାର ଲୁହପୋଛି ପୋଛି କହିଲା, ମୋତେ ଥରେ ବୁଝିବାକୁ ଚେଷ୍ଟାକର ଅଳକା ! ଦେଖିବ, ତମ ହୃଦୟରେ ଏଇ ଯେଉଁ ଅଶାନ୍ତ ଝଡ଼ ଦେଖା ଦେଇଚି ତା ଆପେ ଆପେ ଥମିଯିବ । ଯାହାଙ୍କୁ ତମେ ଏତେ ଭଲ ପାଉଛ, ତାରି ପ୍ରତି ଆଜି ତମର ଏଇ କଠୋରତା ଭାବ କେତେ ଦୁଃଖଦାୟକ, ଥରେ ହୃଦୟକୁ ପଚାରି ଦେଖ ।

ସ୍ୱାମୀଙ୍କ କଥା ପଦକରେ ଅଳକା ଲୁହ ସମ୍ବରଣ କରିବାକୁ ଚେଷ୍ଟା କଲା । ରବି ଅଳକାର ଲୁହଭୋଳା ମୁହଁଟିକୁ ନିଜ ମୁହଁ କତିକି ଟାଣି ଆଣିଲା । ଅଳକାର ମେଘମଳା ମୁହଁଟିରେ ସରଗର କ୍ଷୀଣ ବିଜୁଳି ରେଖା ଖେଳି ଉଠିଲା । କ୍ଷଣକ ପରେ ଦୁଃଖ ଆଉ ଆନନ୍ଦର ଗୋଳିଆ ମିଶା ମୂର୍ଚ୍ଛନାରେ ଅଳକା ନିଜକୁ ସ୍ୱାମୀଙ୍କଠାରୁ ଦୂରେଇ ରଖିପାରିଲା ନାହିଁ । ମାନ, ଅଭିମାନ ହୃଦୟର ସକଳ ବାଂଛା ବେଦନା ହାର ମାନିଲା ।

ରବିର ବାହୁବନ୍ଧନରେ ଅଳକା ବନ୍ଦୀ ହୋଇ ପଡ଼ିଲା । ସେ ବନ୍ଧନ ଏତେ ଦୃଢ଼ ତାକୁ ଛିନ୍ନ କରିବାକୁ ଅଳକାର ଶକ୍ତି ଥିଲେ ବି ସାହସ ନ ଥିଲା । ନାରୀ ନିକଟରେ ହିଁ ଏଇଠି ଲେଖକ ନାରୀ ପରାଜୟ । ଅଳକାର ତାହାହିଁ ହେଲା ।

Digitized by srujanika@gmail.com

ମଝିରେ ଦିନ କେତୋଟି ବିତିଯାଇଚି । ହତଭାଗିନୀ ମଞ୍ଜୁଳା କଥା ଅଳକା ସ୍ୱାମୀଙ୍କଠାରୁ ସବୁ ଶୁଣିସାରିଚି । ସ୍ୱାମୀ ସହାଗରୁ ବଞ୍ଚିତା ମଞ୍ଜୁଳାର ଦରଦଭରା କାହାଣୀ ଅଳକାକୁ ଅଭିଭୂତ କରିପକାଇଚି । ମଞ୍ଜୁଳାର ଦୁଃଖରେ ଅଜାଣତରେ ସେ କାନ୍ଦିପକାଇଚି । ତା'ର ହୃଦୟ ସହାନୁଭୂତିରେ ପୂରିଉଠିଚି । ସ୍ୱାମୀଙ୍କ ଉପରୁ ତାର ସନ୍ଦେହ ଛାୟା ଅପସରି ଯାଇଚି । ଅବସ୍ଥା ଓ ପରିସ୍ଥିତିରେ ପଡ଼ି ସ୍ୱାମୀ ସେଇ ହତଭାଗିନୀ ପ୍ରତି ଯେଉଁ କରୁଣାଟିକ ଢାଳିଦେଇଛନ୍ତି—ତା ପାଇଁ ସେ ଆଜି ଆଉ ଦୁଃଖିତ ନୁହେଁ ।

ରବି ମଞ୍ଜୁଳାଠାରୁ ଦୂରରେ ଥିଲେ ବି ତା'ର ସ୍ମୃତି ସବୁବେଳେ ହୃଦୟ ଭିତରେ ଅନୁଭବ କରୁଚି । ଜୀବନର ପଥ ଉପରେ ଯେଉଁ ଦଳିତ କୁସୁମଟି ତା'ର ଦଳଲିଭିଲା ସୁରଭିରେ ତାକୁ ଆପଣାର କରିନେଇଚି—ଆଜି ସେ ତା'ଙ୍କୁ ଅବହେଳିତ କରି ଭୁଲିଯିବାକୁ ଶତଚେଷ୍ଟା କଲେ ବି ଭୁଲି ପାରୁନାହିଁ ।

ମଞ୍ଜୁଳା ଲେଖିଚି—ରବିବାବୁ ।

ଗାଁକୁ ଯାଇ ଆମମାନଙ୍କୁ ଏକାବେଳକେ ପାସୋରି ପକାଇଲ ଯେ, ଚିଠି ଖଣ୍ଡେ ବି ଦେଲ ନାହିଁ । ସବୁବେଳେ ସଙ୍ଗୀତା ତମ କଥା ପଚାରି ମତେ ବ୍ୟସ୍ତ କରୁଚି । କେବେ ତମେ ଆସିବ ? ଏ କେଇଦିନ ହେବ ସ୍ୱାମୀଙ୍କର ନିର୍ଯ୍ୟାତନାରେ ମୁଁ ଅଥୟ ହୋଇପଡ଼ିଲିଣି । କାନ୍ଦି କାନ୍ଦି ଦିନ ସରୁ ନାହିଁ । ଦିନେ ଯଦି ଘରକୁ ଆସୁଚନ୍ତି—ମଝିରେ ଦିଅଢ଼ିଦିନ କେଉଁଆଡେ ରହି ଯାଉଚନ୍ତି, ଯେଉଁଦିନ ଆସୁଚନ୍ତି ସେଦିନ ମୋତେ ତାଙ୍କଠାରୁ କଥା କଥାକେ ଗାଳି, ମାଡ଼ ସହ୍ୟ କରିବାକୁ ପଡ଼ୁଚି । ତମେ ଯିବାପରେ ସେ ଏକାବେଳେ ଲଗାମଛଡ଼ା ହୋଇଗଲେଣି । ଅତ୍ୟଧିକ ମଦ ପିଇବା ଦ୍ୱାରା ତାଙ୍କର ଭଗ୍ନସ୍ୱାସ୍ଥ୍ୟ, ରକ୍ତ ଚକ୍ଷୁ ଓ ବିବର୍ଣ୍ଣ ମୁଖମଣ୍ଡଳ ଦେଖିଲେ ମୋତେ ଭାରି ଭୟ ଲାଗୁଚି । ଏହିପରି ଯଦି ସେ ଜୀବନର ଧାରା ନ ବଦଳାନ୍ତି—ତେବେ ମୁଁ ଆଉ କେତେଦିନ ବଞ୍ଚିବି ତମେ କୁହ ? ମରିବାକୁ ଇଚ୍ଛା ଥିଲେ ବି ପ୍ରତି ମୁହୂର୍ତ୍ତରେ ସଙ୍ଗୀତାର ରୂପଛବି ମୋର ପଥରୋଧ କରୁଚି । ଜୀବନର ସାହାରା ମରୁଭୂମିରେ ତମେ ଥିଲ ମୋର ଏକମାତ୍ର ଆଶା ଆଉ ଭରସାର ସ୍ଥଳ । ତମେ ଚାଲିଯିବା ପରେ ମୁଁ ନିରାଶ୍ରୟା ହୋଇ

Digitized by srujanika@gmail.com

ପଡ଼ିଚି । ସ୍ୱାମୀଙ୍କୁ ଭଲ ବାଟକୁ ଫେରାଇ ଆଣିବା ଆଜି ମୋର ସାଧ୍ୟାତୀତ । ତେଣୁ ସବୁ ଅଭିମାନ, ରାଗ ଆଜି ମୋର ନିଜ ଜୀବନ ଉପରେ । ଏଇ ଅଲୋଡ଼ା ଜୀବନ ମୋତେ ସବୁ ଦୁଃଖ ନିର୍ଯାତନାରୁ କେବେ ଛୁଟିଦେବ—ସେଇ ଦିନଟିକୁ ଅପେକ୍ଷା କରି ବସିଚି । ତମେ କେବେ ଆସିବ ?

ମଞ୍ଜୁଳାର ଚିଠି ପଢ଼ି ରବି ଦୁଃଖରେ କ୍ଷଣକ ପାଇଁ ଉଦାସ ହୋଇ-ପଡ଼ିଲା । ସେ ଭାବିଲା, ଅଭାଗିନୀ ମଞ୍ଜୁଳାର ଭବିଷ୍ୟତ କଥା । ଯେଉଁ ଆଶା ଉତ୍ସାହ ଓ ଉନ୍ମାଦନା ନେଇ ନାରୀ ତା'ର ସୁନାର ସଂସାର ଗଢ଼ିବାକୁ ସ୍ୱାମୀ ହାତରେ ଦିନେ ହାତ ମିଳାଇ ଆଗେଇ ଆସିଥାଏ—ଏଇ କ'ଣ ତା'ର ଚରମ ପରିଣତି ? ମଞ୍ଜୁଳା ପାଇଁ ସେ ଆଜି ଆଉ କ'ଣ କରିବ । ମଞ୍ଜୁଳା ଭାବନାରେ ରବି ନିଜକୁ ଭୁଲିଯାଇଚି । ମଝିରେ କେତେବେଳେ ଅଳକା ଆସି ତା' ପାଖରେ ଛିଡ଼ା ହେଲାଣି ତାଙ୍କୁ ଜଣା ନାହିଁ ।

ଅଳକା ପଚାରିଲା, କଣ ଏତେ ଭାବୁଚ ? ଅଳକାର ପ୍ରଶ୍ନଭରା ମୁହଁକୁ ଚାହିଁ ରବି ନିଜକୁ ଲଜ୍ଜିତ ମନେ କଲା । ଭାବନାର ଧାରା ଏଡ଼ି ହସି ହସି କହିଲା; ଯାହା କଥା ଭାବୁଚି ତାହା ଜାଣିଲେ ତମେ ମୋତେ ସନ୍ଦେହ ଦୃଷ୍ଟିରେ ଦେଖି ମୋ'ଠାରୁ ଅପସରି ଯିବାକୁ ଚେଷ୍ଟା କରିବ ।

ତମ ମନ ଏତେ ଦୁର୍ବଳ ଯେ ସିଧା ସଳଖ କଥାଟା ଖୋଲି ନ କହି ସନ୍ଦେହ ପାପଟା ଆଗେ ଅଳକା ମନରେ ଭରି ଦେଉଚ କାହିଁକି ?

ଅଳକାଠାରୁ ଏପରି ଉତ୍ତର ପାଇବ ବୋଲି ରବି ଆଶା କରି ନଥିଲା । ବୁଦ୍ଧିମତୀ ଅଳକା ନିକଟରେ ସେ ଆଜି ଆଉ ମଞ୍ଜୁଳା ଚିଠି ଖଣ୍ଡିକ ଲୁଚାଇ ରଖିବାକୁ ସାହସ କରିପାରିଲା ନାହିଁ । ହସି ହସି କହିଲା, ସବୁ ଭାବନାର କାରଣ ଏଇ ଚିଠି ଖଣ୍ଡିକ । ରବି ଅଳକା ହାତକୁ ଚିଠିଟି ବଢ଼ାଇ ଦେଲା ।

ଅଳକା ଚିଠିଟି ପଢ଼ି ସାରିଲା ବେଳକୁ ତା' ଆଖିରେ ଢଳ ଢଳ ହେଲା ଦୁଇବିନ୍ଦୁ ଅଶ୍ରୁ ।

ରବି କହିଲା, ଅଳକା ତମେ କାନ୍ଦୁଚ ?

ଏଇ ଚିଠି ଖଣ୍ଡିକରୁ ତା'ର ସବୁ ଦୁଃଖ ମୋ ହୃଦୟରେ ଯେଉଁ ବ୍ୟଥା ଓ ବେଦନାର ତୀବ୍ର ଆଲୋଡ଼ନ ସୃଷ୍ଟି କରୁଚି—ନିଜକୁ ସଂଯତ କରିହେବ ନାହିଁ । ଏଇ ହତଭାଗିନୀ ମଞ୍ଜୁଳା ହୁଏତ କେବେ ଦିନେ ଜୀବନ ପ୍ରତି ଅଭିମାନ କରି ମରଣକୁ ସ୍ୱାଗତ କରିନେବ । ତା' ପରେ.....

ତା' ପରେ ନିତି ଦିନର ଘଟଣା ଭିତରେ ମଞ୍ଜୁଳାର ସ୍ମୃତି ଲିଭିଯିବ । ଏହାହିଁ ମଞ୍ଜୁଳା ଜୀବନର ପରିଣତି । ଏହାଛଡ଼ା ମୁଁ କିଛି ଭାବିପାରୁନି ଅଳକା ।

ଅଳକା କହିଲା, ଇଚ୍ଛା ହେଉଛି ଥରେ ତାଙ୍କୁ ପାଖରେ ବସାଇ ତା'ର ଦୁଃଖ ଦରଦଭରା କାହାଣୀ ସବୁ ଶୁଣିଯିବାକୁ ।

Digitized by srujanika@gmail.com

ଖାଲି ଶୁଣିଲେ କ'ଣ ହେବ ଅଳକା । ମୁଁ ବି ଦିନେ ଶୁଣିଥିଲି, ତମେ ଶୁଣିବ । ତା'ପରେ ଦୁନିଆର ପ୍ରତ୍ୟେକ ଲୋକ ଶୁଣିବେ । କିନ୍ତୁ କେହି ତାର ସୁଖ ସମୃଦ୍ଧି ଫେରାଇ ଆଣିପାରିବେ ନାହିଁ ।

ତଥାପି ଥରେ ଯଦି ମଞ୍ଜୁଳାର ସ୍ୱାମୀ ସହିତ ମୋର ଭେଟହେବ, ତେବେ ତାଙ୍କୁ ମୁଁ ଅନୁରୋଧ କରି ଦେଖିବି ?

କଟକ ଗଲେ ତାଙ୍କ ସହ ଥରେ ନୁହେଁ ବାର ବାର ଭେଟ ହେବ ଅଳକା—କିନ୍ତୁ ତମର ଅନୁରୋଧ ତାଙ୍କୁ ସେ ବାଟରୁ ଫେରାଇ ଆଣିପାରିବ ନାହିଁ । ଜୀବନ-ନଦୀ ବିପଥଗାମୀ ହେଲେ ତା'ର ସ୍ରୋତକୁ ଅବରୋଧ କରି ହୁଏନା । କେହି ଯଦି ଚେଷ୍ଟା କରେ ତେବେ ସେ ସ୍ରୋତ ମୁଖରେ ଧକ୍କା ଖାଇ ଖାଲି ଭାସିଯାଏ ।

ମୋର କିନ୍ତୁ ଦୃଢ଼ ବିଶ୍ୱାସ, ଆଜି ନ ହେଲେ ଦିନେ ନା ଦିନେ ଦୁଷ୍ମନ୍ତ ବାବୁ ଭୁଲବାଟରୁ ଫେରି ଆସିବେ । ମାୟା-ମରୀଚିକା ଦୁର୍ବଳ ମଣିଷକୁ କେତେଦିନ ନଚାଇବ ।

ଦୁଃଖ ଓ ହା' ହୁତାଶ ଭିତରେ ଏଇ ଆଶା ନେଇ କେତେ ଦିନ ମଞ୍ଜୁଳା ସ୍ୱାମୀଙ୍କୁ ଅପେକ୍ଷା କରିବ ? ଏତେ ବଡ଼ ଦୁନିଆରେ ମଣିଷ ଯେତେବେଳେ ଏକେଲା ହୋଇପଡ଼େ ତିକ୍ତ ଜୀବନ ଅସହ୍ୟ ଲାଗେ । ସେଥିପାଇଁ ସେ ଇଚ୍ଛା କରି ଦୁନିଆଦାରରୁ ଛୁଟି ନେବାକୁ ବାଧ୍ୟ ହୁଏ । ତଥାପି ତମେ ଏଥର କଟକରେ ପହଞ୍ଚି ନିଜର ଅସାଧାରଣ ବୁଦ୍ଧି ଓ ଚେଷ୍ଟାରେ ମଞ୍ଜୁଳାର ଦୁଃଖ ଯଦି ଲାଘବ କରିପାରିବ, ଜାଣିବି ତମେ ଖାଲି ରୂପବତୀ ନୁହଁ ଅଳକା, ବୁଦ୍ଧିମତୀ ମଧ୍ୟ ।

ସେ ସମୟ ଓ ସୁଯୋଗ ଆସିଲେ ମୁଁ ମୋ କାର୍ଯ୍ୟରେ ହେଳା କରିବି ନାହିଁ ।

ଦିନ ଗଡ଼ି ଚାଲିଲା । ରବିର ଛୁଟି ପୂରିଆସିଲା । କଟକ ଆସିବା ଦି'ଦିନ ଆଗରୁ ପାଇଲା ପୁଣି ମଞ୍ଜୁଳାର ଚିଠି ।

ମଞ୍ଜୁଳା ଲେଖିଚି—

ରବିବାବୁ, ଦୁଃଖିନୀର ଦୁଃଖ ସହିବାର ନୁହେଁ, ତଥାପି ତମେ ଦିନେ ମୋ ଜୀବନର ଅସରନ୍ତି ଦୁଃଖ ଭିତରେ ଦେଖାଦେଇ ମୋର କରୁଣ କାହାଣୀ ଶୁଣିଥିଲ । ସମବେଦନାର ସହାନୁଭୂତି ଜଣାଇ ଶତ ନିର୍ଯ୍ୟାତନା ଭିତରେ ବଞ୍ଚିରହି ଧୈର୍ଯ୍ୟ ଧରିବାକୁ ତମେଇ ମୋତେ କହିଥିଲ । ତମର ସେ ଉପଦେଶ ମୁଁ ଆଉ ମାନି ଚଳିପାରିବି ନାହିଁ । ଖୁବ୍ ଶୀଘ୍ର ସମସ୍ତଙ୍କଠାରୁ ମୋତେ ମମତା ତୁଟାଇବାକୁ ହେବ । ସ୍ୱାମୀ ଆଜକୁ ବାରଦିନ ହେବ ତାଙ୍କର ସେଇ ସହଚରୀଟିକୁ ନେଇ କେଉଁଆଡ଼େ ଚାଲିଯାଇଛନ୍ତି, ମୁଁ ବର୍ତ୍ତମାନ ଅକୂଳ ସାଗରରେ ଭାସୁଚି । ସ୍ୱାମୀ , ସୁଖରୁ ଯିଏ ବଞ୍ଚିତା; ତା'ପ୍ରତି କାହାରି କରୁଣା ନାହିଁ ।

Digitized by srujanika@gmail.com

ମୋ ନିକଟରେ ଯାହା ସମ୍ବଳ ଥିଲା, ସବୁ ଶେଷ ହୋଇ ଯାଇଲାଣି । ସଙ୍ଗୀତାକୁ ନେଇ କିପରି ଦିନ କାଟିବି ? ତାକୁ ବଞ୍ଚାଇ ରଖି ମୋତେ ଆଗେ ମରିବାକୁ ହେବ । ଜୀବନର ରଙ୍ଗ ମଳିନ ପଡ଼ି ଆସିଲାଣି । ଦିନର ଉଜ୍ଜ୍ୱଳ ଆଲୁଅ ମୋତେ ଆଉ ଭଲ ଲାଗୁ ନାହିଁ । ରାତି ଆସୁ—ସେଇ ଭଲ । ଅଶ୍ରୁସିକ୍ତ ଆଖି ଦୁଇଟି ଶାନ୍ତିରେ ବୁଜି ହୋଇଯାଉ । ରାତ୍ରିର କେଉଁ ଅଜଣା ଅନ୍ଧକାର ଭିତରେ ମୋର ବେଦନାକ୍ଲିଷ୍ଟ ଶରୀରଟା ହଜିଯାଉ, ଏ ଜୀବନରେ ଆଉ ଉଷାର ପ୍ରଥମାଲୋକ ଦର୍ଶନ ନ ମିଳୁ, ଏତିକି ଆଜି ମୋର କାମନା ।

ବିଧାତାର ବିଚିତ୍ର ଇଙ୍ଗିତ । ସେ କେଉଁ ଅଜଣା ମୁହୂର୍ତ୍ତରେ ତମ ସହିତ ମୋର ପରିଚୟ । ଜୀବନର ଚଲାପଥରେ ଚାଲୁଚାଲୁ ଅକସ୍ମାତ ତମ ସହିତ ମୋର ଭେଟ । ସେହିଦିନଠୁଁ ତମେ ମୋର ନିର୍ଯ୍ୟାତିତ ପ୍ରାଣର ଭାଷା, ମନର ସ୍ୱର ଶୁଣିପାରିଚ । ଦୂରରେ ଥାଇ ମୋର ଜ୍ୱାଳାମୟ ଜୀବନରେ ଆଶାର ସୁରଭିସିକ୍ତ ବାରି ସିଞ୍ଚିଦେଇଚ ! ମନଗୁହାରୁ ଅନ୍ଧକାର ତଡ଼ି ସ୍ନେହ ସୋହାଗର ଅମୃତବାଣୀ ଭରିଦେଇଚ; କିନ୍ତୁ ଭଙ୍ଗା ଜୀବନକୁ ଡିଗୁଦେଇ କେଇଦିନ ଛିଡ଼ା କରିବ ? ତେଣୁ ଏ ଜୀବନରେ ଆଉ ମୋର ତମ ସହିତ ଭେଟ ନ ହେଉ । ଆଉ ଲେଖିପାରିବି ନାହିଁ । ମୁଣ୍ଡ ଭିତରେ କିଏ ହାତୁଡ଼ି ପିଟୁଚି । ସାରା ଶରୀର ବେଦନାରେ ଭାଙ୍ଗିପଡ଼ୁଚି । ଆଖିର ଅଶ୍ରୁରେ ମନର ଭାଷା ବୁଡ଼ିଗଲାଣି । ଏଣୁ ବିଦାୟ ଦିଅ.........

ଚିଠିଟି ପଢ଼ିସାରିଲା ବେଳକୁ ରବି ଯେପରି ଅନୁଭବ କଲା ମଞ୍ଜୁଳା ସତେ ଯେପରି ତାକୁ ଅପେକ୍ଷା କରି ରହିଁ ରହିଚି । ଏଡ଼େବଡ଼ ପୃଥିବୀରେ ସେ ଆଜି ଏକାକୀ—କେହି ନାହିଁ ତା'ର ଦୁଃଖ ବୁଝିବାକୁ । ତେଣୁ ସେ ତାକୁ ଚିଠିରେ ଆହ୍ୱାନ ଜଣାଇଚି—ମନର ସବୁ ଅଭିମାନ ଅଜାଡ଼ି ଦେଇଚି । ପ୍ରଶ୍ନ ଆସିଲା, ମଞ୍ଜୁଳା ତା'କୁ ଏତେ ଭଲପାଏ କାହିଁକି ? ମନର ପ୍ରଶ୍ନ ମନରେ ଉତ୍ତର ଖୋଜି ବୁଲିଲା । ଉତ୍ତର ପାଇବା ପୂର୍ବରୁ ରବିର ଆଖି ଦୁଇଟି ଲୁହରେ ଆର୍ଦ୍ର ହୋଇ ଯାଇଥିଲା । ହୃଦୟ କରୁଣତାରେ ଭରି ଯାଇଥିଲା । ସେ ଆଉ ଡେରି ନ କରି ଅଳକାକୁ ସଙ୍ଗରେ ଧରି ପରଦିନ ଗାଡ଼ିରେ କଟକ ଫେରି-ଆସିଲା ।

କିନ୍ତୁ କଟକରେ ପହଞ୍ଚି ଦେଖେ ମଞ୍ଜୁଳା ନାହିଁ । ବାହାରପଟୁ ଘରେ ତାଲା ପଡ଼ିଚି । ସେ ଯାଇ ପଡ଼ୋଶୀଙ୍କୁ ପଚାରି ବୁଝିଲା । କିନ୍ତୁ କେହି ତା'ର ସଠିକ୍ ଖବର କହିପାରିଲେ ନାହିଁ । ମନର ସନ୍ଦେହ ବଢ଼ିବାରେ ଲାଗିଲା । ପାପମନ ଖାଲି ଖରାପ ଆଡ଼କୁ ଧାଇଁଲା । କିପରି ତା'ର ସନ୍ଧାନ ନେବ ଏଇ ଚିନ୍ତାରେ ରବି ରାତିଦିନ ଚଞ୍ଚଳ ହେଲା । ସ୍ୱାମୀଙ୍କୁ ସବୁବେଳେ ଅନ୍ୟମନସ୍କ ଓ ଇତସ୍ତତଃ ହେବାର ଦେଖି ଅଳକା ମନରେ ବି ଭାରି ଦୁଃଖ ହେଲା । କିନ୍ତୁ ସ୍ୱାମୀଙ୍କୁ କିଛି କହିବାକୁ ସାହସ କରିପାରିଲା ନାହିଁ । କାରଣ ମଞ୍ଜୁଳାର ଦୁଃଖ ଓ ନିର୍ଯ୍ୟାତନା ତାକୁ ଅଛପା ନ ଥିଲା । ତା'ର ସରଳ ହୃଦୟରେ ମଞ୍ଜୁଳା ପ୍ରତି ସହାନୁଭୂତି ସବୁବେଳେ ପୂରି ରହିଥିଲା ।

ମଝିରେ ଦିନ ପନ୍ଦରଟା କଟିଗଲା । ତଥାପି ମଞ୍ଜୁଳାର କିଛି ସମ୍ବାଦ ବହୁ ଚେଷ୍ଟା କରି ରବି ପାଇପାରିଲା ନାହିଁ । ମଞ୍ଜୁଳାର ବାପାଆଡ଼କୁ ଗଲେ

Digitized by srujanika@gmail.com

ଆଖି ଉହାଡ଼ର କଥା ସଜୀବ ହୋଇଉଠେ । ମଞ୍ଜୁଳାର ହସ ହସ ରୂପଶିରୀ, ଛନ ଛନ ଗାଢ଼ କଳା ଆଖିର ଚାହାଣି ଆଖି ପଲକରେ ଭାସିଉଠେ । ଅତୀତ ଦିନର ପୁଲକଭରା ଖଣ୍ଡ ଖଣ୍ଡ ସ୍ମୃତିଗୁଡ଼ିକ ହୃଦୟରେ ଅସୀମ ଆଲୋଡ଼ନ ସୃଷ୍ଟି କରେ । ରବି କ୍ଷଣକରେ ଭୁଲିଯାଏ ନିଜକୁ । ପରକ୍ଷଣରେ ଆଖି ଲୁହରେ ପୂରିଯାଏ ।

ଅଳକା ସ୍ୱାମୀଙ୍କ ମନ ପରିବର୍ତ୍ତନ ପାଇଁ ମଝିରେ ଚେଷ୍ଟା କରି କୃତକାର୍ଯ୍ୟ ହୋଇପାରୁଥିଲା ସତ; କିନ୍ତୁ ସେ ଆନନ୍ଦ ଖୁବ୍ କମ୍ ସମୟ ପାଇଁ ପର୍ଯ୍ୟବସିତ ହେଉଥିଲା । ତଥାପି ଅଳକା ମନରେ ଦୁଃଖ ନ ଥିଲା । କାରଣ ସେ ଜାଣିଥିଲା ସ୍ୱାମୀ ତା'ର ହୃଦୟର ଅତି ନିକଟରେ ଅଛନ୍ତି । ତା'ପ୍ରତି ସ୍ୱାମୀ କେବେ ଅନାଦର ଭାବ ପ୍ରକାଶ କରି ନାହାନ୍ତି । ଦୁଃଖ ଦେଲା ଭଳି କେବେ-ହେଲେ କଟୁ ବଚନ କହିନାହାନ୍ତି । ସେଥିପାଇଁ ସେ ସ୍ୱାମୀଙ୍କୁ କିଛି କହି ଆଘାତ ଦେବାକୁ ଚେଷ୍ଟା କରେନା । ସେ ସ୍ୱାମୀଙ୍କ ହୃଦୟ ଭିତରେ ଦେଖେ ନିଜକୁ ।

ଆବେଗଭରା ଛନ୍ଦମୟ ଜୀବନ ଗଡ଼ିଚାଲେ ଆଗକୁ ।

Digitized by srujanika@gmail.com

ମଞ୍ଜୁଳା ଲେଖିଚି—ରବିବାବୁ, ତମେ ଏତିକି ଚିଠି ଲେଖି ଉତ୍ତର ପାଇଲି ନାହିଁ । ତମ ଆସିବା ପଥକୁ ଚାହିଁ ଚାହିଁ ଆଖିରୁ ଲୁହ ଶୁଖିଯାଇଚି; ଯେଉଁଦିନ ଦୁଃଖ ଓ କ୍ଷୋଭରେ ତମ ପ୍ରତି ଶତ ଅଭିମାନ ଜାଗିଉଠିଲା—ସେଦିନ ଆଉ ନିଜକୁ ବୋଧ କରିପାରିଲି ନାହିଁ । ମୋ ଦୁଃଖରେ ମୁଁ ଆପଣା ବାଟ ଧରି ଚାଲିଆସିଲି । ତମେ ବା ମୋର କିଏ—କାହିଁକି ତମ ପ୍ରତି ମୋର ପ୍ରତୀକ୍ଷା । ଜୀବନର ଯେ କେତେଦିନ ତମେ ମୋତେ ପାଖକୁ ଟାଣିନେଇ ଥିଲ—ସେଇ ବିଗତ ଦିନର ସ୍ମୃତି ଆସିଲାବେଳେ ହୃଦୟକୁ ଖାଲି ଅସ୍ଥିର କଲା । ଅଜଣାରେ ଚଢ଼ିଆସିଲା ଆଖିରୁ ଧାର ଧାର ହୋଇ ଲୁହ । ସେ ଲୁହ ଅତୀତର ସବୁ ଆବେଗମୟ କାହାଣୀ ପୋଛି ଦେବାକୁ ଶତ ଚେଷ୍ଟା କରି ବି ବିଫଳ ହେଉଥିଲା । ଏଣୁ ଆସିଲାବେଳେ ମୁଁ କିପରି ଦୁଃଖ ଓ ବେଦନାରେ ଅଧୀର ହୋଇ ପଡ଼ିଥିଲି—ତମେ ବୁଝିପାରିବ ନାହିଁ ।

ସ୍ୱାମୀ ଚାଲିଯିବା ପରେ ମୋ ପାଖରେ ଯାହାକିଛି ସମ୍ବଳ ଥିଲା—ତା' ଧୀରେ ଧୀରେ ସରିଆସିଲା । ସଙ୍ଗୀତାକୁ ନେଇ ମୁଁ କିପରି ବଞ୍ଚି ରହିବି—ଏଇ ପ୍ରଶ୍ନ ମୋତେ ବିଚଳିତ କଲା । ଭାବିଲି, ସ୍ୱାମୀ ସୁଖରୁ ବଞ୍ଚିତା ଏଇ ହତଭାଗିନୀ ନାରୀର ବଞ୍ଚିରହିବାର ଅଧିକାର ଯଦି ନାହିଁ, ତେବେ କାହିଁକି ଭଗବାନ ମୋତେ ମାୟା ବନ୍ଧନରେ ବାନ୍ଧିରଖି କନ୍ଦାଉଛନ୍ତି । ତମ ଉପରେ ଯେଉଁ ଆଶା ଥିଲା—ସେ ଆଶା ଯେତେବେଳେ ଦୁରାଶାରେ ପରିଣତ ହେଲା, ରିକ୍ତଜୀବନ ଓ ଶୂନ୍ୟ ହୃଦୟ ନେଇ କେତେଥର ଭାବିଚି ଏଇ କାଠଯୋଡ଼ିର ସ୍ୱଚ୍ଛ ସୁନ୍ଦର ବୁକୁରେ ନିଜକୁ ମିଶାଇ ଦେବି—କିନ୍ତୁ ପାରିଲି ନାହିଁ । ସଙ୍ଗୀତାର ଅକୁଳ ଆହ୍ୱାନ, ନରମ ହାତର ମଧୁର ସ୍ପର୍ଶ ମୋତେ ଲେଉଟାଇ ଆଣିଲା ମୋର ଜନ୍ମଭୂଇଁକୁ ।

ଜନ୍ମମାଟିକୁ ଫେରି ଆସିବା ଛଡ଼ା ମୋର ଆଉ ଉପାୟ କିଛି ନ ଥିଲା । କିନ୍ତୁ ଏଠି ଆସି ମୋର ଦରିଦ୍ର ମାଆ ଉପରେ ବୋଝ ହୋଇପଡ଼ିଚି । ତମେ ତ ଜାଣିଥିବ, ଘରେ ମୋର ଏକୁଟିଆ ମାଆଟି ଛଡ଼ା ଆଉ ଆପଣାର ବୋଲି କେହି ନାହିଁ । ସମସ୍ତେ ମରି ହଜି ଯାଇଛନ୍ତି । ଆନନ୍ଦ ଉଲ୍ଲାସ କୋଳାହଳ-

Digitized by srujanika@gmail.com

ମୁଖରିତ ସଂସାର ଆଜି ଶୂନ୍ୟ ହୋଇପଡ଼ିଛି । ଜୀର୍ଣ୍ଣ ଦୀପଶିଖାଟି ପରି ବଞ୍ଚିରହିଛି ଖାଲି ମୋର ମାଆଟି । ମୋର ଦୁଃଖରେ ମାଆର ଦୁଃଖ କହିଲେ ନ ସରେ । ଯେତେ ଦୁଃଖିନୀ ହେଲେ ବି ତା' ହୃଦୟ ଦ୍ୱାର ସବୁବେଳେ ମୋ ପାଇଁ ଉନ୍ମୁକ୍ତ !

ଏଇଠି ରହି ମୋର ଉତ୍ପୀଡ଼ିତ ଜୀବନର ଅବଶିଷ୍ଟ କେତୋଟି ଦିନ କଟିଯିବ ବୋଲି ଭାବିଥିଲି; କିନ୍ତୁ ପୁଣି କାହିଁକି ଭଗବାନ ଦୁଃଖର ଗୁରୁଭାର ଉପରେ ମୋ ମୁହଁରେ ଯେଉଁ ମଳିନ ହସଟିକେ ଲାଗିରହିଛି, ତାକୁ ବି ପୋଛିଦେବାକୁ ବସିଛନ୍ତି ! ମୋର ଜୀବନଯାକର ଅଶ୍ରୁ ତାଙ୍କ ପଦତଳେ ଅର୍ଘ୍ୟ ରୂପେ ଅଜାଡ଼ିଦେଇ ଆସିଛି ତଥାପି ବୋଧହୁଏ ପାଷାଣଦେବତା ସନ୍ତୁଷ୍ଟ ହୋଇପାରି ନାହାନ୍ତି । ସେଇଥିପାଇଁ ସଙ୍ଗୀତା ଉପରେ ବାଦ ସାଧୁଛନ୍ତି ।

ଆଜକୁ ସାତ ଦିନ ହେବ ଦୁଃଖିନୀର ମଣି ସଙ୍ଗୀତାକୁ ଭୀଷଣ ଜର । ଜରର ପ୍ରକୋପ ଦିନୁ ଦିନ ବଢ଼ିବାରେ ଲାଗିଛି । ରୋଗଶଯ୍ୟାରେ ତା'ର ବିବର୍ଣ୍ଣ ମୁଖମଣ୍ଡଳ, କମ୍ପିତ ଅଧର, ଦରମୁଦ୍ରିତ ନୟନଯୁଗଳ ଦେଖି ଓ ବ୍ୟଥିତ ଗଳାର ସ୍ୱର ଶୁଣି ମୁଁ ଏକବାରେ ଅସହାୟ ହୋଇପଡ଼ିଛି । ତାର ସେବା ଶୁଶ୍ରୂଷାରେ ଯଦି କେଉଁଠି ତ୍ରୁଟି ହୁଏ, ତେବେ ସେ ମୋ ମୁହଁକୁ ଫେରି ଚାହିଁବ ନାହିଁ । ତା'ପରେ ମୋ' ଜୀବନର ସବୁ ଭରସା ତୁଟିଯିବ ।

ଭୟ ଓ ଆଶଙ୍କାରେ ମୋର ସାରା ଶରୀର କମ୍ପିଉଠୁଛି । ହୃଦୟରେ ଯେଉଁ ଝଡ଼ ବହୁଛି ସେ ଝଡ଼ରେ ସତେ କ'ଣ ମୁଁ ନିଶ୍ଚିହ୍ନ ହୋଇଯିବି ! ଆଜି ମୋର ତମଛଡ଼ା ଆପଣାର ହେଲେ କେହି ନାହିଁ । ଏ ବିପଦ ବେଳେ ତମ ଛଡ଼ା କେହି ଆସି ପାଖରେ ଛିଡ଼ାହେବ ନାହିଁ । ରୋଗଶଯ୍ୟାରେ ସଙ୍ଗୀତା ତମକୁ କେତେବାର ଖୋଜିଲାଣି ! ତା'ର ଆକୁଳ କଣ୍ଠର ସ୍ୱର ତମେ କ'ଣ ଶୁଣି ପାରୁନାହଁ । ଝିଅ ବୋଲି ଡାକି ସ୍ନେହ ଅଜାଡ଼ି ଦେଇଥିଲ । ଆଜି ରୋଗ-ଶଯ୍ୟାରେ ଥରେ ହେଲେ ତା'ର ଆକୁଳ ଚିତ୍କାର ଶୁଣିଯାଅ—ଏତିକି ମୋର ଶେଷ ନିବେଦନ ।

ମଞ୍ଜୁଳାର ଆକୁଳ ହୃଦୟର ଚିଠିଟି ପଢ଼ିସାରିଲା ବେଳକୁ ରବିର ଆଖି ଦୁଇଟି ଲୁହରେ ଆର୍ଦ୍ର ହୋଇ ଉଠିଥିଲା । ରବି ଦେଖିଲା, ଚିଠିଖଣ୍ଡିକ ଗାଁ ଠିକଣାରେ ଯାଇ ସେଠୁ ରିଡାଇରେକ୍ଟ ହୋଇ ଆସିବାରେ ମଝିରେ ପାଞ୍ଚଟି ଦିନ ବିତିଯାଇଛି । ସେ ଆଉ କାଳ ବିଳମ୍ବ ନ କରି ଚିଠିଟି ଅଳକାକୁ ନେଇ ଦେଖାଇଲା ।

ଅଳକା ଚିଠିଟି ପଢ଼ି ଅଶ୍ରୁପୂର୍ଣ୍ଣ ନୟନରେ ସ୍ୱାମୀଙ୍କ ଆଡ଼କୁ ଚାହିଁ ରହିଲା । କ'ଣ କହିବ ତୁଣ୍ଡରୁ ଭାଷା ଲେଉଟିଲା ନାହିଁ । ରବି କହିଲା, ଅଳକା ! ଖାଲି ଆଖିରୁ ଲୁହ ଢାଳିଦେଲେ କ'ଣ ହେବ ? ବୁଦ୍ଧିମତୀ ନାରୀ ଆଖିରେ ଲୁହ ଶୋଭାପାଏ ନାହିଁ । ମଞ୍ଜୁଳାର ଚରମ ବିପଦରେ ଆମେ କ'ଣ କରି ପାରିବା ଥରେ ଭାବି ଦେଖ ।

Digitized by srujanika@gmail.com

ଏଇ ମୁହୂର୍ତ୍ତରେ ତା କତିକି ଛୁଟିଯାଅ ସ୍ୱାମି ! ତାଙ୍କୁ ଏତେ ବଡ଼ ବିପଦରେ ସାହାଯ୍ୟ ନ କଲେ ଆମର ମଙ୍ଗଳ ହେବ ନାହିଁ । ତୁହିଁଙ୍କୁ ପାଖକୁ ନେଇଆସ । ସଙ୍ଗୀତାକୁ ଯେ କୌଣସି ମତେ ବଞ୍ଚାଇବାକୁ ହେବ । ନ ହେଲେ ମହାପଥର ଯାତ୍ରୀ ହେବାକୁ ମଞ୍ଜୁଳା ନିଜକୁ ନିଜେ ବରିନେବ ।

ତୁମେ ଠାକୁରଙ୍କୁ ଡାକ ଅଳକା ! ମଞ୍ଜୁଳା ସହ ସଙ୍ଗୀତାକୁ ସୁସ୍ଥ ଦେହରେ ନେଇ ଯେପରି ମୁଁ ଶୀଘ୍ର ଲେଉଟିଆସେ ।

ସେଇଦିନ ରାତି ଆସନସୋଲ ପାସେଞ୍ଜର ଗାଡ଼ି ଧରି ରବି ପରଦିନ ଭଦ୍ରଖ ଷ୍ଟେସନରେ ପହଞ୍ଚିଲା । ଭଦ୍ରଖଠାରୁ ଆଠମାଇଲ ଦୂରରେ ଧୂଳିଧୂସରିଆ ଛୋଟିଆ ଗାଆଁଟି ଜୟନ୍ତପୁର କେଡ଼େ ଶାନ୍ତ ଅଥଚ ଧୀର ।

ଗାଁ ମୁଣ୍ଡରେ ସାଇକେଲ ରିକ୍ସା ଆସି ପହଞ୍ଚିଲା । ଛୋଟ ବସ୍ତି ଭିତରେ ମଞ୍ଜୁଳାର ଘରଟି ଖୋଜି ବାହାର କରିବାକୁ ରବିକୁ ବେଶି ସମୟ ଲାଗିଲା ନାହିଁ ।

କିନ୍ତୁ ଏ କାଣ—ଏ କାହାର ସ୍ୱର ! ଆଗଉଥିବା ପାଦ ଦୁଇଟି ଅଟକିଲା । ମନରେ ପାପ ଛୁଇଁଲା—ତେବେ କଣ ସଙ୍ଗୀତା... । ରବି ଆଉ ଭାବି ପାରିଲା ନାହିଁ । ମୁଣ୍ଡଟା ଘୂରାଇ ଦେଲା ।

କାହିଁକି ଆସିଲ ରବିବାବୁ ! ତମେ ଆସିଲ ନାହିଁ ! ଅଭିମାନ କଲ । ତମକୁ ପତ୍ର ଆଣିବାକୁ ମୋ କୋଳ ଖାଲିକରି ସଙ୍ଗୀତା ଆଜକୁ ଚାରିଦିନ ହେବ କଟକ ଚାଲିଗଲାଣି । ଅମାନିଆ ଝିଅଟା ଯେତେ ଡାକିଲି ସେ ଲେଉଟି ଚାହିଁଲା ନାହିଁ । ତମେ ତାକୁ ଦେଖିନ ରବିବାବୁ ? ନେଇ ଆଣିଲ ନାହିଁ କାହିଁକି ? କାହିଁକି ଏକେଲା ଆସିଲ ? ମୋର ନୟନର ମଣି ଦୁଃଖିନୀର ସଙ୍ଗୀତା କାହିଁ ?

ଘର ଭିତରେ ପଶିଲା ବେଳକୁ ମଞ୍ଜୁଳା କାନ୍ଦି କାନ୍ଦି ରବି ପାଦତଳେ ଲୋଟି ପଡ଼ିଲା । ରବି ମୁଣ୍ଡରେ ହାତ ଦେଇ ତଳେ ବସିପଡ଼ିଲା । କାଣ କହି ବୁଝାଇବ, ତୁରନ୍ତ ଭାଷା ଖୋଜି ପାଇଲା ନାହିଁ । ମଞ୍ଜୁଳା ଦୁଃଖରେ ସମଭାଗୀ ହୋଇ ଖାଲି ଆଖିରୁ ଲୁହତକ ଢାଳି ଦେବାରେ ଲାଗିଲା ।

ଏତେ ଦୁଃଖ ଦୁନି ଭଗବାନ ଦେଇଅନ୍ତି । ରବି ଭାବିପାରିଲା ନାହିଁ । ଭାବିଲାବେଳକୁ ମଞ୍ଜୁଳାର ଅସୀମ ଦୁଃଖ ଯନ୍ତ୍ରଣା ତା' ହୃଦୟକୁ ସବୁବେଳେ ବିଚଳିତ କରି ପକାଇଲା । ଏପରି ଅବସ୍ଥାରେ ସେ ମଞ୍ଜୁଳାକୁ ଛାଡ଼ି ସଙ୍ଗେ ସଙ୍ଗେ କଟକ ଫେରି ଆସିପାରିଲା ନାହିଁ ।

ସାତୋଟି ଦିନ ରବି ମଞ୍ଜୁଳା କତିରେ କାଟିଦେଲା । ସେଇ ସାତୋଟି ଦିନର ପ୍ରତ୍ୟେକ ମୁହୂର୍ତ୍ତ ମଞ୍ଜୁଳାର ମନ ପରିବର୍ତ୍ତନ କରିବାକୁ ବହୁ ଚେଷ୍ଟା କରି କୃତକାର୍ଯ୍ୟ ହୋଇପାରିଲା ନାହିଁ । ତା'ର ଏଇ ନିଃସହାୟ ଅବସ୍ଥା, ଦିନୁ ଦିନ ଭଗ୍ନ ସ୍ୱାସ୍ଥ୍ୟ, ବିବର୍ଣ୍ଣମୁଖମଣ୍ଡଳ, କାନ୍ତିହୀନ ଅବୟବ ଓ ଅଶ୍ରୁ ସଜଳ ଆଖି

Digitized by srujanika@gmail.com

ଦୁଇଟି ଦେଖି ରବି ବଡ଼ ବିବ୍ରତ ଓ ନିରୁତ୍ସାହିତ ହୋଇପଡ଼ିଲା । ତଥାପି ସେ ସମସ୍ତ ଚେଷ୍ଟା କରି ମଞ୍ଜୁଳାର ମନ ପରିବର୍ତ୍ତନ କରିବାକୁ ଯତ୍ନ ନେଉଥିଲା । ଯେତେ ବୁଝାଇଲେ ମଞ୍ଜୁଳା ବୁଝୁ ନ ଥିଲା । ଖାଲି ପିଲାଙ୍କ ପରି ରବିର ପାଦତଳେ ଅଶ୍ରୁଳ ଆଖି ଦୁଇଟିର କରୁଣ ନିବେଦନ ଅଜାଡ଼ି ଦେଉଥିଲା ।

ମଞ୍ଜୁଳା, ଥରେ ନିଜପ୍ରତି ଫେରିଚାହଁ । ଏପରି ନ ଖାଇ ନ ପିଇ ସ୍ୱାସ୍ଥ୍ୟ ପ୍ରତି ଅନ୍ୟାୟ କଲେ କେତେଦିନ ବଞ୍ଚିବ ।

ଆଉ ବଞ୍ଚି ମୋର ଲାଭ କଣ ?

ଦିନ କଣ ବଦଳିବ ନାହିଁ ! ଘନ ଅନ୍ଧକାର ଭିତରେ ଆଲୋକ କାଁଣ ଉଦ୍‌ଭାସିତ ହେବ ନାହିଁ । ଦୁଷ୍ମନ୍ତ ବାବୁ ଦିନେ ନା ଦିନେ ନିଜର ଭୁଲ ବୁଝି ପାରି ନିଶ୍ଚୟ ବାଟକୁ ଫେରି ଆସିବେ । ପୁଣି ତମ ସୁଖର ସଂସାରରେ ଭଗବାନଙ୍କର ଶୁଭଦୃଷ୍ଟି ଫେରିଆସିବ । ସେପର୍ଯ୍ୟନ୍ତ ତମକୁ ଅପେକ୍ଷା କରିବାକୁ ହେବ । ମୁଁ ଆଉ ଆଉ ଏତେ ଶୀଘ୍ର ତମକୁ ଅବହେଳାରେ ଫିଙ୍ଗିଦେଇ ପାରିବି ନାହିଁ ! ତମେ ମୋ ସହିତ କଟକ ଫେରିଚାଲ । ଅଳକା ଅଛି । ତାର ଅପୂରନ୍ତ ସ୍ନେହର ଡାକ ତମ ହୃଦୟରେ ବାଜି ଉଠୁନି ମଞ୍ଜୁଳା ! ତମ ଦୁଃଖରେ ସେ କେତେ ବଡ଼ ଦୁଃଖିନୀ, ଅଲକ୍ଷିତରେ ତମେ ତାହା ଦେଖି ନ ପାରିଲେ ଥରେ ପାଖକୁ ଯାଇ ଦେଖିଆସ ।

ସ୍ୱାମୀ ଆଉ ଏ ହତଭାଗିନୀ ପ୍ରତି ଫେରି ଚାହିଁବେ—ଏ ଆଶା ମୋର ଅନେକ ଦିନୁ ମରିଗଲାଣି । ତେଣୁ ମୋତେ ଏଇଠାରେ ଆଖିର ଅଶ୍ରୁରେ ଶେଷ ବିସର୍ଜନ କରିବାକୁ ସମୟ ଦିଅ । ଆଉ ମୋତେ ମାୟା ମରୀଚିକା ଦେଖାଇ ନିକଟରେ ବାନ୍ଧି ରଖନା ।

ମୋ ପ୍ରତି ତମର ଟିକିଏ ହେଲେ କରୁଣା ନାହିଁ ମଞ୍ଜୁଳା । କିନ୍ତୁ କାହିଁକି ତମେ ମୋ ପ୍ରତି ଅଭିମାନ କରି ଆଜି ପାଷାଣୀ ପାଲଟି ଯାଇଚ ଥରେ ହୃଦୟ ଖୋଲି କୁହ । ମୋ ପ୍ରତି ତମର ଟିକିଏ ହେଲେ କାଣ ଭରସା ନାହିଁ ! କହୁ କହୁ ରବିର କଥାଗୁଡ଼ା ଆଖିର ଲୁହରେ ଆର୍ଦ୍ର ହେଇଉଠିଲା ।

ତମର ଏଇ ଅନାବିଳ ସ୍ନେହ ଆଜି ମୁଁ ଏଡ଼ିଦେଇ ପାରିଲି ନାହିଁ । ମୋର ଦୁଃଖକ୍ଲିଷ୍ଟ ଶରୀରକୁ ତମରି ପାଦତଳେ ଅଜାଡ଼ିଦେଲି । ହତଭାଗିନୀ ପ୍ରତି ଫେରି ଚାହିଁଚ, ଆଜି ସେଇ ମୋର ପରମ ସୌଭାଗ୍ୟ । ତମରି ଜୀବନ-ବେଦୀ ମୂଳେ ମୋର ବେଦନା-ବିଧୂର ମଳିନ ପ୍ରଦୀପଟି କେତେଦିନ ଜଳୁଚି ଜଳୁ । ତମରି ଇଚ୍ଛା ପୂର୍ଣ୍ଣ ହେଉ ।

ମଞ୍ଜୁଳା ରବିର ପାଦ ଦୁଇଟି ଧରି କାନ୍ଦିଉଠିଲା । ରବି ମଞ୍ଜୁଳାର ହାତ ଦୁଇଟି ଧରି କୋଳକୁ ଉଠାଇ ନେଇ ତା'ର ମଳିନ ନିଷ୍ପ୍ରଭ ମୁଖମଣ୍ଡଳରେ ନିଜର ଓଠ ଦୁଇଟି ଲଗାଇଦେଲା । ନିଃସହାୟ ମଞ୍ଜୁଳା ରବିର ସ୍ନେହ ବନ୍ଧନରେ ବାନ୍ଧି ହେଇପଡ଼ିଲା ।

Digitized by srujanika@gmail.com



ମଞ୍ଜୁଳାକୁ ଦେଖି ଅଳକା ହସି ହସି ତା'ର ହାତ ଦୁଇଟି ଧରି ଘର ଭିତରକୁ ଟାଣି ନେଇଗଲା । ପଚାରିଲା, ତମେ ଏକଲା, ସଙ୍ଗୀତା କାହିଁ ?

ମଞ୍ଜୁଳା ଆଖିରୁ ଝଡ଼ି ପଡ଼ିଲା ଧାର ଧାର ଅଶ୍ରୁ । ଉତ୍ତର ଦେବାକୁ ତୁଣ୍ଡରୁ ଭାଷା କେଉଁଟିଲା ନାହିଁ ।

କଣ ହୋଇଛି କୁହ—ସଙ୍ଗୀତା ମା'ଆ ମୋର କାହିଁ ? ଅଳକା ବିସ୍ମୟରେ ପାଷାଣ ହୋଇ ମଞ୍ଜୁଳାକୁ ଚାହିଁଲା । ମଞ୍ଜୁଳାର ଅଶ୍ରୁ କୂଳ ଲଙ୍ଘି ଉଠିଥିଲା ତେତେବେଳକୁ । ସେ ଅଳକାକୁ ଧରି ଖାଲି ଫୁଲି ଫୁଲି କାନ୍ଦିଉଠିଲା ।

ମାଆର ଦୁଃଖ ବୁଝିବାକୁ ସଙ୍ଗୀତା ଆଜି ପାଖରେ ନାହିଁ ଅଳକା—ସେ ବହୁଦୂରକୁ ଚାଲିଯାଇଛି । ଦୁଃଖଜର୍ଜରିତ ସଂସାରରେ ତା' ପରି ସୁନ୍ଦର ଝିଅ ବଞ୍ଚି ରହିବା ଅଭିଶାପ; ତେଣୁ ଭଗବାନ ତା'କୁ କୋଳକୁ ନେଇ ଆମ ଆଖିରେ ଦୁଃଖର ଅମାଅନ୍ଧକାର ଭରି ଦେଇଛନ୍ତି । ଅଲକ୍ଷିତରେ ସଙ୍ଗୀତାର ହସ ହସ ରୂପଛବି ଆଜି ବି ଯେପରି ନୂତନ ସକାଳର ପ୍ରଥମ ଆଲୋକ ପରି ହସି ଉଠୁଛି । ଦୁଃଖର ଅନ୍ଧକାର ଭିତରେ ତା'କୁ ଆମେ ଆଜି ପାଇବା ନାହିଁ ଅଳକା ପୁଣି ଭାବନରେ ଏଇ ଦୀର୍ଘ ରାତ୍ରିର ଅବସାନ ନହେଲେ ସଙ୍ଗୀତା କଥା ପଚାରି ମଞ୍ଜୁଳାକୁ ଆଉ ଦୁଃଖ ଦିଅନା । ତାକୁ କୋଳକୁ ନେଇ କନ୍ୟାହରା ଦୁଃଖିନୀ ମାଆ ହୃଦୟରେ ଆଶା, ଆଶ୍ୱାସନା ଭରି ଦେବାକୁ ଚେଷ୍ଟା କର । ରବି ଅଳକାକୁ ଲକ୍ଷ୍ୟ କରି କହିଲା ।

ଅଳକା ମଞ୍ଜୁଳାକୁ ଆଶ୍ୱାସନା ଦେବ କଣ—ତା ପରିବର୍ତ୍ତେ ମଞ୍ଜୁଳାର ଦୁଃଖ ଦରଦଭରା ଅଶ୍ରୁକଣା ଛିଟିକି ପଡ଼ି ତା' ହୃଦୟକୁ ଆଲୋଡ଼ିତ କରିଦେଲା—ସେ କାନ୍ଦି ପକାଇଲା । ଦୁହେଁ ଦୁହିଁଙ୍କୁ ଧରି କିଛିକ୍ଷଣ ଆଖିରୁ ଅଶ୍ରୁ ବିସର୍ଜନ କରିବାକୁ ଲାଗିଲେ ।

ଶେଷରେ ରବିର କଥା ଅନୁସାରେ ଅଳକା ଅଶ୍ରୁ ସମ୍ବରଣ କରି ମଞ୍ଜୁଳାକୁ ବୋଧ କରିବାକୁ ଚେଷ୍ଟା କଲା ।

Digitized by srujanika@gmail.com

ଦୁଃଖର ଚରମ ପରିଣତିକୁ ଗ୍ରହଣ କରି ନେଇ ଅତୀତକୁ ପାସୋରି ସମୟର ସୁଅରେ ହଠାତ୍ ଭାସିଯିବା ନାରୀ ଜୀବନରେ ସହଜେ ସମ୍ଭବ ହୁଏ ନାହିଁ । ମଞ୍ଜୁଳାର ତାହାହିଁ ହେଲା । ସେ ସଙ୍ଗୀତାକୁ ସହଜରେ ଭୁଲି ପାରିଲା ନାହିଁ ।

ଅଳକା ମଞ୍ଜୁଳାର ମନ ପରିବର୍ତ୍ତନ କରିବାକୁ ପ୍ରତି ମୁହୂର୍ତ୍ତରେ ଚେଷ୍ଟା କରୁଥିଲେ ବି ସହଜରେ କୃତକାର୍ଯ୍ୟ ହୋଇ ପାରୁ ନଥିଲା । ତଥାପି ଅଳକା ସ୍ୱାମୀ ସୁଖରୁ ବଞ୍ଚିତା ହତଭାଗିନୀ ମଞ୍ଜୁଳା ପ୍ରତି କେବେହେଲେ ଅନାଦର ଭାବ ପ୍ରକାଶ କରୁ ନଥିଲା ।

ମଞ୍ଜୁଳାର ମଳିନ ବେଶ ଦେଖିଲେ ଅଳକାକୁ ଭାରି ଦୁଃଖ ଲାଗେ । ଭାବେ ସେତ ପୁଣି ତା'ରି ପରି ଜଣେ । ସେ ମଞ୍ଜୁଳାକୁ ଟାଣି ଆଣି ତାର ଅଳସ କେଶରାଜି ନବରୂପରେ ସଜାଡ଼ିଦିଏ ! ଆଖିରେ ଦିଏ କଜ୍ଜଳ—ମୁଣ୍ଡରେ ଦିଏ ସିନ୍ଦୂର ଟୋପା । ଆଲମାରିରୁ କୁମ୍ଭ ଶାଢ଼ୀଟି ବାହାର କରି ମଞ୍ଜୁଳାକୁ ପିନ୍ଧିବାକୁ ବାଧ୍ୟ କରେ । ମଞ୍ଜୁଳା ମାନେ ନା । ଅଳକା ରାଗ ପକାଏ ।

ମଞ୍ଜୁଳା କୁହେ—ଅଳକା, କାହିଁକି ମୋତେ ଇମିତି ଦୁଃଖ ଦେଉଚ ?

ଅଳକା କୁହେ, ଦୁଃଖ ଭିତରେ ସୁଖର ସମ୍ଭବ ହୁଏ, ଅନ୍ଧକାର ଭିତରେ ଆଲୋକର ଉଦୟ ହେଲା ପରି । ଭାଙ୍ଗିପଡ଼ିଲେ କଣ ହେବ ଭଉଣୀ—ଏଇ ପୃଥିବୀରେ ତ ପୁଣି ବଞ୍ଚି ରହିବାକୁ ହେବ । ଅତୀତକୁ ଭୁଲିଯାଇ ନୂତନ ଛନ୍ଦରେ ତାଳ ମିଳାଇ ଚାଲିବା ମଣିଷ ସମାଜର ଏଇ ଚିରନ୍ତନ ରୀତିକୁ ତମେ କଣ ଏଡ଼ି ଦେଇ ପାରିବ ?

ଇମିତି ବନ୍ଧନରେ କାହିଁକି ବାନ୍ଧିରଖୁଚ ଅଳକା । ମୁଁ ତୁମର ବା କିଏ ?

ଆପଣାର କେହି ନହେଲେ ବି ଜଣେ ନାରୀର ଦୁଃଖରେ ସମବେଦନା ଜଣାଇବାକୁ ନାରୀର କ'ଣ ଅଧିକାର ନାହିଁ ?

ସେ ଅଧିକାର ତମକୁ କେବେ ତ ମୁଁ ଦେଇ ନାହିଁ ଅଳକା—ତଥାପି ତମେ ମୋତେ ଏତେ ଆପଣାର କଲ କିପରି ? ପରଜନ୍ମରେ ଦୁହେଁ ଭଉଣୀ ହୋଇ ଜନ୍ମ ହେଲେ ବି ତମର ଋଣ ଶୁଝି ପାରିବି ନାହିଁ ।

ପରଜନ୍ମ ତ ଧାରଣାର ଅତୀତ । ଯାହା ଆଜି ବାସ୍ତବରେ ରୂପାନ୍ତରିତ, ତାକୁ ଆଜି ତମକୁ ସ୍ୱୀକାର କରିବାକୁ ହେବ । ଏଇ ଜନ୍ମରେ ମୁଁ ତମର ଭଉଣୀ ହୋଇ ସାରିଚି । ସାନ ଭଉଣୀର ଅନୁରୋଧ କେବେ ଏଡ଼ି ଦେଇ ପାରିବନି । ନିଅ ଆପା, ଏ ଶାଢ଼ୀଟା ପିନ୍ଧିପକାଅ ।

ମଞ୍ଜୁଳାର ହୃଦୟରେ ଉଠେ ହରଷ ଓ ବିଷାଦର ଚୋରିଆ ମିଶା ମୂର୍ଚ୍ଛନା । ସେ ଅଳକାକୁ କୋଳକୁ ଟାଣିଆଣି କୁହେ—ତମେ ନାରୀ ଜନମ ପାଇ ଏତେ ମହତ୍ ହୃଦୟ ପାଇଲ କିପରି ?

Digitized by srujanika@gmail.com

ଅଳକା କୁହେ—ଅପା, ଦୁଷ୍ମନ୍ତ ବାବୁ ଫେରି ଆସିଲେ ତାଙ୍କୁ ମୁଁ ନିଶ୍ଚୟ ଘାଟକୁ ଫେରାଇ ଆଣିବି । ତମ ପରି ସରଳ ସୁନ୍ଦର ହୃଦୟକୁ ଭଲ କରି ଚିହ୍ନିବାକୁ ଏଥରେ ସୁଯୋଗ ଦେବି । ସେ ତମକୁ ପାଖକୁ ନେଇ ନିଶ୍ଚୟ ଅତୀତର ଅପକର୍ମ ପାଇଁ ଅନୁତପ୍ତ ହେବେ । ସେଦିନ ଖୁବ ନିକଟ ହୋଇ ଆସୁଚି ଅପା—ତମେ ଖାଲି ଧୈର୍ଯ୍ୟ ଧରି ଅପେକ୍ଷା କର ।

ମଞ୍ଜୁଳା ହସେ—ବାସି ଫୁଲର ନିଭିଲା ହସ ପରି ସେ ହସ ବଡ଼ କରୁଣ ଓ ବ୍ୟର୍ଥତାରେ ଭରି ଉଠିଥାଏ । ପରକ୍ଷଣରେ ଆଖି ଲୁହରେ ଅଳକାର ମନଭୁଲା କଥାଗୁଡ଼ା କେଉଁଆଡ଼େ ଭାସିଯାଏ ।

ଦିନ ଗଡ଼ିଚାଲେ—ପୁରାତନ ପଡ଼ି ରହେ ପଛରେ । ନୂତନ ଧାଇଁ ଆସୁଚି ଆଗରେ । ପୁରାତନ ଓ ନୂତନର ଚିରନ୍ତନ ଦ୍ୱନ୍ଦ ଭିତରେ ପ୍ରତିଦିନ ନୂତନ ଦିନର ଉଦୟ ଅସ୍ତ ଲାଗି ରହିଚି ।

ରବି କୁହେ, ମଞ୍ଜୁଳା ! ତମେ ଅଧୈର୍ଯ୍ୟ ହୁଅନା । ମୁଁ ଚାରିଆଡ଼େ ଦୁଷ୍ମନ୍ତ ବାବୁଙ୍କ ସନ୍ଧାନ ନେଉଚି । ତାଙ୍କୁ ଯେ କୌଣସିମତେ ଖୋଜି ବାହାର କରିବା ଆଜି ମୋର ପ୍ରଥମ କାମ ।

ଖୋଜି ଯଦି ତାଙ୍କୁ ନ ପାଇବ ତେବେ ମୋତେ ପୁଣି କଣ କରିବାକୁ ହେବ ଆଗରୁ ଏଥରେ ବତାଇଦିଅ ।

ରବି କିଛି ଉତ୍ତର ଦେଇ ପାରିଲାନି ।

ନୀରବ ରହିଲ ଯେ ? ମୁଁ ଠିକ୍ ଜାଣିଚି ତମେ ମୋ ଆଖି ଆଗରେ ଖାଲି ମାୟା ମରୀଚିକା ସୃଷ୍ଟି କରୁଚ.....କିନ୍ତୁ କାହିଁକି ?

ଏ ପ୍ରଶ୍ନର ଉତ୍ତର ଆଜି ନୁହେଁ ଅଳକା । କିନ୍ତୁ ଏ ଯେଉଁ ନିଆଁ ଜଳୁଚି ତୁମେ ସେଥିରେ ଆହୁତିଦେବା ପୂର୍ବରୁ ତାର ଝାସ କଣ ମୋ ହୃଦୟରେ ବାଜିବ ନାହିଁ ! ଛନ୍ଦମୟ ଜୀବନ ଭିତରେ ତମର ଅଯାଚିତ ସ୍ନେହ ଓ କରୁଣାର ବାରିଧାର ଚିରଦିନ ଉଦ୍‌ବେଳିତ କରିବନାହିଁ !! କାହିଁ କେଉଁଠି ଥିଲ—ଆଜ କେତେ ଦୂରରେ ମୁଁ । ସେ କେଉଁ ଅଜଣା ମୁହୂର୍ତ୍ତ । ଯଦି ଆମ ଦୁହିଁଙ୍କ ପ୍ରାଣରେ ଭରିଦେଲା ଅମୃତ ପରଶ, ତେବେ ସେ ଦୋଷ କଣ ମୋର ! ଅଜଣା ଅଶୁଣା ହେଲେ ବି ସେହି ଦାନ ପ୍ରତିଦାନରେ ମୋର କଣ ତମ ପ୍ରତି ଅଧିକାର କିଛି ନାହିଁ । ସେହି ଅଧିକାର ବଳରେ ମୋର ଯାହା କର୍ତ୍ତବ୍ୟ ମୁଁ କରୁଚି ମଞ୍ଜୁଳା—ତମେ ମୋତେ ଦୁର୍ବଳ କରନା ।

ରବିର ଗଳାର ସ୍ୱର ନରମିଆସେ । ମଞ୍ଜୁଳାର ହୃଦୟ ଦବିଯାଏ—ତା ପ୍ରତି ରବିର ଅସାଧାରଣ ସ୍ନେହ ଦେଖି । ସେ ଭାବି ପାରେନା କିପରି, କାହିଁକି ରବିବାବୁ ତାକୁ ଏତେ ନିକଟକୁ ଟାଣି ନେଉଚନ୍ତି, ଦୁନିଆ ପ୍ରତି ଯେତେ ମମତା ତୁଟାଇବାକୁ ବସିଲେ ବି ସେ ପାରୁନାହିଁ । ପ୍ରତିବନ୍ଧକ ରୂପେ ଆଖି ଆଗରେ ଠିଆ ହେଉଚି, ତାଙ୍କର ଏଇ ସୌମ୍ୟ ଶାନ୍ତ ପ୍ରତିମୂର୍ତ୍ତି । ତଡ଼ିଦେବାକୁ ତାର ସବୁ ଶକ୍ତି ଯେପରି ହାର ମାନୁଚି । ତାଙ୍କରି ସ୍ନେହ ଶରଧାର ଭାବଧାର ଭିତରେ ସେପରି ସେ କୁଆଡ଼କୁ ବାଟ ପାଉନାହିଁ । ମଞ୍ଜୁଳା ଭାବି ପାରେନା । ସବୁ ଯେପରି ଗୋଳମାଳ ହୋଇଯାଏ ।

Digitized by srujanika@gmail.com

ରବି ପାଖକୁ ଲାଗିଆସି ମଞ୍ଜୁଳାର ଆନତ ଅଶ୍ରୁଭରା ମୁଖଟିକୁ କୋଳକୁ ଟାଣିନିଏ । ମଞ୍ଜୁଳାର ଦୁର୍ବଳ ଶରୀର ବାଧା ଦେବାକୁ ଚେଷ୍ଟାକରି କ୍ଷଣକ ଭିତରେ ରବିର ବାହୁଯୁଗଳ ଭିତରେ ହାରମାନେ । ରବିର ମୁଖ ଲାଗିଆସେ ମଞ୍ଜୁଳାର ମୁଖ ପାଖକୁ ।

ମଞ୍ଜୁଳାର ବ୍ୟଥାତୁର ଜୀବନ ଭିତରେ ବେଳେବେଳେ ନୂତନ ଛନ୍ଦ ଗୁଞ୍ଜରି ଉଠେ । ମଞ୍ଜୁଳା ସ୍ୱପ୍ନଦେଖେ—ଯେପରି ତାର ସବୁ ତପସ୍ୟା ବିଫଳ ହୋଇଛି । କାହିଁକି—କିଛି ବୁଝିପାରେନା । ଭଗବାନଙ୍କ ନିକଟରେ କି ଅପରାଧ ସେ କରିଛି ! ହୃଦୟକୁ ପଚାରି ଉତ୍ତର ପାଏନା ।

ସ୍ୱକୀୟା ଓ ପରକୀୟା ଦୁହିଁଙ୍କ ଜୀବନର ସୁରଭିସିକ୍ତ ପ୍ରୀତି ଓ ପୁଲକ ଅଲକ୍ଷିତରେ ରବି ପ୍ରାଣକୁ ବାନ୍ଧିରଖେ । ବେଳେବେଳେ କଳ୍ପନାର ଆବେଗମୟ ଛନ୍ଦରେ ସେ ଅଳକା ଭିତରେ ଦେଖେ ମଞ୍ଜୁଳାକୁ ଓ ମଞ୍ଜୁଳା ଭିତରେ ଦେଖେ ଅଳକାକୁ । ଦିହେଁ ଯେପରି ଏକ—ଗୋଟିଏ ଲତାର ଦୁଇଟି ପତ୍ର । ବେଳେବେଳେ ଅଳୀକ ଭାବନା ମନକୁ ଦୁର୍ବଳ କରିପକାଏ । ରବି ଭାବି ପାରେନା ଏହାର ଶେଷ ସୀମା କେଉଁଠାରେ !

ଜୀବନ ଗତିକରେ ଉଦାସଭରା ଛନ୍ଦରେ ।

ଦୁଷ୍ମନ୍ତ ବାବୁଙ୍କ ସେଇ ବସାଟିରେ ଏ ମଧ୍ୟରେ ନୂତନ ଲୋକ ଆସି ଉଦାନେଇ ରହିଲେଣି । କିନ୍ତୁ ରବି ଜାଣି ଜାଣି ତାଙ୍କ ଖବର ନେବାକୁ ଇଚ୍ଛା କରିନାହିଁ । ସେଇ ବସାଟି ପ୍ରତି ତାର ଅନୁରାଗ ଯେପରି ଚିରଦିନ ପାଇଁ ତୁଟି ଯାଇଛି ।

ସେଦିନ ଅଫିସରୁ ଫେରୁଛି—ଘରେ ପହଞ୍ଚିବାକୁ ଆଉ ଅଳ୍ପ ବାଟ ଅଛି, ହଠାତ୍ କିଏ ପଛରୁ ଡାକିଲା, ରବି, ରବି !

ରବିର ସାଇକେଲ ଚକ ଅଟକିଗଲା । ସେ ପଛକୁ ଫେରି ଚାହିଁଲା । ଦୁଷ୍ମନ୍ତ ବାବୁଙ୍କ ସେଇ ପୁରୁଣା ଘର ଦୁଆର ମୁହଁରେ ଛିଡ଼ା ହୋଇ ଡାକୁଛି କିଏ । ରମେଶ ନୁହେଁ ତ ।

ହଜିଲା ଅତୀତ ଫେରିଆସିଲା ବର୍ତ୍ତମାନକୁ । କଲେଜ ଜୀବନର ପରମବନ୍ଧୁ ଏଇ ରମେଶ । ଜୀବନର ଯେଉଁ ସ୍ମୃତି-ମଧୁର ଦିନ କେତୋଟି ଏଇ ରମେଶ ସହିତ କଲେଜ ଜୀବନରେ ବିତି ଯାଇଛି—ତା ଆଉ ଫେରି ଆସିବ ନାହିଁ । ଦୀର୍ଘ ଦିନ ପରେ ତା ସହିତ ଏଇ ଅସ୍ୱାଭାବିକ ସାକ୍ଷାତକୁ ସେ ସହଜରେ ବିଶ୍ୱାସ କରିପାରିଲା ନାହିଁ । ସତେ କଣ ଏଇ ସେହି ପରମବନ୍ଧୁ ରମେଶ ।

ରମେଶ ପାଖକୁ ଲାଗିଆସିଲା । ତାର ସେହି ହସ ହସ ଦୀପ୍ତ-ମଧୁର ମୁଖଟିକୁ ଚିହ୍ନିବାକୁ ଅବକାଶ ରହିଲା ନାହିଁ । ବହୁଦିନ ପରେ ବନ୍ଧୁ ବନ୍ଧୁର ମିଳନ । ରବି ଆବେଗରେ ରମେଶକୁ କୁଣ୍ଢାଇପକାଇଲା ।

Digitized by srujanika@gmail.com

ରବି ପଚ଼ାରିଲା, ଆରେ ତୁ ଅକସ୍ମାତ୍ ଏଠି କିପରି ?

ରମେଶ ସେଇ ପ୍ରଶ୍ନ ଓଲଟି ପଚ଼ାରିଲା, ଆଗେ କହ ତୁ ଏଠି କିପରି ?

ଚାକିରୀ ଜୀବନର ଦୁଇବର୍ଷ କଟକରେ ବିତିଗଲାଣି । ପାଖରେ ଏଇ ଯେଉଁ ଘରଟି ଦିଶୁଛି—ସେଇଠି ମୁଁ ଥାଏ ।

ଆରେ ଏତେ ନିକଟରେ ଥାଇ ନମିତାକୁ ଏକବାରେ ପାସୋରି ପକାଇଚୁ !

ନମିତା, ସେ ପୁଣି କିଏ ?

ସେ ମୋର ଭଉଣୀ । ଯାହାକୁ ଦିନେ ତୋ ହାତରେ ସମର୍ପି ଦେବାକୁ ବସିଥିଲି—କିନ୍ତୁ ତୁ କିଛି ଉତ୍ତର ନଦେଇ ନୀରବ ରହିଲୁ । ତା ପରେ ତା ବିବାହ ଅନ୍ୟତ୍ର ସ୍ଥିର ହୋଇଗଲା । ତାର ସ୍ୱାମୀ ସବ୍‌ଡେପୁଟି । ନୂଆ ହୋଇ ଚାକିରୀରେ ଏବେ ଯୋଗ ଦେଇଛନ୍ତି । କଟକରେ ଏଇ ବସାଟିରେ ସେ ଥାଆନ୍ତି । ନମିତାକୁ ନିକଟ ଅତୀତରେ ସେ ପାଖକୁ ନେଇ ଆସିଛନ୍ତି । ବସାକୁ ଆ ରବି । ନମିତା ସାଙ୍ଗରେ ତୋର ପରିଚୟ କରାଇଦେବି । ଏତେ ନିକଟରେ ଥାଇ ଅଥଚ ଦିହେଁ ଦୁହିଁଙ୍କୁ ଏଯାଏ ଚିହ୍ନି ପାରିଲ ନାହିଁ !

ରମେଶ ରବି କାନ୍ଧ ଉପରେ ହାତ ପକାଇ ଅତୀତ ଦିନର ବନ୍ଧୁ ପରି ଟାଣି ଟାଣି ବସାକୁ ନେଇଗଲା ।

ରବିର ଅସ୍ୱାଭାବିକ ଉପସ୍ଥିତିରେ ନମିତା ଅପ୍ରସ୍ତୁତ ହେଇ ଉଠିପଡ଼ି ଲାଜ ଲାଜ ହେଲା ।

ରମେଶ କହିଲା, ଆରେ ଲାଜ କରୁଚୁ କଣ ନମିତା । ଚିହ୍ନି ପାରୁନୁ ଏ କିଏ—ଭଲକରି ଥରେ ଚାହିଁଲୁ ।

ନମିତା ଅବୋଧଭରା ଦୃଷ୍ଟିରେ ଚାହିଁଲା ରବିଆଡ଼େ । ପରକ୍ଷଣରେ ଦୃଷ୍ଟି ତଳକୁ ନଇଁଗଲା ।

ଚିହ୍ନି ପାରିଲୁ ନାହିଁ ? ଏଇ ପର ମୋର କଲେଜ ଜୀବନର ଅତି ଅନ୍ତରଙ୍ଗ ପରମ ବନ୍ଧୁ ରବି । ବିବାହ ଆଗରୁ ଯା କଥା ତୋତେ ଥରେ ନୁହେଁ—କହିଥିବି ବାରବାର । ତୋ ଘର ପାଖରେ ସେ ଥାଏ । ଅଥଚ ସେ ତୋତେ ଜାଣେନା – ଆଉ ତୁ ବି ତାକୁ ଚିହ୍ନୁନା । କିନ୍ତୁ ଅତୀତ ଜୀବନରେ ତୁମ୍ଭେ ଦୁହିଁଙ୍କୁ ଭଲ କରି ଜାଣିଥିଲ—ନୁହେଁ ?

ନମିତା ଲାଜ ଲାଜ ହେଲା । ପରକ୍ଷଣରେ ମୁହଁରେ ସରୁ ହସ ଫୁଟାଇ କହିଲା, ରବିବାବୁ ଏତେ ନିକଟରେ ଥାଇ କେବେ ତ ଦିନେ ଆମ ପଲ୍ଲିରେ ଲେଉଡ଼ି ନାହାନ୍ତି । ବଡ଼ଲୋକ—କାହିଁକି ଆମକୁ ପଚ଼ାରିବେ ।

Digitized by srujanika@gmail.com

ରବି ନମିତାର ମୃଦୁ - ଅଭିମାନଭରା କଥା ପଦକରେ ନିଜକୁ ଲଜ୍ଜିତ ମନେକଲା । ରମେଶ କହିଲା, ନମିତା, ଏତେ ବଡ଼ ପରିଚୟ ଯେତେବେଳେ ହେଲା—ତେବେ ଏଇ ସ୍ମୃତିକୁ ସଜୀବ କରିବାପାଇଁ କିଛି ଜଳଯୋଗ ଓ ସୁଧାର ବ୍ୟବସ୍ଥା କର ।

ରବି ହସି ହସି କହିଲା, ନା ଆଜି ନୁହେଁ । ପରିଚୟ ଯେତେବେଳେ ହେଲା ସୁଧା ଖାଇବାର ସୁଯୋଗ ଏଣିକି ଯଥେଷ୍ଟ ମିଳିବ । ତୁ ବ୍ୟସ୍ତ ହୁଅନା ରମେଶ ।

ତା କଣ ହୁଏ ? ଆଜି ଆମ ଘରେ ଆପଣ ପ୍ରଥମ ଅତିଥି । କିଛି ନ ଖୋଇ ସହଜରେ ଆପଣଙ୍କୁ ଛାଡ଼ିଦେବି ନାହିଁ ।

ନମିତାର ଏକାନ୍ତ ଅନୁରୋଧ ରବି ଏଡ଼ିଦେଇ ପାରିଲା ନାହିଁ । ବିସ୍ମୃତିର ପରଦାତଳୁ ଫୁଟି ଉଠିଲା ନମିତାର ସହଜ ସୁନ୍ଦର ଛବି । ଅଳକା ସହିତ ସାକ୍ଷାତ ଘଟି ନ ଥିଲେ ହୁଏତ ଏହା ସହିତ ଜୀବନ-ବସନ୍ତର ଅଭିନବ ଅନୁଭୂତି ପ୍ରାଣକୁ ଆମୋଦିତ କରି ଦୁହିଁଙ୍କୁ ଏକାଠି କରି ଦେଇଥାନ୍ତା । କିନ୍ତୁ ଆଜି ଦୁହିଁଙ୍କ ଜୀବନର ସ୍ରୋତ ଦୁଇଆଡ଼େ ବହିଯାଇଛି । ସ୍ରୋତମୁଖୀ ଫୁଲ ଦୁଇଟି ପରି ଭସି ଭସି ଆଜି ସଂସାର ସାଗରରେ ଅକସ୍ମାତ୍ ହୋଇଛି ଦୁହିଁଙ୍କର ଭେଟ ।

ଅତିଥିମର୍ଯ୍ୟାଦା ଗ୍ରହଣ କରି ରବି ବିଦାୟ ନେଲାବେଳେ ଦୁହିଁଙ୍କୁ ଅନୁରୋଧ ଜଣାଇ ଆସିଲା ନିଜ ବସାଆଡ଼େ ବୁଲି ଆସିବାକୁ ।

ପରଦିନ ରମେଶ, ନମିତା ରବିର ଅନୁରୋଧ ରକ୍ଷା କରିବାକୁ ଆସିଲେ । ଅଳକା, ମଞ୍ଜୁଳା ସହିତ ସେମାନଙ୍କର ପରିଚୟ କରାଇ ଦେଲା । ମଞ୍ଜୁଳା ଅଳକାର ଭଉଣୀ ବୋଲି ରବି ପରିଚୟ କରାଇଦେଲା । ମଧୁର ଆଳାପ ଆଲୋଚନା ଭିତରେ ଗୋଟିଏ ଦିନର କେତୋଟି ଘଣ୍ଟା ବିତିଗଲା । ତାପରେ ରବି ଘରୁ ପ୍ରୀତିଭୋଜନରେ ଆପ୍ୟାୟିତ ହୋଇ ନମିତା ଓ ରମେଶ ଫେରି ଆସିଲେ ନିଜ ବସାକୁ ।

ରାତିରେ ଶୋଇଲାବେଳେ ଅଳକା ପଚାରିଲା, ଏଇ ନମିତାଟି କିଏ ?

ଅତି ଆଧୁନିକ ପରିବେଷ୍ଟନୀ ଭିତରେ ଆସି ଏଇ ଚିରଚଞ୍ଚଳା ହାସ୍ୟମୟୀ ନମିତାକୁ ଦେଖି ତମର ମୋ ପ୍ରତି ସନ୍ଦେହ ହେଉଛି କି ଅଳକା !

ସନ୍ଦେହ ନହେଲେ ବି ଭୟ ହେଉଛି, ସୁନ୍ଦରୀ ଯୁବତୀର ସଂସ୍ପର୍ଶରେ ଆସିଲେ ପ୍ରତ୍ୟେକ ପୁରୁଷର ଯେଉଁ ଦଶା ଘଟେ – ତା ହେବା ବିଚିତ୍ର ନୁହେଁ ।

ନିଜ ସ୍ୱାମୀ ପ୍ରତି ଏତେ ବଡ଼ କଥାଟା କିପରି କହିପାରିଲ ?

ଅଳକା ଭାବିଲା ସ୍ୱାମୀ ହୁଏତ ତା ପ୍ରତି ଅସନ୍ତୁଷ୍ଟ ହୋଇଉଠିବେ ।

Digitized by srujanika@gmail.com

କିନ୍ତୁ ରବି ହସଭରା ମୁହଁରେ ଅଳକାକୁ କୋଳକୁ ଟାଣିଆଣିଲା କହିଲା, ଅପସରି ଯିବାକୁ ତମେ ଯଦି ସୁଯୋଗ ଦିଅ—ତେବେ ହୁଏତ ଜୀବନ ଲକ୍ଷ୍ୟଚ୍ୟୁତ ହୋଇପାରେ । କିନ୍ତୁ ତମରି ଏଇ ଅସାଧାରଣ ସ୍ନେହ-ଶରଧାଠ ବହୁଦୂରରେ ଆଜି ନମିତା । ପତ୍ନୀରୂପେ ତୁମେ ଯେଉଁ ଆଦର୍ଶରେ ମୋତେ ଅନୁପ୍ରାଣିତ କରିଚ, ତା ନିକଟରେ ନମିତା ଯେ ଅତି ନଗଣ୍ୟ ।

ଅଳକା ଭାବି ପାରିଲା ନାହିଁ, ସ୍ୱାମୀ ତାକୁ ଏତେ ନିବିଡ଼ ଭାବେ କିପରି ହୃଦୟରେ ସ୍ଥାନ ଦେଇଚନ୍ତି । ସ୍ୱାମୀ ପ୍ରତି ଅହେତୁକ ସନ୍ଦେହ ପାଇଁ ଲଜ୍ଜିତ ହୋଇ ତାଙ୍କ ପ୍ରଶସ୍ତ ଛାତି ଭିତରେ ମୁହଁ ଲୁଗ୍ଭଇଲା । ରବି ତାକୁ ଆହୁରି ନିବିଡ଼ତାରେ ବାନ୍ଧିରଖି ତାର ଗୋଲାପି ଗଣ୍ଡ ଯୁଗଳରେ ସୁରଭିତ ଫୁଲର ମୃଦୁ ସଉରଭ ଢାଳିଦେଲା । ଅଳକା ସେତେବେଳକୁ ସ୍ୱାମୀର ବାହୁବନ୍ଧନ ଭିତରେ ଥାଇ ସୁଖସ୍ୱପ୍ନ ଦେଖିବାରେ ବ୍ୟସ୍ତ ଥିଲା ।

Digitized by srujanika@gmail.com



ଦିବସର ମ୍ଳାନ ଆଲୋକ ମରି ମରି ଆସୁଚି । ସେଦିନ ସଞ୍ଜଅନ୍ଧାର ଘର ଭିତରେ ପଶିବାକୁ ବେଶି ଡେରିନାହିଁ । ମଞ୍ଜୁଳା ଓ ଅଳକା ନମିତା ଘରଆଡ଼େ ବୁଲିଯାଇ ଏ ଯାଏ ଫେରି ନାହାନ୍ତି । ରବି ଅନ୍ୟମନସ୍କ ଭାବେ ନିଜ କୋଠରୀରେ ଅଫିସ ଫେରନ୍ତା କର୍ମକ୍ଳାନ୍ତ ଶରୀରଟିକୁ ଇଜିଚେୟାରଟିରେ ଲୋଟାଇ ଦେଇ କଣ ଭାବୁଚି । ହଠାତ୍ ବାହାରୁ ଡାକ ଶୁଭିଲା — ରବିବାବୁ, ଘରେ ଅଛନ୍ତି ?

କାହାର ଏ ସ୍ୱର । ଅତି ପରିଚିତ ସ୍ୱରଟା ହେଲେ ବି ରବି ଭିତରେ ଥାଇ ବାରିପାରିଲା ନାହିଁ । ବାହାରକୁ ଉଠିଆସିଲା ।

କିଏ ?

ଚିହ୍ନି ପାରୁନା । ମୋର ଏଇ ଜୀର୍ଣ୍ଣ ଶରୀର ଓ ରୁକ୍ଷ ମଳିନ ଚେହେରା ଦେଖି ତମେ ଯେତେ ଚେଷ୍ଟା କଲେବି ଚିହ୍ନିପାରିବ ନାହିଁ । ମୁଁ ତୁମର ଦେଇ ପଡିଶା ବନ୍ଧୁ ଦୁଷ୍ମନ୍ତ ।

ଆରେ ଦୁଷ୍ମନ୍ତ ବାବୁ, ଆପଣ ! ଏପରି ଅପ୍ରତ୍ୟାଶିତ ଭାବରେ ଦୁଷ୍ମନ୍ତ ବାବୁଙ୍କୁ ଖବି ପାଇପାରିବ ବୋଲି ଭାବି ନଥିଲା । ଗୋଟାଏ କି ଅଜଣା ଆବେଗରେ ତାଙ୍କୁ କୁଣ୍ଢାଇପକାଇଲା ।

କିନ୍ତୁ ପରକ୍ଷଣରେ ଅସ୍ଥିକଙ୍କାଳସାର ରୁଗ୍ଣ ଶରୀର, କୋଟରଗତ ଚକ୍ଷୁ, ଶୁଷ୍କ ନୀରସ ବଦନ ଦେଖି ରବି ବିଶ୍ୱାସ କରି ପାରିଲା ନାହିଁ, ଏଇ କଣ ସେଇ ସୁନ୍ଦର ସ୍ୱାସ୍ଥ୍ୟବାନ ଦୁଷ୍ମନ୍ତ ବାବୁ । କଣ ହେଇଚି, କାହିଁକି ଏ ଦୁର୍ଦ୍ଦଶା ? ଆଖି ଆଗରେ ଯେପରି ଶତ ପ୍ରଶ୍ନ ଜାଗିଉଠିଲା ।

ମଞ୍ଜୁଳା ଓ ସଙ୍ଗୀତାର ଖବର କିଛି ରଖିଚ ? ସେମାନେ ଅଛନ୍ତି କୁଆଡ଼େ ? ଦୁଷ୍ମନ୍ତ ବ୍ୟାକୁଳ ଓ ଉତ୍କଣ୍ଠାଭରା ଗଳାରେ ପଚାରି ରବି ଆଡ଼େ କରୁଣ ଦୃଷ୍ଟିରେ ଚାହିଁଲା ।

Digitized by srujanika@gmail.com

ରବି ଦେଖିଲା, ଦୁଷ୍ମନ୍ତ ବାବୁଙ୍କ ଆଖି ଲୁହରେ ଛଳ ଛଳ ହୋଇ ଉଠିଚି । ରବି ବ୍ୟସ୍ତହୋଇ ପଚାରିଲା, ଦୁଷ୍ମନ୍ତ ବାବୁ, ଆପଣ କାନ୍ଦୁଛନ୍ତି—କଣ ହୋଇଚି । କାହିଁକି ଆଜି ଆପଣଙ୍କର ଏ ଦୁର୍ଦ୍ଦଶା ।

ସେ ପ୍ରଶ୍ନର ଉତ୍ତର ବହୁତ ଲମ୍ବା । ଶୁଣିବାକୁ ସମୟ ଲାଗିବ । ମଞ୍ଜୁଳାର ସନ୍ଧାନ ଯଦି ପାଇଥାଅ, ତେବେ ଦୟାକରି ଜଣାଇଲେ ମୋର ବେଦନାପୂର୍ଣ୍ଣ ହୃଦୟରେ ଟିକିଏ ଆସ୍ୱସ୍ତି ଲାଭ କରନ୍ତି ।

ସବୁ କହିବି—ତମେ ଆଗେ ଭିତରକୁ ଆସ । ରବି ଦୁଷ୍ମନ୍ତର ହାତଧରି ଭିତରକୁ ନେଇଗଲା । ସଞ୍ଜ ଅନ୍ଧାର ଘର ଭିତରେ ଘାଲି ପାରୁଥିଲା । ସ୍ୱୀଚ୍ ଟିପି ହଠାତ୍ ରବି ଆଲୁଅ ଜାଳିଦେଇ ଦୁଷ୍ମନ୍ତଙ୍କୁ ବସିବାପାଇଁ ନିର୍ଦ୍ଦେଶ ଦେଲା । ସେଇ ଆରମ ଚେୟାରଟିରେ ଦୁଷ୍ମନ୍ତ ନିଜର ରୁଗ୍ଣ ଶରୀର ଲଦି ଦେଇ ଥକ୍କା ମାରି ବସିପଡ଼ିଲା । ତାଙ୍କ ମୁଖମଣ୍ଡଳରେ ଚିନ୍ତାର କଳାଛାଇ ବିଜୁଳି ଆଲୋକରେ ଅନୁଭୂତି ପରିସ୍ଫୁଟ ହୋଇଉଠିଲା ।

ରବି ପଚାରିଲା, ଏତେ ଦିନ ଧରି ଥିଲେ କୁଆଡ଼େ ? ଆପଣଙ୍କ ଅବସ୍ଥା ଦେଖି ମୋତେ ଭାରି ଭୟ ଲାଗୁଛି । କଣ ଘଟିଛି ? ଆଗେ ସବୁ କଥା ଖୋଲି ନ କହିଲେ ହେବନାହିଁ । ଆପଣଙ୍କ ଏଇ ଅବସ୍ଥାରେ ବନ୍ଧୁ ହିସାବରେ ମୋର ଯଦି କିଛି କରିବାର ଥାଏ, ସେଥିରେ ଆପଣ ବାଧା ଦେଇ ପାରିବେ ନାହିଁ । ମଞ୍ଜୁଳା ପ୍ରତି ଆପଣ ଏତେ ବଡ଼ ଅନ୍ୟାୟ ଅବିଚାର କରି କୁଆଡ଼େ ଚାଲିଗଲେ ?

ମଞ୍ଜୁଳା କେଉଁଠି ? ମୋର ତା' ପ୍ରତି ଯେଉଁ ଅକଥନୀୟ ଅତ୍ୟାଚାର ବଢ଼ିଯାଇ ଶେଷ ସୀମାରେ ପର୍ଯ୍ୟବସିତ ହୋଇ ଉଠିଥିଲା ତାହା କଣ ସେ ସହ୍ୟକରି ନିଜର ଅବାଞ୍ଛନୀୟ ଜୀବନକୁ ଏଯାଏ ବଞ୍ଚାଇ ରଖିଚି !

ଶତ ଝଡ଼ଝଞ୍ଜା ଭିତରେ ତା' ଜୀବନ ଦୀପ ଲିଭିନାହିଁ । ସେ ବଞ୍ଚିଛି ଆପଣଙ୍କୁ ଅପେକ୍ଷା କରି । ଆପଣଙ୍କ ଶେଷ ଦର୍ଶନ ହୁଏତ ତା'ର ମୁକ୍ତିପଥକୁ ଉନ୍ମୁକ୍ତ କରିଦେବ । ଶତ ବେଦନାଭରା ଏଇ ଗାଢ଼ ଅନ୍ଧକାର ଭିତରେ ତା'ପରି ଧ୍ରୁବ ଆଲୋକ ଦର୍ଶନ ନ ହେଲେ ଜୀବନର ଶେଷ ଅବସାନ ହେବ କିପରି ? ଆପଣ କାହିଁକି ତା'ପ୍ରତି ଏତେ ନିଷ୍ଠୁର ହେଲେ ! ଫୁଲ ପରି ତାର ସରଳ ସୁନ୍ଦର ଜୀବନରେ କାଣ୍ଟ ଭରିଦେଲେ ! ଏତେ ବଡ଼ ପ୍ରତିଶୋଧ ତା'ଠାରେ ନେଲେ କାହିଁକି ? ସେତ କେବେ ଦିନେ ଆପଣଙ୍କ ଅମଙ୍ଗଳ ଚିନ୍ତା କରି ନ ଥିଲା । ଜଣେ ପତ୍ନୀ ଭାବରେ ପତି ପ୍ରତି ଯେଉଁ କର୍ତ୍ତବ୍ୟ ସେ ତ ତାହା ଅମ୍ଳାନ ବଦନରେ ପାଳି ଆସୁଥିଲା ।

ତଥାପି ତା'ପ୍ରତି ମୁଁ ନିଷ୍ଠୁର ହେଲି କିପରି ଆଜି ଭାବିପାରେ ନା । କଣ କହିବି ? ପରିସ୍ଥିତି ଏପରି ଅବସ୍ଥାକୁ ମୋତେ ଟାଣି ନେଇଗଲା । ମୁଁ ଅଜାଣତରେ ତା'ପ୍ରତି ସବୁ ଅତ୍ୟାଚାର କରିବାକୁ ବାଧ୍ୟ ହେଲି । ଜୀବନରେ ଯାହା ସତ୍ୟ ଓ ସୁନ୍ଦର ତାକୁ ମିଥ୍ୟାର କୁହେଳିକା ଭିତରକୁ ଠେଲି ଯାହା ପଛରେ ମୁଁ ଉଦ୍‌ଭ୍ରାନ୍ତ ପରି ଅଗେଇଚାଲି ସେ ନାରୀ ନୁହେଁ—ମାୟାବିନୀ ପିଶାଚିନୀ । ମୋର ସରଳତାର ସୁଯୋଗ ନେଇ ସେ ମୋତେ ଆଜି ନିଃଶେଷ କରିଦେଇଛି । ଆଜି

Digitized by srujanika@gmail.com

ଜୀବନ ନିସ୍ତେଜ ହୋଇଆସିଲାଣି । ଶେଷ ଆଲୋକ ଲିଭିଯିବା ପୂର୍ବରୁ ଥରେ ମଞ୍ଜୁଳାକୁ ଦେଖିବି । ଏଇ ଆଶା ମୋତେ ବଂଚାଇ ରଖିଛି । ତା'ପ୍ରତି ମୁଁ ଯେଉଁ ଅନ୍ୟାୟ ଅସହିଷ୍ଣୁତା, ଦମନନୀତି ଚଳାଇ ଆସିଲି ସେ ଦୋଷର କ'ଣ ଦଣ୍ଡ ନାହିଁ ? ସେ ଦଣ୍ଡ ଆଜି ଭଗବାନ ଦେଇ ସାରିଚନ୍ତି । ତାରି ଶେଷ ଦର୍ଶନରେ ସେ ମୋତେ କ୍ଷମ କଲେ ମୁଁ ଶାନ୍ତିରେ ମରିପାରିବି, ଏଇ ମୋର ଅଭିଳାଷ ।

କିଏ ସେଇ ନାରୀ ? ଯେ କି ଆପଣଙ୍କ ସୁଖର ସଂସାରରେ ତୋଫାନ ଉଠାଇଲା । ତାରି ପ୍ରଲୋଭନ ନିଆଁରେ ନିଜକୁ ଝାସ ଦେବାକୁ ଆଗେଇ ଚଲେ କିପରି ? ସେ କ'ଣ ମଞ୍ଜୁଳାଠାରୁ ଅଧିକ ରୂପବତୀ ?

ଜୀବନର ସେ ଏକ ନିଗୂଢ଼ କାହାଣୀ । ସବୁ କଥା ତମ ଆଗରେ ପ୍ରକାଶ ନ କଲେ ତମେ ହୁଏତ ମୋ ଜୀବନର ଚରମ ପରାଜୟ କିପରି, କେଉଁଠି ହେଲା—ବୁଝି ପାରିବ ନାହିଁ । ଯେଉଁ ନାରୀ ମୋତେ ତା'ରି ପ୍ରଥମ ଯୌବନରେ ଅତି ଆପଣାର ପରି ଗ୍ରହଣ କରିଥିଲା—ସେହି ପୁଣି ଆଜି ମୋର ସକଳ ବିଭବ ମାନବିକତାକୁ ହତ୍ୟାକରି ମରଣର ଦ୍ୱାର ନିକଟକୁ ଠେଲିଦେଇଛି । ସେ ଦୋଷ ତା'ର ନୁହେଁ । ଅତୀତରେ ଯେଉଁ ଅପବାଦର କାଳିମା ବୋଲି ତାକୁ ମୁଁ ସମାଜର ନୀଚସ୍ତରକୁ ଠେଲି ଦେଇଥିଲି—ସେ ତା'ରି ଚରମ ପ୍ରତିଶୋଧ ଆଜି ମୋ ଉପରେ ନେଇଛି । ଜଣେ କୋମଳହୃଦୟା ପଲ୍ଲୀଭୂଇଁର ସରଳା ନାରୀ—ସେ ପୁଣି ଇମିତି ନିଷ୍ଠୁର, ପାଷାଣୀ ପାଲଟି ମାୟାବିନୀ ବେଶରେ ମଣିଷକୁ ନିଃଶେଷ କରିପାରେ, ଏହା ମୁଁ ସ୍ୱପ୍ନରେ ବି ଧାରଣା କରି ନ ଥିଲି ।

ଏକା ଗାଁର ପଡ଼ିଶା ଝିଅ ଏଇ କୁସୁମ ! ପହିଲି ଯୌବନର ଉଚ୍ଛଳତା ନେଇ ଆମ ଦୁହିଙ୍କ ଭିତରେ ଜାଗିଲା ଆକର୍ଷଣ । ଧୀରେ ଧୀରେ ଏଇ ଆକର୍ଷଣ ପ୍ରଣୟର ନିବିଡ଼ ଛନ୍ଦରେ ରୂପାନ୍ତରିତ ହେଲା । ସେ ମୋତେ କ୍ଷଣକପାଇଁ ଭୁଲି ପାରୁ ନ ଥିଲା—ଆଉ ମୁଁ ତା'କୁ ଛାଡ଼ି ଦୂରକୁ ଯିବାକୁ ରାଜି ନଥିଲି । ମାଟ୍ରିକ୍ ପାଶ୍ ପରେ କଟକ ପଢ଼ିବାକୁ ଆସିଲି । କିନ୍ତୁ ତା'ରି ସାନ୍ନିଧ୍ୟ ମୋତେ ଏପରି ବିଚଳିତ କରୁଥିଲା, ଘନ ଘନ ଗାଁକୁ ଦଉଡ଼ିବା ଫଳରେ ପରୀକ୍ଷାରେ ବରାବର ଫେଲ ହେଲି । ଶେଷରେ ବାପା ବିରକ୍ତ ହୋଇ ମୋ' କଲେଜପଢ଼ାରେ ପୂର୍ଣ୍ଣଚ୍ଛେଦ ଟାଣିଦେଲେ । ତା'ପରେ ଆବେଗ ପ୍ରୀତିପୂର୍ଣ୍ଣ ଦିନଗୁଡ଼ିକ ଭିତରେ ଆମେ ଜୀବନର ମଧୁର ସ୍ୱପ୍ନ ଦେଖିବାରେ ବ୍ୟସ୍ତ ରହିଲୁ ।

ହଠାତ୍ ଯେଉଁଦିନ କୁସୁମ ଜାଣିଲା, ସେ ଗର୍ଭବତୀ ହେଇଛି, ସେଦିନ ତାର ସକଳ ନିବେଦନ ମୋ କତିରେ ଢାଳି ଦେଇଥିଲା । ତା'ର ଏକମାତ୍ର ଅନୁରୋଧ ଥିଲା, ମୋତେ ଚିରଦିନ ପାଇଁ ଗ୍ରହଣ କରି ଏଇ ଲଜ୍ଜାରୁ ଅବ୍ୟାହତି ଦିଅ । କିନ୍ତୁ ସେଦିନ ତାର ସେଇ ସରଳ ଅନୁରୋଧକୁ ମୁଁ ଉପେକ୍ଷା କଲି । ଜାତିଭେଦର ବିଚାର ଉଠିଲା ମନରେ । ସମାଜ ପ୍ରଥାକୁ ଏଡ଼ି ସତ୍‌ସାହସ ଦେଖାଇ ତା'କୁ ଗ୍ରହଣ କରିବାକୁ ମୁଁ ଆଗେଇ ଆସି ପାରିଲି ନାହିଁ । ବରଂ ତାର ଜୀବନ କୁସୁମକୁ ଦଳି ଟିକି ଟିକି କରି ଦୂରକୁ ଫିଙ୍ଗିଦେଲି । ସେଦିନ ସେ କାନ୍ଦି କାନ୍ଦି ମୋ ପାଦତଳେ ମୂର୍ଚ୍ଛା ହୋଇ ପଡ଼ିଥିଲା ।

Digitized by srujanika@gmail.com

ତା'ପରେ ସେ ଲଜ୍ଜାମୁଖରୁ ନିଜକୁ ବଞ୍ଚାଇବା ପାଇଁ ସମସ୍ତଙ୍କ ଅଗୋଚରରେ ଗାଁ ପରିତ୍ୟାଗ କରି କେଉଁଆଡ଼େ ଚାଲିଆସିଲା । ତା'ର ସନ୍ଧାନ ଯେତେ ଚେଷ୍ଟା କଲେ ବି ମିଳିଲା ନାହିଁ । ସେ ଚାଲିଗଲା ପରେ ତା ପ୍ରତି ମୋର ଅନ୍ୟାୟ ଅବିଚାର ପାଇଁ ମୁଁ ସବୁବେଳେ ଅନୁତାପ ନିଆଁରେ ଦଗ୍ଧ ହେବାରେ ଲାଗିଲି । ମୋତେ ସବୁବେଳେ ଚିନ୍ତିତ ହେବାର ଦେଖି ବାପା ଲାଗିପଡ଼ି ଖୁବ୍ ଶୀଘ୍ର ମଞ୍ଜୁଳା ସହିତ ବିବାହ ବନ୍ଧନରେ ବାନ୍ଧିଦେଲେ । ମଞ୍ଜୁଳାର ଅପରୂପ ରୂପଲାବଣ୍ୟ ମନରେ ସ୍ୱପ୍ନ ଭରିଦେଲା । ବିବାହିତ ଜୀବନର ଆବେଗମୟ ପ୍ରୀତି-ଉଚ୍ଛୁଳା ଦିନଗୁଡ଼ିକ ବିତିଚାଲିଲା ।

ବର୍ଷକ ପରେ ଚାକିରୀ ଜୀବନରେ ଛନ୍ଦିହୋଇ ମଞ୍ଜୁଳାକୁ ସାଥିରେ ଧରି କଟକ ଆସିଲି । ହସଖୁସିରେ ଉଜ୍ଜ୍ୱଳ ଦିନଗୁଡ଼ିକ ବିତିଚାଲିଲା । ଏଇ ଉଜ୍ଜ୍ୱଳ ଦିନ ଗୁଡ଼ିକ ଭିତରେ ଅଜଣା ଅତିଥିଟିଏ ଆସିଲା—ସେ ସଙ୍ଗୀତା । ତାକୁ ପାଇ ମଞ୍ଜୁଳାର ମାତୃହୃଦୟ ଗର୍ବରେ ଫୁଲିଉଠିଲା ।

କିନ୍ତୁ ମୋର ଏତେ ସୁଖ ଭଗବାନ ସହ୍ୟ କଲେ ନାହିଁ । ମୋର ଅତୀତ ଦିନର ଦୁଷ୍କୃତି ପାଇଁ ସେ ମୋତେ ମଞ୍ଜୁଳାଠାରୁ ବିଚ୍ଛିନ୍ନ କରିବାର ସୂତ୍ରପାତ ଖଞ୍ଜିଦେଲେ । ସେଦିନ ସିନେମାରୁ ଏକାକି ଘରମୁହାଁ ଫେରୁଛି, ବାଟରେ ସାକ୍ଷାତ ହେଲା କୁସୁମ ସହିତ । ତାଙ୍କୁ ଦେଖି ମୁଁ ବିସ୍ମୟରେ ବୁଡ଼ିଗଲି । ତେବେ କଣ କୁସୁମ ବଞ୍ଚି ରହିଛି ଏଇ ଦୁନିଆ ବୁକୁରେ—ମନ ଭିତରେ ପ୍ରଶ୍ନ ଗୁରେଇ ତୁରେଇ ହେଲା ।

ସେ ରେକ୍ସାରୁ ଓହ୍ଲାଇ ପଡ଼ି ମୋ ପାଖକୁ ଲାଗିଆସି କହିଲା, ଦୁଷ୍ମନ୍ତ ଭାଇ, ଚିହ୍ନି ପାରୁନା । ଛୋଡ଼ି ମାଟି ପରି ଯାହାକୁ ଦୂରକୁ ଫିଙ୍ଗି ଦେଇଥିଲ ସେ ଦୁଃଖ ଦରିଆରେ ଭାସି ଭାସି କେଉଁ କୂଳରେ ଗୋଟିଏ କରକୁ ଆଉଜି ପଡ଼ିଛି । ଶତ ନିର୍ଯ୍ୟାତନା ଭୋଗିବାକୁ ଯାହାର ଜନମ ସେ ଏତେ ଶୀଘ୍ର ପୃଥିବୀର ମମତା ତୁଟାଇ ପାରିବ କିପରି ? କହୁ କହୁ ଆଖିରୁ ତାର ଲୁହ ଝରିଲା ।

ମୁଁ କହିଲି, କୁସୁମ ନିଜକୁ ବୋଧ କରି ମୋର ଅତୀତ ଦିନର ଏଇ ଦୁଷ୍କର୍ମ ପାଇଁ କ୍ଷମା ଦିଅ । ଶତ ଅପବାଦର କାଳିମା ବୋଲି ତମକୁ ଦୂରକୁ ଠେଲି ଦେଲାଦିନୁ ମୁଁ କେବେ ଶାନ୍ତି ପାଇନାହିଁ । ଅନୁତାପାନଳରେ କିପରି ତିଳ ତିଳ କରି ଦଗ୍ଧ ହେଉଛି ତା' ତମେ ଆଜି ବୁଝିପାରିବ ନାହିଁ ।

ପରକ୍ଷଣରେ ସେ ଅଶ୍ରୁ ସମ୍ବରଣ କରି କହିଲା—ଆପଣଙ୍କ ନିକଟରେ ମୋର ଅନେକ କଥା ଅଛି, ଆସନ୍ତୁ ଏଇ ରେକ୍ସାରେ ।

ତା'ର ଅନୁରୋଧ ଏଡ଼ି ନ ପାରି ରେକ୍ସାରେ ବସିଲି । ଇମିତି ପୁଣି ଦିନେ କୁସୁମ ସାନ୍ନିଧ୍ୟ ସ୍ପର୍ଶରେ ଆସିବି ବୋଲି କେବେ ଭାବି ନଥିଲି ।

ସେ ମୋତେ ନେଇ ସହରର ସଂକୀର୍ଣ୍ଣ ଗଳି ଭିତରେ ଏକ ପୁରୁଣା କୋଠା ଭିତରେ ପହଞ୍ଚିଲା । ପଚାରି ବୁଝିଲି, ସେଇଠି ସେ ରହେ । ତା'ପରେ ସେ ତା'ର କରୁଣମୟ ଜୀବନ କାହାଣୀର ପୃଷ୍ଠା ମେଲିଦେଲା । ସେଇ ପୃଷ୍ଠା

Digitized by srujanika@gmail.com

ଭିତରେ ମୋ ଜୀବନର ବର୍ତ୍ତମାନର ଚିତ୍ର ସେ ସଂଗ୍ରହ କରିନେଲା । ବହୁଦିନର ଅବସାଦ ପରେ ଏକ ନୂତନ ପୁଲକ ଆଜିର ଏଇ ଅକସ୍ମାତ୍ ମିଳନ ଭିତରେ ଫୁଟିଉଠିଲା ।

ସେଇଦିନଠୁ ସେ ମୋତେ ପୁଣି ଆପଣାର କରି ପାଖକୁ ନେବାକୁ ଆହ୍ୱାନ ଜଣାଇଲା । ତା'ର ଅନୁରୋଧଠୁଁ ମୁଁ ଯେତେ ଦୂରେଇ ଆସିଲି—ସେ ମୋର ସେତେ ନିକଟକୁ ଚାଲିଆସିଲା । ପାରିଲି ନାହିଁ । ନିଜକୁ ସଂଯତ କରି । ଯେଉଁ କୁସୁମ ଅବସ୍ଥାଚକ୍ରରେ ପଡ଼ି ନିଜକୁ ବଞ୍ଚାଇବା ପାଇଁ ଆଜି ସହରରେ ଘୃଣ୍ୟ ବେଶ୍ୟାବୃତ୍ତି ଅବଲମ୍ବନ କରି ନେଇଛି, ତା' ପ୍ରତି ଘୃଣା ପରିବର୍ତ୍ତେ ପୁଣି ମନରେ କାମନାର ଶତ ପିପାସା ଜାଗିଉଠିଲା ।

ସେଇଦିନଠାରୁ ଆମର ସୁନାର ସଂସାରରେ ତୋଫାନ ବହିଲା । ଅମଙ୍ଗଳ ଧୂମକେତୁ ଜୀବନରେ ଉଦୟ ହୋଇ ମଞ୍ଜୁଳାଠୁ ମୋତେ ବିଚ୍ଛିନ୍ନ କରିବାରେ ଲାଗିଲା । ଧୀରେ ଧୀରେ ଜୀବନର ମୂଳଦୁଆ ଭୁଷୁଡ଼ିପଡ଼ିଲା । ଘରର ଅଶାନ୍ତିର ସଂଘର୍ଷରେ ଆସିବାରୁ କୁସୁମ ସବୁ ଜାଣିପାରିଲା । ସେ ମୋତେ ମଦ ଖାଇବାକୁ ଦେଇ ଶେଷରେ ଅଭ୍ୟାସରେ ପରିଣତ କରାଇଦେଲା । ମଦ ନିଶାରେ ମୁଁ ସବୁବେଳେ ବାସ୍ତବବାଦୀ ଦୁନିଆଠାରୁ ଦୂରେଇ ରହିଲି । ଜୀବନର ସହଧର୍ମିଣୀ ମଞ୍ଜୁଳା ପ୍ରତି ଶତ ନିର୍ଯାତନା ଆରମ୍ଭ କରିଦେବାରେ ଲାଗିଲି ।

ସେତିକିରେ କୁସୁମ ସନ୍ତୁଷ୍ଟ ହେଲା ନାହିଁ । ଜୀବନକୁ ଭଲ କରି ଉପଭୋଗ କରିବାକୁ ହେବ, ଏହି କୁହୁକବାଣୀ ଭରିଦେଇ ସେ ମୋତେ ମଞ୍ଜୁଳାଠାରୁ ଆହୁରି ଦୂରକୁ ନେଇଗଲା । ନିଜର ପତ୍ନୀ, କନ୍ୟା ସବୁକୁ ବିସର୍ଜନ ଦେଇ ମୁଁ ଧାଇଁଗଲି ସେଇ ବଡ଼ ସହର କଲିକତାକୁ । ସେଇଠି କେତେ ମାସ କୁସୁମକୁ ନେଇ ସ୍ୱପ୍ନବିଭୋର ରହିଲି । ଅତ୍ୟଧିକ ମଦ ଖାଇବା ଫଳରେ ହଠାତ୍ ଦିନେ ପାଟିରେ ମୋର ଝଲକାଏ ରକ୍ତ ବାନ୍ତିହେଲା । ମୁଁ ଭୟରେ ଅସ୍ଥିର ହୋଇଉଠିଲି । ମୋର ଏ ଅବସ୍ଥା ଦେଖି କୁସୁମ ଚଞ୍ଚଳ ହୋଇଉଠିଲା ।

ପରଦିନ ଔଷଧ ଖାଇବାକୁ ଆରମ୍ଭ କଲି । କିନ୍ତୁ ରୋଗର ଗତି ଥମିବା ପରିବର୍ତ୍ତେ ଦ୍ରୁତ ଗତିରେ ବଢ଼ିବାକୁ ଲାଗିଲା । ମୋର ଏପରି ଅବସ୍ଥା ଦେଖି କୁସୁମର ମୋ' ପ୍ରତି ସହାନୁଭୂତି ପରିବର୍ତ୍ତେ ଘୃଣା ଜାଗିଉଠିଲା । ଜାଣି ଜାଣି ସେ ମୋତେ ନିୟମିତ ରୂପେ ଔଷଧ ଖାଇବାକୁ ଦେଲାନାହିଁ । ମୋର ସେବା ଯତ୍ନ କରିବା ପରିବର୍ତ୍ତେ ସବୁବେଳେ ମୋ'ଠାରୁ ଦୂରେଇ ରହିବାକୁ ଚେଷ୍ଟା କଲା । ତା'ର ଏଇ କରଛଡ଼ା ଭାବ ମୋତେ ବଡ଼ ବିରକ୍ତିକର ବୋଧ ହେଲା । ତାକୁ ଦିନେ କହିଲି, କୁସୁମ, ତମ ପାଇଁ ଆଜି ମୋ'ର ଏଇ ଦଶା । ଆଜି ତମେ ଯଦି ମୋତେ ଫେରି ନ ଚାହିଁବ; ତେବେ ମୋତେ ଶେଷ ସମାଧି ଏଇଠି ନେବାକୁ ହେବ ।

ପରଦିନ ଦେଖେ, କୁସୁମ ମୋତେ ଛାଡ଼ି କେଉଁଆଡ଼େ ଚାଲିଯାଇଛି । ଚିଠି ଖଣ୍ଡିକରେ ଲେଖି ଯାଇଛି, ତମକୁ ଆଜି ଯେଉଁ ଦୁଃସାଧ୍ୟ ରୋଗ ଆକ୍ରମଣ କରିଛି—ସେ ନ ନେଇ କେବେ ଛାଡ଼ିବ ନାହିଁ । ତେଣୁ ଜାଣି ଜାଣି ମୋ ଜୀବନକୁ କାହିଁକି ତମ ପାଇଁ ହାହୁତାଶରେ ଭରିବି ? ତମର ଏଇ ଚରମ

Digitized by srujanika@gmail.com

ବିପଦରେ ମୋ ମନରେ ତିଳେ ହେଲେ ଦୁଃଖ ନାହିଁ । କାରଣ ଅତୀତରେ ତମେ ମୋ ଜୀବନ ପୁଷ୍ପର ସବୁ ସଉରଭ ଗ୍ରହଣ କରି ଶେଷରେ ଦୁନିଆର ଶତ ଆବର୍ଜନା ସ୍ତୂପ ଭିତରକୁ ଯେପରି ଫିଙ୍ଗି ଦେଇଥିଲ—ତା' ତମେ ଏ ଯାଏ ଭୁଲି ନଥିବ । ଅପବାଦର ବୋଝ ବହି ନିଜକୁ ବଞ୍ଚାଇବା ପାଇଁ ଶେଷରେ ମୁଁ ଯେଉଁ ବୃତ୍ତି ଅବଲମ୍ବନ କଲି, ତା' କୌଣସି ନାରୀ କେବେ ଭୁଲରେ ବି ଭାବି ନ ଥାଏ । ମୋ ଜୀବନକୁ ଉପହାସ କରି ପୁଣି ତମେ ହସି ହସି ଅନ୍ୟ ଜଣକୁ ତମ ଜୀବନ ପଥରେ ବାଛି ନେଲ । କିନ୍ତୁ ମୁଁ......ତେବେବେଳେ ମୋ କଥା ଟିକିଏ ହେଲେ କଣ ଭାବିଚ ?

ଆଜି ମୁଁ ତମକୁ ଫେରି ଚାହିଁବି କାହିଁକି ? ମୋର ଏଇ ଅବାଞ୍ଛିତ ଜୀବନ ଭିତରେ ତମ ପ୍ରତି ଯେଉଁ ପ୍ରତିଶୋଧ ନିଆଁ ଜଳୁଥିଲା—ତା' ଭିତରେ ତମକୁ ଦଗ୍ଧ କରି ପାରିଚି, ସେଇ ଯଥେଷ୍ଟ । ମୋ ଜୀବନକୁ ନେଇ ତମେ ଯେଉଁ ଖେଳ ଖେଳିଚ, ମୋତେ ସାରା ଜୀବନ ପାଇଁ କନ୍ଦାଇ କନ୍ଦାଇ ଘୃଣ୍ୟ ସମାଜ ଭିତରକୁ ଠେଲିଦେଇଚ, ସେଇ ପାପର ପ୍ରାୟଶ୍ଚିତ୍ତ ତମକୁ ଯଥେଷ୍ଟ ଭୋଗିବାକୁ ହେବ । ତେଣୁ ତମର ଏଇ ଦୁର୍ଦ୍ଦଶାଗ୍ରସ୍ତ ଜୀବନ ପ୍ରତି ମୋର ଟିକିଏ ହେଲେ ଅନୁକମ୍ପା ନାହିଁ । ତମେ ଆଜି କାନ୍ଦି କାନ୍ଦି ଭାଙ୍ଗି ପଡ଼ିଲାବେଳେ ମୁଁ କିନ୍ତୁ ହସି ହସି ତମଠାରୁ ଚିରଦିନ ପାଇଁ ଅନ୍ତର ହେଇଯାଉଚି ।

ତା'ର ସେ ଦିନର ଚିଠି ଖଣ୍ଡିକ ମୋହନିଦ୍ରା ତୁଟାଇ ଆଖିରୁ ଅନ୍ଧକାର ଦୂରୀଭୂତ କରିଦେଲା । କୁସୁମ ଏତେ ବଡ଼ ନିର୍ମମ ପ୍ରତିଶୋଧ ନେବ ବୋଲି ମୁଁ କଳ୍ପନାରେ ବି ଧାରଣା କରି ନଥିଲି । ଜଣେ ନାରୀଜୀବନରେ ଏହା କିପରି ସମ୍ଭବ ହେଲା, ଭାବିପାରିଲି ନାହିଁ । ଅତୀତର ସବୁ ଅପକର୍ମ ପାଇଁ ନିଜକୁ ଦୋଷୀ ସାବ୍ୟସ୍ତ କରି ଖାଲି ନିଜକୁ ଅନୁତାପ କରିବାକୁ ପଡ଼ିଲା ।

ରୋଗର ଗତି କ୍ରମଶଃ ତୀବ୍ର ଆକାର ଧାରଣ କଲା । ମଞ୍ଜୁଳାର ସ୍ମୃତି ବାରବାର ମନକୁ ବିଚଳିତ କଲା । ତା'ପ୍ରତି ଯେଉଁ ଅକଥନୀୟ ଅତ୍ୟାଚାର ଚଳାଇ ଦୂରକୁ ଠେଲି ଦେଇ ଆସିଥିଲି, ତା'ର ଚରମ ପରିଣତି ଭୋଗିବା ପୂର୍ବରୁ ମଞ୍ଜୁଳା ଜୀବନରେ ଅଛି କି ନାହିଁ ସଙ୍ଗେ ସଙ୍ଗେ ଏ ପ୍ରଶ୍ନ ମନରେ ବାର ବାର ଆନ୍ଦୋଳିତ ହେଇଉଠିଲା । ମରିବା ପୂର୍ବରୁ ତାକୁ ଥରେ ଦେଖିବାକୁ ହୃଦୟରେ ବ୍ୟାକୁଳତା ପ୍ରକାଶ ପାଇଲା । ତେଣୁ ତାକୁ ଆଜି ଭେଟି ମୋ ଜୀବନର ସବୁ ଇତିବୃତ୍ତ ଶୁଣାଇବାକୁ ଧାଇଁଆସିଲି । ତା' ସହିତ ସାକ୍ଷାତ ପରେ ହୁଏତ ମୋତେ ପୃଥିବୀରୁ ଛୁଟି ନେବାକୁ ଅଦେଖା ଦେବତାର ଆହ୍ୱାନ ଆସିବ ।

କଥା ମଝିରେ ଦୁଷ୍ମନ୍ତ ବରବର ଖୁଁ ଖୁଁ ହେଇ କାଶିଉଠୁଥିଲା କାଶିଲାବେଳେ ତା ଦୁର୍ବଳ ଛାତିର ପଞ୍ଜରା ହାଡ଼ଗୁଡ଼ିକ ବାହାରକୁ ଫୁଟି ଦିଶୁଥିଲା ।

ଦୁଷ୍ମନ୍ତର ବିଫଳ ଜୀବନର କରୁଣ ଇତିବୃତ୍ତ ଶୁଣିସାରିଲା ବେଳକୁ ଉର୍ବିର ଦରଦୀ ହୃଦୟ ବ୍ୟଥାରେ ପରଶ ଦେଇଉଠିଲା । ମଞ୍ଜୁଳା ପ୍ରତି ଅତୀତରେ ଶତ ଦୁର୍ବ୍ୟବହାର ପାଇଁ ସେ ଦୁଷ୍ମନ୍ତକୁ ଦୋଷୀ କରିବାକୁ ବାଟ

Digitized by srujanika@gmail.com

ପାଇଲା ନାହିଁ । ତା'ପରେ ସେ ଦୁଃଖିନୀ ମଞ୍ଜୁଳାର ଜୀବନକାହାଣୀ ଦୁଷ୍ମନ୍ତ ଆଗରେ ଗୋଟି ଗୋଟି କରି ବଖାଣିଲା । ସେଇ ବେଦନାଜଡ଼ିତ କାହାଣୀ ଭିତରେ ଯେତେବେଳେ ସଙ୍ଗୀତାର ମୃତ୍ୟୁର କରୁଣ ଚିତ୍ର ଆଙ୍କି ହୋଇଗଲା, ସେତେବେଳେ ଦୁଷ୍ମନ୍ତ ଆଖିର ଲୁହଧାର ତା'ର ଗଣ୍ଡ ଓ ବକ୍ଷ ସ୍ଥଳକୁ ଧୋଇଦେଇ ସାରିଥିଲା । ରବିର ଆଶ୍ୱାସନା ବାଣୀରେ ଟିକିଏ ପରେ ଦୁଷ୍ମନ୍ତ ଅଶ୍ରୁ ସମ୍ବରଣ କରି ପ୍ରକୃତିସ୍ଥ ହେଲା ।

କିଛିକ୍ଷଣ ଭିତରେ ଅଳକା ଓ ମଞ୍ଜୁଳା ଫେରିଆସିଲେ । ସ୍ୱାମୀ ସହିତ ଘରେ ଅନ୍ୟ ଜଣକ କିଏ ? ଅଳକା ଚିହ୍ନିପାରିଲା ନାହିଁ । ଟିକିଏ ଚାହିଁ ସେ ଲାଜ ଲାଜ ହୋଇ ଅପସରିଗଲା । କିନ୍ତୁ ସେ ରୁକ୍ଷ ମଳିନ ବ୍ୟଥାତୁର ବେଶ ଭିତରେ ମଞ୍ଜୁଳା ଠିକ୍ ନିଜ ସ୍ୱାମୀଙ୍କୁ ଚିହ୍ନି ପାରିଥିଲା । ତଥାପି ସେ ସିଧାସଳଖ ତାଙ୍କ ପାଖକୁ ନଯାଇ ଆଡ଼ଆଡ଼ ହୋଇ ଅନ୍ୟ ଘରକୁ ଚାଲିଆସିଲା । ମନରେ ଉଠିଲା ଭାବନାର ଦ୍ୱନ୍ଦ୍ୱ । ସ୍ୱାମୀ କଣ ତେବେ ଭୁଲ ବାଟରୁ ଫେରି ଆସିଛନ୍ତି ? ଜୀବନର ଗାଢ଼ ତମସାପୂର୍ଣ୍ଣ ରଜନୀର ଏଇଠି କଣ ଯବନିକା ପଡ଼ିବ ? ଉଷାର ଆଲୋକ ଏତେ ଶୀଘ୍ର ଦେଖିବାକୁ ମିଳିବ—ସେ ବିଶ୍ୱାସ କରିପାରିଲା ନାହିଁ ।

ରବି ଆସି ଡାକିଲା, ମଞ୍ଜୁଳା । ଦୁଷ୍ମନ୍ତ ବାବୁ ଫେରି ଆସିଛନ୍ତି—ଯାଅ ତାଙ୍କୁ ଦେଖାକରି ଆସ ।

ମଞ୍ଜୁଳା ଦେଖା କରିବାକୁ ସହଜରେ ଉଠି ଆସିପାରିଲା ନାହିଁ । ଆଖି କଣରେ କାହିଁକି ଜକେଇ ଆସିଲା ଲୁହ କଣିକା ।

ତମେ ଯଦି ତାଙ୍କ କତିକି ଆଗେ ଯିବାକୁ କୁଣ୍ଠାବୋଧ କରୁଚ—ତେବେ ଦୁଷ୍ମନ୍ତ ବାବୁଙ୍କୁ ମୁଁ ଏଇଠାକୁ ଡାକି ଦେଉଚି । ସେ ବଡ଼ ବିପଦଗ୍ରସ୍ତ । ଅତୀତର ସବୁ ଅପକର୍ମ ପାଇଁ ତାଙ୍କୁ ନିଜର ମହତ୍ ଗୁଣରେ ଭୁଲ ନ ବୁଝି ପାଖକୁ ନେବ, ଏତିକି ମୋର ଅନୁରୋଧ ।

ନିଜ ସ୍ୱାମୀଙ୍କୁ ପୁଣି ନିକଟରେ ଏତେ ସହଜରେ ପାଇ ପାରିବ ବୋଲି ସେ ବିଶ୍ୱାସ କରି ନ ଥିଲା । ତାଙ୍କ ମଳିନ ବ୍ୟଥାତୁର ମୁହଁକୁ ଚାହିଁବା ମାତ୍ରେ ମଞ୍ଜୁଳାର ରୁଦ୍ଧ ବେଦନା ଉଚ୍ଛୁଳିଉଠିଲା । ସେ ସ୍ୱାମୀଙ୍କ ପାଦତଳେ ଫୁଲି ଫୁଲି କାନ୍ଦିଉଠିଲା । ଅତୀତରେ ଏଇ ସରଳାଟି ପ୍ରତି ଯେଉଁ ନିଷ୍ଠୁରତା ଅବଲମ୍ବନ କରିଆସିଚି, ତା'ରି ଅନୁତାପାନଳରେ ଦୁଷ୍ମନ୍ତର ମନ ଓ ଅନ୍ତର ଅସ୍ଥିର ହୋଇଉଠିଲା । ତା ଆଖିରୁ ବହିଲା ଧାର ଧାର ଅଶ୍ରୁ । ସେ ଅଶ୍ରୁ ଅତୀତର ସବୁ ଗ୍ଲାନି, ଜମାଟ ବନ୍ଧା ବେଦନାକୁ ଧୀରେ ଧୀରେ ଧୋଇଦେଉଥିଲା । ଯେତେବେଳେ ଝଡ଼ ଅପସରିଗଲା—ଅତୀତର ସୁନ୍ଦର ଆଲୋକ ମନ ଉପରେ ଉଦୟ ହୋଇଉଠିଲା, ଦୁହେଁ ଦୁହିଁଙ୍କୁ ପୁଣି ଭଲକରି ଚିହ୍ନିପାରିଲେ । ଦୁଷ୍ମନ୍ତ ମଞ୍ଜୁଳାକୁ କୋଳକୁ ନେଇ ତା'ର ବେଦନାବିଧୁର ମୁଖଟିକୁ ଚାହିଁଲା । ଅଶ୍ରୁ ଅଶ୍ରୁର ମିଳନ ହେଲା । ହୃଦୟ ହୃଦୟ ନିକଟକୁ ଘୁଞ୍ଚିଗଲା । ବହୁଦିନ ପରେ ପୁଣି ଦୁହିଁଙ୍କ ମନ ଉପରେ ଏକ ଅଭିନବ ପୁଲକର ଧାର ବହିଆସିଲା ।

Digitized by srujanika@gmail.com

ଏତେ ନିକଟରେ ସ୍ୱାମୀଙ୍କୁ ପାଇ ମଞ୍ଜୁଳା ଯେଉଁ ଆଶାର ବୋଇତଟି ଜୀବନ-ସଲୀଳରେ ଭସାଇ ଦେବାକୁ ଯାଉଥିଲା, ତା ଅକସ୍ମାତ୍ ବାଲିଝଡ଼ରେ ଓଲଟି ପଡ଼ିଲା । ହୃଦୟରେ ସେଇ ଆଘାତର କ୍ଷତ ଚିହ୍ନ ଖାଲି ଶତ ବେଦନାରେ ମନକୁ ଅସ୍ଥିର କଲା ।

ଦୁଷ୍ମନ୍ତର ଯକ୍ଷ୍ମାରୋଗ ଦିନକୁ ଦିନ ବଢ଼ିବାରେ ଲାଗିଲା । ଘନ ଘନ ରକ୍ତବାନ୍ତି ଫଳରେ ଛାତି ନହକି ପଡ଼ିଲା । ଆଖି ଭିତରକୁ ପଶି ପଶି ଗଲା । ଶୁଖିଲା ମୁଖ ଉପରେ କଳାଶିରା ସ୍ପଷ୍ଟ ହୋଇଉଠିଲା । ତାଙ୍କର ଦୁର୍ବଳ ଶରୀରକୁ ଦେଖିଲେ ମନଭିତରେ ସନ୍ଦେହ ଜାଗି ଉଠୁଥିଲା ।

ଦୁଷ୍ମନ୍ତକୁ ରୋଗମୁକ୍ତ କରିବା ପାଇଁ ରବି ଅକାତରରେ ଅର୍ଥ ବ୍ୟୟ କଲା । ଅଳକା ମଧ୍ୟ କେବେହେଲେ ତାଙ୍କ ସେବା ଯତ୍ନରେ ତ୍ରୁଟି କରୁ ନଥିଲା । ଆଉ ମଞ୍ଜୁଳା ସ୍ୱାମୀଙ୍କର ଏଇ ଅଧୋଗତି ଦେଖି ଦିନୁ ଦିନ ଭାଙ୍ଗିପଡ଼ୁଥିଲା ।

ସମସ୍ତଙ୍କର ଶତ ଚେଷ୍ଟାକୁ ଉପହାସ କରି କଟକ ବଡ଼ ଡାକ୍ତରଖାନାରେ ଦୁଷ୍ମନ୍ତ ସଂସାରରୁ ବିଦାୟନେଲା । ସମସ୍ତଙ୍କ ଆଖିରେ ଲୁହ ଭରି ଦେଇ ସେ କିନ୍ତୁ ହସିପାରିଲା । ମଞ୍ଜୁଳା କାନ୍ଦି କାନ୍ଦି ତାଙ୍କ ପାଦ ଦୁଇଟି ଧରି ଲୋଟି ପଡ଼ିଲା । ତଥାପି ସେ ଏତେ ନିର୍ମମ ଯେ, ସାରା ଜୀବନ ଯାʼକୁ ଏତେ ଦୁଃଖ ଦେଇ ଆସିଲା ତାʼପ୍ରତି ଟିକିଏ ହେଲେ ଫେରି ଚାହିଁଲା ନାହିଁ ।

Digitized by srujanika@gmail.com

ଶତ ନିର୍ଯ୍ୟାତନା ଭିତରେ ସବୁ ଦୁଃଖ ଯନ୍ତ୍ରଣା ପଛକୁ ଠେଲି ଆଶାର ଆଲୋକ ଟିକେ ଦେଖିବାକୁ ଯିଏ ନିଜକୁ ବଞ୍ଚାଇ ରଖିଥିଲା, ସେହି ମାନ ଆଲୋକଟିକର ବି ଜୀବନରେ ପରିଚୟ ଘଟିଲା ନାହିଁ । ଭଙ୍ଗା ମନ୍ଦିରର ବିଛିନ୍ନ ଇଟା ଖଣ୍ଡ ପରି ପଡ଼ିରହିଲା ମଞ୍ଜୁଳାର ଉଦ୍ଦେଶ୍ୟହୀନ ଜୀବନଟା । ଆଖିର ଅଶ୍ରୁ ଆଜି ତା'ର ଜୀବନର ଶେଷ ସମ୍ବଳ । ସେହି ଅଶ୍ରୁର ବିପୁଳ ଉଚ୍ଛ୍ୱାସ ଭିତରେ ତା'ର ଅହେତୁକ ଜୀବନଟା ହୁଏତ କେବେ ଦିନେ ଭାସିଯିବ—ସେ ଜାଣିପାରିବ ନାହିଁ । ତେଣୁ ଯେତେ ବୁଝାଇଲେ ବି ମଞ୍ଜୁଳା ଆଖିରୁ ଲୁହଧାରାର ଗତି ଥମେ ନାହିଁ—ବରଂ ସେହି ଅଶ୍ରୁର ଉଛୁଳି ସ୍ରୋତରେ ଅନ୍ୟର ହୃଦୟ ତଟକୁ ପ୍ଳାବିତ କରିପକାଏ ।

ହୃଦୟର ଶତ ଆବେଗ, ମନର ଅଫୁରନ୍ତ ମାଧୁରିମା ହଜିଛି । ଆଖି ଆଗରେ ଅନ୍ଧାର ଘୋଟିଆସୁଚି । ମଞ୍ଜୁଳା କେଉଁଆଡ଼େ ଯିବ ବାଟ ଖୋଜି ପାଉନାହିଁ । ବେଳେବେଳେ ସେ ଭାବେ ଏହି ଅନ୍ଧକାର ଆସୁଚି ଭଲ । ଏହାରି ଭିତରେ ଜୀବନର ସକଳ ସତ୍ତା ଲିଭାଇ ଦେବାକୁ ସେ ଆଗେଇଯିବ । ତା' ପରେ ଜୀବନର ପରପାରିରେ ସ୍ୱାମୀଙ୍କର ସ୍ନେହସ୍ପର୍ଶ ସେ ପାଇ ପାରିବ—ସଙ୍ଗୀତର ଶାନ୍ତ, ସ୍ନିଗ୍ଧ ଗଳାର କୋମଳ ଆହ୍ୱାନ ଶୁଣିପାରିବ ।

ସେଦିନ ମଞ୍ଜୁଳା କାନ୍ଦି କାନ୍ଦି ରବି ପାଦତଳେ ଲୋଟିପଡ଼ି କହିଲା, ମୋତେ ଏଥର ବିଦାୟ ଦିଅ । ମୋର ସେଇ ଦୁଃଖିନୀ ମାଆଟି ପାଖରେ ଜୀବନର ବ୍ୟଥାମୟ ଶେଷ ଦିନଗୁଡ଼ିକ କାଟିବାକୁ ଅନୁମତିଦିଅ । ଏଠି ରହିବାକୁ ମୋର ତିଳେହେଲେ ଆଗ୍ରହ ନାହିଁ ।

ରବି କହିଲା—ମଞ୍ଜୁଳା, ନିଜ ସ୍ୱାମୀଙ୍କ ଶେଷ କଥା ପଦକ ଥରେ ମନେପକାଅ । ମରିବା ପୂର୍ବରୁ ତମରି ହାତଟି ଯେତେବେଳେ ମୋର ହାତ ମୁଠା ଭିତରେ ରଖି ଦୁଷ୍ମନ୍ତବାବୁ କହିଲେ ଜୀବନରେ ତମେ ମୋର ବହୁତ ଉପକାର କରିଛ—ତମର ଏଇ ଅଯାଚିତ ସ୍ନେହ ଓ କରୁଣା ମରଣର ପରପାରେ ବି ଭୁଲିପାରିବି ନାହିଁ । ଦୁଃଖିନୀ ମଞ୍ଜୁଳାକୁ ଅଭିଯାଏ ଯେଉଁ ଦୃଷ୍ଟିରେ ଦେଖି ଆସିଛ, ତାହା ଯେପରି ତାର ଏଇ ନିଃସହାୟ ଅବସ୍ଥାରେ ଆହୁରି ନିବିଡ଼, ଉଜ୍ଜ୍ୱଳତର ହୁଏ, ବିଦାୟ ମୁହୂର୍ତ୍ତରେ ଏତିକି ଅନୁରୋଧ ମୋର ଏଡ଼ି ଦେବ ନାହିଁ । ଏହି ଆଶା ଓ ବିଶ୍ୱାସ ରଖି ଆଜି ମୁଁ ଶେଷ ନିଃଶ୍ୱାସ ତ୍ୟାଗ କରୁଛି ।

Digitized by srujanika@gmail.com

ତାଙ୍କର ଅନୁରୋଧ ଆଜିପର୍ଯ୍ୟନ୍ତ କେବେ ଏଡ଼ିଦେଇ ନାହାନ୍ତି । କିନ୍ତୁ ଏଣିକି ମୋ ନିଜ ଇଚ୍ଛାରେ ମୋତେ ବିଦାୟ ଦିଅନ୍ତୁ । ଆପଣଙ୍କ ଚଲାବାଟରେ ପଡ଼ି ରହିଥିବା ଉଦ୍ଦେଶ୍ୟହୀନ ମଳିନ ଫୁଲଟି ପ୍ରତି ଯେଉଁ ସ୍ନେହ ଅଜାଡ଼ି ଦେଉଛନ୍ତି, ତାହା ମୁଁ କେବେ ଭୁଲିପାରିବି ନାହିଁ ।

ଜୀବନର ଅଲକ୍ଷିତରେ ତମେ ଯେଉଁ ଅନାବିଳ ସ୍ନେହ ଢାଳି ଦେଇ ମୋତେ ଆପଣାର କରି ନେଇଥିଲ, ସେହି ଅତୀତ ଦିନର ଚିରମଧୁର ସ୍ମୃତିକୁ ଏତେ ସହଜରେ ଭୁଲି ପାରିବି କିପରି ? ଏପରି ଅବସ୍ଥାରେ ତମକୁ ଏତେ ଶୀଘ୍ର ମୁଁ ବିଦାୟ ଦେଇପାରିବି ନାହିଁ ।

କିନ୍ତୁ କାହିଁକି ପୁଣି ମୋତେ ମାୟାଜାଲ ଭିତରେ ବାନ୍ଧି ରଖୁଛନ୍ତି । ତମ ପାଖରେ ରହିଲେ ମୋର ଆଶା ଆଲୋକହୀନ ଜୀବନରେ ଇପ୍‌ସିତ ଶାନ୍ତି କେବେ ପାଇପାରିବି ନାହିଁ । ତେଣୁ ମୋର ପଥରୋଧ କରନ୍ତୁ ନାହିଁ । ନିରର୍ଥକ ଜୀବନକୁ ନେଇ ତମ ପାଖରେ ପଡ଼ି ରହିବା ଅପେକ୍ଷା ଦୁନିଆର ସନ୍ଦେହପୂର୍ଣ୍ଣ ଆଖିରୁ ବିଦାୟ ନେବା ଭଲ ।

ମଞ୍ଜୁଳା ! ତମ ଦୁଃଖରେ ଆଜି ମୋର କେତେ ବଡ଼ ଦୁଃଖ ଥରେ ହୃଦୟ ଖୋଲି ଦେଖିପାରିଲେ ମୋ ନିକଟରୁ ଅପସରି ଯାଇପାରିବ ନାହିଁ । ସେହି ପ୍ରଥମ ପରିଚୟ ଦିନଠାରୁ ତମ ସହିତ ମୋର ଯେଉଁ ଭାବର ଆଦାନ ପ୍ରଦାନ—ତା'ରି ଭିତରେ ମୋତେ ତମେ ଏତେ ଆପଣାର କରିଚ—ମୁହୂର୍ତ୍ତକ ପାଇଁ ବି ତମର ସେଇ ସ୍ନେହ ସ୍ନିଗ୍ଧ ଛବି ଦୃଶ୍ୟପଟରୁ ଲିଭିନାହିଁ । ତମେ ଆଗ୍ରହରେ ଯେଉଁ ପ୍ରୀତିର ପୁଷ୍ପସ୍ତବକ ମୋର ଜୀବନ ଫୁଲଦାନୀରେ ସଜାଇ ଦେଇଥିଲ, ଆଜି ସେଇ ଚିରମଧୁର ସୌରଭକୁ ନିଜ ହାତରେ ମାରିଦେବ କିପରି ? ଏତେ ବଡ଼ ଆଘାତ ତମେ ଦେଇ ପାରିବ ! କହୁ କହୁ ରବିର ଗଳାର ସ୍ୱର ନରମିଆସିଲା ।

ମୋର ହୃଦୟକୁ ଦୁର୍ବଳ କରି କାହିଁକି ବାରବାର ଏତେ ନିକଟକୁ ଟାଣି ନେଉଛନ୍ତି । ଆଜି ମୁଁ ବିଧବା । ନାରୀ ଜୀବନର ଗର୍ବ ଓ ଗୌରବ ସବୁ ଚୂର୍ଣ୍ଣ ହୋଇଛି । ଅବସାଦମୟ ବ୍ୟଥିତ ଜୀବନକୁ ନେଇ ତମକୁ ଯଦି ମୋତେ ବାରବାର କନ୍ଦାଇବାକୁ ଭଲ ଲାଗୁଥାଏ, ତେବେ ତମରି ଅପୂର୍ଣ୍ଣ ବାସନା ପୂର୍ଣ୍ଣ ହେଉ ।

ମଞ୍ଜୁଳା ଆଖିରୁ ଲୁହ ଢାଳିବାରେ ଲାଗିଲା । ରବି ତାକୁ କୋଳ ଭିତରକୁ ଟାଣିନେଇ ତା'ର ଲୁହର ଗତିରୋଧ କରିବାକୁ ଚେଷ୍ଟା କଲା । ସାନ୍ତ୍ୱନା ବାଣି ପାଇବାକ୍ଷଣେ ଯେତେବେଳେ ମଞ୍ଜୁଳା ପ୍ରକୃତିସ୍ଥ ହେଲା, ସେତେବେଳେ ସେ ଦେଖିଲା ରବିର ସ୍ନେହ ବନ୍ଧନ ଭିତରେ ବିଦାୟ ନେବାକୁ ମୁଖରୁ ଭାଷା ହଜି ଯାଇଛି । ଗତ ଅବସାଦ ଭିତରେ ପୁଣି ଏକ ଅଜଣା ଆବେଗ ତା'ର ମନ ଭିତରେ ଛନ୍ଦ ସୃଷ୍ଟି କରୁଛି ।

Digitized by srujanika@gmail.com

ଦୁଷ୍ମନ୍ତଙ୍କ ମୃତ୍ୟୁ ପରେ ଅଭାଗିନୀ ମଞ୍ଜୁଳା ପ୍ରତି ଅଳକା କେବେହେଲେ ଅନାଦର ଭାବ ପ୍ରକାଶ କରି ନାହିଁ । ବରଂ ତା'ର ଦୁଃଖରେ ସେ ନିଜକୁ ମିଶାଇ ଦେଇ ବରାବର ତା' ପ୍ରତି ସହାନୁଭୂତିଭରା ସ୍ନେହସୂଚକ ବାଣୀ ଶୁଣାଇ ଆସିଛି । କିନ୍ତୁ ଆଜି ଆଉ ମଞ୍ଜୁଳାକୁ ବୋଧ କରିବାକୁ ତା'ର ଶତଚେଷ୍ଟା ପରାଜୟ ମାନିନେଉଛି । ତଥାପି ଅଳକା ମନରେ କ୍ଷୋଭ ନାହିଁ । ମଞ୍ଜୁଳା ଦୁଃଖ ଦରଦମୟ କାହାଣୀଗୁଡ଼ିକ ତା' ହୃଦୟ ପୃଷ୍ଠାରେ ଅଲିଭା କାଳିରେ ଲେଖି ହୋଇଯାଇଛି ।

ଏଣିକି ଅନେକ ସମୟରେ ରବିକୁ ଅନ୍ୟମନସ୍କ ହେବାର ଦେଖାଯାଏ । ତା'ରି ପ୍ରଭାବ ବେଳେବେଳେ ଅଳକା ପ୍ରତି ଅନାଦର ଓ ବିରକ୍ତିସୂଚକ ଭାବରେ ଫୁଟିଉଠେ । ସ୍ୱାମୀଙ୍କର ଏପରି ବ୍ୟବହାରରେ ଅଳକା ଦୁଃଖରେ ମ୍ରିୟମାଣ ହୋଇଉଠେ ଓ ଆଖି ଛଳ ଛଳେଇ ଉଠେ ଲୁହରେ ।

ଅଳକା ଆଖିରେ ଲୁହ ଦେଖିଲେ ମଞ୍ଜୁଳାର ଭାରି ଦୁଃଖ ହୁଏ । ମନ ଉପରେ ତୋଫାନ ଉଠେ । ଭାବେ ତା'ରି ପାଇଁ ରବିବାବୁଙ୍କର ଆଜି ଏପରି ମତିଗତି । ଦୁହିଁଙ୍କର ସୁନାର-ସଂସାର ଭିତରେ ସେ ଯେପରି ହୋଇଛି ଗୋଟାଏ ପ୍ରତିବନ୍ଧକ । ନିଜର ସୁଖସ୍ୱାର୍ଥ ପାଇଁ ସେ ଏତେ ତଳକୁ ଖସିଗଲା କିପରି ଭାବି ପାରେନା! । କାହିଁକି ସେ ଏଠି ପଡ଼ିରହିଛି ? ସ୍ୱାମୀ ଯିବା ପରେ ନାରୀ ଜୀବନର ସକଳ ଗୌରବ ଲିଭିଯାଇଛି । ସବୁ ସୁଖସପନ ମରିଗଲା ପରେ ଏଇ ଅଲୋଡ଼ା ଜୀବନ ପ୍ରତି ପୁଣି ଏତେ ମମତା କାହିଁକି ?

ରବିବାବୁ ! ସେ ତାର କିଏ ? ଛନ୍ଦହୀନ ଜୀବନ ପଥରେ ଦୁହିଁଙ୍କ ଭିତରେ ଯେଉଁ ମଧୁର ସମ୍ପର୍କ ଅଜାଣତରେ ଲାଗି ଆସିଥିଲା—ସେଇ ସମ୍ପର୍କ ଆଜି ଅଜାଣତରେ ଛିଡ଼ି ଗଲେ କେହି କାହାରିକୁ ଦୋଷ ଦେଇ ପାରିବେ ନାହିଁ । ମଞ୍ଜୁଳା ଭାବେ, ଏଇ ମୁହୂର୍ତ୍ତରେ ସେ ଖସିଯିବ କେଉଁଆଡ଼େ । ନିଜକୁ ତାଙ୍କର ଏତେ ନିକଟରେ ରଖି ସେ ଏତେବଡ଼ ଅନ୍ୟାୟ କରିପାରିବ ନାହିଁ । ତା'ର ଏପରି ଉପସ୍ଥିତିକୁ ଦୁନିଆ କଣ କହିବ ! ଅଳକା, ଯିଏ ତାକୁ ପ୍ରାଣଭରା ସ୍ନେହ ବଳରେ ଭଉଣୀର ଆସନ ଦେଇ ହୃଦୟ ନିକଟକୁ ନେଇ ପାରିଛି, ତା' ମନରେ କା'ଣ ସନ୍ଦେହ ସୂଚନା ଦେଖାଦେବ ନାହିଁ । ଅଳକାର ସରଳତା ଭିତରେ ତା'ର ଉପସ୍ଥିତି ପୁଣି କା'ଣ ଦିନେ ଜଟିଳତା ଭରିଦେବ ନାହିଁ । ସବୁ ଜାଣିଶୁଣି ତଥାପି ସେ ଅପସରିପାରୁନି କାହିଁକି ? ଏଇ ପ୍ରଶ୍ନର ସମାଧାନ କରୁ କରୁ ମଞ୍ଜୁଳାର ମନ ଅବଶ ହୋଇ କ୍ଲାନ୍ତ ହୋଇପଡ଼େ ଭାବନାରୁ ।

ଦିନଗୁଡ଼ା ବିତିଗଲେ ।

କେଜାଣି କାହିଁକି ଅତୀତର ଶତ ସ୍ମୃତି ମଞ୍ଜୁଳାର ମନକୁ ସେଦିନ ବାରବାର ସ୍ପର୍ଶ କରିଗଲା । ଅତୀତର ସ୍ମୃତିରେ ଘାରିହୋଇ ନିଜକୁ ବୋଧ କରିପାରିଲା ନାହିଁ । ଖାଲି ଅଜଣାରେ ଛପି ଛପି ଆସିଲା ଆଖିରେ ଲୁହ, ହୃଦୟରେ କୋହ । ରାତିରେ ଖାଇବାକୁ ଭାତ ରୁଚିଲା ନାହିଁ । ଇଚ୍ଛା ନ ଥିଲେ ବି ଅଳକାର ଅନୁରୋଧ ଏଡ଼ି ନ ପାରି କୌଣସି ମତେ ଦୁଇଟାଳି ପାଣିରେ ଚେପି ନା'କୁ ଦି'ଟା ଖାଇ ଉଠିଆସିଲା ।

Digitized by srujanika@gmail.com

ବିଛଣାରେ ଶୋଇବାକୁ ଚେଷ୍ଟାକଲା । କିନ୍ତୁ ଆଖିକୁ ନିଦ ଆସିବା ଦୂରେ ଥାଉ ଭାବନା ରାଇଜରୁ ତା'କୁ ଛୁଟି ମିଳିଲା ନାହିଁ । ସ୍ୱାମୀଙ୍କ ସହିତ ସୁଖମୟ ଦିନ କେତୋଟିର ଛବି ସଜୀବ ହୋଇଉଠିଲା । ସଙ୍ଗୀତାର ସ୍ନିଗ୍ଧ ହାସ୍ୟ, ମୃଦୁ କଳରବ ଅନ୍ତରାଳରୁ ଭାସିଆସିଲା । ମଞ୍ଜୁଳାର ମାତୃହୃଦୟ ଅଜଣା ଆବେଗରେ ଯେତେବେଳେ ପୁଲକିତ ହୋଇଉଠିଲା—ସେତେବେଳେ ସଙ୍ଗୀତାର ରୂପଛବି ଛାୟାପରି କେଉଁଆଡ଼େ ଦୃଶ୍ୟପଟରୁ ହଜିଯାଇଛି ।

ମନର ଭାବନା ହିଁ ଛାୟା । ଆଉ ସେହି ଛାୟା ଦୁର୍ବଳ ମନ ଉପରେ ଏପରି ପ୍ରଭାବ ବିସ୍ତାର କରେ ମଣିଷକୁ ଅସି କନ୍ଦାଇ କନ୍ଦାଇ ମାରେ ।

ଅତୀତକୁ ଭାଳି ଭାଳି ମଞ୍ଜୁଳା ଖାଲି ନୀରବରେ ଅଶ୍ରୁ ବିସର୍ଜନ କରିବାରେ ଲାଗିଲା । ଭାବନାର ଉତ୍ତାପରେ ଆଖିକୁ ନିଦ ଆସିଲା ନାହିଁ । ଖାଲି ବିଛଣାରେ ପଡ଼ି ଛଟପଟ ହେଲା ।

ନୀରବତା ଭେଦକରି ଦୂରରୁ ଭାସିଆସିଲା ଘଣ୍ଟାଧ୍ୱନି । ରାତି ଗୋଟାଏ । ବାହାରେ ପାଣି ପଡ଼ିବାର ଶବ୍ଦ ଅସ୍ପଷ୍ଟ ହୋଇ ଶୁଭୁଛି । ଯେପରି ଏକମାତ୍ର ବରଷାର ବାରିଧାରା ଓହ୍ଲାଇ ଆସୁଛି ପୃଥିବୀକୁ । ଝରକା ଫାଙ୍କରେ ବହିଆସିଲା ଶୀତଳ ପବନ । ନିଦ୍ରାହୀନ ରଜନୀରେ ତା'ର ମୃଦୁ ପରଶ ମଞ୍ଜୁଳା ଅନୁଭବ କଲା ।

ଟିକିଏ ପରେ ଆଖି ଦୁଇଟିରେ ତନ୍ଦ୍ରା ଲାଗିଆସିଲା । ଦୁର୍ବଳ ମନର ଭାବନା ସପନ ରୂପରେ ଉଭା ହେଉଛି । ହଠାତ୍ କା'ର କର ସ୍ପର୍ଶରେ ମଞ୍ଜୁଳାର ତନ୍ଦ୍ରା ଛାଡ଼ିଗଲା । ସେ ଚମକି ଉଠିପଡ଼ି ଚାହିଁଲା ରବିବାବୁ ପାଖରେ ଉଭା ହୋଇଚନ୍ତି ।

ଏଠି ରହିବାଦିନୁ ଏତେ ରାତିରେ କମିତି ନିରୋଳାରେ ରବିବାବୁ ତା' କତିକି କେବେ ଆସି ନାହାନ୍ତି । ଆଜି ହଠାତ୍ ତାଙ୍କରି ଉପସ୍ଥିତିରେ ମଞ୍ଜୁଳା ହୃଦୟ ଅଜଣା ଭୟରେ ଥରିଉଠିଲା ।

ରବି କହିଲା, ଏତେ ରାତିରେ ତମ କତିରେ ମୋତେ ଏପରି ଭାବରେ ଦେଖି ନିଶ୍ଚୟ ଭୟ ହେଉଥିବ ମଞ୍ଜୁଳା ! କିନ୍ତୁ କା'ଣ କରିବି—ମନର ଶତ ଅବସାଦ ଭିତରେ ତମରି ସାନ୍ନିଧ୍ୟ ଲାଭ କରିବାକୁ ଆଜି କାହିଁକି ହୃଦୟ ଚଞ୍ଚଳିତ ହୋଇଉଠିଲା । ପାରିଲି ନାହିଁ ନିଜକୁ ସଂଯତ କରି, କି ଏକ ଅଜଣା ଆହ୍ଲାଦନା ତମ ପାଖକୁ ଟାଣିଆଣିଲା ।

ଏପରି ଅବସ୍ଥାରେ ଅଜକା ଆମ ଦୁହିଁଙ୍କୁ ଯଦି ଦେଖେ, ତେବେ କିପରି ପରିସ୍ଥିତି ସୃଷ୍ଟି ହେବ, ଏହିକଥା ଥରେ ମାତ୍ର ଚିନ୍ତା କରି ଶୀଘ୍ର ଏଠିଁଠାରୁ ଅପସରି ଯାଆନ୍ତୁ । ଅଜକା ହୃଦୟରେ ଅଶାନ୍ତିର ଝିଡ଼ ଉଠିବା ପୂର୍ବରୁ ମୋତେ ନିଷ୍କ୍ରିୟ କରିଦିଅନ୍ତୁ ।

ମଞ୍ଜୁଳା ରବିର ପାଦ ଦୁଇଟି ଧରି 'କାନ୍ଦି କାନ୍ଦି ଅପସରି ଯିବାକୁ ବାରମ୍ବାର ଅନୁରୋଧ କରାଇଲା ।

Digitized by srujanika@gmail.com

ମଞ୍ଜୁଳାର ଶତ ଅନୁରୋଧକୁ ଉପହାସ କରି ରବି ପାଗଳଙ୍କ ପରି କହିଲା— ମୋତେ ଭୁଲ ବୁଝନା ମଞ୍ଜୁଳା ! ଆଜି ହୃଦୟରେ ଯେଉଁ କାମନା ଜାଗିଉଠିଚି, ତା'କୁ ଉପଭୋଗ କରିବାକୁ ସୁଯୋଗ ଦିଅ । ଅତୀତରେ ତମେ ତ ପୁଣି ମୋତେ ସ୍ନେହ ଦେଇ ପାଖକୁ ଟାଣିନେଇଚ । ଆଜି ପୁଣି ମୁଁ ତମର ଅତି ନିକଟକୁ ଲାଗି ଆସିଲାବେଳେ ଏପରି ଦୂରେଇ ଯାଅନା । ପ୍ରୀତି-ଫୁଲରୁ ମଧୁ ଆହରଣ କରିବାକୁ ଅତୀତ ପରି ଆଜି ବି ସୁଯୋଗ ଦିଅ ।

ମୋ ପାଇଁ ଅଳକା ସୁଖ ସଉଭାଗ୍ୟରୁ ଦୂରେଇଯାଇ ତା' ମନରେ ଯଥେଷ୍ଟ ଦୁଃଖ ଭରି ଦେଇଚନ୍ତି । ଆଜି ପୁଣି ତା'ଠୁ ଲୁଚି ଲୁଚି ତମେ ମୋର ଏତେ ନିକଟକୁ ଲାଗିଆସିଚ । ଯଦି ଅଳକା ଏହାର କ୍ଷୀଣ ଆଭାସ ପାଏ, ତେବେ ମୁଁ ମୁହଁ ଦେଖାଇପାରିବି ନାହିଁ । ଯେଉଁ ବିପୁଳ ସ୍ନେହ ସେ ମୋ' ପ୍ରତି ଢାଳି ଦେଇଚି ତା'ର କଣ ଏଇ ପରିଣତି ! ଜାଣି ଜାଣି ଏତେ ବଡ଼ ଅନ୍ୟାୟ ଅବିଚାର କରିପାରିବି ନାହିଁ । ମୋତେ କ୍ଷମା ଦେଇ ଶୀଘ୍ର ଅଳକା ନିକଟକୁ ଚାଲିଯାଆନ୍ତୁ ।

ଗାଢ଼ ନିଦ୍ରାରେ ଅଳକା ବର୍ତ୍ତମାନ ଅଚେତ ! ଯେଉଁ ଆଶା ଓ ଉନ୍ମାଦନା ମୋତେ ତମ କତିକି ଟାଣିଆଣିଚି, ତା'ରି ପରିପୂର୍ଣ୍ଣତା ନ ଲଭିଲେ ମୁଁ ବିଦାୟ ନେଇପାରିବି ନାହିଁ । ତମରି ପ୍ରେମର ସୁଖ ସ୍ପର୍ଶ ଆଜି ମୋ ହୃଦୟରେ ଯେଉଁ ଆଲୋଡ଼ନ ସୃଷ୍ଟି କରୁଚି—ତା'ରି ପୂର୍ଣ୍ଣଚ୍ଛେଦ ଟାଣିଦେବାକୁ ତମକୁ ହସି ହସି ମୋ ନିବିଡ଼ ବାହୁବନ୍ଧନ ଭିତରେ ଭୁଲିଯିବାକୁ ହେବ । ତମରି ସାନ୍ନିଧ୍ୟ ଲାଭ ପାଇଁ ଆଜି ମୁଁ ପାଗଳ ହୋଇ ଯାଇଚି ମଞ୍ଜୁଳା !

ରବି ମଞ୍ଜୁଳାକୁ କୋଳ ଭିତରକୁ ଟାଣିନେଲା ! ତା'ର ତୃଷିତ ଅଧର ମଞ୍ଜୁଳାର ଗୋଲାପୀ ମୁଖ ମଣ୍ଡଳକୁ ଝୁଙ୍କି ପଡ଼ିଲା । ସେ ପାଗଳଙ୍କ ପରି ମଞ୍ଜୁଳାକୁ ବାର ବାର ଚୁମ୍ବନ କଲା । ମଞ୍ଜୁଳାର ଦୂରେଇ ଯିବାର ଶତ ଚେଷ୍ଟା ଯେତେବେଳେ ବିଫଳ ହେଲା, ସେତେବେଳେ ତା'ର ଦେହ ମନ ସବୁ ରବିବାବୁଙ୍କ ନିକଟରେ ଆପଣା ଛାଏଁ ସମର୍ପିତ ହୋଇଯାଇଥିଲା । ଦୁନିଆର ସକଳ ପରିସ୍ଥିତିଠୁ ଦୂରେଇ ଯାଇ ପ୍ରୀତି ବନ୍ଧନରେ ଦୁହେଁ ବାନ୍ଧି ହୋଇପଡ଼ିଲେ ।

ଘଡ଼ିଏ ପରେ ଯେତେବେଳେ ରବିର ମନର ଝରିମାନା, ହୃଦୟର ଉଦ୍‌ବେଗ ମରିଗଲା, ସେତେବେଳେ ସେ ପୁଣି ଫେରିଆସିଲା ଅତି ସନ୍ତର୍ପଣରେ ନିଜର ଶୟନକକ୍ଷକୁ । ବିଛଣାରେ ନିଜର ଅବଶ ଦେହଟାକୁ ଢଳାଇ ଦେଇ ଶୋଇବାକୁ ଚାଲିପାରିଲା । ଗାଢ଼ ନିଦ୍ରାରେ ଅଭିଭୂତା ଅଳକା ଏହାର ସାମାନ୍ୟ ସୂଚନା ବି ପାଇପାରିଲା ନାହିଁ ।

ରବି ବିଦାୟ ନେଇ ଆସିବା ପରେ ଲଜ୍ଜା ଓ କ୍ଷୋଭରେ ମଞ୍ଜୁଳା ଭାଙ୍ଗି-ପଡ଼ିଲା । ଏକ ଅଜଣା ଭୟର ତୀବ୍ର ତଡ଼ିତ ପ୍ରବାହ ମଞ୍ଜୁଳା ହୃଦୟକୁ ଖାଲି ଅସ୍ଥିର କଲା । ଇମିତି ପରିସ୍ଥିତିର ସେ ସମ୍ମୁଖୀନ ହେବ ବୋଲି କଳ୍ପନା କରି ନଥିଲା । ରବିବାବୁ ଆଜି ତା' ପାଇଁ ପାଗଳ ହୋଇଉଠିଛନ୍ତି କାହିଁକି ! ନିଜର ମନର ଗୋପନ ଅଭିଳାଷ ଚରିତାର୍ଥ ପାଇଁ ତା'କୁ କଣ ତେବେ ପାଖରେ ସ୍ଥାନ ଦେଇଛନ୍ତି । ଯେତେ ଦୂରେଇ ଆସିଲେ ବି ତାଙ୍କର ଲାଳସାଦୀପ୍ତ ଆଖି ଦୁଇଟି ପାଖରୁ ନିସ୍ତାର ମିଳୁନାହିଁ । ଭାବନାର ଝଡ଼ ବହିଲା ମଞ୍ଜୁଳା ମନରେ ।

Digitized by srujanika@gmail.com

ରବି ବାବୁଙ୍କ ପଥଭ୍ରାନ୍ତି ପାଇଁ ଆଜି ସେ ପୂରାମାତ୍ରାରେ ଦାୟୀ । ସ୍ୱାମୀ ମଲା ପରେ ତା'ର ଏଠି ରହିବା କେବେ ଉଚିତ ହୋଇନାହିଁ । ଅତୀତରେ ରବିବାବୁଙ୍କ ସହିତ ଯେଉଁ ମଧୁର ସଂପର୍କ ଅଜାଣତରେ ଲାଗି ଆସିଥିଲା ତା'ରି ଅବିଚ୍ଛେଦ୍ୟ ସ୍ମୃତି ଜୀବନରେ ଆଜି ବି ଜାଗିଉଠୁଚି । ତା'ରି ପ୍ରତିଫଳ ସ୍ୱରୂପ ନିଜର ପ୍ରେମବନ୍ଧନରେ ରବିବାବୁ ପତଙ୍ଗ ପରି ଝାସ ଦେଇଚନ୍ତି । କିନ୍ତୁ ଏ ସଂପର୍କର ସ୍ୱରୂପ ଯେତେବେଳେ ବାହାରକୁ ବିକଶିତ ହେବ—ସେତେବେଳେ ଅଳକା କଣ ତାଙ୍କୁ କ୍ଷମା ଦେଇପାରିବ !

ନିଜର ଭଉଣୀପରି ଅତୀତରେ ଯେଉଁ ଅନାବିଳ ସ୍ନେହ, ବିପୁଳ ପ୍ରୀତି-ବନ୍ଧନରେ ବାନ୍ଧିରଖି ଅଳକା ହୃଦୟରେ ତାକୁ ସ୍ଥାନ ଦେଇଚି, ଆଜି ଏହି ଘଟଣାର ଦ୍ୱାର ଟିକିଏ ଉନ୍ମୁକ୍ତ ହେଲେ ସେ କଣ ମୋତେ ଭଉଣୀ ବୋଲି ଡାକିପାରିବ ! ଅଳକା ପ୍ରତି ଏତେ ବଡ଼ ଅନ୍ୟାୟ ଅବିଚାର କରି ତା'ର ସୁଖ-ଶାନ୍ତିକୁ ନଷ୍ଟ କରିଦେବାକୁ ସେ ଆଗେଇ ଯାଉଚି କିପରି ? ନିଜର ବେଦନା-ବିକ୍ଷୁବ୍ଧ ଜୀବନେ ପ୍ରୀତି ମମତା ନ ଫୁଟାଇ ଅପରର ଚଲାବାଟରେ କଣ୍ଟକ ଭରି ଦେଉଚି କାହିଁକି ? ନାରୀ ହୋଇ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଏତେ ହୃଦୟହୀନ ହେଲା କିପରି, ସେ ଭାବି ପାରିଲା ନାହିଁ ।

ହୃଦୟ ଭିତରୁ କିଏ ଯେପରି ପ୍ରତିଧ୍ୱନି କରିଉଠିଲା । ମଞ୍ଜୁଳା ! ଭୁଲବାଟରୁ ଫେରିଆସିବାକୁ ଏବେ ବି ବେଳ ଅଛି । ଭାବିଲା, ଏଠି ରହିଥିବାଯାଏ କେବେହେଲେ ରବିବାବୁ ତାକୁ ଭୁଲିପାରିବେ ନାହିଁ । ଅଳକା ଅଜାଣରେ ଝମ୍ପଦ୍ୱାପଥରେ ଆଗେଇ ଆସିବାକୁ ତାଙ୍କୁ ସୁଯୋଗ ଦେବା ପୂର୍ବରୁ ନିଜେ ତାଙ୍କ ନିକଟରୁ ଦୂରକୁ ଅପସରିଯିବା ଉଚିତ ।

ବାହାରେ ରାତ୍ରିର ଗାଢ଼ ଅନ୍ଧକାର ଝରକା ଫାଙ୍କରୁ ସ୍ପଷ୍ଟ ହୋଇଉଠୁଚି । ଟପଟପ ବର୍ଷାର ଆଘାତ ଧରଣୀରେ ତୋଳୁଚି ଶୀତଳ ମୂର୍ଚ୍ଛନା ! ସୃଷ୍ଟିର [illegible] ଦେଶରୁ ଗାଢ଼ ତମସା ଭେଦକରି ପବନ ଫିଟୁଚି ସୁ ସୁ ହୋଇ । ଝରକା କବାଟ ଦୁଇଟି ବାଡ଼େଇ ହୋଇ ଅନ୍ଧ ରାତ୍ରିର ଛନ୍ଦରେ ନିଜର ଶବ୍ଦ ମିଳାଉଚି ।

ବାହାରେ ଝଡ଼ର ନୃତ୍ୟ ସହିତ ମଞ୍ଜୁଳା ହୃଦୟରେ ଯେଉଁ ଝଡ଼ ଉଠୁଚି—ତା'ରି ଅବସାନ ପାଇଁ ମନ ତା'ର ଉପାୟ ଖୋଜି ପାଉଚି । ସେ ସିଦ୍ଧାନ୍ତ ନେବ । [illegible] ଝଡ଼ ରାତ୍ରିର ଘନ ଅନ୍ଧକାର ଭିତରେ ସେ ହଜିଯିବ । ତା'ପରେ ସେ ଅପର ଏକ ପୃଥିବୀରେ ହୁଏତ ପହଞ୍ଚି ପାରିବ—ଯେଉଁଠି ମିଳିବ ହୃଦୟର ଚିରବାଞ୍ଛିତ କାମନା ଆଉ ମୁକ୍ତି । ପ୍ରଲୋଭନ ଭିତରେ ନିଜକୁ ବଞ୍ଚାଇ ରଖି ଦୁଃଖ ଦରଦଭରା ଜୀବନରେ ନିର୍ମମ ଜ୍ୱାଳା ଭୋଗିବା ଅପେକ୍ଷା ମରଣ ଶତ ଗୁଣରେ ଶ୍ରେୟ ନୁହେଁ ? ଜୀବନ ପ୍ରତି ସବୁ ମମତା ତୁଟାଇବା ପୂର୍ବରୁ ଯାହାଙ୍କ ସ୍ନେହର ଉଚ୍ଛୁଳା ସ୍ରୋତ ପ୍ରୀତି ଓ ପୁଲକଭରା ମାନବ ଅନ୍ତର ବନ୍ଧକୁ ଦୃଢ଼ କରିଥିଲା, ତାଙ୍କରି ଉଦ୍ଦେଶ୍ୟରେ ଚିଠି ଖଣ୍ଡେ ଲେଖି ବସିଲା—

Digitized by srujanika@gmail.com

ଅତି ଆଦରର ରବିବାବୁ,

ଏଇ ଚିଠି ଖଣ୍ଡିକ ଯେତେବେଳେ ତମ ହାତ ସ୍ପର୍ଶ କରିବ, ସେତେ-ବେଳେ ମୋର ବେଦନାକ୍ଳିଷ୍ଟ ଜୀବନର ଶତ ସ୍ମୃତି ନିଶ୍ଚୟ ତମ ମନକୁ ଉଦ୍‌ବେଳିତ କରି ପକାଇବ । ମୋର ଅନୁପସ୍ଥିତିରେ ତମେ ଅତିଶୟ ବ୍ୟାକୁଳ ହୋଇଉଠିବ । କିନ୍ତୁ ମୁଁ...

ମୁଁ ଯେତେବେଳକୁ ମୋର ଦୁଃଖ ଯନ୍ତ୍ରଣାଭରା ଦୁର୍ବହ ଜୀବନକୁ ନେଇ ଏକ ନବଗଠିତ ରାଜ୍ୟରେ ଉଠିଥିବି, ଯେଉଁଠି ଅଛନ୍ତି ମୋର ଚକ୍ଷୁର ଦୁଇଟି ମଣି ସ୍ୱାମୀ ଆଉ ସଙ୍ଗୀତା । କର୍ଷିତ ମୃତ୍ତିକାର ସ୍ନିଗ୍ଧ ସୁବାସ ଅଜଣା ବାଟୋଇର ମନକୁ ବାନ୍ଧି ରଖିଲା ପରି ଅତୀତର ତମର ସେହି ସ୍ମୃତିଗୁଡ଼ିକ ଅଜଣା ମନକୁ ମୋର ବାନ୍ଧି ରଖିବାକୁ ଚେଷ୍ଟା କରୁଛି । କିନ୍ତୁ ମନର ଶତ ଅବସାଦ ଭିତରେ ତା'ର ଅସ୍ତିତ୍ୱ ହଜିଯାଉଛି । ଜୀବନ ପ୍ରତି ସବୁ ମମତା ତୁଟାଇ ଆଗକୁ ଚାଲିଲାବେଳେ ଆଖି ଆଗରେ ଖାଲି ତମରି ଛବି ମନ ପରଦାର ଅନ୍ତରାଳରୁ ଭାସିଉଠୁଛି ।

ତମରି ସେଇ ସ୍ନିଗ୍ଧ ମନୋହର ଛବିଟି ଭିତରେ କି ମାଦକତା ଭରି ରହିଚି, ତାକୁ ମୁଁ ଭଲକରି ଚାହିଁ ପାରୁନାହିଁ । ଆଉ ଯଦି ଚାହିଁବି, ତେବେ ତମେ କଣ ମୋତେ ସହଜରେ ବିଦାୟ ଦେଇପାରିବ !

ଅତୀତରେ ଯେଉଁ ପ୍ରେମମଧୁର ପୁସ୍ତକଟି ତମେ ମୋତେ ଉପହାର ଦେଇଥିଲ, ସେଇ ପୁସ୍ତକର ପ୍ରତ୍ୟେକ ପୃଷ୍ଠା ଓଲଟାଇଲେ ଦିଶିଯାଏ ମରମର କେତେ ମାଇତା ସପନ କଥା । ଯେଉଁ ସ୍ୱପ୍ନମୟ କାହାଣୀ ଜୀବନକୁ ଛନ୍ଦ-ମଧୁର ଗନ୍ଧରେ ଆଜିଯାଏ ଆମ ଦୁହିଁକୁ ବାନ୍ଧି ରଖି ଆସିଥିଲା, ତା'ର ଆଜି ପୂର୍ଣ୍ଣଚ୍ଛେଦ ହେଉ । କାରଣ କାହାଣୀ ଶୁଣିବାକୁ ଆଜି ମୋର ଧୈର୍ଯ୍ୟ ନାହିଁ । ଆଖିରେ ନିଦ ଆସି ବସା ବାନ୍ଧିଲାଣି । ଟିକିଏ ପରେ ରାତ୍ରିର ଶାନ୍ତ ଶୀତଳ ନରମ ଶେଯ ଉପରେ ମୁଁ ହୁଏତ ଶୋଇ ପଡ଼ିବି । ଯେତେ ଡାକିଲେ ତମର ସେଇ ସ୍ନେହବୋଳା ଡାକ ମୋର କର୍ଣ୍ଣକୁହରରେ ହୁଏତ ପହଞ୍ଚିପାରିବ ନାହିଁ ।

ଦୁଃସ୍ୱପ୍ନରେ କଣ୍ଟକିତ ହୋଇ ଉଠୁଚି ମନ । ରାତ୍ରିର ଏଇ ଗାଢ଼ ଅନ୍ଧକାର ଭିତରେ ଚାରିଆଡ଼କୁ ଚାହିଁଲେ ଏତେବଡ଼ ପୃଥିବୀଟା ଦିଶୁଛି ଜନଶୂନ୍ୟ, ଫାଙ୍କା; ଆଉ ନିଶବ୍ଦ । ଆଜି ଜୀବନ ପ୍ରତି ମମତା ତୁଟାଇବାକୁ ଆସିଲାବେଳେ କେହି ନାହାନ୍ତି ! ହତଭାଗିନୀ ପ୍ରତି କେହି ଥରେ ଆଉ ନୟନଭରି ଫେରି ଚାହିଁ କି କରୁଣା ଟିକିଏ ପ୍ରକାଶ କରୁ ନାହାନ୍ତି !

କିନ୍ତୁ ମନର ଏଇ ଅସହାୟ ଭାବନାରାଜି ଭିତରେ ତମେ କେତେବେଳେ ମୋ ପାଖରେ ଆସି ଉଭା ହେଲଣି ବିଶ୍ୱାସ କରିପାରୁନାହିଁ । ଜୀବନର ଶେଷ ମୁହୂର୍ତ୍ତରେ ତଥାପି ତମେ ମୋତେ ବିଦାୟ ଦେବାକୁ ଅନିଚ୍ଛୁକ । ତମେ ବିବାହିତ । ତମର ସେଇ ଧର୍ମପତ୍ନୀର ରୂପ ଆଉ ଗୁଣର କୋଉ କଣକୁ ମୁଁ ବା ସମକକ୍ଷ । ତଥାପି ତମେ ମୋତେ ତମର ସେଇ ସରଳା ସ୍ତ୍ରୀର ଅଗୋଚରରେ ଭଲ ପାଉଚ । ଏଇ ଭଲ ପାଇବାର ସ୍ୱରୂପ ଯେତେବେଳେ ବାହାରକୁ ପ୍ରକାଶ ପାଇବ, ସେତେବେଳେ ସରଳା, ସୁକୁମାରୀ ଅଳକା ମୋତେ କଣ କ୍ଷମା ଦେଇ ପାରିବ ?

Digitized by srujanika@gmail.com

ଅପା ବୋଲି ଡାକି ଯେଉଁ ମଧୁର ସମ୍ପର୍କରେ ସେ ମୋତେ ବାନ୍ଧି ରଖିଚି—ଆଜିଯାଏ କେବେ ଦିନେ ସେ ମୋ ପ୍ରତି ମନରେ ଆବିଳତାକୁ ସ୍ଥାନ ଦେଇନାହିଁ । ତା'ର ସୁଖ ସଉଭକୁ ଅପହରଣ କରି ତମ ସହିତ ନିଜକୁ ଖେଳବିଳାସରେ ବାନ୍ଧି ରଖିବା କେଡେ ବଡ଼ ଅନ୍ୟାୟ, ଥରେ ଭାବି ଦେଖିଚ ? ନିଜର କାମନା ଚରିତାର୍ଥ ପାଇଁ ମନର ଉଦ୍‌ବେଗରେ ତମେ ସବୁ ଭୁଲିଯାଇଚ । ଅତି ନିକଟରେ ତମର ଜଳ ଥାଉ ଥାଉ ହୃଦୟର ତୃଷ୍ଣା ନ ମେଣ୍ଟାଇ ମରୀଚିକା ପଛରେ ଧାଇଁଯାଇଚ । ଧାଇଁ ଧାଇଁ ତମେ ଆଜି ଥକିପଡ଼ିଚ । ତେଣୁ ଜୀବନରେ ଯାହା ସହଜ ଓ ସୁନ୍ଦର ସେଇ ବାସ୍ତବତାକୁ ପାଖକୁ ନେଇ କଳ୍ପନାକୁ ଆଜି ଚିରବିଦାୟ ଦିଅ ।

ମର୍ମାନ୍ତିକ ବେଦନାରେ ଭାଙ୍ଗିପଡ଼ୁଚି ନିଜେ । ହୃଦୟ ଭିତରେ ଯେତେ ଯେତେ କଥା ଭାସି ଉଠୁଚି, ସେଗୁଡ଼ିକୁ ରୂପ ଦେବାକୁ ମନର ରଙ୍ଗ ନିଃଶେଷ ହୋଇଗଲାଣି । ହୃଦୟର ରାଜପଥରେ ତମରି ଶତସ୍ମୃତି ଭିତରେ ଆଜି ମୋର ମରଣର ଶୋଭାଯାତ୍ରା ହେଉଚି, ଏହାହିଁ ବଳି ଗୌରବ ମୋର କ'ଣ ଅଛି । ତମଠାରୁ ଜୀବନ୍ତ ଶରୀରଟା ଅପସରି ଯାଉଚି ସତ—କିନ୍ତୁ ଶେଷ ମୁହୂର୍ତ୍ତରେ ତମରି ସ୍ମୃତି ମୋତେ ଶତ ଆବେଗରେ ଘେରି ରହିଚି । ମୋର ଭଲପାଇବା ପ୍ରତିଦାନରେ ତମେ ମୋତେ ଏତେ ନିବିଡ଼ଭାବରେ ବାନ୍ଧି ରଖିଚ—ଏଇ ତୃପ୍ତିରେ ଆଜି ମୁଁ ବିହ୍ୱଳ ହୋଇଉଠୁଚି । ଏତିକି ମାତ୍ର ଆଶା କରିଥିଲି । ତମେ ତାହା ଅକାତରରେ ହସି ହସି ପୂରଣ କଲ ।

ତେଣୁ ଆଜି ମୋ ବିଦାୟରେ ତମେ ଦୁଃଖିତ ହେବନାହିଁ । ମୁଁ ଚାଲିଯିବା ପରେ ଯଦି କେବେ ଦିନେ ମୋ ମଳିନ ସ୍ମୃତି ତମ ମନକୁ ବାନ୍ଧି ରଖିବାକୁ ଚେଷ୍ଟା କରେ, ତେବେ ଆମ ଦୁହିଁଙ୍କର ଗୋପନ ପ୍ରେମ ସାର୍ଥକ ହୋଇଚି ଜାଣିବ । ଏଇ ଗୌରବ ନେଇ ତମ ହୃଦୟ ମନ ଯଦି ଚିରଦିନ ତୃପ୍ତିରେ ଉଚ୍ଛୁଳି ହୋଇ ଉଠେ, ତେବେ ଯେତେ ଦୂରରେ ଥିଲେ ବି, ମୁଁ ଅଲକ୍ଷିତରେ ତମ ପାଖରେ ଛାଇପରି ଥିବି । ଇତି ।

ଚିଠି ଖଣ୍ଡକ ଲେଖିସାରିଲା ବେଳକୁ ମଞ୍ଜୁଳା ବେଦନାରେ ଭାଙ୍ଗି ପଡ଼ିଥିଲା । ଅଶ୍ରୁର ଲୋତକ-ବନ୍ୟାରେ ଅତୀତର ସାଇତା ଖୁଦି ଖୁଦି ସ୍ମୃତି ଭାସି ଭାସି ଚାଲିଗଲା । ଯେପରି ସେଗୁଡ଼ିକର ଆଜି ମୂଲ୍ୟ ନାହିଁ—ତେଣୁ ଯାହା ଭାସି ମାଉଛି ଯାଉ । ରୋଧ କରିବାକୁ ଦୁର୍ବଳ ଶରୀରର ଶକ୍ତିର ଅପବ୍ୟୟ ହେବ ବିନା—ଅତୀତର ସହଜସୁନ୍ଦର ଦିନଗୁଡ଼ିକ ଫେରିଆସିବ ନାହିଁ ।

ଚିଠି ଖଣ୍ଡିକ ବିଛଣା ଉପରେ ଥୋଇ ଅତି ସନ୍ତର୍ପଣରେ ସେ ଆସି ଦାଣ୍ଡ ଦରଜା ଖୋଲିଲା । ବାହାରେ ବୃଷ୍ଟିର ଦାରୁଣ ଆଘାତରେ ପୃଥିବୀ ଥରି ଉଠୁଚି । ଆକାଶରେ ଘନ ଘନ ବିଜୁଳିର ତୀବ୍ର ଆଲୋକ ସହିତ ଘଡ଼ଘଡ଼ିର ଗୁଡ଼ୁଗୁଡ଼ୁ ଧ୍ୱନି ମନ ଭିତରେ ଶତ ଆଶଙ୍କା ଭରିଦେଉଚି । ଅନ୍ଧକାରରେ ଦିଗ ଭାନ ଅସ୍ପଷ୍ଟ ହୋଇଯାଉଚି । ମାଟିର ଓଦାଳିଆ ଗନ୍ଧ ଓ ଜଳଧାର କ୍ରନ୍ଦନ ଭରି ପବନ ହୋଇଚି ମତୁଆଲା ! ମାଡ଼ାଳ ପବନଟା ବେଳେ ବେଳେ ଖୁବ୍ ଜୋର୍‌ରେ ଭାଙ୍ଗି ପଡ଼ୁଚି ବୃକ୍ଷସବୁ ଉପରେ; ମଡ଼ ମଡ଼ ଶବ୍ଦ ତାରି

Digitized by srujanika@gmail.com

ପ୍ରତିଧ୍ୱନି ଶୋଭୁଛି ମାତ୍ର । ପ୍ରକୃତିର ଏଇ ବିଭୀଷିକାମୟ ଦୃଶ୍ୟ ଭିତରେ ମଞ୍ଜୁଳା ଚକିତ ହୋଇ ଘଡ଼ିଏ ରହିଲା । ଏଇ ଦୁର୍ଯୋଗଭରା ଅନ୍ଧକାର ଭିତରେ ସେ କୁଆଡ଼େ ଯିବ୍ ଏଇ ପ୍ରଶ୍ନରେ ଆନ୍ଦୋଳିତ ହୋଇଉଠିଲା ମନ ।

ପ୍ରଶ୍ନର ସମାଧାନ ହେବା ପୂର୍ବରୁ ଅପର ଏକ ପୃଥିବୀର ସ୍ମୃତି ମଞ୍ଜୁଳା ମନର ନିବିଡ଼ ଅନ୍ଧକାର ଭିତରେ ଆଶାର ଆଲୋକ ଭଳି ଉଜ୍ଜ୍ୱଳି ଉଠିଲା । ତ୍ରସ୍ତ ପାଦ ଦୁଇଟି ଚାଲି ସେ ଆଗେଇ ଚାଲିଲା ଝଡ଼ ଭିତରକୁ । ଉଦ୍ଦେଶ୍ୟହୀନ ଗତିରେ ସେ କେଉଁଆଡ଼େ ଆଗେଇ ଯାଉଚି ନିଜେ ବି ବୁଝିପାରିଲା ନାହିଁ ।

* * * *

ପରଦିନ ରାତ୍ରି ପ୍ରଭାତ ହେଲା । ଅଳକା ଆଖି ମଳି ଉଠିଲା ବେଳକୁ ପ୍ରଥମ ଆଲୋକ ସ୍ପର୍ଶରେ ନିଦ୍ରିତ ଧରଣୀ ବଧୂ ସେଇଲାଗେ ଜାଗିଉଠୁଚି । ପକ୍ଷୀର କଳରବ ଭିତରେ ନୂତନ ସକାଳର ସଙ୍ଗୀତ ଭାସିଆସୁଚି । ମୃଦୁ ମନ୍ଦ ପବନର ସ୍ପର୍ଶ ନିଦ୍ରାକ୍ଳାନ୍ତ ଦେହ ମନରେ ଅଭିନବ ସଞ୍ଚାର ଖେଳାଇ ଦେଇ ଯାଉଚି ।

ଅଳକା ବାହାରକୁ ଉଠିଆସି ଦେଖେ ଦାଣ୍ଡ ଦରଜା ମେଲା । କିନ୍ତୁ ଘର ଭିତରେ ଓ ବାହାରେ ମଞ୍ଜୁଳା ଅପାର ଦେଖା ନାହିଁ । ମନ ଭିତରେ ସନ୍ଦେହ ଜାଗିଉଠିଲା । ସେ ତା' ଶୋଇବା ଘର ଭିତରକୁ ପଶିଲା । ସେଠି ମଞ୍ଜୁଳା ଅପା ନାହିଁ । ତେବେ ଗଲା କୁଆଡ଼େ ? ମନର ପ୍ରଶ୍ନ ମନରେ ଅଛି ହଠାତ୍ ଆଖି ଆଗରେ ପଡ଼ିଲା ଚିଠି ଖଣ୍ଡକ ।

ଉଦ୍‌ବେଗରେ ଚିଠି ଖଣ୍ଡକ ପଢ଼ିବାରେ ଲାଗିଲା ।

ଏତେ ସକାଳୁ କାହା ଚିଠି ପଢୁଚ ଅଳକା । ପଛରେ କେତେବେଳେ ଆସି ସ୍ୱାମୀ ଉଭାହେଲେଣି ଅଳକା ଜାଣିପାରିନି । ସେ ଫେରି ଚାହିଁଲା ।

ତୁମ ଆଖିରେ ଲୁହ ? କ'ଣ ହେଇଚି ଅଳକା । କାନ୍ଦୁଚ କାହିଁକି ?

ସ୍ୱାମୀଙ୍କୁ ଉତ୍ତର ଦେବାକୁ ଅଳକା ମୁଖରେ ଭାଷା ଖୋଜି ପାଇଲା ନାହିଁ । ତା'ର ହାତମୁଠା ଶିଥିଳ ହେଇପଡ଼ିଲା ।

ପବନ ଲହରୀରେ ମଞ୍ଜୁଳାର ଚିଠିଖଣ୍ଡିକ ଭାସି ଭାସି ରବିର ପାଦ ସ୍ପର୍ଶ କରିଗଲା । ଯେପରି ମଞ୍ଜୁଳା ରବିର ପାଦତଳେ ଲୋଟି ପଡ଼ି ଅଶ୍ରୁର ଅର୍ଘ୍ୟ ନିବେଦନ ଅଜାଡ଼ି ବିଦାୟ ଭିକ୍ଷା ମାଗୁଚି ।

ଚିଠି ଖଣ୍ଡକ ଉଠାଇ ପଢ଼ିସାରିଲାବେଳକୁ ରବିର ନୟନ ଯୁଗଳରୁ ଅଶ୍ରୁଧାର ହୃଦୟକୁ ପ୍ଲାବିତ କରିଗଲା ।

ବାହାରେ ଦିନର ଆଲୋକ ଉଜ୍ଜ୍ୱଳ ହେଇଉଠୁଥିଲା । ଦୂରରୁ କେଉଁ ଏକ ଅତି ପରିଚିତା ନାରୀର ସ୍ମୃତି ମଧୁର ଲହଡ଼ି ସକାଳର ସତ୍ତ ପବନରେ ଭାସି ଆସି ରବି ଜୀବନନଦୀ କୂଳେ କୂଳେ ସ୍ପର୍ଶ କରି କରି ଗଲା ।

ଶୁକଦେବ ସାହୁ

କବିତାଭବନ, କଟକ

ତା ୫-୧୦-୫୮

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

• ଗାଁ ମାଟି ଡାକେ

ଦିନ ବାରଟା ।

ଚୌରଙ୍ଗିର ସେଇ ପିଚୁଢ଼ଳା ରାସ୍ତା ହାଁଶୁ ହାଁଶୁ ମଦନି ରାଉତ ଥକି ପଡ଼ିଲା । ଉପର ଆକାଶରୁ ସୂର୍ଯ୍ୟକିରଣ ଅନଳକଣିକା ପରି ଝରିପଡ଼ୁଚି । ବାପରେ ! କି ଟାଇଁ ଟାଇଁଆ ଖରା ! କାଙ୍ଗଟା ଛାଡ଼ିଦେଇ ମଦନି ରାସ୍ତା ପାଖ ସେଇ ଝଙ୍କା ଗଛର ଛାଇ ଶୀତଳ କୋଳରେ ଟିକିଏ ଦମ୍ ନେଲା ।

ଏତିକିବେଳେ ଝୁଲୁ ଝୁଲିଆ ପବନ ଟିକେ ଆସି ମଦନିର ଝାଳ ଟିକେ ପୋଛିଦେଲା । ମୂଲିଆ ଜୀବନର ଅତି ଆପଣାର ଏଇ ଶୀତଳ ଛାଇ, ଆଉ ପବନଟିକ ମଦନିକୁ ଭାରି ଆରାମ ଲାଗିଲା । ହଠାତ୍ ଦୂର ଅତୀତର ଭାବନା ମନ ସରସୀରେ ବହଲିଗଲା ।

ମଦନି ବସି ବସି ଭାବିଲା । କାହାପାଇଁ ସେ ଖଟୁଚି, ଏତେ ରକତ ମାଉଁସ ପାଣି କରି । ତା'ର ବା ଅଛି କିଏ ? ତେବେ କାହିଁକି ସେ ପଇସାର ମୋହ ତୁଟାଇ ନ ପାରି ଖଟି ଯାଉଛି ଦିନ ପରେ ଦିନ—ଏଇ ଖରା ବରଷା ଝଡ଼-ବତାସ ଅଙ୍ଗେ ନିଭାଇ । ଦିନ ପରେ ଦିନ ଯୋଡ଼ି ବସିଲେ ଆଜକୁ ଚାରି ବରଷ ବିତିଗଲାଣି । ସେ ଗାଁ ମାଟି ଥରେ ମାଡ଼ି ନାହିଁ । ବହୁବାର ଇଚ୍ଛା ହୋଇଚି ସେଇ କାଦୁଅ ସନ୍ତସନ୍ତିଆ ଗାଁ ଭୂଇଁକି ଥରେ ଦେଖି ଆସିବାକୁ । କିନ୍ତୁ ଇଚ୍ଛା ବିରୁଦ୍ଧରେ ବାଟ କଢ଼ାଇଛି ପୁଣି ତାରି ମନ । କାହିଁକି ଆସିବ— ଆପଣାର ହୋଇ କିଏ ବା ଅଛି ସେଇ ଗାଁ ଭୂଇଁରେ ।

ଆଖି ଉହାଡ଼ରେ ଲୁଚି ଯାଇଥିବା ଆଜି ବି ସେ ଦିନଟା ନାଚି ଉଠେ । ଚାରିବରଷ ତଳେ, ସେ ଥିଲା ମାଟିର ମଣିଷ । ତାରି ହାତମୁଠାରେ ଲଙ୍ଗଳଟା ଘୂରି ବୁଲୁଥିଲା ମଙ୍ଗଳପୁର ଗାଁର ବିଲମାଳ ଭିତରେ । ସେଇ ମାଟିରୁ ଝରି ପଡ଼ୁଥିଲା ଦାନା ଆଉ କନା । ସେ ଥିଲା ଗାଁର ଶହଶହ ଚାଷୀପୁଅ ଭିତରୁ ଜଣେ । ମାଟି ସାଙ୍ଗରେ ମାଟି ପରି ସେ ଖଟି ଯାଉଥିଲା କି ଆବେଗ ଉନ୍ମାଦନାରେ !

କେତେ ଯୁଗରୁ ଏଇ ମାଟି ଭିତରୁ ମଣିଷ କମାଉଚି ତାର ଆହାର— ଆଉ ବର୍ଷକୁ ବର୍ଷ ଏଇ ମଣିଷର ହାତ ବାଜି ନୁଖୁରା ବିଲ ପଦିଆରେ ହସିଉଠୁଚି

Digitized by srujanika@gmail.com

ସୁନା ଫସଲ । ତାର ପୂର୍ବ ପୁରୁଷ ଏଇ ମାଟିରୁ ଷାଠିଏ ଗାଁ ଭୂଇଁରେ ଦିନେ ମାଟି ଘେନିଥିଲେ । ମରଣରେ ବି ସେମାନେ ମାଟିର ମାୟା ତୁଟାଇ ପାରି ନ ଥିଲେ ।

ମାଟିରୁ ଫଳୁଥିଲା ସୁନା । ମାଟିର ସ୍ନେହ ଯେପରି ଅଜାଡ଼ିହୋଇ ପଡ଼ୁଥିଲା ଏଇ ମଣିଷ ସମାଜ ପ୍ରତି । କିନ୍ତୁ ସେ ବର୍ଷ ଏଇ ମାଟି ପାଲଟିଗଲା ବଡ଼ ନିଷ୍ଠୁର । ଆକାଶରୁ ମେଘ ଉଡ଼ିଗଲା କୁଆଡ଼େ । ଅନାବୃଷ୍ଟି ହେତୁ ଫସଲ ଅକାଳ ମରଣକୁ ବରଣ କଲା । ବିଲର ପଡ଼ିଆ ଖାଁ ଖାଁ ଗୋଡ଼ାଇଲା ।

ତା' ପରେ ପରେ ଦୁର୍ଭିକ୍ଷ, ମହାମାରୀ ଲାଗି ଆସିଲା । ଜୀବନର 'ଭରା' ବୋଲି ଯିଏ ଏକଟେ ଥିଲା—ସେଇ ମାଆଟି ତାର ଦିନେ ବିଲି ବିଲି ଅନ୍ଧାରରେ ହଜିଗଲା । ଗାଁରୁ ଟଳିପଡ଼ିଲେ ନିତି ଗୋଟିକ ପରେ ଗୋଟିଏ । ଚାରିଆଡ଼େ ଖେଳିବୁଲିଲା ଛାତିଥର ମରଣର କଳାଛାଇ । ଅନାହାର, ମହାମାରୀରେ ଗାଁକୁ ଗାଁ ପଦା ହୋଇ ଆସିଲା । ଇମିତି ଏକ ଦୁର୍ଯୋଗର ଝଡ଼-ବତାସ ଭିତରେ ମହନା ଗାଁ ମାଟି ଛାଡ଼ି ଆସିଥିଲା କଲିକତା । ଚାରିବରଷ ଟପି ପାଞ୍ଚରେ ଆସି ପହଞ୍ଚିଲାଣି । ଯେଉଁମାନଙ୍କର ସ୍ନେହର ବନ୍ଧନ ଘେନି ଗାଁ—ସେଇ ଗାଁର ପଡ଼ା-ପଡ଼ୋଶୀ ଭାଇ ବନ୍ଧୁଙ୍କର ମୁହଁ ଆଉ ଦେଖିବାକୁ ମିଳିନାହିଁ—କି ଗାଁର ଖବର ଜାଣିବାକୁ ପାଉନାହିଁ ।

ଅତି ଛୋଟ ସେଇ ଗାଁ—ବିରସୋଡି । ଲଗାଲଗି ତିରିଶ ଚାଳିଶଟି ଘର, ଗାଁକୁ ଲାଗି ନାଳବନ୍ଧ—ତା ସେପଟରେ କେନାଲ ଆଉ ଧାନବିଲ । ଗୋଟିଏ ପଟରେ ବୁଦି ବୁଦିକିଆ ଅରମା ବଣ—ସେ ପଟରେ ମଶାଣି, କିଆବାଡ଼ ଘେରି ରହିଚି ଗାଁ ଚାରିଆଡ଼େ । ବରଷା ଋତୁରେ କିଆଫୁଲର ଉଛୁଳା ଗନ୍ଧରେ ଗାଁଟି ମହକିଉଠେ । ଗାଁରେ ସମସ୍ତେ ଲାଗିଥାନ୍ତି ବିଲବାଡ଼ି ଧନ୍ଦାରେ । ଚାରିପାଞ୍ଚ ଘର ଛାଡ଼ିଦେଲେ ସମସ୍ତେ ଚାଷୀକୁଳ । ସକାଳର ଉଦିଆନ ସୂର୍ଯ୍ୟକୁ ଚାହିଁ ଏ ଗାଁର ଚଷାପୁଅ ଲଙ୍ଗଳ କାନ୍ଧେଇ ହଳ ନେଇ ବାହାରି ପଡ଼ିଲେ ଦିନ ଘଡ଼ିକ ପରେ ଝାଁଟା ପଡ଼ିଯାଏ ଖାଲି— ସମସ୍ତଙ୍କୁ ଦେଖିବାକୁ ମିଳେ ବିଲ, ପଡ଼ିଆ, ବଗିଚା ଭିତରେ ।

ପୁଷମାସର ଧାନକଟା ପରବ ଆସିଲେ ଗାଁର ସମସ୍ତେ ମାତି ଯାଆନ୍ତି । ଚାଲେ ଧାନକଟା ଘମାଘୋଟ । କାହାରିକୁ ତର ନାହିଁ । କେଇଟା ଦିନ ପରେ ଫସଲ କଟା ଶେଷ ହୁଏ—ପୁଣି କ୍ଷେତ ପଡ଼ିଯାଏ ଖାଲି । କ୍ଷେତରେ ସେହି ବିରାଟ ଖାଲି ଭିତରେ ପୁଣି ଚଷାପୁଅ ଚାହିଁ ଚାହିଁ ସବୁଜ ସ୍ୱପ୍ନ ଦେଖେ ।

ଗୋଟି ଗୋଟି ହୋଇ ଗାଁ ମାଟିର ଛବିଗୁଡ଼ା ତା ମନ ଉପରେ ପ୍ରଭାବ ବିସ୍ତାରକଲା । ବହୁଦିନର ଅଧପାସୋର ଚିହ୍ନାମୁହଁଗୁଡ଼ା ଲିଭି ଆସିଲାବେଳେ ହଠାତ୍ ଜଳିଉଠିଲା । ଗାଁର ଦୁଃଖିଆ, ପାଣୁଆ, ଭୀମା, ଦାମା, ଏଇମାନେ ଥିଲେ ତାର ଅତି ଆପଣାର ସାଥୀ । ନିଇତି ଯେତେବେଳେ ସକାଳର ନୂଆ ଅଲୁଅ ମାଟିର ବଡ଼ ଭାଗ ଧରିବକ୍ଷରେ ହସିଉଠେ, ସେତିକିବେଳେ ଏଇମାନଙ୍କ ସାଙ୍ଗରେ ମହନା ହଳନେଇ ବାହାରିପଡ଼େ ନୟନଜୋରି ପାଟଆଡ଼େ । ପାଟରେ ହଳ ବୁଲାଇଲାବେଳେ ଏଇମାନଙ୍କ ସାଙ୍ଗରେ ହସ ଖୁସିର ଟପଟପେ ବେତେ ଅଦର ।

Digitized by srujanika@gmail.com

କିରେ ମହନା, କି ଭାବୁଚିରେ । କାଳ ହବେନା ବସେ ବସେ ଆରାମ କରିବି ।

ମହନାର ଭାବନା ଚଟ୍‌କରି ଭାଙ୍ଗିଗଲା । ମନଟା ତାର ଫେରି ଆସିଲା ସହରଠାରୁ ବହୁ ଦୂରରୁ । ସେ ଦେଖିଲା ଆଗରେ ଛିଡ଼ା ହୋଇଚି କଡ଼ା ନଜରରେ ଜରପରଶନର ବାବୁ । ଉଠି ଆସିଲା କର୍ମକ୍ଳାନ୍ତ ଶରୀରକୁ ନେଇ, ପୁଣି ଟଳି ଟଳି କାମରେ ଲାଗିଲା । ଯେତେ ଖରା ହେଲେ ବି, ଦେହର ରକତ ପାଣି ପରି ବାଷ୍ପ ଆକାରରେ ଉଡ଼ିଗଲେ ବି ମୂଲିଆକୁ ତାର ଡିଉଟି ଦେବାକୁ ହେବ । କ୍ରମାଗତ ମାସେ ହେବ କାମ କରି କରି ମହନି ବଡ଼ ଅବଶ ହୋଇ ଯାଇଥିଲା । ଆଜି ଏଇ ଟାଣ ଖରାରେ ତାର ଶରୀର ଆହୁରି ନିସ୍ତେଜ ହୋଇ ପଡ଼ିଲା ।

ବସାକୁ ଫେରିଆସିଲା ବେଳକୁ ସାରା ଦିନର କ୍ଳାନ୍ତି ପରେ ଦିବସ ରାତ୍ରି କୋଳରେ ଘୁମେଇବାକୁ ବସିଲାଣି । ଟିକିଏ ପରେ ଗଳି ଭିତରେ ଗ୍ୟାସବତୀଗୁଡ଼ା ଜଳିଉଠିଲା । ଜାନବଜାରର ଗୋଟିଏ ଅଣଓସାରିଆ ଅପରିଚ୍ଛନ୍ନ ଗଳି ଭିତରେ ମହନାର ବସା । ବହୁ ପୁରୁଣା ଛୋଟ ବସାଟିଏ । ମାସକୁ ଭଡ଼ା ବାରଟଙ୍କା । ମହନା ଓ ତାରି ପରି ଆଉ ତିନିଜଣ ଏଇ ବସାରେ ମୁଣ୍ଡ ଗୁଞ୍ଜିଛନ୍ତି ।

ଏ ଗଳି ଭିତରେ କୁଲି ମୂଲିଆ ଶ୍ରେଣୀର ଓଡ଼ିଆ ଓ ବିହାରୀ ବହୁତ ଅଛନ୍ତି । ବର୍ଷାଦିନେ ଏ ଗଳିଟା ମଇଳା ପାଣି ଓ ଆବର୍ଜନା ଗନ୍ଧରେ ଫାଟି-ପଡ଼େ । ମଶାର ରାଜତ୍ୱ ବିସ୍ତାର ହୁଏ । ଘର ତଳି ସବୁ ସନ୍ତସନ୍ତେଇ ଉଠେ । ଫଟା ଛାତ ବାଟେ ପାଣି ଝରେ । ମହନା କେତେଥର ଭାବିଛି, ଏହି ଗଳି ଛାଡ଼ି ଚାଲିଯିବ ଆଉ ଠିକି—କିନ୍ତୁ ବସା ମିଳିବା ଦୂରରେ ଥାଉ, କାହା ପାଖରେ ମୁଣ୍ଡ ଗୁଞ୍ଜିବାକୁ ବି ଥାନ ଟିକେ ମିଳିନାହିଁ । ତେଣୁ ସେ ମୁହଁମାଡ଼ି ପଡ଼ି ରହିଚି ଏଇ ଗଳିରେ । ମଶା, ଛାରପୋକ ସବୁ ରକତ ଶୋଷି ଦେଲେ ବି, ସଦାଦିନ କାଶ, ସର୍ଦ୍ଦି, ଜର ଲାଗି ରହିଲେ ବି ଏଇ ବଯାଂଛଡ଼ା ତାର ଅନ୍ୟ ଉପାୟ ନାହିଁ । ମୂଲିଆ ଜୀବନରେ ଏହାଠୁ ବା ସୁଖ ସୁବିଧା କେଉଁଠି ମିଳିବ ?

ବସାରେ ଆସି ପହଞ୍ଚିଲାବେଳକୁ ମହନି ଥକିପଡ଼ିଥିଲା । ଆଜି ଦିନତମାମ ଖଟଣି ବି କମ୍ ହୋଇନାହିଁ । ମହନା ତାର ଅତି ଆଦରର ସେଇ ସପଟା ବିଛାଇଦେଲା -ତା'ର ଦେହଯାକ ପଡ଼ିଚି ସତର ତାଳି । ଲମ୍ବାହୋଇ ଶୋଇପଡ଼ିଲା । ଶୋଉ ଶୋଉ କ୍ଳାନ୍ତି-ଅବଶ ଶରୀରରେ ନିଦ ଆସି ତାର କରାମତି ଦେଖାଇଲା ।

ଟିକିଏ ପରେ ଧନିଆ ଡାକିଲା, 'ମହନା ଭାଇ ଖାଇବ ଉଠ !' ମହନା ଆଖି ମଳିମଳି ଅନାଇଲା । କାଚଭଙ୍ଗା ସେଇ ପୁରୁଣା ଲଣ୍ଠନଟା ଜଳୁଛି । ଆଉ ଧନିଆ କଡ଼ିରେ ବସି ଡାକୁଛି ଖାଇବାକୁ । ତାର ଅତି ଆପଣାର ବୋଲି ବିଦେଶରେ ଏଇ ଧନିଆ, ଅନାଦି ଭାଇ ଆଉ କାହ୍ନୁ ସାମଲ । ଏହି ବିଦେଶ-ଦରିଆରେ ସମସ୍ତେ ଯେପରି ଗୋଟିଏ ନଉକାରେ ପାରିହେବାକୁ ବସିଛନ୍ତି । ଏଣୁ ସମସ୍ତେ ସମସ୍ତଙ୍କର ଆପଣାର । ମହନା ଉଠି ଗଣ୍ଡାଏ ଖାଇଦେଇ ପୁଣି

Digitized by srujanika@gmail.com

ଫେରି ଆସିଲା ତାର ସେଇ ସାତଛିଣ୍ଡା ସପ ଉପରକୁ । ଏତେଦିନ ବିତିଗଲେ ବି ସପଟି ତାର ଅସ୍ତିତ୍ୱ ହରେଇ ଦେଇନାହିଁ—ସବୁଦିନେ ସେ ମଦନାକୁ ଶାନ୍ତି ଦେଇଆସିଛି ।

ଶୋଇ ଶୋଇ ମଦନି ଭାବିଲା, ଆଉ କେତେଦିନ ତାର ଏଇମିତି ଜୀବନ କଟିବ । କାହିଁକି ସେ ପଡ଼ି ରହିଚି ଏଠି । ଗାଁକୁ ଲେଉଟିଗଲେ ସେ କଣ ପେଟ ଚାଖଣ୍ଡକ ପୋଷି ପାରିବ ନାହିଁ ? ତେବେ କାହିଁକି ସେ ଇମିତି ଖଟି ଖଟି ନିଜର ଷାଠିଏ ବରଷର ପରମାୟୁକୁ ତିରିଶ ବରଷରେ ପରିଣତ କରୁଚି ?

ଏଇତ ସେଦିନ ଦାମପଧାନ ବୁଢ଼ା କହୁଥିଲା, ଆରେ ମଦନା, ତମରି-ମାନଙ୍କ ପରି ଭେଣ୍ଡିଆ ଗାଁ ଛାଡ଼ି ଆସିଲେ କଲିକତା । ଏଇଠି କୁଲି ମୂଲିଆ ହୋଇ ଦିନକାଟିଲେ । ତେଣେ ଗାଁରେ ଗଦା ଗଦା ଜାଗା ପଡ଼ିଆ ହୋଇ ରହିଲା । ଚାଷ ଅଭାବରୁ ତେଣେ ଲୋକେ ପେଟରେ ଓଦାକନା ଦେଇ ଶୋଇଲେ । ଆରେ ତମେଇମାନେ ହେଲ ଗାଁର ଶିରୀ । ତମେଇମାନେ ଗାଁ ମାଟିରେ ସୁନା ଫଳାଇବ—ପୁଣି ହସ ଫୁଟାଇବ ଗାଁର ଲକ୍ଷ ଲକ୍ଷ ଲୋକଙ୍କ ମୁହଁରେ । ମାଟିର ସନ୍ତାନ ତମେ—ମାଟି କୋଳକୁ ବାହୁଡ଼ିଯାଅ । ଆମର ତ ଦିନକାଳ ସରିଆସିଲା—ଏଇଠି ମରିବାକୁ ହେବ ।

ଦାମ ପଧାନ କହୁ କହୁ ଗୋଟିଏ ଦୀର୍ଘଶ୍ୱାସ ପକାଇଲା । ତା'ର ଆଉ ଆପଣାର ବୋଲି କେହି ନାହାନ୍ତି ଏଇ ଦୁନିଆରେ । ମୁଣ୍ଡ ଗୁଞ୍ଜିବାକୁ ଗାଁରେ ବି ଜାଗା ବୋଲି ବକଟେ ନାହିଁ । ପିତୃ ଋଣତକ ଶୁଝି ନ ପାରିବାରୁ ଯେଉଁଦିନ ଗାଁ ଜମିଦାର ଘରଡିହ ସବୁ ନିଲାମ କରିନେଲା, ସେଇଦିନ ଦାମ ପଧାନ ଗାଁ ଛାଡ଼ି ଚାଲି ଆସିଥିଲା କଲିକତା । ସେଇଦିନୁ ସେ କଲିକତାରେ ଦରୁଓ୍ୟାନ କାମ କରି କରି ଆସି ବୁଢ଼ା ହେଲାଣି । ଦୁନିଆର ଓଲଟ ପାଲଟ ଭିତରେ, ଏ ଭିତରେ ଗାଁଟା ବି ବିରୂପା ନଈ ଗର୍ଭରେ ମିଶିଗଲାଣି । ତେଣୁ ତା ଜୀବନର ଶେଷ ମୁହୂର୍ତ୍ତ ବିଦେଶରେ କାଟିବାଛଡ଼ା ଅନ୍ୟ ବାଟ ନାହିଁ ।

ମଦନା ଭାବୁ ଭାବୁ ନିଦ୍ରାର ଶାନ୍ତ ସ୍ନିଗ୍ଧ ପରଶ ଆଖିପତା ଉପରେ ଅନୁଭବ କଲା । ତା ପରେ ପରେ ଧୀରେ ଧୀରେ ଆଖି ଦୁଇଟି ମୁଦି ହୋଇ-ଆସିଲା ।

ରାତ୍ରି ପାହାନ୍ତାରେ ତା ଶ୍ରମକ୍ଳାନ୍ତ ଶରୀରରେ ଟିକିଏ କଷ୍ଟ ଅନୁଭବ କଲା । ଦେହ ହାତ ଦରଜ ଦରଜ ଲାଗିଲା । ଜର ପରି ଅନୁଭବ କଲା । ତା ପରଦିନ ଉଠିଲା ବେଳକୁ ବହୁତ ବେଳ ହୋଇଯାଇଥିଲା । ଆଜି ଆଉ କାମକୁ ଯିବାକୁ ତାର ମନ ବଳିଲାନାହିଁ । କିନ୍ତୁ ପରକ୍ଷଣରେ ବାବୁର ନାଲି ଆଖି ତା ଆଖି ଆଗରେ ଭାସିଉଠିଲା । ଦେହ କଷ୍ଟ ଦେହରେ ମାରି ସେ ଟଳି ଟଳି କାମକୁ ବାହାରିଲା ।

ମଦନାକୁ କାମରେ ବିଳମ୍ବ ଦେଖି ବାବୁ ଗର୍ଜିଉଠିଲା । ମଦନା ତରେ କିଛି କହିଲା ନାହିଁ । କାମରେ ଲାଗିଲା । କିନ୍ତୁ କଣ ହେବ, ଦି' ଚାରିଖେପ ଟାନ୍ତା ହାଣିଛି କି ନାହିଁ, ଥକିପଡ଼ିଲା । ତାର ଦୁଇ ବାହୁରେ ବହୁତ କଷ୍ଟ ବୋଧକଲା । ସେ କାଙ୍ଗଟା ଛାଡ଼ିଦେଇ ବସିପଡ଼ିଲା ।

Digitized by srujanika@gmail.com

ବାବୁ ଗମ୍ଭୀର ଗଳାରେ ପଚାରିଲା, 'କିରେ ମଦନା । ଆସତେ ଆସତେ ବସେ ପଡ଼ଲି ।'

ମଦନା କହିଲା, 'ବାବୁ ମୋତେ କାଲି ରାତିଠୁ ଜର । ଆଜି ଭାରି କଷ୍ଟ ଲାଗୁଛି । କାମ କରିପାରିବି ନାହିଁ । ମୋତେ ଦିନକ ପାଇଁ ଛୁଟି ଦିଅନ୍ତୁ ।'

ବାବୁ ନାଲି ଆଖି ଦେଖାଇ କହିଲା, "ଢଙ୍ଗ ବେର କରିଚି, ଇଚ୍ଛାର ମତ କାଜ କରବେ—ଓସବ ଆମାର କାଛେ ଚଲବେ ନାଁ । ଛୁଟି ଆମି ଦିତେ ପାରବ ନା ।"

ବାବୁର ଏଇ ନାଲିଆଖି ଦେଖି ମଦନା ଡରିଗଲା ନାହିଁ । କାରଣ ଏଇ ଆଖି ଦୁଇଟା ସହିତ ତାର ବହୁ ଦିନରୁ ପରିଚୟ ହୋଇଛି । ସେ ଦୃଢ଼ ଗଳାରେ କହିଲା, "ବାବୁ, ଆମର ଜୀବନଟା କଣ ଗୋଡ଼ି ମାଟିଠୁ ବି ହୀନ । ତମର ଟିକିଏ ମୁଣ୍ଡ ବଥେଇଲେ ପନ୍ଦରଦିନ ଛୁଟି । ଆଉ ଆମେ ଅଧମରା ହେଲେ ବି, ଦିନେ ଛୁଟି ମିଳିବା ଅସମ୍ଭବ । ଆପଣଙ୍କୁ ମୋତେ ଛୁଟି ଦେବାକୁ ହେବ ।"

'ଛୁଟି ଆକ ଦିନ କି ଆକ ଘଣ୍ଟା ବି ପାଓୟା ଯାବେନା ।'

'ଦରକାର ନାଇଁ ମୋର ଏଇ କାମ । ବଞ୍ଚିଥିଲେ ଏ ଦୁନିଆ ଭିତରେ ଢେର କାମ ମିଳିବ ।' ଏତିକି କହି ମଦନା ଯନ୍ତ୍ରଚାଳିତ ପରି କାମ ଛାଡ଼ି ଚାଲିଆସିଲା । ବଡ଼ ସହରର ଅଗଣିତ ଜନସମୁଦ୍ର ଭିତରେ ମିଶିଗଲା । ତା'ର ଆଖି ଆଗରେ ନାଚିଉଠିଲା ସହରଠୁ ବହୁ ଦୂରର ଛବି ।

ତା'ର ଯେପରି ମନେହେଲା, ସେ ସହର ଛାଡ଼ି ଚାଲିଯାଇଛି ବହୁ ଦୂରକୁ । ଆଉ ବହୁଦିନ ପରେ ସେଇ ଗାଁ ମାଟିର ବିଲମାଳ ଭିତରେ ପୁଣି ଆରମ୍ଭ କରିଚି ନୂଆ ଜୀବନର ଜୟଯାତ୍ରା ।

ସେଇଦିନ ରାତିରେ ।

ମଦନା, ଧନିଆ, ଅନାଦିଆ, କାହ୍ନୁଆକୁ ପାଖକୁ ଡାକିଲା । କହିଲା, 'ଭାଇମାନେ, ତମମାନଙ୍କୁ ଛାଡ଼ି ଆଜି ମୁଁ ଚାଲିଯାଉଚି, ଯେଉଁଠୁ ଦିନେ ଆସିଥିଲି ସେଇ ଅନ୍ଧାରି ଅପନ୍ତର ମୁଲକକୁ । ରାତିଦିନ ଖଟିଲି, କଣ କଲି । ପେଟକୁ ମୁଠେ ଖାଇବା, ଖଣ୍ଡେ ପିନ୍ଧିବା ଆଜି ଭଲ କରି ଜୁଟିଲାନାହିଁ । କାମ ଆଉ କାମ । ଯେପରି ଗୋଟାଏ ଗୋଟାଏ କଳ ଆମେ । ଖଟି ଖଟି ଅଣ୍ଟା ପିଠି ନଇଁକି ଯିବ । ମାଟିପିଣ୍ଡ ଢଳିପଡ଼ିବ । ତଥାପି ବି ମାଲିକଙ୍କର ତୁଣ୍ଡରେ ଆସିବନି ଆହା ବୋଲି ପଦିଏ କଥା । ସେମାନେ ଚାହାନ୍ତି କାମ । ସେଇ କାମର ପେଷଣରେ ଦଳି ହେଇଯାଉ ଆମର ଜୀବନ, ଆମର ପିଲାକବିଲା ମରନ୍ତୁ ଭୋକ ଉପାସରେ, ସେମାନଙ୍କର ଯାଏ କେତେ ଆସେ କେତେ ? ଏଇଆ ଦେଖି ଦେଖି ଆଉ ସହି ପାରିଲି ନାହିଁ, ଭାବିଲି ଚାଲିଯିବି ସେଇ ଗାଁକୁ ! ସେଇଠି ଖଟିବି—ମାଟି ସଙ୍ଗେ ମାଟି ହେଇ ଯେପରି ଖଟୁଚନ୍ତି ମୋରି ଦେଶର କୋଟି କୋଟି ଭାଇ । ଗାଁ ମାଟିରେ ସୁନା ଫଳାଇବି—ଖଟି ଖଟି ରକତ ଢାଳିଦେଲେ ବି ହସ ଫୁଟାଇବି ମୋରି ଦେଶର କୋଟି କୋଟି ଜନତା ମୁହଁରେ ।'

Digitized by srujanika@gmail.com

ଧନିଆ କହିଲା, 'ଏତେ ଦିନ ହେଲା ଆସିଲଣି, ଗାଁରେ ତମର ଘରଦୁଆର ଭୁଙ୍ଗିଯିବଣି—ରହିବ କେଉଁଠି ମହନା ଭାଇ ?'

'ଘର ସିନା ନ ଥିବ—କିନ୍ତୁ ପଡ଼ିରହିଥିବ ସାତପୁରୁଷର ଜାଗା ବୋଲି ବକଟେ । ତାରି ଉପରେ କୁଡ଼ିଆଟିଏ ଠିଆ କରିବି । ଗାଁରେ ମୂଲ ଲାଗିବି—ଚାଷ କରିବି । ପେଟ କ'ଣ ଅପୋଷା ରହିବ ରେ ଧନିଆ । ଆମେ ମାଟିର ମଣିଷ । ଚାଲ ଆମେ ସମସ୍ତେ ଫେରିଯିବା ସେଇ ଗାଆଁକୁ । ସମସ୍ତଙ୍କ ଜୀବନର ବ୍ରତ ହେବ ଏଇ ଗୋଟିଏ ।'

ଧନିଆ, ଅନାଦିଆ, କାହ୍ନୁଆ ସମସ୍ତେ ଭାବିଥିଲେ ସବୁଦିନ ପରି ଦୁଃଖ ସୁଖ ହେବାକୁ ବୋଧହୁଏ ଡାକିଚି ମହନାଭାଇ, କିନ୍ତୁ ମହନାଭାଇର ଏ କଥା ଶୁଣି ସମସ୍ତେ ଅବାକ୍ ହେଲେ । ଗାଁକୁ ଯିବା ପ୍ରସ୍ତାବଟା କାହାର ହୃଦୟକୁ ସ୍ପର୍ଶ କରିବ କ'ଣ ମନକୁ ବି ଅଡ଼େଇହେଇ ରହିଲା । ସମସ୍ତେ କିଛି ନକହି ତୁନି ହେଇ ରହିଲେ ।

ମହନା କହିଲା, ମୋ କଥାଟା ଆଜି ମନକୁ ଘେନିଲା ନାହିଁ । ହଉ ଭାଇ, ପୁଣି ଦିନେ ଭାବିବ ମହନା କଥାଟା ନିଜର କେଡ଼େ ଆପଣାର । ମୋ କଥାକୁ ତମେମାନେ ଆଜି ଭୁଲ ବୁଝିଲ; କିନ୍ତୁ ମହନା ଠିକ୍ ବୁଝିଚି । ସେ ଯିବ—ଗାଁ ମାଟି ତାକୁ ଆଜି ଡାକିଲାଣି । ସେ ଆଉ ମୁହୂର୍ତ୍ତେ ବି ରହିପାରିବ ନାହିଁ ।

ସେଇଦିନ ରାତି ଗାଡ଼ିରେ ମହନା ଗାଁକୁ ବାହୁଡ଼ିଲା ।

× × × ×

'ମହନା ଗାଁକୁ ଆସିଚି' କଥାଟା ଖେଳିଗଲା କ୍ଷଣକ ଭିତରେ । ଅନେକେ କଥାଟାକୁ ସତ ମଣିଲେ ବି ଆଖିରେ ନ ଦେଖିବାଯାଏ ବିଶ୍ୱାସ କରିପାରିଲେ ନାହିଁ । ଶନିଆ, ପାଣ୍ଡୁଆ, ଦାମା, ଭୀମା, ଗୋଟି ଗୋଟି ହୋଇ ଆସିଲେ । ମହନା ସମସ୍ତଙ୍କୁ ଆଲିଙ୍ଗନ କଲା ।

ଅତୀତ ଜୀବନର ସାଥୀ କୁହ, ଗାଁର ଭାଇ କୁହ, ଘରର ପଡ଼ିଶା କୁହ, ସବୁ ଏଇମାନେ—ଏଇମାନଙ୍କର ସ୍ନେହ ଭରିରହିଚି ଗାଁର ପ୍ରତି ଧୂଳିକଣାରେ । ଦୀର୍ଘ ଚାରିବର୍ଷର ବ୍ୟବଧାନ ଏଇମାନଙ୍କଠାରୁ କରଛଡ଼ା କରି ଦେଇଥିଲା । ଗୋଟି ଗୋଟି କରି ସମସ୍ତଙ୍କୁ ଛାତିରେ ଜାକିଧରିଲା । ସମସ୍ତଙ୍କ ମୁହଁରେ ଗୋଟିଏ କଥା । 'କିରେ ମହନା । ଏତେ ଦିନେ ଗାଁ ମନେ ପଡ଼ିଲା ?' ମହନା ଉତ୍ତର ଦେବା ପୂର୍ବରୁ ଆଖିରୁ ଝରିପଡ଼ିଲା ଆବେଗଭରା ଅଶ୍ରୁ ।

ଗାଁର ଗୋଟି ଗୋଟି ହୋଇ ସମସ୍ତେ ତାକୁ ଘେରିଗଲେ । ମହନା ଆଖି ଆଗରେ ଭାସିଉଠିଲା, ଏଇ ଗାଁର ସମସ୍ତେ ଯେପରି ତା'ର—ଆଉ ସେ ଯେପରି ସମସ୍ତଙ୍କର । ସମସ୍ତେ ଗୋଟିଏ କୁଟୁମ୍ବ । କିଏ କହେ, ତାର କେହି ନାହିଁ । ବାପ, ମା, ଭାଇ, ଭଉଣୀ, ବନ୍ଧୁବାନ୍ଧବ ସମସ୍ତେ ଯେପରି ତାକୁ ଘେରି

Digitized by srujanika@gmail.com

ରହିଛନ୍ତି । ବହୁ ବର୍ଷ ପରେ ଏଇମାନଙ୍କର ଉଚ୍ଛ୍ୱସିତ ହୃଦୟର ଅନାବିଳ ସ୍ନେହ ଯେପରି ଝରିପଡ଼ୁଛି ତା'ରି ଉପରେ । ପ୍ରତିଦାନରେ ମହନା ଆଖିରୁ ଝରି ପଡ଼ିଲା ଖାଲି ଧାର ଧାର ଲୁହ ।

ଶନିଆ, ଭୀମା, ଦାମା ଗାଁର ଆଉ କେତେକଙ୍କ ଯତ୍ନରେ ସାତ ଦିନ ଭିତରେ ସାତପୁରୁଷର ମାଟି ଉପରେ ମହନାର ନୂଆ ଘର ହସିଉଠିଲା । ଜାଗା ବୋଲି ଦି'ଗୁଣ୍ଠ । ବାପା ପୁନ ରଉତ ଅଭାବ ଗ୍ରାପାରେ ତା' ଜୀବନ ଭିତରେ କିଛି କରିପାରି ନ ଥିଲା । କୌଣସିମତେ ମାଟି ଚଷି ସଂସାର ଚଳେଇ ଆଖି-ବୁଜିଥିଲା । ବୁଢ଼ା ବାପ ଅମଳର ଧାନ ଜମି ଥିଲା ମାଣେ ସାତ ଗୁଣ୍ଠ । ପାଟରେ ସାତଗୁଣ୍ଠ—ବିଲରେ ମାଣେ । ସେତିକି ଥିଲା ଜୀବନର ସମ୍ବଳ । ମହନା ଗ୍ରଲିଯିବା ପରେ ସେଇ ଜମିତକ ତାର ଦାଦି ଗ୍ରଷକରି ଖାଉଥିଲା । ରକ୍ତର ସମ୍ପର୍କ ଦାଦି ସିନା—କିନ୍ତୁ ସାତ ପରଠୁ ବି ହୀନ ।

ମହନା ଭୀମାକୁ ସାଙ୍ଗରେ ନେଇ ମଧୁପୁର ହାଟରୁ ହଳେ ବଳଦ କିଣିଲା । ସପନି ସାହୁ ଘରୁ କାଠ ଖଣ୍ଡେ ମାଗି ଆଣି ଲଙ୍ଗଳ ତିଆରି କରେଇଲା ।

ସେଦିନ ସକାଳର ଦରହସିଲା ଆଲୁଅ ମାଟି ଉପରେ ଧୀରେ ଧୀରେ ଆଗଉଥିଲା । ସୁଲୁସୁଲିଆ ପବନ ଗଛ ଗହଳି ଭିତରୁ ଝାଡ଼ି ଦେଉଥିଲା କାକର ପାଣି । ଶାନ୍ତ ଆକାଶର ନୀରବତା ଭଙ୍ଗ କରି ଦଳ ଦଳ କାଉ ରବି ରବି ଗଲେ କା' କା' ।

ମହନା ହଳ ନେଇ ବାହାରିପଡ଼ିଲା । ଆଜି ତା'ର ପାଦ ନୂଆ ଜୀବନର ପହିଲୁ ପାହାଚରେ । ଗାଁ ତେଲିଁ ଦଣ୍ଡାଭିତରେ ରସ୍ତାଏ ରସ୍ତାଏ ହଳ ନେଇ ଗ୍ରଲିଲା । ସେତେବେଳକୁ ଗ୍ରରିଆଡ଼େ ଆଲୁଅ ହସୁଥିଲା ମନଖୋଲା ହସ । ଭୀମା, ଶନିଆ, ପଛରୁ ଡାକଛାଡ଼ିଲେ—ମହନା ଭାଇ, ଟିକିଏ ରୁହ ମ—ଏତେ ତରତର କିଆଁ ହେଉଚ ? ମହନା ହଳ ଠିଆକଲା । ଟିକିଏ ପରେ ସମସ୍ତେ ଏକାଠି ହେଲେ । ଦଣ୍ଡା, ଗାଁ, ଗୋହିରୀ; ଜୋର ତେଲିଁ ହଳ ଗ୍ରଲିଲା ବିଲଆଡ଼େ । ବନ୍ଧ ଉପରକୁ ଉଠିଲାରୁ ମହନା ଆଖି ଆଗରେ ଦିଶିଲା ଦୂର ବିଲମାଳର ଛବି । କେଇଟା ହଳ ବୁଲିଲାଣି ନିଛାଟିଆ ବିଲ ଉପରେ । ମହନା ଭାବିଲା ସେ ଆଜି ଫେରିଆସିଚି ମଣିଷ ସମାଜ ଭିତରକୁ । ସେ ଆଉ କଲିକତାର କୁଲି ନୁହେଁ । ହାଡ଼ଭଙ୍ଗା ଖଟଣୀ ଭିତରେ କୌଣସି ମତେ ବଞ୍ଚି ରହିବାର ଯେଉଁଠି ଥିଲା ତାରି ଭରସା.....ସେ ଦିନ ଆଜି ଅପସରି ଯାଇଚି । ସେ ଫେରିଆସିଚି ଯୁଗମାନବ ହୋଇ । ବଞ୍ଚି ରହିବା ଭିତରେ ଜୀବନର ସ୍ୱାଦ ସେ ଖୋଜିପାଇଚି ।

ଖଇଫୁଟା ଖରା ଝାଞ୍ଜି ଭିତରେ ଉଦୁଉଦିଆ ଦି'ପହରେ ଏଇ ବିଲମାଳ ଭିତରେ ମହନା ମାଟି ତାଡ଼ିଚି । ପୁଣି ମାଟିର ପାଗ ଦେଖି ବୁଣି ଦେଇଛି ବିହନ । ଖରା ଯାଇଚି—ଜ୍ୟେଷ୍ଠ ଶେଷରେ ବରଷି ଯାଇଚି ଅମରାଏ ଅସରାଏ ପାଣି । ଧାନ ଗଜା ବାହାରିଚି—ପୁଣି ଝର ଝର ବରଷାର ବାରିଧାରା ଭିତରେ ଧାନ ଗଛ ଧୀରେ ଧୀରେ ମୁଣ୍ଡଟେକିଚି । ରୁଆ, ବେହୁଡ଼ା, ବଛା, ଖୋଳା, ବାଲୁଙ୍ଗା କଟା ଲାଗିଚି ଗୋଟିଏ ପରେ ଗୋଟିଏ । କାମର ତାଡ଼ନାରେ ମହନା ଭୁଲି ଯାଇଚି ନିଜକୁ ।

Digitized by srujanika@gmail.com

ଶରତ ଆସିଚି । ବଉଦମାନ ହଜାଇ ଦେଇ କୁଆଁର ପୁନେଇଁ ଜହ୍ନ ହସି ଉଠିଚି । ବିଲ ପଢ଼ିଆରେ ସବୁଜ ଧାନ କ୍ଷେତରେ ପବନ ଲହରୀ କାଟି ଯାଉଚି । ଦୂରକୁ ଦିଶୁଚି, ଧରଣୀରାଣୀ ସତେ ଯେପରି ସବୁଜ ରଙ୍ଗର ଶାଢ଼ୀ ପଣତତଳେ ଲୁଚାଇ ଦେଇଚି ତାର ସପନମିଶା ସରାଗିଆ ଲପନ ।

ହେମନ୍ତ ପାଖାପାଖି ଧାନ ଶିଶା ବାହାରେ । ଶୀତ ଅଧାଅଧିକି ଧାନ ପାଚି ଆସେ । ଦିନ କେଇଟା ପରେ ଗାଁ ଗାଁ ଚାଲେ ଧାନକଟା । ସମସ୍ତେ ମାତି ଯାଆନ୍ତି ଧାନକଟାରେ—କି ନାରୀ କି ପୁରୁଷ ।

ବସନ୍ତ ଆସିଚି କୋଇଲିର କୁହୁତାନରେ ଛନ୍ଦ ମିଳାଇ । ଧରଣୀର ରଙ୍ଗ ପାଲଟିଚି ନୂଆ । ଗାଁ ଖଳାରେ ଚାଲିଚି ଧାନବାଡ଼ା—ତା' ପରେ କେତେ ଅମଳ ହିସାବ କରି ଚାଷୀ ଦେଖେ ତା'ର ସାରାବର୍ଷର ପରିଶ୍ରମର ଫଳ ।

ମହନା ଦେଖିଲା ତା'ରି ହାତର କରାମତିରେ ମାଟି ଉପରୁ ଦାନା ଆଉ କନା ସାରା ବରଷ ପାଇଁ କମାଇ ନେଇଚି । ଆଉ ତା'ର ବା ଅଭାବ କ'ଣ ? ସେ ବେଶ ଆରାମରେ ଅଛି । ଗାଁ ଭିତରେ ଯେଉଁ ଶାନ୍ତି ଆଉ ଆନନ୍ଦ ଭରି ରହିଚି—ତା ସୁଦୂର ପରବାସ ଖିରିପୁରିରେ ବି ନାହିଁ । ଗାଁ ପରି ସେଠି ପରସ୍ପର ପ୍ରତି ସ୍ନେହ, ସହଯୋଗ ନାହିଁ । ନିଜକୁ ହାତେ ମାପି ରଖନ୍ତେ ଚାଲିବା ସେଠିକାର ନୀତି ।

ଗାଁଠୁ ଦି'କୋଶ ଛଡ଼ାରେ ଗାଁଟିଏ । ମଧୁପୁର । ବୁଧବାର, ଶନିବାର ହାଟ ବସେ । ଆଖପାଖ ଅଞ୍ଚଳରେ ମଧୁପୁର ହାଟ ଖୁବ୍ ଡାକ । ସେଥିପାଇଁ ପ୍ରତି ହାଟପାଳିରେ ବହୁତ ଲୋକ ଠୁଳ ହୁଅନ୍ତି । ଗରାଖ ଗହଳିରେ ବାଟ ମିଳେନା । ଶନିବାର ପାଳି ଗୋରୁହାଟ ବସେ । ସେଥିପାଇଁ ବୁଧବାର ପାଳିଠୁଁ ଶନିବାର ପାଳି ବେଶି ଲୋକ ହୁଅନ୍ତି ।

ମହନା ଶନିବାର ପାଳି ଭୀମାକୁ ସାଙ୍ଗରେ ନେଇ ଆସିଚି ହାଟକୁ ସଉଦା ପାଇଁ । ହାଟ ଗହଳି ଭିତରେ ମହନା ଭୀମାର ହାତ ଧରି ଠେଲି ଚାଲିଚି ।

ମହନି ଭାଇ ।

କିଏ ଡାକିଲା । ମହନା ବୁଲି ପଛକୁ ଅନାଇଲା । ଦେଖିଲା ଆଗରେ ଧନିଆ । ଧନିଆ, ମହନି ଭାଇକି ଓଳଗି ହେଲା । ମହନା ଆବେଗରେ ଧନିଆକୁ କୁଣ୍ଢାଇ ପକାଇ ପଚାରିଲା, କିରେ, କେବେ କଲିକତାରୁ ଫେରିଆସିଲୁ ।

ଗଲା ରବିବାର ।

କେତେଦିନ ଛୁଟି ?

ଦଶଦିନ ପାଇଁ ଛୁଟି ନେଇ ଆସିଚି ମହନା ଭାଇ ।

Digitized by srujanika@gmail.com

କିରେ କଥା କ'ଣ ? ଚାକିରୀରୁ ସାହେବ ଛୁଟି ଦେଲା ନା କ'ଣ ?

ନାଁରେ ଭାଇ, ଚାକିରୀ ମୋତେ ଛୁଟି ଦେଇନି—ମୁଁ ଚାକିରୀକୁ ଛୁଟି ଦେଇ ଆସିଚି । ବିନା ଦୋଷରେ ସାହେବ ଦିନେ ମୋତେ ଭାରି ଗାଳିଦେଲା । ସହ୍ୟ ହେଲାନି—ମୁହେଁ ମୁହେଁ ଜବାବ ଦେଇ ଚାଲିଆସିଲି । ଯେଉଁ ଚପରାସୀ ଚାକିରୀ । ତିରିଶ ଟଙ୍କା ଦରମା । ପେଟରୁ କାଟି କେତେଦିନ ପିଲାକବିଲାଙ୍କୁ ବଞ୍ଚାଇବି ?

ଚାଲି ତ ଆସିଲୁ, ପୁଣି ଏଠି କରିବୁ କ'ଣ ? ଦି' ଦି'ଟା ପିଲା, ସ୍ତ୍ରୀ ଚଳିବେ କିପରି ?

କାହିଁକି । ଚଷାପୁଅ ବାହୁରେ ବଳ ଥିଲେ ପେଟ କ'ଣ ଅପୋଷା ରହିବ ? ତମେ ତ ପୁଣି କଲିକତା ଛାଡ଼ି ବେଶ୍ ସୁଖରେ ଅଛ । ଅନାଦିଆ ପୁଣି କଲିକତା ଛାଡ଼ି ଗାଁରେ ଛୋଟ ଦୋକାନଟିଏ କରି ବେଶ୍ ଚଳିଯାଉଚି ବୋଲି ଲେଖିଥିଲା । ଏଇ ଗାଁରେ ମୋରି ପରି ଶହ ଶହ ଭାଇ ଚଳିଯାଉଛନ୍ତି ଆଉ ମୁଁ ଚଳିପାରିବି ନାହିଁ ?

ମଦନି କହିଲା, ଧନିଆ, ଏଇପରି ମନର ବଳ ଥିଲେ ଗାଁ ମାଟିରେ ପୁଣି ତୋର ସୁନାର ସଂସାର ହସିଉଠିବ । ମୁଁ ଆସିଛି, ଅନାଦିଆ ଆସିଲା ପୁଣି ତୁ ଆସିଲୁ ଏଇ ଗାଁ ମାଟିକୁ ବାହୁଡ଼ି । ଆମରି ପରି ପୁଣି ଶହ ଶହ ଓଡ଼ିଆ ଦୂର ବିଦେଶରୁ ବାହୁଡ଼ି ଆସିବେ ହାତ ଧରାଧରି ହୋଇ, ଯେଉଁଦିନ ସେମାନଙ୍କର ହୃଦୟରେ ବାଜିଉଠିବ ଏଇ ଗାଁ ମାଟିର ଡାକ । ଦେଶର ଲକ୍ଷଲକ୍ଷ ଏକର ପଡ଼ିଆ ଜମି ସୁନା ଫସଲରେ ହସିଉଠିବ । ଅଭାବ, ଅନାଟନ, ରୋଗ, ଶୋକ ବହୁ ଦୂରକୁ ଆଡ଼େଇଯିବ । ପୁଣି ସେଇ ପୁରୁଣା ଦିନପରି ସୁନା ଭାରତ ହସିଉଠିବ ।

ଧନିଆ କହିଲା, ମଦନା ଭାଇ, ସତେ ସେଦିନ କଣ ଆସିବ ?

ଆଉ ବେଶି ଡେରି ନାହିଁ ରେ ଧନିଆ । ହେଇପରା ସେ ଦିନ ପାଖେଇ ଆସିଲାଣି । ଚାଷ ଅଭାବରୁ ଲକ୍ଷ ଲକ୍ଷ ଏକର ଜମି ରହିଚି ପଡ଼ିଆ, ଦେଶରେ ଲାଗି ରହିଚି ଚିରଦିନ ଅଭାବ, ଅନାଟନ । ଧୋଇ ମରୁଡ଼ି ଭୋକ ଉପାସରେ ଗାଁରେ ଉଠୁଚି ବୁକୁଫଟା କରୁଣ ଚିତ୍କାର । ଆମମାନଙ୍କୁ ଏହା ବିରୁଦ୍ଧରେ ଅଭିଯାନ କରିବାକୁ ପଡ଼ିବ । ଆମରି ଆଦର୍ଶରେ ଦୂର ବିଦେଶୀ ଭାଇମାନଙ୍କୁ ଅନୁପ୍ରାଣିତ କରିବାକୁ ହେବ । ତେବେ ଯାଇଁ ଏଇ ଗାଁ ମାଟି ସବୁଠାର ଫୁଲପରି ହେବ ସରସ, ମନୋହର ।

●

Digitized by srujanika@gmail.com

• ଉତ୍ସର୍ଗ

ସୁଷମା !

କ'ଣ ?

ଗୋଟିଏ କଥା.....

କହୁ ନାହାନ୍ତି ।

କିନ୍ତୁ ତା ପୂର୍ବରୁ ତୁମେ କୁହ, ମୋ କଥାଟି ଆଜି କାଟି ଦେବ ନାହିଁ ।

କେବେ ତ ତମ କଥାର ବାହାରେ ଆସିନି, ଆଜି ପୁଣି ଏ ପ୍ରଶ୍ନ କାହିଁକି ?

କହିବି କହିବି ବୋଲି ବହୁଦିନ ଅତୀତ ହୋଇଗଲାଣି । ଦେଖୁ ଦେଖୁ ଆମର ବିବାହିତ ଜୀବନର ସାତୋଟି ବରଷ ହସାଇ କନ୍ଦାଇ ମୁହଁକୁ ଲୁଗ୍ଣଇଲାଣି ଅତୀତର ଓଢ଼ଣା ତଳେ । ସମୟର ଅବାଧ ଗତିରେ ଆଜି କଥା କାଲିକୁ ଯାଉଛି ବଦଳି—ଗତ କାଲି ଯା' ଥିଲା ସ୍ୱପ୍ନ, କଳ୍ପନା, ଆଜି ପୁଣି ତା' ବାସ୍ତବ ରୂପ ନେଲାଣି । ଆରି ଭିତରେ ଆମ ଜୀବନ ବସନ୍ତର ପହିଲୁ ମଳୟ ବହିଗଲାଣି । ସେହି ମଳୟର ଶୀତଳ ସୁରଭି ରୂପରେ ରୂପାନ୍ତରିତ ହେଲାଣି । ତମ କୋଳରେ ଗୋଟିଏ ନବଜାତ ଶିଶୁ । ତାକୁ ଆଜି ପାଞ୍ଚ ବରଷ । ମାତୃତ୍ୱର ସ୍ନେହ ନେଇ ତମେ ତାକୁ ମଣିଷ କରିବାକୁ ସବୁବେଳେ ବ୍ୟସ୍ତ । ମୁଁ ବି ସେହିପରି ସେଥିରୁ ପାଉନାହିଁ ମୁହୂର୍ତ୍ତେ ଅବସର । ପହିଲୁ ବିବାହିତ ଜୀବନର ସ୍ୱପ୍ନ, ମୋହ ଦୂରେଇ ଗଲାଣି । ତମେ ଗୋଟିକୁ ନେଇ ବ୍ୟସ୍ତ । ମୁଁ କୋଟିଏ ଜୀବନର ସେବାନେଇ ବ୍ୟସ୍ତ । ତଥାପି ଏଠି ମୋତେ ଭଲଲାଗୁନି ।

ତେବେ ଚାଲୁନା କିଛିଦିନ ବାହାରେ କଟାଇ ଆସିବା । ଜଳବାୟୁ ପରିବର୍ତ୍ତନ ବି ହେବ, ତା' ସଙ୍ଗେ ସଙ୍ଗେ ତମ ମନର ବି...............

ନାଁ ସୁଷମା, ମୁଁ ଯିବି ଫେରିଯିବାକୁ ମୋର ସେଇ ଶାନ୍ତ ସୁବିମଳ ଶସ୍ୟଶ୍ୟାମଳା ଗାଁ ଭୂଇଁକୁ । ସେଇଠି ହୁଏତ ମୋ ଜୀବନର ଶାନ୍ତି ଫେରି ପାଇବି ।

Digitized by srujanika@gmail.com

ଡାକ୍ତର ତମେ ! କଟକ ସହରରେ ତମର ବେଶ ଖ୍ୟାତି ହେଲାଣି । ଗାଁକୁ ଫେରିଗଲେ ଏଇ ଧନ, ମାନ, ଗୌରବ କ'ଣ ଆଉ ଫେରିପାଇବ ?

ଭୁଲ କହୁଚ ସୁଷମା ! ଡାକ୍ତର ମୁଁ ନୁହେଁ । ଏ ସହରରେ ଅଛନ୍ତି ଶହ ଶହ ଡାକ୍ତର ମୋଠୁ ଭଲି—କିନ୍ତୁ ସେଠି ନାହିଁ ଗୋଟିଏ ବୋଲି ଡାକ୍ତର । ସେଠିକା ଲୋକଗୁଡ଼ା ମରନ୍ତି ପ୍ରତିବର୍ଷ ଗଦା ଗଦା ପୋକମାଛି ପରି । ସେଇଠିକି ଗଲେ ହୁଏତ ଡାକ୍ତର ବୋଲି ମୁଁ କହିପାରିବି । ମାନ, ଗୌରବ ଏ ସହରଠାରୁ ସେଠି ବେଶି ମିଳିବ ସୁଷୀ—ଖାଲି ମିଳିବ ନାହିଁ ଧନ । ସାତୋଟି ବରଷ ଏଇ ସହରରେ କଟିଗଲା । ବାପା ଡାକ୍ତରୀ ପଢ଼ାଇଲାବେଳେ ତାଙ୍କର ସ୍ୱପ୍ନ ଥିଲା, ମୁଁ ଗାଁକୁ ଫେରିଯିବି—ଆଉ ନିଜକୁ ଉତ୍ସର୍ଗ କରିଦେବି ଗାଁ ଭୂଇଁର କର୍ମବେଦୀମୂଳେ; କିନ୍ତୁ କାଳସ୍ରୋତରେ ବାପା ହଜିଗଲେ କୁଆଡ଼େ । ତମ ବାପାଙ୍କ ସୌଜନ୍ୟରେ ମୁଁ ଏମ୍. ବି. ବି. ଏସ୍. ପାଶ କଲି ।

ତା'ପରେ ତମରି ହାତଧରି ବାଛିନେଲି ଜୀବନର ସାଥୀ । ମୋ ଜୀବନ ବିକାଶ ହେଉଚି ବାପାଙ୍କର ଅଯାଚିତ ଦାନ ଆଉ ଅନୁଗ୍ରହରେ । ବଞ୍ଚାଇ ରଖିଚି ମୋତେ ତୁମରି ସ୍ନେହ, ଆଉ, ପ୍ରଗାଢ଼ ଯତ୍ନ । ବଡ଼ଲୋକ ଝିଅ ହୋଇ ମୋ ପରି ଗରିବକୁ ତମେ ଦିନେ ଆପଣାର କରିଚ—ଜୀବନକୁ ସରସ ସୁନ୍ଦର କରିବାକୁ ପ୍ରତିଦିନ ମୋ ପାଖେ ପାଖେ ତପସ୍ୟା କରିଆସିଚ । ତମ ଋଣ ମୁଁ ଜୀବନରେ ଶୁଝିପାରିବି ନି ସୁଷୀ ।

ତଥାପି ସୁଷୀ, କାଲି କାଗଜରେ ଯେତେବେଳେ ପଢ଼ିଲି ଆମ ଗାଁରେ ମ୍ୟାଲେରିଆ ଲାଗିରହିଚି ଅନବରତ । ସେହି ଅନ୍ଧାରି ମୁଲକରେ ନାହିଁ ଡାକ୍ତର, ବଇଦ, କବିରାଜ । ଚିକିତ୍ସା ଅଭାବରୁ ମରୁଛନ୍ତି ଗୋଟିକ ପରେ ଗୋଟିଏ । ସେତିକିବେଳେ ବାପାଙ୍କର କଥା କେଇପଦ ଯେପରି ଗୁରୁ-ଗମ୍ଭୀର ଭାବରେ ବାଜିଉଠିଲା, ରମେଶ, ସହର ଛାଡ଼ି ଚାଲିଆ ଏଇ ଗାଁ ମାଟିକି—ଯିଏଁ ଥରେ ତୋର କାଙ୍ଗାଳ ଭାଇଭଉଣୀଙ୍କୁ । ସହରରେ ଅଛନ୍ତି ବଡ଼ ବଡ଼ ଡାକ୍ତର—ସେଠି ରୋଗ ହେଲା, ଚିନ୍ତା ନାହିଁ । କିନ୍ତୁ ଏଠି ପିଲାଟିକି ଜରଟିକେ ହେଲେ ମାଆର ଆଖି ଲୋତକବନ୍ୟାରେ ଭାସିଯାଏ—ନିଦ ଆସେନା । ରାତି ଦିନ ତା'ରି ସେବାକରି ହୁଏତ ସେ ଦିନେ ସେଇ ଜରରେ ପଡ଼େ । ଜୀବନ ଥାଇ ଗାଁର ଲୋକେ ମରନ୍ତି । ଜୀବନ ନଥାଇ ବି ସହରରର ଲୋକେ ଔଷଧ ପିଅନ୍ତି ।

ଏଇଆ ଦେଖି ଦେଖି ତୋର ମରୁ ହୃଦୟରେ ଟିକିଏ ଶୀତଳ ଝରଣାର ସ୍ରୋତ ବହିଯାଉ ନାହିଁ । ବାପାଙ୍କର ଏଇଟା ହୃଦୟର କଥା ସୁଷୀ । ମୁଁ ଆଉ ଏଠି ରହିପାରିବି ନାହିଁ । ଯିବି ସେଇ ଗାଁ ଭୂଇଁକି । ମୃତ୍ୟୁମୁଖରୁ ଫେରାଇ ଆଣିବି ମୋର ଶହ ଶହ ଭାଇ ଭଉଣୀଙ୍କି । ତାଙ୍କରି ସେବାରେ ଜୀବନ ଉତ୍ସର୍ଗ କରିବି । ସାରା ଗାଁଟା ହେବ ମୋର କର୍ମକ୍ଷେତ୍ର । ତମେ ମୋ ପାଖେ ପାଖେ ଥାଇ ଦେବ ପ୍ରେରଣା । ମୁଁ ପ୍ରତିଦିନ ଲାଗିବି ଗାଁର ଭାଇ ଭଉଣୀଙ୍କ ମୁହଁରେ ଫୁଟାଇବାକୁ ଟିକିଏ ବୋଲି ହସ । ତେବେ ଯାଇ ବାପାଙ୍କ ହୃଦୟ ପର ପାରରେ ଶାନ୍ତି ଲଭିବ । ପାରିବ ସୁଷୀ ?

Digitized by srujanika@gmail.com

ସୁଷମା ସ୍ୱାମୀଙ୍କ କଥା ଶୁଣି ଟିକିଏ ଭାବିଲା । ବାପା ମା'ଙ୍କର ସେ ଗୋଟିଏ ବୋଲି ଝିଅ । ତା ଛଡ଼ା ତାଙ୍କର ସନ୍ତାନ ବୋଲି କେହି ନାହାନ୍ତି । ତାରି ଶିକ୍ଷକ ରୂପେ ପ୍ରତିଦିନ ସଂଧ୍ୟାରେ ଦି'ଘଣ୍ଟା ପଢ଼ାଇବାକୁ ଦିନେ ଏ ଘରେ ପାଦ ଦେଇଥିଲା ରମେଶ । ତାଙ୍କରି ମଧୁର ବ୍ୟବହାର, ସରଳତାରେ ବାପା ତାଙ୍କ ପ୍ରତି ସନ୍ତୁଷ୍ଟ ଥିଲେ । ମୁଁ ତାଙ୍କୁ ଭାରି ଭଲ ପାଉଥିଲି । ଭୟ ଭକ୍ତି ମଧ୍ୟ ଥିଲା ତାଙ୍କ ପ୍ରତି ଯଥେଷ୍ଟ । ମେଡିକାଲ କଲେଜରେ ପଢୁଥିବାବେଳେ ବାପା ତାଙ୍କର ଆଖି ବୁଜିଲେ । ମା' ଆଗରୁ ମରିଥିଲେ । ଘର ତାଙ୍କର ଖାଲି ପଡ଼ିଲା । ବାପାଙ୍କର ମୃତ୍ୟୁ ସମ୍ବାଦରେ ରମେଶବାବୁ ବିଚଳିତ ହୋଇ ପଡ଼ିଲେ । କିନ୍ତୁ ବାପା ତାଙ୍କର ସବୁ ଦାୟିତ୍ୱ ମୁଣ୍ଡକୁ ନେଲେ । ସେତିକିରେ ସନ୍ତୁଷ୍ଟ ନ ହୋଇ ଦିନେ ତାଙ୍କ ହାତରେ ଝିଅଦେଇ ତାଙ୍କୁ ପୁଅ ରୂପରେ ପାଇଲେ । ବିବାହ ପରେ ଥରେ ଗାଁକୁ ଯିବା ପ୍ରଶ୍ନ ଉଠାଇଥିଲେ ରମେଶବାବୁ । ସେତେବେଳେ ବାପା ଛାଡ଼ିଲେ ନାହିଁ । କହିଲେ, 'ଏ କ'ଣ ତମର ଘର ନୁହେଁ—ମୋର ବା କିଏ ଅଛି !' ଆଜି ପୁଣି ସେ କଣ ଛାଡ଼ିବେ । ଆଉ ବି ତାଙ୍କର ତ ନିଜର ହୋଇ କେହି ନାହାନ୍ତି ଗାଁରେ । ଅଛନ୍ତି ଦି'ଦାଦା । ସେମାନେ ପୁଣି ଅଲଗା । ଏତେଦିନ ପରେ ସେ ସେମାନଙ୍କ ପାଖରେ ଜନ୍ମସ୍ଥାନ ଏଇ ସହର ଛାଡ଼ି ନିପଟ ମଫସଲରେ କଣ ଚଳିପାରିବ ? ମନର ଭାବ ଗୋପନ ରଖି କହିଲା, 'ବାପା ବୋଉ ଅନୁମତି ଦେଲେ ମୁଁ ଅମତ ହେବିନି—ଆଗେ ତାଙ୍କ ମତ ନିଅ ।'

ତାଙ୍କଠାରୁ ମୁଁ ମତ ନେଇ ସାରିଚି ସୁଷୀ । ସେମାନେ ଦିନ କେତେକ ପାଇଁ ବୁଲି ଆସିବାକୁ ଅନୁମତି ଦେଇଛନ୍ତି—ତମରି ମତ ଖାଲି ଲୋଡ଼ା । ମୁଁ ଜାଣେ ସୁଷମା, ତମେ ମୋ କଥାରେ ଅରାଜି ହେବନାହିଁ । ଗାଁଆର ଦୃଶ୍ୟରାଜି କେଡ଼େ ସୁନ୍ଦର—ଗାଁର ଲୋକେ କେଡ଼େ ନିରୀହ, ଶାନ୍ତ, ସରଳ—ସେ ସବୁର ନିକଟରେ ଆସିଲେ ତମେ ଭୁଲିଯିବ ଏଇ ସହରର ନାଲିମାଟି, ବଡ଼କୋଠା । ଥରେ ସେମାନଙ୍କୁ ଆପଣାର କରି ଦେଖ, ସେମାନେ ତମକୁ କିପରି ଭଲପାଉଛନ୍ତି ।

ବାପା ବୋଉ ଯେତେବେଳେ ମତ ଦେଇ ସାରିଚନ୍ତି, ତେତେବେଳେ ସୁଷମା ସ୍ୱାମୀର କଥାରେ ଅରାଜି ହେବାର ଉପାୟ ଖୋଜି ପାଇଲା ନାହିଁ । ଅନିଚ୍ଛାସତ୍ତ୍ୱେ କହିଲା, 'ସ୍ୱାମୀର କଥାରେ ବାହାରି ଯିବାର ଶକ୍ତି ସ୍ତ୍ରୀର କାହିଁ—ମୁଁ ଯିବି ।'

ରମେଶ ସୁଷମାର ହାତ ଧରି ସସ୍ନେହରେ କହିଲା, 'ସୁଷମା, ତମେ କେଡ଼େ ମହତ୍ ।'

× × × ×

ରମେଶ ଗାଁରେ ପାଦ ଦେଲା ଦିନୁ ଲୋକ ଗହଳିରେ ଘର ପୂରି ଉଠିଛି । ସେବା ହେବାରେ ତାଙ୍କୁ ଟିକିଏ ହେଲେ ଅବସର ନାହିଁ । ସୁଷମା ନୂଆ ଘରଟିକୁ ସୁନ୍ଦର କରି ସଜାଡ଼ିବାରେ ଲାଗିଚି । ଯେଉଁ ଘରେ ଦିନେ ନୀରବତା ରାଜତ୍ୱ କରୁଥିଲା—ସେଠି ଆଜି କୋଳାହଳରେ ଫାଟିପଡୁଚି ।

Digitized by srujanika@gmail.com

ଗାଁ ଗୋଟାକଯାକର ବୋହୂ ଝିଅ ଆସୁଛନ୍ତି ଟିକିଏ ଦେଖିବାକୁ ପଟ୍ଟନାୟକ ବଂଶର କୁଳବୋହୂକୁ । କ୍ଷଣିକର ପରିଚୟ, ଦି'ପଦ କଥାରେ ସୁଷମା ସମସ୍ତଙ୍କୁ ଆପଣାର କରିଛି । ସମସ୍ତଙ୍କ ମୁହଁରେ ସୁଷମାର ପ୍ରଶଂସା । ଆହା ଘରଗର ଶିରୀ ଯେପରି ଠୁଳ ହୋଇଛି ପଟ୍ଟନାୟକ ଘରେ ।

ରମେଶ ଆଜି ଗାଁ ଗୋଟାକର ଦୀପ । ନିଜେ ଜଳି ପୋଡ଼ି ସେ ଅପରକୁ ସୁନ୍ଦର କରିବାକୁ ସବୁବେଳେ ବ୍ୟସ୍ତ । ଗାଁରେ ମ୍ୟାଲେରିଆରେ ସମସ୍ତଙ୍କର ଶିରୀ ତୁଟିଛି । ବୁଢ଼ୀମାନେ ଅସ୍ଥିକଙ୍କାଳସାର—ଗାଁର ଯୁବକଙ୍କ ଦେହରେ ରକ୍ତ ନାହିଁ, ଶୀର୍ଣ୍ଣତନୁ, ଦୁର୍ବଳ ଦେହ, ପିଲାମାନଙ୍କର ପେଳେଇ ପେଟ, ହାତ ଗୋଡ଼ ସଳିତା ପରି—ଆଖି ରକ୍ତହୀନ, ବିଷଣ୍ଣବଦନ । ପଲ୍ଲୀବଧୂ ଲଳନା ମୁହଁରେ ହସ ନାହିଁ, ରୋଗ ଖାଇଛି ରୂପର ସମ୍ଭାର, ଆଖିର ଧାରେ ଧାରେ ଝରି-ପଡ଼ୁଛି ବେଦନାର ବାରି । ଗାଁ ଗୋଟାକଯାକ ଖାଁ ଖାଁ— ଯେପରି ମେରୁଦଣ୍ଡ ଯାଇଛି ଭାଙ୍ଗି ।

ରମେଶ ଘର ଘର ବୁଲି ସମସ୍ତଙ୍କୁ ଔଷଧ ଦିଏ—ବଦଳରେ ସେ ପଇସା ନିଏନା । କୁହେ, ତୁମ୍ଭେମାନେ ଯେତେବେଳେ ଭଲ ହୋଇଯିବ—ତମର ଏଇ କରୁଣଭରା ମୁହଁରେ ଯୋଉଦିନ ହସ ଫୁଟିବ—ସେଇଦିନ ମୁଁ ପଇସା ନେବି, ଆଜି ନୁହେଁ । ସମସ୍ତେ ରମେଶ କଥା ଶୁଣି ଅବାକ୍ ହୁଅନ୍ତି । ଭାବନ୍ତି, କାଲିକା ପିଲାଟା ଏଇ ରମେଶ—ଏହାଠି ପୁଣି ଏତେ ଗୁଣ । ଏତେ ପୁଅ ଅଛନ୍ତି ଏଇ ଗାଁରେ—ରମେଶ ପରି ସରଳ ହୃଦୟ, ମଧୁର ବଚନ କାହିଁ କାହାଠି ତ ନାହିଁ ।

ତା'ରି ଉଦ୍ୟମରେ ଗାଁର ତରୁଣମାନଙ୍କର ଆଳସ୍ୟ ଭାଙ୍ଗେ । ରାସ୍ତା ଘାଟରୁ ଅଳିଆ, ଆବର୍ଜ୍ଜନା, ପୋଖରୀର ପଦ୍ମଦଳ ସଫାହୁଏ । କ୍ରମଶଃ ଗାଁଟିରୁ ମ୍ୟାଲେରିଆର ପ୍ରାଦୁର୍ଭାବ କମିଆସେ । ପରିବାର ପରିବାର ଭିତରେ ଶାନ୍ତି ଆସେ ଫେରି । ରମେଶର ଆପ୍ରାଣ ସେବା ଯତ୍ନରେ ଗାଁଟି ନବଜୀବନ ଲାଭ କରେ ।

କେଇଟା ଦିନ ପରେ ଗାଁ ମୁଣ୍ଡରେ ଗୋଟିଏ ଡାକ୍ତରଖାନା ବସେ । ରମେଶ ଡାକ୍ତର ନିଜ ଗାଁର— ପୁଣି ଆଖ ପାଖ ଦଶଖଣ୍ଡି ଗାଁର । ରମେଶର ସୁନାମ ଶତମୁଖରେ ମୁଖରିତ ହୋଇଉଠେ । ଗାଁ ଗାଁ ବ୍ୟାପିଯାଏ ।

କିଛିଦିନ ପାଇଁ ସେ ଶାଶୁ ଶଶୁରଙ୍କ ଅନୁମତି ନେଇ ଗାଁକୁ ଆସିଥିଲା ସିନା—କିନ୍ତୁ ଆଜି ଦେଖୁଛି ତା ପକ୍ଷରେ ଗାଁ ଛାଡ଼ିବା ସମ୍ଭବପର ନୁହେଁ । ମୁକ୍ତ ଆକାଶ ତଳେ କେଡ଼େ ଛୋଟ ଏଇ ଗାଁଟି—ଏହାରି ଲୋକେ କେଡ଼େ ସରଳ, ଉଦାର ପୁଣି ଧର୍ମପରାୟଣ । ଘଡ଼ି ଘଡ଼ିକି ପ୍ରକୃତି ଏଠି ନୂଆ ବେଶ ଧରେ । ସରଗର ଶୋଭାଫୁଲ ଝରିପଡେ ଏଇ ଗାଁରେ । ପ୍ଲାବିଆଡ଼େ ବିସ୍ତୃତିର ସବୁଜ କ୍ଷେତ । ତା'ରି ଭିତରୁ ଭାସିଆସେ ମାଟିମାନବର ଗୀତ । ସେ ଗୀତର ଭାବରେ ଯେପରି ଫୁଟିଉଠେ, ଆମ ସମସ୍ତଙ୍କର ଜୀବନଯାତ୍ରା ଏଇ ମାଟି ଉପରେ.....ଏଇ ମାଟିର ସରଗରେ ଲାଗିରହିଛି ଆମ ହସଖେଳର ସଂସାର— ଏଇ ମାଟି ଦୟା କଲେ ଆମର ରଜା ଜମିଦାରକୁ ଖାତିର ନାହିଁ—ଦେଖୁ ଆସ

Digitized by srujanika@gmail.com

ସମସ୍ତେ ମାଟି ମାଆ କୋଳରେ ନିଜକୁ ହଜାଇ ଦେଇ ଗାଇବା ନୂଆ ଜୀବନର ଗାନ ।

ସେଇ ଗୀତରେ କେତେ ଆନ୍ତରିକତା ଭରି ରହିଥାଏ ଏଇ ମାଟିପ୍ରତି । ସେହି ଗୀତର ପ୍ରେରଣା ହୃଦୟରେ ବାଜି ଉଠେ ବାରବାର । ଯେପରି ମନେହୁଏ ସରଗ ରୂପ ନେଇଛି ଏଇ ଗାଁରେ—ସରଗର ଦେବତା ଜୀଇ ରହିଛନ୍ତି ଏଇ ସରଳ ନିରୀହ କୃଷକ ସମାଜ ପ୍ରାଣରେ ।

ଦିନ ପରେ ଦିନ କଟିଯାଏ ।

ସେଦିନ ସକାଳେ କାହିଁକି ଅନହୁତି ବସନ୍ତକୁ ଜର ଆସିଲା । ସୁଷମାର ସଜଫୁଲ ପରି ହସ ହସ ମୁହଁଟି କ୍ଷଣକରେ ବିଷାଦରେ ଭରିଗଲା । ରମେଶ କହିଲା, 'ସୁଷୀ, ଗାଁରେ ଘର କରି ଏଇ ସାମାନ୍ୟ ଜର ଟିକେ ଦେଖି ଭାଙ୍ଗି ପଡୁଚ । ଛି........ମୁଁ ଔଷଧ ଦେଉଚି । ଦି'ଦିନ ପରେ ଜର ଛାଡ଼ିଯିବ ଯେ । ତଥାପି ସୁଷମାର ମାତୃହୃଦୟ ବୁଝିଲା ନାହିଁ ।'

ଦେଖୁ ଦେଖୁ ନଅ ଦିନ କଟିଗଲା । ବସନ୍ତକୁ ଜର ଛାଡ଼ିଲା ନାହିଁ । ମ୍ୟାଲେରିଆ ଜରର ବିଷ ଗ୍ରସିଚି ବସନ୍ତ ଠେଇଁ—ସହଜରେ ଛାଡ଼ୁଚି । ରମେଶ ରାତିଦିନ ଜଗି ବସି ବସନ୍ତର କରେ ଚିକିତ୍ସା । ସୁଷମା କରେ ସେବା ।

ଦି ଦିନ ରାତି ରାତି ବିତିଯାଏ ।

ସେଦିନ ସକାଳ ବଡ଼ ଅଶୁଭ ମୁହୂର୍ତ୍ତରେ ଆସିଲା । କୋଟି କୋଟି ଜୀବନର ଉଦୟ ହେବାକ୍ଷଣି ଗୋଟିଏ ଜୀବନର ଅସ୍ତ ହୋଇଗଲା । ସୁଷମା ଢଳିପଡ଼ିଲା ତଳେ । ରମେଶ ହାତରୁ ଔଷଧ ପାତ୍ର ଖସିପଡ଼ିଲା । ଗାଁରେ ପାଦ ଦେଲାଦିନୁ ଶହ ଶହ ରୋଗୀଙ୍କି ସେ ଭଲକରିଚି—କୌଣସି ବେମାର କତିରେ ସେ ହାର ମାନିନି । ଏତେଦିନେ ଆଜି ତା'ର ପ୍ରଥମ ପରାଜୟ ଘଟିଲା ।

ସୁଷମା ଆଖିରୁ ଲୁହଧାର ଶୁଖେନା । ନିଜେ ଖାଏନା—ପିଏନା । ଭଲ କରି ଝରେ ପିନ୍ଧେନା । ନିଜପ୍ରତି ନିଜେ ଅଯତ୍ନ କରେ । ତାର ଅଭିମାନ ରମେଶ ପ୍ରତି, ତାରି ପାଇଁ ବସନ୍ତ ତାର କୋଳ ଛାଡ଼ି ଅଲଗା ହୋଇ ଯାଇଚି । ସହରରେ ଥିଲେ ପୁଅ ତା'ର ମରି ନ ଥାନ୍ତା—ଏଇ ମ୍ୟାଲେରିଆ ରାଇଜରେ ପାଦଦେଇ ଜାଣୁ ଜାଣୁ ପୁଅକୁ ତାର ଠେଲିଦେଇଚି ମରଣର ଅତଳ ଗହ୍ୱରକୁ ।

ସେଦିନ ସନ୍ଧ୍ୟାରେ କାନ୍ଦି କାନ୍ଦି ସୁଷମା ଆସି ରମେଶ ପାଦତଳେ ଲୋଟିପଡ଼ି କହିଲା, 'ଆଉ ମୁଁ ଏଠି ରହିପାରିବି ନାହିଁ ।'

ରମେଶ ସୁଷମାର ହାତଧରି କୋଳକୁ ଟାଣିନେଲା । ତା ଆଖିରୁ ଲୁହ ପୋଛୁ ପୋଛୁ କହିଲା, ସୁଷି । ଦୁନିଆରେ ବଞ୍ଚିରହିବାକୁ ହେଲେ ଏଇ ଦୁଃଖକୁ ସହ୍ୟ କରିବାକୁ ହେବ । ଭଗବାନ ଦିନେ ତମ କୋଳରେ ତୋଳି ଦେଇଥିଲେ ସରଗର ଫୁଲ । ଝଡ଼ିପଡ଼ିଲା ଅକାଳରେ—ସେ ବି ସେହି ଅଦୃଶ୍ୟ ହାତର କଉଶଳ । ଯିବା ଆସିବା, ଫୁଟି ଝଡ଼ିବା—ଲାଗିରହିଚି, ଲାଗିଥିବ

Digitized by srujanika@gmail.com

ଚିରନ୍ତନ । ସବୁ ଭୁଲିଯାଅ । ଏଇ ଲୋକଗୁଡ଼ାଙ୍କର ମମତା ଏତେ ବେଶି ହେଲାଣି, ଛାଡ଼ିଯିବାକୁ ଆଉ ମନ ହେଉନାହିଁ ।

ନାଁ ନାଁ ଏ ରୋଗ ରାଇଜରେ ଜାଣୁ ଜାଣୁ ବସନ୍ତ ମୋର ମରିଚି । ତାରି କାନ୍ଦ ଭାସିବୁଲୁଚି ଗଗନ ପବନରେ । ଆଉ ଏଠି ରହିବି ନାହିଁ । ଏ ଗାଁ ଛାଡ଼ି ଯିବାକୁ ହେବ ।

ବୁଝି ତମେ ଅବୁଝା ହେଉଚ ସୁଷମା । ପାଠ ପଢ଼ିଚ—ଶିକ୍ଷିତା ନାରୀ ! ଏଇ ଗାଁରେ ତମରି ପରି ଶହ ଶହ ମାଆ ଅଛନ୍ତି । ବସନ୍ତ ପରି ତାଙ୍କ କୋଳରେ ହସି ଉଠୁଚି ଗୋଟିଏ ଗୋଟିଏ । ଏଇ ଗାଁରେ ଚିକିତ୍ସା ଅଭାବରୁ କେତେ ମାତୃହୃଦୟ ଅକାଳରେ ଖାଲିହୁଏ ତାର ହିସାବ ରଖେ କିଏ ? ତଥାପି ସେମାନେ ଅଛନ୍ତି ଏଇ ଗାଁରେ ବର୍ଷ ବର୍ଷ ଧରି । ସହରରେ ଥିଲେ ପୁଅ ତମର ବଞ୍ଚିଥାନ୍ତା, ଏ ତମର ଭୁଲଧାରଣ ସୁଷମା । ସମସ୍ତେ ମରିବା ସହରରେ, ପୁଣି ଏଇ ଗାଁରେ, ପୃଥିବୀର ଯେଉଁ କୋଣରେ ଥିଲେ ବି ।

ବସନ୍ତ ଚାଲିଗଲା । ସେ କା'ର କଣ ? ତଥାପି ଏଇ ଗାଁ ଗୋଟାକର ଲୋକ ଛୁଟିଆସିଥିଲେ ଆମକୁ ପ୍ରବୋଧ ଦେବାକୁ । ସମସ୍ତଙ୍କ ଆଖିରୁ ଝରି-ପଡ଼ିଥିଲା ଧାର ଧାର ଲୁହ । ଏଠି ସମସ୍ତଙ୍କ ପାଇଁ ସମସ୍ତେ, ସେଠି ପ୍ରତ୍ୟେକଙ୍କ ପାଇଁ ପ୍ରତ୍ୟେକ । ସେଠି ମରିଗଲେ ବି କେହି ଟିକେ ପଚାରିବେ ନାହିଁ । ସହର, ଗାଁ ଭିତରେ କେତେ ତଫାତ୍ ଦେଖୁଚ ସୁଷମା । ଆଉ କିଛିଦିନ ଏଠି ରହିବା, କୁଆଡ଼େ ଯିବା । ଏ କଣ ଆମର ଘର ନୁହେଁ । ନାରୀର ସ୍ୱାମୀ ଘରଠୁ ପବିତ୍ର ଜାଗା ଆଉ କେଉଁଠି ଅଛି ।

କେତେ ବୁଝାଇ ରମେଶ ସେଦିନ ସୁଷମାକୁ ଶାନ୍ତି ବାଟକୁ ଫେରେଇ ଆଣିଲା ।

ଦେଢ଼ମାସ ପରେ, ସୁଷମା ପୁତ୍ରଶୋକ ଏବେ ବି ଭୁଲି ପାରିନାହିଁ । କର୍ମ କୋଳାହଳ ଭିତରେ ବି ଛପି ଛପି ଆସେ ତାର ହସ ହସ ମୁହଁଟି । କାନପାଖିରେ ବାଜିଉଠେ ତାର ଦରୋଟି କଥା କେଇପଦ । ସୁଷମା ମନଟା କ୍ଷଣକରେ ପରାଣ ହୋଇଉଠେ । ମନ ପରାଣ ହେବା ସଙ୍ଗେ ସଙ୍ଗେ ଆଖିରୁ ଝରେ ଲୁହ ।

ସେଦିନ ପୁନେଇଁ । ଆକାଶରେ ଜହ୍ନ ହସିଉଠିଲାଣି । ପବନରେ ଦୋହଲି ଦୋହଲି ଜୋଛନାର ଲହଡ଼ି ବାଜିଉଠୁଚି ଧରଣୀ ବକ୍ଷରେ । ଡାକ୍ତରଖାନାରୁ ଫେରି ରମେଶ ଘର ଭିତରକୁ ପଶି ଯାଉଁ ଯାଉଁ ଡାକିଲା, ସୁଷମା, ସୁଷମା । ସୁଷମା ରୋଷେଇଘରୁ ଦଉଡ଼ିଆସି ପଚାରିଲା, କାହିଁକି ଡାକିଲ । ରମେଶ ଅସ୍ଥିର ଗଳାରେ କହିଲା, ମୋ ଦେହଟା କାହିଁକି ଭଲ ଲାଗୁନି, ବିଛଣା ପାରିଦେଲ । ଟିକିଏ ବିଶ୍ରାମ ନିଏ । ସୁଷମା କାଳ ବିଳମ୍ବ ନ କରି ବିଛଣା ପାରିଦେଲା । ରମେଶ ଶୋଇପଡ଼ିଲା ।

ସ୍ୱାମୀ କଡ଼ିରେ ସୁଷମା ବସିପଡ଼ିଲା । ଦେହରେ ହାତମାରି ଦେଖିଲା, ଅସମ୍ଭବ ତାତି । ଭାବିଲା, ମ୍ୟାଲେରିଆ ଜରଛଡ଼ା କିଛି ନୁହେଁ । ତା

Digitized by srujanika@gmail.com

ମନଟା ଖାଲି ପାପ ଛୁଇଁଲା । ଏଇ ଜରରେ କାଲିପରି ତାରି ପୁଅ ହଜିଗଲା—ପୁଣି ସର୍ବଗ୍ରାସୀ ଜର ଛୁଟି ଆସିଚି ସ୍ୱାମୀ କତିକି । ଭାବନାରେ ଅସ୍ଥିର ହୋଇଉଠିଲା ତାର ମନ—ଆଖିରୁ ଝରି ଆସିଲା ଲୁହ ।

ରମେଶ ଡାକିଲା, ସୁଷମା !

ସୁଷମା ଲୁହ ଢଳ ଢଳ ଆଖିରେ ଚାହିଁଲା ।

କାନ୍ଦୁଚ ନା । ମୁଁ ଭଲ ହୋଇଯିବି ଯେ । ସାମାନ୍ୟ ଟିକେ ସର୍ଦ୍ଦି ଜର । ଭୟର କିଛି କାରଣ ନାହିଁ ।

ସୁଷମା କରୁଣଭରା କଣ୍ଠରେ କହିଲା, ମତେ ଭୁଲ ବୁଝୁଚ କାହିଁକି ? ମୋତେ କଣ ପର ବୋଲି ମନେ କରୁଚ ?

ରମେଶ ଅନୁଭବ କଲା, ସୁଷମାର ହାଡ଼େ ହାଡ଼େ ବସନ୍ତ ଅଭାବର ଦୁଃଖ ଜୀଇଁ ରହିଚି । ଆଜି ତାକୁ ଆଉ ଭୁଲାଇ ପାରିବା ସମ୍ଭବପର ନୁହେଁ । ଖାଲି ମନ ଭୁଲାଇବାକୁ କହିଲା, ଛି ସୁଷମା । ଏ କଣ କହୁଚ, ତୁମକୁ ଯଦି ମୁଁ ପରବୋଲି ଭାବିବି ତେବେ ବଞ୍ଚି ପାରିବିନି ମୁହୂର୍ତ୍ତେ । ମୁଁ ଚାହେଁ, ତମେ ପାଖେ ପାଖେ ଥିବ ଚିରଦିନ ଛାଇପରି ।

ଯଦି ମୋତେ ପର ବୋଲି ଭାବୁ ନଥାଅ—ତେବେ ମୋର ଗୋଟିଏ ଅନୁରୋଧ ଏଡ଼ି ଦିଅ ନାହିଁ । ଚାଲ, କିଛିଦିନ ପାଇଁ ପୁଣି ସହରକୁ ଚାଲିଯିବା । ତେବେ ଯାଇ ମୋତେ ସବୁ ଦୁଶ୍ଚିନ୍ତାରୁ ଛୁଟି ମିଳିବ । ଏଇ ମ୍ୟାଲେରିଆ ରାଇଜରେ ବଞ୍ଚି ରହିବା ବଡ଼ କଷ୍ଟକର । ଜଣକୁ ହରାଇଲେ—ସେ ଦୁଃଖ ନ ଲିଭୁଣୁ ପୁଣି ତମେ ପଡ଼ିଲଣି ଜରରେ । ମୋ ମନଟା ଖାଲି ଭୟ ଛୁଉଁଛି । ମୁଁ ଏଠି ରହିପାରିବି ନାହିଁ । କୁହ, ମୋର ଅନୁରୋଧ ରଖିବ ନାହିଁ ? ସୁଷମା ରମେଶ ହାତ ଧରି କହୁକହୁ କାନ୍ଦି ପକାଇଲା ।

ରମେଶ ଅନୁଭବ କଲା ସୁଷମାର ଦୁଃଖ । କେଡ଼େ ନିରୀହା, ପୁଣି ସରଳା ତାର ଏଇ ସୁଷମା । ଜୀବନର ପ୍ରଥମ ପରିଚ୍ଛେଦରୁ ସେ ଭଲ ପାଇଚି—ସ୍ନେହ ଦେଇ ମଣିଷ କରିଚି—ପୁଣି ଦିନେ ହାତ ଧରି ଛିଡ଼ା ହେଉଚି ସଂସାରର ଅସରନ୍ତି ବଲାବାଟରେ । ପୁତ୍ର ବିୟୋଗରେ ତା ମନରୁ ଅଶାନ୍ତ ଝଡ଼ ଏବେ ବି ଥମିନାହିଁ । ତାର ଅନୁରୋଧ କାଟିବା ଆଜି ରମେଶ ପକ୍ଷରେ କଷ୍ଟକର ହୋଇଉଠିଲା ।

ତା ଆଖିରୁ ଲୁହ ପୋଛି କହିଲା, ସୁଷମା, ଏ ଗାଁରେ ବହୁତ କାମ ବାକି ଅଛି । ମ୍ୟାଲେରିଆର ଦାଉ ଏବେ ବି କମି ନାହିଁ । ମୁଁ ଏ ଗାଁ ଛାଡ଼ି ଚାଲିଗଲେ ଡାକ୍ତରଖାନା ଭାଙ୍ଗିଯିବ । ପୁଣି ଚିକିତ୍ସା ଅଭାବରୁ ମରିବେ ଗଦା ଗଦା । ଏତେ ଦିନର ପରିଶ୍ରମ ଭୁଷୁଡ଼ି ପଡ଼ିବ । ଏତିକି ଦୁଃଖ ମୋର ସୁଷମା, ତେବେ ଆଜି ଦେଖୁଚି ମୋ ଦୁଃଖଠୁ ତମ ଦୁଃଖ ବହୁଗୁଣରେ ବେଶି । ଦେହ

Digitized by srujanika@gmail.com

ଭଲ ହେଲେ ତମରି ଅନୁରୋଧ ରଖି ପୁଣି ମୁଁ ଫେରିଯିବି ସୁଷମା । ତମ ଆଖିରୁ ଲୁହ ଝରାଇ ଭଲ କାମ କିଛି କରିପାରିବି ନାହିଁ ।

କହୁ କହୁ ରମେଶର ଚକ୍ଷୁ ଅଶ୍ରୁସିକ୍ତ ହେଲା ।

ପାଞ୍ଚଦିନ ପରେ ରମେଶ ସମ୍ପୂର୍ଣ୍ଣ ଭଲ ହୋଇଗଲା । ସୁଷମାର ସେଇ ଏକା ଜିଦ୍—ଯିବା, ଆଉ ଏଠି ରହିବା ନାହିଁ । ରମେଶ ଯେତେ ବୁଝାଇଲା, ସୁଷମା, ଏ ଗାଁ ଛାଡ଼ି କୁଆଡ଼େ ଯିବା । ଯାରି ଭିତରେ ଖୋଜି ପାଇଚି ଜୀବନର କଳ୍ପିତ ଶାନ୍ତି—ଶହଶହ ଦୀନ ଦରିଦ୍ରଙ୍କ ସେବା କରି ତାଙ୍କରି ପାଖେ ପାଖେ ଆସିଚି । ସବୁବେଳେ ବୁଝିଛି ତାଙ୍କରି ମନର କଥା । ଗରିବ ଭାଇ, ପୁଣି ସରଳତାର ଉତ୍ସ ଏଇ ଗା ଭୂଇଁ ଛାଡ଼ି ସହରର ସେଇ ମିଥ୍ୟା ଆବରଣ ତଳେ ନିଜକୁ ଛପାଇବାକୁ ଆଉ ଭଲ ଲାଗିବ ନାହିଁ । ଏଇଠି ରହିବା ।

ରମେଶ ଯେତେ ବୁଝାଇଲେ ସୁଷମା ବୁଝେନା । ଖାଲି ଅଝଟ ପିଲାଙ୍କ ପରି କୁହେ, ଜେବେ ଯିବା—ଆଉ କାନ୍ଦେ ।

ସୁଷମାର ଜିଦ୍ ରହିଲା । ଆସନ୍ତା ରବିବାର ରମେଶ ଗାଁ ଛାଡ଼ି କଟକ ଫେରିଯିବାର ସ୍ଥିର କଲା । ଡାକ୍ତରବାବୁ ଗାଁ ଛାଡ଼ି ଚାଲି ଯାଉଥିବା କଥା କ୍ଷଣକରେ ଗାଁ ସାରା ବ୍ୟାପିଗଲା ।

ଆଜି ରବିବାର । ରାତିରୁ ସବୁ ଜିନିଷ ସଜଡ଼ା ସରିଥିଲା । ଭୋର ହେବାକ୍ଷଣି ରମେଶ କହିଲା, ସୁଷମା, ଶୀଘ୍ର କାମ ସାରିଦିଅ, ବଳଦ ଗାଡ଼ି ଆସିଗଲାଣି ।

ଟିକିଏ ପରେ ନୂଆ ଆଲୁଅ ବିଛାଡ଼ି ହୋଇପଡ଼ିଲା । କାଉଗୁଡ଼ାକ କା' କା' ଡାକ ଛାଡ଼ି ସରଗ ଦରିଆରେ ତରଙ୍ଗ କାଟି ଉଡ଼ିଗଲେ । ସକାଳ ହେବାକ୍ଷଣି ଗାଁର ଛୋଟ ପିଲାଠୁ ଆରମ୍ଭ କରି ବୁଢ଼ା ବୁଢ଼ୀ ପର୍ଯ୍ୟନ୍ତ ଆସି ରମେଶର ଘର ସାମନାରେ ରୁଣ୍ଡ ହୋଇଗଲେ । ସୁଷମା ଦେଖିଲା, ସମସ୍ତଙ୍କ ଆଖିରେ ପୂରି ରହିଚି ଲୁହ, ଆଉ ଆକୁଳ ଆବେଦନ । ଡାକ୍ତରବାବୁ, ତମେ ଏ ଗାଁ ମାଟିରେ ପାଦ ଦେଲାଦିନୁ ଆମେ ଜୀବନ ଫେରିପାଇଚୁ । ପୁଣି ଆଜି ଆମକୁ ଛାଡ଼ି ଯାଉ ନାହାନ୍ତି ଯେ, ଜୀବନ୍ତ ସମାଧି ଦେଇ ଯାଉଚନ୍ତି ।

ମା, ଭଉଣୀ, ଖୁଡ଼ୀ, ଅପା, ନୂଆବୋଉ ବୋଲି ଯାହାଙ୍କୁ ଡାକି ସୁଷମା ଆପଣାର କରିଥିଲା, ସେଇମାନେ ଆଜି ତାକୁ ବିଦାୟ ଦେବାକୁ ଅନିଚ୍ଛୁକ । ସେମାନଙ୍କ ଆଖିରୁ ଝରି ପଡ଼ୁଚି ଲୁହ; ସମସ୍ତେ କହୁଛନ୍ତି, ଆମ ପିଲାପିଲି ମରିଯିବେ ମା—କିଏ ଆଉ ଦୁଃଖବେଳେ ସାହା ହେବ ? ଆମମାନଙ୍କୁ କନ୍ଦାଇ କନ୍ଦାଇ ଇମିତି ଚାଲିଯିବା ଯଦି ତମ ମନରେ ଥିଲା, ତେବେ ଆସୁଥିଲ କାହିଁକି ଏ ଗାଁ ଭୂଇଁକି । ଖାଲି କଣ ସରଗ କଣିକାଟିକ ଦେଇଯିବାକୁ । ଯଦି ସ୍ନେହଦେଇ ଆପଣାର କରିଚ, ତେବେ ସବୁଦିନ ପାଇଁ ଆମ କତିରେ ରହିବାକୁ ହେବ । ଯଦି ଆଖିର ଲୁହ ଦିନେ ନିଜ ପଣତ କାନିରେ ପୋଛି ଦେଇଥିଲ—ପୁଣି ଆଜି ଲୁହ ଭରିଦେଉଚ କାହିଁକି ?

Digitized by srujanika@gmail.com

ସୁଷମା ଭାବିଲା, କୋଟିଏ ଜୀବନଠାରୁ ଗୋଟିଏ ଜୀବନ କଣ ଏତେ ମୂଲ୍ୟବାନ ? ମୋଟିକର ଆହୁତିରେ ଯଦି କୋଟିକର ମୁକ୍ତି ହୁଏ, ତେବେ ଦୁଃଖ କଣ ? ସ୍ୱାମୀ ତାର ଡାକ୍ତର । ଗୋଟିଏ ଗାଁର ନୁହେଁ—ଦଶ ଖଣ୍ଡି ଗାଁର । ସେଇ ଗୋଟିଏ ଲୋକ ଦ୍ୱାରା ଯଦି ଏତେଗୁଡ଼ିଏ ଲୋକଙ୍କର ଦୁଃଖ ଦୂରହୁଏ, ତେବେ ସେ କାହିଁକି ତାଙ୍କୁ ଦୂରେଇ ନେଉଛି । ନିଜର ସୁଖ ପାଇଁ ଏତେ ତଳକୁ ସେ କଣ ଓହ୍ଲାଇ ଯାଉଚି । ନା ନା, ସେ ଏଇ ଗାଁରେ ରହିବ । ସ୍ୱାମୀଙ୍କ ନିକଟରେ ରହି ସେ ଏଇ ଦୀନ ଦରିଦ୍ର ସରଳ ଗାଁ ଲୋକଙ୍କର ସେବା କରିବ । ସେ ପାଠ ପଢ଼ିଚି । ଅନେକ କଥା ଶିଖିଚି, ଦେଶପାଇଁ ତାର ବହୁତ କାମ କରିବାକୁ ଅଛି । ଏଇ ଛୋଟିଆ ଗାଁର କର୍ମପରିସର ଭିତରେ ସେ ନିଜକୁ ଆଜିଠୁ ହଜାଇଦେବ ।

ରମେଶ ଆହି ଡାକିଲା, ଆସ ସୁଷମା ।

ସୁଷମା ଆଖିରୁ ଝରିପଡ଼ିଲା ଦି'ଧାର ଲୁହ ।

ଆଜି ପୁଣି କାହିଁକି କାନ୍ଦୁଚ ସୁଷମା । ଯିବାବେଳ ହେଲା—ଆସ ।

ମୁଁ ଯିବି ନାହିଁ ଏଇଠି ରହିବି । ମୋର ଭୁଲ ହୋଇଚି—ମୋତେ କ୍ଷମାକର । ସୁଷମା ରମେଶ ପାଦତଳେ ଲୋଟିପଡ଼ିଲା । ଆଖିର ଲୁହରେ ରମେଶର ପାଦ ବତୁରିଗଲା ।

ସୁଷମାକୁ ଉଠାଇ ରମେଶ କହିଲା, ସୁଷମ । ଏତେଦିନେ ତମେ ପ୍ରକୃତ ମଣିଷ ହୋଇଚ । ଦୂର ସହରର ମମତା ତୁଟାଇ ଫେରିଆସିଚ ଏଇ ଗାଁ ଗହଳି ଭିତରକୁ । ଗୋଟିକର ସୁଖ ସରଗ ପାଇଁ ଦିନେ ଜୀବନ ଉତ୍ସର୍ଗ କରିଥିଲ, ଆଜି କୋଟିକ ପାଇ ପୁଣି ଜୀବନ ଉତ୍ସର୍ଗ କରିବ । ତମେ ମହତ୍ ସୁଷମା । ଏଇ ମନୋଭାବ ନେଇ ଯେଉଁଦିନ ଶହ ଶହ ନାରୀ ସହରର ଉଚ୍ଚ ବାରଣ୍ଡାରୁ ଓହ୍ଲାଇ ଆସିବେ ସରଗ ଗଇଡ଼ ଏଇ ଗାଁ ମାଟିକୁ ସେଦିନ ଏଇ ଗାଁ କେତେ ସୁନ୍ଦର ଆଉ ଆଦର୍ଶ ନ ହେବ କହିଲ ? ଯେଉଁ ଅନ୍ତରଭରା ଶ୍ରଦ୍ଧା ତମେ ଏଇମାନଙ୍କ ପ୍ରତି ଆଜି ଢାଳିଦେଇଚ, ସେଇ ଶ୍ରଦ୍ଧାର ପ୍ରତିଦାନରେ ସମସ୍ତଙ୍କର ବୁକୁଭରା ପ୍ରୀତି ଗ୍ରହଣ କର ସୁଷମା । ସମସ୍ତଙ୍କ ମୁହଁରେ ଫୁଟିଉଠିଚି ତମରି ପ୍ରଶଂସା—ତମରି ଜୟଗାନ ।

ସୁଷମା ଆଖିରୁ ଲୁହ ପୋଛି ଦେଖିଲା, ସମସ୍ତଙ୍କ ମୁହଁରୁ ବିଷାଦ ଅପସରି ଯାଇଚି । ସମସ୍ତେ ଗାଉଚନ୍ତି ତାଙ୍କରି ଜୟଗାନ । ସମସ୍ତଙ୍କ ହୃଦୟର ସ୍ନେହ, ପ୍ରୀତିଧାରା ଅଲକ୍ଷିତରେ ବହି ଆସୁଚି ତାଙ୍କରି କତିକି ।

●

Digitized by srujanika@gmail.com

• ଦୀପ ଶିଖା

ତାଙ୍କର ପୂର୍ବ ପୁରୁଷ ଥିଲେ କର୍ମଠ, ଦୟାଳୁ, ଧାର୍ମିକ । ନିଜ ଚେଷ୍ଟାରେ ସେମାନେ ବଡ଼ ହୋଇଥିଲେ, ପୁଣି ବଡ଼ କରିଥିଲେ ଏଇ ଜନ୍ମମାଟିକି । ଶହ ଶହ ଲୋକ ମୁଣ୍ଡ ନୋଇଁଥିଲେ ସେଇ ପ୍ରତିଭାବାନ୍ ଲୋକଙ୍କର ଚରଣତଳେ । ସେମାନେ ଗାଁ ମାଟି ଉପରେ ଦିନେ ସମ୍ଭବ ହୋଇଥିଲେ । ହସିଥିଲେ—ହସାଇଥିଲେ, କାନ୍ଦିଥିଲେ, କନ୍ଦାଇଥିଲେ । ନିଜେ ପେଟପୂରା ଖାଇ ସେମାନେ ପରକୁ ଉପାସ ରଖି ନ ଥିଲେ । ପର ଦୁଃଖରେ ସେମାନେ ଭୁଲି ଯାଇଥିଲେ ନିଜକୁ, ପୁଣି ଆଗେଇ ଯାଇଥିଲେ 'ଭାଇ' କହି ପୋଛି ଦେବାକୁ ଦି'ଟୋପା ଲୁହ । ସେମାନେ ନିଜର ଗାଁଟି ନେଇ ବ୍ୟସ୍ତ ରହୁଥିଲେ । ଗାଁଟିରେ ସମସ୍ତେ ରହିବେ ସୁଖରେ—ରାମରାଜ୍ୟ ହେବ—ଏଇ ସ୍ୱପ୍ନ ଦେଖୁଥିଲେ । ସ୍ୱପ୍ନ ତାଙ୍କର ସାର୍ଥକ ହୋଇଥିଲା । ଏଇ ଯତନପୁର ଗାଁ ଦାଣ୍ଡରେ ବାର ମାସରେ ତେର ପରବ ଲାଗି ରହିଥିଲା । ଗାଁଟି ସବୁବେଳେ ହସି ଉଠୁଥିଲା—ନୀଳ ଦରିଆରେ ଲହଡ଼ି କାଟି ଫେରି ଆସୁଥିବା ସାଧବର ଭରା-ବୋଇତ ପରି ।

ଆଲୋକ ଲିଭିଗଲା । ଘନ ଅନ୍ଧକାର ଭିତରେ ସେମାନେ ହଜିଥିଲେ । ଉତ୍ଥାନ ପତନ ଭିତରେ ଖାଲି ରହିଲେ ରାଉତରା ବଂଶର ପାଞ୍ଚଭାଇ ଭିତରୁ ଗୋଟିକର ପୁଅ ଭଗବାନ ରାଉତରାୟ ।

ଭଗବାନ ରାଉତରାୟଙ୍କୁ ଆଜି ଷାଠିଏ ଟପିଗଲାଣି । କିନ୍ତୁ ଦେଖିବାକୁ ପୂର୍ବପରି ହସ ହସ । ବଳ ବୟସ ନଇଁପଡ଼ିଚି ସିନା, କିନ୍ତୁ ଜୀବନର ଆଶା ଆକାଙ୍କ୍ଷା ଆଜି ବି ନଇଁ ନାହିଁ । ସମୟର ଅବିରାମ ଲହଡ଼ି ତଳେ ଅତୀତ ମୁହଁ ଛପାଇଚି ସିନା—କିନ୍ତୁ ଭଗବାନ ରାଉତରା ଅତୀତରେ ଥିଲା ଯେମିତି ଆଜି ବି ସେମିତି ଏଇ ଯତନପୁର ଗାଁ ଗୋଟିକରେ ।

ରାଉତରା ପ୍ରଭାବ ଖାଲି ଏଇ ଯତନପୁର ଗାଁଟାରେ ନୁହେଁ, ଆଖ ପାଖ ପାଞ୍ଚଖଣ୍ଡ ଗାଁରେ ମଧ୍ୟ ପଡ଼ିଚି । ଲୋକେ ତାକୁ ଖାତିରି କରନ୍ତି । ତାର ଲମ୍ବା ବଳିଷ୍ଠ ଚେହେରା ଦେଖିଲେ ଶତ୍ରୁମାନେ ମଧ୍ୟ ଶଙ୍କି ଯାଆନ୍ତି ।

ରାଉତରା ଜୀବନ ଦେଇ ଏଇ ଗାଁର ରୂପ ବଦଳାଇ ଦେଇଚି । ତା ଜୀବନକାଳ ଭିତରେ ଏ ପର୍ଯ୍ୟନ୍ତ ଗାଁର ଗୋଟିଏ କେହି ମାଲି-ମକଦ୍ଦମାର ଦୁଆର ମାଡ଼ି ନାହାନ୍ତି । ଗାଁରେ ମଧ୍ୟଇଂରାଜୀ ବିଦ୍ୟାଳୟକୁ ହାଇସ୍କୁଲରେ ପରିଣତ କରାଇଚି । ଗାଁରେ ଡାକ୍ତରଖାନା, ହାଟ ବସାଇଚି । ତାର ଯତ୍ନରେ ଗାଁରେ କେଉଁଠି ନୂଆ ରାସ୍ତା ହୋଇଚି । ରାଉତରା ଉଦ୍ୟମରେ ପୋଖରୀଟିଏ ଖୋଳା ହୋଇ ଗାଁ ଲୋକଙ୍କର ବହୁ ଅସୁବିଧା ଦୂର ହୋଇଚି । ଗାଁରେ ଯାନିଯାତ୍ରା, ମେଳା ମହୋତ୍ସବ ଲାଗି ରହିଚି ।

Digitized by srujanika@gmail.com

ରଉତରା ଏ ଗାଁ ଗୋଟିକର ଜମିଦାର, ଏକଥା ଭୁଲି ଯାଇଚି । ଅନ୍ତରର ଅନାବିଳ ସ୍ନେହ ଦେଇ ସମସ୍ତଙ୍କୁ ସେ ଗୋଟିଏ ଆଖିରେ ଦେଖିଆସିଛି । ସମସ୍ତଙ୍କ ଉପରେ ବଡ଼ ଏ କଥା ସେ କଳ୍ପନାରେ ଆଣିନାହିଁ । ସମସ୍ତଙ୍କୁ ସ୍ନେହ ବିନିମୟରେ ଆପଣାର କରିଚି । ଏଇ ଗାଁଟିକୁ ସେ ଆଦର୍ଶରେ ପରିଣତ କରବାକୁ ନିଜର ସ୍ୱପ୍ନ ଓ ସାଧନା ଦେଇ ଲାଗି ଆସିଅଛି ।

ତାର ବାପା ଦାଦି ନିଜ ଶିଙ୍ଗରେ ମାଟି ଖୋଳି ବଡ଼ ହୋଇଥିଲେ । ନିଜ କର୍ମନିଷ୍ଠାରେ ସେମାନେ ଲକ୍ଷ୍ମୀଙ୍କର ବରପୁତ୍ର ହୋଇପାରିଥିଲେ । ବେଳ ଆସିଥିଲା, ସେମାନଙ୍କ ଜୀବନର ଦୁଃଖ ଅବସାଦ ପରିବର୍ତ୍ତେ ସୁଖର ଜୁଆର ମାଡ଼ି ଆସିଲା । ରହୁଁ ରହୁଁ ଗୋଟିଏ ବରଷ ଭିତରେ ସବୁ ବଢ଼ିଗଲା । ରଉତରୁ ହେଲେ ରଉତରାୟ । ଜମିଦାରୀ କିଣା ହେଲା । ମହାଜନୀ କାରବାର ହେଲା । ଧନରେ ବଡ଼ ହେଇଥିଲେ—ପୁଣି ମାନରେ ବଡ଼ ହେଲେ ଏଇ ଗାଁ ଗୋଟିକରେ ।

ସେହିପରି ଭଗବାନ ରଉତରା ବଂଶର ପୂର୍ବ ଗୌରବକୁ ତଳେ ପକାଇ ଦେଇନାହିଁ । ଗାଁର ଭଲ କରିବାକୁ ଯାଇ ବା ଜୀବନକାଳ ଭିତରେ ଏ ପର୍ଯ୍ୟନ୍ତ ବହୁତ ଦୁଃଖ ଘେନେଇଚି । କିନ୍ତୁ ସବୁ ସେ ଏଡ଼ିଦେଇଚି ହସିହସି—ପୁଣି ଛାତି ଫୁଲାଇ ରହିଚି ଏଇ ଗାଁ ଦାଣ୍ଡରେ ପାଞ୍ଚ ପରିଶିକି ମଣିଷ କରି ।

ସେ କୁହେ, ଆମେ ଆସିଚେ ଏଇ ସୁନ୍ଦର ପୃଥିବୀକୁ ମଣିଷ ଜନମ ନେଇ, ଖାଲି କଣ ଖଟି ଖଟି ପେଟେ ଖାଇ ନିଶ୍ଚିନ୍ତ ହୋଇ ରହିବାକୁ ? ନିଜର ସ୍ୱାର୍ଥ ନେଇ ସବୁବେଳେ ଲିପ୍ତ ରହିବା—ଆଉ ବାହାର ଦୁନିଆକୁ ଟିକିଏ ଆଖି ଖୋଲି ଚାହିଁବା ନାହିଁ ? ଜନ୍ମମାଟିର ସେବାପାଇଁ ନିଜର କଣିକାଏ ଦାନ ବି ଦେବା ନାହିଁ ? ସାରା ଦିନର ଚବିଶ ଘଣ୍ଟା ଭିତରୁ ଯଦି ପାଞ୍ଚ ମିନିଟ ଅନ୍ତତଃ ଜନ୍ମମାଟି ଭାବନାରେ ନ କଟାଇବା, ତେବେ ମଣିଷ ଜନମ ପାଇ ବୃଥା ।

ରଉତରାୟ ପ୍ରତିଦିନ ଶୋଇବା ପୂର୍ବରୁ ପାଞ୍ଚମିନିଟ ଜନ୍ମମାଟିର ଚିନ୍ତା କରେ । ଭାବୁ ଭାବୁ ଜନ୍ମମାଟି ଚିନ୍ତାରେ କେତେବେଳେ ସେ ହସେ—ପୁଣି କେତେବେଳେ କାନ୍ଦେ । ତା ଆଖି ଆଗରେ ଦିଶେ ଜନ୍ମମାଟିର ମଳିନ ବେଶ—ବିକଳ ବଦନ । ଜନ୍ମମାଟି ମୁହଁରେ ହସ ଫୁଟାଇବାକୁ ସେ କେତେ ନୂଆ ନୂଆ ପରିକଳ୍ପନା କରେ । ସେହି ପରିକଳ୍ପନାରେ ଗାଁ ଲୋକଙ୍କୁ ଅନୁପ୍ରାଣିତ କରାଏ ।

ରଉତରାୟ ଘରେ ଆଜି ଆଉ କେହି ନାହାନ୍ତି । ଦିନେ ଜଣେ ଥିଲା, ତା ପଛେ ପଛେ ସମସ୍ତେ ଯାଇଚନ୍ତି—ଘରର ଶିରୀ ତୁଟି ଯାଇଚି—ଜୀବନର ସ୍ନେହ, ପ୍ରେମ, କରୁଣା ତା ପଛେ ପଛେ ସବୁ ମରିଯାଇଚି । କାଲିପରି ଲାଗୁଚି—ଅତୀତର କଥାଗୁଡ଼ା ମନ ବହୀରେ ଘୁମେଇ ପଡ଼ିଲାଣି । ବେଳେବେଳେ ସେ ଅଲକ୍ଷିତରେ—ସପନ ରୂପରେ ଆସେ । ରଉତରା ମନ ଉପରେ ନିଜର ରଙ୍ଗ ଟିକେ ଅଜାଡ଼ି ଦେଇ ଚାଲିଯାଏ । ହୃଦୟ ଟବର ଟବର କରିଉଠେ । ରଉତରା ଚାହିଁ ଦେଖେ କିଛି ନାହିଁ । ସବୁ ଲିଭିଗଲାଣି ଭଙ୍ଗା ଜୀବନର ସାତେରୀ ସେ ପଟରେ । ଭବେ ଅସ୍ତଗାମୀ ସୂର୍ଯ୍ୟର ହଳଦିଆ କିରଣ ଟିକରେ ଆଉ ତା ଲାଭ କଣ ? ଜୀବନର ମାଧୁରିମା ହଜିଚି—ଆଉ ବା ସେ କେତେ ଦିନ । ଲକ୍ଷ୍ମୀଙ୍କି

Digitized by srujanika@gmail.com

ସେ କେବେ କରଛଡ଼ା କରି ନ ଥିଲା । କିନ୍ତୁ ସେ ଦିନେ ତାକୁ ଦଦରା ନାବରେ ଏକଲା ଭସାଇଦେଇ ହଜିଗଲା ଦିଗନ୍ତ ସେପାରିରେ । ସବୁ ଫାଙ୍କି । ଆଜି ଯେ ଅତି ଆପଣାର—କାଲିକୁ ସେ ପର—ସାତ ପରଠୁ ବି ହୀନ ।

ସବୁ କାଲିପରି ଲାଗୁଛି । ବାହାଘର—କେତେ ଯାକଯମକ ରୋଶଣୀ, ଭଲିକି ଭଲି ବାଣ, ଅସୁମାରି ଲୋକଗହଳି ଭିତରେ ବିଜିପୁର ଗାଁ ଦାଣ୍ଡ କମ୍ପି ଉଠିଥିଲା । ପଟନାଏକ ବଂଶର ଅଲିଅଳ ଝିଅ ଲକ୍ଷ୍ମୀକି ସେ ସାଥିରେ ଧରି ଫେରି ଆସିଥିଲା । କି ସୁନ୍ଦର ହଳଦୀ ଗର ଗର ରୂପ—ସରୁ ସରୁ ଭ୍ରୂଲତା ତଳେ ଢଳ ଢଳ ଉହାଣୀ । ଓଠରେ ଲାଗି ରହିଛି ହସ—ଆଖିରେ ଆବେଗ—ମୁଖ-ମଣ୍ଡଳରେ ଭରିରହିଛି ଅପୂର୍ବ କମନୀୟତା । ରୂପରେ ଦିନେ ମୋହିଥିଲା ତାର ଯଉବନର ଚଞ୍ଚଳ ମନ—ଗୁଣରେ ପୁଣି ଦିନେ କିଣିଲା ଏଇ ଗାଁ ଗୋଟିକର ଆଉ ସାଇପଡିଶାଙ୍କର ମନ । ଗାଁର ଦୁଃଖୀ ଦରିଦ୍ରଙ୍କର ଅଭାବ ଅନଟନ ସେ ବୁଝୁଥିଲା । ସବୁବେଳେ ତାଙ୍କ ପାଇଁ ଲକ୍ଷ୍ମୀଭଣ୍ଡାର ପରିପୂର୍ଣ୍ଣ ଥିଲା ।

କେଇଟା ଦିନ ପରେ ଲକ୍ଷ୍ମୀର ଖାଲି କୋଳ ପୂରିଉଠିଲା । ପୁଅଟିଏ । ରଉତରାୟ ଆନନ୍ଦରେ ଅତ୍ମହରା ହୋଇପଡ଼ିଥିଲା । ଭୋଜି ଭାତ ହେଲା—ଗାଁ ଲୋକେ ଖାଇଲେ । ଗରିବ ଗୁରୁବାଙ୍କୁ କେତେ କଣ ଦିଆନିଆ ହେଲା । ଠିଆପାଲା ହେଲା । ରାଧାଗୋବିନ୍ଦ ଜିଉ ମନ୍ଦିରରେ କେତେ କଣ ଆରାଧନା ହେଲା । ପୁଅଟିକୁ ତମେ ଆଶିଷ ଦିଅ ଠାକୁରେ, ସେ ବଞ୍ଚିରହୁ ଏ ଦୁନିଆରେ ।

ପୁଅଟିକୁ ଠାକୁରେ ଆଶିଷ ଦେଇ ବଞ୍ଚାଇ ରଖିଲେ । କିନ୍ତୁ ମଝିବୟସରୁ ଲକ୍ଷ୍ମୀ ପରପାରିର ଯାତ୍ରୀ ହେଲା । ସଂସାର ସାଗରରୁ ଗୋଟିଏ ବୋଇତ ବୁଡ଼ିଗଲା । ଲକ୍ଷ୍ମୀର ବିୟୋଗରେ ରଉତରା ଭାଙ୍ଗିପଡ଼ିଲେ । କିନ୍ତୁ ଦିନ କେଇଟା ପରେ ସବୁ ଦୁଃଖ ଗ୍ଲାନି ଭୁଲି ନିଜକୁ ସଜାଡ଼ି ପୁଅଟିକୁ ମଣିଷ କରିବାକୁ ଲାଗିଲେ ।

ରଉତରା ଭାବେ ଅତୀତକୁ ଭାବି ଆଉ ଲାଭ କଣ ? ଲକ୍ଷ୍ମୀ ଯାଇଛି—ସେ ବି ଯିବ । ଆଖି ସାମନାରେ ଏଇ ଆକାଶଟା ଦିଶୁଚି କେଡ଼େ ସ୍ୱଚ୍ଛ, ସୁନ୍ଦର । ହାଲୁକା ବଉଦର ତଳେ ତଳେ ଫୁଟିଉଠିଚି କି ସୁନ୍ଦର ଜହ୍ନ । ସୁଲୁ ସୁଲୁ ପବନ ଦେଉଚି । ଘୂରି ଘୂରି ଟେଟେଁଇ ଚଢ଼େଇ ବୋବାଉଚି । ଟିକିଏ ପରେ ପୁଣି ଘୋଟି ଆସିବ ଅନ୍ଧାର । ଜହ୍ନ ଲିଭିଯିବ—ପବନ ହଜିଯିବ । ଟେଟେଁଇ ଚଢ଼େଇର କରୁଣ ରାଗିଣୀ ଭାସିବୁଲିବ ଆକାଶର ଦେହରେ । ଜୀବନଟା ଠିକ୍ ଏଇ ଆଖି ସାମନାର ଆକାଶ ପରି । କେତେବେଳେ ଆଲୁଅ . ପୁଣି କେତେବେଳେ ଅନ୍ଧାର ।

ଅତୀତ ଓ ବର୍ତ୍ତମାନର ଭାବନା ମଝିରେ ଗଡ଼ିଯାଇଚି କେତୋଟି ବର୍ଷ । ପୁଅ ତାର ବହୁତ ପାଠପଢ଼ି ଫେରିଆସିଚି ସହରରୁ । ଦିନ କେଇଟା ପରେ ପୁଅର ବାହାଘର । ରଉତରା ଭାବୁଚି ଏତକ କରିଦେଲେ ନିଶ୍ଚିନ୍ତ ହୋଇଯିବ । ଦେଖିକି ସେ ପୁଅ ବୋହୂର ସୁଖ ସଂସାର ଦେଖି ଆଖି ବୁଜିବ ।

Digitized by srujanika@gmail.com

ଅନ୍ତରର ଅଭିଳାଷ, ମନର ଆଶା ଯଦି ଠିକ୍‌ଭାବେ ପୂରଣ ହୁଅନ୍ତା ତେବେ ସରଗ ପାଲଟନ୍ତା ଏଇ ମରତ ଭୂଇଁ । ପୁଅ ବାହା ହେଲା । ରାଉତରା ଶହ ଶହ ଟଙ୍କା ଅଜାଡ଼ିଦେଲା । ବାଛି ବାଛି ଆଣିଲା ସୁନାର ପ୍ରତିମା ବୋହୂଟିଏ । କିନ୍ତୁ କଣ ହେବ, ପୁଅ ବୋହୂ ନେଇ ଦିନ କେଇଟା ବି ରହିପାରିଲା ନାହିଁ ।

ଗୋଟିଏ ବୋଲି ପୁଅ ଏଇ ପ୍ରତାପ । ସେ ବି ବାପର ହୃଦୟ ବୁଝିଲା ନାହିଁ । ବାପର ଆଦର୍ଶ ଦଳି ଦୂରି ସହରର ଚାକିରୀ ଘରକୁ ଫେରିଆସିଲା । କେଇଟା ଦିନ ପରେ ପୁଣି ରାଉତରା ଘରର କୁଳବଧୂ ସହରର ଭଡ଼ାଘରେ ଆସି ଆଶ୍ରୟ ନେବାକୁ ପଡ଼ିଲା ।

ଜମିଦାରୀ ଖବର କିଛି ବୁଝିହେଲା ନାହିଁ । ଘରର ବିଲବାଡ଼ି ଉଜୁଡ଼ି ଯିବାରେ ଲାଗିଲା । କିନ୍ତୁ ପୁଅ ତାର କେଇଟା ଟଙ୍କା ନେଇ ସହରର ଚାକିରୀ ଜୀବନ ଅତିବାହିତ କଲା । ନିଜେ ଗଲା । ପୁଣି ରମାକୁ ବି ସାଙ୍ଗରେ ନେଇଗଲା ।

ବୋହୂକୁ ନେଇଯିବା ଦିନ ରାଉତରା ପଦୁଟିଏ ବି କଥା ପୁଅକୁ କହିନାହିଁ । କିନ୍ତୁ ରମା ଯେତେବେଳେ ଆସି ଗୋଡ଼ତଳେ ପଡ଼ି ଅନୁମତି ମାଗିଲା—ସେତେବେଳେ ରାଉତରା ଆଖିରୁ ଧାର ଧାର ଲୁହ ବହିଗଲା । ଦୁଃଖ-ମିଶା ଗଳାରେ କହିଲା, ବୁଢ଼ା ପୁଅକୁ ଛାଡ଼ି ଯିବାକୁ ତମର କିମିତି ସତ ବଳୁଚି ମା' । ନା ନାଁ ମା, ତମର ଦୋଷ କଣ ? ପୁଅ ତ ମୋର ନୁହେଁ, ଯା ମା..... ସମସ୍ତେ ଯାଅ । ରାଉତରା ବଂଶର ମିଞ୍ଜି ମିଞ୍ଜି ହୋଇ କେଇଟା ଦୀପ ଜଳିବା ଅପେକ୍ଷା ଲିଭିଯିବା ତାଠୁ ଶତଗୁଣେ ଭଲ ।

ପ୍ରତାପର ପଥର ମନ ତଥାପି ଟଳିଲା ନାହିଁ ।

ପୁଅ ବୋହୂ ସହର ଯିବା ଦିନୁ ବୁଢ଼ାର ବେଶି ସମୟ ରାଧାଗୋବିନ୍ଦ ଜିଉ ମନ୍ଦିରରେ କଟେ । ଘରକୁ ଲାଗି ମନ୍ଦିର । ରାଧାଗୋବିନ୍ଦ ଜିଉ ଯୁଗଳ ମୂର୍ତ୍ତି ବିଦ୍ୟମାନ । ରାଉତରା ବଂଶର ପୂର୍ବପୁରୁଷ ଏଇ ମନ୍ଦିର ସ୍ଥାପନା କରିଥିଲେ । ସେ ଆଜକୁ କେତେବର୍ଷ ତଳର କଥା । ବଂଶର ଉତ୍‌ଥାନ ପତନ, ସୁଖ-ଦୁଃଖ ସବୁ ଏଇ ରାଧାଗୋବିନ୍ଦ ଜିଉଙ୍କର କରାମତି । ତେଣୁ ତାଙ୍କ ଉପାସନାରେ ଯେପରି ତ୍ରୁଟି ନ ହୁଏ, ସେଥିପାଇଁ ପୁରୁଷାନୁକ୍ରମେ ଖଞ୍ଜା ହୋଇଛି କେତେ ବାଟି ଜମି । ସେହି ଜମିର ଆୟରୁ ମନ୍ଦିର ପରିଚାଳନା ହୁଏ । ପୂଜାରୀ, ଚାକର ଛଡ଼ା ନିଜେ ବୁଢ଼ା ଠାକୁରଙ୍କ ସବୁ ଖରଚ ବୁଝେ ।

ପୁଅ ବୋହୂଙ୍କ ବିରହ ଦୁଃଖ ରାଉତରା ଏଇ ରାଧାଗୋବିନ୍ଦ ଯୁଗଳ ମୂର୍ତ୍ତିକୁ ଚାହିଁ ଭୁଲିଯାଇଚି । ସାରାଦିନ ଏଇ ମନ୍ଦିରରେ କଟେ । ପ୍ରସାଦ ସେବା ଏଇଠି ହୁଏ । ଘର ସାଙ୍ଗରେ ସମ୍ପର୍କ ଖୁବ୍ କମ୍ ।

ଏଇ ମନ୍ଦିର ବେଢ଼ା ଭିତରେ ପୂର୍ବପରି ଗାଁର ନ୍ୟାୟ ବିଚାର ବସେ । ରାଉତରା ଗାଁର ସବୁ କଳହ, ବାଦବିବାଦ ଏଇଠି ତୁଟାଇ ଦିଅନ୍ତି । କାହାରି ମନରେ ସେ କେବେ ଦୁଃଖ ଦେଇ ନାହାନ୍ତି । ସମସ୍ତେ ରାଉତରା ମୁହଁରୁ ପଦେ

Digitized by srujanika@gmail.com

ନ୍ୟାୟ କଥା ଶୁଣିବାକୁ କେତେ ଆଗ୍ରହରେ ରହିଁ ରହିଥାନ୍ତି । ନ୍ୟାୟ କଥା କହିଲେ କିଏ ଯଦି କେବେ ତା ପ୍ରତି ଅଭିମାନ କରେ, ସେ ପ୍ରକାରାନ୍ତରେ ତାକୁ ପାଖକୁ ଡାକିଆଣେ । କୁହେ, ଭାଇ, ରାଉତରା ବଂଶର ଦୀପ ଲିଭିବା ଉପରେ— ଆଉ କାହିଁକି ଏ ବୁଢ଼ା ପ୍ରତି ଅଭିମାନ । ତମେମାନେ ସୁଖରେ ରହିଲେ ମୁଁ ଶାନ୍ତିରେ ଆଖି ବୁଜିବି । ଜୀବନଟା ଖାଲି ହା'ହୁତାଶରେ କଟିଲା । କିଛି କରି ପାରିଲି ନାହିଁ ତମପାଇଁ । ପ୍ରତାପ ତମମାନଙ୍କର ଆଶାରେ ଧୂଳିଦେଇ ଚାଲିଗଲା । ପୁଣି ଯଦି କେବେ ମୁଁ ଆରଜନ୍ମରେ ମଣିଷ ହୋଇ ଆସେ— ତେବେ ଏକଲା ଆସିବି । ଗରିବର ଦୁଃଖରେ ଆଜିପରି ଖାଲି ଲୁହ ଟିକେ ଦେବିନାହିଁ— ଦେବି ରକ୍ତ, ପୁଣି ଜୀବନ । ଭାଇ ବନ୍ଧୁ, ସ୍ତ୍ରୀ ପୁତ୍ର ସବୁ ମିଛ । ଖାଲି ଜୀବନକୁ ଜାଳିପୋଡ଼ି ଦେବାପାଇଁ ଏମାନେ ଯେପରି ଘେରି ରହିଛନ୍ତି ସ୍ୱାର୍ଥଲୋଲୁପ ଦୃଷ୍ଟିରେ ।

କଥା କଥାକେ ଆଜି ରାଉତରାର ଅଭିମାନ । ମଣିଷ ଜୀବନଟା ଯେତେବେଳେ ଖାପଛଡ଼ା ହୁଏ— ସେତେବେଳେ ସବୁ କଥାରେ ଅଭିମାନ ଆପେ ଆପେ ଆସେ ।

ରାଉତରା ହୃଦୟର ପରାଶ ଅନୁଭବ କରିଥିଲା ତାର ପୁତ୍ରବଧୂ ରମା । ଗୋଟିଏ ମାସ ପରେ ରମା ପୁଣି ଫେରି ଆସିଲା ଦୂର ସହରରୁ ଗାଁକୁ । ରାଉତରା ନିକଟରେ ତାର ଅଳି, 'ବାପା, ଏଥର ମୁଁ ତୁମକୁ ସାଙ୍ଗରେ ନେଇଯିବି । ଏକଲା କାହିଁକି ଏଠି ପଡ଼ି ହଇରାଣ ହେବ । କ'ଣ ବୋହୂ ହୋଇ ଆସିଥିଲି ଦୂର ସହରରେ ରହିବାକୁ ? ତମର ସେବା କଣ ମୋ ଭାଗ୍ୟରେ ନାହିଁ ?'

ରାଉତରା ବୋହୂକୁ ପାଖକୁ ଡାକି କହିଲା, 'ରମା, କାହିଁକି ତୋତେ କଷ୍ଟଦେବି । ଏଠି ତ ବେଶ୍ ସୁଖରେ ଅଛି । କଡ଼ିରୁ ତମେ ଦିହେଁ ସିନା ଚାଲି ଯାଇଚ— କିନ୍ତୁ ରାଧାଗୋବିନ୍ଦ ଏବେ ବି ମୋ ପାଖେ ପାଖେ ଅଛନ୍ତି । ଯେଉଁଦିନ ସେ ମୋତେ ଛାଡ଼ି ଚାଲିଯିବେ— ସେଇଦିନ ମୁଁ ତମରି ଆଶ୍ରୟ ନେବି । ଆଜି ନୁହେଁ ।'

ରାଉତରା ଯେତେ ଭୁଲାଇଲେ ବି ରମା ଭୁଲିଲା ନାହିଁ । ତାର ସେଇ ଗୋଟିଏ ଜିଦ୍ ସେ ତାଙ୍କୁ ସାଥିରେ ନେଇଯିବ । ବୁଢ଼ା ଦେଖିଲା ଆଜି ରମାର ଆଗ୍ରହ କାଟିଦେଲେ ଚିରଦିନ ପାଇଁ ସେ ଗୋଟିଏ ସରଳ ସୁନ୍ଦର ହୃଦୟକୁ ହରାଇ ବସିବ । ଭାରି ସରଳା ନିରୀହା ରମା । ବାଛି ବାଛି ରୂପ ଆଉ ଗୁଣ ଦେଖି ତାକୁ ବୋହୂ କରି ଆଣିଥିଲା । ବୋହୂ ହୋଇ ସିନା ଆସିଲା; କିନ୍ତୁ ରାଉତରା ଦୁଃଖ ହରିଲା ନାହିଁ ।

ତଥାପି ରମା ପ୍ରତାପ ପରି ତାକୁ ଅଶ୍ରଦ୍ଧା କରିନାହିଁ । ଏକା ଡେଙ୍ଗରେ ଦୁଇଟି ଫୁଲ । ଗୋଟିଏ ନଇଁପଡ଼ିଚି ତାର ଚରଣ ତଳେ । ଆଉଟି ଆଭିଜାତ୍ୟ ନେଇ ଦୂରେଇ ଯାଇଚି । ବହୁତ ଭାବି ଭାବି ରାଉତରା ରମାର ଅନୁରୋଧ ଆଜି ଏଡ଼ିଦେଇ ପାରିଲା ନାହିଁ । ତିନି କେଇଟା ପରେ ରମା ସାଙ୍ଗରେ ସହରକୁ ଆସିଲା । ପଡ଼ିଶା ଲୋଖାରେ ଭାଇ ସୁଦାମ ଜିମା ଘର ବାହାର, ପୁଣି ମନ୍ଦିରର ସବୁ ଭାର ଲଦିଦେଇ ଆସିଲା ।

Digitized by srujanika@gmail.com

କିନ୍ତୁ ଦିନ କେଇଟା ଯାଇନି । ରଉତର ଏଇ ସହରର ବିଜୁଳି ଆଲୁଅ ତଳେ ଝୁରି ବସିଲା ଦୂର ଗାଁ ଗହଳର କଥା । ପୁଅ ତାର ବଡ଼ ଅଫିସର । ସହରର ସମସ୍ତେ ତାକୁ ଖାତିର କରନ୍ତି । ବଡ଼ଲୋକି କାଇଦାରେ ଘରର ସାଜସଜ୍ଜା ବଡ଼ ମନୋରମ । ବିଜୁଳି ଆଲୁଅ ଜଳୁଚି । ପଙ୍ଖା ଘୂରୁଚି । ନିଇତି ବନ୍ଧୁ ବାନ୍ଧବ ଗହଳିରେ ଘର ପୂରିଉଠୁଚି । ଖାନାପିନାର ଧୁମ୍ ଉଡ଼ୁଚି ।

କିନ୍ତୁ ରସ୍ତାକରର ଉପାସୀଟା ଯଦି ଆସି ହାତ ପତାଉଚି, ପୁଅ ତାର ନାସିକା କୁଞ୍ଚନ କରି ହଟିଯିବାକୁ ନର୍ଦ୍ଦେଶ ଦେଉଚି । ବିଚରା ଫେରି ଯାଉଚି ନିରଶ ହୋଇ—ଆଖି ଲୁହରେ ବଡ଼ ଆଶା ତାର ଭାସିଯାଉଚି କୁଆଡ଼େ । ରଉତରର ମନେପଡ଼ୁଚି ଘର କଥା । କାହିଁ କେବେ ତ ଦିନେ ସେ କାହାରିକି ନିରଶ କରି ଫେରାଇଦେଇ ନାହିଁ । ଏଇ ବଡ଼ ସହରର ଦୟା, ଧର୍ମ କିଛି ନାହିଁ । ସମସ୍ତେ ନିଜର ସ୍ୱାର୍ଥ ନେଇ ବ୍ୟସ୍ତ । କାରଖାନାର କଳପରି ଏଠିକାର ମଣିଷଗୁଡ଼ା । କୁଆଡ଼ୁ ଆସନ୍ତି କୁଆଡ଼େ ଯାଆନ୍ତି କିଛି ଜଣା ପଡ଼େ ନାହିଁ । ମଣିଷ ଭିଡ଼ଠୁ ରସ୍ତାରେ ଗାଡ଼ିଭିଡ଼ ଆହୁରି ବେଶି । ବଡ଼ ଲୋକର ବଡ଼ଗାଡ଼ି ଗୁଡ଼ାକ ଗରିବଙ୍କୁ ଉପହାସ କରି ଯେପରି କହନ୍ତି—ଆମରି ଚକ ତଳେ ତମରି ଜୀବନର ଖାଲି ପୂର୍ଣ୍ଣଚ୍ଛେଦ ।

ବିଳାସିତାରେ ଏଠି ପଇସା ଉଡ଼ୁଚି । କିନ୍ତୁ ଗାଁରେ ମୁଠେ ଖାଇ ଦଣ୍ଡେ ଜୀଇଁବାକୁ ପାଖରେ କାଣି କଉଡ଼ିଟିଏ ବି ନାହିଁ । ଏଠି ଖାଇସାରି ଯା' ଫୋପାଡ଼ି ଦିଅନ୍ତି, ସେଇତକ ଗରିବ ପତରରେ ବି ଦେବାକୁ କୁଣ୍ଠିତ । ଏଠି ପଇସା ବିନିମୟରେ ସ୍ନେହ କିଣାଯାଏ—ସ୍ନେହ ବିନିମୟରେ ପରକୁ ଆପଣାର କରିବା ଏଠି ଅସମ୍ଭବ ପରି ମନେହୁଏ ।

ରଉତରକୁ ସହରର ଏଇ ଦୃଶ୍ୟଗୁଡ଼ା ଆଉ ଭଲ ଲାଗିଲା ନାହିଁ । ନିଜକୁ ଯେପରି ସେ ଅସହାୟ ପରି ଭାବିଲା । ସହରର ବିଜୁଳି ଆଲୁଅ ତଳେ ଦିଶି ଯାଉଥିଲା ଦୂର ଗାଁର ମିଞ୍ଜି ମିଞ୍ଜି ଡିବିରି ଆଲୁଅର ରୂପ । ଧନୀ, ମହାଜନ, ବଡ଼ଲୋକଙ୍କ ଭିତରେ ସେ ଭୁଲି ପାରିଲା ନାହିଁ ଅସ୍ଥିକଙ୍କାଳସାର ମାଗିଖିଆ ଓ ଗାଁର ଦିନ ଦରିଦ୍ରଙ୍କୁ । ବିଳାସିତାର ପଛପଟେ ଦିଶିଲା ଗାଁ ଗହଳିର ନଗ୍ନ କରୁଣ ଚିତ୍ର । ସହରର ବିଷାକ୍ତ ବାୟୁମଣ୍ଡଳ ଭିତରେ ଦିଶୁଥିଲା ଦୂର ଗାଁର ସ୍ନିଗ୍ଧ ମଧୁର ଛବି ।

ରଉତର ଦିନେ ସପନରେ ଦେଖିଲା, ସେ ଆସିଲା ପରଠାରୁ ରାଧାଗୋବିନ୍ଦ ସେବାରେ ତ୍ରୁଟି ହୋଇଚି । ଗାଁରେ ବାଦବିବାଦ ବଢ଼ିଉଠିଚି । ମନ୍ଦିର ବେଢ଼ା ଭିତରେ ଗାଁର କଳହ ତୁଟାଇବାକୁ ଆଉ ନ୍ୟାୟ ନିଶାପ ବସୁନାହିଁ । ଗାଁ ତାର ଆଦର୍ଶ ହରାଇ ଧୀରେ ଧୀରେ ଭୁଷୁଡ଼ି ଯିବାକୁ ବସିଚି । ଗାଁର ଦୁର୍ଦ୍ଦଶା ଦେଖି ରଉତର ଆଖିରୁ ଧାର ଧାର ଲୁହ ବୋହିଯାଉଚି ।

ତା ପରଦିନଠାରୁ ରଉତରକୁ ସହର ଜୀବନ ଅସହ୍ୟ ବୋଧହେଲା । ବଡ଼ଲୋକି ଖାନା ଆଉ ପାଟିକୁ ରୁଚିଲା ନାହିଁ । ରମା ଯେତେ ବୁଝାଇଲା, ରଉତର ସେତେ ଅଧିକ ଚିଲାପରି ହେଲା । ବୋହୂକୁ କହିଲା, ରମା, ମୁଁ ଏଠିକି ଆସିଲା ଦିନୁ ଦିନେହେଲେ ଶାନ୍ତିରେ କଟିଲା ନାହିଁ । ଏଇ ବଡ଼ଲୋକି

Digitized by srujanika@gmail.com

ବାତାବରଣ ନିଜର ଆଦର୍ଶ ଟିକ ବି ମାରି ଦେବାକୁ ବସିଲାଣି । ମୁଁ ଯିବି— ଆଉ ଏଠି ମୁହୂର୍ତ୍ତେ ରହିପାରିବି ନାହିଁ । ଗାଁ ଭୂଇଁ ଅଜଣାରେ ଛପି ଛପି ଆସି ମୋ ମନକୁ ଅସ୍ଥିର କଲାଣି । ଗାଁ ଲୋକଙ୍କର ମାୟା ମୁଁ ଚିରଦିନ ପାଇଁ ତୁଟାଇ ପାରିବି ନାହିଁ ।

ଦୀର୍ଘ ପଅଁଷଠି ବର୍ଷର ବ୍ୟବଧାନ ଭିତରେ ଏଇ ଗାଁ ପ୍ରତି ଯେଉଁ ସ୍ନେହ, ମମତା ଠୁଳହୋଇ ରହିଥିଲା ତାରି ଆକର୍ଷଣ ରଉତରକୁ ଫେରାଇ ଆଣିଲା ପୁଣି ଏଇ ଗାଁ ମାଟିକୁ ।

ଯତନପୁର ଗାଁ ଦାଣ୍ଡରେ ଗୋଡ଼ ଦେବାକ୍ଷଣି ଗାଁ ଲୋକେ ଅନ୍ତରର ଶ୍ରଦ୍ଧାଂଟିକ ଅଜାଡ଼ି ଦେବାକୁ ଦଉଡ଼ି ଆସିଲେ । ଏଇ ଗାଁ ଲୋକଙ୍କର ସରଳ ମନର ଅମୃତଭରା କଥା ଦି'ପଦ ଶୁଣିଲାକ୍ଷଣି ରଉତର ହୃଦୟର ବ୍ୟଥାଟିକ ଲିଭିଗଲା ।

ତା ଯିବାପରେ ଗାଁରେ ବାଦବିବାଦ ଲାଗି ଦି'ସାହି ଭିତରେ ମନାନ୍ତର ସୃଷ୍ଟି ହୋଇଛି । ରଉତର ସବୁ ଘଟଣା ଶୁଣି ଭାବିଲା; ସେ ଯେପରି ଏ ବିବାଦର ମୂଳରେ ସବୁ । ସେ ସହର ଯାଇ ନ ଥିଲେ ସାହି ସାହି ଭିତରେ ଏତେବଡ଼ ମନୋମାଳିନ୍ୟ ଘଟି ନଥାନ୍ତା ।

ତା ଆରଦିନ ରଉତର ଦି' ସାହିର ଲୋକଙ୍କୁ ଡାକିଲା । ରାଧାଗୋବିନ୍ଦ ଭିଅ ବେଢ଼ା ଭିତରେ ବିଚାର ବସିଲା । ପୁଣି କଳହ ତୁଟିଗଲା । ମନ୍ଦିରରେ ସମସ୍ତେ ଠାକୁରଙ୍କ ପ୍ରସାଦ ପାଇ କୋଳାକୋଳି ହେଲେ । ସାହି ସାହି ଭିତରେ ପୂର୍ବ ସୌଜନ୍ୟ ଫେରିଆସିଲା ।

ସେହି ଦିନଠୁ ରଉତର ନିତି ରାଧାଗୋବିନ୍ଦଙ୍କୁ ଜଣାଇ କହେ, ତୁମେ ଏ ଗାଁ ଗୋଟିକର ଦେବତା । ଡମରି କରୁଣାର ବାରି ଯେପରି ଏ ଗାଁ ଗୋଟାକ ମନକୁ ସିକ୍ତ କରୁ । ଆଉ ପ୍ରେମ ବନ୍ଧନରେ ସମସ୍ତଙ୍କ ହୃଦୟକୁ ଏକ କରି ଐକ୍ୟର ବାଣୀ ପ୍ରଚାର ହେଉ । ତମରି ଆଶିଷର ରେଣୁ ଝଡ଼ିପଡ଼ୁ ଆକାଶରୁ ଶୀତଳ ଜୋଛନାଧାର ସମ ଏଇ ଗାଁ ଭୂଇଁ ଉପରେ ।

ରାଧାଗୋବିନ୍ଦଙ୍କ ଆରାଧନା, ଗାଁ ଭୂଇଁର ସେବା ନେଇ ରଉତର ଦିନ କାଟିବାକୁ ଲାଗିଲା ।

ହଠାତ୍ ସେ ବର୍ଷ ଫସଲ ସବୁ ଅନାବୃଷ୍ଟି ହେତୁ ନଷ୍ଟ ହୋଇଗଲା । ଯେଉଁମାନଙ୍କର ପୂର୍ବ ବର୍ଷର ଫସଲ କିଛି ବଳକା ଥିଲା, ସେମାନଙ୍କର ଚଳିଗଲା । କିନ୍ତୁ ଗରିବଗୁରୁବାଙ୍କ ଭାବନା କହିଲେ ନ ସରେ । କାଲିକୁ ଦାନା ନାହିଁ । ଚଳିବେ କିପରି ? ଖେକ ଉପାସରେ ସେଇମାନେ ଛଟପଟ ହେଲେ । ତିନିଦିନରେ ଦିନେ ବି ତାଙ୍କ ଚୁଲିକି ନିଆଁ ଗଲା ନାହିଁ । ଅନାହାରରେ ଜୀବନ ଶକ୍ତି ଭାଙ୍ଗିପଡ଼ିଲା । ସମସ୍ତଙ୍କର ଆଖି ଲୁହରେ ଦିନ କଟିଲା ।

ଗାଁର ଏ କରୁଣ ଦୃଶ୍ୟ ଦେଖି ରଉତର ବିଚଳିତ ହୋଇପଡ଼ିଲା । ସେ ଆଉ ସହିପାରିଲା ନାହିଁ ଏଇ ଗରିବଙ୍କର ଦୁଃଖ । ଗରିବଙ୍କ ଆଖି ଲୁହରେ

Digitized by srujanika@gmail.com

ତା ଆଖି ଛଳଛଳେଇ ଉଠିଲା । ଗରିବ ହୃଦୟର କରୁଣ ରାଗିଣୀର ମୂର୍ଚ୍ଛନାରେ ତା ହୃଦୟ ଥରିଉଠିଲା ।

ରାଉତରା ନିଜକୁ ପର ପାଇଁ ଅଜାଡ଼ି ଦେଇଥିଲା । ଆଜି ଲକ୍ଷ୍ମୀ ଭଣ୍ଡାର ମଧ୍ୟ ପର ପାଇଁ ମୁକ୍ତ ହସ୍ତରେ ଅଜାଡ଼ିଦେଲା । କେତେ ବର୍ଷର ସଞ୍ଚିତ ଧାନ ଅମାର ଖୋଲାହେଲା । ସବୁ ଗରିବ ଭାଇମାନଙ୍କୁ ସେ ପ୍ରତିଦିନ ଦାନ କରିବାକୁ ଲାଗିଲା ।

ତା ଆଖି ଆଗରେ ଏତେ ଫସଲ ସାଇତା ଥାଉଁ ଥାଉଁ ଗାଁର ଏତେ ଲୋକ ଅକାଳମୃତ୍ୟୁ ବରଣ କରିବେ, ଏହା ସେ ନିଜ ଆଖିରେ ଦେଖି ପାରିବ ନାହିଁ । ସବୁ ଯାଉ—ରାଉତରା ପଥର ଭିକାରୀ ହେଉ; କିନ୍ତୁ ଧର୍ମପରାୟଣ ବଂଶର ବିଭବଟିକ ଲିଭି ନ ଯାଉ । ଲୋକେ ଜାଣନ୍ତୁ ରାଉତରା କାଙ୍ଗାଳ ହୋଇଚି ସେଇମାନଙ୍କ ପାଇଁ ।

ବାପାଙ୍କର ଏଇ ମରମତିର ଖବର ପାଇ ସହରରୁ ଆଜି ଦଉଡ଼ି ଆସିଚି ପ୍ରତାପ । ନିଜେ ଆସି ନ ଥିଲେ ବାପା ସବୁ ସମ୍ପତ୍ତି ଇମିତି ଅଜାଡ଼ି ଦେବେ । ବାପାଙ୍କର ସିନା ଦିନକାଳ ପୂରିଆସିଲା—କିନ୍ତୁ ତା'ର ଓ ତା' ପିଲାପିଲିଙ୍କର ଭବିଷ୍ୟତ ତ ପୁଣି ଅଛି । ତାଙ୍କ ପାଇଁ ବାପା କଣ ଏଇଆ କରୁଛନ୍ତି ।

ପ୍ରତାପ ବାପାଙ୍କ କାମରେ ବାଧାଦେଲା । ମୁହେଁ ମୁହେଁ ସେ ଆଜି ବାପାଙ୍କୁ ଦି'କଥା ବଢେଇଲା । ବାପା, ଗରିବଙ୍କ ପାଇଁ ଏତେ ଭାଙ୍ଗି ପଡୁଚନ୍ତି— କିନ୍ତୁ ମୋ ପିଲାପିଲିଙ୍କ ମୁହଁ ରୁହିଁ କଣ କରୁଚନ୍ତି ।

ରାଉତରା ହସିଲା । କହିଲା, ପ୍ରତାପ । ଏଇ ଗାଁର ଗରିବଗୁଡ଼ା କଣ ମୋର ପୁଅ, ଝିଅ, ତୋର ଭାଇ ଭଉଣୀ ନୁହନ୍ତି । ସେମାନେ ଆଜି ବଞ୍ଚିଲେ କାଲି ସକାଳେ ଆମର ପିଲା କବିଲାଙ୍କୁ ବଞ୍ଚାଇ ରଖିବେ । ଗରିବ ଏମାନେ ସତ— କିନ୍ତୁ ସହରର ଲୋକଙ୍କ ପରି ଏମାନେ ଏତେ ଅକୃତଜ୍ଞ ନୁହନ୍ତି । ସବୁ ସମ୍ପତ୍ତି ଚାଲିଗଲେ ଦୁଃଖ ନାହିଁ ପ୍ରତାପ—କିନ୍ତୁ ଗୋଟିଏ ଜୀବନ ହଜିଗଲେ ଏତେବଡ଼ ଦୁଃଖ ମୁଁ ସହିପାରିବି ନାହିଁ । ଆଉ ତୋର ପିଲାପିଲି ତ ଆଜି ଉପାସରେ ଶୋଇ ନାହାନ୍ତି । ତାଙ୍କ ପାଇଁ ତୋର ଏତେ ଭାବନା କାହିଁକି ?

ପ୍ରତାପ ମନରେ ଟିକିଏ ହେଲେ କରୁଣାର ଉଦୟ ହେଲା ନାହିଁ । ସେ ଅମାର ଘରେ ତାଲା ପକାଇବାକୁ ବସିଲା । ରାଉତରା ବାଧାଦେବାକୁ ଆଗେଇ ଠିଆହେଲା । କହିଲା— ପ୍ରତାପ ଏ କଣ କରୁଛୁ । ଗରିବଙ୍କ ଦାନାରେ ଧୂଳି ଦେଲେ ନିଜ ଦାନାରେ ଭଗବାନ ଧୂଳିଦେବେ । କୌଣସି କଥାକୁ କାନ ନ ଦେଇ ପ୍ରତାପ ବାପାଙ୍କୁ ଦୂରକୁ ଠେଲିଦେଲା । ଜୋର କରି ଅମାରରେ ଚାବି ପକାଇଲା ।

ପ୍ରତାପର ଧକ୍କାରେ ରାଉତରା ତଳେ ପଡ଼ିଗଲା । ତା' ଆଖିରୁ ଛୁଟିଲା ଧାର ଧାର ଲୁହ । ସେ ପାଗଳଙ୍କ ପରି ଦଉଡ଼ିଲା ରାଧାଗୋବିନ୍ଦ ଜିଉ ମନ୍ଦିର ଆଡ଼େ ।

Digitized by srujanika@gmail.com

ମନ୍ଦିର ଭିତରେ ପଶିଯାଇ ରାଉତରା କବାଟ କିଳିଦେଲା ଆଉ ନିଜେ ଲମ୍ବ ହୋଇ ଠାକୁରଙ୍କ ପାଦତଳେ ଲୋଟିପଡ଼ିଲା । ଆଖିର ଲୁହରେ ଠାକୁରଙ୍କ ସିଂହାସନ ସିକ୍ତ ହୋଇ ଉଠିଲା । ରାଉତରା ଭେ ଭେ ହୋଇ କାନ୍ଦିଉଠି କହିଲା, ଠାକୁରେ ଆଉ କାହିଁକି ମୋତେ ବଞ୍ଚାଇ ରଖିଚ ? ପ୍ରତାପ ଆଜି ରାଉତରା ବଂଶରେ କାଳିମା ବୋଳିଚି । ବାପାକୁ ତା'ର ଉପଯୁକ୍ତ ପୁରସ୍କାର ଦେଇଚି । ମୋତେ ଏଥର ମୁକ୍ତି ଦିଅ, ତମରି ଚରଣତଳେ ମୋତେ ସ୍ଥାନ ଦିଅ ।

ରାଉତରାର କାତର ପ୍ରାର୍ଥନାରେ ପାଷାଣ ଦିଅଁ ଥରିଉଠିଲା । ପୂଜା ଦୀପ ଲିଭିଗଲା । ଘର ଭିତରଟା ଘୋଟିଗଲା କିଟି କିଟି ଅନ୍ଧାର । ରାଉତରା ଦେଖିଲା, ସେହି ଅନ୍ଧାରରେ କିଏ ଆଲୋକବର୍ତ୍ତିକା ଧରି ତାକୁ ଡାକୁଚି । ଆସ— ତମରି ହୃଦୟରେ ମୁଁ ଦିନରାତି ରହିଥିଲି —ଏଣିକି ତମେ ମୋ ହୃଦୟରେ ମିଶିଯାଅ । ରାଉତରା ଧୀରେ ଧୀରେ ସେହି ଅଦୃଶ୍ୟ ମୂର୍ତ୍ତିର ପଥ ଅନୁସରଣ କଲା ।

ସନ୍ଧ୍ୟାବେଳେ ଯେତେ କବାଟ ବାଡ଼େଇଲେ ଖୋଲିଲା ନାହିଁ । ତା ପରଦିନ ବି କବାଟ ଖୋଲିଲା ନାହିଁ । ଠାକୁରଙ୍କ ପୂଜାପାଠ ଇତ୍ୟାଦି ସବୁ ବନ୍ଦ । ପୁଅପ୍ରତି ଅଭିମାନ କରି ରାଉତରା କବାଟ କିଳିଚି ବୋଲି ଗାଁରେ ଜନରବ ବ୍ୟାପିଗଲା । ଗ୍ରହୁଁ ଗ୍ରହୁଁ ଲୋକ ଜମା ହୋଇଗଲେ ।

ଯେତେ ମନ୍ଦିର ଦରଜା ନିକଟରେ ଡାକିଲେ, ଉତ୍ତର ମିଳିଲା ନାହିଁ । ସନ୍ଦେହରେ ସମସ୍ତେ ପଡ଼ି କବାଟ ଡାଡ଼ି ବାହାର କଲେ । ଦେଖିଲେ ରାଉତରା ଠାକୁଙ୍କ ପାଦତଳେ ଲୋଟିପଡ଼ିଚି । ପ୍ରାଣବାୟୁ ଛାଡ଼ି ଯାଇଚି କେତେବେଳୁ । ରାଉତରାର ଆଖିରୁ ଲୁହ ଦାଗ ଏବେ ବି ଶୁଖିନାହିଁ । ରାଧାଗୋବିନ୍ଦ ଜିଉଙ୍କର ବେନି ନୟନରୁ ଲୁହଧାର ଗଡ଼ିପଡ଼ୁଚି ।

ସୂର୍ଯ୍ୟ ବୁଡ଼ିଗଲା । ଅନ୍ଧାର ଘୋଟିଗଲା କ୍ଷଣକରେ । ଗାଁ ସାରା ଦୁଃଖରେ ଭାଙ୍ଗିପଡ଼ିଲେ । କାନ୍ଦି କାନ୍ଦି ଯେତେ ଡାକିଲେ ରାଉତରା ଆଜି ଆଉ ଲୋକଙ୍କର ଦୁଃଖ ଶୁଣି ପଦେ କଥା କହିଲା ନାହିଁ ।

ଗାଁ ଲୋକେ ବୁଝିଲେ ରାଉତରା ଆଜି ଖାଲି ପ୍ରତାପ ପ୍ରତି ଅଭିମାନ କରିନାହିଁ—ସେ ଆଜି ସମସ୍ତଙ୍କ ପ୍ରତି ଅଭିମାନ କରିଚି । ତାର ହୃଦୟର ଭାଷା ଏବେ ବି କେହି ବୁଝି ନାହାନ୍ତି । ତା'ର ଆଦର୍ଶକୁ ପୁଅ ତା'ର ଦଳି ଦେଇଚି । ଗାଁ ଭୂଇଁକୁ ରାମରାଜ୍ୟରେ ପରିଣତ କରି ପାରିନାହିଁ । ବୁଢ଼ାର ଜୀବନସାରା କର୍ମଯୋଜନା ଶେଷ ଜୀବନରେ ବିଫଳ ହୋଇଚି ।

ମହାପୁରୁଷ ସେ—ସେଥିପାଇଁ ବୋଧେ ରାଧାଗୋବିନ୍ଦ ତାକୁ କୋଳକୁ ନେଇ ସ୍ୱାର୍ଥ, ହିଂସା, ମାୟାଜଡ଼ିତ ଏଇ ଦୁନିଆ ଜଞ୍ଜାଳରୁ ଛୁଟି ଦେଇଛନ୍ତି ।

●

Digitized by srujanika@gmail.com

• ଚିନ୍ତେଇ ସଇଁ

ବିଲମାଳ ଭିତରେ ଛୋଟିଆ ବୋଲି ବକଟେ ଗାଁ—ଶରଦେଇପୁର । ଗାଁରେ ତିରିଶ ଚାଳିଶଟି ଘର । ସମସ୍ତେ ନିର୍ଭର କରନ୍ତି ସାରାବର୍ଷ ଏଇ ଚାଷ ଉପରେ । ମାଟି ସାଙ୍ଗରେ ମାଟି ହୋଇ ସେମାନେ ମିଶି ଯାଆନ୍ତି । ତାଙ୍କରି ଟାଣୁଆ ହାତର କରାମତିରେ ଏଇ ମାଟି ଉପରେ ହସିଉଠେ ସୁନାର ଫସଲ । ଖରା, ବରଷାର ନିୟମିତ ଆଶୀର୍ବାଦ ଝଡ଼ିପଡ଼େ ବର୍ଷ ବର୍ଷ ଧରି ଏଇ ଗାଁ ଉପରେ । ସେଇଥିପାଇଁ ଗାଁରେ ଅନାହାରରେ କା'ର ଗୋଟିଏ ଦିନ ବି କଟିନି । ସମସ୍ତଙ୍କ ମୁହଁରେ ହସ, ଆଖିରେ ଆବେଗ, ହୃଦୟରେ ମମତା, ଆଉ ମନରେ କାମ କରିବାର ସ୍ପୃହା ଯେପରି ଭରିରହିଚି । ଖୁସିରେ ଦି'ଟା ଖାଅ, ମୋଟା ସୋଟା ଖଣ୍ଡେ ପିନ୍ଧ, ଆଉ କାମ କରିଯାଅ, ଏଇ କଥା ଯେପରି ଗାଁର ପ୍ରତ୍ୟେକ ଲୋକ ଅନୁଭବ କରନ୍ତି ।

ଗାଁରେ କେହି ବିଦେଶ ମାଟି ମାଡ଼ି ନାହାନ୍ତି; କି କେହି କେବେ ଭୁଲରେ ବିଦେଶ ବାହାରିଲେ ଗାଁର ପୁରୁଖା ଲୋକ ଚିନ୍ତେଇ ସଇଁ ଆକଟ କରି କହେ, କିରେ ହିତମାଟି ହିଡ଼ରେ ଲଦିବାକୁ ଗଛେଇଲୁ କିରେ ? ସାତପୁରୁଷର ଭିଟାମାଟି ଛାଡ଼ି ଯିବୁ ବିଦେଶରେ କୁଲିଗିରି କରିବାକୁ ? ନିଜର ଖାଇବା ପତର ଛାଡ଼ି ଯିବୁ ପରର ଅଇଁଠା ପତର ଚାଟିବାକୁ । ଛି, ଛି, ଚିନ୍ତେଇ ସଇଁ ବଞ୍ଚି ଥାଉଁ ଥାଉଁ ଆ କଦାପି ହେବ ନାହିଁ ।

ସତକୁ ସତ ଚିନ୍ତେଇ ସଇଁ କଥା କେହି କାଟିଦେଇ ପାରନ୍ତି ନାହିଁ । ଯେତେହେଲେ ପୁରୁଖା ଲୋକ ପୁଣି ଏଇ ଗାଁ ଗୋଟାକର ସବୁ ଅରଦଳି ତା'ରି କତିରେ ! ଗାଁର ଭଲ ମନ୍ଦ, ନ୍ୟାୟ ନିମନ୍ତ, ସବୁ କଥାକୁ ଚିନ୍ତେଇ ସଇଁ ଆଗ । ସମସ୍ତଙ୍କ ପ୍ରତି ତାର ସମାନ ବିଚାର । ତା ଆଖିରେ ଏଇ ଗାଁ ଗୋଟାକଯାକ ଗୋଟିଏ—ସମସ୍ତେ ଗୋଟିଏ ପରିବାର । ଛୋଟ ବଡ଼ କେହି ନାହାନ୍ତି । ସମସ୍ତେ ଯେପରି ଗୋଟିଏ ରକତ ଧାରରେ ଗଢ଼ା ।

ଚିନ୍ତେଇ ସଇଁକି ବୟସ ହେଲାଣି ଆସି ଚାରିକୋଡ଼ି ପାଞ୍ଚ । ମୁଣ୍ଡ ବାଳଗୁଡ଼ା ପାଚିଗଲାଣି—ଅଣ୍ଟା ନଇଁ ପଡ଼ିଲାଣି । ଆଖିର ଜ୍ୟୋତି କମି କମି ଆସିଲାଣି । ତଥାପି ବୁଢ଼ା ହଟି ନାହିଁ । ଆଜି ବି ଏଇ ବୟସରେ ସେ ହାତରେ ଦାଆ ଧରି ବଗିଚା କାମ କରେ । ଗାଈଗୋରୁ ଧନ୍ଦା କରେ, ଗୁହାଳ ପୋଛେ । ବୁଲି ବଗିଚା ଯାକ ଘୂରି ଘୂରି ଘାସ ବାଛେ । ଘରର ହାନିଲାଭ ବୁଝେ ।

ମଝିରେ ମଝିରେ ନିଜେ ଯାଇ କ୍ଷେତର ଫସଲ କଣ ହେଲା ଦେଖେ । ବୁଢ଼ାର ଜମି ପଦର ମାଣ । ନିଜେ ସେ ଜମି ଚଷି ବୁଢ଼ା ହୋଇଚି । ଶେଷରେ ଯେତେବେଳେ ଏ ବୟସରେ ଖଟଣି ସହ୍ୟ ହେଲା ନାହିଁ—ଜ୍ୱର, ମୁଣ୍ଡବ୍ୟଥା,

Digitized by srujanika@gmail.com

ଗୋଡ଼ହାତ ଘୋଳାବିନ୍ଧା, ବୟସର ଲାଗିରହିଲା । ସେତେବେଳେ ସେ ଅନିଚ୍ଛାସତ୍ତ୍ୱେ ରୁଷି କାମରୁ ଦୂରେଇ ରହିଲା । ଦୁଇଟି ଲୋକ ରଖିଛି । ସେମାନେ ରୁଷିବାସର ତତ୍ତ୍ୱ ନିଅନ୍ତି । ଖାଲି ମଝିରେ ମଝିରେ ବୁଢ଼ାର ପ୍ରାଣ ଯେତେ-ବେଳେ ଛଟପଟ ହୋଇଉଠେ, ସେ ଦଉଡ଼ିଯାଏ ବହୁଦିନର ପୁରୁଣା ବାଉଁଶ ବେଣ୍ଟର ଛତାଟି ହାତରେ ଧରି କିଆରୀ ମୁଣ୍ଡକୁ । ଭଲ କରି ଥରେ କିଆରୀକୁ ରୁହେଁ । ମୁକୁଳା ପବନରେ ପିଟିହୋଇ ଧାନଗଛଗୁଡ଼ା ନଇଁପଡ଼େ ଚିନ୍ତେଇ ସଇଁ ଆଡ଼େ । ସତେ ଯେପରି ଶସ୍ୟଭରା କେଦାର ଏଇ ମାଟିର ମଣିଷଟିକୁ ଜଣାଇଦିଏ ହୃଦୟର ଶ୍ରଦ୍ଧା ନିବେଦନ । ଚିନ୍ତେଇ ସଇଁ ହିଡ଼ ମୁଣ୍ଡରେ ବସିପଡ଼େ । ହାତଟା ଖଜବଜ ହୁଏ । ସେ ବସୁ ବସୁ କିଆରୀରେ ହାତ ବୁଲାଇ ନିଏ—କେଉଁଟା ବାଲୁଙ୍ଗା କିବା ଅନାବନା ଗଛ ଉପରେ ।

ଏଇ ରୁଷିରୁ ବୁଢ଼ା ଖାଇପିଇ ଆରାମରେ ଚଳିଆସିଚି । ବଳକା ପଇସା କିଛି ହାତପାଣ୍ଠି କରିଚି ବୋଲି ଗାଁରେ କେହି କେହି କହନ୍ତି । ବୁଢ଼ାର ଆପଣାର ହୋଇ ସଂସାରରେ ସ୍ତ୍ରୀ, ଝିଅ ଆଉ ଗୋଟିଏ ପୁଅ । ଝିଅଟି ବାହା ହୋଇଛି ଗଲା ବରଷ ପାଖ ଗାଁ ଜୟପୁରରେ—ଗୋଟିଏ ରୁଷୀ ଘରେ । ଝିଅଟିକୁ ଛାଡ଼ିଦେଲେ ଆଉ ପୁଅ ଜଗୁ । ଜଗୁ କଟକ କଲେଜରେ ବି, ଏ ପଢ଼ୁଛି । ଆଉ ସ୍ତ୍ରୀ ସୀତା । ସୀତା ଭାରି ଗରିବର ଝିଅ । ରୂପ ଦେଖି ବାପ ତାର ତୋଳି ଆଣିଥିଲା ସପ୍ତଗଡ଼େ । ସୀତାକୁ ପାଇ ଚିନ୍ତେଇ ସଇଁ ସୁଖୀ ହୋଇଚି । ବୟସ ସତୁରି ଟପିଗଲାଣି ।

ଗାଁ ଭିତରେ ସୀତା ପରି ସ୍ତ୍ରୀ ନାହିଁ । ଗାଁରେ କା'ର ଦୁଃଖ ଦେଖିଲେ ସୀତାର ଅନ୍ତର ତରଳିଯାଏ । ସେ ତାକୁ ଆପଣାର ପରି ଯତ୍ନ ନିଏ । ରାସ୍ତା କରର ନିତି ଉପାସୀ ଗରିବ-ଗୁରୁବା ପୁଣି ଭିକାରୀ ଭିକାରୁଣୀ କେହି ଦିନେ ନିରାଶ ହୋଇ ତା କତିରୁ ଫେରି ନାହାନ୍ତି । ବୁଢ଼ୀ ହେଲାଣି—କିନ୍ତୁ ଏ ଯାଏ ଗାଁରେ ଅନେକ ତା'ର ରୂପ ଦେଖି ନ ଥିବେ । ଭାରି ସରଳା, କୋମଳମତି ନାରୀ—ସେଇ ଚିନ୍ତେଇ ସଇଁର ସ୍ତ୍ରୀ ।

ଗାଁରେ କେହି ଟୋକା ଅଳସୁଆ ହେଲେ କାମ ନ କଲେ ମୁରବୀମାନେ ନଜିର ଦେଖାଇ କହନ୍ତି, ପଞ୍ଚାଅଶୀ ବରଷର ବୁଢ଼ା ଚିନ୍ତେଇ ସଇଁକି ଦେଖୁଛୁ ନାଁରେ ପୁଅ । ଏ ବୟସରେ ବି ତାକୁ ଖଟିବାକୁ ବେଳ ମିଳୁ ନାହିଁ । ଆଉ ତମେମାନେ ଦିନକୁ ଦିନ ଅକର୍ମଣିଆ ପାଲଟୁଚ । ଲାଜ ଲାଗୁନାହିଁ । ତମରି ଆଖି ଆଗରେ ବାପ ଖଟିବ—ପୁଅ ବସି ବସି ଦିନ କାଟିବ । ତମରିମାନଙ୍କପରି ଦେଶରେ ଯୁବକମାନେ ଯଦି ଏମିତି ଦିନ କାଟନ୍ତି—ତେବେ ଦେଶ ଉଧେଇବ କିପରି ? ଗାଁର ଟୋକାମାନେ ଲଜ୍ଜିତ ହୁଅନ୍ତି - ପୁଣି କାମରେ ଲାଗନ୍ତି । ଆଖି ଆଗରେ ତାଙ୍କରି ଗାଁର ଆଦର୍ଶ ଏଇ ଚିନ୍ତେଇ ସଇଁ—କି ମୂର୍ତ୍ତିମନ୍ତ, ବିଚକ୍ଷଣ ପୁରୁଷ । ଶ୍ରଦ୍ଧାରେ ମୁଣ୍ଡ ନଇଁପଡ଼େ ତା'ରି ପାଦତଳେ ।

ସହରଠାରୁ ବହୁଦୂରରେ ଏଇ ଗାଁ । ଘୁରିଆଡ଼େ ଖାଲି ବିଲ ଆଉ ବିଲ । ନାହିଁ ଏଠି ସହରର କୋଳାହଳ—ନାହିଁ ଏଠି ଲୋକ ଦେଖାଣିଆ ଚକଚିକ୍କଣ—ବଡ଼ଲୋକର ଦୟା, ଗର୍ବ, ଅଭିମାନ—ପୁଣି ପଶିନାହିଁ ଏଠି ବିଂଶ ଶତାବ୍ଦୀର କ୍ଷୀଣାଲୋକ । •

Digitized by srujanika@gmail.com

ଗାଁରେ ସମସ୍ତେ ସରଳ ନିରୀହ ଚାଷୀ । ସମସ୍ତେ କର୍ମଚଞ୍ଚଳ । ସେଥିପାଇଁ ମାଟିର ସରଗ ତାଙ୍କ ପ୍ରତି କେବେ ଊଣା ନ ଥାଏ । କାହାରି ଶତ୍ରୁତା ନାହିଁ । ସମସ୍ତେ ଯେପରି ଭ୍ରାତୃତ୍ୱ ବନ୍ଧନରେ ହୋଇଛନ୍ତି ଗୋଟିଏ । କାହାରି ମନରେ କେବେ ଆବିଳତା ଛୁଇଁଲେ—କାହାକୁ କେବେ ଭିତରର ସଇତାନ ଘୃପିଲେ—ପରିବାର ପରିବାର, ଭାଇ ଭାଇ ଭିତରେ ଅଶାନ୍ତି ଝଡ଼ର ସୂଚନା ପାଇଲେ ଚିନ୍ତେଇ ସଇଁ ଦଉଡ଼ିଯାଏ । ସେମାନଙ୍କୁ ପାଖକୁ ଡାକି ଆଣେ । କୁହେ, ଭାଇ, କେଇଟା ଦିନ ଆମେ ଆସିଚେ ଏଇ ମାଟି ଗୋଡ଼ି ଗାଇଜକୁ । ସମସ୍ତେ ଭାଇ ଭାଇ । ସମସ୍ତେ ହାତ ଧରାଧରି ହୋଇ ଆସିଚେ—ପୁଣି ଯିବା । କେହି ରହିବେ ନାହିଁ । କାହିଁକି କେଇଟା ଦିନ ପାଇଁ ଏ କଳି ଗୋଳ । ପରସ୍ପରର ସୁଖ ଶାନ୍ତି ପ୍ରତି ବିମୁଖ । ଛିଃ, ଛିଃ କେତେ ଦୁଃଖ ଆଉ ଲଜ୍ଜାର କଥା ।

ଆମ ଆମ ଭିତରେ ଯଦି ଇମିତି ହେବା, ତେବେ ସୃଷ୍ଟି ରହିବ ନାହିଁ । ପୃଥିବୀ ରସାତଳକୁ ଯିବ । ତୁ କିଏ ? ସେ କିଏ ? ମୁଁ କିଏ ? ଏହି ପ୍ରଶ୍ନ ପଚାରିଲୁ ତୋର ହୃଦୟକୁ ଥରେ । ତା'ରି ପ୍ରତିଧ୍ୱନିରେ ବାଜିଉଠିବ କେବଳ ଏଇ କଥା—ସମସ୍ତେ ଭିତରର ଗୋଟିଏ । ଏଇ ମାଟି ମାଆର ସନ୍ତାନ । ତେବେ କାହିଁକି ଏ ହିଂସା, ଦ୍ୱେଷ । ସବୁ ମନରୁ ପୋଛିପକାଅ । ମନର କ୍ଷଣିକ ଆବିଳତାକୁ ହୃଦୟର ଅନୁତାପ ବାରିରେ ଧୋଇ ପୁଣି ଆଗେଇ ଯାଅ । କାନ୍ଧ ଉପରେ କାନ୍ଧ ପକାଇ ପୁଣି ଡାକ ସେଇ ଅମୃତଭରା ଡାକ—ଭାଇ । ଦେଖିବ ସେଇ ଡାକରେ ଝରିପଡ଼ିବ ସରଗରୁ ସରାଗ କଣିକା—ଭ୍ରାତୃତ୍ୱର ବନ୍ଧନ ଆହୁରି ହେବ ସୁନ୍ଦର—ଅମୃତମୟ ।

ଚିନ୍ତେଇ ସଇଁ କଥା କେଇପଦ ସେମାନଙ୍କର ହୃଦୟକୁ ତରଳାଇ ଦିଏ । ଭୁଲି ଯାଆନ୍ତି ସେମାନେ ବାଦ ବିବାଦ, ହିଂସା ଦ୍ୱେଷ, ଅଭିମାନ । ପୁଣି ଭାଇ ଭାଇ ଡାକି ପରସ୍ପରକୁ ଆଲିଙ୍ଗନ କରନ୍ତି । ଆଖିରୁ ଝରିପଡ଼େ ଧାର ଧାର ଲୁହ । ସେଇ ଲୁହରେ ସବୁ ଆବିଳତା ଧୋଇ ହୋଇଯାଏ । ଆଉ ଫୁଟି ଉଠେ ଚିନ୍ତେଇ ସଇଁ ବଳିଷ୍ଠ ବ୍ୟକ୍ତିତ୍ୱର ଅପୂର୍ବ ଆଭା ।

ଇମିତି ଏଇ ଗାଁଟି । ଆଲୁଅ, ପାଣି, ପବନରେ ଖେଳି ବୁଲେ ଏଠି ଚିନ୍ତେଇ ସଇଁର ଆଦର୍ଶ । ହେଉପଛେ ସେ ମୂର୍ଖ—ହେଉପଛେ ସେ ଚଷା—ହେଉପଛେ ଦୀନ ଦରିଦ୍ର—ତଥାପି ସେ ଗାଁ ଗୋଟାକର ମଉଡ଼ମଣି । ତା'ରି ଆଦର୍ଶରେ ଗାଁରେ ଖେଳିବୁଲୁଚି ଶାନ୍ତିର ଲହ୍ର, ଭରି ରହିଚି କାମ କରିବାର ଅପୂର୍ବ ପ୍ରେରଣା—ଆଉ ଦୃଢ଼ ହେଉଚି ଦିନକୁ ଦିନ ଭ୍ରାତୃତ୍ୱର ବନ୍ଧନ । ତା'ରି ଆଦର୍ଶର ବାଣୀ, ସମସ୍ତେ ଏକ—ସମସ୍ତେ ଏଇ ମାଟି ମାଆର ସନ୍ତାନ । ଏଇ ମାଟି ଉପରେ ପାଦ ରଖି ଆମର ପୂର୍ବ ପୁରୁଷ ଗଲେ—ଆମେ ଆସିଲେ, ଆମେ ଯିବା—ଆମର ପିଲାକବିଲା ପୁଣି ଖେଳି ବୁଲିବେ ଏଇ ମାଟିରେ । ଏଇ ମାଟି ଉପରେ ଅମର ଯୁଗ ଯୁଗର ଜୀବନ ପ୍ରବାହ ଗଡ଼ିଆସୁଚି । ପୁଣି ଗଡ଼ି ଚାଲୁଚି । ଏହାରି ଉପରେ ଯୁଗ ଯୁଗର ଆହାର ଯାଇତା ହୋଇ ରହିଚି । କାମ କର, ଖାଅ, ପିଅ । ଏଇ ଗାଁ ମାଟି ନିନ୍ଦି କେହିଁ କୁଆଡ଼େ ଯାଅ ନାହିଁ ।

Digitized by srujanika@gmail.com

ଦିନ ଗଡ଼ିଯାଇଚି ।

ଚିନ୍ତେଇ ସାଇଁ ଆଖିରେ ଆଜି ଲୁହ ।

ତା ହୃଦୟରେ ଦୁଃଖ ଦେଇ ମନର ସରାଗକୁ ନିମିଷକରେ ଭାଙ୍ଗିଦେଇ ଯେଉଁଦିନ ତା'ରି ଆଖି ଆଗରେ ସପନା, ପଦିଆ, ଗଉରା, କାର୍ତ୍ତିକା, ଚେମା, ମୂଷା, ଚଇଁଆ ଗୋଟି ଗୋଟି ହୋଇ ଗାଁ ଛାଡ଼ି ବିଦେଶ ପଳେଇଗଲେ, ସେଦିନ ବୁଢ଼ା ଆଖିରୁ ଝରିପଡ଼ିଲା ଧାର ଧାର ଲୁହ ।

ସେ ଲୁହର ଧାର ଆଜି ବି ଶୁଖି ନାହିଁ—କି ଶୁଖିବ ବି ନାହିଁ ।

ସପନା, ପଦିଆ କଲିକତା ସହରତଳି ଚଟକଳରେ କାମ କଲେ । ଗଉରା କୋଉ ସାହେବ କତିରେ ବେହେରା କାମ କଲା । କାର୍ତ୍ତିକ କଲିକତା ଡକ୍‌ରେ କୁଲି କାମ କଲା । ଚେମା ଯାଇଁ ଟାଟାନଗର ଲୁହା କାରଖାନାରେ କାମ କଲା । ମୂଷା ବହୁବଜାରର କୋଉ ବଡ଼ଲୋକ ବାଡ଼ିରେ ପୂଜାରୀ କାମ କଲା । ଚଇଁଆକୁ କାମ ଜୁଟିଲା ନାହିଁ । କାର୍ତ୍ତିକା ପାଖରେ ରହି କାମ ଖୋଜି ବୁଲିଲା ।

ଏଇମାନଙ୍କ ପରେ ଚଷା ସାହିରୁ ଦି'ଜଣ, ହାଟୁଆ ସାହିରୁ ତିନିଜଣ ପୁଣି କଲିକତା ବାହାରି ଗଲେ । ଚିନ୍ତେଇ କଥା, ଆଉ ଆଦର୍ଶ ଆଜି ସେମାନଙ୍କଠାରୁ ଦୂରେଇ ଯାଇଥିଲା ।

ଚିନ୍ତେଇ ଭାବିଲା, କଣ ହେଲା ତା'ରି ଗାଁ । ଗାଁ ମାଟି ଛାଡ଼ି ଗୋଟି ଗୋଟି ହୋଇ ଭେଣ୍ଡିଆ ପଚ୍ଛକୁ ପଚ୍ଛ ଚାଲିଲେ ବିଦେଶ, ନିଜ ଗାଁର ହସ ଲିଭାଇ—ନିଜ ଗାଁରେ ବାବୁଗିରି ଛାଡ଼ି ସେମାନେ ପର ଦେଶରେ କୁଲିଗିରି କଲେ । ଚାଷ ଅଭାବରୁ କ୍ଷେତ ଖାଁ ଖାଁ ଗୋଡ଼େଇଲା । ଗାଁରେ ଯାନି-ଯାତ୍ରା, ପରବ ଇତ୍ୟାଦି ସରଳତାର ଉତ୍ସ ମରିଗଲା । ଗାଁ ପୋଖରୀରେ ଜଳ ବିଲିବିଲା ହେଲା । ରାସ୍ତା ଘାଟ ମରାମତି ଅଭାବରୁ ଠାଏ ଠାଏ ପୋଖରୀ ପାଲଟିଲା । ମ୍ୟାଲେରିଆର କରାଳ ଛାୟା ଘେରି ବୁଲିଲା । ଗାଁର ଶିରୀ ତୁଟିଗଲା । ଗାଁର ଏଇ ଦୁର୍ଦ୍ଦଶା ଦେଖି ଚିନ୍ତେଇ ସାଇଁ ଆଖିରୁ ଝରିପଡ଼େ ବେଦନାର ଲୁହ । ପୁଣି ବେଳେ ବେଳେ ଭାବେ କାହିଁକି ତାର ଏ ଦୁର୍ବଳତା । ସେ ବା ଆଉ କେତେ ଦିନ ?

ତଥାପି ବୁଢ଼ା ଆଶା ନେଇ ବଞ୍ଚିଚି, ପୁଅ ତାର ପାଠ ପଢ଼ି ସାରି ଯେତେବେଳେ ଏଇ ଗାଁରେ ଆସି ପାଦ ଦେବ—ସେତେବେଳେ ଗାଁର ରୂପ ବଦଳିଯିବ । ଏତେ ପାଠ ଏ ଗାଁରେ କେହି ପଢ଼ିନାହାନ୍ତି । ତାକୁ ସେ ମଣିଷ କରିଚି—ଆଉ ସେ ମଣିଷ କରିବ ଗାଁର ଶହ ଶହ ଦୀନ-ଦରିଦ୍ରଙ୍କୁ । ଅଶିକ୍ଷା ଅନ୍ଧକାର ଦୂର କରି ସମସ୍ତଙ୍କ ମନରେ ଆଣିଦେବ ନୂଆ ଚେତନା । ଏ ଗାଁ ସାତ ଖଣ୍ଡ ଆଖପାଖ ମଉଜାରେ ଆଦର୍ଶ ହେବ । ସେତେବେଳେ ପୁଣି ଘରପୁଅ ବାହୁଡ଼ି ଆସିବେ ଘରକୁ । ବୁଢ଼ାର ଦିନକର ସ୍ୱପ୍ନ ନୁହେଁ—ବହୁ ବର୍ଷର ସ୍ୱପ୍ନ ସାର୍ଥକ ହେବ ସେତେବେଳେ ।

ଦିନ ପରେ ଦିନ ଗଡ଼ି ଚାଲିଚି । ବୁଢ଼ାକୁ ପଞ୍ଚାଅଶୀ ପୂରି ଛୟାଅଶୀ ଚାଲିଲା । ପଖାଳ ଭାତ ଶାଗ ଏବେ ବି ବୁଢ଼ାକୁ ବଞ୍ଚାଇ ରଖିଚି । ସ୍ୱପ୍ନ ଦେଖୁଚି, ପୁଅ ତାର ଫେରିଆସିବ କାଲି ସକାଳେ । ଏ ଗାଁର ରୂପ ବଦଳିବ । ଆଶା ତାର ସଫଳ ହେବ—ତେବେ ଯାଇଁ ସେ ଏ ପାରିର ମମତା ତୁଟାଇ ପାରିବ ।

Digitized by srujanika@gmail.com

କିନ୍ତୁ ଯେଉଁଦିନ ବୁଢ଼ା ଶୁଣିଲା ପୁଅ ତାର ଚିଠି ଦେଇଚି, ସେ କଟକରେ ନିଜ ଇଚ୍ଛାରେ ବିଭା ହେବ—ସେଇଠି ରହି ଚାକିରୀ କରିବ । ଆଉ ଏ କାଦୁଅ ପଚପଚ ଗାଁ ମାଟି ମାଡ଼ିବ ନାହିଁ । ବି. ଏ. ପାଶ କରି ଗାଁରେ ରହିଲେ ତା ଜୀବନର ବିକାଶ ହେବ ନାହିଁ । ତେଣୁ ସେ ସହରରେ ଚିରଦିନ ରହିବାକୁ ସ୍ଥିର କରିନେଇଚି ।

ଚିଠି ଶୁଣି ବୁଢ଼ାର ମୁଣ୍ଡଟା ବୁଲାଇଦେଲା । ଆଖିରୁ ଛୁଟିଲା ଧାର ଶିରବଣ । ମନ ଭିତରୁ କିଏ ଯେପରି କହିଉଠିଲା ଏଇଥି ପାଇଁ ତତେ କଣ ମୁଁ ପାଠ ପଢ଼ାଉଥିଲି ରେ ଜଗୁ, ଠିକ୍ କରିଚୁ । ଏତେ ପାଠ ପଢ଼ି ଆଗେ ବାପକୁ ବୁଦ୍ଧି ଶିଖାଉଚୁ ।

ସେଇଦିନୁ ବୁଢ଼ା ଚିନ୍ତାରେ ବେମାର ପଡ଼ିଲା । ଦେଖିଲା, ବହଳ ଅନ୍ଧକାର ମାଡ଼ିଆସୁଚି ଚଉଦିଗ ଘେରି । ତା'ରି ଭିତରେ ସେ ଓ ତାର ସବୁ ଆଶା ଆକାଂକ୍ଷା ମିଶି ହୋଇଯାଇଚି ଏକାକାର ।

ସ୍ତ୍ରୀ ସୀତାର ଯତ୍ନ, ଝିଅ ହୀରାର ସେବା ସବୁ ଆଜି ବୁଢ଼ା ନିକଟରେ ହାର ମାନିଲା । ବୁଢ଼ା ଆଜି ଭାବେ, ସେ ଯିବ—ବଞ୍ଚି ଆଉ ଲାଭ କଣ ଏଇ ସ୍ୱାର୍ଥପର ଦୁନିଆରେ ।

ବୁଢ଼ାର ଜୀବନଦୀପ ଲିଭି ଲିଭି ଆସିଲା ।

ଦିନ କେଇଟା ପରେ ।

ବାପା !

କି.........ଏ........?

ମୁଁ ଫେରିଆସିଚି ବାପା ।

ବୁଢ଼ା ଦୃଷ୍ଟି ଫେରାଇ ଚାହିଁଲା । ତାରି ଅତି ଆଦରର ଜଗୁ ଅତି ନିକଟରେ । ଆଖିରୁ ଶେଷ ନିଗିଡ଼ା ଲୁହଧାର ବହିଗଲା । କଣ କହିବାକୁ ଚେଷ୍ଟା କଲେ ବି ଜିଭ ଲେଉଟିଲା ନାହିଁ । ମୁହଁ ବିକୃତ ହୋଇଆସିଲା ।

ତା' ପରେ ବହି ଆସିଲା ଦମକାଏ ପବନ ।

ସବୁ ଅନ୍ଧାର ।

ଜଗୁ ଦେଖିଲା, ସେଇ ଅନ୍ଧାର ଭିତରେ ବାପା ତାର ଯେପରି କହୁଚନ୍ତି, ଫେରିଆସିଲୁ ଯେବେ, ତେବେ ଫେରାଇ ଆଣ ତୋର ଶହ ଶହ ଭାଇଙ୍କୁ ଏଇ ଗାଁ ଭୂଇଁକୁ । ଏ ଗାଁ ତୋର । ଏ ଗାଁକୁ ତୁ ଭଲ ପାଇବୁ । ପୁଣି ଭଲ ପାଇବୁ ଗାଁର ଅତି ନିରୀହ ଦୀନ ଦରିଦ୍ରଙ୍କୁ । ଯେଉଁଦିନ ତୁ ନିଜର ନୂଆ ଆଲୋକରେ ଏ ଗାଁ ମାଟିରେ ଜୀବନ ଦେବୁ—ତୋରି ଏ ଗାଁ ଭାଇଙ୍କୁ ମଣିଷ ପରି ମଣିଷ କରିବୁ, ସେଇଦିନ ପୁଣି ମୁଁ ଫେରି ଆସିବି ତୋ କତିକି ଇମିତି ଏକ ଅନ୍ଧକାର ଭିତରେ । କିନ୍ତୁ ସେଦିନର ଅନ୍ଧକାର ଆଜି ପରି ଦୁର୍ଯୋଗଭରା ନଥିବ— ଥିବ ଖୁବ୍ ନିଘେଳା—ଆଉ ତା'ରି ଭିତରେ ବହିଆସୁଥିବ ବହୁ ଦୂରରୁ ଏକ ଶାନ୍ତ ସୁବିମଳ ଆଶିଷର ଧାରା ।

●

Digitized by srujanika@gmail.com

• ମାଟିର ମମତା

ଧୂଳି ଧୂସରିଆ ସଡ଼କ କରକୁ ଝଙ୍କା ବରଗଛଟିଏ । ତା'ରି ମୂଳେ ନୁଆଁଣିଆ ଖ୍ୱଳ ଘରଟି ମଧୁଆର ବାପ ସାଆନ୍ତ ବାପ ଅମଳର । ଏଇ ଘରଟିରେ ଦୋକାନ ପାତି ମଧୁଆର ବାପ ସାଆନ୍ତ ବାପ ନିଜର ସଂସାର ଚଳେଇ ମହାଜନର ଦେଣା ଶୁଝି ପୁଣି ନ୍ୟାୟ ନିମନ୍ତ କରି ଶାନ୍ତିରେ ପରପାରର ଡାକ ଶୁଣିଛନ୍ତି । ଏଥର ପଡ଼ିଚି ମଧୁଆର ପାଳି ।

ମଧୁଆ ଜାତିରେ ଗୁଡ଼ିଆ । ଗୁଡ଼ିଆ ପୁଅର ବେଉସା ସେ ଭୁଲି ପାରିନାହିଁ । ବାପ, ସାଆନ୍ତ ବାପ ପରି ସେ ସଡ଼କ କରର ସେଇ ନୁଆଁଣିଆ ଘରଟିରେ ମୁଢ଼ି, ଉଖୁଡ଼ା, ବରା, ଗୁଲୁଗୁଲା ଇମିତି କେତୋଟି ଶସ୍ତା ଜଳଖିଆ ବିକି ତାର ସଂସାରଟି ଚଳାଇ ଆସିଲାଣି ଆଜକୁ ଦୋ'ଟି ବରଷ ହେବ ।

ଆଖି ପଲକରେ ଅତୀତର କଥାଗୁଡ଼ା ଭାସିଉଠେ । କାଲି ସକାଳେ ବାପ ମହନୀ ସାହୁ ଆଖି ବୁଜିଲା । ମଧୁଆକୁ ସବୁ ଦିଶିଲା ଅନ୍ଧାର । ବାହା ହେବାର ଦୋ'ଟି ବରଷ ନ ପୁରୁଣୁ ବାପା ଦୁନିଆର ମମତା ତୁଟାଇଦେଲେ । ବାପା ଥିଲାବେଳେ ମଧୁଆକୁ ସଂସାର କିମିତି ଚଳେ କିଛି ଜଣା ନ ଥିଲା । ବୋଉ ତା'ର ହେମତ ଦେଇ କହିଲା, 'ମଧୁଆ ନିଜ ବେଉସା ତୁ ଦେଖ । ଘର ଚଳାଇବା ଭାର ମୋ ଉପରେ । ସେଇଦିନୁ ମଧୁଆ ନିଜ ଦୋକାନଟିକୁ ରାତି ଦିନ ଜଗିରଖି ଚଳାଏ । ଆଉ ଘରଟିର ସବୁ ଦାୟିତ୍ୱ ମା ଉପରେ ।'

ଗାଁଟି ନା ନିକିରାଇ । ଧୂଳି ଧୂସରିଆ ସଡ଼କଟି ଗାଁଟିକୁ ମଝିରେ ଦି'ଖଣ୍ଡ କରିଦେଇଚି । ଫାଳେ ପୂର୍ବ ସାହି, ଆଉ ଫାଳେ ପଶ୍ଚିମ ସାହି । ପଶ୍ଚିମ ସାହିରେ ମଧୁ ସାହୁର ଘର । ଦୋକାନଟି ଗାଁର ମଝିରେ—ପୁଣି କେନ୍ଦ୍ରାପଡ଼ା-ଯାଜପୁର ସଡ଼କ କରରେ । ସେଇଥିପାଇଁ ସବୁ ସମୟରେ ଦୋକାନରେ କେହି ନା କେହି ଗରାକ ଥାଏ । ଶଗଡ଼ିଆମାନେ ଦଳ ଦଳ ହୋଇ ଗାଡ଼ି ନେଇ ଆସି ଛାଇଶୀତଳ ଝଙ୍କା ବରଗଛ ତଳେ ଗାଡ଼ିରଖି ବିଶ୍ରାମ ନିଅନ୍ତି । ବରଗଛଠୁଁ ଟିକିଏ ଦୂରରେ ସରକାରୀ କୂଅ । ମଧୁସାହୁ ଦୋକାନର ଜଳଖିଆ ସେମାନଙ୍କର ଭୋକ ଓ ସେଇ କୂଅର ଶୀତଳ ପାଣି ସେମାନଙ୍କର ଶୋଷ ମାରିଦିଏ । ଆଉ ବରଗଛ ତଳର ସୁଲୁସୁଲୁ ପବନ ସେମାନଙ୍କର ଝାଳ ପୋଛି ଦେଇଯାଏ । ଘଡ଼ିଏ ବିଶ୍ରାମ ନେଇ ସେମାନେ ପୁଣି ଯେଝା ବାଟ ଧରନ୍ତି । ଘଡ଼ିକ ଭିତରେ ମଧୁସାହୁ ଦୋକାନର ଗହଳି ଥମିଯାଏ । ବରଗଛ ମୂଳ ହୋଇଯାଏ ନିଶୂନ ।

ପୁଣି ଘଡ଼ିକ ପରେ ଆସନ୍ତି ଭାର କାନ୍ଧେଇ କେତୋଟି ଲୋକ । ଗଛ ମୂଳ ଜମିଉଠେ ଆଳାପ ଆଲୋଚନାରେ । ମଧୁସାହୁ ଦୋକାନରୁ କିଏ କିଣେ

Digitized by srujanika@gmail.com

ମୁଢ଼ି ଦି ପଇସାର, କିଏ କିଣେ ଚୁଡ଼ା ଗୁରି ପଇସାର, ତା ସାଙ୍ଗକୁ ଗୁଡ଼ ଟିକେ । କିଏ କିଛି ନ କିଣି ମଧୁସାହୁ ସାଙ୍ଗରେ ସୁଖ ଦୁଃଖ ଦି'ପଦ ହୁଏ । ବରଗଛ ତଳ ଦେଇ ଖସି ଆସେ ଶୀତଳ ମଧୁର ପବନ ଟିକେ ମଧୁ ସାହୁ ଦୋକାନ-ଅଡ଼େ । ବାଟଚଲା ପଥିକର କ୍ଳାନ୍ତି ଯାଏ ମରି ।

କିଏ ଦୂର ବାଟ ଖବି ତରତରରେ ଦି'ଟା ଖାଇଦେଇ ଉଠିପଡ଼େ । ଯିବାବେଳେ ମଧୁ ସାହୁ ତାର ପଇସା ଅସୁଲ କରିନିଏ । ଦୂର ଲୋକଙ୍କ ପାଇଁ ଧାର ଉଧାର ତା ଦୋକାନରେ ନାହିଁ । ସେ ଜାଣେ ଆଜିକାଲି ଲୋକଗୁଡ଼ା ଖରି ହୁସିଆର । ଦିନେ ବାକି ଦେଲେ ଆଉ ଦିନେ ସେମାନଙ୍କର ଦେଖା ମିଳିବ ନାହିଁ । କିଏ ଯିବାବେଳେ ହସି ହସି କୁହେ, ଯାଉଚି ସାହୁ ପୁଅ, ଗାଳିଦେବ ନାହିଁ । କିଏ ଯିବାବେଳେ ବିଡ଼ିଟାଏ କିମ୍ବା ପାନ ଖଣ୍ଡେ ମାଗି ନେଇ କୃତଜ୍ଞତାରେ କୁହେ, ଯାଉଚି ସାହୁପୁଅ, ଦଣ୍ଡବତ । ମଧୁ ସାହୁ ତାର ପାନଖିଆ ଓଠରେ ହସ ଟିକେ ହସି କୁହେ, ପଧାନେ, ଆର ଥରକୁ ଆସିଲାବେଳକୁ ଦି'ଟଙ୍କାର ମୁଗ ଆଣିବ । ବେଳ ଦେଖି ନିଜର ସୁବିଧାଟିକ ମଧୁ ସାହୁ ଆଦାୟ କରିବାକୁ ଛାଡ଼େ ନାହିଁ । ତାର ମଧୁର କଥା ପଦିକ ସମସ୍ତଙ୍କ ମନ କିଣିଥାଏ । ସେଇଥିପାଇଁ ସମସ୍ତେ ମଧୁ ସାହୁ ପ୍ରତି ସନ୍ତୁଷ୍ଟ ଥାଆନ୍ତି ।

କିଏ କୁଆଡ଼ୁ ଗ୍ଲୁଲି ଆସନ୍ତି । କେତେ ରକମର କେତେ ଜାତିର ଲୋକ । ପୁଣି ଘଡ଼ିକ ପରେ କିଏ କୁଆଡ଼େ ଯାଆନ୍ତି ତାର ହିସାବ ରଖେ ଏଇ ଧୂଳି ଧୂସରିଆ ସଡ଼କ କରର ଝଙ୍କା ବରଗଛ । କିନ୍ତୁ ମଧୁ ସାହୁ ଦେଖେ ଧୂସରିଆ ଏଇ ସଡ଼କ ପରି ଜୀବନର ଅଙ୍କା ବଙ୍କା ପଥରେ ମଣିଷ ଗ୍ଲୁଲୁଚି ଯୁଗ ଯୁଗ ଧରି—ଖାଲି ବଞ୍ଚିରହିବାର ସଂଗ୍ରାମ କରି ।

ବେଳେବେଳେ ଦୋକାନ ନିଶୂନ ପଡ଼ିଗଲେ ମଧୁ ସାହୁକୁ କିଛି ଭଲ ଲାଗେ ନାହିଁ । ସେ ଦୂର ଦିଗ୍‌ବଳୟ ଆଡ଼କୁ ଗ୍ଲହିଁ ଗ୍ଲହିଁ ଖବେ ତାରି ଘର ସଂସାର କଥା । ସାଆନ୍ତ ବାପ ଅମଳର ଘର ଖଣ୍ଡିକ ବୟସ ନଇଁ ଆସିଲାଣି । ବାପା ମରିବା ପୂର୍ବରୁ ଘର ଖଣ୍ଡ ନୂଆକରି ଛିଡ଼ା କରିବାର କଳ୍ପନା କରୁଥିଲେ । କିନ୍ତୁ ତାଙ୍କର ସେଇ କଳ୍ପନା ମରଣର ଶୀତଳ ପରଶରେ ଖାଲି ସ୍ୱପ୍ନରେ ପରିଣତ ହୋଇ ରହିଗଲା । ବାପାଙ୍କର ବହୁଦିନର ସ୍ୱପ୍ନକୁ ସାର୍ଥକ କରିବାକୁ ମଧୁ ସାହୁ ବେଳେବେଳେ ଖବେ ।

ଏଇ ଦୋକାନରୁ ଘରସଂସାର ଚଳି କିଛି କିଛି ବଳେ । ସେଇ ଧନତକ ମଧୁ ସାହୁ ତାର ହାତପାଣ୍ଠି କରି ରଖେ । ନିଇତି ଖବେ ବେଶି ପଇସା ହେଲେ ଆଉ ଘର ଖଣ୍ଡି ଛିଡ଼ା କରିବ ସେ ସାହିର ଧୋଇ ସାହୁ ଘର ପରି ।

ବଳଦ ଘଣ୍ଟି ଶୁଣି ମଧୁସାହୁର ଖବନା ମିଳାଇଯାଏ । ଦେଖେ ବଜାର ଶଗଡ଼ିଆ ଅନ୍ତ ପଚ ହୋଇ ଗ୍ଲରି ପାଞ୍ଚଜଣ ଆସୁଛନ୍ତି । ମଧୁଆର ହୃଦୟ ଆବେଗରେ ପୂରିଉଠେ । କାରଣ ବଜାରବାଲା କେବେ କିମିତି ଗାଡ଼ି ନେଇ ଛୁଟି-ଖଲେ ମଧୁ ସାହୁର ବେଶ୍ ଦି'ପଇସା ଆମଦାନୀ ହୁଏ । ମଫସଲ ଲୋକଙ୍କ ପରି ସେମାନେ ଏତେ ଠିକ୍‌ଠିକ୍ କରନ୍ତି ନାହିଁ । ଯା କହିବ, ସେତିକି ପଇସା

Digitized by srujanika@gmail.com

ଗଣିଦେଇ ଗ୍ଭଲିଯାଆନ୍ତି । ଦିନେ ଦିନେ ଦଶ ପନ୍ଦର ବଜାର-ଶଗଡ଼ିଆ ଜୁଟିଗଲେ ମଧୁସାହୁ ଦୋକାନ ଘଣ୍ଟାକରେ ଖାଲି ହୋଇଯାଏ । ସେଇଥିପାଇଁ ବଜାରବାଲାଙ୍କ ପ୍ରତି ମଧୁସାହୁର ଭାରି ଖାତିର । ଗାଡ଼ି ନେଇ ପହଞ୍ଚି ଗଲେ ମଧୁ ସାହୁ ସେମାନଙ୍କର ସମସ୍ତ ଖବର ଘଡ଼ିକରେ ବୁଝିନିଏ । ମଧୁର କଥା ପଦିକ ସାଙ୍ଗକୁ ପାନଟାଏ, ବିଡ଼ିଖଣ୍ଡେ ଦେଇ ସମସ୍ତଙ୍କ ମନ କିଣିନିଏ ।

ଗାଡ଼ି ଅଟକେଇ ଗୋଟି ଗୋଟି ହୋଇ ଶଗଡ଼ିଆ ମଧୁ ସାହୁ ଦୋକାନଆଡ଼େ ଗଡ଼ିଲେ । ସେତେବେଳକୁ ଦିନର ପ୍ରଦୀପ ଲିଭି ଆସିଲାଣି । ଆକାଶର ଚନ୍ଦ୍ରେଇଙ୍କି ଲାଗିଲାଣି ଘରବାହୁଡ଼ା ନିଶା—ଶେଷ ଆଲୁଅଟିକ ବରଗଛ ଶିଖ ଉପରୁ ଖସି ଖସି ଲମ୍ବିଗଲାଣି ଦୂରକୁ । ଶଗଡ଼ିଆମାନେ ସଞ୍ଜ ଆସିଯିବା ଦେଖି ତରତର ହୋଇ କଣ ଦି'ଟା ଖାଇଦେଇ ଉଠିପଡ଼ିଲେ । ଅଳ୍ପ ସମୟ ଭିତରେ ମଧୁ ସାହୁର ମନ୍ଦ କାରବାର ହେଲା ନାହିଁ ।

ଦିନ ପରେ ଦିନ ଗଡ଼ି ଗ୍ଭଲିଛି । ମଧୁ ସାହୁ ଏଇ ଦୋକାନ ପଇସାରେ ଘର ଖଣ୍ଡେ ନୂଆ କରି ଠିଆକଲା । ନିଜ ସ୍ତ୍ରୀ ଦୁଃଖୀ ପାଇଁ ବେକକୁ ସୁନା ହାରଟିଏ କିଣିଲା । ପୁଣି କେଇଟା ଦିନ ପରେ ଜମି ସାତଗୁଣ୍ଠ ବାଉରି ମଳିକଠାରୁ କିଣିଲା । ଦିନକୁ ଦିନ ମଧୁସାହୁର ଅବସ୍ଥା ବଦଳି ଆସିଲା । ଗାଁରେ ମଧୁ ସାହୁର ଖାତିର ବଢ଼ିଲା ।

ମଧୁସାହୁ ଦୋକାନଠାରୁ ଟିକିଏ ଦୂରରେ ପ୍ରତି ସପ୍ତାହରେ ଦି'ଥର ହାଟ ବସେ । ହାଟପାଳି ଦିନ ମଧୁସାହୁ ଦୋକାନଟି ସବୁବେଳେ ଭିଡ଼ ଥାଏ । ସପ୍ତାହରେ ଏଇ ଦି'ଦିନ ଯା କାରବାର ହୁଏ, ଅନ୍ୟ ପାଞ୍ଚଦିନ କାରବାର ବି ଯାସାଙ୍ଗରେ ସମାନ ହୁଏନା । ହାଟପାଳି ଦିନ ସକାଳୁ ମଧୁସାହୁ ଦୋକାନକୁ ଭଲରୂପେ ସଜାଇ ଦେଇଥାଏ । ଗରିବ, ବଡ଼ଲୋକ ସମସ୍ତଙ୍କ ପ୍ରତି ମଧୁସାହୁ ସମାନ ବ୍ୟବହାର ଦେଖାଏ ଓ ସମସ୍ତଙ୍କ ମନ ନେଇ ଜିନିଷ ବିକିଥାଏ । ମଧୁସାହୁ ଭାବେ, ମଣିଷର ବଚନ ଓ ବ୍ୟବହାର ଏଇଟା ହେଲା ବଡ଼— ପଇସାଟା ବଡ଼ ନୁହେଁ । ଏଇଥିପାଇଁ ହାଟ କଡ଼ିରେ ଏତେ ଦୋକାନ ଥିଲେ ବି ମଧୁସାହୁ ଦୋକାନ ପ୍ରତି ସମସ୍ତଙ୍କର ଆଦର ।

× × ×

ଆଜିର ଦିନଗୁଡ଼ା ପୁଣି ବହଳ ଅନ୍ଧାର ଭିତରେ ହଜିଯାଉଛି । ଏଇ ଅନ୍ଧାର ଭିତରୁ ପୁଣି ନୂଆ ଦିନର ସମ୍ଭବ ହେଉଛି । ଇମିତି କେଇଟା ଦିନ ପରେ କେଇଟା ରାତି ବିତିଯାଇଛି । କିନ୍ତୁ ହିସାବ କରି ଦେଖିଲା ବେଳକୁ ବରଷକରେ ଆସି ମୁଣ୍ଡିମରିବାକୁ ବସିଲାଣି ।

ସମୟର ସୁଅ ତୋଡ଼ରେ କେତେ ପୁରୁଣାର ସମାଧି ମରିଛି—ଆଉ କେତେ ନୂଆ କଥାର ସମ୍ଭବ ହୋଇଛି । ମଧୁ ସାହୁର ଆଗ କାରବାର ଆଜି ଥମି ଯାଇଛି । ଦୁଇ ମାଇଲ ଦୂର ଇନ୍ଦୁପୁରଠାରେ ଆଉ ଗୋଟିଏ ନୂଆ ହାଟ ହେବାଯୋଗୁଁ ନିକିରଇ ହାଟ ଏକବାର ଭାଙ୍ଗି ଯାଇଛି । ସଡ଼କ ଉପରେ

Digitized by srujanika@gmail.com

ବଳଦଗାଡ଼ି ପରିବର୍ତ୍ତେ ବଡ଼ ବଡ଼ ଲରୀ ମାଲ ନେଇ ଛୁଟିଛି । ଯାତ୍ରୀବାତ୍ରୀ ବସଗୁଡ଼ା ଛୁଟି ଚାଲିଚି ଏ ପାଖରୁ ସେପାଖକୁ—ସେପାଖରୁ ଏପାଖକୁ । ବାଟଚଲା ପଥିକ କେଉଁଠି କାଁ ଭାଁ ହୋଇ ଦେଖାଯାଉଚି । ଗାଁରେ କଲେରା ଲାଗି ଅଧେ ଲୋକଙ୍କର ଚିହ୍ନ ବର୍ଣ୍ଣ ବି ନାହିଁ । ଯେଉଁମାନେ ଅଛନ୍ତି, ସେମାନେ ଯେପରି କଲେରା ଦାଉରୁ ବର୍ତ୍ତିଯାଇ ହା' ହୁତାଶରେ ଦିନ କାଟୁଛନ୍ତି । ମଧୁ ସାହୁର କାରବାର ଏକବାର ବନ୍ଦ ହୋଇ ଯାଇଚି । ଦିନକୁ ଆଠଅଣା ପଇସା ବି ବିକିବା ଆଜି କଷ୍ଟକର ।

ମଧୁସାହୁର ଭାବନା ଆଜି କହିଲେ ନ ସରେ । ଏ ଯେଉଁ ଦିନକାଳ ପଡ଼ିଲାଣି, କିମିତି ତାର ସଂସାର ଚଳିବ ଏଇ କଥା ସେ ନିତିଦିନ ଭାବେ । ସେଦିନ ସକାଳର ସୁନା କିରଣ ତାର କଅଁଳ ତେଜଟିକ ମଧୁ ସାହୁ ଦୋକାନ ଉପରେ ଦେଖାଇ ଦେଉଚି । ବରଗଛ ଉପରେ କେତେ ଜାତିର ଚଢ଼େଇ ସକାଳ ଶାନ୍ତିପବନର ମୃଦୁ ହିଲ୍ଲୋଳ ଭିତରେ ହଜେଇ ଦେଇଛନ୍ତି ସଜ ସକାଳର ଗୀତ । ମଧୁସାହୁ ସକାଳୁ ଦୋକାନ ଖୋଲି ବସିଚି । ମନଭିତରେ କେତେ-କେଜାଣି ଭାବନା ଧାଁ ଧପଡ଼ କରୁଚି ।

ଏତିକିବେଳେ ଗାଁର ନିଧି ସଇଁ ଆସି ପହଞ୍ଚିଲା । ନିଧିଆ କଲିକତାରେ ଚାକିରି କରେ । କୋଉ ଅଫିସରେ ପିଅନ କାମ—ମାସକୁ ପଚାଶ ଟଙ୍କା ଦରମା । ନିଧି ସଇଁ, ମଧୁ ସାହୁର ପିଲାଦିନର ସାଙ୍ଗ । ନିଧିଆ ଛୁଟି କରି ଏଇ କେଇଦିନ ହେଲା ଗାଁକୁ ଆସିଚି । ଆ ଭିତରେ ମଧୁଆ ସାଙ୍ଗରେ ବାଟରେ ଘାଟରେ ତାର କେତେବାର ଭେଟ ହେଲାଣି । କିନ୍ତୁ ମନ ଖୋଲି କେବେ ସୁଖ ଦୁଃଖ ପଦେ ହୋଇନାହିଁ । ସେଇଥିପାଇଁ ନିଧିଆକୁ ଦେଖି ମଧୁଆ ଆଜି ପାଖକୁ ଡାକିଲା ।

ନିଧିଆ ପଚାରିଲା, ମଧୁ ଭାଇ, ବେପାର କିମିତି ଚାଲିଚି ? ମଧୁଆ କହିଲା, 'ନାରେ ନିଧି, ବେପାର କଥା ମୁହଁରେ ଧରନା । ହାଟ ଭାଙ୍ଗିଲା—ବସ, ଲରୀ ଗାଁକୁ ଗାଁ ଧାଇଁଲା । କୁଆଡ଼େ ଥିଲା ଏତିକିବେଳେ ମହାମାରୀ ଆସି ଗାଁରୁ ଅଧେ ପଦା କରିଦେଲା । ବେଳକାଳ ଯେମିତି ଆସି ପଡ଼ିଲାଣି ଆଉ ଏ ବେପାର ଚଳିବ ନାହିଁ । ଅନ୍ୟ ଗୋଟାଏ କିଛି ଉପାୟ ବତାନି ରେ ନିଧି ।'

ନିଧିଆ କହିଲା, 'ମଧୁ ଭାଇ, ମୋ ସାଙ୍ଗରେ କଲିକତା ଚାଲ । ଆମ ଅଫିସରେ ଆଉ ଗୋଟିଏ ପିଅନ ଚାକିରି ଖାଲି ହେବାର ଅଛି—ସେଇଠି ତମକୁ ମୁକରିର କରିଦେବି । ଦିହେଁ ସାଙ୍ଗ ହୋଇ ରହିବା । ଦି'ପଇସା ରୋଜଗାର କରିବ । ମିଛଟାରେ ଏ ଗାଁରେ ବସିବ କାହିଁକି ? ବସି ଖାଇଲେ ନଈବାଲି ବି ସରେ ।'

ନିଧିଆର କଥାଟା ମଧୁଆର ମନକୁ ପାଇଲା ନାହିଁ । ମଧୁଆ କହିଲା, 'ନିଧି, ଯେତେହେଲେ ଜାତି ପୁଅ, ବେଉସା ଛାଡ଼ି ବିଦେଶ ଯିବାକୁ ମନ ବଳୁ ନାହିଁ । ବାପ ଅଜାଆନ୍ତବାପର କୁଳ ବେଉସା ବୁଡ଼େଇ ବିଦେଶ ମାଟି କାମୁଡ଼ି ଚିରଦିନ ପଡ଼ି ରହିବାକୁ ମୋର କାହିଁକି ହୃଦୟ କହୁନାହିଁ ।'

Digitized by srujanika@gmail.com

ନିଧିଆ କହିଲା, 'ମଧୁଭାଇ, ବେଉସା ତ ଚଳୁ ନାହିଁ । ଖାଲି ବସି ବସି ପୂର୍ବପୁରୁଷଙ୍କ କଥା ଭାଳି ବସିଲେ କଣ ପେଟ ପୂରିବ ? ତାଙ୍କ ଅମଳର କଥା ଆଜିକୁ ଦେଖିଲା ବେଳକୁ କେତେ ଫରକ ହୋଇଗଲାଣି । ତମେ ଭଲ କରି ଭାବିଚିନ୍ତି ଠିକ୍ କର । ଏଠି ବସିବା ଅପେକ୍ଷା କଲିକତା ଚାକିରି କଣ ଶତ ଗୁଣରେ ଭଲ ନୁହେଁ ? ଦି'ଦିନ ପରେ ମୋ ଛୁଟି ପୂରିଯିବ । ଯଦି ଯିବା ଠିକ୍ କର, ତେବେ ସାଙ୍ଗହୋଇ ଯିବା ।'

ଏତିକି କହି ନିଧି ସଇଁ ଗାଁ ଭିତର ବାଟ ଧରିଲା ।

ବହୁତ ଭାବିଚିନ୍ତି ମଧୁସାହୁ ଠିକ୍ କରିଲା, ନିଧିଆ ସାଙ୍ଗରେ କଲିକତା ଯିବ । ମା'କୁ ଯାଇ କହିଲାରୁ ମା ଏକବାର ଅମଙ୍ଗ ହେଲା । କହିଲା, 'ଆରେ ମଧୁଆ, ଏ ବୁଢ଼ୀଦିନେ ମୁଁ ତୋତେ ଛାଡ଼ି ବଞ୍ଚିବି କିମିତି ରେ । ଏଇ ମାଟି କାମୁଡ଼ି ବାପ ଦାଦି ତୋର ଆଖି ବୁଜିଲେ । ବେପାର ବଣିଜ ଛଡ଼ା ବିଦେଶ କଣ ସେମାନେ ଜାଣି ନ ଥିଲେ । ଏଇ ଗାଁ ମାଟିରେ ପଡ଼ି ରହିଥା । ପୁଣି ଦିନ କଣ ବଦଳିବ ନାହିଁ । ସବୁଦିନ କଣ ସମାନ ଥାଏ ?' ମଧୁଆ କହିଲା, 'ବୋଉ, ଖାଲି ବସି ବସି ବିରକ୍ତ ଲାଗିଲାଣି । ଯାଉଚି କେଇଟା ମାସ ବୁଲିଆସେ । ସବୁଦିନେ କଣ ମୁଁ ବିଦେଶ କରୁଚି ?'

ସ୍ତ୍ରୀର ଆଖିରୁ ଲୁହ ପୋଛି ମା'କୁ ସାନ୍ତ୍ୱନା ଦେଇ ମଧୁସାହୁ କଲିକତା ଯିବା ସ୍ଥିର କଲା । ଭାବିଲା, ବସିବା ଅପେକ୍ଷା କେଇଟା ମାସ ବୁଲି ଆସିଲେ ଯଦି କିଛି ହୋଇଯାଏ, ମନ୍ଦ କଣ ? ଏଇ ଗାଁରେ ତ ପୁଣି କେତେ ଲୋକ କଲିକତା ପଇସାରେ ବଡ଼ ହୋଇ ଗାଁକୁ ଫେରି ଆସିଛନ୍ତି ।

ସେଦିନ ଭୋର ହେବାକୁ ଆଉ ବେଶି ଡେରି ନାହିଁ । ରାତ୍ରିର ଗାଢ଼ ଅନ୍ଧକାର ଉପରେ ହଠାତ୍ ପାଆନ୍ତିଆ ତରାଟି ଆଲୁଅ ଝଲସାଇ ନୂତନ ସକାଳର ସଂଧାନ ଦେଇଗଲା ।

ମଧୁସାହୁ, ନିଧିଆ ଦିହେଁ ସକାଳ ହେଲାବେଳକୁ ଗାଁ ଛାଡ଼ି ବହୁଦୂର ଆଗେଇ ଆସିଥିଲେ ।

ନିଧିଆ କଥାରେ ପଡ଼ି ଗୋଟାଏ କି ଉତ୍ତେଜନାରେ ମଧୁସାହୁ ଚାଲି-ଆସିଲା ସିନା, କିନ୍ତୁ ଗାଁ ଛାଡ଼ିଲାବେଳୁ ତା ମନଟା ଭାରି ଅଥୟ ହେଲା । ଭାବିଲା, କାହିଁକି ପୁଣି ଜନ୍ମମାଟି ଛାଡ଼ି ସେ ବିଦେଶକୁ ଚାକିରି କରିବାକୁ ଧାଇଁଚି । ଏଇଠି କଣ ସୁଖ ଦୁଃଖର ସଂସାର ତାର ଚଳିଯାଇ ନଥାନ୍ତା । ସାମାନ୍ୟ ପେଟ ଚାଖଣ୍ଡକ ପାଇଁ ସେ ଆଜି ମା, ସ୍ତ୍ରୀ, ପିଲାପିଲି ସମସ୍ତଙ୍କ ବନ୍ଧନ କାଟିବାକୁ ସକ୍ଷମ ହୋଇଚି । ସେଇମାନଙ୍କର ବନ୍ଧନ ନେଇ ଗାଁ ଆଉ ଗାଁ ମାଟିର ମମତା ଯେପରି ଜୀବନଯାକଙ୍କୁ ଯୋଗାଉଚି ଦାନା ଆଉ କନା—ଏଇ ମଣିଷ ସମାଜକୁ । ସେଇ ମଣିଷ ସମାଜ ଭିତରୁ ସେ ତ ଜଣେ । ତେବେ କାହିଁକି ସେ ଆଜି ଚାକିରି ମରୀଚିକା ପଛରେ ଧାଇଁଚି । ନାଁ, ନାଁ ସେ ଗାଁକୁ ଫେରିଯିବ । ସେଇଠି ଦୁଃଖ କଷ୍ଟ ଅଙ୍ଗେ ନିଭାଇ ଦିନ କାଟିବ । ମା'ର ହୃଦୟ ଥରଇ

Digitized by srujanika@gmail.com

ସ୍ତ୍ରୀର ଆଖିର ଲୁହ ଝରାଇ ସେ ବିଦେଶରେ ରହିପାରିବ ନାହିଁ । ଏଇ ଅଧ ବାଟରୁ ଫେରିଯିବ ।

ଆଗକୁ ଆଉ ପାଦ ଚଳିଲା ନାହିଁ । ନିଧିଆ କହିଲା, 'କିରେ ମଧୁଭାଇ, ଇମିତି ପଛେଇଲେ କେନ୍ଦ୍ରାପଡ଼ା ପହିଲ ବସ୍ ଧରି ପାରିବା ? ଟିକିଏ ଚଞ୍ଚଳ ପାଦ ପକା । ମଧୁଆ କହିଲା, 'ନିଧି, ଗୋଡ଼ ମୋର ଆଗକୁ ଆଉ ଚଳୁନାହିଁ । ତୁ ଯା—ମୁଁ ଏଇଠୁଁ ଫେରି ଯାଉଛି । ଜନ୍ମମାଟି ଛାଡ଼ି ସେଇ ବିଦେଶ ମାଟି କି ଆପଣାର କରିବା ମୋ ଯୋଗେ ହେଇପାରିବ ନାହିଁ ।'

ନିଧିଆ ହସିଲା । କହିଲା, 'ମଧୁ ଭାଇ, ତମେ ଇମିତିକା ଲୋକ ! ଏତେ ବୁଝାଇ ଆସିଲା ପରେ ବି ପୁଣି ବାଉଳା ହେଉଚ । ମନ ସ୍ଥିରକରି ଆଗେଇ ଚାଲ । ସବୁ ଠିକ୍ ହୋଇଯିବ । ଜନ୍ମ ମାଟି ତ ଚିରଦିନ ତମର । ସେ କଣ ତମକୁ ଛାଡ଼ି ରହିବ ନାଁ ତମେ ତାକୁ ଛାଡ଼ି କୁଆଡ଼େ ଯାଇ ପାରିବ ? ଯୁଆଡ଼େ ଥିଲେ ବି ତମେ ଏଇ ଗାଁର ଲୋକ । ଗାଁ କଥା କିଛି ନ ଭାବି ଚାଲିଆସ—କଲିକତାରେ ପହଞ୍ଚିଲାକ୍ଷଣି ସବୁ ଠିକ୍ ହୋଇଯିବ ।

ତଥାପି ମଧୁ ସାହୁର ମନ ବୁଝିଲା ନାହିଁ ।

ନିଧିଆ ନାନାରକମର କଥା ବୁଝାଇ ସୁଝାଇ ତାକୁ ବସ୍‌ରେ ବସାଇଲା । ବସ୍ ଛାଡ଼ିଦେଲା ପରେ ମଧୁ ସାହୁର ଭାବନା ଆହୁରି ବଢ଼ିଉଠିଲା । ଆଖି ଆଗରେ ଭାସିଉଠିଲା ତା'ର ସେଇ ଗାଁ ମାଟିର ଛୋଟିଆ ଦୋକାନର ଛବି । ସକାଳର ଶାନ୍ତ ନରମ ଆଲୁଅ ତାର ସ୍ନେହଭରା ଚୁମ୍ବନ ଦେଇ ଯାଉଚି ଭିଜାମାଟିର ନରମ ଛାତି ଉପରେ । ବରଗଛ ଭିତରୁ ଦଳ ଦଳ ଚଢ଼େଇ ଜୀବନ ଯାତ୍ରାର ମାଙ୍ଗଳିକ ଗାଇ ଉଡ଼ି ଯାଉଚନ୍ତି ହାଲୁକା ବଉଦର କରେ କରେ । ସେ ଦୋକାନ ଖୋଲି ବସିଛି । ସବୁଦିନ ପରି ଦେଖୁଚି କି ସୁନ୍ଦର ସକାଳ । ଗାଁର ରାମ ସାହୁ, ବନମାଳୀ ଶତପଥୀ, ପାଣ୍ଡୁ ଜେନା ଇମିତି ଗୋଟିକ ପରେ ଗୋଟିଏ ଆସୁଛନ୍ତି ସମସ୍ତେ । ଗାଁର ସୁଖ ଦୁଃଖ ଦି'ପଦ ହୋଇ ସମସ୍ତଙ୍କୁ ସେ ବିକୁଛି ମୁଢ଼ି, ଉଖୁଡ଼ା, ମିଠେଇ, ଖଜା । ଆଖି ଆଗରେ ଦିଶିଲା ପୁଣି ନୂଆ ଦିନର ଛବି । ଗାଁରେ ପୁଣି ହାଟ ବସିଚି । ବହୁ ଆଡ଼ୁ ବହୁ ଲୋକ ଆସୁଛନ୍ତି, ଯାଉଛନ୍ତି । ସମସ୍ତେ ଖୋଜୁଛନ୍ତି ତାକୁ, ସମସ୍ତେ ତା'ରି ହାତର ମୁଢ଼ି, ଉଖୁଡ଼ା ପାଇଁ ଚାହିଁ ରହିଚନ୍ତି ।

ନିଧିଆ କହିଲା, 'ମଧୁଭାଇ, ଜଗତପୁରେ ଆସି ପହଞ୍ଚିଲେଣି ।'

ମଧୁ ସାହୁର ଭାବନା ଚହଲିଗଲା ।

ଗଣ୍ଠିଲିଟା ଧରି ନିଧିଆ ଷ୍ଟେସନଆଡ଼େ ମୁହାଁଇଲା । ମଧୁଆ ବସ୍‌ରୁ ଓହ୍ଲାଇ ତଳେ ବସିପଡ଼ିଲା । କହିଲା, 'ନିଧିଆ, ମୁଁ ଫେରିଯିବି ଏଇଠୁ ।' ନିଧିଆ କହିଲା, 'ମଧୁଭାଇ, ତମେ ଏପରି ଲୋକ ଜାଣିଥିଲେ ମୁଁ କଦାପି ସାଙ୍ଗରେ ଆଣି ନ ଥାନ୍ତି । କଲିକତାରେ ଠେକେଦାର କଲେ ମୋତେ କଣ ଶହେ ଝାଟିଏ ଓଚ୍ଛାଡ଼ିବ ନା କଣ । ତମରି ଭଲପାଇଁ ମୁଁ କହୁଚି । ଚାଲ ବେଶି ଡେରି କରନା । ପାସେଞ୍ଜର ଗାଡ଼ି ଆସିବାକୁ ଆଉ ଦଶ ମିନିଟ୍ ଅଛି ।'

Digitized by srujanika@gmail.com

ନିଧିଆ ମଧୁ ସାହୁର ହାତ ଧରି ଟାଣି ପ୍ଲାଟଫର୍ମ ଭିତରକୁ ପଶିଲା । ହାଉଡ଼ାକୁ ଦିଇଟା ଟିକିଟ କିଣି ଅଣ୍ଟାରେ ମାଇଲା ।

ଟିକିଏ ପରେ ପାସେଞ୍ଜର ଗାଡ଼ି ଧୂଆଁର ମେଘ ଉଡ଼େଇ ଜଗତପୁରେ ଆସି ଛିଡ଼ାହେଲା । ନିଧିଆ ମଧୁସାହୁ ହାତଧରି କହିଲା, 'ଜଲଦି ଡବା ଭିତରକୁ ଉଠ ।' ମଧୁ ସାହୁ ପାଦ ଆଉ ମୋଟେ ଆଗକୁ ଚଳିଲା ନାହିଁ । ଆଖି ଆଗରେ ଦେଖାଗଲା ଗାଁ ଗହଳର ଛବି । ଦୋକାନ, ହାଟ, ଆଉ ପ୍ରତ୍ୟେକ ଗରାକଙ୍କର ଚିହ୍ନାମୁହଁ । ସବୁ ଉପରେ ଭାସିଉଠିଲା ତାର ବୁଢ଼ୀ ମାଆର ଜ୍ୟୋତିହୀନ ରୂପ, ଆଉ ସ୍ତ୍ରୀର ଲୁହ ଜଳ ଜଳ ଆଖି । ସେ ପାଗଳଙ୍କ ପରି ନିଧିଆକୁ ଠେଲି ଦେଇ କହିଲା, 'ନିଧିଆ, ତୁ ଯା—ମୁଁ ଯାଇ ପାରିବି ନାହିଁ । ନିଧିଆ କହିଲା, 'ମଧୁଭାଇ, ହଇରାଣ କରିବା ଯଦି ତମର ଇଚ୍ଛା ଥିଲା ତେବେ ଆସୁଥିଲ କାହିଁକି ?'

ମଧୁ ସାହୁ ଆଖିରୁ ଝରିପଡ଼ିଲା ଧାର ଧାର ଲୁହ । ନିଧିଆ ହାତଧରି କହିଲା, 'ମୋତେ କ୍ଷମାକର ନିଧି । ମୁଁ ବଡ଼ ଦୁର୍ବଳ । ଏଇ ଗାଁ ମାଟି ଅଲକ୍ଷିତରେ ଆସି ମୋତେ କି ମମତା ଲଗାଉଚି—ତାକୁ ଛାଡ଼ିବା ମୋତେ ଆଉ ସମ୍ଭବପର ଦିଶୁନାହିଁ । ମୁଁ ଫେରି ଯାଉଚି, ପୁଣି ସେଇ ନୂଆଣିଆ ଚାଳ ଘର ଭିତରକୁ । ଲୋକ ଉପାସରେ ସେଇଠି ପଡ଼ି ରହେ ପଛେ, ସେଇଠି ମୁଁ ଜୀବନର ଶାନ୍ତିଟିକ ପାଇବି । ତୁ ଯା—ମଧୁଭାଇକି ଯେତେ ଗାଳି ଦେ ପଛେ ସେ ତା ଗାଁଟିକୁ କଦାପି ପର କରିପାରିବି ନାହିଁ ।'

ସେତେବେଳକୁ ଗାଡ଼ି ଛାଡ଼ିବାର ହୁଇସିଲି ବାଜିଉଠିଲା । ଗାର୍ଡ଼ ନୀଳ ରଙ୍ଗର ଆଲୁଅ ଦେଖାଇଦେଲା । ନିଧିଆ କାଳ ବିଳମ୍ବ ନ କରି ଗାଡ଼ି ଉପରକୁ ଉଠିଗଲା ।

ତା ପରଦିନ ସକାଳର ସୂର୍ଯ୍ୟ ନୂତନ ଆଲୋକ ନେଇ ହସି ଉଠିଲା ବେଳକୁ ଦେଖାଗଲା ମଧୁ ସାହୁ ତା'ର ସେଇ ସଡ଼କ କରର ଦୋକାନଟି ଖୋଲି ବସିଚି । ଗାଁରେ ଯିଏ ଦେଖିଲା ସମସ୍ତେ ଅବାକ୍ ହେଲେ । କାଲି ମଧୁ ସାହୁ କଲିକତା ଯାଇଥିଲା, ଆଜି ପୁଣି କଣ ଆସି ହାଜର ।

ଗାଁର ନାରଣ ଦାସ, ଗୋବିନ୍ଦ ବେହେରା, ହରି ପଧାନ, ଧୋଇ ମଳିକ, ଚେମେଇ ସାହୁ ଗୋଟି ଗୋଟି ହୋଇ ଦେଖା ହେଲେ । ସମସ୍ତେ ପଚାରିଲେ, 'କିରେ ମଧୁ, କାଲି କଲିକତା ଯାଇଥିଲୁ—ପୁଣି କଣ ଆଜି ଆସି ଏଠି । ଘଡ଼ାଘଡ଼ି କଲିକତା ସହର ସରିଗଲା କିରେ ?

ସମସ୍ତଙ୍କୁ ମଧୁ ସାହୁ ଏଇ ପ୍ରଶ୍ନର ଗୋଟିଏ ଉତ୍ତର ଦେଇ କହେ, 'ଭାଇ ଅବୁଝା ମନଟା ବିଦେଶକୁ ବାଟ କଢ଼ାଇ ଥିଲା ସିନା—କିନ୍ତୁ ହୃଦୟଟା ପଡ଼ି ରହିଥିଲା ଏଇ ଗାଁ ମାଟିର ସ୍ନେହ ବନ୍ଧନ ଭିତରେ । ତମରିମାନଙ୍କ ସ୍ନେହ, ଏଇ ଜନ୍ମମାଟିର ବନ୍ଧନ ଏତେଦୂର ଶକ୍ତ, ମୋତେ ପୁଣି ଫେରାଇ ଆଣିଲା ସଡ଼କ କରର ଏଇ ଚାଳ ଘର ଭିତରକୁ । କୁଆଡ଼େ ମୁଁ ଯିବି । ତମମାନେ ପରା ମୋ'ର ଚାରିପଟେ ଘେରି ରହିଚ ଭାଇର ସ୍ନେହ ନେଇ । ଆଉ ଏଇ ଜନ୍ମମାଟି ପରା କୋଟି କୋଟି ଲୋକର ଆହାର ସାଇତି ରଖିଚି ଯୁଗ ଯୁଗ ପାଇଁ । ଖଟିବି—ଖାଇବି । ଏଇ ଜନ୍ମମାଟି ଛାଡ଼ି ମୁଁ ଯିବି କୁଆଡ଼େ ?

× × ×

Digitized by srujanika@gmail.com

ଆଠଦିନ ପରେ ଦିନେ ଦେଖାଗଲା ମଧୁ ସାହୁ ଦୋକାନ ଛାଡ଼ି ମୁଢ଼ି, ଉଖୁଡ଼ା, ମୁଆଁ, ଖଜା ମିଠେଇ ପ୍ରଭୃତି ଜଳଖିଆ ବୁକୁରୁ କରି ଗାଁ ଗାଁ ବୁଲି ବିକୁଚି ।

ନିତି ସକାଳ ହେଲାବେଳକୁ ମଧୁ ସାହୁ ଗାଧୋଇ ପଖାଳ ଗଣ୍ଡାଏ ଖାଇଦେଇ ବାହାରିପଡ଼େ, ଏଗାଁରୁ ସେ ଗାଁ—ସେ ଗାଁରୁ ଅପର ଗାଁ ବୁଲି ଜଳଖିଆ ବିକେ । ଟାଣ ଖରାଧୁଆ ବେଳକୁ ଘରକୁ ଫେରିଆସେ ।

ଗାଁଠୁ ଚାରି ପାଞ୍ଚ କୋଶ ଭିତରେ ଚିହ୍ନା ଲୋକ କେହି କେମିତି ଭେଟ ହୋଇଗଲେ କହନ୍ତି, ଆରେ ସାହୁ ପୁଅ—ତମେ ପୁଣି ଅପୂରୁବ କୁଆଡ଼େ ? ମଧୁ ସାହୁ ତାର ପାନଖିଆ ପାଟିରେ ଦର ହସିଲା ହସ ହସି କୁହେ, କଣ କରିବି ଭାଇ, ବେଳ କାଳ ଘେନି ଦୋକାନ ଆଉ ଚଳିଲା ନାହିଁ—ବେପାର ନେଇ ନ ବୁଲିଲେ ପେଟ ପୂରିବ କିମିତି ?

ସେଦିନ ଗାଁ ଗୋହିର ଭିତରେ ପଲ୍ଲୀ ଭରତ ସାହୁ ସାଙ୍ଗରେ ମଧୁ ସାହୁର ଦେଖାହେଲା । ବୁଢ଼ା ହସି ହସି ପଚାରିଲା, 'ଆରେ ତମେ କଣ ଏଠି—ମୁଁ ଶୁଣିଥିଲି ତମେ କଲିକତା ଯାଇଚ ବୋଲି ।' ମଧୁ ସାହୁ ହସି ହସି କହିଲା, 'ଏଇ ମାଟି ଉପରେ ବାପ ଅଜା ସାତ ପୁରୁଷ ଦିନ କାଟିଗଲେ । ମୁଁ ପୁଣି ଯିବି କୁଆଡ଼େ ? ମନଟା ଅବୁଝା ହେତୁ ଦଉଡ଼ି ଯାଇଥିଲି ସିନା—କିନ୍ତୁ ଜଗତ୍‌ପୁରଠାରୁ ମଉସା ଫେରି ଆସିଲି ।'

ଭରତ ସାହୁ କହିଲା, 'ବେଶ୍ କରିଚୁ । ଯେତେହେଲେ ଗୁଡ଼ିଆ ପୁଅ । ନିଜ ବେଉସା ଛାଡ଼ି ପର ଗୋଲାମି କରିବା ଭଲା କୋଉ ଦିଗରୁ ଶ୍ରେୟ । ଏଇ ବେଉସା କରି ମଧୁ, ଆମର ତ ବେଳକାଳ ସରିଲା । ଆରାମରେ ଗଣ୍ଡେ ଖାଉଚୁ ଆଉ ଖଣ୍ଡେ ପିନ୍ଧୁଚୁ । ଏହାଠୁ ବଳି ଆମର ଆଉ କଣ ବା ଲୋଡ଼ା ?'

ଇମିତି ଘଡ଼ିଏ ସୁଖ ଦୁଃଖ ହୋଇ ଦିହେଁ ଯେଝା ବାଟ ଧରିଲେ ।

ମଧୁ ସାହୁ ଦେଖିଲା ସେ ଇମିତି ବେପାର କରି ବେଶ୍ ସୁଖରେ ଚଳୁଚି । ଦୋକାନ ଅପେକ୍ଷା ସେ ଅଧିକା ଦି'ପଇସା ରୋଜଗାର କରୁଚି । ନିତି ଗାଁ ଭିତରକୁ ପଶିଗଲା ବେଳକୁ ସମସ୍ତେ ଯେପରି ତାକୁ ଆଦରରେ ଘେରି ଯାଉଚନ୍ତି । ଗାଁର ଟିକି ଟିକି ଛୁଆ ପିଲାଠାରୁ ଟୋକା ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ତାକୁ ଭଲ ପାଉଚନ୍ତି । ଏଇମାନଙ୍କ ଅସରନ୍ତି ସ୍ନେହ ଭିତରେ ଦିନଗୁଡ଼ା ବେଶ୍ ହାଲୁକା ଗତିରେ କଟିଯାଉଚି । ଦୁଃଖ ବିଷାଦର ଚିହ୍ନ ବି ଟିକିଏ ହେଲେ ନାହିଁ ।

ଏଇ ଗାଁରେ ରହିବାରୁ ଘରେ ମା' ତାର ଖୁରି ଖୁସି । ପତ୍ନୀ ତାକୁ ପାଖରେ ପାଇ ଆନନ୍ଦରେ ଆତ୍ମହରା । ତେବେ ସେ କାହିଁକି ସେ ଦିନ ଏଇ ଜନ୍ମମାଟି ଛାଡ଼ି ବିଦେଶ ଦଉଡ଼ୁଥିଲା । ଇମିତି ଭୁଲ ସେ ଜୀବନରେ ଆଉ କେବେ ହେଲେ କରିବ ନାହିଁ । ତା ଜୀବନରେ ଶାନ୍ତି ଓ ସରସତାର ଉତ୍ସ ଫୁଟାଇଚି ଏଇ ତାର ଜନ୍ମମାଟି । ଏହାଠାରୁ ପବିତ୍ର ମାଟି ଆଉ ଜୀବନରେ କିଛି ନାହିଁ ।

ସେ ସରଗରେ ଏଇ ଜନ୍ମମାଟିର ଧୂଳିକଣା ଟିକେ ମୁଣ୍ଡରେ ମାରିଲା ବେଳକୁ ତା' ଆଖି କଣରେ ଜମି ଆସିଥିଲା ଦି'ଟୋପା ଅବେଗମିଶା ଲୁହ ।

●

Digitized by srujanika@gmail.com

● ନବ ବସନ୍ତର ପୁଷ୍ପାଞ୍ଜଳି

ବାସର ରାତି ।

ରୁଦ୍ଧକକ୍ଷରେ ମିନତିକୁ ପାଖରେ ଛାଡ଼ି ହସି ହସି ଭାଉଜ ବିଦାୟ ନେଲେ । ପ୍ରଦୀପର ମୁକ୍ତାଲୋକ ଘର ଭିତରେ ବିଛୁଡ଼ି ହୋଇ ପଡ଼ିଥିଲା । ଛାୟା ଓ ଆଲୋକର ଆବରଣ ତଳେ ଲୁଚକାଳି ଖେଳୁଥିଲା ଅନ୍ତର-କୁସୁମର ମଧୁ-ସଉରଭ । ହୃଦୟରେ ଶତ ସ୍ପନ୍ଦନର ଢେଉ । ଛାତି ମୋର ଆନନ୍ଦ ଓ ଆଶଙ୍କାରେ ଥରି ଉଠୁଥିଲା । ନୂଆ ଭିତରୁ ଅତୀତ ଉଙ୍କି ମାରୁଥିଲା । ଜ୍ୟୋତ୍ସ୍ନାର ସ୍ମୃତି ସଜୀବ ହୋଇଉଠୁଥିଲା ।

ଯଉବନ ଅଙ୍କାବଙ୍କା ପଥରେ ହଠାତ୍ ସେଦିନ ଜ୍ୟୋତ୍ସ୍ନା ସହିତ ମୋର ପରିଚୟ । ଆମରି ଘର କତିରେ ସେମାନେ ବସା ନେଇ ରହିବାର ଆଠଦିନ ପରେ । ମୁଁ ମାସିକ 'ଝଙ୍କାର' ଖୋଲଉଥାଏ । ହଠାତ୍ ଘର ଭିତରକୁ ପଶି ଆସିଲେ ବୋଉ ଓ ସାଥିରେ ଆଉ ଦୁଇଜଣ । ଚମକିପଡ଼ି ଚାହିଁଲି । ବୋଉ କହିଲେ ଏ ହେଉଛି ମୋର ବଡ଼ପୁଅ ଧୀରେନ୍ଦ୍ର । ମୋତେ ଲକ୍ଷ୍ୟ କରି କହିଲେ, 'ଧୀର, ଏମାନେ ଆମର ନୂଆ ପଡ଼ୋଶୀ ରମାକାନ୍ତ ବାବୁ ଡ଼ି. ଏସ. ପି. ଙ୍କର ସ୍ତ୍ରୀ ଓ ଏ ହେଉଛି ତାଙ୍କର କନ୍ୟା ଜ୍ୟୋତ୍ସ୍ନା । ରମାକାନ୍ତ ବାବୁ ବାଲେଶ୍ୱରରୁ ବଦଳି ହୋଇ କଟକ ଆସିଛନ୍ତି ।'

ପଡ଼ୋଶୀ ଯେତେବେଳେ ହେଲେ ପରିଚୟ ନ ଦେଇ ରହି ହେଲାନି—ଜ୍ୟୋତ୍ସ୍ନା ଭରି ବ୍ୟସ୍ତକଣ୍ଠ—ଚାଲି ଆସିଲି । ପରିଚୟ ହେଲା, ଏଣିକି ସମୟ ପାଇଲେ ଆମ ଆଡ଼େ ଯିବ ଧିର । ରମାକାନ୍ତ ବାବୁଙ୍କ ସ୍ତ୍ରୀ ମୋତେ ହସି ହସି କହିଗଲେ । ଜ୍ୟୋତ୍ସ୍ନା ଚାଲିଗଲା—କିନ୍ତୁ ତାର ଚପଳ ଚାହାଣୀ, ଉଚ୍ଛଳା ଯୌବନର ଅପରୂପ ସୁଷମା ମୋତେ ପାଗଳ କରି ଦେଇଗଲା ।

ମୁଁ ତାକୁ ଭୁଲି ପାରିଲିନି । ତାପରେ ବଳେ ବଳେ ଯାଇ ପାରେନା —ସଂକୋଚ ଆସେ ।

ଦିନେ ସଞ୍ଜ ହେଇଆସୁଛି । ତାଙ୍କ ବସା ପଥ ଦେଇ ମୁଁ ଫେରୁଥାଏ । ହଠାତ୍ ମୋର ଜ୍ୟୋତ୍ସ୍ନା ସହିତ ସାକ୍ଷାତ । ସେ ଘର ଭିତରୁ ଡାକିଲା, 'ଧୀର ଭାଇ, ଏଆଡ଼େ ଆସନ୍ତୁ । ନ ଯାଇ ରହିପାରିଲି ନାହିଁ ।'

ଇମିତି ନା ଆପଣ—ଏଇବାଟେ ଯାଉଛନ୍ତି—ଆମ ଘର ଆଡ଼େ ଟିକେ ଆସୁନାହାନ୍ତି । ଅଭିମାନଭରା କଣ୍ଠରେ ସେ ଅଭିଯୋଗ କଲା ।

Digitized by srujanika@gmail.com

ସମୟ ଅଭାବରୁ ଆସିପାରିନି ଜ୍ୟୋତ୍ସ୍ନା—କୈଫିୟତ ଦେଇ ପଚାରିଲି ତମେ ଭଲଅଛ ?

ଦୁଃଖେ ସୁଖେ ପଡ଼ିଛୁ—ଗରିବଙ୍କୁ କିଏ ପଚାରୁଛି ଧୀରଭାଇ । ଦେଖୁନା, ବୋଉ ସେଦିନ ଏତେ କରି କହି ଆସିଲେ—କିନ୍ତୁ କାହିଁ ଆଜିଯାଏ ଦିନେ ତ ଆମ ଘରେ ପାଦ ପଡ଼ିଲା ନାହିଁ ! ଏତିକିବେଳେ ଜ୍ୟୋତ୍ସ୍ନାର ମା ଆସି ପହଞ୍ଚିଲେ । ମୋତେ ଦେଖି ସ୍ନେହରେ କହିଲେ, ଏତେଦିନେ ଧୀର ମୋ କଥା ମନେପଡ଼ିଲା ନା କଣ ? ଲାଜରେ କିଛି କହିପାରିଲି ନାହିଁ ।

ମାଉସୀ କହିଲେ, ଜ୍ୟୋତ୍ସ୍ନା ଏଠି ଏକୁଟିଆ—ବଡ଼ ଖରାପ ଲାଗୁଛି ତାକୁ । ସମୟ ପାଇଲେ ମଝିରେ ମଝିରେ ଆସୁଥିବ । ଜ୍ୟୋତ୍ସ୍ନାକୁ କହିଲେ, ଯା ଧୀରଭାଇଙ୍କୁ କିଛି ଖୋଇପେଇ ଛାଡ଼ । ମୁଁ ମନାକଲି । ଜ୍ୟୋତ୍ସ୍ନା ଛାଡ଼ିବାର ପାତ୍ରୀ ନୁହେଁ । ମୋର ହାତ ଧରି ସେ ନେଇଗଲା ଘରଭିତରକୁ । ସେଦିନ ଜ୍ୟୋତ୍ସ୍ନାର ଅଫୁରନ୍ତ ଆଦର-ସ୍ନେହ ମୋର ହୃଦୟରେ ଟାଣିଦେଲା ଗହୀରା ଦାଗ—ସେ ଦାଗ ଲିଭିବାର ନୁହେଁ ।

ସେହିଦିନଠୁ ଜ୍ୟୋତ୍ସ୍ନାକୁ ଦିନେ ନ ଦେଖିଲେ ମୁଁ ରହିପାରେନି । ଜ୍ୟୋତ୍ସ୍ନା ମଧ୍ୟ ସେମିତି । ନିବିଡ଼ତା ବଢ଼ିଉଠେ । ଯଉବନର ଖସଡ଼ା ପଥରେ ଗୋଡ଼ ଖସିଯାଏ । ତାର ଯୌବନର ମୃଦୁମଧୁର ଗନ୍ଧରେ ନିଜକୁ ହରାଇ ବସେ । ମିଳନର ଛନ୍ଦ ପ୍ରାଣେ ପ୍ରାଣେ ଉଠେ ଗୁଞ୍ଜରି—କିନ୍ତୁ ସ୍ୱପ୍ନ ପରି ଜୀବନର ସବୁକଥା ଦିନେ ମିଳାଇଯାଏ । ମୋର ବାହାଘର—ବାପା ଠିକ୍‌କରି ସାରିଛନ୍ତି । ବୋଉ, ଦାଦା ଘରେ ସମସ୍ତେ ସେଇଠାରେ ରାଜି ।

ଜ୍ୟୋତ୍ସ୍ନାକୁ ମୁଁ ନିଜର କରିପାରିଲି ନାହିଁ । କିନ୍ତୁ ମୋ ପାଇଁ ସେ ଜୀବନ ଦେବାକୁ ପ୍ରସ୍ତୁତ ଥିଲା । ହୃଦୟହୀନ ମୁଁ– ସାହସ ମୋର ନଥିଲା । ମିନତିକୁ ମୋତେ ଜୀବନସାଥୀ କରିବାକୁ ପଡ଼ିଲା । ଜ୍ୟୋତ୍ସ୍ନାର ସ୍ମୃତି ମୋର ହୃଦୟକୁ ବିଚଳିତ କରି ପକାଇଲା । ବାସର ରାତି—ଚିରବାଞ୍ଛିତ ଏଇ ବାସର ରାତି । କିନ୍ତୁ କାହିଁ ଜୀବନର ଶାନ୍ତି ଓ ମଧୁ ମାଦକତା ।

ହଠାତ୍ ମିନତି କଇଁ କଇଁ ହୋଇ କାନ୍ଦିଉଠିଲା । ଭାବନାର ତନ୍ଦ୍ରା ମୋର ଭାଙ୍ଗିଗଲା । ପ୍ରଦୀପକୁ ତେଜିଦେଲି । ଦେଖେ ମିନତି କାନ୍ଦିଉଠି ମୋ ପାଦତଳେ ଲେଟି ପଡ଼ିଛି । ଧୈର୍ଯ୍ୟଚ୍ୟୁତି ହେଲା । ଆଉ ରହିପାରିଲି ନାହିଁ—ମିନତିକୁ କୋଳକୁ ଟାଣିନେଲି । ବୁଝାଇ କହିଲି, ଛିଃ—ମିନତି, ଆଜି ପରା ଦିନରେ ତମେ କାନ୍ଦୁଚ । ଆଜି ଯେ ଆନନ୍ଦ ଓ ତୃପ୍ତିରେ ରାତି ପାହିବାର କଥା । ମିନତି ସାନ୍ତ୍ୱନା ପାଇ ମୋ କୋଳରେ ମୁହଁ ଲୁଚାଇଲା । ମିନତିର ଫୁଲ-କୋମଳ ମୁଖର ବ୍ରୀଡ଼ାନତ ସୁଷମା ନଇଁପଡ଼ିଲା ମୋରି ମୁହଁକୁ ଲାଗି । ଦୁଇଟି ହୃଦୟ ଏକ ହୋଇଗଲା ।

ଜ୍ୟୋତ୍ସ୍ନାକୁ ଭୁଲି ହୁଏନା । ମିନତିକୁ ଜ୍ୟୋତ୍ସ୍ନା ସହିତ ତୁଳନା କରେ । ଦେଖେ ସବୁ ଦେବି ଖାପ ଖାଇ ଯାଉଛି—ଦୁଇଟି ଭଉଣୀ ପରି ।

Digitized by srujanika@gmail.com

ବାହାଘର ଆଠଦିନ ପରେ । ଜ୍ୟୋତ୍ସ୍ନା ଆସିଥାଏ ଆମ ଘରକୁ । ଭାବିଲି, ବୋଧହୁଏ ଦେଖାହେଲେ କଥା କହିବନି । କିନ୍ତୁ ଦେଖେ, ସେହିପରି ହସ ହସ ମୁହଁ । ମୋତେ ଦେଖି କହିଲା, ଧୀରଭାଇ, ନୂଆବୋଉଙ୍କୁ କଣ ଦେଖାଇବ ନାହିଁ ?

ତାର ଏଇ ପ୍ରଶ୍ନର ଉତ୍ତର ଦେବାକୁ ମୁହଁରେ ମୋର ଭାଷା ନଥିଲା ।

ରାତିରେ ମିନତି ପଚାରିଲା, ସେ ଝିଅଟି କିଏ ? ଯିଏ ଖାଉବେଳେ ମୋ କତିକୁ ଆସିଥିଲା ।

କହିଲି, ମୁଁ ଜାଣେ ନା ।

ଇଃ ଜାଣନା—ତମ ସହିତ ତାଙ୍କର କୁଆଡ଼େ ଭାରି ଭାବ ।

ତମେ କିପରି ଜାଣିଲ—ଜ୍ୟୋତ୍ସ୍ନା କହୁଥିଲା ନା କଣ ?

ବୁଦ୍ଧି ତ । ଜ୍ୟୋତ୍ସ୍ନା ଏକା ଏହି କଥା ସବୁ କହିବ । ମା ମୋତେ କହୁଥିଲେ ନା ।

ତା'ହେଲେ ଜ୍ୟୋତ୍ସ୍ନା ପ୍ରତି ତମର ଭାରି ହିଂସା ହେଉଥିବ ।

କାହିଁକି—ହିଂସା କାହିଁକି ହେବ । ଯେ ହୃଦୟ ଚିହ୍ନିପାରେ ଆଉ ଯାର ମନ ପବିତ୍ର ସେ କେବେ ହିଂସା କରି ପାରିବନାହିଁ । ଭାରି ଭଲ ଝିଅଟି ଜ୍ୟୋତ୍ସ୍ନା । ମୋତେ କହୁଛି, ନୂଆବୋଉ ଚାଲ ଆମ ଘରକୁ ପଳାଇଯିବା—ବସି ବସି ହସଖୁସିରେ କାହାଣୀ ମେଲିଦେବା—ଖେଳିବା—ଧୀରଭାଇ ଭାରି ଦୁଷ୍ଟ— ତା ପାଖରେ କାହିଁକି ରହିବ ?

ମୋତେ ଭାରି ହସ ମାଡ଼ିଲା । ଏମିତି କେତେ ହସ ପରିହାସ ଭିତରେ ବିଦାୟ ନେଲା । ମୁଁ କହିଲି, ଆସିବ । ସେ କହିଲା, ଆସିବି କଣ—ନିଶ୍ଚୟ ଆସିବି ।

ସେହିଦିନଠୁ ଜ୍ୟୋତ୍ସ୍ନା ଆସେ ନିଇତି । କେତେ ଗପ ଥଟା ପରିହାସ ଭିତରେ ଦୁହିଁଙ୍କ ମଧ୍ୟରେ ଭାବ ଜମିଉଠେ । ଜ୍ୟୋତ୍ସ୍ନା ଦିନେ ନ ଆସିଲେ ମିନତିକୁ କିଛି ଭଲ ଲାଗେନା ।

ଦିନେ ଦିନେ ମିନତି ଜ୍ୟୋତ୍ସ୍ନାକୁ ଆଣି ମୋ ପାଖରେ ଛାଡ଼ିଦିଏ । କୁହେ, ନିଅ ତମ ଜ୍ୟୋତ୍ସ୍ନାକୁ—ବିଚରା ତମ କଥା ଭାବି ଭାବି ଭାରି ରୋଗିଣୀ ହୋଇଗଲାଣି । ଜ୍ୟୋତ୍ସ୍ନା ରାଗେ, ମୁହଁକୁ ହାଣ୍ଡି ପରି କରେ । ମିନତି କୁହେ, ଜ୍ୟୋତ୍ସ୍ନା ରାଗିଲ କି—ମୋ ରାଣ ରାଗିବ ନାହିଁ । ଜ୍ୟୋତ୍ସ୍ନା ହସେ । କୁହେ, ନୂଆବୋଉ, ରାଣଫାଣ ପକାଇବ ନାହିଁ, ଧୀରଭାଇ ରାଗିବେ । ମୁଁ ହସେ—ସ୍ନେହରେ ତା ଗାଲ ଚିପିଦିଏ । ମିନତି କୁହେ, ସେମିତି କଣ ଚିପୁଛ, ଇମିତି ଚିପ । ଏହା କହି ଜୋରରେ ସେ ତା ଗାଲକୁ ଚିପିଦିଏ । ଜ୍ୟୋତ୍ସ୍ନା ଲାଜରେ ପଳାଇଯାଏ ।

Digitized by srujanika@gmail.com

ଦିନେ ଦିନେ ଜ୍ୟୋତ୍ସ୍ନାକୁ ଏକଲା ଭେଟିଲେ ଭାରି ହଇରାଣ କରେ । କୁହେ ମନେଅଛି ଜ୍ୟୋତ୍ସ୍ନା, ଆଗ କଥା ସବୁ ? ସେ ଲାଜରେ କିଛି କୁହେନା । କୋଳକୁ ଟାଣିଆଣେ । ସେ କୁହେ, ଛିଃ, ନୂଆବୋଉ ଦେଖିବେ । ବିନୟ ଅନୁରୋଧରେ ଛାଡ଼ିଦିଏ ।

ପରକ୍ଷଣରେ ମିନତି ଆସି କୁହେ, କି ରାଧାକୃଷ୍ଣ ମିଳନ ହୋଇଥିଲା ନା କଣ ? ଲାଜରେ ଜ୍ୟୋତ୍ସ୍ନା ସଢ଼ିଯାଏ । ମୁହଁଟାକୁ ଭାରି କରେ । ମିନତି କୁହେ, ଓଃ ଟିକେ ବୋଲି ଗଲ—ଏଇଥିପାଇଁ ଏତେ ରାଗ । କେତେ ମନଭୁଲା କଥା କହି ସେ ଜ୍ୟୋତ୍ସ୍ନାକୁ ପୁଣି ନିଜର କରିନିଏ ।

ଏମିତି ପ୍ରତିଦିନ ସେ ଆସେ । ହସ ଖୁସି, ଗପ, ମାନଅଭିମାନ ନେଇ ଦିନଗୁଡ଼ା ଗଡ଼ିଗଲେ । ମନ କୁହେ, ମିନତି କେଡ଼େ ମହତ୍....ତା' ପରି ସ୍ତ୍ରୀ ପାଇ ମୁଁ ଭାଗ୍ୟବାନ ହୋଇଛି ।

କାଲି ଛାଡ଼ି ପଅରିଦିନ । ଜ୍ୟୋତ୍ସ୍ନାର ବାହାଘର । ମିନତି ମନରେ ଭାରି ଦୁଃଖ । ମୋ ମନ ମଧ୍ୟ କେଉଁଥିରେ ଲାଗେନା, ଅତୀତର କଥା ସବୁ ମନେପଡ଼େ—ତା ସହିତ ପରିଚୟ ହେବା ଦିନଠୁ ଆଜିଯାଏ ଯେତେ କଥା, ଯେତେ ଘଟଣା । ଆଖିରେ ଲୁହ ଭରିଆସେ । ମନର ଆଶା ମରି ମରି ଯାଏ ଲିଭିଲା ଦିନର ଆଲୁଅ ପରି ।

ଜ୍ୟୋତ୍ସ୍ନା ଆସିଥାଏ ଶେଷ ବିଦାୟ ନେବାକୁ । ଆଖି ତାର ଲୁହ ଭରା । କହିଲା, ଧୀରଭାଇ, ଭୁଲିଯିବନି । ଲୁହଭରା ଆଖିରେ ଉତ୍ତର ଦେଇଥିଲି, ଭୁଲି କି କିଏ ପାରେ ।

ନୂଆବୋଉ, ତମର ସ୍ନେହ, ଆଦର ମୁଁ କିପରି ଭୁଲି ରହିବି । ଜ୍ୟୋତ୍ସ୍ନା ପିଲାଙ୍କ ପରି କଇଁ କଇଁ ହୋଇ କାନ୍ଦିଉଠିଲା । ମିନତି ପ୍ରବୋଧ ଦେଇ କହିଲା, ଜ୍ୟୋତ୍ସ୍ନା, ଛିଃ ...ଏପରି ହେଲେ କଣ ଚଳିବ ? ତୁ ଘର କରିବୁ, ସୁଖରେ ରହିବୁ । ସେଇ କଣ ଆମର କମ୍ ଗୌରବ ନୁହେଁ ।

ଜ୍ୟୋତ୍ସ୍ନା ଆଜି ବହୁଦୂରରେ । ପ୍ରତିଦିନ ତାରି କଥା ଭାବି ଆମ ଆଖିରେ ଆସେ ଲୁହ । ମିନତି କୁହେ, କେଡ଼େ ଭଲ ପିଲାଟି ଜ୍ୟୋତ୍ସ୍ନା । ଅନ୍ତରର-ବ୍ୟଥା ଉଠେ ଗୁମୁରି । ପ୍ରଶ୍ନ ଆସେ କାହିଁକି ମଣିଷର ଏ ଦୁର୍ବଳତା ?

ବାହାଘର ପନ୍ଦରଦିନ ପରେ । ଜ୍ୟୋତ୍ସ୍ନାଠୁ ଚିଠି ଖଣ୍ଡିଏ ନପାଇ ମନର ସବୁ ସରାଗ ମଉଳି ଯାଇଥାଏ । ମୋତେ ଶୁଖିଲା ଦେଖି ମିନତି ସେଦିନ ପଚାରିଲା, କଣ ହୋଇଛି ? ମୋ ଉପରେ ରାଗିଚ ନା କଣ । ମଉଳା ହସ ହସି କହିଲି, ନା ମିନୁ, ତୋ ଉପରେ ରାଗିବି କାହିଁକି—ରାଗିଚି ଜ୍ୟୋତ୍ସ୍ନା ଉପରେ । ସେଦିନୁ ଗଲା ଯେ ଚିଠି ଖଣ୍ଡିଏ ଦେଲାନାହିଁ ।

ମିନତି ହସିଲା । କହିଲା, ଜ୍ୟୋତ୍ସ୍ନା ଯେତେଦିନ ତମର ଥିଲା, ସେତିକି...ଆଜି ସେ ପରର । ଦୂର ବଣପକ୍ଷୀ ଆଜି ଉଡ଼ି ଯାଇଚି ତାର ଶ୍ୟାମଳ

Digitized by srujanika@gmail.com

ବନାନୀର ଶାନ୍ତିର ନୀଡ଼ ଭିତରକୁ । ଆଉ ତାକୁ ଧରିପାରିବ ନାହିଁ । ଧରିବାର ଆଶା ରଖି ଦଉଡ଼ିଲେ ଥକି ପଡ଼ିବ ସିନା, କିନ୍ତୁ ଫେରି ପାଇବ ନାହିଁ । ନିଜର ପୋଷା ପକ୍ଷୀଟିକୁ ସ୍ନେହ କର । ସେଇ କଣ ତୁମକୁ ସୁନ୍ଦର ବଣପକ୍ଷୀ ପରି ଦାନର ପ୍ରତିଦାନ ଦବନି ?

ମିନତି ଗାଲରେ ଛୋଟ ଚୁପୁଡ଼ାଟା ବସାଇ ପାଖକୁ ଆଉଜାଇ ଆଣି କହିଲି, 'ଦୁଷ୍ଟ, ଆଘାତ ଦେବାର ପଟୁତା ଦେଖୁଚି ତମର ଖୁବ୍ ବଢ଼ି ଉଠିଲାଣି ।'

ମିନତିର ସରମବୋଳା ମୁହଁ ନଇଁ ଆସିଲା ମୋର ଛାତି ଉପରକୁ । ମୁରୁକି ହସି ସେ ମୁହଁ ଲୁଚାଇଲା । ଯେତେ ଲୁଚାଇଲେ ବି ତାର ଗୋଲାପି ଅଧରରେ ମୋର ଅଯାଚିତ ଦାନ ସେ ମଥା ପୋତି ଗ୍ରହଣ କରିନେଲା ।

Digitized by srujanika@gmail.com

• ଦୀପତଳେ ଅନ୍ଧାର

ବଡ଼ ସହରର ଏଇ କଲିକତାର ଫୁଟ୍‌ପାଥ୍ । ଠାଏ ଠାଏ କେତେ ହତଭାଗ୍ୟ ଭିକାରୀ ଭିକାରୁଣୀଙ୍କର ମେଳା । କେତେ କରୁଣ ନିବେଦନ— କେତେ ଆକୁଳ ଚିତ୍କାର—କେତେ ଲୁହବୋଳା ମିନତି ।

ପାଖରେ ସୁବିସ୍ତୃତ ରାଜପଥ । ତାହାରି ଉପରେ ଲକ୍ଷ ଲକ୍ଷ ମଟର ଛୁଟିଯାଏ । ଯେପରି ଦାରିଦ୍ର୍ୟକୁ ଉପହାସ କରେ । କର୍ମଚଞ୍ଚଳ ରାଜପଥ ଉପରେ ଅଗଣିତ ଜନସ୍ରୋତ ବହିଯାଉଛି । କିନ୍ତୁ ତାରି ଭିତରୁ ଜଣେ ବା ଦୁଇଜଣଙ୍କର ନଜର ଫୁଟ୍‌ପାଥ୍‌ରେ ସେଇ ଗରିବ ହତଭାଗ୍ୟଗୁଡ଼ାଙ୍କ ଉପରେ ପଡ଼େ । କେହି ପଇସାଟିଏ ବା ଅଧିକ କିଛି ଦିଏ—କିଏ କିଛି ନ ଦେଇ ସେଇ ହତଭାଗ୍ୟଗୁଡ଼ାଙ୍କୁ ଚାହିଁ ନାସିକା କୁଞ୍ଚନ କରେ—କେହି ଗାଳିଦେଇ ଦୂର୍ ଦୂର୍ କରେ ।

ଧର୍ମତଲା ଓ ମୋତିସିଲ୍ ଷ୍ଟ୍ରିଟର ମୋଡ଼ । ସେହି ମୋଡ଼ ଉପରେ ଗୋଟିଏ ଜରାଜୀର୍ଣ୍ଣ ଭିକାରୁଣୀ ବୁଢ଼ୀ ଓ ତାର ସାତ ଆଠବର୍ଷର ମଇଳା ଅପରିଚ୍ଛନ୍ନା ଝିଅଟିଏ । ମା ଝିଅ ଦୁଇଟି ସେଇଠି ସାରାଦିନ ହାତପାତି ବସିରହନ୍ତି । କେତେ କରୁଣ ଆବେଦନ ତାଙ୍କର ସେହି ଗଗନ ପବନରେ ଭାସିବୁଲେ । ଖରବେଳ ଗଡ଼ିଲେ ଭୋକ ଲାଗେ । ଯା ଦି'ଚାରି ପଇସା ମିଳିଥାଏ, ସେଇଥିରେ ବୁଢ଼ୀମା'କୁ ବସାଇ ଦେଇ ଝିଅଟି ପାଖ ଦୋକାନରୁ ମୁଢ଼ି, ବରା ଗୁଲୁଗୁଲା କିଣି ଆଣେ । ଦୁହେଁ ଖାଇ ଢୋକେ ପିଇ ଟିକେ ନିଃଶ୍ୱାସ ମାରନ୍ତି । ତା'ପରେ ପୁଣି ସନ୍ଧ୍ୟା ପର୍ଯ୍ୟନ୍ତ ସେଇ ଆକୁଳ ମିନତିଭରା ଅଳି । ଦିନ ଶେଷ ହୋଇଯାଏ । ସନ୍ଧ୍ୟାର ଅନ୍ଧକାର ଭିତରେ ଦିନର ଆତ୍ମା ମରିଯାଏ । ବୁଢ଼ୀ କହେ, ମା, ସଞ୍ଜ ହେଲା । ଚାଲ ଯିବା । ଧୀରେ ଧୀରେ ଜନତା'ର ସ୍ରୋତ ଅତିକ୍ରମ କରି ଦୁହେଁ ଫେରି ଆସନ୍ତି ଗଙ୍ଗାକୂଳର ସେଇ ନିଛାଟିଆ ଗଛତଳକୁ ।

ସେଠି ବଡ଼ଲୋକର ପାଦ ସ୍ପର୍ଶ କରିନାହିଁ । ନାହିଁ ଆଭିଜାତ୍ୟ ଭୋଗ ବିଳାସ । ଉପରେ ସୁବିସ୍ତୃତ ଆକାଶ—ତଳେ ଶ୍ୟାମଳ ଧରିତ୍ରୀର ମାଟି । ତାରି ଉପରେ ଝଙ୍କା ବରଗଛଟି ଶାଖା ପ୍ରଶାଖା ମେଲି ଠିଆ ହୋଇଛି କେଉଁ ଦିନରୁ କେହି ଜାଣନ୍ତି ନାହିଁ । ଗଛ ତଳେ ଛୋଟିଆ କୁଡ଼ିଆଟିଏ । ସେଇଥିରେ ଗରିବ ଦୁଇଟିଙ୍କର ଜୀବନ ସଂଗ୍ରାମର ସଂସାର । ଦୁଃଖ ଆସୁ ପଛେ ଅବସାଦ ନାହିଁ — ବିପଦ ଆସୁ ପଛେ ଚିନ୍ତା ନାହିଁ—ସେହି ତାଙ୍କର ସୁଖର ସଉଧ ।

ଝିଅଟି ଆଜି ବଡ଼ ହେଲାଣି । ଯୌବନର ତୀବ୍ର ତଡ଼ିତ୍ ପ୍ରବାହରେ ତାର ଅଙ୍ଗଲତାରେ ସୁଷମା ଫୁଟି ଫୁଟି ଆସିଲାଣି । ସେ ଆଜି ଅତୀତର ଟିକି ଝିଅଟି ନୁହେଁ—ସୁନ୍ଦରୀ ଯୁବତୀ । ରାସ୍ତା ଉପରେ ହାତ ପତାଇ ମାଗିଲା

Digitized by srujanika@gmail.com

ବେଳେ ଲୋକେ ତାକୁ କେତେ ଥଟ୍ଟା କରନ୍ତି- କେତେ ଗେଲ ହୁଅନ୍ତି । ବୁଢ଼ୀମା ସବୁ ଦେଖେ—ସବୁ ଶୁଣେ । କିନ୍ତୁ ପଥର ପରି ସେ ସବୁ ସହିଯାଏ — କଣ କରିବ, ତାର ଭାଗ୍ୟ ।

ସେଦିନ ବୁଢ଼ୀ ଭାରି ଜିଦ୍ କଲା । ଦେଖେ ଝିଅ, ଆଉ ତୁ ମାଗିବାକୁ ମୋ ସାଥୀରେ ଆସନା । ଏଇ କୁଡ଼ିଆରେ ରହ । ତୁ ବଡ଼ ହେଲୁଣି । ଲୋକେ ତୋତେ କେତେ କଥା କହୁଛନ୍ତି । ବଜାରୀ ଟୋକାଗୁଡ଼ା ତୋର ଶିରୀ ଦେଖି ପାରୁନାହାନ୍ତି । ମୋତେ ଭାରି ଡର ମାଡୁଛି । ତୋ ଉପରେ ଯଦି ବାଦ ସାଧନ୍ତି—ମୋ ଜୀବନ ସାଙ୍ଗେ ସାଙ୍ଗେ ଛାଡ଼ିଯିବ । ମୁଁ ମାଗିଯାଚି ଯାହା ଆଣିବି—ସେଇଥିରେ ଦୁହେଁ ଭେକ ଉପାସରେ ଚଳିଯିବା । ଦୁଃଖ କଷ୍ଟ ଦେଇ ଭଗବାନ ଆମକୁ ତ ଗଢ଼ିଛନ୍ତି— ସୁଖ ବା କାହୁଁ ଆସିବ । ଝିଅଟି ଆଖିରେ ଲୁହ ପୂରିଆସେ—ମା କଥା ଭାଙ୍ଗି ପାରେନା ।

ସେହିଦିନଠୁ ମା ଆସେ ମାଗିବାକୁ—ଝିଅ ରହେ ବସାରେ । ସଂଜ ହେଲେ ମା ଫେରିଯାଏ । ମାଗି ଆଣିଥିବା ଦରବରେ ଗଣ୍ଡେ ଫୁଟାଇ ଦେଇ ପରକ୍ଷଣରେ ମା ସେବାରେ ଝିଅ ଦୁନିଆ ଭୁଲିଯାଏ । ଇମିତି ମାଆ ଝିଅଙ୍କର ହୃଦକାନ୍ଦର ସଂସାର ସମୟର ଗତିରେ ଗଡ଼ିଥିଲେ ।

ସାତଦିନ ହେଲା ବୁଢ଼ୀକୁ ଭାରି ଜର । ପରୀର ଖାଇବା ପିଇବା ନାହିଁ । ରାତିଦିନ ମା ସେବାରେ ସେ ଲାଗିରହିଛି । ତଥାପି ଭଗବାନ ତା ସେବାରେ ସନ୍ତୁଷ୍ଟ ହେଉ ନାହାନ୍ତି ।

ଖାଦ୍ୟପେୟର ସମ୍ବଳ ସରିଗଲାଣି । କାଲିଠୁ ଉପବାସ । ପଇସାଟିଏ ବି ନାହିଁ.....ମା ପାଇଁ ବାଲି ଟୋପାଏ ଦେବାକୁ । କଣ କରିବ—ଚାରିଆଡ଼ ଅନ୍ଧାର ଦିଶୁଚି । ଭାବିଲା, ଆଜି ସେ ବଜାର ଆଡ଼େ ଯିବ—କିଛି ମାଗିଯାଚି ନ ଆଣିଲେ ଉପାୟ ନାହିଁ । ନହେଲେ ବୁଢ଼ୀ ମା'ଟି ଅନାହାରରେ ଆଖି ବୁଜିଦେବ ।

ମା'କୁ ବହୁତ ବୁଝାଇ ପରୀ ବାହାରିଲା । ବୁଢ଼ୀ ଜରରେ ବ୍ୟସ୍ତ ହୋଇ କହିଲା, ମା'ଟା ପରୀ, ଶୀଘ୍ର ଫେରି ଆସିବୁ । ତୋତେ ନ ଦେଖି ମୋର ପ୍ରାଣ ବାହାରିଯିବ । ପରୀ କାନ୍ଦି ପକାଇଲା । କହିଲା, ଛିଃ ମା, ଇମିତି କଥା ତୁ ଆଉ ଦିନେ କହିବୁ ନାହିଁ ।

ମା'କୁ କଥା ଦେଇ ପରୀ ସିନା ଗୋଡ଼ କାଢ଼ିଲା, କିନ୍ତୁ ବାହାରର ଆବହାଓ୍ୱା ତାକୁ ଆଜି ଭଲ ଲାଗିଲା ନାହିଁ । ଧୋବ ଧୋବଳିଆ ବାବୁମାନଙ୍କର ରୂପ ଦେଖି ହାତ ପତେଇ ମାଗିବାକୁ ସଂକୋଚ ଲାଗିଲା । ବହୁଦିନ ହେଲା ତାର ମାଗିବା ଅଭ୍ୟାସଟା ଯେପରି ମରିଯାଇଛି । ହାତ ପତାଇଲା ବେଳକୁ ହୃଦୟ ଭିତରଟା ଅଜଣା ଆଶଙ୍କାରେ କମ୍ପି ଉଠୁଛି ।

ପରୀ ବୁଝିପାରିଲା ସେ ଆଜି ବଡ଼ ହୋଇଛି । ହାତ ପତେଇ ମାଗିବାର ଶତ୍ରୁ ହେଇଚି ତାର ଏଇ ରୂପ ଆଉ ଯୌବନ । ଏଇଥିପାଇଁ ମା ତାକୁ ସାଙ୍ଗରେ ନେବାକୁ ଭୟ କରୁଥିଲା । ପରିସ୍ଥିତିର ଚାପରେ ପଡ଼ି ଆଜି ସେ ଦୁନିଆର

Digitized by srujanika@gmail.com

ରାଜପଥରେ ଭିକାରୁଣୀ ବେଶରେ ଛିଡ଼ା ହୋଇଛି ସିନା—କିନ୍ତୁ କିଏ ଯେପରି ତାକୁ ପଛକୁ ଠେଲି ନେଉଚି । ସହରର ବିସ୍ତୃତ ରାଜପଥରେ ଚାଲୁ ଚାଲୁ ପାଦର ଗତି ବେଳେବେଳେ ଅଜଣା ଆଶଙ୍କାରେ ଶିଥିଳ ହୋଇପଡୁଥିଲା । ବିବେକ ମନକୁ ଦଂଶନ କରୁଥିଲା । ପୁଣି ପରକ୍ଷଣରେ ମାଆର ଅବସ୍ଥା ଆଖି ଆଗରେ ଭାସି ଉଠିଲେ ସାହସ ସଞ୍ଚୟ ହେଉଥିଲା...ସେ ମାଡ଼ି ଚାଲୁଥିଲା ଆଗକୁ । ଆଶା, କିଛି ମିଳିଲେ ମା'କୁ ସେ ରୋଗ ମୁଖରୁ ଲେଉଟାଇ ଆଣିବ ।

ଆଗରେ ତିନିମହଲା ବଡ଼ କୋଠା । ସମ୍ମୁଖରେ ଲମ୍ବା ମୁଛଧାରୀ ଦରଓ୍ୱାନ ପହରା ଦେଉଛି । ପରୀ ଫାଟକ ଡେଇଁ ଆଗେଇ ଚାଲିଲା ଭିତରକୁ । ଭାବିଲା, ବଡ଼ ଘରର ଝିଅବୋହୂମାନେ ତାର ଦୁଃଖ କାହାଣୀ ଶୁଣିଲେ ନିଶ୍ଚୟ କିଛି ଦୟା କରିବେ । ଭିତରକୁ ପଶିଗଲା ବେଳକୁ ହଠାତ୍ ଦରଓ୍ୱାନ ବାଧାଦେଲା ।

ଏ ଲଡ଼କି, କାହାଁ ଯାତି.....ଠହରୋ । ପରୀ ଦେଖିଲା, ଦରଓ୍ୱାନ ଭିତରକୁ ଛାଡ଼ି ଦେଉନାହିଁ । ସେ ତାକୁ କେତେ ବିନୟ ହୋଇ ନିଜର ଆକୁଳ ମିନତି ଜଣାଇଲା । ତଥାପି ଦରଓ୍ୱାନ ନିଜ କର୍ତ୍ତବ୍ୟରେ ଅଟଳ । ଇହାଁ କିସ୍‌କୋ ଅନ୍ଦର ଜୁକ୍‌ନା ମନା ହୈ । ତୁମ-ଅବି ନିକଲ ଯାଓ ।

ପରୀ ନିରୁପାୟ ହୋଇ ହତୋତ୍ସାହରେ ଫେରି ଆସୁଥିଲା, ହଠାତ୍ ଦୋତାଲା ବାଲ୍‌କୋନି ଉପରୁ କିଏ ଯେପରି ସଙ୍କେତ ଦେଇ କହିଲା, ଏ ଦରଓ୍ୱାନ, ଉସ୍‌କୋ ଅନ୍ଦର ଆନେ ଦୋ । ପରୀ ଫେରି ଚାହିଁଲା କୋଠା ଉପରେ ବାବୁଟିଏ ତାରି ଆଡ଼କୁ ମୁଗ୍ଧ ଦୃଷ୍ଟିରେ ଚାହିଁ ରହିଛନ୍ତି । ପରୀ କେଜାଣି କାହିଁକି ଭୟରେ ଶଙ୍କିତ ହୋଇଉଠିଲା । ଭିତରକୁ ନ ଯାଇ ଫେରି ଆସୁଥିଲା.....ପୁଣି ଦରଓ୍ୱାନ ବାଧା ଦେଲା । ଏ ଲଡ଼କି ଅନ୍ଦର ଚଲୋ.....ବାବୁ ତୁମ୍‌କୋ ବୋଲାତା । ବହୁତ୍ କୁଛ୍ ମିଲେଗା ।

ଆଶାର ମାୟାମୃଗ ନାଚିଉଠିଲା—ପରୀ ଫେରିପଡ଼ି ଭିତରକୁ ଚାଲିଲା ।

ପଥର ସଙ୍କେତ ଦେଇ ଦରଓ୍ୱାନ ଆଗେ ଆଗେ ଚାଲିଲା । ଦୋତାଲା ଉପର ବାରଣ୍ଡାରେ ଦରଓ୍ୱାନ ପରୀକୁ ଛାଡ଼ିଦେଇ ତଳକୁ ଫେରିଆସିଲା । ବାବୁଟି ପଚାରିଲେ, କଣ ଚାହୁଁଚୁ କହ—ସବୁ କିଛି ମିଳିବ ।

ମୋର କେହି ନାହିଁ, ମୁଁ ଅନାଥିନୀ ବାବୁ । ଏକମାତ୍ର ସାହା ଭରସା ଦେଇ ଯେ ମୋତେ ବଞ୍ଚାଇ ଆଣିଚି, ସେ ଆଜି ମୃତ୍ୟୁ ଶଯ୍ୟାରେ । ମାଆ ମୋର ସାତଦିନ ହେବ ବେମାର । ଗଙ୍ଗାକୂଳର ସେଇ ଛୋଟିଆ କୁଡ଼ିଆରେ ତାକୁ ଛାଡ଼ି ଆସିଚି—ମନ ମୋର ଅସ୍ଥିର ହେଉଚି । ତାକୁ ବଞ୍ଚାଇବାକୁ ମୋତେ କିଛି ସାହାଯ୍ୟ ଦିଅ ବାବୁ—ଏତିକି ମୋର ପ୍ରାର୍ଥନା ।

ବାବୁ ପଚାରିଲେ, ତୋ ନାଁ କଣ ?

ପରୀ ।

Digitized by srujanika@gmail.com

ବାଃ ...ବଡ଼ ସୁନ୍ଦର ନାଁ । ପରୀଟି ପରି ରୂପ ଯେମିତି, ନାମଟି ବି ସେମିତି । ଏଇ ସୁନ୍ଦର ରୂପକୁ ଏପରି ଜୀର୍ଣ୍ଣ ଅପରିଚ୍ଛନ୍ନ ଲୁଗାଟି ଶୋଭା ପାଉନି । ନିଅ, ଏଇ ଶାଢ଼ୀଟି ପିନ୍ଧି ପକାଅ । ତମର ସବୁ ଅଭାବ ମୁଁ ପୂରଣ କରିଦେବି ।

କାଛ ଆଲମାରୀରୁ ଶାଢ଼ୀଟି ବାହାର କରି ପରୀକୁ ପିନ୍ଧିବାକୁ କହିଲେ । ଏତେ ସୁନ୍ଦର ମୂଲ୍ୟବାନ ଶାଢ଼ୀକୁ ସ୍ପର୍ଶ କରିବାକୁ ପରୀର ସାହସ ହେଉନାହିଁ । ବାବୁ ବାଧ୍ୟ କଲେ । କହିଲେ, ଏଇଠାରେ ତୁମେ ଅପେକ୍ଷା କର । ମୁଁ ଦରଓ୍ୱାନକୁ କହିଆସେ, ତୁମ ମାଆକୁ ସେଇ ଗଙ୍ଗାକୂଳରୁ ନେଇଆସିବ ।

କୃତଜ୍ଞତାରେ ପରୀର ହୃଦୟ ପୂରିଗଲା । ବାବୁ ଚାଲିଯିବାରୁ ସେ ନିଜକୁ ଟିକିଏ ଆଶ୍ୱସ୍ତ ମନେକଲା । ଏତେବଡ଼ ଲୋକର କଥାକୁ ସେ ଏଡ଼ି ନଦେଇ ଲୁଗାଟି ପିନ୍ଧି ପକାଇଲା । ଭାବିଲା, ତାର ଭାଗ୍ୟର ଆଜି ଉଦୟ ହୋଇଛି ।

କିଛି ସମୟ ପରେ ବାବୁଟି ଫେରି ଆସିଲେ ସେଇ ନିରୋଳା କୋଠରୀ ଭିତରକୁ । ହଠାତ୍ ଘର ଭିତରକୁ ପଶିଆସି ଦରଜା ବନ୍ଦ କରିଦେଲେ । ପରୀ ପାଖରେ ବସିପଡ଼ିଲେ । ଲଜ୍ଜାରେ ପରୀ ଅପସରିଗଲା ।

ବାବୁ ହସି ହସି କହିଲେ, ଲଜ୍ଜା କରୁଚ କାହିଁକି ପରି । ତୁମେ ଆଜି ଏଇ ଘରର ରାଣୀ । ତୁମେ ଅନାଥିନୀ ନୁହଁ—ସୌଭାଗ୍ୟବତୀ । ଏତିକି କହି ପରୀର ହାତ ଧରି କୋଳକୁ ଟାଣି ନେବାକୁ ଚେଷ୍ଟା କଲେ ।

ପରୀ ଭୟରେ ଥରିଉଠିଲା । ସେ ବାବୁଠାରୁ ଦୂରେଇ ଯିବାକୁ ଚେଷ୍ଟାକଲା । କିନ୍ତୁ ପାରିଲା ନାହିଁ । ବାବୁଟି ତାକୁ ଜୋରକରି କୋଳ ଭିତରକୁ ଟାଣି ନେଇଗଲେ । ତାର ସରଳତାର ସୁଯୋଗ ନେଇ ତା ପ୍ରତି ସବୁ ଅତ୍ୟାଚାର ଆରମ୍ଭ କରିଦେଲେ । ପରୀ ଶତଚେଷ୍ଟା ସତ୍ତ୍ୱେ ବି ନିଜକୁ ମୁକ୍ତ କରି ପାରିଲା ନାହିଁ । ସେ ଭୟରେ ପାଟିକରି କାନ୍ଦିବାକୁ ଆରମ୍ଭ କଲା । ବାବୁଟି ନିଜର ମନର ଓରିମାନା ମେଣ୍ଟାଇ ସାରିଥିଲେ । ପରୀର ଚିତ୍କାର ବାହାରେ ଆତ୍ମପ୍ରକାଶ କଲେ ନିଜର ଆତ୍ମମର୍ଯ୍ୟାଦାରେ ହାନି ହେବ ଏଇ ଭୟରେ ତାକୁ କବାଟ ଖୋଲିଦେଲେ । ପରୀ ଶରବିଦ୍ଧ ହରିଣୀ ପରି କାନ୍ଦି କାନ୍ଦି ଆଖି ପଲକରେ ତଳକୁ ଓହ୍ଲାଇ ଆସି ନିମିଷକେ ସହରର ଜନସ୍ରୋତ ଭିତରେ ମିଶିଗଲା । ସେତେବେଳକୁ ସଂଧ୍ୟାର ଅନ୍ଧକାର ସହର ଉପରକୁ ଘନେଇ ଆସୁଥାଏ ।

ପରୀ ପାଗଳିନୀ ପରି ଛୁଟି ଚାଲିଲା—ସେଇ ଗଙ୍ଗାକୂଳର ଛୋଟିଆ କୁଡ଼ିଆଟିକୁ, ଯେଉଁଠି ଅଛି ତାର ହୃଦୟର ଶେଷ ସମ୍ବଳ, ଆଶା ଓ ଭରସାର ସ୍ତମ୍ଭ ଅତି ଆପଣାର ମାଆଟି । ତାର କଥାକୁ ଉପେକ୍ଷା କରି ସେ ଆଜି ହାତ ପତାଇ ଆସିବାର ପ୍ରତିଫଳ ଭୋଗିଚି । ତା ଆଖିରୁ ଛୁଟିଲା ଧାର ଧାର ଲୁହ । ଗରିବ ଅନାଥିନୀ ପ୍ରତି ଏଇ କଣ ବଡ଼ଲୋକର ଅନୁକମ୍ପାର ଦାନ । କ୍ଷଣକ ଆଗର ଦୃଶ୍ୟଗୁଡ଼ା ନାଚିଉଠିଲା ଆଖି ଆଗରେ । ସେ ଭାବି ପାରିଲାନାହିଁ—ମୁଣ୍ଡ ଭିତରଟା ତୀବ୍ର ବେଦନାରେ ଗୋଳମାଳ ହେଇଗଲା । ରାସ୍ତା ଉପର ଲୋକଗୁଡ଼ାଙ୍କ ମୁହଁକୁ ସେ ଅନାଇ ପାରିଲା ନାହିଁ । ଆଖି ମଳି ମଳି ଧାଇଁ ଚାଲିଲା—ଯାନବାହନ ଓ ଜନତାର ଭିଡ଼ ଠେଲି ।

Digitized by srujanika@gmail.com

ସେଇ ଛୋଟିଆ କୁଡ଼ିଆ ଭିତରକୁ ପଶିଗଲା—ଦେଖିଲା ସବୁ ଅନ୍ଧାର । ଭାବିଲା, ପବନରେ ହୁଏତ ଦୀପଟି ଲିଭି ଯାଇଛି । ଡାକିଲା, ମାଆ, ମାଆ । କିଛି ଉତ୍ତର ପାଇଲା ନାହିଁ । ଭୟରେ ହୃଦୟଟା ଥରିଉଠିଲା । ଦିଆସିଲି ଖୋଜି ଆଲୁଅ ଜାଳିଲା; କିନ୍ତୁ ଏ କଣ ! ମାଆର ଆଖି ଦୁଇଟି ସେତେବେଳକୁ ଚିରଦିନ ପାଇଁ ମୁଦି ହୋଇଯାଇଛି । ଅଭାବ ଅନାଟନର ବହୁଦୂରକୁ ମାଆ ତାର ଚାଲିଯାଇଛି । ପରୀ କାନ୍ଦି କାନ୍ଦି ମାଆ ଉପରେ ଲୋଟିପଡ଼ିଲା । କିନ୍ତୁ ଆଜି ଆଉ ମାଆ ତାର ଅତି ଅଲିଅଳ ଝିଅର ବେଦନ ଶୁଣିଲା ନାହିଁ । ପରୀ କାନ୍ଦି କାନ୍ଦି ହାଲିଆ ହେଇ ମାଆର ମୃତ ଶରୀର ଉପରେ ଟଳିପଡ଼ିଲା । ସାରାଦିନର ଉପବାସ ଦୁଃଖ, ଯନ୍ତ୍ରଣାରେ ସେ ଛଟପଟ ହେଲା । ଅଜଣାରେ ଆଖି ଉପରେ ସାମାନ୍ୟ ନିଦ୍ରା ଲାଗି ଆସୁଚି, ହଠାତ୍ କାହାର ଡାକ ଶୁଣିଲା—ପରୀ, ପରୀ ।

ପରୀ ଚମକିପଡ଼ିଲା । ହଠାତ୍ ଘର ଭିତରୁ ବାହାରକୁ ଉଠିଆସି ଚାହିଁଲା । ସେତେବେଳକୁ ଅଧରାତି ଉପରେ । ଆକାଶରେ ମେଘ ଡାଙ୍କିଚି । ତାରି ଭିତରେ ନବମୀର ବଙ୍କା ଜହ୍ନ ଅସ୍ପଷ୍ଟ ହେଇ ଉଠିଚି । ନିସ୍ତବ୍ଧତା ଭଙ୍ଗକରି ବେଳେବେଳେ ଜାହାଜର ଗୁରୁଗମ୍ଭୀର ଧ୍ୱନି ଭାସି ଆସୁଚି ।

ଏତେ ରାତିରେ କିଏ ? ନିରେଖି ଚାହିଁଲା । ବଡ଼ କୋଟର ହେଇ ଲମ୍ବା ମୁଛଧାରୀ ଦରୱାନ । ହାତରେ ଚିତାଏ ଉଚ୍ଚର ବାଡ଼ି—ମୁଣ୍ଡରେ ପଗଡ଼ି । ତାର ସେଇ ଭୀଷଣ ମୂର୍ତ୍ତିକୁ ଦେଖି ପରୀ ଭୟରେ କାତର ହେଇ ପଡ଼ିଲା । ଭାବିଲା, ବୋଧହୁଏ ସେଇ ଦରୱାନ ପୁଣି ତାକୁ ଧରି ନେବାକୁ ଆସିଚି—ଏଇ ନିଛାଟିଆ ରାତିରେ ଏକୁଟିଆ ପାଇ । ପୁଣି ବଡ଼ଲୋକର ଶିକାର ହେବାକୁ ମନ ତାର ବିଦ୍ରୋହୀ ହୋଇଉଠିଲା । ସେ ମୁହୂର୍ତ୍ତେ ଅପେକ୍ଷା ନକରି ବଙ୍କା କୂଳେ କୂଳେ ଦଉଡ଼ିଲା ।

ଦରୱାନ ଡାକିଲା—ପରୀ, ଋହେକ୍ ଯାଓ—ମେରା ବାତ ଶୁନୋ । ବାବୁଜୀ ତୁମ୍‌କୋ ଦେନେକେଲିୟେ ବହୁତ୍‌ସେ ରୁପିୟା ଭେଜା—ଲେଯାଓ । ପରୀ ଶୁଣିଲା ନାହିଁ । ବଡ଼ଲୋକଙ୍କ କଥାରେ ବିଶ୍ୱାସ କରିବାର ପ୍ରତିଫଳ ସେ ଭୋଗି ସାରିଚି । ସରଳ ହୃଦୟ ପ୍ରତିଦାନରେ ଆଉ ସେ କଳଙ୍କର ଘର ଧରିଲା-ନାହିଁ । ଭାବିଲା, ମରିଯିବ ପଛେ ଆଉ ସେ ଦରୱାନ ନିକଟରେ ନିଜକୁ ଧରାଦେବ ନାହିଁ ।

ପଚାର କରିପଥ ଦରୱାନ ଅନୁସରଣ କଲା । ପରୀ ଛୁଟି ଚାଲିଲା ପବନ ବେଗରେ । ମେଘ ଛାଇରେ ରାସ୍ତା ବାରି ହେଉନାହିଁ—ତଥାପି ସେ ଚାଲିଛି । ହୃଦୟରେ ଅଗ୍ନିର ସ୍ଫୁଲିଙ୍ଗ । ଗତି ତାର ରୋଧ କରିବାକୁ ଶକ୍ତି କାହାର ।

ଦଉଡ଼ି ଦଉଡ଼ି ପାଦର ଗତି ଶିଥିଳ ହେଇପଡ଼ିଲା । ପଛକୁ ଫେରି ଚାହିଁଲା, ଦରୱାନ ଅତି ନିକଟରେ ପହଞ୍ଚିଗଲାଣି । ଆଉ ଟିକିଏ ପରେ ନିଜକୁ ତା କବଳରୁ ମୁକ୍ତ କରିପାରିବ ନାହିଁ । ନିରୁପାୟ ହେଇ ସେ ଛିଡ଼ା ହେଇଗଲା । ମନରେ ଦ୍ୱନ୍ଦ୍ୱ—କଣ କରିବ ? ହଠାତ୍ ଆଖି ଆଗରେ ଆଲୋକ ଉଦ୍‌ଭାସିତ ହେଇ ଉଠିଲା । ଏଇ ପଥ ଛଡ଼ା ତାର ଉପାୟ ନାହିଁ ।

Digitized by srujanika@gmail.com

ଆଗରେ ସ୍ୱଚ୍ଛତୋୟା ଗଙ୍ଗାନଦୀ । ତାର ମାଆ ମରି ଯାଇଛି । ଦୁନିଆରେ ତାର କେହି ନାହିଁ —କିଏ ତାକୁ କୋଳରେ ଅଭୟ ଆଶ୍ରୟ ଦେବ । ହୃଦୟ ଭିତରୁ ଯେପରି ପ୍ରତିଧ୍ୱନି କରିଉଠିଲା—ଏଇ ଗଙ୍ଗାନଦୀ ଆଜି ତୋର ଜନନୀ ! ସେଇ ଆଜି ତୋତେ କୋଳକୁ ନେଇ ଚିରଦିନ ପାଇଁ ଦରିଦ୍ର ଜୀବନର ଅଭାବ ଉତ୍ପୀଡ଼ନରୁ ମୁକ୍ତି ଦେବ । ବଡ଼ଲୋକଙ୍କର ହିଂସ୍ର ଦୃଷ୍ଟିରୁ ଦୂରକୁ ନେଇ ଆଖିରେ ଶାନ୍ତିର ନିଦ୍ରା ଭରିଦେବ । ପରୀ ଭାବିଲା ଦୁନିଆର ବଡ଼ ରାଜପଥରେ ଚାଲି ଚାଲି ଆଜି ଥକିପଡ଼ିଛି । ନିଦ୍ରାହିଁ ତାର ଏକମାତ୍ର ଆଜି କାମନା ।

ପରୀ ଠଏର୍ ଯାଓ !

ତଥାପି ପରୀ ଶୁଣିଲା ନାହିଁ । କାଳବିଳମ୍ବ ନକରି ସେ କୂଳରୁ ଗଙ୍ଗାନଦୀ ବକ୍ଷକୁ ଡେଇଁପଡ଼ିଲା ।

ଭୁସ୍‌କରି ଶବ୍ଦ—ତାପରେ ସେଇ ଉଦ୍‌ବେଳିତ ଜଳରାଶି ଭିତରେ ଅତୃପ୍ତ ଆତ୍ମାର ପ୍ରତିଧ୍ୱନି ଲହଡ଼ିରେ ହଜିଗଲା । ସେତେବେଳକୁ ଆକାଶରୁ ବାରିଧାରା ନଇଁ ଆସୁଥାଏ ପୃଥିବୀ ଉପରକୁ । ଗଙ୍ଗାକୂଳର ଗଛରାଜି ଭିତରୁ ପକ୍ଷୀଗୁଡ଼ା ହଠାତ୍ ନିଦଭାଙ୍ଗି କୋଳାହଳ କରିଉଠିଲେ । ଗୋଟିଏ ଜୀବନ ବିଲୟର ଆଘାତ ଏଇମାନଙ୍କ ଗୁଞ୍ଜନରେ କ୍ଷଣକପାଇଁ ଗଙ୍ଗାକୂଳ ମୁଖରିତ ହୋଇ ଉଠିଲା ଯେପରି । ଦୂରରେ ଜେଟି ଭିତରୁ ଆଲୁଅ ଦିଶୁଛି ମଳିନ । ଜୀବନର ଦୁଃଖ କଷ୍ଟର ଅନ୍ଧକାର ଘୁଞ୍ଚାଇବାକୁ ଯେପରି ଆଜି ସେ ଅକ୍ଷମ । ହଠାତ୍ ଦୂରରୁ କା'ର କରୁଣ ରାଗିଣୀ ଭାସିଆସିଲା । ଯେପରି କେଉଁ ଉଦାସୀ ପଥିକ ଜୀବନ-ଯାତ୍ରାରେ ବ୍ୟର୍ଥ ରାଗିଣୀର କରୁଣ ଆଳାପ ତୋଳୁଛି ।

ଦରୱାନର ଗତି ଥମିଗଲା । ଚାହିଁ ରହିଲା ଉଦାସ ଦୃଷ୍ଟିରେ ଗଙ୍ଗା ବକ୍ଷକୁ । ଯେପରି କ୍ଷଣକ ପାଇଁ ସେ ମୂକ ପାଲଟିଗଲା । ତାର ପାଷାଣ ହୃଦୟ ଦୟାରେ ବିଗଳିତ ହୋଇଉଠିଲା—ଆଖିରୁ ଗଡ଼ି ପଡ଼ିଲା ଧାର ଧାର ଲୁହ । ହାତମୁଠା ଶିଥିଳ ହୋଇ ପଡ଼ିଲା—ଟଙ୍କାଥଳି ତଳେ ଅଡ଼ାଡ଼ି ହୋଇ ବିଞ୍ଚି ହୋଇଗଲା ।

(ଗୋଟିଏ ସତ୍ୟମୂଳକ ଘଟଣାର ଛାୟାବଲମ୍ବନରେ ।)

Digitized by srujanika@gmail.com

• ଗାରଟିଏ

ଭବାନୀପୁରର ହାଜରା ପାର୍କ ସେପଟକୁ ଛିଡ଼ାହୋଇଛି ଏକ ଚାରୁ ଅଟ୍ଟାଳିକା । ସେଇ ଅଟ୍ଟାଳିକାର ଗୋଟିଏ ଫ୍ଲାଟରେ ନୂଆ ହୋଇ ବସା ନେଇଥାଏ । ଚାକିରୀ ଜୀବନର ଅୟମାରମ୍ଭ ।

କଲିକତାର ଇଉନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଚାକିରୀଟି ମିଳିବା ପରେ ନିଜର ଭବିଷ୍ୟତ ସୁଖ ସ୍ୱପ୍ନ ନେଇ ବେଳେ ବେଳେ କଣ ଗୁଡ଼ାଏ ଭାବେ । ସେ ଭାବନାର ମୂଲ୍ୟ ନ ଥିଲେ ବି ଯୌବନର ଲଗାମଛଡ଼ା ମନ ଉପରେ ତାର ପ୍ରଭାବ ବହୁତ ଆନନ୍ଦ ଦିଏ ।

ବସାରେ ରହିବାର ଚାରିଦିନ ପରେ । ସେଦିନ ସକାଳେ କଣ ଗୋଟାଏ ଭାବୁଛି । ବାତାୟନ ଦେଇ ନବ ଅରୁଣର କନକ କିରଣାଞ୍ଜଳି ଘର ଭିତରେ ବିଛୁଡ଼ି ହୋଇ ପଡ଼ିଛି । ପ୍ରଭାତର ମୃଦୁ ସମୀରଣ ମୋର ସାରା ଶରୀରକୁ ସ୍ପର୍ଶ କରି କରି ଚାଲିଗଲା । ଦେହରେ ଏକ ଅଜଣା ସ୍ପନ୍ଦନ ଖେଳିଗଲା । ମୁଁ ଦୂରକୁ ଅନାଇ ଦେଖେ, ବିପରୀତ କୋଠାର ଦୋତାଲା ଭିତରୁ ବାତାୟନ ଫାଙ୍କ ଦେଇ ସୁନ୍ଦରୀ ତରୁଣୀଟିଏ ମୋରି ଆଡ଼କୁ ଅନାଇ ରହିଛି । ତାରି ଆଡ଼କୁ ଚାହିଁବା ମାତ୍ରେ ଚାରି ଚକ୍ଷୁର ମିଳନ ହୋଇଗଲା । ଲାଜରେ ମୁଁ ଭଦ୍ରତା ରକ୍ଷାକରି ଅନ୍ୟଆଡ଼େ ଚାହିଁଲି । କିଛିକ୍ଷଣ ପରେ ପୁଣି ଦେଖେ ସେଇ ସୁନ୍ଦରୀ ତରୁଣୀ ସେମିତି ସତୃଷ୍ଣ ନୟନରେ ଚାହିଁ ରହିଛି । ମୋତେ ଭାରି ଖରାପ ଲାଗିଲା । କି ଝିଅଟା ଏ – ଲାଜ ସରମ ଟିକିଏ ନାହିଁ । ଅସ୍ୱସ୍ତି ବୋଧହେଲା — ରୁମ୍‌ରୁ ଅନ୍ୟଆଡ଼େ ପଳାଇ ଆସିଲି । କିଛି ସମୟ ପରେ ଘଡ଼ିକୁ ଚାହେଁ, ଦଶଟା ବାଜିବା ଉପରେ । ତରବର ହୋଇ ଗଣ୍ଡାଏ ଖାଇଦେଇ ଫୁଲପ୍ୟାଣ୍ଟ ଓ ହାଓ୍ୱାଇ ସାର୍ଟଟା ପିନ୍ଧି ବାହାରି ପଡ଼ିଲି ।

ଇସ୍‌ପ୍ଲାନେଡ଼ ଅଭିମୁଖରେ ଟ୍ରାମ ଚାଲିଛି । ମୋର ଅସଂଯତ ମନୋରାଜି ଭିତରେ ଉଙ୍କି ମାରୁଥାଏ ସେଇ ସୁନ୍ଦରୀ ତରୁଣୀଟିର ଢଳ ଢଳ ରୂପ ଯୌବନର ପରିପୂର୍ଣ୍ଣ ସମ୍ଭାର । ଏଣେ ମଧ୍ୟ ଅଫିସ ନିକଟ ହୋଇ ଆସିଲାଣି— ମୋର ଖେଆଲର ବାହାରେ । ତରବର ହୋଇ ଓହ୍ଲେଇ ପଡ଼ିଲି ।

ଘଣ୍ଟାରେ ପାଞ୍ଚ ବାଜିଲେ ଅଫିସର କର୍ମମୟ ଜୀବନରୁ ଛୁଟି । ବସାକୁ ସେଦିନ ଫେରିଆସିବା ସଙ୍ଗେ ସଙ୍ଗେ ଚକ୍ଷୁ ଦୁଇଟା ଯେପରି କାହାକୁ ଦେଖିବାକୁ ଚଞ୍ଚଳ ହୋଇଉଠିଲା । ଚାହିଁଲି ସେଇ ଝରକା ଆଡ଼େ । କିନ୍ତୁ କାହାରିକୁ ଦେଖିବାକୁ ପାଇଲି ନାହିଁ ।

Digitized by srujanika@gmail.com

ଚେୟାରଟା ଟାଣି ବସିପଡ଼ି ମାସିକ 'ଭାରତବର୍ଷ' ଖୋଲାଇ ବସିଲି । କିଛିକ୍ଷଣ ପରେ ପୁଣି ସେଇ ଝରକା ଆଡ଼କୁ ଆଖି ମୋର ଫେରି ଆସିଲା । ଦେଖେ ସେଇ ସୁନ୍ଦରୀ ତରୁଣୀଟି ପୁଣି ମୋ ଆଡ଼େ ଅନାଇ ଚହିଁଚି । ଚାହିଁବା ମାତ୍ରେ ତା ଚକ୍ଷୁ ସହିତ ପୁଣି ମୋ ଚକ୍ଷୁର ମିଳନ ହୋଇଗଲା । ସେ ମୁରୁକି ହସି ଘର ଭିତରେ ଲୁଚିଗଲା । ବୁଝିପାରିଲି ନାହିଁ ଏଇ ତରୁଣୀଟିର ଉଦ୍ଦେଶ୍ୟ କଣ ? ମନ ଉପରେ ଦ୍ୱନ୍ଦ୍ୱର ସମାଧାନ ହୋଇପାରିଲା ନାହିଁ ।

ସେଇଦିନଠୁ ସକାଳେ ସଞ୍ଜେ ପ୍ରତିଦିନ ମୁଁ ତାକୁ ଦେଖେ ସେଇ ଝରକା ଫାଙ୍କରୁ । ଚାରି ଚକ୍ଷୁର ମିଳନ ହୁଏ । ତାପରେ ସେ ହସେ—ମୁଁ ହସିଦିଏ । ଦୁହିଁଙ୍କର ହସ ଏକାଠି ହୋଇ ତଡ଼ିତ୍ ପ୍ରବାହ ସୃଷ୍ଟିକରେ । ଆଖିର ମିଳନରେ ହୃଦୟର ପରିଚୟ ବଢ଼ିଚାଲେ । ଦିନେ ଦିନେ ସେ ନିଜକୁ ଖୁବ୍ ସୁନ୍ଦର କରି ସଜାଇଥାଏ । ଏ ସବୁର ମାନେ ମୁଁ କିଛି ବୁଝି ପାରେନା । କିନ୍ତୁ ଦିନେ ତାକୁ ନ ଦେଖିଲେ ଚରମ ଅଶାନ୍ତି ଅନୁଭବ କରେ ।

ଦିନେ ରାତିରେ—ଶାମ ମୋତେ ଖାଇବାକୁ ଦେଉଥାଏ । ଶାମ ମୋର ଚାକର—ନିଃସଙ୍ଗ ଜୀବନର ସେଇ ସୁଖଦୁଃଖର ସାଥୀ ସୁଦୂର ବିଦେଶରେ । ପଚାରିଲି, ଶାମ ପଡ଼ିଶାରେ ସେଇ ଯେଉଁ ଝିଅଟି—ତାକୁ ତୁ ଚିହ୍ନିଛୁ । ସେ ମୋ ପ୍ରଶ୍ନରେ ସ୍ମିତ ହସି କହିଲା, ହଁ ବାବୁ—ସେ ପରା ଅମିୟ ବାବୁ ଓକିଲଙ୍କ ବଡ଼ ଝିଅ—ନମିତା ଦିଦି । ଭାରି ଭଲ ମଣିଷ—ମୋ ପ୍ରତି ତାଙ୍କର ସ୍ନେହ-କରୁଣା କେବେ ଊଣା ନ ଥାଏ । ସବୁଦିନେ ସେ ଆପଣଙ୍କ କଥା ପଚାରନ୍ତି ।

ଆଶ୍ଚର୍ଯ୍ୟ ହୋଇ କହିଲି, କାହିଁ ତୁ ତ ଦିନେ ଏ କଥା କହିନାହୁଁ ?

ଲାଜମାଡ଼େ ବାବୁ, କହି ପାରେନା ।

ଶାମ ଉତ୍ତରରେ ମୋତେ ହସମାଡ଼ିଲା । ନିଜକୁ ଗୌରବାନ୍ୱିତ ମନେ କରି ପଚାରିଲି—ନମିତା ଦିଦି କଣ ସବୁ ପଚାରନ୍ତି ?

ପ୍ରଥମଦିନ ମତେ ପଚାରିଲେ, ତମ ବାବୁଙ୍କ ନାମ କଣ—କଣ କରନ୍ତି—ଘର କେଉଁଠି । ଏସବୁ ଜାଣିସାରିବା ପରେ ଏଣିକି ସେ ପ୍ରତିଦିନ ଆପଣଙ୍କ ଖାଇବା ପିଇବାଠାରୁ ଭଲମନ୍ଦ ଖବର ସଂଗ୍ରହ କରିନିଅନ୍ତି । ବୁଝିଲି, ଅଜଣାରେ ମୋ ଉପରେ ତାର ସ୍ନେହର ମାୟାଜାଲ ବିଛାଇ ଦେଇ ସାରିଚି ।

ଗତ ଏକ ସପ୍ତାହ ଧରି ମୁଁ ଜ୍ୱରରେ ପୀଡ଼ିତ ହୋଇ ପଡ଼ିଛି । ମୁଣ୍ଡଟା ବିନ୍ଧି ଫଟାଇ ଦେଉଥାଏ । ଉତ୍ତାପ ସବୁବେଳେ ଦେହରେ ଭରି ରହିଥାଏ । ସେବା ଯତ୍ନରେ ଶାମର କେତେବେଳେ ତ୍ରୁଟି ନଥାଏ । ଏ କେତେଦିନ ନମିତା ମତେ ସେଇପରି ଚାହେଁ । କିନ୍ତୁ ହସ ଲିଭି ଯାଇଥାଏ—ଆଖି ଦୁଇଟି ଅଶ୍ରୁସଜଳ—ମୁହଁଟି ବଡ଼ କରୁଣ ।

ମନେ ହୁଏ, ସତେ ଯେପରି ମୋରି ଦୁଃଖରେ ନମିତା ଦୁଃଖିତ ।

Digitized by srujanika@gmail.com

ସେଦିନ ସଞ୍ଜବେଳେ । ଶାମ ଗୁଡ଼ାଏ କମଳା, ବେଦନା, ଅଙ୍ଗୁର ନେଇ ଆସି ପହଞ୍ଚିଲା । ପଚାରିଲି, କିରେ ଏସବୁ କୁଆଡ଼ୁ ଆଣିଲୁ ? ଶାମ ମୋମୁହଁକୁ ଚାହିଁ ମୁରୁକି ହସି କହିଲା, ନମିତା ଦିଦି ଦେଇଛନ୍ତି । ମୁଁ ଆଣୁ ନଥିଲି—ସେ ଭାରି ବାଧ୍ୟ କଲେ । କହିଲେ, ତୋ ବାବୁଙ୍କୁ କହିବୁ ନମିତା ଦିଦି ପର ହେଲେ ବି ପଡ଼ୋଶୀ ଲେଖାରେ ଆପଣାର । ମୋର ଏଇ ଦାନ ଅତି କ୍ଷୁଦ୍ର ହେଲେ ବି ସେ ସାଗ୍ରହରେ ଗ୍ରହଣ କଲେ ମୁଁ ଖୁସିହେବି ।

ନମିତାର ଦାନକୁ ଉପେକ୍ଷା କରିବାର ଶକ୍ତି ମୋର ନଥିଲା । ସେ ମୋର ସ୍ୱାସ୍ଥ୍ୟ ଖବର ପ୍ରତିଦିନ ଶାମଠାରୁ ସଂଗ୍ରହ କରୁଥିଲା । ଆଉ ସବୁଦିନେ ମୋର ସେବାଯତ୍ନରେ ଯେପରି ତ୍ରୁଟି ନ ଘଟେ ବାରମ୍ବାର ତାକୁ ତାଗିଦ କରୁଥିଲା ।

ମୋର ପୂର୍ବ ସ୍ୱାସ୍ଥ୍ୟ ଫେରିଆସିଲା । ସମ୍ପୂର୍ଣ୍ଣ ଭଲ ହୋଇଯିବା ପରେ ନମିତା ପ୍ରତି କୃତଜ୍ଞତା ଜଣାଇଲି ଶାମ ଜରିଆରେ । ଏହି ଅଜଣା ଅଶୁଣା ଯୁବତୀଟିର ସମବେଦନା ମୋତେ ତା ହୃଦୟର ଅତି ନିକଟକୁ ଟାଣି ନେଇଥିଲା ।

ସେଦିନ ସନ୍ଧ୍ୟାରେ ତା ସହିତ ଅତି ନିକଟ ସମ୍ପର୍କରେ ପରିଚୟ ଘଟିଲା । କିନ୍ତୁ ସେ ତା ଘଟିବ ବୋଲି ଜାଣି ନଥିଲା । ମୋର ଅନୁପସ୍ଥିତିରେ ସେ ମୋ ଘରେ ଆସି ଶାମ ସହିତ ତାର ଆଳାପ-ଆଲୋଚନା ମେଲି ଦେଇ-ଥିଲା । ମୋ ଜୀବନର ଘଟଣାଗୁଡ଼ିକ ଶାମଠାରୁ ସେ ସଂଗ୍ରହ କରୁଥିଲା ।

ପଦାରୁ ଥାଇ ତାର ଉପସ୍ଥିତି ମୁଁ ବେଶ ଅନୁମାନ କରି ନେଇଥିଲି । ତାର କଥାର ସ୍ୱର, ମଝିରେ ମଝିରେ ମଧୁର ହସର ଲହଡ଼ି ଭାସି ଆସୁଥିଲା ସଞ୍ଜ ସମୀରଣ ସାଥିରେ । ଘର ଭିତରକୁ ପଶିଗଲା ବେଳକୁ ତାର ଆଖି ଦୁଇଟି ମୋ ଆଡ଼କୁ ଟାଣି ହୋଇଆସିଲା । ଓଠରେ ହସର ବିଜୁଳି ଖେଳିଗଲା । କହିଲି, ନମିତା, ଅଦୃଶ୍ୟ ମାନବପରି କ୍ଷଣକରେ ଦେଖାଦେଇ କ୍ଷଣକରେ ଲୁଚିଯିବାକୁ ଯଦି ତମର ଇଚ୍ଛା, ତେବେ ଆସୁଥିଲ କାହିଁକି ? ସେ କିଛି ଉତ୍ତର ଦେଲାନାହିଁ । ଲଜ୍ଜା ଓ ଭୟରେ ସେ ତ୍ରସ୍ତ ଚଞ୍ଚଳ ହରିଣୀ ପରି ପଳାଇଗଲା । ତାର ଏପରି ବ୍ୟବହାର ମୋତେ ଭାରି ଦୁଃଖ ଦେଲା ।

ତା'ପରେ ତା ସହିତ ଦୂରରୁ ଥାଇ ବହୁବାର ସାକ୍ଷାତ ହୋଇଛି । ଅଭିମାନରେ ତାକୁ ଚାହିଁ ମୁଁ ମୁହଁ ଫେରାଇ ଆଣିଛି । ସେ ଯେତେବାର ମୋର ଆଖି ସାମନାକୁ ଆସିଚି—ସେତେବାର ତାଠୁ ନିଜକୁ ଲୁଚାଇ ଦେଇଚି । ମୋର ଏପରି ବ୍ୟବହାର ସେ ଆଉ ସହ୍ୟକରି ପାରିଲା ନାହିଁ ।

ସେଦିନ ରାତିରେ ହଠାତ୍ ସେ ଆସି ମୋ ପାଖରେ ଅପରାଧିନୀ ପରି ଛିଡ଼ାହେଲା । ତାକୁ ଏପରି ଅବସ୍ଥାରେ ଦେଖିବି ବୋଲି ମୁଁ ଆଶା କରି ନଥିଲି । ପଚାରିଲି, ନମିତା, କଣ କୁହ ? ସେ କିଛି ନକହି ମୋର ପାଦତଳେ ତାର ଅଶ୍ରୁର ଅର୍ଘ୍ୟ ଅଜାଡ଼ିଦେଲା । ତାର ହାତ ଦୁଇଟି ଧରି ପଚାରିଲି, ନମିତା, କାନ୍ଦୁଚ କାହିଁକି ? କ'ଣ ହେଇଚି କୁହ ? କେତେବେଳେକେ ସେ ମୁହଁ

Digitized by srujanika@gmail.com

ଖୋଲି କହିଲା, ମୋ ପ୍ରତି ଆପଣଙ୍କର ଏପରି ବ୍ୟବହାର—ବଡ଼ ଅସହ୍ୟ—ମୋତେ କ୍ଷମା କରନ୍ତୁ ।

ନମିତାର ମୁଁ କିଏ ? କ୍ଷମା ଦେବାର ଅଧିକାର ମୋର ଆସିଲା କେଉଁଠୁ ? ତେବେ କଣ ନମିତା ମତେ ଏତେ ଭଲପାଏ ! ଛଳନା କରୁନାହିଁ ତ ! ଭାବନାର ଛନ୍ଦେ ଛନ୍ଦେ ମନ ଉଠିଲା ଦୋହଲି । ତାର ଆଖିର ଲୁହରେ ମୋର ସବୁ ରାଗ ଅଭିମାନ ଭାସିଗଲା କୁଟାଖିଅ ପରି । ପାରିଲି ନାହିଁ ନିଜର ଦମ୍ଭ ରଖି । ଅଜଣା ଆବେଗରେ ତାକୁ ଟାଣିଆଣିଲି କୋଳକୁ । କହିଲି, ନମିତା, ତୁମରି ହେଉଛି ଜୟ—ତୁମରି ଅନାବିଳ ସ୍ନେହ ଉଚ୍ଛ୍ୱସିତ ଭାବଧାରା ମୋତେ ଆଜି ପ୍ରୀତିବନ୍ଧନରେ ବାନ୍ଧିଦେଇଛି । ନମିତା କହିଲା, ସେହି ମୋର ପରମ ସୌଭାଗ୍ୟ । ତାପରେ ତାର ଗାଲ ଦୁଇଟିରେ ମୋର ତୃଷିତ ଅଧର ସ୍ପର୍ଶ କରିଥିଲା । ସେ ମୋର ଆଜିର ବ୍ୟବହାର ମଥାପାତି ନୀରବରେ ସହ୍ୟ କରିନେଲା । ଆପତ୍ତି କରିବାକୁ କଣ୍ଠରୁ ଯେପରି ଭାଷା ହଜି ଯାଇଥିଲା ।

ତାପରେ ଲଜ୍ଜା ଓ ସଙ୍କୋଚରେ ନମିତା ମଝିରେ କେଇଦିନ ମୁହଁ ଦେଖାଇ ପାରିନାହିଁ ।

ଏଣିକି ନମିତା ମତେ ଦୂରରୁ ଦେଖିଲେ ଆଖିର ଶ୍ରଦ୍ଧାଶାରେ ପାଗଳ କରିଦିଏ । ତାର ମୁକୁଳା କେଶବାସ ପ୍ରତି ଲକ୍ଷ୍ୟ ନଥାଏ । ତାର ଦେହର ସୌନ୍ଦର୍ଯ୍ୟ ଦୂରରୁ ଥାଇ ମୁଁ ବେଶ ଉପଭୋଗ କରିପାରେ । ବେଳେବେଳେ ପାଖକୁ ଆସି ବି ଧରା ନଦେଇ ଚାଲିଯାଏ । ଯଦି ଅକସ୍ମାତ୍ ଧରାପଡ଼େ, ତେବେ ତାର ଅସ୍ତିତ୍ୱ ଯେପରି ହଜିଯାଏ ମୋର ହୃଦୟ ଭିତରେ । ମୋର ତା ପ୍ରତି ଏପରି ସ୍ନେହର ଚରମ ଅତ୍ୟାଚାର ସେ କାହିଁକି ବୁକୁପାତି ସହ୍ୟ କରିନିଏ—କିଛି ବୁଝି ପାରେନା ।

ମଝିରେ କେତୁଟା ଦିନ କଟି ଗଲାଣି । କିନ୍ତୁ କଥା କଣ—ନମିତାର ଦର୍ଶନ କାହିଁକି ମିଳୁନାହିଁ । ତାର କାରଣ ଶାମକୁ ବୁଝି ଆସିବାକୁ କହିଲି । ସେ ଆସି କହିଲା, ନମିତା ଦିଦିକୁ ପଚାରିଲି, ସେ କିଛି କହିଲେ ନାହିଁ । ତାଙ୍କ ଆଖିରେ ମୁଁ ଲୁହ ଦେଖିଚି ।

ବୁଝିବାକୁ ଆଉ ବାକି ରହିଲା ନାହିଁ । କାରଣ ଦିନ କେତୁଟା ପରେ ନମିତା ଘର ବାହାର ଉତ୍ସବ କୋଳାହଳରେ ମୁଖରିତ ହେଇଉଠିଲା ।

ଆଜି ନମିତାର ବିବାହ—କାଲି ସେ ଚାଲିଯିବ ଆଖିର ବହୁ ଦୂରକୁ । ସବୁ ଝିଅ ପରି ସେ ହଠାତ୍ ମୋତେ ଭୁଲିଯିବ । କେବେ ଯଦି ଅକସ୍ମାତ୍ ଭେଟହୁଏ, ତେବେ ଚିହ୍ନି ବି ଚିହ୍ନି ପାରିବ ନାହିଁ । ଆଡେ଼ଇ ହୋଇ ତାର ଚଲାବାଟରେ ସେ ଚାଲିଯିବ ।

ଭାବିଥିଲି ଯିବାପୂର୍ବରୁ ହୁଏତ ନମିତା ମୋତେ ଆସି ଦେଖା କରି ଯିବ । ଏତେଦିନର ଏଇ ଯେଉଁ ଅବିଚ୍ଛେଦ୍ୟ ବନ୍ଧନ ଆଜି ଛିଡ଼ି ଯାଉଛି—ସେଇ ସ୍ମୃତି କଣ ତାର ପ୍ରାଣକୁ ଉଦ୍‌ବେଳିତ କରିବ ନାହିଁ ? ଯିବା ପୂର୍ବରୁ ସେ ଜାଣ ଥରଟିଏ ଚାହିଁବ ନାହିଁ ?

Digitized by srujanika@gmail.com

କିନ୍ତୁ କାହିଁ, ସେତ ଆଉ ଆସିଲା ନାହିଁ । ସେଇ ଅଜଣା ଅଶୁଣା ଅପରିଚିତ ବ୍ୟକ୍ତିଟି ତାର ନିମିଷକେ ଏତେ ଆପଣାର ହୋଇ ଉଠିଲା— ଅଥଚ ହୃଦୟର ଏତେ ନିକଟରେ ଥାଇ ସେ ମୋତେ ଫେରି ଚାହିଁଲା ନାହିଁ । ତାର ଏଇ ଆଘାତ ମୋର ହୃଦୟରେ ଯେଉଁ ଦୁଃଖ ଭରି ଦେଇଗଲା—ତାହା ଜୀବନରେ ଆଉ ଲିଭିବାର ନୁହେଁ । ଭାବିଲି, ଜୀବନର ଗତିପଥ ତାର ଯେତେବେଳେ ବଦଳି ଯାଇଛି – ତେବେ ସେ କାହିଁକି ପୁଣି ହଜିଲା ଅତୀତକୁ ଫେରି ଚାହିଁବ ? ସ୍ମୃତି ପଟରେ ତାର ବିଦାୟକାଳୀନ ଛବି ଖାଲି ଗାରଟିଏ ଟାଣି ଦେଇଗଲା ।

ବେଳେବେଳେ ତାର ସେଇ ସଜ ମଧୁର ହସ—ଆଖିର ଛନ ଛନ ଚାହାଣି—ମନର ଗୋପନୀୟ ଭାଷା—ହୃଦୟର ଆବେଗ ଯେପରି ମୋତେ ଅତି ନିକଟକୁ ଟାଣି ନେଇଯାଏ । କିନ୍ତୁ କାହିଁ ସେ ଆଜି ଖାଲି ସପନ ହୋଇଛି ସ୍ମୃତିର ପାଥେୟ । ତାର ଅଭାବରେ ମନରେ ଯେଉଁ ବ୍ୟଥା, ହୃଦୟରେ ଯେଉଁ ଦାରୁଣ ଆଘାତ ମୁଁ ବେଳେବେଳେ ଅନୁଭବ କରେ—ସେଇ ଧକ୍କାରେ ଆଖିରେ ଲୁହ ଉଠେ ପୂରି । କାହିଁକି ମଣିଷର ଏ ଦୁର୍ବଳତା ?

ବିଗତ ଜୀବନର ଯେଉଁ ବ୍ୟଥାମୟ କାହାଣୀ ଆଜି ଲିଭି ଯାଉଚି..... ଯାଉ । ତାକୁ ଫେରି ଚାହିଁଲେ ଆଗରେ ଯେଉଁ ଅନାଗତ ଦିନଗୁଡ଼ିକ ଧାଇଁ ଆସୁଛି—ସେଇ ଦିନଗୁଡ଼ିକର ଉଜ୍ଜ୍ୱଳ ଆଲୁଅ ପୁଣି ଦେଖି ହେବ କିପରି ? ବିଫଳ ଜୀବନର ଚରମ ପରାଜୟ କେବେ ମଣିଷ ସ୍ୱୀକାର କରି ଅତୀତକୁ ଭାଳିବସିବ ନାହିଁ । କାରଣ ତାକୁ ଜୀବନ ସଂଗ୍ରାମରେ ବଞ୍ଚିରହି ଆଗକୁ ବାଟ କାଢ଼ିବାକୁ ହେବ ।

ନମିତାର ସ୍ମୃତି ଧୀରେ ଧୀରେ ମନରୁ ଲିଭି ଲିଭି ଆସୁଚି । ହୁଏତ ଆଉ ଦିନ କେତୁଟା ପରେ ସେ ଅତୀତର ଅନ୍ଧକାର ଭିତରେ ହଜିଯିବ । ମନର ଦୁର୍ବଳତା, ହୃଦୟର ଅବସାଦ ଆଜି ଆଉ ମୋତେ ବାନ୍ଧି ରଖିପାରୁ ନାହିଁ । କାରଣ ନମିତା ଆଜି ମୋ ହୃଦୟର ବହୁ ଦୂରକୁ ଚାଲିଗଲାଣି ।

ଘରୁ ଚିଠି ଆସିଚି । ବାପା ଲେଖିଛନ୍ତି ଛୁଟି ନେଇ ଗାଁକୁ ଫେରି-ଯିବାକୁ । କାରଣ ଆସନ୍ତା ଫଗୁଣରେ ମୋର ବିବାହ । ପାତ୍ରୀଟି ଦେଖିବାକୁ କୁଆଡ଼େ ସୁନ୍ଦରୀ—ତାର ସରଳ ସୁନ୍ଦର ବ୍ୟବହାରରେ ବାପା ମୁଗ୍ଧ ହୋଇ ସେଇଠି ବିବାହ ପ୍ରସ୍ତାବ ଠିକ୍ କରି ଦେଇଛନ୍ତି ।

ଆଖି ଆଗରେ କେଉଁ ଅନାଗତ ବାଳିକାଟିର ରୂପଛବି ଯେପରି କଳ୍ପନାରେ ଭାସିଉଠିଲା । ନମିତା ସ୍ମୃତିର ଜୀର୍ଣ୍ଣ ପରଦା ଉପରେ କା'ର ଉଜ୍ଜ୍ୱଳ ମୁଖଶିରୀ ନାଚି ଉଠିଲା । ଆଶାର ଆଲୋକରେ କ୍ଷଣକ ପାଇଁ ଆତ୍ମହରା ହୋଇପଡ଼ିଲି ।

ଅଫିସରୁ ଦୀର୍ଘ ଦୁଇମାସ ଛୁଟି ମଞ୍ଜୁର କରିନେଲି । ଆଉ ଦିନ ଦୁଇଟା ପରେ କଲିକତା ଛାଡ଼ି ଗାଁ ଅଭିମୁଖରେ ଯାତ୍ରା କରିବାକୁ ହେବ । ଆବଶ୍ୟକୀୟ

Digitized by srujanika@gmail.com

ଜିନିଷପତ୍ର ଖରିଦ କରି ଯେଉଁଦିନ ରାତି ଗାଡ଼ିରେ ଘରକୁ ଫେରିବି—ସେଇଦିନ ସକାଳେ ପାଇଲି ଖଣ୍ଡିଏ ଚିଠି ।

ନମିତା ଲେଖିଚି, ବିଜୟ ବାବୁ, ବହୁଦିନ ଗତ ହେଇ ଯାଇଚି । ତମକୁ ଭୁଲିବାକୁ ଚେଷ୍ଟାକରି ଭୁଲି ପାରିଲି ନାହିଁ । ଏହି ଚିଠି ଖଣ୍ଡିକ ତାରି ଜୀବନ୍ତ ସାକ୍ଷୀ ।

ଆସିଲାବେଳେ ତମକୁ ଥରୁଟିଏ ବି ଦେଖା କରିପାରିଲି ନାହିଁ । ତମେ ମୋତେ ଭୁଲ ବୁଝୁଥିବ । କିନ୍ତୁ କଣ କରିବି । ପରିସ୍ଥିତି ଏପରି ହେଲା, ତମକୁ ଦେଖା କରିବାର ବହୁ ଇଚ୍ଛା ଥିଲେ ବି ସୁଯୋଗ ଆଉ ଯୁଟିଲା ନାହିଁ । ଜୀବନର ସବୁକଥା ବେଳେବେଳେ ଇମିତି ଓଲଟିଯାଏ—ପ୍ରଥମକରି ସେଇଦିନ ମୁଁ ଜାଣିଲି—ଯୋଉ ଦିନ ମୋର ବିବାହ ସ୍ଥିର ହୋଇଗଲା ।

ତା ପରଠୁ ଦୁଃଖରେ ତମକୁ ମୁହଁ ଦେଖାଇବାକୁ ସାହସ ହେଲାନାହିଁ । ନାରୀ ହୃଦୟର ଗୋପନ ବ୍ୟଥା ତମେ ବୁଝି ପାରିବ ନାହିଁ । ବିବାହ ପରେ ଏଠି ଆସି ତମରି ସ୍ମୃତିକୁ ବହୁଦୂରକୁ ଆଡ଼େଇ ଦେବାକୁ ଚେଷ୍ଟା କରିଚି—କିନ୍ତୁ ପାରିନି । ବାର ବାର ତମର ସେଇ ଉଜ୍ଜ୍ୱଳ କମନୀୟ ହସ ହସ ଚେହେରା ମୋତେ ଅଭିଭୂତ କରି ପକାଇଚି । କାହିଁକି ବୁଝି ପାରେନା । ହୁଏତ ଅତୀତରେ ଦୁହେଁ ଦୁହିଁଙ୍କ ପ୍ରତି ଯେଉଁ ଭାବଧାରା ଓ ଅନାବିଳ ସ୍ନେହ ଅଲକ୍ଷିତରେ ଢାଳି ଦେଇଥିଲେ—ତାରି ପ୍ରତିବିମ୍ବ ମନ-ମୁକୁରରେ ପ୍ରତିଫଳିତ ହେଉଛି । ଏପରି କୌଣସି ଦିନ ନାହିଁ କି ଯେଉଁଦିନ ତମ କଥା ମୋ ମନକୁ ଯେତେ କର୍ମ-କୋଳାହଳରେ ବି ଆଚ୍ଛନ୍ନ କରି ପାରିନାହିଁ ।

ଛାଡ଼ନ୍ତୁ ସେ କଥା । ମୋ ପ୍ରତି ତମେ ନିଶ୍ଚୟ ଅଭିମାନ କରିଥିବ । କିନ୍ତୁ ଅତୀତ ଓ ବର୍ତ୍ତମାନ ଭିତରେ ମୁଁ ଆଜି କେତେ ତଫାତ୍ ହେଇ ଯାଉଚି—ତମେ ତା ଜାଣି ଯଦି ନବୁଝ ମୁଁ କଣ କରିବି । ତମର ରାଗ ଅଭିମାନ ଆଉ ଆଜି ମୋତେ ତମ ନିକଟକୁ ଟାଣି ନେବନାହିଁ; କାରଣ ମୁଁ ଆଜି ଅନ୍ୟଜଣକ ଜୀବନସାଥିରେ ଚିରଦିନ ପାଇଁ ବନ୍ଦି ହେଇ ପଡ଼ିଚି । ସେ ବନ୍ଧନ ସମାଜ ଆଖିରେ ଏତେ ଦୃଢ଼—ତାକୁ ଛିନ୍ନ କରିବାକୁ ନିରୀହା ନାରୀର ଏତେ ଶକ୍ତି କାହିଁ ? ତେଣୁ ମୋର ଅନୁରୋଧ, ମୋତେ କ୍ଷମା କରିବ । ଅତୀତରେ ତମ ମନରେ ଯଦି ଦୁଃଖ ଦେଇଥାଏ—ନିଜର ଉଦାରତା ମହନୀୟ ଗୁଣରେ ମୋତେ ଭୁଲ ବୁଝିବ ନାହିଁ ।

ଜୀବନରେ ତମ ସହିତ କେବେ ଦେଖାହେବ—ଭାବି ପାରୁନି । କିନ୍ତୁ ଯେଉଁଦିନ ଦେଖାହେବ ସେଇ ଦିନଟିକୁ ମୋ ଜୀବନର ପରମ ସୌଭାଗ୍ୟ ବୋଲି ଜାଣିବି । ଇମିତି ଏକାକୀ ନିଃସଙ୍ଗ ଜୀବନ କଣ ତମେ ଚିରଦିନ କାଟିବ ? ଶେଷରେ ମୋର ଅନୁରୋଧ, ବିବାହ କରି ସୁଖୀ ହୁଅ । ତମ ଜୀବନ-ବସନ୍ତର ମୃଦୁ ମଳୟ ସୁରଭି-ସିକ୍ତ ବାରି ପ୍ରେମ ମୁକୁଳଟିକୁ ପ୍ରସ୍ଫୁଟିତ କରୁ... ଏତିକି କାମନା । ତେଣିକି ତମେ ମତେ ନିଶ୍ଚୟ ଭୁଲିଯାଇ ପାରିବ । କିନ୍ତୁ ତମେ ସୁଖରେ ଅଛ ଜାଣି ଯେଉଁ ଆନନ୍ଦ ମୁଁ ଉପଭୋଗ କରିବି—ତା ତମେ ଦେଖି ପାରିବ ନାହିଁ । କାରଣ ତମେ ପୁରୁଷ—କଠୋର ମନନେଇ ନାରୀ ହୃଦୟ କେବେହେଲେ ଚିହ୍ନି ପାରିବ ନାହିଁ । ଇତି ।

Digitized by srujanika@gmail.com

ନମିତାର ଚିଠି ଖଣ୍ଡିକର ପ୍ରଥମ ଧାଡ଼ିରେ ଏପରି ଶକ୍ତି ଥିଲା—ପଢ଼ି ସାରିଲା ବେଳକୁ ମୋତେ ଯେପରି ସେ ତାର ଅତି ନିକଟକୁ ନେଇ ସାରିଥିଲା । ତା ପ୍ରତି ମୋ ମନରେ ଯେଉଁ ଅବସାଦ ଜନ୍ମିଥିଲା…ତା କ୍ଷଣକରେ ଦୂର ହୋଇଗଲା । ମନେହେଲା, ଯେପରି ନମିତାର ଅନାବିଳ ଉଚ୍ଛ୍ୱସିତ ସ୍ନେହ ମୋତେ ଆଜି ବି ବାନ୍ଧି ରଖିଚି । ସେଇ ଅସାଧାରଣ ନାରୀ ନିକଟରେ ମୋର ବ୍ୟକ୍ତିତ୍ୱ ହାର ମାନିଚି ।

ସେଇଦିନ ରତି ଗାଡ଼ିରେ ଗାଁକୁ ଫେରି ଆସିଲି—ନମିତାର ସ୍ମୃତି ଖାଲି ପଥର ପାଥେୟ କରି ।

●

Digitized by srujanika@gmail.com

• ବ୍ୟର୍ଥ ରାଗିଣୀ

ତା'ର ଆଜି ଆଉ କେହି ନାହାନ୍ତି—ସେଇଥିପାଇଁ ସେ ଆଜି ସୀମାହୀନ ପଥର ଯାତ୍ରୀ । ସାଥୀ ତାର କେନ୍ଦରାଟିଏ । କେନ୍ଦରାର ସୁରରେ ସେ ପ୍ରାଣର ଭାଷାକୁ ରୂପ ଦିଏ—ଗାଁ ଗାଁ ବୁଲି ଭିକ ମାଗେ । ତାର ପରିଚୟ କେହି କେବେ ଲୋଡ଼ିଲେ ସେ ଟିକିଏ ହସିଦିଏ । ସେ ହସରେ ନଥାଏ ହୃଦୟର ଆବେଗ—ଥାଏ ଖାଲି ଶୁଷ୍କ ଜୀବନର ବ୍ୟାକୁଳତା । ଖାଲି ଏତିକି କହେ, ମୋ ଘର ଏ ଦୁନିଆର ସବୁଠି । ଆଜି ଆଉ ମୋର କେହି ନାହାନ୍ତି—ଏଇ କେନ୍ଦରାଟି ମୋର ନିଃସ୍ୱ ଜୀବନର ସାଥୀ ।

ବୟସ ତିରିଶ ପାଖାପାଖି । ଡେଙ୍ଗା ଗୌରବର୍ଣ୍ଣ ଯୁବକଟିଏ । ମୁହଁରେ ବସନ୍ତର ଚିହ୍ନ ଏବେ ସ୍ପଷ୍ଟ ବାରିହୁଏ । ଦେହର ଗଠନ ଖୁବ ସୁନ୍ଦର –ମୁଖମଣ୍ଡଳରେ ସବୁବେଳେ ବେଦନାର ଆଭା ପରିସ୍ଫୁଟ । ଯେପରି ମନେହୁଏ ଅତି ଅଳ୍ପ ବୟସରେ ସେ ଜୀବନରେ ବହୁତ ଧକ୍କା ଖାଇ ଭାଙ୍ଗି-ପଡ଼ିଛି । ସଂସାର ପ୍ରତି ସବୁ ମାୟା ମମତା ତୁଟାଇ ସେ ଆଜି ଛିଡ଼ା ହେଇଚି—ଦାଣ୍ଡର ଭିକାରୀ ବେଶରେ ।

ଗାଁ ଗାଁ ବୁଲି ସେ କେନ୍ଦରା ବଜାଇ ଭିକ ମାଗେ । ତାର କେନ୍ଦରାର ରାଗିଣୀ ସବୁବେଳେ କରୁଣ ଭରା । ବ୍ୟର୍ଥ ଓ କରୁଣ ଗୀତ ପ୍ରତି ତାର ଭାରି ମମତା—ସେଇ ଗୀତରେ ସେ ବେଳେବେଳେ ଭୁଲିଯାଏ ନିଜକୁ । ନିଜ ଗୀତରେ ସେ ନିଜେ କାନ୍ଦେ ।

ବେଳେବେଳେ ଏକୁଟିଆ ଗ୍ରାମ ସୀମାରେ କିବା ବିଲ ପଡ଼ିଆରେ ବସି ମନକୁ ମନ ରାଗିଣୀର ଆଳାପ କରେ । ସେଇ ଗୀତର ପ୍ରାଣସ୍ପର୍ଶୀ ଛନ୍ଦରେ ଆକାଶର ପକ୍ଷୀ ଗଛ ଉପରକୁ ଓହ୍ଲାଇ ଆସି କାନ ପାତେରେ । ଅଜଣା ବାଟୋଇର ପାଦର ଗତି ଶିଥିଳ ହୋଇଯାଏ । ଗାଁର ଝିଅ ବୋହୂ ସେଇ ପଥ ଦେଇ ଚାଲି ଆସୁ ଆସୁ ଘଡ଼ିଏ ରହିଁ ରହନ୍ତି ତାରି ଆଡ଼େ ।

ଦିନ ସାରା ସେ ବୁଲି ବୁଲି ଭିକ ମାଗେ । କୋଉଠି ଶୁଣେ ଗାଳି—କୋଇଠି ବା ସ୍ନେହଭରା କଥା ପଦେ । କିଏ ଶୂନ୍ୟ ହସ୍ତରେ ଫେରାଇ ଦିଏ—କିଏ ବା ଥାଳ ପୂରାଇ ଭାତ ଗଣ୍ଡାଏ ଦିଏ । ପେଟପୂରା କେଉଁଦିନ ଖାଇବାକୁ ମିଳେ—ନମିଳିଲେ ନଈ ପୋଖରୀର ପାଣି ପେଟେ ପିଇ ସେ ଶୋଇପଡ଼େ । ପଥକ୍ଳାନ୍ତ ବାଟୋଇର ବଡ଼ ଆରାମଦାୟକ ଏଇ ନିଦ—ଏହାରି ସ୍ନିଗ୍ଧ-କୋମଳ ପରଶରେ ସବୁ ଦୁଃଖ ଅବସାଦ କ୍ଷଣକରେ ଦୂରକୁ ଘୁଞ୍ଚିଯାଏ । ରାତିଟା ତାର କୋଉ ଗଛମୂଳେ ବା କେହି ଅନୁଗ୍ରହ କଲେ କାହା ଘର ପିଣ୍ଡାରେ କଟିଯାଏ ।

Digitized by srujanika@gmail.com

ଇମିତି ତାର ବାରବୁଲା ଭିକାରୀ ଜୀବନ ।

ସେଦିନ କେତେ ବିଲମାଳ, ହିଡ଼, ଧୂଳି ଧୂସରିଆ ସଡ଼କ ଅତିକ୍ରମ କରି ସୁରୁଯା ପତ୍ରପୁର ଗାଁରେ ଆସି ପହଞ୍ଚିଲା । ସେତେବେଳକୁ ଟାଣ ଗାଧୁଆ-ବେଳ ଆସି ଗଡ଼ିବା ଉପରେ । ଖରାରେ ବୁଲି ବୁଲି ପାଦ ଦି'ଟା ତାର ଥକି ପଡ଼ିଲାଣି । ଭୋକରେ ପେଟର ଜ୍ୱାଳା ଆଉ ସହ୍ୟକରି ହେଉନାହିଁ । କେନ୍ଦରାର ସୁର ଦେଇ ଗୀତ ଗାଇବାକୁ ପ୍ରାଣରେ ଯେପରି ଭରସା ନାହିଁ । ମନର ବଳ ନିସ୍ତେଜ ହୋଇ ପଡ଼ିଲାଣି ।

ତଥାପି ଭୋକିଲା ହୃଦୟରେ ଭରସା ଦେଇ ସେ ଗୀତ ଗାଇ ଗାଇ ଗାଁ ଭିତରକୁ ପଶିଲା । ଗୀତ ସଙ୍ଗେ ସଙ୍ଗେ କେନ୍ଦରାଟି ତାର ବାଜି ଉଠିଲା । ଭୋକରେ ନିର୍ଜୀବ ପାଦ ଦୁଇଟି ଆଉ ଆଗକୁ ଚଳୁନାହିଁ । ଶକ୍ତି ସଂଚୟକରି ସେ ଗାଁ ଭିତରକୁ ଆସିବାରୁ କୋଠା ଘରଟିଏ ଦିଶିଲା । ଘର ଆଗରେ ଚଉରା ଆଉ ପକ୍କା କୂଅ ଚାରିପଟେ ଚାନ୍ଦିନୀ । ଆଗରେ ଦଶ ବାରଟା ନଡ଼ିଆ ଗଛ— ଆଉ ଗୋଟିଏ କଡ଼କୁ ବୁଢ଼ା ସଜନା ଗଛଟାଏ । ସୁରୁଯା ଭାବିଲା, ଗାଁ ଭିତରେ ନିଶ୍ଚୟ ଏଇ ବଡ଼ଘର । ଏଇଠିକି ଗଲେ ନିଶ୍ଚୟ ପେଟପୂରା ଦି'ଟା ଖାଇବାକୁ ମିଳିବ । ସେ କେନ୍ଦରା ବଜାଇ ଗୀତ ପଦେ ବୋଲି ଦାଣ୍ଡଘର ଦରଜା ମୁହଁରେ ଆସି ଛିଡ଼ାହେଲା । ଆକୁଳ କଣ୍ଠରେ ଡାକି କହିଲା, ବାବୁ, ଗରିବକୁ ଗଣ୍ଡାଏ ଖାଇବାକୁ ମିଳୁ ।

ଘର ଭିତରୁ ବାହାରି ଆସିଲେ ଗେଡ଼ାହୋଇ ବଳିଷ୍ଠ ଯୁବକଟିଏ । କହିଲେ, ଏ ଯୋଗି, କିଛି ମିଳିବ ନାହିଁ—ଯା' ।

ବାବୁ ଶୋଷରେ ହଂସା ଉଡ଼ିଯାଉଛି, ଭାତ ତୋରାଣୀ ଟୋପିଏ ମିଳୁ । ବଇଶାଖ ମାସ—ଧର୍ମ ହେବ ।

ଯାଉଚୁ ନା—ନୀତିକଥା ଶୁଣାଉଚୁ । ଯା—ଅନ୍ୟଠି ଦେଖ ।

ଏତେ ବଡ଼ ଘରୁ ଫେରିଯିବି ଯଦି ଅନ୍ୟ କେଉଁଠି କିଛି ମିଳିବ ନାହିଁ ବାବୁ ! ତୋରାଣୀ ଟୋପିଏ ମିଳୁ । ଗରିବଙ୍କୁ ଗଣ୍ଡେ ଖାଇବାକୁ ଦେଲେ ଲକ୍ଷ୍ମୀଭଣ୍ଡାର ସରିଯିବ ନାହିଁ । ଠାକୁରେ ବଢ଼ତିରୁ ବଢ଼ତି କରିବେ ।

ଯାଉଚୁ ନା—ବେଶି କହିବାରେ ଭିକାରୀଙ୍କ ମୁହଁ ବଢ଼ିଗଲାଣି ।

ବାବୁଙ୍କର କୋପଦୃଷ୍ଟି ଦେଖି ସୁରୁଯାର ବଡ଼ ଆଶା ମରିଗଲା । ଧୀରେ ଧୀରେ ଫେରି ଆସିଲା । କୋଡ଼ିଏ ପଚିଶ ହାତ ଯାଇଛି କି ନାହିଁ ତାକୁ ଭାରି ଥକ୍କା ଲାଗିଲା । ସେ ଆଗରେ ଗୋଟିଏ ନୁଆଣିଆ ଚାଳଘର ଦେଖିଲା । ସେହି ଘର ପିଣ୍ଡାରେ ବସିପଡ଼ି ନିଃଶ୍ୱାସ ମାରିଲା । ଭାବିଲା, ଆଜି ଆଉ କିଛି ମିଳିବ ନାହିଁ । ତଥାପି ଆଶାରଖି ସେ କେନ୍ଦରା ବଜାଇ ଗାଇଲା ।

ଦୁଆର ଖୋଲି ଘରଭିତରୁ ବାହାରି ଆସିଲା ଝିଅଟିଏ । ଯଉବନ ନୂଆହୋଇ ଛୁଇଁଚି—ଅଙ୍ଗଶୋଭା ଫିଟି ଫିଟି ଆସିଲାଣି । ମଳିନ ପରିଧାନ

Digitized by srujanika@gmail.com

ଭିତରୁ ତାର ଗୋରା ଦେହଟି ଦାଉ ଦାଉ ହୋଇ ଜଳିଉଠୁଚି । ସୁନ୍ଦର ଗୋଲ ମୁହଁଟିଏ—ଓଠରୁ ହସ ଝରିପଡ଼ୁଚି ।

ସୁରୁଯା ଝିଅଟିକୁ ଦେଖିଲାକ୍ଷଣି ତା ହୃଦୟର ଗୋପନ ତନ୍ତ୍ରୀରେ କିଏ ଆଘାତ ଦେଇଗଲା ପରି ଲାଗିଲା । ସେ ଭୁଲିଗଲା ଗୀତ ଗାଇବାର ଛନ୍ଦ ତାରି ଆଡ଼େ ଏକ ଦୃଷ୍ଟିରେ ଚାହିଁ ରହିଲା । ଆହା କେଡ଼େ ସୁନ୍ଦର ଝିଅଟି—ଗୋଟିଏ ତୂଳିରେ ରୂପ ପାଇଚି ଯେପରି । ସବୁ ଦୁଃଖ ଶୋଷ ତାର ମରିଗଲା । ଆଖି ଆଗରେ ଉଭା ହୋଇଚି ଯେପରି ହଜିଯାଇଥିବା ଅତୀତର ଗୋଟିଏ ପ୍ରାଣପ୍ରିୟ ଛବି । ପରକ୍ଷଣରେ ନିଜକୁ ପ୍ରକୃତିସ୍ଥ କରି କହିଲା—ଝିଅ, ବହୁତ ବାଟରୁ ଚାଲି ଚାଲି ଆସିଚି । ଭାରି ଭୋକ—ଭାତ ତୋରାଣୀ ଟୋପିଏ ଦେଲେ ଗରିବ ପିଣ୍ଡରେ ପ୍ରାଣ ପଶନ୍ତା ।

ଝିଅଟି କଣ ଭାବିଲା କେଜାଣି ଭିତରକୁ ଯାଇ ଡାକିଲା, ବୋଉ, ବୋଉ, ବୋଉ ।

ବୋଧହୁଏ ବୋଉର ଅନୁମତି ଲୋଡ଼ିବାକୁ ଗଲା ।

ଟିକିଏ ପରେ ପଖାଳ ଭାତରୁ କଂସାଏ, ଭଜା ଟିକେ ନେଇ ଆସି ପହଞ୍ଚିଲା । କହିଲା, ନେ'ରେ ଯୋଗୀ ଥାଳ ଦେଖା ।

ସୁରୁଯା ଥାଳ ଦେଖାଇଲା । ପଖାଳ କଂସାକରେ ତାର ଥାଳ ପୂରିଗଲା । ପତରରେ ଭଜାଟିକେ ଥୋଇଦେଇ ଝିଅଟି କହିଲା, 'ଆଉ ତ କିଛି ନାହିଁ । ଏଇ ଭଜାଟିକେ ଦେଇ ଭାତ ଗଣ୍ଡାକ ଖାଇଦିଅ—ଆମର ତ ଗରିବ ଘର—ଆଉ କଣ ମିଳିବ ।'

ସୁରୁଯା ଆଖିରେ କୃତଜ୍ଞତାର ଲୁହ ପୂରିଉଠିଲା । ଭାବିଲା ଗରିବର ଦୁଃଖ ଗରିବ ବୁଝେ । ବଡ଼ଲୋକ କାହୁଁ ବୁଝିବ ଗରିବ ମରମର ବ୍ୟଥା । କହିଲା, ଝିଅ, ଆଜି ମୋର ବଡ଼ ଭାଗ୍ୟ । ଏଇ ଭାତ ଦି'ଟା ଭଜାଟିକେ କେବେ କିମିତି ମିଳେ ସତ— କିନ୍ତୁ ତମ ପରି ସ୍ନେହଭରା କଥାପଦେ ମିଳେନା । ବର୍ଷ ବର୍ଷ ଧରି କେତେ ଗାଁ ବୁଲିଚି—ତମ ପରି କାହାଠାରୁ ପଦେ କଅଁଳ ବଚନ ଶୁଣି ନାହିଁ ।

ବହୁତ ବାଟରୁ ଆସିଚ । ଏଇ ବଇଶାଖ ମାସ ଖରା—ଭାରି ତମକୁ ବାଧିଥିବ । ଆଗେ ଦି'ଟା ଖାଇଦିଅ ।

ସୁରୁଯା ଖାଇବାରେ ଲାଗିଲା । ଝିଅଟି ଚାହିଁରହିଲା ତାରି ଆଡ଼େ । ଆହା ବିଚରା ଭିକାରୀଟିର ଭୋକରେ ହଂସା ଉଡ଼ି ଯାଉଥିଲା । ଭାତ ଗଣ୍ଡାଏ ଦେଇ ନଥିଲେ କେଡ଼େ ଅଧର୍ମ ହୋଇ ନ ଥାନ୍ତା ।

ଗାଁର ଝିଅ ସରଳା – ଭାରି ସରଳ । କୋମଳମତି । ପାଠୋଇ ଝିଅ ନ ହେଲେ ବି ଏତିକି ବୁଝେ ଗରିବ୍‌ ଭିକାରୀକୁ ମୁଠିଏ ନଦେଲେ ଭାରି ଅଧର୍ମ ହୁଏ । ବାପଠୁ ଶୁଣି ଆସିଚି, ଆମେ ଗରିବ । ଆମ ଶକ୍ତି ଅନୁସାରେ ଆମେ

Digitized by srujanika@gmail.com

ଯଦି ଗରିବ ପ୍ରତି ଟିକିଏ ଦୟା ନ ଦେଖାଇବା ତେବେ ସେମାନେ ବଞ୍ଚିବେ କିପରି ? ସେଇଥି ପାଇଁ ସରଳା କୌଣସି ଭିକାରୀଙ୍କୁ କେବେ ନିରାଶ କରେନା । ଚାଉଳ ମୁଠିଏ କିମ୍ବା ଭାତ ଗଣ୍ଡେ ଦେଇ ସରାଗ ସହାନୁଭୂତି ମିଶା କଥା ପଦେ କହି ବିଦାୟ ଦିଏ । ସମସ୍ତେ ସରଳା ପ୍ରତି କଲ୍ୟାଣ କରି କହନ୍ତି, ଝିଅ, ଠାକୁରେ ତୋତେ ପରମାୟୁ ଦିଅନ୍ତୁ । ସୁନାସଂସାର ତୋର ସବୁବେଳେ ହସୁଥାଉ ।

ସୁରୁଯାର ଖିଆ ସରି ଆସିଲା । ସରଳା ପଚାରିଲା, ଆଉ ଭାତ ଗଣ୍ଡେ ଦେବି ? ସୁରୁଯା ପରିତୃପ୍ତିରେ ହସିହସି କହିଲା, ନାହିଁ ମା, ତମରି କଥା ପଦକରେ ଭୋକ ମରିଗଲାଣି ! ଏଇଥିରୁ କିଛି ବଳିବ —ଆଉ କଣ ହେବ ?

ଲାଜ କରି ପେଟ ଅପୂର ରହିଲେ ବାଟ ଚାଲି ପାରିବନି — ସବୁତକ ଖାଇଦିଅ ।

ଲାଜ ସରମ ରଖି କେହି ଦାଣ୍ଡରେ ଭିକାରୀ ବେଶରେ ଛିଡ଼ା ହୁଏନା ମା । ମାଗିକରି ଯେ ଖାଏ – ତା'ନୁ ହୀନ-ଜୀବନ ଆଉ କଣ ଅଛି ।

କାହିଁକି ମାଗି ଖାଉଚ । ଲୋକଙ୍କଠାରୁ ଗାଳି ଶୁଣୁଚ—ପୁଣି ମାଡ଼ ବି ଖାଇ ଦୁଃଖ କଷ୍ଟ ଭୋଗୁଚ । ତମର କ'ଣ କେହି ନାହିଁ ?

ଏ ପ୍ରଶ୍ନର ଉତ୍ତର କ'ଣ ଦେବ ସୁରୁଯା ଖୋଜି ପାଇଲା ନାହିଁ । ସରଳା ଝିଅଟି ପ୍ରତି ତାର ହୃଦୟ କୃତଜ୍ଞତାରେ ନଇଁ ପଡ଼ିଥିଲା । ତେଣୁ ଅତୀତ ଜୀବନ ଇତିହାସର ପୃଷ୍ଠା ଖୋଲି ହୋଇଗଲା ।

ମୋର ଦିନେ ଏଇପରି ଗାଁ ଗହଳରେ ଘର ଥିଲା । ମୋତେ ଯେତେବେଳେ ସାତ ବରଷ, ମା ବାଟ କାଟିଥିଲେ ଦିଗନ୍ତ ଆଡ଼ପାରିକି । ବାପା ମୋତେ ମଣିଷ କଲେ—ପୁଣି ହାତକୁ ଦି'ହାତ କରି ଦିନେ ତାଙ୍କରି ପଥ ଅନୁସରଣ କଲେ । ମୁଁ ବି ଏଇ ଗାଁରେ ଖଟି ଖାଉଥିଲି । ଜମି ଥିଲା—ସେଇ ଜମିରେ ଫସଲ ଫଳାଇ ଚଳି ଯାଉଥିଲି ସୁଖରେ । ଫଗୁଣ ବଉଳର ସୌରଭ-ମିଶା ପବନ ପରି ଭାସି ଯାଉଥିଲା— ଆମର ଦାମ୍ପତ୍ୟ ଜୀବନର ପ୍ରଣୟ ମଧୁର ଦିନଗୁଡ଼ିକ । ବର୍ଷକ ପରେ ଆଉ ଗୋଟିଏ ନୂତନ ଅତିଥି ଆମ ସଂସାରରେ ହସିଉଠିଲା । ପୁଅଟିଏ ପାଇ ଚାନ୍ଦ ସୁଖସ୍ୱପ୍ନର ସାର୍ଥକତା ପାଇଥିଲା । କିନ୍ତୁ ପୁଅଟି ଜନ୍ମହେବା ପରେ ସେ ପଡ଼ିଲା ବେମାର । ବହୁତ ପଇସା ବିନିର୍ବ୍ୟୟ କଲି, ଶେଷରେ ଜମିବାଡ଼ି ସବୁ ବିକି ଦେଲି । ସେହି ପଇସାରେ ସହରକୁ ନେଇ ବଡ଼ଡାକ୍ତର ଦେଖାଇଲି । କିନ୍ତୁ କିଛି ହେଲା ନାହିଁ— ସବୁ ଚେଷ୍ଟାକୁ ବିଫଳ କରି ଚାନ୍ଦ ମୃତ୍ୟୁକୋଳରେ ଚିର ବିଶ୍ରାମ ନେଲା । ଜୀବନର ସୁଖ ଆଲୁଅ ମରିଗଲା । ସ୍ତ୍ରୀ ବିୟୋଗରେ କରୁଣ ବେଦନାର ଦାଗ ନ ଲିଭୁଣୁ ପୁଅଟି ବି ମା'କୁ ଖୋଜିବାକୁ ଚାଲିଗଲା ।

ଯେଉଁମାନଙ୍କ ପାଇଁ ସଂସାର ଦିନେ ସୁଖ ଲାଗୁଥିଲା—ସେଇମାନଙ୍କ ବିୟୋଗରେ ଜୀବନ ତିକ୍ତ ଲାଗିଲା । ସଂସାର ପ୍ରତି ସବୁ ମାୟା ତୁଟାଇ ଛିଡ଼ା

Digitized by srujanika@gmail.com

ହେଲି ଉଦ୍ଦେଶ୍ୟହୀନ ଜୀବନ ନେଇ ଦୁନିଆର ବଡ଼ଦାଣ୍ଡରେ । ସାଥୀ ମୋର ଆଜି କେହି ନାହିଁ । ଏଇ କେନ୍ଦରାଟି ମୋର ଭଙ୍ଗା ଜୀବନକୁ ସହାନୁଭୂତି ଦେଖାଇ ବଞ୍ଚାଇ ରଖିଚି । ସେଇ ମୋ ପ୍ରାଣର ପରଶ ବୁଝେ—ଆଉ ମୁଁ ତାର ଲଳିତ ଝଙ୍କାରରେ ଯେପରି ମନର ମଣିଷ ଖୋଜି ପାଏ ।

ସୁରୁଯାର ବେଦନାଭରା ଜୀବନକାହାଣୀ ଶୁଣୁ ଶୁଣୁ ସରଳାର ଆଖି ଭରିଉଠିଲା ସମବେଦନାର ଲୁହରେ, ତା ହୃଦୟରେ କେଜାଣି କାହିଁକି ଏଇ ଅଜଣା ଅଶୁଣା ଲୋକଟି ପ୍ରତି ମମତା ଆସି ଠୁଳ ହେଲା । ଗୋଟାଏ କି ଉଦ୍‌ବେଗରେ ସରଳା କହିଉଠିଲା, 'ଆଜିଠାରୁ ତମେ ମୋର ଭାଇ ହେଲ — ଆଉ ମୁଁ ତୁମର ଭଉଣୀ । ନିଇତି ଆସିବ ଏଇଠିକି—ଗଣ୍ଡାଏ ଖାଇଦେଇ ପଛେ ଯୁଆଡ଼େ ଇଚ୍ଛା ଯିବ । ଭଉଣୀର ଏଇ ଛୋଟିଆ କଥାଟି ଏଡ଼ି ଦେବନାହିଁ ।'

ତା' ପରି ଗୋଟିଏ ହତଭାଗାକୁ ପୁଣି କିଏ ଭାଇ କରିବ—ଏକଥା ସେ ସ୍ୱପ୍ନରେ ବି ଭାବି ନ ଥିଲା । ସରଳା କଥାଶୁଣି ସୁରୁଯା କହିଲା, ମୋ ପରି ଗୋଟାଏ ଅଲୋଡ଼ା ମାଗିଖିଆ ଭିକାରୀ ତମର ଭାଇ ହେବାର ଯୋଗ୍ୟତା କେଉଁଠୁ ପାଇଲା ।

ମାଗିଖିଆ ଭିକାରୀ ବା ଦୀନ ଦରିଦ୍ର ହୁଅ—ତଥାପି ତୁମେ ମୋର ଭାଇ । କୁହ ସୁରୁଯାଭାଇ, ଆଜିଠାରୁ ମୁଁ ତୁମର ଭଉଣୀ ।

ଦୁନିଆ ଦୁଆରେ ଆଜି ମୁଁ ଭିକାରୀ ବେଶରେ ବହୁତଆଡ଼େ ବୁଲି ବୁଲି ଏତେଦିନେ ଗୋଟିଏ ହୃଦୟ ଆଜି ପାଇଚି । ସରଳା, ଆଜିଠୁ ତୁମେ ମୋର ଭଉଣୀ । ତମରି ଏଇ ଅଯାଚିତ ସ୍ନେହମମତାର ପ୍ରତିଦାନରେ ଦେବି କ'ଣ ?

ମୁଁ କିଛି ଚାହେଁନା ସୁରୁଯାଭାଇ ! ଚାହେଁ ଖାଲି ତମରି ସ୍ୱଚ୍ଛ-ଅନାବିଳ ହୃଦୟ ସାଗରର ଧୂଳିକଣା ଟିକେ.....ସେଇ କଣ ଭଉଣୀ ପକ୍ଷରେ ଯଥେଷ୍ଟ ନୁହେଁ ।

ସୁରଯା ଆଖିରୁ ଆନନ୍ଦର ଅଶ୍ରୁ ବହି ଆସିଲା । ସେ ଅଶ୍ରୁ ସରଳାର ଉଚ୍ଛ୍ୱସିତ ହୃଦୟର ଦାନର ପ୍ରତିଦାନ ନୁହେଁ.....ସେ ଅଶ୍ରୁ ମୈତ୍ରୀ ବନ୍ଧନର ଅଭିନବ ଫଲ୍‌ଗୁ-ଧାରା ।

ସେଇଦିନଠୁ ସୁରୁଯା ସରଳାକୁ ତାର ସରଳ ମନରେ ଗ୍ରହଣ କରି ନେଇଥିଲା ଭଉଣୀ ପରି । ଜୀବନ ପ୍ରତି ସବୁ ମମତା ତୁଟିଗଲାବେଳେ ପୁଣି ଯେ କାହିଁକି ସରଳାର ଦୟା ତାକୁ ବାନ୍ଧି ରଖିଲା···ସେ ଭାବି ପାରେନା । ଗାଁ ଗାଁ ବୁଲେ···କେନ୍ଦରା ବଜାଇ ଗୀତ ଗାଏ । ତାର କେନ୍ଦରା ଆଜି ନବ ନବ ଛନ୍ଦରେ ଗାଁ ଗହୀର ବିଲ ପଡ଼ିଆକୁ ମୁଖରିତ କରିଦିଏ । ସୁରୁଯା ହୃଦୟର ଦୁଆର ଆଜି ସତେ ଯେପରି ଫିଟି ଯାଇଛି । ଆବେଗର ଏକ ଅଭିନବ ଉଚ୍ଛ୍ୱାସରେ ।

Digitized by srujanika@gmail.com

ଦୀ’ଦିନ ଚାରିଦିନ ଅନ୍ତରରେ ସୁରୁଯା ଦଉଡ଼ି ଆସେ ସରଳା କତିକି । ସରଳା ତାରି ଆଗମନକୁ ଉତ୍ସୁକ ଦୃଷ୍ଟିରେ ଚାହିଁ ରହିଥାଏ । କେନ୍ଦରାର ସୁର ଶୁଣିଲେ ଦଉଡ଼ି ଆସେ ବାହାରକୁ । ସୁରୁଯା ସୀତାହରଣ କାହାଣୀକୁ ବେଳେ-ବେଳେ ତାର କରୁଣ ରାଗିଣୀରେ ଏପରି ରୂପ ଦିଏ.....ସରଳା ଗୀତ ଶୁଣୁ ଶୁଣୁ କାନ୍ଦିଉଠେ ।

ସୁରୁଯା କହେ, ଗୀତ ଶୁଣି ତମେ କାନ୍ଦୁଚ ଭଉଣୀ ।

ସରଳା କହେ, ସୁରୁଯାଭାଇ, ସୀତାହରଣ ସେ କେବେକାର କଥା । ସେଇ ବେଦନାମୟ କାହାଣୀ ତମେ ଏପରି କେନ୍ଦରାର ସୁରରେ ରୂପ ଦେଉଚ.....ଯେ ଶୁଣିବ ତା ଆଖି ଲୋତକ ବନ୍ୟାରେ ଉଚ୍ଛୁଳି ଉଠିବ ।

ସୁରୁଯା କହେ, ଯେଉଁ ଗୀତ ମଣିଷ ପ୍ରାଣର ଗୋପନତନ୍ତ୍ରୀକୁ ସ୍ପର୍ଶ କରି ମୋତେ ଓ ଅପରକୁ କନ୍ଦାଇ ପାରେ.....ସେଇ ଗୀତ ବୋଲିବାରେ ମୁଁ ଆନନ୍ଦ ପାଏ । ସେଇ ଗୀତ ଭିତରେ ମୁଁ ପାଏ ଜୀବନର ଯା’ ସରସ ସୁନ୍ଦର ଓ କାମ୍ୟ ...ଅଥଚ ଫେରି ପାଏନା ।

ସରଳା ସୁରୁଯା କଥା କିଛି ବୁଝି ପାରେନା । ଖାଲି ଚାହିଁରହେ ମୁଗ୍ଧ ନୟନରେ ।

ଦିନ ପରେ ଦିନ ଗଡ଼ିଯାଏ । ସୁରୁଯା ଆସେ.....ସରଳା ତାକୁ ଭଲପାଏ । ସେଇ ଭଲ ପାଇବାର ଆକର୍ଷଣରେ ନଥାଏ ଆବିଳତା । ସୁରୁଯା ଭାବେ ସରଳା ତାର ଅତି ଆଦରର ଭଉଣୀ । ସରଳା ଭାବେ ସୁରୁଯା ତାର ପ୍ରାଣର ଶୁଭକାଂକ୍ଷୀ ଭାଇ । ହେଉ ପଛେ ସେ ପଥର ଭିକାରୀ, ଯାଯାବର, ତଥାପି ସେ ତାର ଭାଇ । ଯେଉଁ ସରଳତା ନେଇ ସେ ଆସି ତା କତିରେ ଆଜି ଛିଡ଼ା ହେଇଛି.....ସେ ତ କିଛି ଚାହିଁନାହିଁ.....ଚାହିଁଛି ଖାଲି ସରାଗର ଧୂଳି-କଣା ଟିକକ । ସେଇତକ ସରଳା ଅକୁଣ୍ଠିତ ଚିତ୍ତରେ ତାକୁ ଦାନ କରି ଆସିଛି ।

ସୁରୁଯା ଭାବେ, ତା’ର ଆଜି ନାହିଁ କ’ଣ ? ସରଳା ପରି ଭଉଣୀର ସ୍ନେହ କେଇଟା ଲୋକର ଭାଗ୍ୟରେ ମିଳେ । ଜୀବନରେ ସବୁ ସେ ହରାଇଛି .... ତଥାପି ତା’ପାଇଁ ଆଜି ଦୁଃଖରେ ସହାନୁଭୂତି ଜଣାଇବାକୁ ଜଣେ ଅଛି । ତାରି ପାଇଁ ଶୁଷ୍କ ନୀରସ ପ୍ରାଣରେ ଯେପରି ବଞ୍ଚି ରହିବାର ଆକାଂକ୍ଷା ଆଜି ଜାଗ୍ରତ ହେଇଉଠିଚି ।

ସେଦିନ କଅଁଳ ସକାଳେ ସରଳାଠାରୁ ବିଦାୟ ନେଇ ଆସିବାର ଦିନ କେତୁଟା ହେଇଗଲାଣି । ଆଜି ସୁରୁଯାର ଭାରି ଇଚ୍ଛା ହେଲା, ଯାଇ ଥରେ ସରଳା ଭଉଣୀକୁ ଦେଖି ଆସିବାକୁ । କିନ୍ତୁ ଇଚ୍ଛା ଥିଲେବି ...ଯାଇ ହେଲାନି । ସେଇଦିନ ରାତିକୁ ସାରା ଶରୀରରେ କାହିଁକି ଯନ୍ତ୍ରଣା ଅନୁଭବ କଲା । ତା ପରଦିନକୁ ହେଲା ଭୀଷଣ ଜ୍ୱର । ପାଟପୁର ଗାଁ ମୁଣ୍ଡର ଆମ୍ବତୋଟା ଭିତରେ ସେଇ ପୁରୁଣା ଶିବ ମନ୍ଦିରରେ ସେ ପଡ଼ିରହିଲା ।

Digitized by srujanika@gmail.com

ଦିନପରେ ଦିନ ଗଡ଼ିଗଲା । ଗାଁ କବିରାଜ ଗୋବିନ୍ଦ କରଙ୍କ ଦୟାରୁ ଦୀ'ଟା ମାସ ପରେ ସୁରୁଯା ମରଣ ସହିତ ସଂଗ୍ରାମକରି କୌଣସି ମତେ ବଞ୍ଚିଗଲା । ଜ୍ୱରରୁ ଉଠିବା ପରେ ପରେ ଭାରି ଇଚ୍ଛାହେଲା ସରଳାକୁ ଦେଖିବାକୁ । ଏଇ ଅବିଶ୍ୱାସୀ ଜ୍ୱରଟା ପୁଣି ତାର ଯଦି କାଳହୁଏ.....ତେବେ ସରଳା ଭଉଣୀ ସହିତ ଜୀବନରେ ଆଉ ଭେଟ ହେବ ନାହିଁ । ଦୀର୍ଘଦିନ ରୋଗରେ ପଡ଼ି ଚାଲିବାକୁ ଶକ୍ତି ନଥିଲେ ବି ସୁରୁଯା ମନରେ ସାହସ ସଞ୍ଚୟ କରି ବାହାରିଲା ।

ଧୀରେ ଧୀରେ ସେ ଆଗେଇ ଚାଲିଲା । ଭଙ୍ଗା ଜୀବନ ନେଇ କୌଣସି ମତେ ଆସି ସରଳା ଘର ପାଖରେ ପହଞ୍ଚିଲା । ପଦାରୁ ଥାଇ ଡାକିଲା—ସରଳା, ସରଳା !

କୌଣସି ଜବାବ ପାଇଲା ନାହିଁ ।

ଟିକିଏ ପରେ ଘରୁ ବାହାରି ଆସିଲେ ସରଳାର ମାଆ । ସୁରୁଯାକୁ ଦେଖି ପଚାରିଲେ, କିରେ ଏତେଦିନଯାକେ କୁଆଡ଼େ ଥିଲୁ ?

ବେମାରରେ ପଡ଼ିଥିଲି ମା । ମରିଯାଇଥାନ୍ତି । ଆୟୁଷର ବଳ ଅଛି । କୌଣସିମତେ ବଞ୍ଚିଗଲି । ସରଳା କାହିଁ ? ତାକୁ ବହୁଦିନ ହେଲା ନ ଦେଖି ମନ ମୋର ଖାଲି ଖାଲି ଲାଗୁଚି ।

ସରଳା ବହୁଦୂରକୁ ଚାଲିଯାଇଛି ସୁରୁଯା । ଜାଣିଥିବୁ ସେଇ ବଡ଼ଗାଁ— ସେଇ ଗାଁର ଜମିଦାର ସୂର୍ଯ୍ୟକାନ୍ତ ପଟ୍ଟନାୟକଙ୍କ ଘର । ଜମିଦାରଙ୍କ ବଡ଼ପୁଅ ସହିତ ସରଳାର ବାହାଘର ମାସେ ହେବ ହେଇ ଯାଇଛି । ବିବାହ ବେଳେ ତୋତେ ସେ ବହୁତ ଖୋଜିଚି । କହିଯାଇଚି ଥରେ ଯାଇ ତାକୁ ଦେଖାକରି ଆସିବାକୁ । ତୁ ତ ତାର ଭାଇ—ଭଉଣୀକି କଣ ଭାଇ ସଙ୍କୋଳି ଯାଏନାହିଁ । ଯା.....ଏତେ ଗାଁ ବୁଲୁଛୁ...ଥରେ ବଡ଼ଗାଁରୁ ବୁଲିଆସିବୁ । ସରଳାର ଭଲ ମନ୍ଦ ଖବର ମୋତେ ଆସି କହିବୁ ।

ସୁରୁଯା ଏକ ଅଜଣା ଆବେଗରେ କହି ଉଠିଲା, ଯିବି ମା ! ସରଳା ଭଉଣୀକୁ ଦେଖିବାକୁ ଏତେ ବାଟରୁ ଛୁଟି ଆସିଛି । ତାକୁ ନ ଦେଖିଲେ ମୁଁ ବଞ୍ଚି ପାରିବିନାହିଁ । ତାର ସ୍ନେହ ଏ ଭିକାରୀ ଜୀବନରେ ଭୁଲି ପାରିବି ନାହିଁ ।

ଏତେ ବାଟରୁ ଧାଇଁ ଆସିଚୁ, ଆଗେ କ'ଣ ଦୀ'ଟା ଖାଇନେ ।

ସରଳା ମାଆର ଆଦର ଯତ୍ନରେ ସୁରୁଯା ପେଟପୂର ଗଣ୍ଡାଏ ଖାଇନେଲା । ଦିନଟିଏ ରହି ତା ପରଦିନ ସକାଳୁ ସେ ବାହାରି ପଡ଼ିଲା । ସରଳା ମାଆ ଯେତେ ରହିବାକୁ ବାଧ୍ୟକରି କହିଲେ—ସୁରୁଯା, ବହୁଦିନ ବେମାର ପଡ଼ି ଉଠିଛୁ । ଏଠି ଆଉ ଦିନ କେତୁଟା ରହ । ଦେହରେ ଟିକିଏ ବଳ ହେଉ—ପଛେ ଯିବୁ ।

ସୁରୁଯା ମାନିଲା ନାହିଁ । କହିଲା, ମାଆ ମୁଁ ସରଳା କତିରୁ ଫେରି ଆସିଲେ ଯାଇ ରହିବି । ଯେତେ ଦୁର୍ବଳ ହେଲେ ବି ସରଳା ମାଆକୁ ଦେଖିବାକୁ ଗୋଡ଼ଦି'ଟା ମୋର ଆଗକୁ ଚାଲିବ । ତମେ ମୋର ଶୁଭଯାତ୍ରାରେ ବାଧା ଦିଅନାହିଁ । ଠାକୁରଙ୍କୁ ଡାକ, ଯେପରି ଭଲରେ ତା ସହିତ ମୋର ଭେଟ ହୁଏ ।

Digitized by srujanika@gmail.com

ସୁରୁଯା ଚାଲିଲା—କେତେ ଗାଁ ବିଲ ବାଟ ଅତିକ୍ରମ କରି । ବହୁ ବାଟ ଆଗେଇ ଆସିଲା ପରେ ଆଗରେ ଦିଶିଲା ବଡ଼ଗାଁ । ପଚାରି ପଚାରି ଗାଁ ଭିତରକୁ ପଶିଲା । ସରଳାକୁ ଦେଖିବାକୁ ଆଖିରେ ଆଗ୍ରହର ପିପାସା—ମନରେ ଅଭିନବ ଉଦ୍‌ବେଗ ଜାଗି ଉଠିଲା ।

ଏଇ ସୂର୍ଯ୍ୟକାନ୍ତ ପଟ୍ଟନାୟକଙ୍କ ଘର । ଗୋଡ଼ ଦି'ଟା ତାର ଥମିଗଲା ! ଜମିଦାର ଘର—ବଡ଼ କୋଠା । ଆଗରେ ପକ୍‌କା କୂଅ ଓ ବୃନ୍ଦାବତୀ । ଗାଁ ଭିତରେ ଏଇମାନେ ହେଲେ ଧନରେ ପୁଣି ମାନରେ ସମସ୍ତଙ୍କଠାରୁ ଉଚ୍ଚରେ । ସରଳା ଭଉଣୀ ଏତେବଡ଼ ଘରେ ବାହା ହେଇଚି—ମନଟା ତାର ପରମ ଆନନ୍ଦରେ ନାଚି ଉଠିଲା ।

ଦାଣ୍ଡ ଦରଜା ଆଡ଼େ ସୁରୁଯା ଆଗେଇ ଯାଇ ସେଇଠି ଛିଡ଼ା ହେଇ ଗୀତ ଗାଇଲା । ସୁରୁଯା ମନେ ମନେ ଭାବିଲା ଗୀତ ଶୁଣିଲେ ହୁଏତ ସରଳା ଘରଭିତରୁ ସ୍ୱର ବାରି ଦଉଡ଼ି ଆସିବ ।

ଘରଆଡ଼ୁ ବୁଢ଼ା ସ୍ତ୍ରୀ ଲୋକଟି ପାଟି କରି ଉଠିଲା, ଏ ଯୋଗୀ, ଭିକ ତ ନେଲୁ ଯାଉନୁ କାହିଁକି ?

ଯିବି ମା—ଥରେ ସରଳା ଭଉଣୀକି ଦେଖିଲେ ମୋ ବାଟେ ମୁଁ ଚାଲିଯିବି ।

କୋଉ ସରଳା ଭଉଣୀ ?

ସେ ପରା ଏଘରେ ବାହା ହେଇଛି । ଜମିଦାର ଘର ବଡ଼ ବୋହୂ । ସେ ମୋର ଭଉଣୀ । ଥରେ ତାକୁ ଡାକି ଦିଅ ମା । ସୁରୁଯା ଭାଇ ନାଁ ଶୁଣିଲେ ସେ ନିଶ୍ଚୟ ଆସିବ ।

ବୁଢ଼ା ଅବାକ ହେଇ ଘଡ଼ିଏ କାଳ ଯୋଗୀ ମୁହଁକୁ ଚାହିଁଲା । କ'ଣ ଭାବି ପରମୁହୂର୍ତ୍ତରେ ଘର ଭିତରକୁ ପଶିଗଲା ।

କିଛି ସମୟପରେ ପୁଣି ଫେରି ଆସିଲା । ତାଚ୍ଛଲ୍ୟ ସ୍ୱରରେ କହିଲା, ଆମ ଜମିଦାର ଘର ବୋହୂ ତୋ ପରି ଯୋଗୀଟାର କେବେ ଭଉଣୀ ହୋଇ-ପାରେ ! ଯା ଏଠୁ ଚାଲିଯା ।

ମୋ କଥା ସରଳା ଭଉଣୀକୁ କହିଚ ମା ।

କହିଚି, ସେ କହିଲା କୋଉ ସୁରୁଯା ଭାଇ ମୁଁ ଚିହ୍ନେ ନାହିଁ ।

ସୁରୁଯା ବିସ୍ମୟରେ ମୂକ ପାଲଟିଗଲା ଯେପରି । ମନରେ ଦ୍ୱନ୍ଦ୍ୱ—ସରଳା ଆଜି ତାକୁ ଚିହ୍ନି ପାରିଲା ନାହିଁ । କିପରି ଚିହ୍ନିବ, ସେ ଯେ ଆଜି ବଡ଼ଘର ବୋହୂ ହେଇଯାଇଚି । ଆଖି ତାର ବଦଳି ଯାଇଛି । ମନ ତାର ଗର୍ବରେ ଭରିଯାଇଚି ।

Digitized by srujanika@gmail.com

ଯାଉଚି ମାଆ ! ସରଳାକୁ କହିବ ଆଜି ବଡ଼ଘର ବୋହୂ ହେଲୁ ବୋଲି ନିଜର ଭାଇକୁ ଚିହ୍ନିପାରିଲୁ ନାହିଁ । ତାର ବଡ଼ଲୋକିର ଆଭିଜାତ୍ୟରେ ଧୂଳି ଲାଗିଯିବ ବୋଲି ଆପଣାର ଗରିବ ଭାଇର ଡାକ ଶୁଣିବାକୁ ଆଗେଇ ଆସି ପାରିଲାନାହିଁ । କିନ୍ତୁ ସେ ଯେତେ ଦୂର ଦୂର କରି ତଡ଼ି ଦେଲେ ବି ତାର ସେହି ଅତୀତଦିନର ଅଯାଚିତ ସ୍ନେହ କେବେ ଭୁଲି ପାରିବିନାହିଁ । ସେଇ ସ୍ମୃତି ଆଜି ଏଇ ନିଃସ୍ୱ ଜୀବନରେ ପଥର ପାଥେୟ । ତାକୁ ମୋର ଆଶୀର୍ବାଦ ଦେବ ମା—ସେ ସୁଖରେ ରହୁ—ଘର କରୁ ।

ସୁରୁଯାର ଆଖି ଦୁଇଟି ଦୁଃଖ ଓ ଅବସାଦରେ ଉଚ୍ଛ୍ୱସିତ ଲୁହ-ଧାରରେ ବୁଡ଼ିଗଲା । ସେ ଆଖି ମଳି ମଳି ମୁହୂର୍ତ୍ତକ ମଧ୍ୟରେ ବଡ଼ଗାଁ ପାରି ହେଇଗଲା । ତାର କେନ୍ଦରାର ସୁରରେ ବ୍ୟର୍ଥ ରାଗିଣୀ ହସି ଉଠିଲା ।

ଆଉ ଦିନ କେଇଟା ପରେ ସୁରୁଯା ଜୀବନର ପୂର୍ଣ୍ଣଚ୍ଛେଦ ଘଟିବ । କିନ୍ତୁ ସରଳା ସହିତ ଏ ଜୀବନରେ ଭେଟ ହେବନାହିଁ । ସୁରୁଯାର ଆଖି ଆଗରେ ଅସରନ୍ତି ପଥ । ସେ କାନ୍ଦି କାନ୍ଦି ଆଗେଇ ଚାଲିଛି । ତାର ଭଙ୍ଗା ମନର ଛନ୍ଦେ ଛନ୍ଦେ କେନ୍ଦରାଟି ବ୍ୟର୍ଥତାରେ ବିଳାପ କରି ଉଠିଲା । ସେ ରାଗିଣୀ ଛନ୍ଦହୀନ ଜୀବନରେ ଆଉ ଲିଭିବ ନାହିଁ ।

× × ×

ସେଇ ଦିନଠୁ ସେଇ ପରିଚିତ ଗାଁ ଭୂଇଁ ଛାଡ଼ି ସୁରୁଯା କେଉଁଆଡ଼େ ଗଲା—କେହି ଜାଣି ନାହାନ୍ତି । କିନ୍ତୁ ସମସ୍ତଙ୍କ ହୃଦୟରେ ତାର କରୁଣ ରାଗିଣୀର ମୂର୍ଚ୍ଛନା ଯେପରି ରହିଯାଇଚି—ତା ଭୁଲିବାର ନୁହେଁ ।

●

Digitized by srujanika@gmail.com

• ନାରୀ ହୃଦୟର ଦାନ

ବାଲେଶ୍ୱର ଷ୍ଟେସନ । ଟିକିଏ ପରେ ଅପ୍ ହାଓଡ଼ା ପୁରୀପାସେଞ୍ଜର ଆସି ପହଞ୍ଚିବ । ପ୍ଲାଟଫର୍ମ ଉପରେ ଭିଡ଼ ଜମି ଉଠିଚି ।

ଜନତାର ଦୀର୍ଘ ପ୍ରତୀକ୍ଷାକୁ ବେଖାତିର କରି ନିର୍ଦ୍ଧାରିତ ସମୟଠୁ ବହୁ ବିଳମ୍ବରେ ଗାଡ଼ି ଆସି ଷ୍ଟେସନରେ ଛିଡ଼ାହେଲା । ତର ତର ହୋଇ ଯିଏ ଯୁଆଡେ ଗାଡ଼ି ଭିତରକୁ ଉଠିବାକୁ ଲାଗିଲେ । ମୋତେ ମଧ୍ୟ ସେଇ ଗାଡ଼ିରେ କଟକ ଫେରି ଆସିବାକୁ ହେବ । କାଳବିଳମ୍ବ ନ କରି ବ୍ୟାଗ୍‌ଟି ଧରି ଗୋଟିଏ କମ୍ପାର୍ଟମେଣ୍ଟ ଭିତରକୁ ଉଠିଲି ।

ସେକେଣ୍ଡକ୍ଲାସ କମ୍ପାର୍ଟମେଣ୍ଟ ଭିତରେ ବିଶେଷ ଭିଡ଼ ନ ଥିଲା । ଉଠିବା ସଙ୍ଗେ ସଙ୍ଗେ ସିଟ୍‌ଟିଏ ଯୋଗାଡ଼ କରିବାକୁ ଆଖି ପକାଉଚି, ହଠାତ୍ ଶୁଭିଲା—ନମସ୍କାର ଯତୀନ୍ଦବାବୁ । ପରିଚିତ ଗଳାର ସ୍ୱର ପରି ଜଣାଗଲା । ଆଖି ବୁଲାଇ ଚାହିଁଲି ଟିକିଏ ଦୂରରେ ସୁମିତ୍ରା ହସ ହସ ମୁହଁରେ ବସିଚି । ପ୍ରତି ନମସ୍କାର ଜଣାଇଲି । ସେ ମୋତେ ତା ନିକଟରେ ବସିବାକୁ ଅନୁରୋଧ ଜଣାଇଲା ।

ବହୁଦିନ ପରେ ସୁମିତ୍ରା ସହିତ ଏପରି ଅକସ୍ମାତ ଭେଟ ହେବ ବୋଲି ଆଶା କରି ନଥିଲି । ଅତି ନିକଟରେ ବସିବାର ସୁଯୋଗ ଏଡ଼ି ହେଲା ନାହିଁ । ପାଖକୁ ଲାଗି ବସିଲାକ୍ଷଣି ତାର ସ୍ନିଗ୍ଧ କୋମଳ କରସ୍ପର୍ଶରେ ନିଜକୁ ଟିକିଏ ସଙ୍କୁଚିତ ଲାଗିଲା । ପଚାରିଲି, "କେଉଁଆଡେ ଯିବ ସୁମିତ୍ରା ।"

ଯାଜପୁରରୋଡ଼ ।

ଆପଣ ?

କଟକ ।

ଆଜି ସୁମିତ୍ରାର ଏଇ ନିରାଡମ୍ବର ବେଶଭୂଷାକୁ ଚାହିଁଲାକ୍ଷଣି ନିଜକୁ ଟିକିଏ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହେଲା ।

ପରିଧାନ ମୋଟା ଖଦଡ଼ ଶାଢ଼ୀ—ହାତରେ ଦି'ପଟ କାଚ ବ୍ୟତୀତ ଅଳଙ୍କାର ଅନ୍ୟ କିଛି ନାହିଁ । ଆଧୁନିକ ପରିବେଷ୍ଟନୀ ଓ ବିପୁଳ ଐଶ୍ୱର୍ଯ୍ୟ ମଧ୍ୟରେ ବଢ଼ି ଆସି ଯେଉଁ ସୁମିତ୍ରା ଦାମୀ ଶାଢ଼ୀ, ନୂଆ ନୂଆ ସୁନା ଗହଣା ଭିତରେ ନିଜକୁ ସବୁବେଳେ ଅଭିନବ ପରିପାଟୀରେ ସଜାଇ ରଖୁଥିଲା—ତାର ଆଜି ଏପରି ପରିବର୍ତ୍ତନ କାହିଁକି ? ମନ ଭିତରେ ଅହେତୁକ ପ୍ରଶ୍ନ ଜାଗି-ଉଠିଲା

Digitized by srujanika@gmail.com

ଅତୀତ ଫେରି ଆସିଲା ବର୍ତ୍ତମାନକୁ । ହୃଦୟ ଭିତରେ ବାଜି ଉଠିଲା ବହୁଦିନ ତଳର ସେଇ ମଧୁମୟ ଦିନଗୁଡ଼ିକର କରୁଣ ମଧୁର ପ୍ରତିଧ୍ୱନି ।

ଯେତେବେଳେ ମୁଁ ରେଭେନ୍‌ସା କଲେଜର ତୃତୀୟ ବାର୍ଷିକ ବିଜ୍ଞାନ ଛାତ୍ର । ସେହିବର୍ଷ ସହପାଠୀ ଅଜୟ ସହିତ ମୋର ନୂଆ ହୋଇ ପରିଚୟ ଘଟିଲା । ତାର ସ୍ନେହପୂର୍ଣ୍ଣ ବ୍ୟବହାର ଓ ମଧୁର ବଚନ ମୋତେ ଏପରି ମୁଗ୍‌ଧ କଲା, କ୍ରମେ ଦୁହେଁ ନିବିଡ଼ ବନ୍ଧୁତାରେ ବାନ୍ଧି ହେଇପଡ଼ିଲୁ ।

ତା ଘରକୁ ଦିନେ ସେ ମୋତେ ନିମନ୍ତ୍ରଣ କଲା । ନିମନ୍ତ୍ରଣର ପ୍ରଥମ ଦିନରେ ତାର ସାନ ଭଉଣୀ ସୁମିତ୍ରା ସହିତ ମୋର ପରିଚୟ ହେଲା । ମୋର ଆଦର ଅଭ୍ୟର୍ଥନାର ସମସ୍ତ ଦାୟିତ୍ୱ ସୁମିତ୍ରା ବହନ କରିଥିଲା । ତେଣୁ ପହଞ୍ଚିବାଠାରୁ ବିଦାୟ ନେବା ପର୍ଯ୍ୟନ୍ତ ସେ ତାର ବ୍ୟବହାରରେ କେବେ ତ୍ରୁଟି କରି ନ ଥିଲା ।

ସେହି ମଧୁର ଦିନଟି ଭୁଲିବାର ନୁହେଁ । ସୁମିତ୍ରାର ସ୍ନିଗ୍‌ଧ ମଧୁର ଛବି ମୋର ଯୌବନର ଚଞ୍ଚଳ ମନ ଉପରେ ଆଲୋକପାତ କରିଗଲା । ଅଲକ୍ଷିତରେ ତାର କଳା ଆଖିର ଚାହାଣୀ—ଓଠ ଯୁଗଳର ମୃଦୁ ମୃଦୁ ହସ ଫୁଟି ଉଠୁଥିଲା ।

ଅଜୟ ସହିତ ବନ୍ଧୁତା ବଢ଼ିବା ସଙ୍ଗେ ସଙ୍ଗେ ତାର ଘରକୁ ଘନ ଘନ ଯିବାକୁ ପଡ଼ିଲା । ଦିନକୁ ଦିନ ତା ପରିବାରର ସମସ୍ତଙ୍କ ସହିତ ମୋର ନିବିଡ଼ତା ଆସିଲା । ଏହି ନିବିଡ଼ତାର ସୁଯୋଗ ଭିତରେ ସୁମିତ୍ରା ମୋତେ ଖୁବ୍ ନିକଟକୁ ନେଇ ପାରିଥିଲା । ତାର ଅସାଧାରଣ ସ୍ନେହ ନିକଟରେ ମୋର ସବୁ କିଛି ହାର ମାନି ନ ଥିଲେ ବି, ବେଳେବେଳେ ମନଟା ଚଞ୍ଚଳ ହେଇ ଉଠୁଥିଲା । ତାର ସାନ୍ନିଧ୍ୟ କେଜାଣି କାହିଁକି ମୋତେ ଚରମ ଆନନ୍ଦ ଦେଇଥିଲା । ନିଜେ ବୁଝିପାରୁ ନ ଥିଲି ସୁମିତ୍ରା ନିକଟରେ ମୋର ଏତେ ଦୁର୍ବଳତା କାହିଁକି ?

ସୁମିତ୍ରାର ଆକର୍ଷଣ ମୋର ପଢ଼ାପଢ଼ିରେ ବିଶେଷ ଆଘାତ ଆଣିଲା । ଅଜୟ ଘରକୁ ଯିବାକୁ ଯେତେଥର ବନ୍ଦ କରିବାକୁ ଚେଷ୍ଟାକଲି—ସବୁ ବିଫଳ ହେଲା । ମଝିରେ ଯଦି ଦିନ ଦୁଇଟା ଆତିଥ୍ୟତା ଗ୍ରହଣ ନ କରିଛି—ତୃତୀୟ ଦିନକୁ ଅଜୟ ଆସି ହାଜର । ନଛୋଡ଼ବନ୍ଦା ଘରକୁ ନ ଗଲେ ଚଳିବ ନାହିଁ । ବନ୍ଧୁତ୍ୱର ଯେଉଁଠି ଚରମ ବିକାଶ ଘଟିଛି—ସେଠି ଆଉ ଅନୁରୋଧ ଏଡ଼ିହେବ କିପରି !

ସୁମିତ୍ରା ଅଭିମାନ କରି କହେ, ଯତୀନ୍ଦ୍ର ବାବୁ, ଆପଣଙ୍କ ପ୍ରତି ଆମର ସ୍ନେହ, ସୌହାର୍ଦ୍ଦ୍ୟରେ କେଉଁଠି ତ୍ରୁଟି ହେଲା ନା କ'ଣ—କାହିଁକି ଆମକୁ ପର କରି ଦେଉଛନ୍ତି ।

ଯେତେ ଦୂରେଇ ରହିଲେ ବି ସୁମିତ୍ରା ମୋତେ ନିକଟକୁ ନେଇଯାଏ । ତାର ସେଇ ସୁନ୍ଦର ହସ ହସ ମୁହଁ, ସ୍ନିଗ୍‌ଧ ମଧୁର ଚାହାଣୀ, ହସ୍ତ ଯୁଗଳର ମୃଦୁ କୋମଳ ସ୍ପର୍ଶ ମୋର ସବୁ ପ୍ରତିଜ୍ଞାକୁ ଚହଲାଇ ଦିଏ । ଶତ ଅନିଚ୍ଛା

Digitized by srujanika@gmail.com

ସତ୍ତ୍ୱେ ମୋ ହୃଦୟରେ ସେ ଏପରି ନିବିଡ଼ ସ୍ଥାନ ଅଧିକାର କରିବ ବୋଲି ଭାବି ନ ଥିଲି ।

ତା'ପ୍ରତି ଏଣିକି ମୋର ଅନୁକମ୍ପା ଜାଗି ଉଠିଲା । ପ୍ରତିଦିନ ତା' ସହିତ କିଛି ସମୟ ମଧୁର ଆଳାପରେ ବିତିବାକୁ ଲାଗିଲା । ଦୁହେଁ ଦୁହିଁଙ୍କୁ ପ୍ରାଣଦେଇ ଭଲ ପାଇବାକୁ ଲାଗିଲୁ । ମୋର ଅଭାବରେ ତାର ପ୍ରାଣରେ ଯେଉଁ ଚରମ ଆଘାତ ଆଣିଦିଏ—ଆଉ ତାର ଅଭାବରେ ମୋର ହୃଦୟ ଶୂନ୍ୟତାରେ ବିଳାପ କରିଉଠେ । ପରସ୍ପର ପ୍ରତି ଏଇ ଆସକ୍ତି ଧୀରେ ଧୀରେ ପ୍ରଣୟ-ପୁଷ୍ପକୁ ବିକଶିତ କରିବାରେ ଲାଗିଲା ।

ଦୁହେଁ ଦୁହିଁଙ୍କୁ ନେଇ ସୁଖସ୍ୱପ୍ନ ଦେଖିବାରେ ଲାଗିଲୁ ।

ଯେଉଁଦିନ ମୁଁ ବି. ଏସ୍‌ସି. ପାଶ କଲି ସେଦିନ ସବୁଠୁ ସୁଖୀ ହୋଇଥିଲା ସୁମିତ୍ରା । ତାର ଆଖିରେ ଆବେଗ, ହୃଦୟର ଉଚ୍ଛ୍ୱାସ ମନର ପରିପୂର୍ଣ୍ଣତା ଏତେଦୂର ଫୁଟି ଉଠିଥିଲା.....ମୁଁ କଳ୍ପନା କରିପାରି ନ ଥିଲି । ତାର ସେଇ ସ୍ନିଗ୍‌ଧ ମଧୁର ହାତ ଦୁଇଟି ଧରି ପଚାରିଲି, ମୋ ସୁଖରେ ତମେ ଏତେ ଆତ୍ମହରା କାହିଁକି ସୁମିତ୍ରା ?

ସୁମିତ୍ରା ହସି ହସି ଉତ୍ତର ଦେଲା, ମୋ ହୃଦୟକୁ ତମେ ଯେଉଁ ଅଜଣା ବନ୍ଧନରେ ବାନ୍ଧି ରଖିଚ—ସେଇଥିପାଇଁ ।

ଏ ବନ୍ଧନ କ'ଣ ଚିରନ୍ତନ ବନ୍ଧନ ସୁମିତ୍ରା ?

ମୋର ଏଇ ଅହେତୁକ ପ୍ରଶ୍ନରେ ସେ ବିଚଳିତ ହୋଇ ଉଠିଲା । ଆଖିରେ ତାର ବିନ୍ଦୁ ବିନ୍ଦୁ ଅଶ୍ରୁ ।

ଏ କ'ଣ ସୁମିତ୍ରା ତମେ କାନ୍ଦୁଚ ?

ସୁମିତ୍ରା ମୁହଁରେ ଭାଷା ନାହିଁ । ଅଭିମାନର ମେଘମାଳା ତାର ମୁଖମଣ୍ଡଳରେ ଉଦ୍‌ଭାସିତ ।

ତାକୁ କୋଳକୁ ଟାଣିଆଣି ପଚାରିଲି, କାହିଁକି ତମେ ଏତେ ଭଲପାଅ ସୁମିତ୍ରା । ମୁଁ ଯେ ଅତି ଗରିବ । ତମର ଏଇ ଅଯାଚିତ ସ୍ନେହର ମୁଁ କ'ଣ ଯୋଗ୍ୟପାତ୍ର ?

ତୁମେ ମୋ ଜୀବନର ଚିରବାଞ୍ଛିତ ବନ୍ଧୁ । ତୁମ ଦାରିଦ୍ର୍ୟର ମୁଁ ସମଭାଗୀ ହେବି ଯତୀନ୍ଦ୍ରବାବୁ—ମୋତେ ତମେ ପର ବୋଲି ଭାବିବ ନାହିଁ ।

ସୁମିତ୍ରାର ସରଳତା ଭରା କଥା କେଇପଦ ମୋତେ ନିଜର କରିନେଲା । ଅଜଣାରେ ତାର ଗୋଲାପି ଓଠ ଯୁଗଳରେ ମୋର ସ୍ନେହର ଧୂଳିକଣା ଟିକେ ଲଦିଯାଇ ଲାଗିଗଲା ।

Digitized by srujanika@gmail.com

ଡି. ଏସ୍‌ସି. ପାଶ୍ କଲା ପରେ ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ଟାଣି ଯେଉଁଦିନ ସରଳ ଗାଁ ଗହଳକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେବାର ସ୍ଥିର କଲି—ସେଇଦିନ ସବୁଠୁ ବେଶୀ ପ୍ରତିବାଦ କରୁଥିଲା ଅଜୟ ।

ସୁମିତ୍ରା ମନ ଭିତରେ ଯାହାଥାଉ ପଛେ, ପ୍ରକାଶ୍ୟରେ ସେ ମୋତେ ସମର୍ଥନ ଜଣାଇଥିଲା । ଯେଉଁଦିନ ତା'ଠାରୁ ବିଦାୟ ନେବାକୁ ଯାଏ— ସେଦିନ ସେ ତାର ଗୋଟିଏ ଅନୁରୋଧ ରଖିବାକୁ ମୋ ଠାରୁ ପ୍ରତିଶ୍ରୁତି ଲୋଡ଼ିଲା । ସମର୍ଥନ ଜଣାଇଲି । ସେ ବିନୀତ କଣ୍ଠରେ କହିଲା, ମୋତେ ତମେ ସାଥିରେ ନିଅ ଯତୀନ୍ଦ୍ରବାବୁ—ଜୀବନର କର୍ମକ୍ଷେତ୍ରରେ ମୋତେ ତମେ ସହଚରୀ ରୂପେ ଗ୍ରହଣ କର ।

ପ୍ରକାଶ୍ୟରେ ସୁମିତ୍ରା ଏପରି ଅନୁରୋଧ କରିବ ବୋଲି ମୁଁ ଆଶା କରିନଥିଲି । ବୁଝାଇ କହିଲି, ସୁମିତ୍ରା, ତୁମେ ସହରର ଜଣେ ବିଶିଷ୍ଟ ଧନୀର କନ୍ୟା—ତୁମର ଯଶଗୌରବରେ ସାରିଆଡ଼ ମୁଖରିତ । ଯୌବନର ପ୍ରୀତି ସୁଲଭ ଚଞ୍ଚଳତା ଓ କ୍ଷଣିକ ଉନ୍ମାଦନାରେ ମୋ ପରି ଜଣେ ଡିଗ୍ରୀ-ସମ୍ବଳ ହତଭାଗ୍ୟ ଯୁବକକୁ ଜୀବନର ସାଥୀ ରୂପେ ବରିନେବା ଠିକ ହେବ ନାହିଁ । ତମେ କିଛି ଦିନ ଭାବି ଶେଷ ସିଦ୍ଧାନ୍ତ କର । ଗୁରୁଜନମାନଙ୍କ ମତାମତ ନେଇ ପରେ ମୋତେ ଜଣାଇବ । ଅଜୟ ମୋର ବନ୍ଧୁ—ତା ପ୍ରତି ମୁଁ ବିଶ୍ୱାସ-ଘାତକତା କରି ପାରିବି ନାହିଁ ।

ସୁମିତ୍ରା କାନ୍ଦି କାନ୍ଦି ମୋର ପାଦତଳେ ଲୋଟି ପଡ଼ିଲା । ଅନେକ ବୁଝାଇଲା ପରେ ସେ ପ୍ରକୃତିସ୍ଥ ହେଲା ।

ଗାଁରେ ଆସି ଦେଖିଲି ଅଭାବ ଉତ୍ପୀଡ଼ନରେ କାହାରି ମନରେ ସରସତା ନାହିଁ । ଗାଁର କୃଷକ ସମାଜ—ଯେପରି ପ୍ରାଣହୀନ । ଗାଁର ତନ୍ତି, ବଢ଼େଇ, କମାର ଆଦି ଶିଳ୍ପୀକୁଳ ଭାଙ୍ଗି ପଡ଼ିଚନ୍ତି ସହଯୋଗ ଅଭାବରୁ । ପ୍ରଥମେ ଏଇମାନଙ୍କ ମନରେ ପ୍ରେରଣା ଆଣିବା ପାଇଁ କେତେକ ନବୀନ ଯୁବକଙ୍କ ସାହାଯ୍ୟରେ ଗଠନମୂଳକ କାର୍ଯ୍ୟ ଆରମ୍ଭ କରିଦେଲି ।

ହଠାତ୍ ଦିନେ ଅଜୟର ଚିଠି ଆସି ପହଞ୍ଚିଲା । ଯତୀନ୍ଦ୍ର, ସୁମିତ୍ରା ବିବାହ କରିବ ବୋଲି ଏକଜିଦ୍ ଧରିଛି । କ୍ଷଣିକ ଉତ୍ତେଜନାରେ ସେ ନିଜର ପରିସ୍ଥିତି ଭୁଲିଯାଇଛି । ତୋତେ ବିବାହ କରି ସେ ଅଧିକ ସୁଖୀ ନ ହେଲେ ବି ଦୁଃଖୀ ହେବନାହିଁ ଏତିକି ଜାଣେ । ତଥାପି ଆମର ବଂଶମର୍ଯ୍ୟାଦା, ବାପାଙ୍କର ସମ୍ମାନ ଦୃଷ୍ଟିରୁ ସୁମିତ୍ରାକୁ ଗ୍ରହଣ ନ କଲେ ମୁଁ ବିଶେଷ ଖୁସି ହେବି । ବନ୍ଧୁ ହିସାବରେ ମୋର ଅନୁରୋଧ ନିଶ୍ଚୟ ରଖିବୁ ।

ଚିଠି ପାଇବାର ଦି'ଟା ଦିନ ପରେ ସୁମିତ୍ରା ଗାଁରେ ଆସି ହାଜର । ତାର ସେଇ ଗୋଟିଏ ଅନୁରୋଧ, ମୋତେ ତୁମେ ଜୀବନର ସାଥୀ ରୂପେ ଗ୍ରହଣ କର ।

ତାର କଣ୍ଠରେ କରୁଣତା—ଆଖି ଲୋତକ ପ୍ଳାବିତ । ହୃଦୟ ଶତ ଆଶଙ୍କାରେ ଭାଙ୍ଗିପଡ଼ିଚି ଯେପରି ।

Digitized by srujanika@gmail.com

ସଦା ହସ ହସ ଫୁଲଟି ପରି ଢଳ ଢଳ ସୁମିତ୍ରାର ଏପରି କାହିଁକି ହେଲା ! ତାକୁ ବୁଝାଇ କହିଲି, ସୁମିତ୍ରା କ୍ଷଣିକ ଆବେଗରେ ତମେ ନିଜକୁ ଏପରି ଉତ୍ସର୍ଗ କରି ଦିଅନାହିଁ । ମୋ ପରି ଜଣେ ଦୀନ-ଦରିଦ୍ରକୁ ନେଇ ତମେ ଯେଉଁ ସ୍ୱପ୍ନ ଦେଖୁଚ—ତା ଖାଲି ସ୍ୱପ୍ନରେ ରହିଯିବ । ଏପରି ଅନ୍ଧକାରରେ ବାଟ ନହୁଡ଼ି ଆଲୋକ ସନ୍ଧାନରେ ଆଗେଇ ଯାଅ । ଆଜି ଏ ଯେଉଁ ଅଶାନ୍ତ ଝଡ଼ ତମ ଜୀବନରେ ଦେଖା ଦେଇଚି—ମନ ଦୃଢ଼ କଲେ ତାର ଅବସାନ ନିଶ୍ଚୟ ଘଟିବ ।

ସେ କାନ୍ଦି କାନ୍ଦି ଆହତ ହରିଣୀଟି ପରି ମୋର ପାଦତଳେ ଲୋଟି ପଡ଼ିଲା । ସେଇ ଗୋଟିଏ ଅନୁରୋଧ । ମୋତେ ତମେ ଅଯୋଗ୍ୟ ମଣି ଦୂରକୁ ଠେଲି ଦିଅନାହିଁ । ତମରି ଭିତରେ ମୁଁ ଆଲୋକ ସନ୍ଧାନ ପାଇଚି । ସେ ଆଲୋକ ବିହୀନେ ତିଳେହେଲେ ଜୀବନରେ ସୁଖଶାନ୍ତି ଫେରି ପାଇବି ନାହିଁ ।

ତାର ହାତ ଦୁଇଟି ଧରି ତଳୁ ଉଠାଇ ଆଣି କହିଲି, ସୁମିତ୍ରା, ତମେ ଏପରି ଅବୁଝା ହେଲେ ଆମ ଦୁହିଁଙ୍କ ଜୀବନ କଣ୍ଟକମୟ ହେବ । ତମ ପରି ଉଚ୍ଚଶିକ୍ଷିତା ପୁଣି ବଡ଼ ସହରର ଜଣେ ବିଶିଷ୍ଟ ଧନୀ କନ୍ୟା ସହିତ ମୋ ପରି ଜଣେ ନିପଟ ଗାଉଁଲି ପୁଣି ଦରିଦ୍ରର ମିଳନ କ'ଣ ଶାନ୍ତିପ୍ରଦ ହେବ ? ମୋତେ କିଛିଦିନ ଭାବିବାକୁ ସମୟ ଦିଅ ।

ବିଫଳ ମନୋରଥ ଓ ଭଗ୍ନ ହୃଦୟ ନେଇ ସେଇଦିନ ସୁମିତ୍ରା କାନ୍ଦି କାନ୍ଦି ସହରକୁ ଫେରି ଯାଇଥିଲା । ଆଉ ସେ ପଦୁଟିଏ କିଛି କହି ନାହିଁ । କେବଳ ଆଖିର ଲୁହରେ ମନ ଓ ହୃଦୟର ବ୍ୟଥା ସେ ଜଣାଇଥିଲା ।

ଅଜୟର ଚିଠିଖଣ୍ଡିକ ସୁମିତ୍ରାକୁ ଗ୍ରହଣ କରିବା ପଥରେ ଯେପରି ଚିରଦିନ ପାଇଁ ଅନ୍ତରାୟ ହୋଇ ରହିଗଲା । ସୁମିତ୍ରା ଚାଲିଗଲା ପରେ ଏକ ଅଜଣା ବେଦନା ମୋତେ ସବୁବେଳେ ବିଚଳିତ କରିବାରେ ଲାଗିଲା । ମୁଁ ଏପରି ହୃଦୟହୀନ କିପରି ହେଲି—ଭାବିପାରିଲି ନାହିଁ ।

ସେଇଦିନଠାରୁ ସୁମିତ୍ରା ଓ ମୋ ଭିତରେ ବ୍ୟବଧାନ ଦୂରେଇ ଯାଇଛି । ସେ ଆଉ ଫେରିନାହିଁ କି ମୁଁ ତାକୁ ପତ୍ରଦ୍ୱାରା ସ୍ୱାଗତ ଜଣାଇ ନାହିଁ । ଭଗ୍ନ-ବୀଣାର ଛନ୍ଦହୀନ ସ୍ୱର କେବଳ ଦୁହିଁଙ୍କ ହୃଦୟରେ ଲାଗି ରହିଚି ।

ଦୀର୍ଘ ଚାରିବର୍ଷ ବିତି ଯାଇଚି । ଆଜି ଅକସ୍ମାତ୍ ଟ୍ରେନ ମଧ୍ୟରେ ସୁମିତ୍ରା ସହିତ ମୋର ସାକ୍ଷାତ ।

ନୀରବତା ଭଙ୍ଗକରି କହିଲି, ଏତେଦିନ ପରେ ଆଜି ତୁମ ସହିତ ଏପରି ଭାବେ ସାକ୍ଷାତ ହେବ—କଳ୍ପନା କରି ନ ଥିଲି । କିପରି ଅଛ—କାହିଁ କେବେହେଲେ ପତ୍ରରେ ଜଣାଇଲ ନାହିଁ ।

ମୋ'ପରି ଜଣେ ଅଯୋଗ୍ୟା ନାରୀର ଖବର ଜାଣି ଆପଣଙ୍କର କ୍ଷତି ଛଡ଼ା ବିଶେଷ କିଛି ହୋଇ ନ ଥାନ୍ତା ।

Digitized by srujanika@gmail.com

ସୁମିତ୍ରାର କଥା ଅଭିମାନ ଭରା । ସେ ଅତୀତର କଥାକୁ ଆଖି ଆଗରେ ରଖି ଯେପରି କଥା କହୁଛି ।

କହିଲି, ସୁମିତ୍ରା ତମ ଆସବା ପୂର୍ବରୁ ଅଜୟ ଚିଠି ଖଣ୍ଡିକ ନ ପାଇଥିଲେ ସେଦିନ ଆମ ଦୁହିଁଙ୍କ ଜୀବନର ଗତି ଭିନ୍ନ ରୂପ ନେଇଥାନ୍ତା । ଅତୀତକୁ ରୂପ ଦେଇ ମୋତେ ଆଉ ଲଜ୍ଜା ଦିଅ ନାହିଁ । ବର୍ତ୍ତମାନ କଣ କରୁଛ, ତାହା ଜାଣିବାକୁ ଦାବୀ କଣ ମୋର ନାହିଁ ?

ଯେଉଁ ଆଶାଆକାଂକ୍ଷା ନେଇ ମୁଁ ଦଉଡ଼ି ଯାଇଥିଲି ପାଗଳିନୀ ପରି ତମ ନିକଟକୁ—ନିଜ ମାନ ଇଜ୍ଜତକୁ ପଦରେ ଦଳି ଦେଇ, କିନ୍ତୁ ପାଇଲି କଣ ? ଚିରଦିନ ପାଇଁ କେବଳ ଗୋଟିଏ ଧକ୍କା । ଭଲ ପାଇବାର ମୂଲ୍ୟହୀନ ପରିଣତି ସେଇଦିନ ମୁଁ ବୁଝିଲି, ତମକୁ ନ ପାଇ ସେଇଦିନ ମୋର ଭୁଲ ଭାଙ୍ଗିଲା । ଭାଙ୍ଗି ପଡ଼ିଥିବା ଶତ ଅବସାଦ ଭିତରେ ପୁଣି ନୂତନ ଆଲୋକର ସଞ୍ଚାର ହେଲା । ଜୀବନର ଗତିପଥ ବଦଳାଇବାକୁ ସେଇଦିନ ମୁଁ ଦୃଢ଼ ପ୍ରତିଜ୍ଞା ନେଲି । ତମରି ଆଦର୍ଶ ସେଇଦିନ ନୂତନ ଯାତ୍ରାପଥର ହେଲା ପାଥେୟ । ବିଳାସ, ବ୍ୟସନ ବୃଥା ଅହମିକା ପରିତ୍ୟାଗ କରି ଯେଉଁ ଦିନ ମୁଁ ସହରର ଉଚ୍ଚ ବାରଣ୍ଡାରୁ ଓହ୍ଲାଇ ପଡ଼ିଲି ତଳକୁ—ଗାଁ ଗହଳର ଅନ୍ଧକାର ଅପରିଚ୍ଛନ୍ନ ଗଳି ଭିତରକୁ । ଆଜି ମୁଁ ଗ୍ରାମସେବିକା ।

ସହରର ବିଶିଷ୍ଟ ଆଡ଼ଭୋକେଟଙ୍କ କନ୍ୟା ଉଚ୍ଚ ଶିକ୍ଷିତା ସୁମିତ୍ରା ଆଜି ଗ୍ରାମସେବିକା । ଯେ ଇଚ୍ଛା କରିଥିଲେ ଆଇ. ଏ. ଏସ୍ ଅଫିସରର ପତ୍ନୀ ହୋଇ ଜୀବନକୁ ସୁଖ ସମୃଦ୍ଧିରେ କାଟି ଦେଇ ପାରିଥାନ୍ତା—ସେ ଆଜି ଗାଁ ଗହଳର ସେବାରେ ନିଜକୁ ଉତ୍ସର୍ଗ କରିଛି ।

ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇପଡ଼ି କହିଲି, ବିଶ୍ୱାସ କରିପାରୁ ନାହିଁ ସୁମିତ୍ରା, ତମେ ଏତେବଡ଼ ମହତ ହୃଦୟର ଅଧିକାରୀ ହେଲ କିପରି ? ଯେଉଁ ଆଦର୍ଶକୁ ମୁଁ ଆଖି ଆଗରେ ରଖି ବିଶ୍ୱବିଦ୍ୟାଳୟର ଉଚ୍ଚ ଡିଗ୍ରି ନେଇ ଗାଁ ଗହଳକୁ ନିଜର କର୍ମକ୍ଷେତ୍ର ରୂପେ ବରଣ କରିଥିଲି—ସେ ଆଦର୍ଶରୁ ମୁଁ ବହୁଦିନୁ ବିଚ୍ୟୁତ ହୋଇ ସାରିଚି । ଚିର ଅବହେଳିତ ଅଶିକ୍ଷା ଅନ୍ଧକାରମୟ ଗାଁର ପ୍ରାଣକେନ୍ଦ୍ରକୁ ନବରୂପରେ ଉଦ୍‌ଭାସିତ କରି ଗଢ଼ି ତୋଳିବା କର୍ମ-ଯୋଜନା ମୋର ବିଫଳ ହୋଇଛି । ଅର୍ଥ ଓ ପଦବୀ ମୋହରେ ଆଜି ମୁଁ ଗାଁ ଛାଡ଼ି ବାଣେଶ୍ୱର ସହରରେ ଚାକିରି ଜୀବନ ବରଣ କରି ନେଇ ସାରିଛି । ଆଜି ମୁଁ ସରକାରଙ୍କର ଜଣେ ଉଚ୍ଚପଦସ୍ଥ ମାନ୍ୟଗଣ୍ୟ କର୍ମଚାରୀ । ଅର୍ଥ ଓ ପଦବୀ ମୋହରେ ଆଜି ମୁଁ ପାଗଳ ଓ ସଂସାର ଜଞ୍ଜାଳରେ ଜର୍ଜ୍ଜରିତ । ତମ ଓ ମୋ ଭିତରେ କେତେ ପାର୍ଥକ୍ୟ ଦେଖିପାରୁଛ ସୁମିତ୍ରା ?

ଅର୍ଥ ଲୋଭରେ ଆପଣ ନିଜ ଆଦର୍ଶକୁ ବଳି ଦେଇଛନ୍ତି । ମୁଁ ଆପଣଙ୍କୁ ପାଇନାହିଁ ସତ, କିନ୍ତୁ ଆପଣଙ୍କର ଆଦର୍ଶ ମୋର ସବୁ କର୍ତ୍ତବ୍ୟର ପଛେ ପଛେ ଛାଇଁପରି ଲାଗି ରହିଛି ।

ମୁଁ ଆଜି ହାରିଯାଇଛି—ତମେ ଜିତିଛ ସୁମିତ୍ରା । ସେଦିନ ଆଘାତ ଦେଇ ଯେପରି ଜୋରରେ ତମକୁ ଅତି ନିକଟରୁ ଦୂରକୁ ଠେଲି ଦେଇଥିଲି—

Digitized by srujanika@gmail.com

କିନ୍ତୁ ଆଜି ଦେଖୁଛି ତମେ ମୋର ଅତି ନିକଟରେ ଅଛ । ମୋରି କଳ୍ପନା ତମରି ଭିତରେ ରୂପ ନେଇଛି ।

ପ୍ରଥମ ପରିଚୟରେ ତମକୁ ଭଲ ପାଇ ଆସିଥିଲି । ଆଜିବି ତମରି ସ୍ମୃତି ବେଳେବେଳେ ମୋତେ ବ୍ୟଥା ଓ ବେଦନାର ଆଘାତ ଦିଏ । ସେଇଥିରୁ ମୁକ୍ତି ପାଇବା ପାଇଁ ନିଜ ମନକୁ ଯେତେ ଦୃଢ଼ କଲେ ବି ପାରିନାହିଁ । ବାପା, ମା, ଭାଇ ସମସ୍ତଙ୍କର କଥାକୁ ଏଡ଼ି ଦେଇ କେବଳ ତମରି ଆଦର୍ଶକୁ ଜୀବନର ବ୍ରତ ରୂପେ ଗ୍ରହଣ କରି ଏତେ ବାଟ ଆଗେଇ ଆସିଲି । ଆଶୀର୍ବାଦ କର, ଚିରଦିନ ଯେପରି ତମରି କର୍ତ୍ତବ୍ୟନିଷ୍ଠା ମୋରି ଭିତରେ ଫୁଟି ଉଠୁ ।

କଥା ଶେଷରେ ସୁମିତ୍ରା ଆଖିରେ ଲୁହ ଜମି ଆସିଥିଲା । ନିଜର ଦୁର୍ବଳତାକୁ ସେ ଯେତେ ଲୁଚେଇଲେ ବି ମୁଁ ଠିକ୍ ଧରି ପାରିଥିଲି ।

ଆବେଗମୟ କଣ୍ଠରେ କହିଲି, ଦୁନିଆର କଣ୍ଟକମୟ ପିଚ୍ଛିଳ ପଥରେ ଯେଉଁ ସାହସ ନେଇ ଆଜି ଏତେବାଟ ଆଗେଇ ଆସିଲ ତାର ତୁଳନା ନାହିଁ । ଯେଉଁ ଗୌରବରେ ତୁମେ ଆଜି ଉଦ୍ଭାସିତ, ତାର ପ୍ରତିଦାନରେ ମୁଁ କେବଳ ଅନ୍ତରର ଶୁଭେଚ୍ଛା ଦେଇ ଏତିକି କହୁଛି ସୁମିତ୍ରା, ତମେ ଆଗେଇ ଚାଲ । ଜୀବନରେ ଧନ, ମାନ, ଅର୍ଥ, ଅହଙ୍କାର ସବୁ କିଛିକୁ ପଛରେ ପକାଇ ଯେଉଁ ପଥରେ ଆଗେଇ ଆସିଲ—ସେ ପଥ ତୁମର ବିଜୟ ଓ ମୁକ୍ତିର ପଥ । ମଣିଷ ସମାଜକୁ ତମେ ଆଜି ଭଲ ପାଇବାକୁ ଶିଖିଛ । ସ୍ନେହ ଓ ଆଦର୍ଶରେ ତମେ ତାଙ୍କୁ ପ୍ରକୃତ ମଣିଷ କରି ଗଢ଼ି ତୋଳ, ଏତିକି ମୋର କାମନା ।

ବାଲେଶ୍ୱର ଜିଲ୍ଲାର ଏକ ଚିର ଅବହେଳିତ ଓ ଅଶିକ୍ଷା ଅନ୍ଧକାରମୟ ଗ୍ରାମକୁ ମୁଁ ଆଦର୍ଶ ପଲ୍ଲୀରୂପେ ଗଢ଼ି ପାରିଛି । ତେଣୁ ସେଠାରେ ମୋର କାମ ଶେଷ ହେବା ପରେ ଯାଜପୁର ନିକଟବର୍ତ୍ତୀ ଅନ୍ୟ ଏକ ଗ୍ରାମକୁ ଇଚ୍ଛା କରି ଯାଇଛି । କାଲି ମୋତେ ସେଠାରେ ନିଯୁକ୍ତି ଦେବାକୁ ହେବ । ହେଇ, ଷ୍ଟେସନ ପାଖ ହେଇ ଆସିଲାଣି । ମୋତେ ବିଦାୟ ଦିଅନ୍ତୁ ।

ଆଗରେ ଯାଜପୁରରୋଡ୍ ଷ୍ଟେସନ । ଗାଡ଼ିର ଗତି ଧୀରେ ଧୀରେ ସ୍ଥିର ହୋଇ ଆସୁଛି ।

କିନ୍ତୁ ସୁମିତ୍ରା ଏତେ ଚଞ୍ଚଳ ଚାଲିଯିବ । ଏତେଦିନ ପରେ ଦେଖା— ଅନେକ କଥା ଯେ ଅକୁହା ରହିଗଲା ।

ଏ ଜୀବନରେ ଆଉ ଆମର ସବୁ କିଛି ଅପୂର୍ଣ୍ଣ ରହିଲା ଯତୀନ୍ଦ୍ରବାବୁ, ପରଜନ୍ମରେ ହୁଏତ ତାର ପରିସମାପ୍ତି ଘଟିବ ।

ଗୋଟିଏ ପ୍ରଶ୍ନର ଉତ୍ତର ବାକି ରହିଗଲା ସୁମିତ୍ରା ଜୀବନର ସାଥୀ କଣ ଏ ମଧ୍ୟରେ ବାଛି ସାରିଛ—କାହିଁ କିଛି ତ କହିଲ ନାହିଁ ।

ସାଥୀ ମୋର ଦିନେ ଥିଲା—କିନ୍ତୁ ଆଜି କେହି ନାହିଁ । ଏଇ ସାଥୀହରା ଜୀବନରେ ବିଗତ ଜୀବନର ସ୍ମୃତି କେବଳ ମୋର ଆଲୋକର ସ୍ତମ୍ଭ । କିନ୍ତୁ ତୁମେ ?

Digitized by srujanika@gmail.com

ମୁଁ ଯେ ଅନେକ ଦିନରୁ ବିବାହିତ—କ'ଣ କହି ଉତ୍ତର ଦେବି । ଆଖିରୁ ମୋର ଅଜଣାରେ ଲୁହ ବିନ୍ଦୁ ଗଡ଼ି ଆସିଲା ।

ତମେ କାନ୍ଦୁଛ ଯତୀନ୍ଦ୍ରବାବୁ । ଏଇ ପ୍ରଶ୍ନର ଉତ୍ତର ଆଜି ଦୁହିଁଙ୍କ ଜୀବନରେ ଜଟିଳ ହୋଇ ରହିଗଲା ।

ଗାଡ଼ି ଷ୍ଟେସନରେ ଆସି କେତେବେଳେ ଛିଡ଼ା ହୋଇଗଲାଣି । ସୁମିତ୍ରା ଓହ୍ଲାଇ ପଡ଼ିଲା ଆଗେ । ମୁଁ ମଧ୍ୟ ପଛେ ପଛେ ପ୍ଲାଟଫର୍ମକୁ ଓହ୍ଲାଇ ପଡ଼ିଲି ।

ସୁମିତ୍ରା ମୋ ପାଦତଳେ ମୁଣ୍ଡିଆ ମାରି କହିଲା, ଏଥର ବିଦାୟ ଦିଅନ୍ତୁ । କଣ୍ଠରେ ତାର କରୁଣତା ଭରା.....ଆଖିରୁ ଝରି ଆସିଛି ସଞ୍ଚିତ ବେଦନାର ବାରି ।

କହିଲି, ସ୍ନେହ ଓ ପ୍ରେମର ଯେଉଁ ବିଜୟର ମାଳା ତମକୁ ପିନ୍ଧାଇ ଥିଲି ସୁମିତ୍ରା—ସେ ମାଳା ତମେ ଛିନ୍ନ ନ କରି ଚିରଦିନ ପିନ୍ଧି ରହିଲ । ମୁଁ କିନ୍ତୁ ପାରିଲି ନାହିଁ । ମୋ ପରି ହୃଦୟହୀନର ଶାନ୍ତି କ'ଣ କିଛି ନାହିଁ ।

ମୁଁ ଜାଣେ ଯତୀନ୍ଦ୍ରବାବୁ । ତମେ ଆଜି ଅନ୍ୟ ଜଣେ ଯୁବତୀକୁ ପତ୍ନୀ ରୂପେ ବରଣ କରି ମୋର ସ୍ମୃତିକୁ ଚିର ବିଦାୟ ଦେଇଛ । କିନ୍ତୁ ତଥାପି ତମେ ମୋର ଚିରବାଞ୍ଛିତ । ପ୍ରେମର ହୃଦୟ ସିଂହାସନରେ ତମରି ପ୍ରତିମୂର୍ତ୍ତି ଚିରଦିନ ଯେପରି ମୁଁ ଦେଖି ଶାନ୍ତିରେ ଆଖି ଦୁଇଟି ବୁଜିଦିଏ—ଏହାହିଁ ମୋର କାମନା ।

ଗାଡ଼ି ଛାଡ଼ିବାର ହୁଇସିଲ ବାଜିଉଠିଲା । କେତେବେଳେ ମୁଁ ଆସି ଗାଡ଼ିରେ ବସିଛି ଜାଣିପାରିଲି ନାହିଁ । ପରାଜୟର ଘନ କାଳିମାରେ ହୃଦୟ ମନ ମୋର ଆଚ୍ଛନ୍ନ ହୋଇଗଲା । ସେଇ ଅସାଧାରଣ ନାରୀ ପ୍ରତି ଅତୀତ ଅବିଚାରର ପ୍ରତିବାଦ କରି ଆଖିରୁ ମୋର ଧାର ଧାର ଲୁହ ଗଡ଼ି ପଡ଼ିଲା ।

●

Digitized by srujanika@gmail.com

• କଥା ଓ କାହାଣୀ

ବିକାଶ ଭାଇ,

ଆଜି ତୁମର ବିବାହ । ଜୀବନର ପରମ ରମଣୀୟ ଦିନ । ଆଜି ତୁମେ ଉଚ୍ଛ୍ୱସିତ ଆନନ୍ଦରେ ଯେତେବେଳେ ଅନ୍ୟ ଏକ ଯୁବତୀର ହସ୍ତ ସହିତ ସବୁଦିନ ପାଇଁ ହାତ ମିଳାଇବାକୁ ବସିଛ—ସେତିକିବେଳେ ମୋ ଆଖି ଆଗରେ ଭାସି ଉଠୁଛି ମୋ ଜୀବନର ଚରମ ପରାଜୟର କାହାଣୀ ।

ଅତୀତର ସବୁ ସତ୍ୟ କ'ଣ କ୍ଷଣିକରେ ସବୁ ମିଥ୍ୟା, ପ୍ରବଞ୍ଚନା ଭିତରେ ଆତ୍ମହତ୍ୟା କରି ମରିଗଲା ? ଏଇ ପ୍ରଶ୍ନର ଉତ୍ତର ଖୋଜି ବସିଲେ ଶତ ଅବସାଦରେ ମନ ମୋର ଭାଙ୍ଗିପଡୁଛି । କାଲି ପରି ଲାଗୁଛି ଆମର ସୁଖ ଓ ସ୍ୱପ୍ନଭରା ଦିନଗୁଡ଼ିକ । କିନ୍ତୁ କାଲିଠାରୁ ଆଜି ସେ ଏତେଦୂର, ଭାବି ବସିଲେ ବିସ୍ମୟରେ ପାଷାଣ ହୋଇ ଯାଉଛି ।

ଗଡ଼ଜାତ ମୁଲକର ସେଇ ସବୁଜ ବନାନୀର ଶୋଭାସମ୍ପଦ ଭିତରେ ଆମ ଜୀବନର ହସଖେଳର ସଂସାର । ଧୂଳିର ବାଲିଘର ଭିତରେ ଆମେ ଆଙ୍କିଥିଲେ ଜୀବନର ବାସ୍ତବତାର ଛବି । ଦୂର ଦିଗନ୍ତକୁ ଚାହିଁ ଆମେ ଦେଖିଥିଲେ ମୁକ୍ତ ବିହଙ୍ଗମର ସ୍ୱପ୍ନ । ଗ୍ରାମର ଶେଷ ସୀମାରେ ସେଇ ଲୀଳାୟିତ ନଦୀର ଛନ୍ଦେ ଛନ୍ଦେ ଆମେ ଗାଇଥିଲେ ମିଳନର ମଧୁ-ସଙ୍ଗୀତ । ସେଇ ସଙ୍ଗୀତର ମୂର୍ଚ୍ଛନାରେ ନଦୀର ସିକତା ପ୍ରାନ୍ତର ପ୍ରତିଧ୍ୱନିତ ହୋଇ ଉଠୁଥିଲା କ୍ଷଣକ ପାଇଁ । ନଦୀକୂଳର ସେଇ ବୃକ୍ଷରାଜି ଭିତରୁ ପକ୍ଷୀମାନେ ଆମର ମିଳନକୁ ରୂପାୟିତ କରୁଥିଲେ ତାଙ୍କର ସୁନ୍ଦର କାକଳୀରେ ।

କୈଶୋରର ମଧୁମୟ ଜୀବନ ଆମର ସୁନ୍ଦର ପ୍ରଜାପତି ପରି ଉଡ଼ି ଯାଇଥିଲା । ଯୌବନର ପ୍ରଥମ ସୋପାନରେ ପରସ୍ପର ପ୍ରତି ଦୁହିଁଙ୍କର ସ୍ନେହ ନିବିଡ଼ତାର ଶେଷ ସୀମା ସ୍ପର୍ଶ କରିଥିଲା ।

ସମୟର ତାଳେ ତାଳେ ଆମ ଜୀବନର ଲକ୍ଷ୍ୟ ଗତି କରୁଥିଲା ଏମିତାଳରେ । ଦୁହେଁ ଦୁହିଁଙ୍କୁ ଏତେ ବେଶି ଭଲ ପାଉଥିଲେ, ଜୀବନରେ ଯେ କେବେ ଆମ ଦୁହିଁଙ୍କର ଗତିପଥରେ ବ୍ୟତିକ୍ରମ ଘଟିବ—ଏହା କଳ୍ପନାର ବହୁ ଦୂରରେ ଥିଲା । ତୁମେ କହୁଥିଲ, ବିନୀତା ଏଇପରି ଆମେ ନିବିଡ଼ ବନ୍ଧନରେ ବାନ୍ଧି ହୋଇଯିବା ଯୁଗ ଯୁଗାନ୍ତର ପାଇଁ । ଆମର ମିଳନରେ ମଳିନତାର ଅବକାଶ ନଥିବ, ଥିବ ଖାଲି ଅସରନ୍ତି ଆନନ୍ଦ ଓ ଆଲୋକର ଚିରନ୍ତନ ଧାରା । ଫୁଲର ସୌରଭ ବିତରଣ କରି ତମେ ଜୀବନକୁ କରିବ ସରସ ଓ ସୁନ୍ଦର ।

Digitized by srujanika@gmail.com

କିନ୍ତୁ ସେଦିନର ସ୍ମୃତି ଖାଲି ସମୟର ବାଲିଶେଯ ଉପରେ ଏକ ଅବିସ୍ମରଣୀୟ ପଦଚିହ୍ନ ହୋଇ ରହିଗଲା । ଏତେ ଶୀଘ୍ର ତମେ ଜୀବନର ଯାହା ସତ୍ୟ ଓ ସୁନ୍ଦରକୁ ନିଜ ହାତରେ ମାରି ଦେଇ ପାରିବ ମୋର ଧାରଣା ନଥିଲା । ଯାହାକୁ ତମେ କ୍ଷଣକ ପାଇଁ ଅନ୍ତର କଲେ ଶତବ୍ୟଥାରେ ଭାଙ୍ଗି ପଡ଼ୁଥିଲ— ଆଜି ପୁଣି ସାରା ଜୀବନ ପାଇଁ ଦୂରେଇ ଦେଉଛ କିପରି ? ଗୋଟିଏ ଅଜଣା ଅଶୁଣା ଅପରିଚିତାକୁ ନିଜର କରିପାରିଲ—ଅଥଚ ଯିଏ ତମ ନିକଟରେ ଦୀର୍ଘ ଷୋଳକଟି ବର୍ଷ କେବଳ ତମରି ଛବି ଦେଖି ନିଜକୁ ସମର୍ପଣ କରି ଦେଇ ପାରିଥିଲା—ସେ କିନ୍ତୁ ନିଜର ହୋଇପାରିଲା ନାହିଁ କାହିଁକି ? ଏଇ ପ୍ରଶ୍ନର ଉତ୍ତର ଖୋଜି ବସିଲେ ଆଖିରୁ ବହୁଛି ଧାର ଧାର ଲୁହ । ଏ ଲୁହର ଚିହ୍ନ ଜୀବନ ସାରା ଆଉ ଲିଭିବ ନାହିଁ । କାରଣ ତୁମ ପରି ଏତେ ବଡ଼ ହୃଦୟହୀନ ହୋଇ ପାରିବି ନାହିଁ । ଜୀବନର ପରମ ରମଣୀୟ ଦିନର ଆବେଗମୟ ସ୍ମୃତିଗୁଡ଼ିକ କିପରି ମୁଁ ଭୁଲି ପାରିବି ? ଯଦି ଭୁଲେ, ତେବେ ଆଖି ସାମନାର ଏଇ ନେଳିଆ ପରଦା ଉପରେ ଗାଢ଼ କଳାପରଦା ତେତେବେଳକୁ ଟାଣି ହୋଇ ଯାଇଥିବ ।

କାଲି ପରି ଲାଗୁଚି, କଟକ ଆସିଲେ କାଠଯୋଡ଼ିକୂଳରେ ଆମେ ଯେତେବେଳେ ପ୍ରକୃତିର ଶୋଭାସମ୍ପଦ ଭିତରେ ନିଜକୁ ହଜାଇ ଦେଉଥିଲେ—ଯେତେବେଳେ ତୁମେଇ କହୁଥିଲ, ବିନୀତା, ତୁମଛଡ଼ା ଦୁନିଆରେ ମୋର କିଏ ଏତେ ଆପଣାର ଅଛି । ମୋର ମନ ଓ ହୃଦୟ ଉପରେ ତମର ପ୍ରଭାବ ଏତେ ବେଶି ପଡ଼ିଥିଲା – ତେତେବେଳେ ମୁଁ ତୁମଠାରୁ ଏପରି ପଦେ କଥା ଶୁଣିଲେ କେତେ ଯେ ଆନନ୍ଦ ଅନୁଭବ କରୁଥିଲି—ତାହା ତମେ ସହଜରେ ବିଶ୍ୱାସ କରି ପାରିବ ନାହିଁ । ସହରର ରାଜପଥରେ ଆମକୁ ବହନ କରି ଯେତେବେଳେ ରିକ୍ସା ଖୁବ ଦ୍ରୁତଗତିରେ ଗଡ଼ି ଯାଉଥିଲା—ସେତେବେଳେ ମୁଁ ଭାବୁଥିଲି ଆମର ମିଳନର ଧାରା ଏଇପରି କାଁଣ ଆଗକୁ ଆଗକୁ ଗଡ଼ିଚାଲିବ । ହଠାତ୍ ମୋ ଭାବନାକୁ ଦୃଢ଼କରି ତମେ ମୋତେ ଆହୁରି ନିବିଡ଼ତାରେ ବାନ୍ଧି ଦେଉଥିଲ ।

ରିକ୍ସା ଆସି ଅଟକିଯାଏ ତମରି ବସା ନିକଟରେ । କଟକ ସହର ସବୁ ଗଳି ଭିତରୁ ସେ ବି ଗୋଟାଏ ଗଳି—କ୍ଷୁଦ୍ର ହେଲେ ବି ସେଇ ଗଳିଟିର ଅବସ୍ଥିତି ମୋର ମନ ଉପରେ ସବୁଦିନେ ମହାନ ଅବିସ୍ମରଣୀୟ । କଲେଜ ଛାତ୍ର ଜୀବନରେ ସେଇ ଗଳିରେ ତମେ ବସା ବାନ୍ଧିଥାଅ । କେତେଥର ସେଇ ବସାକୁ ନେଇ ଦର୍ଶନ—ରାଜନୀତି—ଇତିହାସ ସବୁକିଛି ଶୁଣାଇଛ । କେତେ ଯେ ଆଦର୍ଶମୟ ବଡ଼ ବଡ଼ କଥା ବଖାଣିଛ ଆବେଗମୟ ଭାଷାରେ—ପୁଣି ତାରି ଭିତରେ କହିଛ ହୃଦୟର ନିଗୂଢ଼ ଗୋପନୀୟ କଥା । ସେହି ପ୍ରେମମୟ କଥାର ଛନ୍ଦରେ ମୋତେ ଆତ୍ମହରା କରିଛ—ପୁଣି ତମରି ଆଦର୍ଶରେ ମୋତେ ଅନୁପ୍ରାଣିତ କରିଚ ଥରେ ନୁହେଁ—ବାରବାର । ଆଜି ସେ ଦିନର କଥା ତୁମର ବୋଧହୁଏ ମନେ ନଥିବ ।

ମୁଁ କିନ୍ତୁ ଭୁଲି ପାରୁନାହିଁ । ସେଇ ଗଳି ମୋଡ଼ରେ ଯୋଉ ଫାଣୀ ଗଛଟା ଠିଆ ହୋଇଛି—ତାର ପ୍ରତି ପତ୍ରରେ ଲେଖି ଯାଇଥିବା ଦିନଗୁଡ଼ିକର

Digitized by srujanika@gmail.com

ଇତିହାସ ଓ ଆଲୋକର ସ୍ପର୍ଶ ଯେପରି ରହିଯାଉଛି – ସେଇପରି ତମରି କଥାର ଚିର ନୂତନ ସ୍ପର୍ଶ ଆଜି ବି ମନରେ ଶିହରଣ ଜଗାଉଛି । ମନର ମୁକ୍ତ ବାତାୟନ ଭିତରେ ଖାଲି ଦିଶୁଛି ତମରି ହସ ହସ ମୁଖ ଶିରୀ – କଥା କହିବାର ସେଇ ସାବଲୀଳ ଢଙ୍ଗ ।

ସିନେମା ଗୃହରେ ପ୍ରେମପୂର୍ଣ୍ଣ ଛବି ଦେଖୁ ଦେଖୁ ବଚନର ମୃଦୁ ଗୁଞ୍ଜନରେ ମୋତେ ପାଗଳ କରିଛ । କେତେଥର ଯେ ତୁମ ସହିତ ରିକ୍ସାରେ ବଜାଇ ଉଦ୍ଦେଶ୍ୟହୀନ ଗତିରେ ଏଇ କଟକ ସହର ପରିକ୍ରମା କରିଅଛ—ତାର ମାନେ କେବଳ ତୁମେଇ ଜାଣ । ପଚାରିଲେ ତୁମେ କହୁଥିଲ ବିନୀତା, ତୁମେ ନିର୍ବୋଧଙ୍କ ପରି କ'ଣ ଏତେ ପଚାରୁଛ ? ସେଦିନ ତମର ଉକ୍ତି ଆଜି କିନ୍ତୁ ସତ୍ୟରେ ପରିଣତ ହୋଇଗଲା—ଚିରଦିନ ମୁଁ ନିର୍ବୋଧ ରହିଗଲି ।

ଯେଉଁଦିନ ଜାଣିଲି ତମେ ମୋର ଅଜାଣତରେ ଆଉ ଜଣଙ୍କର ଅତି ଆପଣାର ହୋଇଯିବାକୁ ବସିଛ—ସେଦିନ ମୁଁ ସହଜରେ ବିଶ୍ୱାସ କରିପାରିଲି ନାହିଁ । ବଡ଼ ବଡ଼ ଆଦର୍ଶର ବାଣୀରେ ମୋତେ ପ୍ରଭାବିତ କରି ଏପରି ପୁଣି ନିଜ ଆଦର୍ଶରୁ ଦୂରେଇ ଯାଇ ପାରିବ—ଏହା ବୁଝିପାରିଲି ନାହିଁ । କିନ୍ତୁ ଯେଉଁ ଦିନ ପ୍ରତ୍ୟେକଙ୍କ ମୁଖରୁ ତମରି ବିବାହର ମୃଦୁଗୁଞ୍ଜନ ଖାଲି ଶୁଣିବାକୁ ମିଳିଲା । ସେଦିନ ମୋର ତମ ଉପରେ ସନ୍ଦେହ କ୍ରମେ ଘନୀଭୂତ ହେଲା । ସନ୍ଦେହର ଘନୀଭୂତ ମେଘ ସଙ୍ଗେ ସଙ୍ଗେ ମନ ଉପରେ ବହିଲା ମୋର ତମପ୍ରତି ଅବିଶ୍ୱାସର ଝଡ଼ । ଏଇ ଝଡ଼ରେ ସତେ କ'ଣ ମୁଁ ନିଶ୍ଚିହ୍ନ ହେଇଯିବି —କିନ୍ତୁ ପାରିଲ ନାହିଁ ।

ତୁମକୁ ପାଇବାପାଇଁ ମନ ମୋର ବିଦ୍ରୋହୀ ହେଇ ଉଠିଲା । ଏତେଦିନ ଧରି ଯେଉଁ ସତ୍ୟ ଲୁଚି ରହିଥିଲା—ତାକୁ ମୁଁ ସମସ୍ତଙ୍କ ଆଗରେ ପ୍ରକାଶ କରିଦେଲି । ତମକୁ ପାଇବା ପାଇଁ ଯେଉଁ ନିଶା ମୋତେ ଘାରିଥିଲା—ତାରି ଫଳରେ ତମର ଅତୀତର ସବୁ ପ୍ରେମମୟ କୀର୍ତ୍ତି ବଖାଣିଗଲି ମୁହୂର୍ତ୍ତକ ମଧ୍ୟରେ । ଛନ୍ଦ, କପଟ, ସନ୍ଦେହ, ଅବିଶ୍ୱାସର ବହୁଦୂରରେ ମୁଁ ସବୁବେଳେ ରହି ଆସିଥିଲି । ନହେଲେ ତମେ କ'ଣ ମୋତେ ଏପରି ଠକି ଦେଇ ପାରିଥାନ୍ତ ?

କିନ୍ତୁ ଦୁନିଆଟା ଆଖିରେ ଫଳ ଫଳିଲା ଓଲଟା । ମୁଁ ହେଲି ଦୋଷୀ— ତମେ ହେଲ ଚରିତ୍ରବାନ, ସୁପୁରୁଷ । କାରଣ ତମେ ଉଚ୍ଚଶିକ୍ଷିତ—ପୁଣି ଆଦର୍ଶବାଦୀ । ସମସ୍ତଙ୍କର ରାଗ, ବିଦ୍ୱେଷ ତମ ପ୍ରତି ନ ପଡ଼ି ମୋ ଉପରେ ଅଜାଡ଼ି ହେଇ ପଡ଼ିଲା । ବାପା, ମା, ଭାଇ ପୁଣି ବନ୍ଧୁ ପରିଜନ ସମସ୍ତଙ୍କ ମୁହଁରେ ମୋର ନିନ୍ଦା ଫୁଟିଉଠିଲା । ଅତି ଆପଣାର ଭାବି ହୃଦୟର ଦୁଆର ଅତି ଆବେଗରେ ଯାହାଙ୍କ ନିକଟରେ ଖୋଲି ଦେଇଥିଲି—ମୋର ବିପଦରେ ପରମବନ୍ଧୁ ଭାବି ଯାହାଙ୍କ ଆଗରେ ଅନ୍ତରର ନିଗୂଢ଼ ତଥ୍ୟ ଗାଇ ଦେଇଥିଲି— ସେଇମାନେ ହେଲେ ମୋର ଚରମଶତ୍ରୁ । ନିନ୍ଦା ଅପବାଦରେ ମୋର ଶିର ମଧ୍ୟ ନଇଁପଡ଼ିଲା କ୍ଷୋଭରେ । ସବୁ ତପସ୍ୟାର ଫଳରେ ମୋତେ ମିଳିଲା ନାରୀ ଜୀବନର ଗର୍ବ ଓ ଗୌରବକୁ ପଦାନତ କରି ସାରା ଜୀବନ

Digitized by srujanika@gmail.com

ପାଇଁ ଏକ ମସ୍ତବଡ଼ ପରାଜୟ । ଷୋଳ ବରଷର ଜଣେ ସରଳା ନାରୀର ସବୁ ସହନଶୀଳତାର ଶକ୍ତିକୁ ଭେଦକରି ନିନ୍ଦା ଅପବାଦର ତୀକ୍ଷ୍ଣ ଶର ସବୁ-ଆଜୁ ମୋ'ଠାରେ ଆସି ବିଦ୍ଧ ହେବାରେ ଲାଗିଲା । ଅତୀତରେ ତୁମରି ସ୍ନେହରେ ଭାସିଯାଇ ନିଜକୁ ଯେପରି ସୁଖୀ ମଣୁଥିଲି— ଆଜି ସେହି ଅତି ସୁଖର ପରିଣତିରେ ମୋତେ କେବଳ ଦୁଃଖ ଓ ଅନୁତାପରେ ଅଶ୍ରୁ ଢାଳିବାକୁ ପଡ଼ିଲା ।

ଯାତ୍ରାପଥରେ ବିକ୍ଷିପ୍ତ ଶୀଳା ଖଣ୍ଡ ପରି ମୋତେ ତମେ ପଥଧାରରେ ଫିଙ୍ଗି ଦେଇଗଲ । ଟିକିଏ ବି ଫେରି ଚାହିଁଲ ନାହିଁ । ଦୀର୍ଘ ଷୋଳଟି ବରଷର ହସ-କାନ୍ଦ, ମାନ-ଅଭିମାନ, ଦାନ-ପ୍ରତିଦାନର ଜୀବନ ସ୍ମୃତିକୁ ତମେ କ୍ଷଣକ ଭିତରେ ଭୁଲିଯାଇ ପାରିଲ । ସେତିକିରେ ବି ସନ୍ତୁଷ୍ଟ ରହିଲ ନାହିଁ । ଆମ ଭିତରେ ଆଦାନ ପ୍ରଦାନ ହୋଇଥିବା ପତ୍ରଗୁଡ଼ିକ—ସମସ୍ତଙ୍କ ଅଗୋଚରରେ ଯାହାକି ଥିଲା ଆମ ପ୍ରେମମୟ ଜୀବନର ସାର୍ଥକତାର ଇତିହାସ—ତାକୁ ବି ସଂଗୃହୀତ କରି ନଷ୍ଟ କରିଦେଲ । ଶେଷରେ ତମ ପ୍ରତି ମୋର ସ୍ନେହ ଓ ପ୍ରେମର ଦାବୀକୁ ବି ଅସ୍ୱୀକାର କରି—ସମସ୍ତଙ୍କୁ ମୋତେ ଥଟ୍ଟା ପରିହାସ କରିବାର ଚରମ ସୁଯୋଗ ଦେଲ । ମୁଣ୍ଡ ଟେକି ଚାଲିପାରିଲି ନାହିଁ । ଗାଁ ଭୂଇଁର ମମତା ତୁଟାଇ ଏଇ ପରବାସୀ ଜୀବନ ମୋତେ ବରଣ କରିବାକୁ ପଡ଼ିଲା ।

ମୋ ଦୁଃଖ ଯଦି କେହି ବୁଝିଥାଏ—ସେ ହେଉଛି ମୋର ଚିର-ଆଦରଣୀୟା ଭାଉଜ । ଏକମାତ୍ର ଗୋଟିଏ ଲୋକ ଯିଏକି ମୋର ଚରମ ବିଫଳତାରେ ଅଶ୍ରୁ ଢାଳିଥିଲା । ମୋର ଜୀବନର ବ୍ୟର୍ଥତାଭରା ସବୁ ଘଟଣା ସଂଗ୍ରହ କରିସାରିବା ପରେ ସେଦିନ କଥା ଛଳରେ ଭାଉଜ କହିଥିଲେ, ଏପରି ଜାଣି ଜାଣି ଭୁଲ କଲ କାହିଁକି ? କିନ୍ତୁ ମୋର ମନେ ହେଉଛି ଭୁଲ ବାଟରେ ମୁଁ ଯାଇନାହିଁ—ଯାଇଚ ତମେ । ସତ୍ୟକୁ ଅସ୍ୱୀକାର କରିଚ ବୋଲି ଆଜି ଆଉ ଦିନକ ପାଇଁ ମୋ ସମ୍ମୁଖରେ ତ ଛିଡ଼ା ହୋଇ ପାରୁନାହଁ । କିନ୍ତୁ ମୁଁ ତୁମ ନିକଟରେ ସବୁବେଳେ ସେଇପରି ରହିଛି ଓ ରହିଥିବି ।

ଆଜି କଲେଜର ଏଇ ଦ୍ୱିତଳ ଛାତ୍ରୀ ନିବାସରେ ଦିନଗୁଡ଼ା ବିତିଯାଉଛି ଏକ ଉଦ୍ଦେଶ୍ୟହୀନ ଗତିରେ । କିନ୍ତୁ ସବୁରି ଭିତରେ ସେଇ ଝଡ଼ି ପଡ଼ିଥିବା ଦିନଗୁଡ଼ିକର ସୁରଭି ଆଜି ବି ମନ ପ୍ରାଣକୁ ବେଳେବେଳେ ଆମୋଦିତ କରି ଭରିବାକୁ କହୁଛି । ଏଇ ଭାବନା ଭିତରେ ଅଶ୍ରୁ-ଆବେଗ, ବ୍ୟଥା-ବେଦନା, ଆଶା-ନିରାଶା ସବୁ କିଛିର ଚିତ୍ର ମୋତେ ଦେଖିବାକୁ ମିଳୁଛି ।

ମନର ବଳ ଭାଙ୍ଗିବା ସଙ୍ଗେ ସଙ୍ଗେ କ୍ରମାଗତ ଅହିନ ଜ୍ୱର ଦେହର ବଳ ବି ଭାଙ୍ଗି ଦେଇଛି । ଏଇପରି ଦୁର୍ବଳ ସ୍ୱାସ୍ଥ୍ୟ ନେଇ କେତେଦିନ ମୁଁ ବଞ୍ଚିବି । ମରିଗଲେ ହୁଏତ ସବୁ ଯନ୍ତ୍ରଣାରୁ ମୋତେ ଛୁଟି ମିଳିଯାନ୍ତା । କିନ୍ତୁ ମରି ପାରିବି ନାହିଁ— ମୋର ଅନ୍ତରର ପ୍ରେମ, ଭକ୍ତି ନିବେଦନ ବିନିମୟରେ ତମେ ମୋତେ ଜାଳିପୋଡ଼ି ମାରିବାକୁ ଆଶୀର୍ବାଦ ଦେଇଛ ।

Digitized by srujanika@gmail.com

ମୋର କେତେକ ହିତାକାଂକ୍ଷୀ ଆଜି ମୋତେ ଅନ୍ୟ ଜଣଙ୍କ ହାତରେ ସମର୍ପଣ କରି ଶାନ୍ତିରେ ନିଃଶ୍ୱାସ ମାରିବାକୁ ପ୍ରସ୍ତାବ ଉଠାଇଛନ୍ତି । କିନ୍ତୁ ମୋର ଜୀବନ ଉପରେ ଯେଉଁ ଅଳିଭା କ୍ଷତ ରହିଗଲା—ସେ ଆଉ ଲିଭିବ ନାହିଁ । ମୋର ଅତୀତ ଇତିହାସର ଛିନ୍ନପୃଷ୍ଠା ଯଦି କେବେ ଉଦ୍‌ଘାଟିତ ହୁଏ—ତେବେ ସେ କଣ ମୋତେ ସହଜରେ କ୍ଷମା ଦେଇପାରିବେ ? ଏଣୁ ସାରା ଜୀବନ ପାଇଁ ତମେ ଯେଉଁ ବେସୁରା ରାଗିଣୀର ଛନ୍ଦ ତୋଳି ଦେଇଗଲ— ତାରି ପ୍ରତିଧ୍ୱନିରେ ମୋତେ କାନ୍ଦି କାନ୍ଦି ବଞ୍ଚି ରହିବାକୁ ପଡ଼ିବ ।

ମୋର ଏଇ ପତ୍ରଖଣ୍ଡିକ ପାଇଲା ବେଳକୁ ତମେ ଅନ୍ୟ ଜଣେ ଯୁବତୀର ସ୍ୱାମୀ ରୂପେ ନିଜକୁ ପ୍ରତିଷ୍ଠିତ କରି ସାରିଥିବ । ଆସନ୍ତାକାଲି ତୁମେ ନୂତନ ଜୀବନ ଯାତ୍ରା ଯେତେବେଳେ ଆରମ୍ଭ କରିବ—ସେତେବେଳେ ବିବାହିତ ଜୀବନର ସ୍ୱାଗତ ଅଭିନନ୍ଦନ ଜଣାଇ ତମରି ପଥପାର୍ଶ୍ୱରେ ମୁଁ ଘାସଫୁଲ ପରି ଫୁଟିଉଠିଥିବି । କିନ୍ତୁ ତୁମେ ଆଜି ଏତେବଡ଼ ସ୍ୱାର୍ଥପର, ମୋତେ କଣ ଥରୁଟିଏ ହେଲେ ଚିହ୍ନି ପାରିବ ?

ଗୋଟିଏ ନାରୀ ସାରା ଜୀବନ ପାଇଁ ତୁମରି ପଦତଳେ ନିଜକୁ ଅର୍ପଣ କରି ପରାଜୟର ମାଳା ହସି ହସି ପିନ୍ଧି ପାରିଲା—ଅଥଚ ବର୍ଷ ବର୍ଷର ସ୍ନେହ-ପ୍ରେମ, କାମନା ଓ ଉଦ୍‌ବେଗ ସବୁକୁ ତମେ ମିଥ୍ୟାର ଦୋହି ଦେଇ ଦୁନିଆ ଆଖିରେ ଚିରଦିନ ପାଇଁ ଘୃଣିତ, ଅପମାନିତ କରି ଛାଡ଼ିଦେଲ ।

ଆଜିର ନୂତନ ପରିବେଷ୍ଟନୀ ଭିତରେ ମୋର ସ୍ଥାନ ନାହିଁ । ତଥାପି ସେଦିନର କଥାକୁ ଆଜି ତମେ ଅନ୍ୟମାନଙ୍କ ଆଗରେ ଯେପରି କାହାଣୀ ସୃଷ୍ଟି କରିଗଲ—ସେଇ କାହାଣୀର କଙ୍କାଳ ଭିତରୁ ମୋର ଏଇ ଚିଠି ଖଣ୍ଡିକର ସମ୍ଭବ କିପରି ହେଲା ନିଜେ ବି ବୁଝିପାରୁ ନାହିଁ । ଏ ଜନ୍ମରେ ଏହାହିଁ ମୋର ତୁମ ନିକଟକୁ ଶେଷ ଚିଠି । ମୋର ହସ୍ତାଙ୍କିତ ପତ୍ର ଦେଖି ହଠାତ୍ ଚମକି ପଡ଼ିବ ନାହିଁ । କାରଣ ଏହା ତୁମ ଉପରେ ଦାବୀର ସ୍ୱର ଆଉ ଉଠାଇବ ନାହିଁ ।

ଆଖି ଆଗରେ ଯେଉଁ ଝଡ଼ ତୁମେ ସୃଷ୍ଟି କରିଛ—ଏ ଜୀବନରେ ତାର ବିଲୟ ନାହିଁ । ପରଜନ୍ମରେ ଯଦି ଝଡ଼ର ଅବସାନ ଘଟେ, ସେତେବେଳେ ପ୍ରକୃତି ଏକ ଅଭିନବ ରୂପ ସମ୍ଭାରରେ ହସି ଉଠିଥିବ । ନୂତନ ପୃଥିବୀର ପ୍ରଥମ ସକାଳରେ ହୁଏତ ଆମ ଦୁହିଁଙ୍କର ପୁଣି ଭେଟ ହୋଇପାରେ । ମୋର ଆଶା, ସେତେବେଳେ ତମେ ମୋର ସ୍ନେହ, ପ୍ରେମ, ଅଶ୍ରୁ, ଆବେଦନର ଚରମ ସାର୍ଥକତା ଉପଲବ୍ଧି କରି ମୋତେ ଥରେ ହେଲେ ଯେବେ ଚିହ୍ନିପାର, ତେବେ ନିଜକୁ ଭାଗ୍ୟବତୀ ମଣିବି । ଏତିକି ।

ସବୁଦିନର ସେହି
ବିନୀତା

Digitized by srujanika@gmail.com

୬ କରୁଣ ମଧୁର ଛନ୍ଦ

ସହରର ମଝିରେ ବଡ଼ ରାସ୍ତା ଲମ୍ବିଯାଇଛି । ବଡ଼ ରାସ୍ତା ଯେଉଁଠି ତାର ଅସ୍ତିତ୍ୱ ହରାଇ ସ୍ୱପ୍ନ ଦେଖୁଛି, ସେଇଠି ସହରର ଉପକଣ୍ଠରେ ଏକ ମନୋରମ ଅଟ୍ଟାଳିକା ବହୁଦୂରରୁ ପଥିକର ଦୃଷ୍ଟି ଆକର୍ଷଣ କରେ । ଏହାର ଗଠନ ବିଭବରେ ଆଧୁନିକତାର ଶୈଳୀ ପରିସ୍ଫୁଟ । ସମ୍ମୁଖରେ ଦେଶୀ ଓ ବିଦେଶୀ ପୁଷ୍ପରାଜିର ଅପରୂପ ସମ୍ଭାର ଭୂଲୁଣ୍ଠିତ । ଅଟ୍ଟାଳିକାକୁ ବେଢ଼ି ରହିଥିବା ପାଚେରୀର ମଧ୍ୟଭାଗରେ ଲୁହାର ଫାଟକ । ଫାଟକ ସମ୍ମୁଖରେ ଏକ ଟିଣ ପ୍ଲେଟରେ ଲେଖା ଅଛି ଅଧ୍ୟାପକ ଶ୍ରୀ ବ୍ରଜସୁନ୍ଦର ଦାସ, ଏମ୍. ଏ. ।

କବିତାର ପାଦ ଦୁଇଟି ସେଇ ଅଟ୍ଟାଳିକା ସମ୍ମୁଖରେ ଅଟକି ଗଲା । ଫାଟକ ସମ୍ମୁଖରେ ଏଇ ନାମଟି ସହିତ ଯେପରି କବିତାର ବହୁଦିନର ସମ୍ପର୍କ । କବିତା ଥରେ ନୁହେଁ ବାରବାର ସେଇ ନାମଟିକୁ ପଢ଼ିଲା । କଣ ଭାବି ନିଜ ମନକୁ ମନ ପଚାରିଲା, ଏଇ ସେଇ ବ୍ରଜବାବୁ । ଯା ପାଇଁ ସେ ଆଜି ସମାଜରେ କଳଙ୍କିନୀ—ଦୁନିଆ ଆଖିରେ ବ୍ୟଭିଚାରିଣୀ । ପ୍ରଶ୍ନର ପ୍ରତିଧ୍ୱନି ସହିତ ହୃଦୟ ଭିତରେ ଏକ ଅଗ୍ନିସ୍ଫୁଲିଙ୍ଗ ଖେଳିଗଲା ।

କଣ ଭାବି କବିତା ଫାଟକ ଡେଇଁ ଭିତରକୁ ପଶିଲା । ଭିତରୁ ରେଡ଼ିଓର ମଧୁର ସଙ୍ଗୀତ ଭାସି ଆସୁଛି । ଜନ କୋଳାହଳରୁ ମନେହେଉଛି ଯେପରି ଏକ ଉତ୍ସବର ଦିନ । କବିତା ଶଙ୍କିତ ଚିତ୍ତରେ ପଚାରି ବୁଝିଲା ଆଜି ବାବୁଙ୍କ ପୁଅର ପ୍ରଥମ ଜନ୍ମଦିବସ । ସେଥିପାଇଁ ସନ୍ଧ୍ୟାକୁ ଉତ୍ସବର ଆୟୋଜନ ହେଉଛି । ବହୁ ଲୋକ ସମାଗମ ହେବ । ଖାନାପିନାର ଧୂମ୍ ଉଡ଼ିବ ।

ବ୍ରଜବାବୁଙ୍କ ପୁଅର ଜନ୍ମଦିନ । କିନ୍ତୁ ତା ପୁଅ—ସେ ଆଜି ଗଲା କୁଆଡ଼େ ? ବ୍ରଜବାବୁ ତାକୁ ସାରା ଜୀବନ ପାଇଁ ଧକ୍‌କା ଦେଇଛନ୍ତି—ତା ସଙ୍ଗେ ସଙ୍ଗେ ତାର ପ୍ରଣୟର ପ୍ରସ୍ଫୁଟିତ ପ୍ରଥମ କୁସୁମଟିକୁ ମଧ୍ୟ ଦଳି ଦେଇଛନ୍ତି । ଯେତେବାର ସେ ଦାବୀ କରିଛି ତାର ପୁଅଟି ଗଲା କୁଆଡ଼େ—ସେତେବାର ବ୍ରଜବାବୁ ତାକୁ ଛଳନାର ମାୟା କୁହେଳିରେ ଠକି ଆସିଛନ୍ତି । ଲୋକଚକ୍ଷୁର ଅଗୋଚରରେ ସମାଜର ଉଚ୍ଚ ବେଷ୍ଟନୀ ଭିତରେ ସେ ବାନ୍ଧି ହୋଇ ଯାଇଛନ୍ତି ।

ଏତେଦିନ ପରେ ଆଜି ଉପଯୁକ୍ତ ସମୟ ଆସିଛି । ତାର ପ୍ରଶ୍ନର ସମାଧାନ ନକରି ସେ ଆଜି ଫେରିବ ନାହିଁ । ସହରର ବଡ଼ ରାସ୍ତା, ଗଳି କନ୍ଦି ଖୋଜି ଖୋଜି ସେ ଆଜି ଠିକ୍ ଜାଗାରେ ଆସି ପହଞ୍ଚିଛି ।

ସେ ଆଜି ବ୍ୟଭିଚାରିଣୀ—ପତିତା । ଆଜ ଯିଏ ଖାଲି ଛଳନାଭରା ବାଣୀ ଶୁଣାଇ ଚିରଦିନ ପାଇଁ ତାର ଜୀବନ ପଥକୁ ବିପଥଗାମୀ କଲା—ସେ

Digitized by srujanika@gmail.com

ଅଜି ସମାଜରେ ପ୍ରତିଷ୍ଠାମନ୍ତ—ନ୍ୟାୟବାନ ବ୍ୟକ୍ତି । ଦୁନିଆ ତା କଳଙ୍କମୟ ଅତୀତ ଇତିହାସ ଜାଣିବାକୁ ପାଇଲା ନାହିଁ । ସେଇ ରହସ୍ୟ ଯଦି ଭୁଲରେ କେବେ ଉଦ୍‌ଘାଟିତ ହୁଏ—ତେବେ ଏତେବଡ଼ ଲୋକ ବିରୁଦ୍ଧରେ ଏଇ ଦୁର୍ବଳା ଅନାମଧେୟା ନାରୀର ଅଭିଯୋଗ କେହି ବିଶ୍ୱାସ କରିବେ ନାହିଁ । ଏଇତ ଆମର ସମାଜ ।

କବିତା ଆଖି ଆଗରେ ସେ କେଉଁ ଅତୀତ ଦିନର ସ୍ମୃତିଗୁଡ଼ା ଭାସି ଉଠିଲା । ତାର ବସା ନିକଟରେ ବ୍ରଜବାବୁ ନୂଆ ହୋଇ ଆସି ରହିବାର ଦିନ କେତୁଟା ପରେ । ହଠାତ୍ ଦିନେ ପଥ ମଧ୍ୟରେ ଅକସ୍ମାତ୍ ଭେଟ । ପ୍ରଥମ ଦେଖାରେ ଦୁହେଁ ଦୁହିଁଙ୍କର ପରିଚୟ ଲୋଡ଼ିପାରିଲେ ନାହିଁ । କିନ୍ତୁ ବାରବାର ଭେଟ ହେବା ଦ୍ୱାରା ଆପେ ଆପେ ଦିନେ ଆତ୍ମୀୟତା ହୋଇଗଲା ।

ବ୍ରଜବାବୁ ନୂଆ କରି ଓଡ଼ିଆ ଅଧ୍ୟାପକ ରୂପେ ନିଯୁକ୍ତି ପାଇଥାନ୍ତି । ତେତେବେଳେ ନିଜେ ସେ ବାଳିକା ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ । ତାରି ବସା ସମ୍ମୁଖ ଏକ ପୁରୁଣା କୋଠାରେ ଜଣେ କେତେବର୍ଷ ଧରି ଜଣେ ସବ୍‌ଡେପୁଟି ସପରିବାର ବସା ବାନ୍ଧିଥିଲେ । ତାଙ୍କର ଛତ୍ରପୁର ବଦଳି ହେଲା । ସେମାନେ ଚାଲିଯିବା ପରେ ଦି'ତିନି ମାସ ଘରଟା ଖାଲିପଡ଼ିଲା ।

ହଠାତ୍ ଦିନେ ଉଜ୍ଜ୍ୱଳ ଦିବାଲୋକରେ ଗୋଟିଏ ନୂଆ ଲୋକର ଦର୍ଶନ ମିଳିଲା । ସୁନ୍ଦର ସ୍ୱାସ୍ଥ୍ୟବାନ ସଦା ହସ ହସ ଏଇ ନବୀନ ତରୁଣଟି ପ୍ରଥମ ଦେଖାରେ କବିତାକୁ ଆକର୍ଷଣ କରି ପାରିଥିଲା । ବ୍ରଜବାବୁ ଅବିବାହିତ । ବସାରେ ଏକମାତ୍ର ଚାକରଟି ଛଡ଼ା ଆଉ କେହି ନଥାନ୍ତି ।

କବିତା ମଧ୍ୟ ସେଇପରି—ଘରେ ବୁଢ଼ୀ ଚାକରାଣୀଟି ଛଡ଼ା ଅନ୍ୟ କେହି ନଥାନ୍ତି ।

ନୂଆ ହୋଇ ଯେତେବେଳେ ବସା ବାନ୍ଧିଲେ, ପଡ଼ୋଶୀ ସମ୍ପର୍କକୁ ପ୍ରତିଷ୍ଠା କରିବାକୁ ଯାଇ ଦିନେ ବ୍ରଜବାବୁ କବିତାକୁ ତାଙ୍କ ବସାକୁ ଡାକିଲେ । ଆଦର ଅଭ୍ୟର୍ଥନା ଓ ପ୍ରୀତିଭୋଜନରେ ସେଦିନ କବିତା ମୁଗ୍ଧ ହୋଇ ପଡ଼ିଥିଲା । ତା'ପରେ ଦିନେ ଦାନର ପ୍ରତିଦାନରେ କବିତାର ଆତିଥେୟତା ବ୍ରଜବାବୁଙ୍କୁ ମଧ୍ୟ ଗ୍ରହଣ କରିବାକୁ ପଡ଼ିଲା ।

ଅତୀତରେ ବହୁ ଯୁବକ ସମ୍ପର୍କରେ କବିତା ଆସିଛି—କେବେ ମନ ତାର ବିଚଳିତ ହୋଇ ନାହିଁ । ବହୁ ତରୁଣ ତାର ସ୍ତୁତି ଗାନକରି ଟିକିଏ ସାନ୍ନିଧ୍ୟ ପାଇବାକୁ ଆଗେଇ ଆସିଛନ୍ତି—କିନ୍ତୁ କରୁଣାର ପାତ୍ର ହୋଇପାରି ନାହାନ୍ତି । ଅଜି ତାର ସବୁ ଦୃଢ଼ତାର ପରାଜୟ ଘଟିଲା । ବ୍ରଜବାବୁଙ୍କ ପ୍ରତି ଅଜଣାରେ ତାର ହୃଦୟ ଦରମ ଆସକ୍ତିରେ ଢଳିବାକୁ ଲାଗିଲା ।

ବ୍ରଜବାବୁଙ୍କ ଯୌବନର ଉଦ୍ଦାମ ଚଞ୍ଚଳ ମନ ଉପରେ କବିତାର ଛବି ପ୍ରତିଫଳିତ ହେବାରେ ଲାଗିଲା । କବିତାକୁ ଅତି ଆପଣାର କରିବାକୁ ସ୍ନେହ-ସରସ୍ୱର ଉଜ୍ଜ୍ୱଳ ଆଲୋକ ତାର ହୃଦୟ ଭିତରେ ଢାଳିଦେଲେ ।

Digitized by srujanika@gmail.com

ଦୁହେଁ ଦୁହିଁଙ୍କୁ ଏପରି ଭଲପାଇଲେ, ତାର ପରିଣତିରେ ଦିନେ ଦୁହିଁଙ୍କର ଆଶା ଆକାଂକ୍ଷା ନବରୂପ ନେଲା । ଦୁହିଁଙ୍କ ଭିତରେ ଯେଉଁ କାମନାର ନିଆଁ ଜଳୁଥିଲା—ତାର ପୂର୍ଣ୍ଣାହୁତି ଘଟିଲା । ବ୍ରଜବାବୁଙ୍କ ପ୍ରୀତି ବନ୍ଧନରେ କବିତା ଭୁଲିଗଲା ନିଜକୁ । ସ୍ନେହ ସାଗର ମୃଦୁ ଆଘାତରେ ହୃଦୟ ଦୁଆର ଖୋଲି ହୋଇଗଲା । ନାରୀର ସର୍ବସ୍ୱ ଦିନେ ସେ ପୂର୍ଣ୍ଣିମା ରଜନୀର ଆଲୋକ ଅଞ୍ଜଳିରେ ବ୍ରଜବାବୁଙ୍କୁ ସମର୍ପଣ କରିଦେଲା ।

ଦୁହିଁଙ୍କର ମଧୁର ମିଳନରେ କେତେ ଦିବସ ରାତ୍ରି ବିତିଗଲା । ବ୍ରଜବାବୁ କହିଲେ, କବିତା, ତୁମେ ମୋର ମନର ଉତ୍ସ, ହୃଦୟର ପ୍ରେରଣା, ଜୀବନର ଚିର ଶାନ୍ତି ଦାୟିନୀ ସହଚରୀ । ତୁମକୁ ଛାଡ଼ି ମୁଁ ତିଳେ ହେଲେ ବଞ୍ଚି ରହି ପାରିବି ନାହିଁ । ବ୍ରଜବାବୁଙ୍କ ନିବିଡ଼ ଆନ୍ତରିକତାରେ କବିତା ଭାବିଲା, ଏତେଦିନେ ସ୍ୱପ୍ନ ତାର ସାର୍ଥକ ହୋଇଛି । ପ୍ରେମ-ପୁଷ୍ପର ଗନ୍ଧଭରା ଆନନ୍ଦ ମାଦକତା ଭିତରେ ସେ ନିଜର କଳ୍ପନାକୁ ରଙ୍ଗ ଦେଇପାରିଛି ।

ଗୁପ୍ତ ପ୍ରଣୟର ଆତ୍ମବିକାଶ ହଠାତ୍ ଦିନେ କବିତା ପ୍ରଥମେ ଅନୁଭବ କଲା ସେ ଗର୍ଭବତୀ । ବିବାହ ନ ହୋଇ ନିଜେ ସେ ମାଆ ହେବାକୁ ଯାଉଛି—ଏ ଘଟଣା ଯଦି ବାହାର ଦୁନିଆରେ ପ୍ରକାଶିତ ହୁଏ, ତେବେ ସେ କଣ କରିବ ? ଲଜ୍ଜା ଓ କ୍ଷୋଭରେ ସେ ଭାଙ୍ଗିପଡ଼ିଲା, ହୃଦୟ ମନ ତାର ଦୁଃଖ ଓ ଅବସାଦରେ ଭରିଗଲା । ବର୍ତ୍ତମାନ ପରିସ୍ଥିତିର ସମାଧାନ କିପରି ହେବ, ସେ ଭାବିପାରିଲା ନାହିଁ । ପାଗଳିନୀଙ୍କ ପରି ଦଉଡ଼ିଲା ବ୍ରଜବାବୁଙ୍କ ନିକଟକୁ । ସେତେବେଳକୁ ଦ୍ୱିତୀୟାର ବଙ୍କା ଜହ୍ନ ଦୂର ଆକାଶରେ ଅସ୍ତିତ୍ୱ ହରାଇଛି—ଆଲୋକର ବିଦାୟ ଓ ଅନ୍ଧକାରର ଆଗମନରେ ପୃଥିବୀରେ ବିଚିତ୍ରତାର ସମାବେଶ ହୋଇଛି ।

ବ୍ରଜବାବୁ କବିତାର ମଳିନ ବଦନ ଦେଖି ହଠାତ୍ ବିସ୍ମୟ ପ୍ରକାଶ କରି ପଚାରିଲେ, କଣ ହୋଇଛି କବିତା—ଶୁଖିଲା ଦିଶୁଛ କାହିଁକି ?

କବିତା ବ୍ରଜବାବୁଙ୍କ ପଦଯୁଗଳକୁ ଧରି କହିଲା, ମୋତେ ବଞ୍ଚାନ୍ତୁ । ତମରି ପ୍ରଣୟର ଅଙ୍କୁର ଆଜି ମୋ ଭିତରେ ଆତ୍ମପ୍ରକାଶ କରି ସାରିଛି । ମୋତେ ପତ୍ନୀ ରୂପେ ଗ୍ରହଣ କରି ଆଜିର ଏହି ଅବାଞ୍ଛିତ ପରିସ୍ଥିତିକୁ ସୁଧାରି ନେବାରେ ସାହାଯ୍ୟ କରନ୍ତୁ ।

କବିତାର କଥା ଶୁଣି ବ୍ରଜବାବୁ ହଠାତ୍ ଆତଙ୍କିତ ହୋଇ ଉଠିଲେ । ଯେପରି ସେ କବିତାକୁ ସ୍ତ୍ରୀ ରୂପେ ଗ୍ରହଣ କରି ନେବାକୁ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହାନ୍ତି । ମନ ଭୁଲାଇବାକୁ ସେ କବିତାକୁ କୋଳକୁ ଟାଣିନେଇ ବାହୁବନ୍ଧନର ଘନ ଆଶ୍ଲେଷରେ କହିଲେ, ତୁମେ ଭୟ କରନାହିଁ କବିତା, ଖୁବ ଶୀଘ୍ର ତମକୁ ବିବାହ କରି ନେବି, ତୁମେ ମୋର ଧର୍ମପତ୍ନୀ ହୋଇ ସାରିଛ—ଦୁନିଆ ଆଖିରେ ଆମର ପ୍ରୀତି-ବନ୍ଧନ ଖାଲି ରୂପ ନେବାକୁ ବାକି ଅଛି ।

Digitized by srujanika@gmail.com

ବ୍ରଜବାବୁଙ୍କ ସ୍ନେହପୂର୍ଣ୍ଣ କଥାରେ କବିତା ଶରୀରରେ ଜୀବନ ପଶିଲା । ନିବିଡ଼ ବାହୁବନ୍ଧନ ଭିତରେ ତାର ମନ ଉପରୁ ଭୟ ଓ ଆଶଙ୍କାର ମେଘ ଅପସରିଗଲା ।

ଦିନ ପରେ ଦିନ ବିତି ଚାଲିଲା । କବିତାର ଶରୀର ଦିନୁଦିନ ଭାରି ହେବାରେ ଲାଗିଲା । ପଦାକୁ ଗୋଡ଼ କାଢ଼ିବାକୁ ନିଜର ବିବେକ ଯେପରି ପଛକୁ ଠେଲିଲା । ସ୍କୁଲରୁ ଲମ୍ବା ଛୁଟି ନେଇ ଘରେ ରହିଲା ।

ବ୍ରଜବାବୁ ବିବାହ କରିବେ କରିବେ ବୋଲି ଦିନ ପରେ ଦିନ ଗଡ଼ାଇଲେ । ତାଙ୍କର ଉଦ୍ଦେଶ୍ୟ କଣ ? ଏଇ ପ୍ରଶ୍ନ ସବୁବେଳେ କବିତା ମନରେ ଆନ୍ଦୋଳିତ ହେଲା । ବ୍ରଜବାବୁଙ୍କ ଏପରି କରଛଡ଼ା ଭାବ ଦେଖି ନିଜକୁ ସେ ସବୁବେଳେ ଅସହାୟ ମଣିଲା ।

ହଠାତ୍ ଦିନେ ବ୍ରଜବାବୁ ତାକୁ ପୁରୀ ନେଇଯିବାକୁ ପ୍ରସ୍ତାବ ଦେଲେ । କବିତା ରାଜି ହେବା ଛଡ଼ା ଅନ୍ୟ ଉପାୟ ଖୋଜି ପାଇଲା ନାହିଁ ।

ପୁରୀରେ ସହରଠୁ ଦୂରରେ ଗୋଟିଏ ସାହିରେ ଦୁହେଁ ଘରଭଡ଼ା କରି ରହିଲେ । କବିତା ଜିଦ୍ କଲା ବିବାହ ହେବାକୁ । କିନ୍ତୁ ବ୍ରଜବାବୁ ସହସା ରାଜି ହେଲେନାହିଁ । କହିଲେ, କବିତା, ତୁମେ ଏପରି ଅସ୍ଥିର ହୁଅନା । ସବୁ ପରିସ୍ଥିତିକୁ ସମ୍ଭାଳି ନେଇ ଯିବାର କ୍ଷମତା ଓ ସାହସ ମୋର ଅଛି । ଏପରି ଅବସ୍ଥାରେ ବିବାହ ହେଲେ ଆମର ବଂଶ ମର୍ଯ୍ୟାଦା ଦୃଷ୍ଟିରୁ ସମାଜରେ ଓ ଲୋକଚକ୍ଷୁରେ ଆମେ ନିନ୍ଦିତ ହେବା । ତେଲିଭରି ପରେ ତୁମର ସ୍ୱାସ୍ଥ୍ୟ ପୂର୍ଣ୍ଣ ଫେରି ଆସିଲେ ଆମର ବିବାହ ପ୍ରଶ୍ନ ଆପେ ଆପେ ସମାଧାନ ହୋଇଯିବ । କବିତା ବ୍ରଜବାବୁଙ୍କ କଥାକୁ ଅବିଶ୍ୱାସ କରିପାରିଲା ନାହିଁ ।

ଦୁଇଟି ମାସ ପରେ ହଠାତ୍ ଦିନେ ରାତିରେ କବିତା ଭୀଷଣ ଯନ୍ତ୍ରଣା ଅନୁଭବ କଲା । ବ୍ରଜବାବୁ ସଙ୍ଗେ ସଙ୍ଗେ ଗୋଟିଏ ନର୍ସ ଡାକିଆଣିଲେ । ସବୁ ଯନ୍ତ୍ରଣା ଦୁଃଖ କଷ୍ଟକୁ ପଛରେ ପକାଇ କବିତା କୋଳରେ ଏକ ନୂତନ ଅତିଥି ହସିଉଠିଲା । ସେ ପୁତ୍ର ସନ୍ତାନଟିକୁ ଚାହିଁ କ୍ଷତ ଅବସାଦରେ ବି ପରିତୃପ୍ତିର ମଧୁର ହସ ଟିକେ ହସିଦେଲା । କିନ୍ତୁ ଡେଲିଭରି ହେବାର କିଛିକ୍ଷଣ ପରେ ସେ ସଂଜ୍ଞାହୀନ ହୋଇପଡ଼ିଲା ।

ତା'ପରେ କଣ ହେଲା ସେ ଜାଣିପାରିଲା ନାହିଁ । ଦୀର୍ଘ ଚାରି ଘଣ୍ଟା ପରେ ଯେତେବେଳେ ସେ ଚେତନା ଲାଭକଲା—ଦେଖିଲା; ପାଖରେ ବ୍ରଜବାବୁଙ୍କ ବ୍ୟତୀତ ଆଉ କେହି ନାହାନ୍ତି । କିନ୍ତୁ ତାର ସନ୍ତାନ—ସେ କାହିଁ ? କରୁଣ ଚାହାଣିରେ ସେ ବ୍ରଜବାବୁଙ୍କୁ ପଚାରିଲା, ମୋ ପୁଅ ?

ପୁଅକୁ ଅନ୍ୟତ୍ର ରଖିବାର ବ୍ୟବସ୍ଥା କରିଦେଇଛି । ତମେ ବ୍ୟସ୍ତ ହୁଅନାହିଁ କବିତା । ତୁମେ ଯେପରି ରୋଗରେ ଭାଙ୍ଗିପଡ଼ିଛ ତମକୁ ବଞ୍ଚାଇବା ମୋର ପ୍ରଥମ କାମ । ତମେ ଆଗେ ଭଲ ହୋଇ ଉଠ—ତା ପରେ ପୁଅ

Digitized by srujanika@gmail.com

କଥା ଚିନ୍ତା କରିବ । ବ୍ରଜବାବୁଙ୍କ କଥାକୁ କବିତା ବିଶ୍ୱାସ କଲା ସତ; କିନ୍ତୁ କେଜାଣି କାହିଁକି ତାର ଆଖିରୁ ଲୋତକର ବାରିଧାର ନଇଁଆସିଲା ଘନ ଘନ । କବିତାକୁ କୋଳରେ ଧରି ବ୍ରଜବାବୁ ଆଶା ଓ ଆଶ୍ୱାସନାର ବାଣୀ ଶୁଣାଇବାକୁ ଲାଗିଲେ ।

ଦିନ ଗଡ଼ିଗଲା । କବିତାର ଭଗ୍ନ ସ୍ୱାସ୍ଥ୍ୟରେ ଧୀରେ ଧୀରେ ଉନ୍ନତି ଦେଖାଦେଲା । ହୃତସ୍ୱାସ୍ଥ୍ୟ ଫେରିପାଇଲା ସତ; କିନ୍ତୁ ତାର ନୟନମଣି, ହୃଦୟର ଚିରଈପ୍‌ସିତ, ସେ କାହିଁ ? ପ୍ରଶ୍ନ ପରେ ପ୍ରଶ୍ନ ଉଙ୍କିଲା । ବ୍ରଜବାବୁଙ୍କର ସେଇ ଗୋଟିଏ କଥା— ସେ ଅଛି ଖୁବ ଭଲରେ । ତୁମେ ଏତେ ଅଧୀର ହୁଅନାହିଁ କବିତା । ତାକୁ ତମେ ନିଶ୍ଚୟ ଫେରିପାଇବ ।

ଦୀର୍ଘ ମାସଟିଏ ପରେ ଦିନେ ରାତିରେ କବିତା ଜିଦ୍ ଧରି ବସିଲା, ମୋ ପୁଅକୁ ତମେ ଆଣ—ନଚେତ୍ ମୁଁ ଦଣ୍ଡେ ହେଲେ ବଞ୍ଚି ରହି ପାରିବି ନାହିଁ । କବିତା କାନ୍ଦି କାନ୍ଦି ବ୍ରଜବାବୁଙ୍କ ପଦ ତଳେ ଲୋଟିପଡ଼ିଲା ।

କିନ୍ତୁ ତା ପରଦିନ ସକାଳୁ ଉଠି ଦେଖେ, ବ୍ରଜବାବୁ ନାହାନ୍ତି । ପଡ଼ିଚି ଖଣ୍ଡିଏ ଚିଠି । କବିତା, ମୋର ବଂଶମର୍ଯ୍ୟାଦା, ଆତ୍ମସମ୍ମାନକୁ ବଳି ଦେଇ ପାରିଲି ନାହିଁ । ତମେ ମୋର ଆଶା ଛାଡ଼ି ଅନ୍ୟକୁ ନିଜର ସ୍ୱାମୀ ରୂପେ ବରଣ କରି ସୁଖର ସଂସାର କର । ତମ ନିକଟରୁ ଆଜି ମୁଁ ବହୁ ଦୂରକୁ ଚାଲିଯାଉଚି । ମୋତେ ଆଉ ଫେରି ପାଇବାର ଆଶା ରଖିଲେ ତାହା ମରୀଚିକାରେ ପରିଣତ ହେବ । ଅବିବାହିତ ଜୀବନରେ ତୁମର ସନ୍ତାନ ଅଛି ଜାଣିଲେ ସମାଜରେ ତମେ ଆଉ ନିଜକୁ ପ୍ରତିଷ୍ଠିତ କରି ପାରିବ ନାହିଁ । ଏଣୁ ତୁମର ଭବିଷ୍ୟତ ସୁଖ ଶାନ୍ତି ପାଇଁ ଅତୀତକୁ ଭୁଲିଯିବାକୁ ମୋର ଏକାନ୍ତ ଅନୁରୋଧ ।

ଚିଠିଟି ପଢ଼ି କବିତା କ୍ଷଣକ ପାଇଁ ପାଷାଣ ପାଲଟିଗଲା । ପରମୁହୂର୍ତ୍ତରେ ସେ କ'ଣ କରିବ—କିଛି ଭାବି ପାରିଲା ନାହିଁ । ହୃଦୟର ରୁଦ୍ଧ ବେଦନା ଉଚ୍ଛୁଳିଉଠିଲା । ସେ କାନ୍ଦି କାନ୍ଦି ବିଛଣା ଉପରେ ପଡ଼ିରହିଲା । ସରଳ ବିଶ୍ୱାସର ପ୍ରତିଫଳ ତାକୁ ଆଜି ଭୋଗ କରିବାକୁ ପଡ଼ିବ । ଯେତେ ଅଶ୍ରୁ ଅଜାଡ଼ିଲେ ବି ତାର ବେଦନା ଆଉ କେହି ବୁଝିପାରିବେ ନାହିଁ ।

କାହିଁକି ତାର ଏପରି ଅଧୋଗତି ହେଲା ? ସେ ତ କେବେ କାହାରି ଅମଙ୍ଗଳ ଚିନ୍ତା କରିନାହିଁ । ତେବେ କାହିଁକି ଭଗବାନ ତାକୁ ଏତେ ବଡ଼ ବିପଦର ସମ୍ମୁଖୀନ କଲେ । ନାନା ଚିନ୍ତାରେ କବିତାର ମନ ଓ ହୃଦୟ ଭାଙ୍ଗି ଚୂନା ହୋଇଗଲା । ଦୁଶ୍ଚିନ୍ତାର ଗୁରୁଭାର ବହନ କରି ପୁଣି ତାର ସ୍ୱାସ୍ଥ୍ୟର ଅବନତି ଘଟିଲା । ସେ ପୁଣି ପଡ଼ିଲା ରୋଗରେ ।

ଆଶା ଭରସା ଶୂନ୍ୟ ହୋଇ ସେ କିପରି ଏଠି ଦିନକାଟିବ । ଗାଁକୁ ଯିବାକୁ ପାଦ ବଳିଲା ନାହିଁ । ତାର ଏପରି ଅଧୋଗତି କାହିଁକି ହେଲା—ଏଇ ପ୍ରଶ୍ନର ସେ କି ଉତ୍ତର ଦେବ ଗାଁରେ । ରିକ୍ତ ଜୀବନ ନେଇ ସେ ଫେରି-ଆସିଲା ତାର ଜଣେ ବନ୍ଧୁ ନିକଟକୁ ।

Digitized by srujanika@gmail.com

ଦୁଃଖ ଆଉ ଅନୁତାପରେ ତାର ଦିନଗୁଡ଼ିକ ବିତିବାରେ ଲାଗିଲା । ଶତ ଅବସାଦରେ ସେ ଏକବାରେ ଭାଙ୍ଗିପଡ଼ିଲା । ସବୁବେଳେ ଆଖି ଆଗରେ ନାଚିଉଠିଲା ତାର ସେଇ ସୁନ୍ଦର ଶିଶୁଟିର ମୁଖ । ତାକୁ ସେ ଅତି ନିକଟରେ ପାଇ ବି ପାଇପାରିଲା ନାହିଁ ! ବ୍ରଜବାବୁ ନିଜର କଳଙ୍କ କାଳିମା ଲିଭାଇବାକୁ ତାକୁ କଣ ଜୀବନରେ ମାରିଦେଲେ । ଏତେ ନିଷ୍ଠୁର ସେ ହୋଇ ପାରିଲେ । ବଡ଼ଲୋକ ହୃଦୟରେ ଦୟାମାୟା କଣ କିଛି ନାହିଁ !! ଜୀବନକୁ ନେଇ ନିଜର କାମନା ଚରିତାର୍ଥ ପାଇଁ କଣ ଏମିତି ଛଳନାର ଖେଳ ଖେଳନ୍ତି !!! କିନ୍ତୁ କାହିଁକି ? କାହିଁକି ତାର ଏପରି ସର୍ବନାଶ କଲେ ! ସେ ତ ସ୍ୱପ୍ନରେ ବି ତାଙ୍କର ଦୁଶ୍ଚିନ୍ତା କରି ନଥିଲା ।

ଭାବି ଭାବି କବିତାର ମୁଣ୍ଡଟା ଗୋଳମାଳ ହୋଇଗଲା । ଲୋକେ କହିଲେ, କବିତା ପାଗଳିନୀ । କିନ୍ତୁ ପାଗଳିନୀ ତାକୁ କରିଛି କିଏ ? ମନରେ ତାର ପ୍ରତିଶୋଧର ବହ୍ନି ଜଳିଉଠିଲା । ଆଜି ତାକୁ ବ୍ରଜବାବୁଙ୍କୁ ଖୋଜି ବାହାର କରିବାକୁ ପଡ଼ିବ । ନାରୀ ଖାଲି ବିଳାସର ସାମଗ୍ରୀ ନୁହେଁ । ସେ ଜନନୀ—ପୁଣି ସର୍ବସଂହାରିଣୀ । ବ୍ରଜବାବୁଙ୍କ ସ୍ୱପ୍ନର ସଂସାରରେ ତାକୁ ଆଜି ବିଷ ଭରିବାକୁ ପଡ଼ିବ । ବ୍ରଜବାବୁଙ୍କୁ ଧ୍ୱଂସ କରି ପାରିଲେ ତା ଜୀବନରେ ଯାଇ ମୁକ୍ତି ଓ ଶାନ୍ତିର ପଥ ପ୍ରଶସ୍ତ ହେବ ।

ଖବର ନେଇ ଜାଣିଲା, ବ୍ରଜବାବୁ ଦେଢ଼ବର୍ଷ ହେବ ବଲାଙ୍ଗୀରରୁ ବିଦାୟ ନେଇଛନ୍ତି । କିନ୍ତୁ ସେ ଅଛନ୍ତି କେଉଁଠି ? କିଏ କହିଲା କଟକରେ । ସେ କଟକ ଆସି ବହୁତ ଖୋଜିଲା । କିନ୍ତୁ କାହିଁ ? ତାଙ୍କର ଦେଖା କ'ଣ ଆଉ ମିଳିବ ନାହିଁ ! କିନ୍ତୁ କାହାଠୁ ଶୁଣିଲା ତାଙ୍କ ଘର ବାଲେଶ୍ୱରରେ ।

ବହୁତ ଖୋଜି ଆଜି ସେ ବାଲେଶ୍ୱର ସହରର ଠିକ୍ ଜାଗାରେ ଆସି ପହଞ୍ଚିଛି । ଜୀବନର ସବୁ ପ୍ରଶ୍ନର ସମାଧାନ ନ କରି ଆଜି ସେ ଫେରିବ ନାହିଁ । ସେ ଭିତରକୁ ଅବିଚଳିତ ହୃଦୟରେ ଆଗେଇ ଚାଲିଲା ।

କିଏ ଜଣେ ହଠାତ୍ ପ୍ରଶ୍ନ କଲା, ଏ । କୁଆଡ଼େ ଭିତରକୁ ପଶି ଆସୁଛୁ ।

ବାବୁଙ୍କ ସହ ଟିକିଏ ଦେଖା କରିବାକୁ ଆସିଛି ।

ସେ ବର୍ତ୍ତମାନ ଭିତରେ ବ୍ୟସ୍ତ ଅଛନ୍ତି । ଆସି ପାରିବେ ନାହିଁ । ଯା, ପରେ ଆସିବୁ ।

କିନ୍ତୁ ମୋର ଦେଖାକରିବା ଯେ ନିହାତି ପ୍ରୟୋଜନ । ଆଜି ଦେଖା ନ କଲେ ଫେରି ପାରିବି ନାହିଁ ।

ଦ୍ୱାରକର୍ତ୍ତା ସ୍ତ୍ରୀ ଲୋକଟିର ଏପରି ଦୃଢ଼ ବଚନ ଶୁଣି ଆଶ୍ଚର୍ଯ୍ୟରେ ଘଡ଼ିଏ ରହିଲା । ମନରେ ଦ୍ୱନ୍ଦ୍ୱ—ଏଇଟା ପୁଣି ବାବୁଙ୍କର କିଏ ?

Digitized by srujanika@gmail.com

ହଠାତ୍ ବ୍ରଜବାବୁଙ୍କ ସ୍ତ୍ରୀ ସୁମିତ୍ରା ଦେବୀ ଆସି ପହଞ୍ଚିଲେ । ପଚାରିଲେ, କିରେ ଦାମ, କାହା ସହିତ କଥା ହେଉଛୁ—ଏ କିଏ ?

କେଜାଣି କହୁଛି ଆଜି ବାବୁଙ୍କୁ ଦେଖା ନ କଲେ ଫେରିବି ନାହିଁ ।

ସୁମିତ୍ରା ଦେବୀ ସେ ସ୍ତ୍ରୀ ଲୋକଟିକୁ ଭଲକରି ଥରେ ଚାହିଁଲେ । ପଚାରିଲେ, ବାବୁଙ୍କୁ କାହିଁକି ଖୋଜୁଛନ୍ତି ?

ଏ ପ୍ରଶ୍ନର ଉତ୍ତର ବଡ଼ ଜଟିଳ ଓ ରହସ୍ୟମୟ । ବାବୁଙ୍କ ସାକ୍ଷାତରେ ଏହାର ସମାଧାନ ନ ହେଲେ—ମୁଁ ଏଠାରୁ ତିଳେ ହେଲେ ଘୁଞ୍ଚିବି ନାହିଁ ।

ସୁମିତ୍ରା ଦେବୀ ଏପରି କଥା ଶୁଣି ସ୍ତମ୍ଭୀଭୂତ ହୋଇପଡ଼ିଲେ । ମନରେ ଦ୍ୱନ୍ଦ୍ୱ, କିଏ ଏ ଯୁବତୀ—ବାବୁଙ୍କ ସହିତ ଏହାର ପୁଣି କି ସମ୍ପର୍କ ? ପରକ୍ଷଣରେ ଦାମକୁ କହିଲେ, ଯା, ବାବୁଙ୍କୁ ଡାକିଦିଅ ।

ଦାମ ଚାଲିଗଲା ।

ପୁଣି ସୁମିତ୍ରା ଦେବୀ ପଚାରିଲେ, ବାବୁଙ୍କ ସହିତ ତୁମର କିପରି ପରିଚୟ ଜାଣିବାରେ କଣ ଆପତ୍ତି ଅଛି ?

ପରିଚୟ ପର୍ବ ହଠାତ୍ ଯେପରି ଆରମ୍ଭ—ତାର ଶେଷ ମଧ୍ୟ ସେହିପରି । କିନ୍ତୁ କାହିଁକି ସେ ମୋତେ ଏପରି ପ୍ରତାରଣା କଲେ । ମୋ ଜୀବନକୁ ଜାଳି ପୋଡ଼ି ଛାରଖାର କରି ଯେଉଁ କଳଙ୍କର ଗୁରୁଭାର ଲଦି ଦେଇ ଆସିଲେ—ତାହା କ'ଣ ଗୋଟିଏ ନାରୀର ସର୍ବସ୍ୱ ବିନିମୟରେ ଏହାହିଁ ଦାନର ପ୍ରତିଦାନ । ମୁଁ ତ କେବେ ତାଙ୍କର ଅମଙ୍ଗଳ ଚିନ୍ତା କରି ନଥିଲି । ତେବେ ସେ କାହିଁକି ମୋତେ.........

କଥା ମଝିରେ ହଠାତ୍ ବ୍ରଜବାବୁ ଆସି ପହଞ୍ଚିଲେ । କିଏ ମୋତେ ଦେଖା କରବାକୁ ଆସିଛି ସୁମିତ୍ରା ।

ସୁମିତ୍ରା ହାତଠାରି ଇଙ୍ଗିତରେ ନିର୍ଦ୍ଦେଶ ଦେଲା ।

ବ୍ରଜବାବୁ ହଠାତ୍ କବିତାକୁ ଦେଖିଲା ବେଳକୁ ସାରା ଶରୀର ଆତଙ୍କରେ ଶିହରିଉଠିଲା । ସେ ଭଲକରି ଚାହିଁ ପାରିଲେ ନାହିଁ ।

କିଏ ତୁମେ ? କାହିଁକି ଖୋଜୁଛ ?

ଚିହ୍ନି ପାରୁନାହାନ୍ତି ? କବିତା ବିଦ୍ରୂପଭରା ହସ ହସିଉଠିଲା ।

ଆଜି ଚିହ୍ନିପାରିବେ ନାହିଁ । ଚିହ୍ନିଲେ ଆପଣଙ୍କର କଳଙ୍କମୟ ଅତୀତ ଇତିହାସ ଉଦ୍‌ଘାଟିତ ହୋଇଯିବ । କିନ୍ତୁ ଯାହାକୁ ଆଜି ଚିହ୍ନି ପାରୁ ନାହାନ୍ତି—ତାର ସର୍ବସ୍ୱ ଲୁଣ୍ଠନ କରି ତାକୁଇ ଦିନେ ସମାଜରେ ଘୃଣିତା କରି ଛାଡ଼ି

Digitized by srujanika@gmail.com

ଦେଖିବାକୁ ଆପଣ ଆଗେଇ ଆସିଥିଲେ । ଏତେ ଚଞ୍ଚଳ କଣ ଅତୀତ ବିସ୍ମୃତି-ଗର୍ଭରେ ଲୀନ ହୋଇଗଲା ! ଥରେ ସ୍ମରଣ କଲେ ତାର ସ୍ମୃତି ପୁଣି ଅନୁଭବ କରି ପାରିବେ । ଗୋଟିଏ ନାରୀର ପ୍ରେମ ବିନିମୟରେ ତାର ସରଳତାର ସୁଯୋଗ ନେଇ ଏପରି ତମେ ଶେଷରେ କଳଙ୍କ କାଳିମା ବୋଳିଦେଲ ? ଦୁନିଆରେ ଆଜି ତାର ମୁହଁ ଦେଖାଇବାକୁ ପଥ ନାହିଁ । ଗୋଟିଏ ସରଳା ନାରୀ ପ୍ରତି ଏତେ ତମେ ନିଷ୍ଠୁର ହେଲ କାହିଁକି ? ମୁଁ ତମର କି ଅପରାଧ କରିଥିଲି ?

ଏତେବଡ଼ ସତ୍ୟକୁ ବ୍ରଜବାବୁ ଆଜି ଅସ୍ୱୀକାର କରିବାକୁ ହୃଦୟ ଭିତରେ ବାଟ ଖୋଜୁଥିଲେ । କ'ଣ କହି କବିତାକୁ ବିଦାୟ ଦେବେ । ସୁମିତ୍ରା ଯେ ପାଖରେ ଅଛି । ଲଜ୍ଜା ଓ କ୍ଷୋଭରେ ତାଙ୍କ ମୁଖମଣ୍ଡଳର ଜ୍ୟୋତି କ୍ଷଣକରେ ଲିଭିଗଲା ।

ସୁମିତ୍ରା ପଚାରିଲା, ଏ ଯୁବତୀକୁ ଚିହ୍ନି ନାହାନ୍ତି ?

ବ୍ରଜବାବୁ ମୁହଁରେ ଭାଷା ନାହିଁ ।

କ'ଣ ନୀରବ ରହିଲେ ଯେ ! ତାର ଅତୀତ ଇତିହାସ କ'ଣ କିଛି ଜାଣିଛନ୍ତି ?

ହଠାତ୍ ବ୍ରଜବାବୁ କହି ପକାଇଲେ, ନା, ତାକୁ ମୁଁ ଚିହ୍ନେନା କି ଜାଣେନା ।

ଚିହ୍ନେନା କି ଜାଣନା । ଜୀବନର ଏତେ ବଡ଼ ସତ୍ୟକୁ ତମେ ମିଥ୍ୟାର ଦୋହାଇ ଦେଇ ଆଜି ତିଷ୍ଠିରହିବ । ଆଉ ମୁଁ ସ୍ନେହ, ପ୍ରୀତି ନାରୀ ଜୀବନର ସର୍ବସ୍ୱ ତମକୁ ଅର୍ପଣ କରି ସମାଜରେ ହେବି ବ୍ୟଭିଚାରିଣୀ । ଦୁନିଆରେ ମୋର ଗୌରବାନ୍ୱିତ ହେବାର ଅଧିକାର ନାହିଁ । ତୁମ ପୁଅର ଆଜି ଜନ୍ମଦିନ । ଉତ୍ସବ ଆଡ଼ମ୍ବରରେ ଆଜି ଏଇ ସହର ମୁଖରିତ ହେଇ ଉଠିବ । ଆଉ ମୋ ପୁଅ ! ତାର ଜନ୍ମ ସମ୍ବାଦ—ପୃଥିବୀ ବକ୍ଷରେ ଯେପରି ଅଭିଶାପ ! ତମର ମାନ, ବଂଶମର୍ଯ୍ୟାଦା, ସମାଜରେ ତମର ପ୍ରତିଷ୍ଠା, ସବୁଥିରେ କଳଙ୍କ ଲାଗିଯିବ ବୋଲି ଦୁନିଆ ଆଖିରେ ଧୂଳି ବୋଲି ନିଜର ସନ୍ତାନକୁ ବି ତମେ କ୍ଷଣକରେ ଲୋପ କରିଦେଇ ପାରିଲ । ମୋତେ ମାରି ନଦେଇ ତମେ ତା ପ୍ରତି ଏତେ ନିର୍ମମ ହେଲ କାହିଁକି ? ସତ କହ । ମୋର ନୟନର ପ୍ରଦୀପ, ହୃଦୟର ଚିରବାଞ୍ଛିତ, ନାରୀ ଜୀବନର ସର୍ବସ୍ୱ ମୋର ପୁଅ—ସେ ଆଜି କାହିଁ ?

କହୁ କହୁ କବିତାର ଆଖିରୁ ଧାର ଧାର ଲୁହ ଛୁଟିଲା । ବ୍ରଜବାବୁ ଉଦ୍‌ଭ୍ରାନ୍ତ ପରି କହିଉଠିଲେ, ଏ କଥାକୁ ତମେ ବିଶ୍ୱାସ କରନାହିଁ ସୁମିତ୍ରା— ଏ ପାଗଳିନୀ ଆମ ଦୁହିଁଙ୍କ ଜୀବନରେ ବିଷ ଭରିଦେବାକୁ ଆସିଛି । ତମେ ଏକୁ ବିଦାୟ ଦିଅ । ଯଦି ଭଲରେ କହିଲେ ନ ଯାଉଛି—ତେବେ ଦାମକୁ କୁହ ତାକୁ ଧକ୍କା ଦେଇ ବାହାର କରିଦେବ ।

Digitized by srujanika@gmail.com

ଧକ୍କା ଦେଇ ବାହାର କରିଦେବ ! ଏତେବଡ଼ ସାହସ—ମୋ ଦେହରେ ଅଙ୍ଗୁଳି ମାତ୍ର ସ୍ପର୍ଶରେ ତୁମର ଏଇ ସୁନାର ସଂସାର, ପ୍ରତିଷ୍ଠା, ଗୌରବ ସବୁ କିଛି ଧ୍ୱଂସ ହୋଇଯିବ । ଗୋଟିଏ ସରଳା ନାରୀ – ତାକୁ ତମେ ଜୀବନପଥ କ ଠକି ଆସିଲ—କିନ୍ତୁ ଉପରେ ଭଗବାନ—ସେ ତମକୁ କ'ଣ ସହଜରେ କ୍ଷମା ଦେବେ ! ଜୀବନର ସ୍ନେହ, ପ୍ରୀତି—ସବୁର ବିନିମୟରେ ଏହାହିଁ କ'ଣ ମୋର ପୁରସ୍କାର ବ୍ରଜବାବୁ ! ଅତୀତରେ ତମର ଅତି ଆପଣାର ପ୍ରାଣଠୁ ଅଧିକ କବିତାକୁ ଥରୁଟିଏ ବି ଚିହ୍ନି ପାରିଲ ନାହିଁ ? ଆଉ ଚିହ୍ନିଲେ ଅତୀତରେ ତମର ଅନ୍ୟାୟ, ଅବିଚାର ପାଇଁ ଦୁନିଆ କଣ କ୍ଷମା ଦେଇ ପାରିବ । ତମେ ଭଣ୍ଡ ପ୍ରତାରକ—ମୋ ଜୀବନକୁ ଧ୍ୱଂସ କରିଛ । ତମେ ପାପୀ, ହତ୍ୟାକାରୀ—ମୋ ପୁତ୍ରକୁ ତମେ ତଣ୍ଟି ଚିପି ମାରିଛ । କିନ୍ତୁ ଆଜି ମୁଁ ତମକୁ ସହଜରେ ଛାଡ଼ିବି ନାହିଁ । ନାରୀର ଅଭିଶାପରେ ତୁମେ ଛାରଖାର ହେବ । ଆଉ ମୋ ପୁଅକୁ ଧର ବକ୍ଷରୁ ଲିଭିଲ ତମ ପୁଅର ଜନ୍ମଉତ୍ସବ ପାଳିବ । ତମ ପୁଅ ମୋ ଅଭିଶାପରେ କେବେହେଲେ........

ହଠାତ୍ ସୁମିତ୍ରା ଲୁହ ଛଳ ଛଳ ଆଖିରେ ଦଉଡ଼ି ଆସି କବିତାର ହାତ ଦୁଇଟି ଧରି ପକାଇ କହିଲା, ଏ କ'ଣ କହୁଛ ଭଉଣି, ଆଜି ପର ଦିନରେ ମୋ ଜୀବନର ଏକମାତ୍ର ଆଶା ଓ ଆକାଂକ୍ଷାର ପ୍ରତୀକ, ପ୍ରାଣର ସଙ୍ଖାଳୀ, ତାକୁ ତମେ ଅଭିଶାପ ଦେଇଯିବ । ଏମିତି କର ନା ଭଉଣି । ଏହା କଲେ ମୋର ମାତୃହୃଦୟ କ୍ଷଣକରେ ଫାଟିଯିବ । ମୁଁ ବଞ୍ଚିବି କାହାକୁ ନେଇ । ଅଜୟ ମୋର ପୁଅ ନୁହେଁ ଭଉଣି ସେ ଯେ ତମରି ପୁଅ ।

ହଠାତ୍ ସୁମିତ୍ରା ତୀବ୍ର ତଡ଼ିତ୍ ବେଗରେ ଘର ଭିତରକୁ ଯାଇ କୋଳରେ ଅଜୟକୁ ନେଇ ଆସିଲେ ।

ସ୍ମିତ ହସି ପଚାରିଲେ, ଚିହ୍ନି ପାରୁଛ ଭଉଣି, ଏ କିଏ ?

କବିତା ଚାହିଁଲା । ସୁମିତ୍ରା କୋଳରେ ଅଜୟ ମୁଗ୍ଧ ଦୃଷ୍ଟିରେ ଚାହିଁଛି ତାରି ଆଡ଼େ । ଗୋରା ତକ ତକ ଢଳ ଢଳ ସୁନ୍ଦର ରୂପ । ଓଠରେ ଲାଗିରହିଛି ମନମତାଣିଆ କି ସୁନ୍ଦର ହସ ।

ଚିହ୍ନି ପାରୁନା ଭଉଣି—ଏ ପରା ତମରି ପୁଅ । ଏ ବଡ଼ ଅଝଟିଆ ହୋଇଛି । ଏହାର ଜଞ୍ଜାଳ ମୁଁ ଆଉ ସହ୍ୟ କରି ପାରୁନାହିଁ । ତମେ ୟାକୁ ନେଇ ମୋତେ ସବୁ ଦାୟିତ୍ୱରୁ ଛୁଟିଦିଅ ।

ସୁମିତ୍ରା ଅଜୟକୁ କବିତା କୋଳରେ ଜୋର କରି ଠେକିଦେଲେ । କହିଲେ, ଆଜି ତାର ଜନ୍ମଦିନ—ତମେ ତାକୁ ଆଶୀର୍ବାଦ କର ଭଉଣି । ସେ ତମରି ପୁଅ ହୋଇ ଦୁନିଆରେ ବଞ୍ଚିରହୁ । ସେତିକିରେ ମୋର ଗୌରବ ।

ଅଜୟ ହସି ହସି କବିତା ବକ୍ଷରେ ଲୋଟି ପଡ଼ିଲା । କି ସୁନ୍ଦର ହୋଇଛି ସତରେ । ଆକାଶର ଚନ୍ଦ୍ରମା ଯେପରି ତା ପରି ଅଭାଗିନୀ କୋଳକୁ ଆଜି

Digitized by srujanika@gmail.com

ଡେଇଁପଡ଼ିଛି । ତାର ହୃଦୟରେ ଅଶାନ୍ତ ଝଡ଼ର ନୃତ୍ୟ ଥମିଗଲା । ଦୁହିଁଙ୍କର ପ୍ରେମର ପରିଣତି ପାଇଁ ଏଇ ନିଷ୍କପଟ ସରଳ ସୁନ୍ଦର ଶିଶୁ—ଏ କଣ ଦାୟୀ ! ତେବେ ତାକୁ ଅଭିଶାପ ଦେବାକୁ ତୁଣ୍ଡ ଲେଉଟୁଥିଲା କିପରି ! ଅନୁଶୋଚନାରେ ତା ଆଖିରେ ଲୋତକର ଧାର । ତାର ମାତୃହୃଦୟ କ୍ଷଣକରେ ଉଦ୍‌ବେଳିତ ହୋଇ ଉଠିଲା ! ଦୁଃଖ ଆଉ ଆନନ୍ଦର ମିଶ୍ରିତ ମୂର୍ଚ୍ଛନାରେ ସେ ଭୁଲିଗଲା ନିଜକୁ । ଅଜୟକୁ କୋଳରେ ଅତି ନିବିଡ଼ ଭାବେ ଜାକି ଧରି ତା ଗାଲରେ ଘନ ଘନ ଚୁମ୍ବନ ଦେଲା । ହୃଦୟ ମନ କ୍ଷଣକପାଇଁ କରୁଣ ମଧୁର ଛନ୍ଦରେ ଅଭିଭୂତ ହୋଇପଡ଼ିଲା ।

ଏ ଦୃଶ୍ୟ ଦେଖି ବ୍ରଜବାବୁଙ୍କ ପାଷାଣ ହୃଦୟ ତରଳିଗଲା । ଆଖିରୁ ବହି ଆସିଲା ଦୁଃଖ ଆଉ ଅନୁତାପ ମିଶା ଲୋତକର ବନ୍ୟା । କବିତା ପ୍ରତି ଅତୀତର ଅନ୍ୟାୟ, ଅବିଚାର ପାଇଁ ହୃଦୟ ଥରିଉଠିଲା । ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । କବିତାର ପାଦ ଦୁଇଟି ଧରି କହିଉଠିଲେ, ମୋତେ କ୍ଷମା କର କବିତା !

କ'ଣ କହି ବ୍ରଜବାବୁଙ୍କୁ ଉତ୍ତର ଦେବ କବିତା ଭାବିପାରିଲା ନାହିଁ । କ୍ଷଣକ ମଧ୍ୟରେ ସେ ଭୁଲିଗଲା—ବ୍ରଜବାବୁ ଓ ତା ଭିତରେ ଥିବା ବ୍ୟବଧାନକୁ । ଆଖିରୁ ବହିଲା ଧାର ଧାର ଲୁହ, ପୁଣି ହୃଦୟ ଉଚ୍ଛୁଳାଇ ଉଠିଲା କୋହ । ସେ କଇଁ କଇଁ ହୋଇ କାନ୍ଦିଉଠିଲା ।

ସୁମିତ୍ରା କହିଲା, ଭିତରକୁ ଆସ ଭଉଣି ! ଆଜି ପରା ତମ ପୁଅର ଜନ୍ମଦିନ । ଏପରି ଶୁଭ ଦିନରେ କ'ଣ କେହି କାନ୍ଦନ୍ତି ?

ସୁମିତ୍ରା କବିତାର ହାତ ଧରି ଘର ଭିତରକୁ ଟାଣି ନେଇଗଲା ।

Digitized by srujanika@gmail.com

• ପୂଜାଛୁଟି

ନିତିଆ ଯେତେବେଳେ ଗାଁ ଭୂଇଁର ସ୍ନେହ ମମତା କାଟି ସୁଦୂର ବିଦେଶ ପଥର ଯାତ୍ରୀ ହେଲା, ମା' ତାର କେତେ ଆଶୀର୍ବାଦ କରି କହିଲେ, "ନିତ, ବିଦେଶ ଜାଗା—ଦେହପା ପ୍ରତି ନିଘା ରଖି ଚଳିବୁ—ଆଉ ଏ ବୁଢ଼ୀମା'ଟିକୁ ଭୁଲିଯିବୁ ନାହିଁଟି ।" ଆଉ ନିତିଆର ସ୍ତ୍ରୀ ରମା, ସେ କେତେ ଆଖି ଲୁହ ଢାଳି ସ୍ୱାମୀର କାନେ କାନେ କହିଥିଲା, "କଲିକତା ଯାଉଛ—ମୋତେ ପର କରି ଦେବନି ତ ?" ନିତିଆ ମା'କୁ ବୁଝାଇ ସ୍ତ୍ରୀକୁ ସାନ୍ତ୍ୱନା ଦେଇ ସୁଦୂର କଲିକତା ପଥର ଯାତ୍ରୀ ହେଲା ସତ; କିନ୍ତୁ ମନପ୍ରାଣ ତାର ପଡ଼ି ରହିଥିଲା ନବବିବାହିତା ପତ୍ନୀ ରମା ପାଖରେ । ରମା ସହିତ ସୁଖର ସଂସାର ଗୋଟିଏ ବର୍ଷ ପୂରିନି, ଅଦେଖା ଦେବତାର ନିଷ୍ଠୁର ଇଙ୍ଗିତ ତାକୁ ବିଦେଶୀ କରାଇଲା । ତଥାପି ସେ ଆଶା ବାନ୍ଧି ଆସିଥିଲା ଦି' ପଇସା ରୋଜଗାର କରିବ—ଦୁନିଆ ବୁକୁରେ ରମାକୁ ନେଇ ତାର ସୁଖ ସଂସାର ନୂଆ ହୋଇ ହସିଉଠିବ ।

ନିତିଆ ଆଜି କଲିକତା ଚଟକଳର ଶ୍ରମିକ । ନିତିଦିନିଆ ଜୀବନଟା ତାର କଟି ଚାଲିଛି ସୁଖ ଦୁଃଖର ଭିତର ଦେଇ । ଯା ଦି' ପଇସା ପାଏ, ସେଇଥିରେ ସେ ଚଳେ ଓ ବାକିତକ ଘରକୁ ପଠାଇଦିଏ । ଅଭାବ ଅସୁବିଧାର ଧକ୍‌କା ତାକୁ ବେଶୀ ବାଧେନା । ସେ ଭାବେ, ଆହୁରି ବେଶୀ ଦି' ପଇସା ରୋଜଗାର କରିବ—ଦୁନିଆ ବୁକୁରେ ପ୍ରକୃତ ମଣିଷ ହୋଇ ସେ ଛିଡ଼ାହେବ । ଦିନଯାଏ —ରାତି ଆସେ । ରମା କଥା ତାର ଭାବନାରେ ରୂପ ପାଏ । ବିବାହିତ ଜୀବନର କେଇଟା ଦିନର ସୁଖ ସୁଆଦଭରା ସ୍ମୃତି ଆଜି ତାର ବିଦେଶ ପଥରେ ଅଭୁଲା—ଅବିସ୍ମରଣୀୟ । ରାତ୍ରି ଗାଢ଼ରୁ ଗାଢ଼ତର ହୁଏ । ସେ ଭାବେ ଆଗରେ ପୂଜାଛୁଟି— ଘରକୁ ଯିବ । ରମା ପାଇଁ ଭଲ ଶାଢ଼ୀ, ସ୍ନୋ, ଅଳତା କିଣି ନେବ । ରମାକୁ ଆହୁରି ସୁନ୍ଦର କରି ସଜାଇବ । ରମା ହସିବ ଅନ୍ତର ଖୋଲା ହସ । ସେହି ଦୃଶ୍ୟ ଦେଖି ସେ ପ୍ରାଣଭରି ତୃପ୍ତି ପାଇବ । ଇମିତି ଭାବୁ ଭାବୁ କେତେବେଳେ ନିଦ ଆସେ—ସେ ଜାଣେନା । ସକାଳର ସୂର୍ଯ୍ୟ ଉଏ । କଳଘରର କଲିଜାଥରା ବଂଶୀ ବାଜିଉଠେ । ନିଦ ତାର ଭାଙ୍ଗିଯାଏ, ସେ କାମରେ ଲାଗେ ।

ପୂଜାଛୁଟି ଯେତିକି ନିକଟ ହୋଇ ଆସେ—ନିତିଆ ସେତିକି ସୁଖର ସ୍ୱପ୍ନ ଦେଖେ । କଲିକତା ତାକୁ ଆଉ ଭଲ ଲାଗେନା ।

ପୂଜାଛୁଟି ଆଉ ମୋଟେ ତିନିଟା ଦିନ ବାକି । ନିତିଆ ଭାବେ ଏ କେଇଟା ଦିନ ସ୍ୱପ୍ନ ଦେଖୁ ଦେଖୁ କଟିଯିବ । ଏ ମାସର ଦରମା ପାଇ ସେ ଆଉ ଘରକୁ ପଠାଇନି । ବଜାରରୁ ରମାର ମନ ଭୁଲାଇବା ପାଇଁ କେତେ କେତେ ନୂଆ

Digitized by srujanika@gmail.com

ଜିନିସ କିଣି ଆଣିଛି—ଆଉ ବୁଢ଼ୀ ପାଇଁ ଖଜୁରୀ କୋଳି, ଲେମ୍ବୁ, ବେଦନା—ଇମିତି କେତେ ରକମର ଫଳ ଆଣି ସାଇତି ରଖିଛି ।

ପୁରୀ ଏକ୍‌ସପ୍ରେସ ଯେତେ ବେଗରେ ଛୁଟି ଚାଲିଛି ନିତିଆର ଭାବନା ତାଠୁ ଅଧିକ ବଢ଼ି ଚାଲିଛି । କଲିକତା କେତେ ପଛରେ ପଡ଼ି ରହିଲାଣି ତାର ସିଆଡ଼େ ଖିଆଲ ନାହିଁ । ସେ ଭାବୁଛି—ଗାଁ ତହଲର କଥା, ରମା କଥା, ଆଉ ବୁଢ଼ୀମା କଥା । ଆପଣାର ହୋଇ ତାର ଆଉ କେହି ନାହାନ୍ତି, ସେ କାହିଁକି ବା ଆଉ କା' କଥା ଭାବିବ । ଗାଡ଼ି ଷ୍ଟେସନରେ ପହଞ୍ଚିଲା, ନିତିଆର ହୋସ ଆସିଲା । ଗାଡ଼ିରୁ ଓହ୍ଲାଇ ଦେଖେ ଗାଁ ତାର ଅତି ନିକଟ ହୋଇ ଆସିଲାଣି ।

ଗାଁ ମୁଣ୍ଡ ବରଗଛ । କେତେ କାଳରୁ ସେମିତି ସେ ଠିଆ ହୋଇଛି ଗାଁର ଭଲ ମନ୍ଦର ସାକ୍ଷୀ ରୂପେ । ନିତିଆ ସେଇଠି ପହଞ୍ଚି ଗାଁର ଚାରିଆଡ଼କୁ ଥରେ ଆଖିପକାଇ ଘର ମୁହଁ ଧରିଲା । କିନ୍ତୁ ବାଟରୁ ସେ ଯାହା ଶୁଣିଲା, ସେଥିରେ ତାକୁ ଚାରିଆଡ଼ ଅନ୍ଧକାର ଦେଖାଗଲା । ରମା ତାର ଆଉ ଆପଣାର ହୋଇ ନାହିଁ । ଦି' ଦିନର ଜ୍ୱରରେ ସେପୁରକୁ ବାଟକାଟି ଚାଲିଯାଇଛି ସେ । ଭେ ଭେ ହୋଇ ସେ କାନ୍ଦିଉଠିଲା । ହାତରୁ ଗଣ୍ଠିରି ତାର ଆପେ ଆପେ ତଳକୁ ଖସିପଡ଼ିଲା । ମୁଣ୍ଡ ବାଡ଼େଇ ସେ କହିଲା, "ରମା, ତୋ ମନରେ ଏଇଆ ଥିଲା—ତୁ ମୋତେ ଅଥଳ ଦରିଆରେ ଭସାଇଲୁ ।" ମୁଣ୍ଡରୁ ତାର ଧାର ଧାର ହୋଇ ରକ୍ତ ବୋହିଗଲା । ଗାଁ ଲୋକେ ଜମା ହୋଇ ପଡ଼ିଲେ । କେତେ ବୁଝାଇ ସୁଝାଇ ଟାଣି ଓଟାରି ତାକୁ ଘରକୁ ନେଲେ ।

ପୂଜାଛୁଟି ଶେଷ ହୋଇଗଲା । ତା ସାଥେ ସାଥେ ନିତିଆର ସୁନା ସଂସାର ବି ଶେଷ ହୋଇଗଲା । ରମାକୁ ଭାବି ଭାବି ନିତିଆର ଅବସ୍ଥା ନଥାଏ । ରାତିରେ ନିଦ ହୁଏନା, କି ଦିନରେ ଭାତ ରୁଚେନା । ମା ତାର କେତେ ବୁଝାଏ । କିନ୍ତୁ ସେ ବୁଝେନା, ଭାବେ ଦୁନିଆଟା କଣ ଇମିତି ? ରମାକୁ ସେ କେତେ ଭଲ ପାଉଥିଲା, ଅଥଚ ଶେଷ ମୁହୂର୍ତ୍ତରେ ଟିକେ ତାକୁ ଦେଖିବାକୁ ପାଇଲାନି ।

ନିତିଆର ଛୁଟି ପୂରିଗଲା । ପୁଣି ତାକୁ କଲିକତା ଯିବାକୁ ହେବ । ନଗଲେ ଚାକିରିଟି ଯିବ । କିନ୍ତୁ ତାର ସେଆଡ଼େ ନଜର ନାହିଁ । ସେ ଭାବୁଛି, ଆଉ କାହିଁକି ବିଦେଶୀ ହେବି । ଯା' ପାଇଁ ଯାଉଥିଲି ସେ ତ ରହିଲାନି ସୁଖ କରିବାକୁ—ଆଉ ଯିବା ବୃଥା । ବେଳେବେଳେ ଭାବେ, ବିଦେଶ ଜୀବନଟା ବଡ଼ ଅଭିଶପ୍ତ ଜୀବନ, ନଇଲେ କି ରମା ପରି ସ୍ତ୍ରୀକୁ ମୁଁ ହରାଇଥାନ୍ତି ।

ସବକୁ ସବ ନିତିଆ ଆଉ କଲିକତା ଗଲାନାହିଁ । ଗାଁ ଭୂଇଁରେ ରହି ତାର ଦୀର୍ଘଜୀବନ କାଟିବାର ସ୍ଥିର କଲା । ପିତୃଅର୍ଜିତ ଜମି ବି ଚାରିମାଣ ଆଗରୁ ଥିଲା । ନିତିଆ ଭାବିଲା ସେଇଥିରେ ସେ ସୁନ୍ଦର ରୂପେ ଚଳିବ ।

ନିତିଆ ଆଜି ମାଟିର ମଣିଷ । ମାଟିର ବୁକୁରେ ସେ ସୁନା ଫଳାଇବ—ଏହି ତାର ଅଭିଳାଷ । ସେ ଆଜି ଭାବେ ଗାଁର ମାଟି ସେହି କଲିକତା କଳଘରଠାରୁ ବେଶ୍ ସୁଖପ୍ରଦ । ଏଠି ମାଲିକର ନାଲି ଆଖି ନାହିଁ—ଅଛି ସ୍ୱାଧୀନ ମନୋଭାବ । ନିଜେ ଖଟିବ—ଖାଇବ । ସକାଳ ହୁଏ—କଳଘରର

Digitized by srujanika@gmail.com

କଲିକତାଅର ବଂଶୀ ତାକୁ ଆଉ ଡାକେନା—ଡାକେ ତାର ସୁନାର କ୍ଷେତ । କିନ୍ତୁ କାମରୁ ଫେରି ସେ ଯେପରି କା'ର ଅଭାବ ଅନୁଭବ କରେ । ଜୀବନରେ ତୃପ୍ତି ମିଳେନା । ରମା କଥା ମନେପଡ଼େ । ଆଖିରୁ ଲୁହ ଢାଳେ । ଏଇଟା ନିତିଆର ନିତିଦିନିଆ ଘଟଣା । ମା' ତାର କେତେ ବୁଝାଏ, "ନିତ, ଆଉ ଗୋଟିଏ ବାହା ହ'—ପୁଣି ସୁଖର ସଂସାର କର ।" ନିତିଆ କହେ, "ଜଣକୁ ତ ଭୋଗ କରି ପାରିଲି ନାହିଁ—ଆଉ ପୁଣି ....ସେ ମୋ ଜୀବନରେ ହେବନି ।" ନିତିଆର ଆଖି ଲୁହ ଛଳ ଛଳ ହେଇ ଆସେ—ମା ତାର କାନ୍ଦେ । ଗାଁ ଲୋକ କେତେ ଆସି ବୁଝାନ୍ତି ନିତିଆକୁ ପୁଣି ଥରେ ଘର କରିବାକୁ । କିନ୍ତୁ ନିତିଆ ଯା ବୁଝିଛି—ସେଇଆ ! ବାହାହେବା ତା ଜୀବନରେ ସମ୍ଭବ ନୁହେଁ ।

ଏ ମଧ୍ୟରେ ନିତିଆ ଜୀବନରେ ଦି' ବର୍ଷ ବିତିଗଲାଣି । ମା ତାର ବୋହୂକୁ ଝୁରି ଝୁରି ସେପାରି ସଇଜକୁ ଚାଲିଗଲାଣି । କିନ୍ତୁ ନିତିଆ ଆଜି ବି ରମାକୁ ଭୁଲିନି କି ଗାଁ ଲୋକଙ୍କ କଥାରେ ଆଉ ଥରେ ବାହାହେବାକୁ ମନ ବଳାଇନି । ସାଥୀହୀନ ଜୀବନ ତାକୁ ବେଳେ ବେଳେ ବାଧେ—କିନ୍ତୁ କ'ଣ କରିବ ସେ ! ଭାବେ ତାର ଅଦୃଷ୍ଟ ।

ପ୍ରତିବର୍ଷ ପୂଜାଛୁଟି ଆସେ । କଲିକତାରୁ କେତେ ଲୋକ ଗାଁକୁ ଫେରନ୍ତି । ନିତିଆର ଅନ୍ତର ହାହାକାର କରିଉଠେ । ଆଖି ତାର ଅଶ୍ରୁସଜଳ ହୁଏ । ଅତୀତର ଛବି ଆଖି ଆଗରେ ନାଚିଉଠେ । କଲିକତାରୁ ଆଣିଥିବା ରମା ପାଇଁ ଶାଢ଼ୀଟି ଆଜି ବି ତାର ଭଙ୍ଗା ଦଦରା ଟ୍ରଙ୍କରେ ପଡ଼ିଛି । ଆଉ କେତେ ଜିନିଷ କୁଆଡ଼େ ପଡ଼ି ମାଟିରେ ଲୀନ ହୋଇଗଲାଣି । ସେ ମନେ ମନେ କୁହେ, "ରମା, ତୁ ସିନା ମୋତେ ପର କରିଦେଲୁ, କିନ୍ତୁ ମୁଁ କ'ଣ ତୋତେ ପର କରି ପାରିଛି ।" ରମା ତାର ଏକଥା ଶୁଣେନା । ନିତିଆ ଆଖିରୁ ଲୁହ ଢାଳି ରମାର ସ୍ମୃତିକୁ ଉଜ୍ଜ୍ୱଳ ସଜାଗ କରେ ।

●

Digitized by srujanika@gmail.com

• ନ ଫୁଟୁଣୁ ଫୁଲକଳୀ

ପ୍ରଭାତର ସଜ ଶେଫାଳୀର ମନଭୁଲା ସୁବାସ ଘର ଭିତରେ ଭରି ଯାଇଥିଲା । କେତେବେଳୁ ଯେ ଉଷାର ସ୍ନିଗ୍ଧାଲୋକ ମୋତେ ଛୁଇଁ ଯାଇଥିଲା—ଜାଣେ ନା । ହଠାତ୍ ନିଦଟା ଭାଙ୍ଗିଗଲା । ଚାହିଁ ଦେଖେ, ବାଳାଲୋକ ଘର ଭିତରେ ଶୋଭାର ସ୍ୱପ୍ନପୁରୀ ରଚନା କରୁଚି ।

ମନ୍ତ୍ରମୁଗ୍ଧ ପରି କଣ ଗୋଟାଏ ଭାବିବସିଲି, ସତେ ଯେପରି ମନେ ହେଲା କଣ ଗୋଟାଏ ପାଇ ମୁଁ ପାଇନି । ଅନ୍ତରରେ ଅସ୍ୱସ୍ତିର ଭାବ । କଣ ଗୋଟାଏ ମନରେ ଆସି ପରକ୍ଷଣରେ ଯେପରି ଖେଆଲର ଅତୀତ ହୋଇ ଯାଇଚି ।

ନିଦ କ'ଣ ଭାଙ୍ଗିବନି କି ଆଜି ?

ଦରଜା ଖୋଲି ପ୍ରବେଶ କଲା ମୋର ସ୍ତ୍ରୀ ରମା । ମୁଖରେ ମଧୁର ହସ ନେଇ ଏହି ପ୍ରଶ୍ନଟି ପଚାରିଲା ସେ ମୋତେ । ଉତ୍ତର ଦେଲିନି—ମୋତେ ନୀରବ ଦେଖି ପୁଣି ସେ ପଚାରିଲା, କି, କଣ ଏତେ ଭାବୁଚ ମ ?

ଭାବୁଚି ଏହି ସ୍ୱପ୍ନ କଥା । ସ୍ୱପ୍ନ କଣ ସତ ହୁଏ ରମା ?

ହୁଏ ନା, ପୁଣି ଅନେକ ସମୟରେ ହୁଏ । କାହିଁକି, କି ସ୍ୱପ୍ନ ଦେଖିଲ କି ?

ସେ ଗୋଟିଏ ଭଲ ସ୍ୱପ୍ନ ରମା ! ଦେଖିଲି ତମ କୋଳରେ ଗୋଟିଏ ନବଜାତ ଶିଶୁ ସଦ୍ୟ ବିକଚ କଳା ପରି ହସି ଉଠିଚି । ଏ କଣ ସତ ହେବ ରମା ? ସ୍ମିତ ହସ ହସି ପଚାରିଲି । ସେ ଉତ୍ତର ଦେଲାନି । ଲାଜ ଲାଜ ହୋଇ ପଳାଇଗଲା । ସତେ ଯେପରି ଏହି ପ୍ରଶ୍ନଟିରେ ତା'ର ଅନ୍ତର ଏକ ଅଜଣା ଆନନ୍ଦର ପରିତୃପ୍ତିରେ ଭରିଉଠିଚି ।

× × ×

ଏକ ବର୍ଷ ପରେ— ଦୁହିଁଙ୍କ ଜୀବନକୁ ମଧୁମୟ କରି ଯେତେବେଳେ ନୂତନ ସାଥୀ ରୂପେ ରମା କୋ'ଳରେ ସଦ୍ୟଜାତ ଶିଶୁଟି ହସି ଆସିଲା, ସେତେବେଳେ କହିଲି, ସ୍ୱପ୍ନ ମୋର ସତ ହୋଇଚି ରମା । ରମା ହସିଥିଲା ପରିତୃପ୍ତିର ହସ—ସେ ହସରୁ ତାର ମାତୃତ୍ୱ ଦାବୀ ଫୁଟି ଉଠୁଥିଲା । ସତ୍ୱରରେ ରମା ପୁତ୍ରର ନାମ ରଖିଲା ଶଶି । ଶଶି ବାସ୍ତବିକ ଶଶି ପରି ଦେଖିବାକୁ ସୁନ୍ଦର ଓ ମନୋମୁଗ୍ଧକର । ଶଶିକୁ ନେଇ ଆମର ନୂଆ ଜୀବନ

Digitized by srujanika@gmail.com

ଗଢ଼ିଉଠେ । ମୁଁ ତା'ପାଇଁ ନୂଆ ନୂଆ ଖେଳଣା କିଣି ଆଣେ । ରମା ଖୁସି ହୁଏ—ଦୁନିଆଯାକର ଖୁସି ।

ଶଶି ଆଜି ପାଞ୍ଚ ବରଷର । ନିଇତି ସ୍କୁଲକୁ ଯାଏ । ତା'ର ଚଗଲାମି ରମା ଆଖିରେ ସ୍ନେହର ବସ୍ତୁ ହୋଇ ଦେଖାଦିଏ । କିନ୍ତୁ ସମୟ ସମୟରେ ମୁଁ ଭାରି ରାଗେ ଓ ସେହି ରାଗର ପ୍ରତିଶୋଧ ନିଏ ଶଶି ଉପରେ । ରମା କାନ୍ଦେ—ଅଭିମାନରେ ଫୁଲିଉଠି କୁହେ, ତୁମେ କିଏ ସେ ତାକୁ ମାରିବ ! ମନର ରାଗ ମୋର ମନରେ ମିଳାଇଯାଏ । ଆଦରରେ ରମାକୁ କୋଳକୁ ଟାଣିଆଣି କହେ, ଶଶି ଆଜି ଗୋଟିପଣେ ତମର—ମୋର କ'ଣ କିଛି ନୁହେଁ ! ରମା ଲାଜରେ ଝାଉଁଳିପଡ଼େ । ସ୍ନେହରେ ମୁଁ ତାର ଅଧରରେ ପ୍ରୀତିର ଚୁମ୍ବନ ଆଙ୍କିଦିଏ । ଦୁହେଁ ଭୁଲିଯାଉ ମାନ ଅଭିମାନ ସବୁ । ଏମିତି ଦିନଯାଏ । ତାହା ଭିତରେ ଶଶିକୁ ନେଇ ଆମର କେତେ ଖେଳ, କେତେ କଳ୍ପନା, କେତେ ଆଶା ସମସ୍ତ ଆଢ଼େଇ ରହିଲେ ।

× × ×

ଚାରିଦିନ ହେଲା ଶଶିକି ଭୀଷଣ ଜର । ରମା ଶଶି ସେବାରେ ବ୍ୟସ୍ତ । ଏ କେତେଦିନ ହେବ ସେ ଜଳାହାର ବି କରିନି—ମୁଖ ଖଣ୍ଡି ବିବର୍ଣ୍ଣ । ତା'ର ବିଷାଦ-ମଉଳା ମୁଖଟିକୁ ଦେଖି ମୁଁ ବି କ୍ରୋଧ ସମ୍ବରଣ କରି ପାରେନା ।

ସେ ଅଧୀର ହୋଇ ପଚାରେ, ଶଶି ମୋର କ'ଣ ଭଲ ହେବ ନି ? ଆଖି ମୋର ଲୁହ ଛଳ ଛଳ ହୋଇଆସେ—ଉତ୍ତର ଯାଏ ଅଟକି । ଦିନଯାଏ—ରାତି ଆସେ । ରାତି ଶେଷ ହୁଏ—କିନ୍ତୁ ତଥାପି ଆମର ସେବା ଶେଷ ହୁଏନା । ମାତ୍ର ଏତେ ସେବା ସତ୍ତ୍ୱେ ବି ଶଶି ଆମକୁ ଚିରଦିନ ପାଇଁ ପର କରିଦେଇ ଚାଲିଗଲା ।

ଶ୍ମଶାନର ସେହି ସ୍ମୃତିହୃଦା ଗହଳ ରାଇଜରେ ଶଶିକୁ ଚିରଦିନ ପାଇଁ ବିସର୍ଜନ ଦେଇ ଯେତେବେଳେ ଫେରି ଆସିଲି, ସେତେବେଳେ ରମା ଭେ ଭେ ହୋଇ କାନ୍ଦିଉଠିଲା । ଆଖିରେ ମୋର ଲୁହ ଥିଲା ସତ; କିନ୍ତୁ ଏକ ସଙ୍ଗେ ମୁଁ ମୂକ, ବଧୀର, ପାଷାଣ ପାଲଟି ଯାଇଥିଲି । ରମାକୁ ବୁଝାଇବା ପାଇଁ ମୁଖରେ ମୋର ଭାଷା ଓ ଭାବ ନ ଥିଲା ।

●

Digitized by srujanika@gmail.com

● ରାଜକନ୍ୟା ଫେରେନା

ସ୍ୱପନ ପୁରୀର ରାଜକନ୍ୟା ସେ । ବନ୍ଧୁ ଦେଖିଥିଲେ ସ୍ୱପନ । କିନ୍ତୁ ଏହି ସ୍ୱପନ ଯେ ଦିନେ ବାସ୍ତବରେ ପରିଣତ ହେବ, ଏହି ଥିଲା ବନ୍ଧୁଙ୍କର ଧାରଣାର ଅତୀତ ।

ଜୀବନର ମଧୁମୟ ସନ୍ଧ୍ୟା । ବନ୍ଧୁଙ୍କର ଚିର ସହଚରୀ ହୋଇ ଆସିଲେ ରାଜକନ୍ୟା । ବନ୍ଧୁ କହିଲେ ମୁକ୍ତ ଆକାଶର ବିହଗ ଆମେ— ମୁକ୍ତ ବନପକ୍ଷୀ ପରି ଆମେ ସ୍ୱାଧୀନ ଓ ଆନନ୍ଦରେ ଭରପୂର । ବାନ୍ଧବୀ ହସିଲେ ମନଖୋଲା ହସ । ସେହି ହସ ତଳୁ ଫୁଟି ଉଠିଲା ଦୁହିଁଙ୍କ ଦାମ୍ପତ୍ୟ ଜୀବନର ଶୁଭ୍ର ଶତଦଳ । ଯଉବନର ମାୟାଜାଲରେ ଛନ୍ଦି ହୋଇ ପଡ଼ିଲେ ଦୁହେଁ । ଦୁହେଁ କହିଲେ ଆମେ ସ୍ୱପନପୁରୀର ଯାତ୍ରୀ ।

ଅଦେଖା ଦେବତାର ନିଷ୍ଠୁର ଇଙ୍ଗିତ । ବଂଧୁକୁ ଇସାରା ଦେଇ କେ କୁହେ, ଆସ ସାଥୀ—କର୍ତ୍ତବ୍ୟ ଯେ ତୁମ ସମ୍ମୁଖରେ । ବଂଧୁ ହେଲେ ବିଦେଶୀ । ଆଖି ପାଣି ଆଖିରେ ମରେ—ସ୍ୱପ୍ନ ଯାଏ ଭାଙ୍ଗି । ପୀରତିର ସୁନା ଦେଉଳ ଚୂନା ହୁଏ । ରାଜକନ୍ୟା କାନ୍ଦନ୍ତି କୁଟୀରର ନିଭୃତ କଣରେ ।

ଚିଠି ଆସେ—ବଂଧୁର ମନ ଉପରେ ଭାବନାର ରୁପେଲି ପରଦା ଦୋହଲି ଯାଏ । ବଂଧୁ କଳ୍ପନାର ଛବି ଆଙ୍କେ । ନିଜେ ଆତ୍ମହରା ହୁଏ—ସମୟ ସମୟରେ କାନ୍ଦେ । ଆଖିର ଲୁହ, ଅନ୍ତରର ବେଦନା ଏକ ହୋଇ ପ୍ରେୟସୀର ସ୍ମୃତିକୁ.....ସଜୀବ କରେ ।

ଦୁନିଆର ଘାତ ପ୍ରତିଘାତରେ ବଂଧୁ ଆଗେଇ ଚାଲେ । ସଂସାର ସାଗରରେ ଜୀବନ-ତରଣୀ ତା'ର ଭସି ଚାଲେ ଏକ ନୂତନ ଦେଶର ସଂଧାନରେ । ଝଡ଼ ଆସେ—ବଂଧୁର ତରଣୀକୁ ଅତଳ ସାଗରରେ ଲୀନ କରିବାକୁ ଚେଷ୍ଟା କରେ—କିନ୍ତୁ ପାରେନା । ତରଣୀ ଆହୁରି କ୍ଷିପ୍ର ଗତିରେ ଧାଏଁ । ସ୍ମୃତି-ଦୀପ ଆହୁରି ଉଜ୍ଜ୍ୱଳ ହୋଇଉଠେ । ବଂଧୁର ଅନ୍ତର କୁହେ, ରାଜକନ୍ୟା ତୁମେ କଣ ଆଜି ସାଥୀ ହେବନି ? ରାଜକନ୍ୟା ଉତ୍ତର ଦିଏନି—ସେ ଯେ ତାଠୁ ଆଜି ବହୁ ଦୂରରେ......

ଗାଁଗହଳର କୁଟୀର କଣରେ ରାଜକନ୍ୟା ଆଜି ବିଧୁରା । ସେ ଭାବେ— ଅତୀତକୁ ଭାବନାର ତୂଳି ମୁନରେ ରୂପ ଦିଏ । ଅନାଗତକୁ ସ୍ୱପ୍ନ ଦେଖେ । ମନର ବେଦନାକୁ ଚିଠିରେ ଜଣାଏ । ତଥାପି ଆକୁଳ ନୟନର ତୀବ୍ର ପିପାସା ତାର ବଂଧୁକୁ ଖୋଜେ । ଇମିତି ବିତିଯାଏ କେତେଦିନ—କେତେରାତି । ତଥାପି ବଂଧୁ ଫେରେନା । ଆଶାର ଫୁଲ ବନରେ ତା'ର ନିରାଶାର ଝଡ଼ ବହେ ।

Digitized by srujanika@gmail.com

ହଠାତ୍ ଯଉବନର କୁଞ୍ଜବନରେ ବାଜିଉଠେ ମିଳନର ବଂଶୀ । ବଂଧୁ ବିଦେଶରୁ ଫେରିଆସେ । ବାଂଧବୀ କଥା କୁହେନା; ଅଭିମାନରେ ତାର ଅନ୍ତର ମନ ପୂରି ରହିଥାଏ । ବଂଧୁ ତାକୁ ସରାଗରେ କୋଳକୁ ଟାଣିନିଏ । ଆଙ୍କିଦିଏ ତାର ଗଣ୍ଡ ଦେଶରେ ମୃଦୁ ଚୁମ୍ବନ । ବାଂଧବୀ ଭୁଲିଯାଏ ସବୁ । ବଂଧୁ କୁହନ୍ତି, ରାଜକନ୍ୟା, ବିଚ୍ଛେଦ ପରେ ମିଳନ ଯେ ସବୁଠାରୁ ସୁଖମୟ । ତା' ପରେ ପାରତିର ପକ୍ଷୀରାଜ ଘୋଡ଼ାରେ ବଂଧୁ ଓ ବାଂଧବୀ ଉଡ଼ି ଚାଲନ୍ତି ଏକ ଅଜଣା ରାଇଜକୁ । ଯେଉଁଠିକି ନାହିଁ ଦୁଃଖ, ନାହିଁ ଶୋକ, ଖାଲି ଅଛି ପ୍ରୀତି ଆଉ ଅନୁରାଗ ।

ମିଳନର ଦିନ ଶେଷ ହୋଇଆସେ । ଅସ୍ତ-ରବି ବିଦାୟର ଛବି ଆଙ୍କେ । ବଂଧୁ ବିଦେଶ ପଥର ଯାତ୍ରୀ ହେବାକୁ ପ୍ରସ୍ତୁତ ହୁଅନ୍ତି । ବାଂଧବୀ କୁହେ, ମୁଁ ତୁମର ସହଯାତ୍ରିଣୀ ହେବି ବଂଧୁ ! ବଂଧୁର ହୃଦୟ ଏକ ଅଜଣା ପୁଲକରେ ଭରିଉଠେ । ତା'ପରେ ଦୁହେଁ ବିଦେଶ ପଥର ଯାତ୍ରୀ ହୁଅନ୍ତି । ପଲ୍ଲୀ ଭୂଇଁ ପଡ଼ିରହେ ପଛରେ ।

ନଗରର ଶେଷ ସୀମାରେ ଦୁହେଁ ଆସି ବସା ବାନ୍ଧନ୍ତି, ବନ୍ଧୁ ଶ୍ରମ-କ୍ଳାନ୍ତ ଜୀବନ ନେଇ ଫେରିଆସେ ବସାକୁ । ନିଇତି ସେ ପାଏ ଶାନ୍ତି ଓ ଅଭିନବ ପରିତୃପ୍ତି । ଆଜି ଆଉ ବନ୍ଧୁର ହୃଦୟ ରାଜକନ୍ୟା ବିରହରେ ହାହାକାର କରେନା । ରାଜକନ୍ୟା ଆଜି ବି ଆଉ ବ୍ୟଥାରେ ଅଶ୍ରୁ ଢାଳେନା । ଦୁହେଁ ଆଜି ଏକ ନୂତନ ଦେଶର ପଥିକ । ଦୁହେଁ ଆଜି ପାଇଛନ୍ତି ପ୍ରୀତି ଓ ଶାନ୍ତି ।

ହଠାତ୍ ଆସେ ଝଡ଼ । ରାଜକନ୍ୟା ରୋଗଦ୍ୱାରା ଆକ୍ରାନ୍ତ ହୁଏ । ବନ୍ଧୁ ସେବା କରେ । ରାତି ଯାଏ—ଦିନ ଆସେ । ତଥାପି ବନ୍ଧୁର ସେବା ଶେଷ ହୁଏନା । ସବୁ ଚେଷ୍ଟା ଦିନେ ବିଫଳ ହୁଏ—ରାଜକନ୍ୟା ଚାଲିଯାଏ ତାକୁ ପର କରି । ଦିନକ ପାଇଁ ନୁହେଁ—ସବୁଦିନ ସକାଶେ । ବନ୍ଧୁ କାନ୍ଦେ ରାତି-ରାତି, ଦିନ ଦିନ—କିନ୍ତୁ ତଥାପି ରାଜକନ୍ୟା ଆସେନାଁ ।

ସଂସାର, ଘରଦ୍ୱାର ଛାଡ଼ି ବନ୍ଧୁ ଆଜି ଏକ ସୀମାହୀନ ପଥର ଯାତ୍ରୀ । ସାଥୀ ତା'ର ବଇଁଶୀ ଖଣ୍ଡେ । ସେଇ ଆଜି ଦେଇଛି ତାକୁ ନୂତନ ସନ୍ଧାନ । ବଇଁଶୀର ସୁରରେ ସେ ତାନ ଦିଏ—ବଂଶୀ ତା'ର ବାଜେ ଏକ ଲଳିତ ବିରହତାନେ । ସତେ ଯେପରି ସେହି ସ୍ୱରରେ ସେ ରାଜକନ୍ୟାକୁ ଡାକେ ।

କିନ୍ତୁ ତଥାପି ରାଜକନ୍ୟା ଫେରେନା ।

କେତେ ଦେଶ, କେତେ ପ୍ରାନ୍ତର, କେତେ ଦୂର ଅତିକ୍ରମ କରି ବନ୍ଧୁ ଆଗେଇଥିଲେ । ତା'ର ବଂଶୀର ସ୍ୱରରେ ଗଛ, ଲତା, ଗିରିକନ୍ଦର, ନଦୀ, ନାଳ, ପଶୁ ପକ୍ଷୀ ସମସ୍ତେ ହୁଅନ୍ତି ଆତ୍ମହରା—କିନ୍ତୁ ଭ୍ରାନ୍ତ ମଣିଷ ବୁଝେନାଁ—ଲୋକେ ତାକୁ କୁହନ୍ତି ପାଗଳ ।

Digitized by srujanika@gmail.com

• ମରମଫଟା ଅତୀତ

ଦିନାନ୍ତ ।

ମ୍ଲାନ ରବିର ଶେଷ ଆଲୁଅ ଲିଭି ଲିଭି ଆସୁଥିଲା । ଧରାଉପରେ ଅସ୍ତରାଗର ଗୋଲାପି ଆବରଣ । ପକ୍ଷୀର କାକଳୀରେ ଶୁଣାଯାଉଥିଲା—ନୀଡ଼ବାହୁଡ଼ା ତାନ । ଧୀରେ ଧୀରେ ସନ୍ଧ୍ୟା ଆସିଲା । ଦିନର ଶେଷ ଆଲୁଅ ମ୍ଲାନରୁ ମ୍ଲାନତର ହୋଇ ଲିଭିଗଲା । ଠିକ୍ ତେତିକିବେଳେ ଆରପାଖରୁ ବାପ ଭୋ' କରି କାନ୍ଦିଉଠିଲା । ଭାବନାର ତନ୍ଦ୍ରା ମୋର ଭାଙ୍ଗିଗଲା । ଦେଖେ ସବୁଶେଷ—ଏକମାତ୍ର କୁଳର ପ୍ରଦୀପ, ନୟନର ମଣି, ପିତାମାତାଙ୍କର ଅତି ଆଦରର ପୁତ୍ର ସୁର ଆଜି ଜୀବନର ଶେଷଶଯ୍ୟାରେ । ଆଖିରୁ ମୋର ଲୁହ ଧାର ଧାର ହୋଇ ଗଡ଼ିପଡ଼ିଲା । କେଇଟା ଦିନର ବା ଜର, ସେ କଣ ଏତେ ଶୀଘ୍ର ପରକରି ଦେବ ବୋଲି ମୁଁ ଜାଣିଥିଲି ! ସାତଟି ବର୍ଷ ହେଲା—ବାପର ସବୁ ସ୍ନେହ ତା'ରି ଉପରେ—ଦୁଃଖ ବୋଲି କଣ ସେ ଜାଣି ନାହିଁ । କିନ୍ତୁ ଆଜି...... ....ହାଃରେ ବିଧାତା, ଅତୀତ ଉପରେ ଆଜିର ଏହି ଘଟଣାଟି ଶେଷ ଯବନିକା ଟାଣି ଦେଇଗଲା ।

ନଇକୂଳ ମଶାଣି । ତାହାରି ଉପରେ ଗହଳିଆ ଝଙ୍କା ଅଶ୍ୱତ୍ଥ ଗଛଟା ଦାନ୍ତାଡ଼ ପରି ଛିଡ଼ା ହୋଇଛି । ବିଲୁଆ କୁକୁରଗୁଡ଼ା ରହି ରହି କିଆଁ ବୁଦାମୂଳ ଭୁକି ଉଠୁଛନ୍ତି, ରାତ୍ରି ପ୍ରାୟ ଅନେକ—ଅନ୍ଧକାର ଗାଢ଼ । ସେହି ଅନ୍ଧକାର ଭେଦକରି ମଶାଣିଭୂଇଁରେ ଶୋଇଦେଇ ଆସିଲି ଚିରଦିନ ପାଇଁ ସୁରକୁ ମୋର । ଅନ୍ତରର ବ୍ୟଥା ଓ ଆଖିର ଲୁହ ଦେଇ ପିତାର କାର୍ଯ୍ୟ ଶେଷ କରିଦେଲି, ଯେତେବେଳେ ଫେରି ଘରେ ଆସି ପହଞ୍ଚେ, ବାପ କାନ୍ଦି କାନ୍ଦି ପାଦତଳେ ମୋର ଲୋଟିଗଲା । କହିଲା ସୁରକୁ ମୋର କେଉଁଠି ଛାଡ଼ିଦେଇ ଆସିଲ ? ଭାଷା ମୋର ନ ଥିଲା. ମୁଁ ନିର୍ବାକ ନିସ୍ପନ୍ଦ ।

× × ×

ପ୍ରତିଦିନ ସକାଳ ଯାଏ—ସଞ୍ଜ ଆସେ । ବାପ ଉତ୍ସୁକ ଦୃଷ୍ଟିରେ ଦାଣ୍ଡ ଦରଜାରେ ଛିଡ଼ାହୋଇ କାହାକୁ ଯେପରି ଚାହିଁରହେ । ଭାବେ, ସୁର ହୁଏତ ତାକୁ ଭୁଲିନି—ଧୂଳିରେ ଲୋଟି ଧୂଳିଆ ଧୂସର ହୋଇ ପୁଣି ହୁଏତ ସେ ଫେରି ଆସିବ । କିନ୍ତୁ ସେ ସ୍ୱପ୍ନ ତାର ସ୍ୱପ୍ନରେ ମିଳାଇଯାଏ ।

ବାବୁ ଗୋଟେ ପଇସା ।

କା'ର ସୁଲଳିତ ସ୍ୱରପରି ଜଣାଗଲା । ଘରୁ ବାହାରି ଆସି ଦେଖେଁ ଦାଣ୍ଡ ଦରଜାରେ ଗୋଟିଏ ଭିକାରୀପିଲା । ଦେହରେ ଜୀର୍ଣ୍ଣ, ମଳିନ ପରିଧେୟ । ବୟସ ଛ' କି ସାତ ହେବ । ସସ୍ନେହ ଦୃଷ୍ଟିରେ ତାହାରି ଆଡ଼କୁ ଚାହିଁ ରହିଲି ।

Digitized by srujanika@gmail.com

ଏଁ, ଏ ଯେ ଠିକ୍ ସୁରପରି—ତା'ରି ଆଖି—ତାରି ମୁଖ—ତାରି ହାତ ଅବିକଳ । ଅତୀତର ଛବି ଗୋଟି ଗୋଟି ହୋଇ ନାଚିଉଠିଲା, ଆଖି ମୋର ଅଦେଖାରେ ଅଶ୍ରୁସିକ୍ତ ହେଲା ।

ବାବୁ, ତମେ କାନ୍ଦୁଚ ?

ବାଳକର ଏହି ଲଳିତ ଅମୀୟଭରା ପ୍ରଶ୍ନରେ ମୁଁ ସଂଯତ ହୋଇ କହିଲି, ହୁଁ ବାଳକ ମୁଁ କାନ୍ଦୁଚି । ଜାଣୁ ? ତୋରିପରି—ଠିକ୍ ତୋରି ପରି ଗୋଟିଏ ବାଳକ ମୋତେ ଅଦିନରେ ଫାଙ୍କି ଦେଇଗଲା ବୋଲି । ବାଳକର ଆଖିରେ ଲୁହ ।

ସ୍ନେହରେ ତାକୁ କୋଳକୁ ଆଉଜାଇ ଆଣି ପଚାରିଲି, ଆଚ୍ଛା ବାଳକ, ତୋର ନାମ କଣ ? ତୋର ଆଉ କିଏ ଅଛି ?

ମୋ ନାଁ ସୁର । ଆଉ କେହି ନାହିଁ ବାବୁ । ବୋଉ କହେ, ସମସ୍ତେ ମରିହଜି ଗଲେ—ସେହି ଦିନଠୁ ବୋଉ ଘର ଛାଡ଼ିଥିଲା । ପରଦୁଆର ବୁଲି ମାଗିଯାଚି ଆଣି ଖୁଆଏ । ବେଳେ ବେଳେ ବାପାଙ୍କ କଥା କହି କାନ୍ଦେ—ସେ ମୋତେ ଭାରି ଭଲପାଏ ବାବୁ ! କିନ୍ତୁ ଦିନେ ଜର ହେଲା—ଆରପାରି ଗାଁରେ ସେହି ଖେଣ୍ଡା ଆମ୍ବଗଛ ମୂଳେ ସେ ମରିଗଲା । ସେହି ଦିନଠୁ ମୁଁ ଅନାଥ ବାବୁ ।

ଆଖିରୁ ଲୁହ ପୋଛି ବାଳକ ଗାଲରେ ଗୋଟିଏ ସ୍ନେହର ଚୁମ୍ବନ ଦେଇ କହିଲି, ଆଚ୍ଛା ବାବା, ତୁ ମୋ ପାଖରେ ରହିବୁ ?

ବାବୁ ମୁଁ ଭିକାରୀ ଲୋକ ।

ନାରେ କିଏ କୁହେ ତୁ ଭିକାରୀ ? ତୋର ଅନ୍ତର ତୋର ବ୍ୟଥାକୁ ଯେ ନ ଚିହ୍ନେ, ସେ ସିନା କୁହେ ଭିକାରୀ—କିନ୍ତୁ ଯେ ଚିହ୍ନେ ସେ କେବେ କୁହେନାଁ ରେ । ସେ କୁହେ, ମୋରି ଭାଇ, ମୋରି ବଂଧୂ । ତୁ ରହିବୁ ବାବା ?

ବାଳକ ମୋ ଆଡ଼କୁ ଘଡ଼ିଏ କାଳ ସସ୍ନେହ ଦୃଷ୍ଟିରେ ଚାହିଁ ସମ୍ମତି ଜଣାଇଲା । ମନେହେଲା, ସୁର ମୋତେ ଦିନେ ଫାଙ୍କିଦେଇ ଯାଇଥିଲା—ହୁଏତ ଆଜି ସେ ପୁଣି ଫେରି ଆସିଚି ଭିକାରୀ ବେଶରେ ପିତାର ଅନ୍ତର ବୁଝିବାକୁ । କି ଗୋଟାଏ ଅଜଣା ଆନନ୍ଦରେ ଅନ୍ତର ଉଦ୍‌ବେଳିତ ହୋଇଉଠିଲା । ଡାକିଲି ବାସ, ବାସ ।

ବାସ ସେ ଘରୁ ଆସି ଉତ୍ତର ଦେଲା—କ'ଣ ।

ଦେଖନି ଏ କିଏ ? ଆକୁ ତମେ ରଖିବ ? ବାସର ଚିହ୍ନିବାକୁ ଆଉ ବାକି ରହିଲା ନାହିଁ । ହଠାତ୍ ଆସି ତାକୁ କୋଳକୁ ନେଇ ପଚାରିଲା ତୋ ନାଁ କଣ ସୁର ? ବାଳକ ମୁଣ୍ଡ ହଲାଇଲା । ବାସର ମୁଖ ଅଜଣା ଆନନ୍ଦର ପରିତୃପ୍ତିରେ ଉଜ୍ଜ୍ୱଳ ହୋଇଉଠିଲା ।

Digitized by srujanika@gmail.com

ସେ ଦିନଠୁ ସୁର ବାସର—ବାସ ସୁରର । ବାସ କୁହେ ସୁର ମୋର ଫେରି ଆସିଚି—ସୁର କହେ ବୋଉକୁ ମୁଁ ଫେରି ପାଇଚି । ସବୁ ଅନୁରାଗ ସବୁ ସ୍ନେହ ଦେଇ ସୁରକୁ ବାସ ମଣିଷ କରିବାକୁ ଗଢ଼ି ତୋଳେ । ଆଜି ଆଉ ବାସ କା'ର ଅଭାବ ଅନୁଭବ କରେ ନାହିଁ । ମାତୃତ୍ୱର ଗୌରବ ନେଇ ସେ ଆନନ୍ଦରେ ଭରପୁର ।

× × ×

ଏଇଟା ମୋ ଫଟୋ, ମତେ ଦିଅ ବାବା ।

ସୁରର ବାରମ୍ବାର ଅଳିକୁ ଉପେକ୍ଷା କରିବାର ଶକ୍ତି ମୋର ନ ଥିଲା । ଛବିଟି କାଛରୁ କାଢ଼ି ତା' ହାତକୁ ଦେଲି । ସୁର ଆନନ୍ଦରେ ଦଉଡ଼ି ଗଲା ବାସ ପାଖକୁ । କହିଲା, ବୋଉ ଦେଖ୍‌ନି ମୋ ଛବି ।

ବାସ ଆଖିରେ ଲୁହ ଛଳ ଛଳ ହୋଇ ଆସିଲା । ମନେ ପଡ଼ିଲା—ଅନେକ ଦିନ ଆଗକାର କଥା । ସୁର ଜନ୍ମ ହେବାର ପାଞ୍ଚବର୍ଷ ବୟସରେ, ଏ ଫଟଟା ତୋଳା ହୋଇଥିଲା । ସେହିଦିନଠୁ ସେ ଟଙ୍ଗା ହୋଇଥିଲା କାଛରେ ଆମ ଦୁହିଁଙ୍କର ସ୍ନେହର ଜୟମାଲ୍ୟ ନେଇ । କିନ୍ତୁ ନିୟତିର ମରମଫଟା ଇଙ୍ଗିତ । କିଛି ଦିନପରେ ଦେଖିଲୁ ଯେ ଆମେ ତାକୁ ଜୟମାଲ୍ୟ ପିନ୍ଧାଇନୁ—ପିନ୍ଧାଇଛୁ ପରାଜୟର ମାଳା । ସେ ଚାଲିଗଲା—କେବଳ ରହିଲା ଆମର ବ୍ୟର୍ଥ ଜୀବନରେ ତା'ରି ସ୍ମୃତିର ଶ୍ରେଷ୍ଠ ପାଥେୟ—ଏହି ଫଟୋଟି ।

ଆଜି ସୁରର ଏହି ଛବି ଖଣ୍ଡି ଅତି ଆପଣାର । ସେ ତାକୁ ନେଇ କେତେ ଖେଳ ଖେଳେ କେତେ ସ୍ନେହର ଚୁମା ଦିଏ । ଆମ ଦୁହିଁଙ୍କ ଜୀବନରେ ଆସେ ଶାନ୍ତି—ଆମେ ତାକୁ ପାଇ ପୁତ୍ର ଶୋକ ଭୁଲୁ । ଦିନପରେ ଦିନ ଗଡ଼ି ଚାଲେ—ଦୁନିଆ ବଦଳେ । ଆଜିର ଫୁଲ କାଲିକି ଝାଉଁଳି ଝଡ଼ିଯାଏ—ପାଖୁଡ଼ା ତା'ର ଲୋଟେ ମାଟିରେ ।

ଶେଷରେ ଯେଇଆ ହେଲା । ଦେବତା ଆମର ପୂଜା ଗ୍ରହଣ କଲେ ନାହିଁ । ଆରାଧନା ବିଫଳ । ମାଳାରେ କୀଟ—ଦୀପ ଲିଭିଗଲା – ଚାରିଆଡ଼ ଅନ୍ଧାର । ସେଇ ଜର—ଚାରିଟା ଦିନ ଜରରେ ସୁର ଆମର ଚାଲିଗଲା । ଜୀବନରେ ହା' ହୁତାଶ ଭରି ମରଣର ଆଜି ବିଦ୍ରୂପ ପରିହାସ ।

ବାସ ଆଜି ପାଗଳିନୀ । ଯେତେ ବୁଝାଏ—ସେ ବୁଝେନା । ମା ହୋଇ କେତେ ସେ ସହ୍ୟ କରିବ । ତା'ରି କଥା ଭାବି ତାକୁ ଆଜିକୁ ଆଠଦିନ ହେଲା ଜର । ସବୁ ଚେଷ୍ଟା ସବୁ ଯତ୍ନ ସତ୍ତ୍ୱେ ବାସ ବି ମୋତେ ପର କରି ଦେଇ ଶେଷ ନିଦ୍ରା ଗଲା । ହାୟରେ ବିଧାତା, ତୋର କଣ ଏଇ ନିର୍ମମ ବିଚାର !

ନଈ କୂଳରେ ସେଇ ମଶାଣି । ଝଙ୍କା ଅଶ୍ୱତ୍ଥ ଗଛଟା ସେମିତି ଛିଡ଼ା ହୋଇଛି । ବିଲୁଆ କୁକୁରଗୁଡ଼ା ଡୁକୁଛନ୍ତି ଠିକ୍ ସେମିତି, କିଛି ପରିବର୍ତ୍ତନ

Digitized by srujanika@gmail.com

ହୋଇନି । ପରିବର୍ତ୍ତନ ଅଛି ସବୁଠି—କିନ୍ତୁ ଏଠି ନାହିଁ । ରାତ୍ରି ଅନ୍ଧକାର । ଏହି ଅନ୍ଧକାର ଭେଦ କରି ଦିନେ ପିତାର କାର୍ଯ୍ୟ ଶେଷ କରିଥିଲି —ଆଜି ସ୍ୱାମୀର କାର୍ଯ୍ୟ ଶେଷ କରି ଫେରିଲି ।

ଦିନ ଯାଉଛି । ଦୁନିଆଁରେ ସମସ୍ତେ କହନ୍ତି ମୋର । ମୋର ସ୍ୱାମୀ—ମୋର ପୁଅ । ମୁଁ ବି ଦିନେ କହୁଥିଲି । କିନ୍ତୁ ଆଜି ଦେଖୁଛି ମୋର କେହି ନାହିଁ । ଅଛି ଅନ୍ଧକାରମୟ ଭବିଷ୍ୟତ—ଆଉ ଅଛି ମରମଫଟା ଅତୀତ । ଅନ୍ତର କୁହେ ସମସ୍ତେ ପର—ଆପଣା ବି ପର । ମୋର ମୋର କହିବା ଭୁଲ—ଚିରଦିନ ଭୁଲ ।

●

Digitized by srujanika@gmail.com

● ବ୍ୟଥାର ଛାଇ

ସ୍ନେହର.........

ଜୀବନର ଯେ' କେତୁଟା କଥା ଆଜି ଅକୁହା ରହିଗଲା—ସେଇଆକୁ କହିବା ପାଇଁ ଦୀର୍ଘ ଦି' ବର୍ଷ ପରେ ଆଜି ଧରୁଚି କଲମ । ଏଇ ଦି' ବର୍ଷ ଭିତରେ ଦୁନିଆର କେତେ କଣ ପରିବର୍ତ୍ତନ ହୋଇଯାଇଚି; କିନ୍ତୁ ପରିବର୍ତ୍ତନ ହୋଇନି ଖାଲି ମୋର । କେତେ ନୂଆ କଥା ପୁରୁଣା ହୋଇ ଯାଇଚି; କେତେ ପୁରୁଣା ଭିତରୁ ନୂଆ ବି ଆଜି ଉଙ୍କି ମାରୁଚି । କିନ୍ତୁ ଜୀବନର ଯେ କେତୁଟା କଥା ପୁରୁଣା ଭିତରୁ ନୂଆ ହୋଇ ଉଙ୍କିମାରେ—ତା'ରି ଉପରେ ପଡ଼ିଥାଏ ମଣିଷ ଜୀବନର ବ୍ୟଥାର ଛାଇ । ସେ ଛାଇ ଅପସରିବାର ନୁହେଁ—ସେ ଛାଇ ଦରଦ-ମିଶା ଛାଇ; ସେ ଛାଇରେ ଦେଖାଯାଏ ମଣିଷର ବିଗତ ଜୀବନର କାରୁଣ୍ୟ ବୋଳା ଇତିହାସ ।

ଦି' ବର୍ଷ ଆଗକାର କଥା । ଟେଲିଗ୍ରାମ ପାଇଲି ମୋର ବାହାଘର—ଶୀଘ୍ର ଆସିବାକୁ ଘଟ୍ଟ ଅନୁରୋଧ । ତା'ପରେ ପାଇଲି ଚିଠି । ସେଥିରେ ବାପା ଲେଖିଥିଲେ "ତୋର ବାହାଘର ଏଇ ମାସ ପନ୍ଦରରେ—ଆଉ ମୋଟେ ଚାରିଟା ଦିନ ବାକି ରହିଲା—ତୁ ଶୀଘ୍ର ଆସିବୁ । ମୁଁ ଜବାବ ପତ୍ର ଛିଡ଼ାଇ ଦେଇଚି । ଝିଅଟି ଦେଖିବାକୁ ଖୁବ୍ ସୁନ୍ଦରୀ । ଗୋପାଳପୁର ଗାଁର ଶାମପଧାନ ଘର ।" ପୁଲିସ ଚାକିରୀ କଥା ତ ଜାଣ । ସେତେବେଳେ ମୁଁ ଥାଏ ସମ୍ବଲ-ପୁରରେ । ଛୁଟି ହେଲାନି—ବାହାଘର ଦିନ ଗଡ଼ିଗଲା ।

ତା'ପରେ ଶୁଣିଲି ବରଧର ଆସି ଫେରି ଯାଇଛି । ଘରେ ସମସ୍ତଙ୍କ ମନରେ ଦୁଃଖ—ବାପା ବୋଉଙ୍କୁ ଏ ଅପମାନ ବେଶୀ ବାଧିଛି । ଏହାପରେ ବାପା ନିଜେ ଆସିଲେ ମୋତେ ନେବାକୁ । ମୁଁ ଗଲେ ପୁଣି ବାହାଘର ଦିନ ସ୍ଥିର ହେବ । କେତେ ଖୋସାମତିରେ ପନ୍ଦରଟା ଦିନ ଛୁଟି ହେଲା—ଘରକୁ ଫେରିଲି ।

ପୁଣି ବିବାହ ସ୍ଥିର ହେବାର ପ୍ରସ୍ତାବ ଚାଲିଲା—ମାତ୍ର ଝିଅଘର ଗ୍ରାମର ଲୋକମାନେ ରାଜି ହେଲେନି । ବରଧର ଆସି ଫେରିଯାଇଛି, ଏ ଅପମାନ ଖାଲି ଶାମ ପଧାନର ନୁହେଁ—ସାରା ଗୋପାଳପୁର ଗାଁର । ସୁତରାଂ ଗାଁ ଲୋକେ ଜେଦ୍ ଧରିଲେ ବିବାହ ଅନ୍ୟ ଜାଗାରେ ଦେବାକୁ ହେବ । କିନ୍ତୁ ଶୁଣିବାକୁ ମିଳିଲା ଝିଅର କୁଆଡେ ଇଚ୍ଛା ସେଠି ନୁହେଁ—ତା'ର ଇଚ୍ଛା ଆମ ଘରେ । କିନ୍ତୁ ଗାଁ ଲୋକଙ୍କ ଜିଦ୍ ପାଖରେ ତା'ର ସେ ଇଚ୍ଛା ବଳି ପଡ଼ିଲା । ବିବାହ ତା'ର ଅନ୍ୟ ଜାଗାରେ ହୋଇଗଲା । ଇମିତି କେତେ ଝିଅଙ୍କର ସ୍ୱାଧୀନ ମନୋବୃତ୍ତି ବଳିପଡେ

Digitized by srujanika@gmail.com

ସମାଜର ଅନ୍ୟାୟ ଶାଣିତରେ—ତା'ର ହିସାବ ଖୋଜିଲେ ଆଜି ମିଳେନା । କିନ୍ତୁ ସେହି କ୍ଷଣକର ଉତ୍ତେଜନାରେ ସମାଜ ଯେ ଭୁଲ କିଣେ, ସେ ଆଖିକୁ ଦେଖାଯାଏନା । ଦେଖାଯାଏ ତା'ର ଓଲଟା—ଯେ ଭୁଲ ନ କରେ ତା'ରି ଉପରେ ଦୋଷ ଲଦାହୁଏ—ସାରା ଦୁନିଆ ଯାକର ଦୋଷ ।

ତା'ର ବିବାହ ହେବାର ଦୁଇ ଦିନ ପରେ ମୋର ମଧ୍ୟ ବିବାହ ହୋଇଗଲା । ଜୀବନର ନୂଆ ଅଙ୍କ ଆରମ୍ଭ ହେଲା ଏଇଠି—ମନରେ ଯୌବନର ନୂଆ ନିଶା—ଅନ୍ତରରେ ଉତ୍ତେଜନାର ମୋହ—ସ୍ନେହର ଅଚ୍ଛେଦ୍ୟ ବନ୍ଧନରେ ଭୁଲିଗଲି ନିଜକୁ ନିଜେ । ବେଳେବେଳେ ମନେପଡ଼େ ସେହି ଝିଅ କଥା । ଯା'ର ଭାଗ୍ୟଡୋରି ଦିନେ ବନ୍ଧା ହୋଇଥାନ୍ତା ମୋ ସହିତ ଏହିପରି—ଇଚ୍ଛା ଥିଲେ ବି ହେଲା ନାହିଁ ।

ମୋର ବିବାହର ପାଞ୍ଚଦିନ ପରେ । ହଠାତ୍ ଖଣ୍ଡେ ଅଜଣା ଅଶୁଣା ଲୋକର ଚିଠି ପାଇ ମନଟା ଚଞ୍ଚଳ ହୋଇଉଠିଲା ।

ଲେଖାଥିଲା—

ଭାଇ ନିତ୍ୟାନନ୍ଦ,

ଆପଣଙ୍କ ନିକଟରେ ମୁଁ ଅପରିଚିତ—କିନ୍ତୁ ଆପଣ ମୋ ନିକଟରେ ନୁହନ୍ତି । ସେଥିପାଇଁ ଆଜି ଆପଣଙ୍କ ନିକଟରେ ମୋର ଅନୁରୋଧଟି ଖୁବ୍ ବଡ଼ । ଆଶାକରେ ଅନୁରୋଧଟି ଉପେକ୍ଷା ନ କରି ରକ୍ଷାକରିବେ ।

ପୁଷ୍ପକୁ ଆପଣ ବୋଧହୁଏ ଜାଣିଥିବେ । ଯା' ସହିତ ଆପଣଙ୍କର ବିବାହ ସମ୍ବନ୍ଧ ଉଠିଥିଲା ପ୍ରଥମ । ଗାଁ ଲୋକଙ୍କ ଜିଦ୍‌ରେ ପ୍ରସ୍ତାବ ଭାଙ୍ଗିଯିବା ପରେ ତା' ସହିତ ମୋର ଭାଗ୍ୟଡୋରି ବନ୍ଧା ହେଲା । କିନ୍ତୁ ମୋର ଅଦୃଷ୍ଟ ଭାଇ, ବିବାହ ହେବାର ଆଜକୁ ସାତଦିନ ହୋଇଗଲା—ପୁଷ୍ପ ସହିତ ପଦୁଟିଏ କଥା ବି ହୋଇନାହିଁ—କି ସେ ଆଜି ପର୍ଯ୍ୟନ୍ତ ଜଳାହାର ବି କରିନି । ଯେତେ ବୁଝାଇଲେ ସେ ବୁଝୁନି— ଖାଲି କାନ୍ଦୁଚି । ଶୁଣିବାକୁ ପାଇଲି, ସେ କୁଆଡ଼େ ଆପଣଙ୍କୁ ସ୍ୱାମୀ ରୂପେ ପାଇବାକୁ ଚାହୁଁଥିଲା । ସେଇଥିପାଇଁ ଏ ଚିଠି ଖଣ୍ଡି ଲେଖିଲି । ଆମ ଘରକୁ ଏ ଚିଠି ପାଇ ଶୀଘ୍ର ଆସିବେ । ଯଦି ଆପଣ ବୁଝାଇ ସୁଝାଇ ପୁଷ୍ପର ମନ ପରିବର୍ତ୍ତନ କରି ପାରନ୍ତି—ତେବେ ସେ ହେଲେ କିଛି ଖାଇବ । ନଚେତ୍ ବିନା ଆହାରରେ ସେ ମରିଯିବ ଯେ । ଶୀଘ୍ର ଆସିବେ ଭାଇ—ମୁଁ ବଡ଼ ଅଶାନ୍ତିରେ ଦିନ କାଟୁଛି ।

ସ୍ନେହର

ରାଜକିଶୋର

ଚିଠିଟି ପଢ଼ି ମୋର ମୁଣ୍ଡଟା ଘୂରିଗଲା । କାଳ ବିଳମ୍ବ ନ କରି ଉଦ୍‌ଭ୍ରାନ୍ତ ପରି ସାଇକେଲ ଛୁଟାଇ ଦେଲି ଯାଜପୁର ଅଭିମୁଖରେ ।

ତାଙ୍କ ଘରେ ପହଞ୍ଚିବା ମାତ୍ରେ ରାଜବାବୁ ମୋର ପରିଚୟ ପାଇ ଆଦର କରି ନେଇଗଲେ । ପୁଷ୍ପ ନିକଟରେ ପହଞ୍ଚିଲି । ମୋର ଆସିବା କଥା ରାଜୁବାବୁ

Digitized by srujanika@gmail.com

ପୁଷ୍ପକୁ ଭଣାଇ ବାହାରକୁ ଚାଲିଆସିଲେ । ହଠାତ୍ ପୁଷ୍ପ ମୋ ପାଦକୁ ଧରି କାନ୍ଦି ଉଠିଲା । ଅନେକ ବୁଝାଇ କହିଲି, ଦେଖ ପୁଷ୍ପ, ତମେ ଏପରି ହେଲେ କଣ ଚଳିବ ! ଯା' ସହିତ ତୁମେ ଆଜି ସ୍ନେହ ବନ୍ଧନରେ ବାନ୍ଧି ହୋଇଛ, ସେ କେତେ ସୁନ୍ଦର ଲୋକ, ତୁମପାଇଁ ତାଙ୍କ ଅନ୍ତର କେତେ ମହତ୍ । ତୁମେ ଏ ଦୁର୍ବଳତାକୁ ଭୁଲିଯାଅ,—ମଣିଷ ଯା' ଖୋଜେ ସେ କଣ ତା' ପାଏ ? ତା ଯଦି ସେ ପାଉଥାନ୍ତା, ତେବେ ଦୁନିଆଟା ଏତେ ଜଟିଳ ହୁଅନ୍ତା ନାହିଁ । ଅତୀତକୁ ଭୁଲିଯାଅ—କର୍ତ୍ତବ୍ୟ ସମ୍ମୁଖରେ । ସୁନାର ସଂସାର ଗଢ଼ିବାକୁ ମନରେ ସାହସ ଆଣ । ଏପରି ହେଲେ ଆଜି ଲୋକେ କଣ କହିବେ ! ଟିକକ କଥାକୁ ତାଳକରି ଦୁନିଆ ଆଗରେ ଧେଣ୍ଡୁରା ପିଟିବେ । ଏକଣ ଭଲ ହେବ ପୁଷ୍ପ ?

ସେ କିଛି କହୁ ନ ଥାଏ—ଖାଲି କାନ୍ଦୁଥାଏ । ଅନେକ ବୁଝାଇବା ପରେ ସେ ଖାଇଲା । ବିଦାୟ ନେଇ ମୁଁ ଫେରିଲି ଘରକୁ । ଆସିଲା ବେଳେ ପୁଷ୍ପର ସ୍ୱାମୀ ମୋର ହାତ ଧରି କହିଲେ, ବନ୍ଧୁ ! ତୁମର ଋଣ ମୁଁ ଜୀବନରେ ଭୁଲି ପାରିବି ନାହିଁ ।

ଆଠଦିନ ପରେ । ହଠାତ୍ ଗୋଟିଏ ଟେଲିଗ୍ରାମ ପାଇଲି । ଲେଖାଥିଲା, ଭାଇ ! ପୁଷ୍ପ ଆତ୍ମହତ୍ୟା କରି ମରିଛି । ତୁମେ ଥିଲାବେଳେ ସେ ଯେଉଁ ଥରଟି ମାତ୍ର ଖାଇଥିଲା— ତା'ପରେ ସେ ଜଳ ସ୍ପର୍ଶ ବି କରିନି । ଦୁଃଖ ଏତିକି, ସେ ଭୁଲ କରିବା ପୂର୍ବରୁ ମୋର ଅନ୍ତର ଥରେ ଚିହ୍ନିଲା ନାହିଁ ।

ରାଜକିଶୋର

ମୁଣ୍ଡଟା ମୋର ଘୂରିଗଲା । ସତେ ଯେପରି ଚାରିଆଡ଼ ମୋତେ ଅନ୍ଧାର ଦେଖାଗଲା । ସେଇ ଅନ୍ଧାର ଭିତରେ କାଂଚ ଗୋଟାଏ ଲୁହବୋଳା ମୁଖ ଭାସି ଉଠୁଥିଲା । ଅନ୍ତର ଯେପରି କହି ଉଠୁଥିଲା, ପୁଷ୍ପ ତୁମେ ଏ କଣ କଲ ?

ସେହି ଦିନଠୁ ଜୀବନଟା ଉପରେ ମୋର ଘୋର ଅବିଶ୍ୱାସ ଆସି ଯାଇଛି । ସବୁବେଳେ ବସି ଭାବେ ତା'ରି କଥା—କାହିଁକି ସେ ମଲା ? ଏ ମୃତ୍ୟୁ ଲାଗି ଦାୟୀ କିଏ ? ମୋର ଏପରି ଭାବ ଦେଖି ତମେ ତ କେତେବାର ପଚାରିଚ, ସତ କୁହ ତୁମର କଣ ହୋଇଛି । କିନ୍ତୁ କହି ନ ଥିଲି କାହିଁକି ତା' ତମେ ବା ଜାଣିବ କିପରି ? ଆଜି ଦୀର୍ଘ ଦୁଇବର୍ଷ ପରେ ବଳେ ବଳେ କଲମ ଧରିଲି ସେଇ କଥା କହିବାଲାଗି । କହିଲି, ନାରୀ ତମେ—ତମେ ବୁଝିବ ଅନ୍ତରର କଥା —ପ୍ରତିଦାନରେ ଢାଳିଦେବ ଆଖିର ଲୁହ । କିନ୍ତୁ ଏ ପ୍ରତିଦାନ ପୁରୁଣା— ସମସ୍ତେ ଦେଇଥାନ୍ତି । ତମେ ଯଦି ଏହା ବଦଳରେ କିଛି ନୂଆ ଦେଇ ପାରିବ ତେବେ ସିନା ଜାଣିବି ବ୍ୟଥା ମୋର କିଛି ଲାଘବ ହୋଇଛି । ଏହି ଆଶାରେ ରହିଲି । ଏତିକି—

ତମର

Digitized by srujanika@gmail.com

● ମଣିଷ

ଦୂରରେ ଦେଖା ଯାଉଛି ଧନୀର ସୁବୃହତ୍ ଅଟ୍ଟାଳିକା—ପାଖକୁ ଲଗି ଉଦ୍ୟାନ, କେତେ ସୁନ୍ଦର ସୁନ୍ଦର ଫୁଲ ସେଠି ଫୁଟିଛି । କେତେ ଜାତିର ବୃକ୍ଷଲତା ଦ୍ୱାରା ଉଦ୍ୟାନଟି ସୁଶୋଭିତ – ଉଦ୍ୟାନର ଚତୁଃପାର୍ଶ୍ୱରେ ପ୍ରାଚୀର । ଫାଟକ ସମ୍ମୁଖରେ ସଶସ୍ତ୍ର ଦ୍ୱାରରକ୍ଷୀ ଦଣ୍ଡାୟମାନ । ଫାଟକ ପାଖରୁ କୃଶ ମସୃଣ ରାସ୍ତାଟି ଲମ୍ବି ଯାଇଛି ଅଟ୍ଟାଳିକା ଯାଏ । ଅଟ୍ଟାଳିକାର ଗଠନରୀତି ଖୁବ୍ ଉଚ୍ଚ ସ୍ତରର । ଲୋକେ କୁହନ୍ତି ସହରର ସବୁଠୁ ଏହା ବଡ଼ ଓ ସୁନ୍ଦର ଅଟ୍ଟାଳିକା—ରାଜପ୍ରାସାଦ ପରି ।

ଅଟ୍ଟାଳିକାର ଫାଟକ ନିକଟରେ ନିର୍ଜୀବ ଅସ୍ଥିକଙ୍କାଳସାର ଭିକାରୀ ବୁଢ଼ାଟିଏ । ମଣିଷର ସକଳ ସତ୍ତା—ସବୁ ଗଉରବ ତାଠୁ ଲୋପ ପାଇବାକୁ ବସିଲଣି । ଦରମଲା ଜୀବଟି ପରି ସେ ପ୍ରାଚୀର ନିକଟରେ ପଡ଼ି ରହିଛି । ମୁଖରେ ଭାଷା ନାହିଁ—ଲୋତକ ଛଳ ଛଳ ଆଖିରେ ସେ ହାତ ପତାଇ ଚାହିଁ ରହିଛି । ବଡ଼ଲୋକ ଘର—କାହାର ଯଦି ଦୟା ହୁଏ ! ଧନୀ ଘରକୁ କେତେ-ଲୋକ ଅନବରତ ଆସନ୍ତି । କେତେ ମଟର, କେତେ ଗାଡ଼ି ତା'ରି ପାଖଦେଇ ଚାଲିଯାଏ । ସେ ଖାଲି ଚାହିଁ ରହେ ସେହିପରି—ଆଖିର ଲୁହ ତା'ର ଶୁଖି ଆସେ ।

× × ×

ଛିଣ୍ଡା କପଡ଼ା ପରିହିତ ଭିକାରୀ ବୁଢ଼ୀଟିଏ । କୋଳରେ ତା'ର ଅଧମରା ଦୁଇବର୍ଷର ଶିଶୁ, ସହରର ଅଗଣିତ ଜନତା ମଧ୍ୟରେ ସେ ବି ଜଣେ । କିନ୍ତୁ ମଣିଷପରି ବଞ୍ଚି ରହିବାର କ୍ଷମତା ତା'ର ବି ନାହିଁ । ସହରରେ କେତେ ଧୋବଧୋବଲିଆ ବାବୁଙ୍କୁ ସେ ଦେଖେ—କଣ ଭାବି ଯେ ବାବୁଙ୍କ ପାଖକୁ ଛୁଟିଯାଏ । କେତେ କାକୁତି ମିନତି ହୋଇ ସେ କହେ – ବାବୁ, ଗୋଟେ ପଇସା । ବାବୁ ଶୁଣେନା - ଚାଲିଯାଏ । କେଉଁ ବାବୁଙ୍କୁ ଛୁଇଁ ପକାଇଲେ ସେ ନାସିକା କୁଞ୍ଚିତ କରି କଟମଟ କରି ଚାହେଁ । ଭିକାରୁଣୀ ବିଚରା ଭୟରେ ସେଠୁ ଫେରେ । କେଉଁ ବାବୁ ଯଦି ପଇସାଏ ଦି'ପଇସା ଦିଏ; ଭିକାରୁଣୀ ବିଚରୀ ବାରମ୍ବାର ତାଙ୍କୁ ଜୁହାର କରି ତା'ଆଡ଼କୁ କୃତଜ୍ଞତାପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହେ । ଭୋକରେ ତହଳ ବିକଳ ହୋଇ ପିଲାଟି କାନ୍ଦେ । ମା' ତା'ର ଯେତିକି ପଇସା ପାଇଥାଏ—ସେତିକିରେ ଯା' ଆଣିଦିଏ ତହିଁରେ ପିଲାଟିର ଭୋକ ମରେନା—ସେ ଖାଲି କାନ୍ଦେ । ଭିକାରୁଣୀବି ଶେଷକୁ ଧୈର୍ଯ୍ୟଚ୍ୟୁତ ହୋଇ କାନ୍ଦିଉଠେ । ଏ କାନ୍ଦଣାର ମୂଳ କେହି ବୁଝେନା—ଦୁନିଆଁ ବି ବୁଝେନା ।

Digitized by srujanika@gmail.com

× × ×

ସହରର ଫୁଟ୍‌ପାଥର ଆବର୍ଜନା ସ୍ତୂପ । ସେଠି କେତେଗୁଡ଼ିଏ ଦରମଲା ମଣିଷ ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ । କେତେ ଖୋଜି ଖୋଜି ସେମାନେ ଯା' କିଛି ପାଆନ୍ତି—ସେଥିରେ ପେଟ ଭରେନା । ଧକେଇ ଧକେଇ ସେଇ ଫୁଟପାଥ୍ ଉପରେ କିମ୍ବା ସହରର କେଉଁ ବୃକ୍ଷ ମୂଳରେ ପଡ଼ିରହନ୍ତି । ହୁଏତ କିଛିଦିନ ପରେ ସେମାନେ ଗୋଟିକ ପରେ ଗୋଟିଏ ଅନ୍ତିମ ପଥର ଯାତ୍ରୀ ହୁଅନ୍ତି । ଫୁଟପାଥ୍‌କୁ ଲାଗି କେତେ କେତେ କୋଟିପତି ଧନୀଲୋକଙ୍କ ଘର । ଆଜି ଡିନର୍, କାଲି ଟି ପାଟି—ପିକ୍‌ନିକ୍, କେତେ ଖାଇ ସେମାନେ କେତେ ଫୋପାଡ଼ି ଦିଅନ୍ତି । ଯେଉଁତକ ଫୋପାଡ଼ି ଦିଅନ୍ତି, ସେଇତକ ଗରିବ ମାଗିଖିଆଙ୍କୁ ବି ଜୁଟେନା ।

× × ×

ରାତି ହେଲେ ସିନେମା ଥିଏଟରରେ କେତେ ପଇସା ଉଡ଼େ । ସିନେମା ଭାଙ୍ଗିଲା ବେଳକୁ ଦଳ ଦଳ ହୋଇ ଭିକାରୀ-ଭିକାରୁଣୀଙ୍କର ମେଳା ବସେ ସେଠି । ବାବୁ ଗୋଟେ ପଇସା—ବାବୁ ଗରିବକୁ ଦୟାକର କେତେ କରୁଣ ମିନତି—ଆକୁଳ ଚିତ୍କାର । କିନ୍ତୁ ସେ ସବୁ ପବନରେ ଦୂରକୁ ଉଡ଼ିଯାଏ । ସିନେମା ଥିଏଟର ନିଶାରେ ଅମଣିଷଗୁଡ଼ାଙ୍କୁ ନଜର ପକାଇବାର ବେଳ ବାବୁମାନଙ୍କର ନ ଥାଏ ।

ଗାଁରୁ କେତେ ଭିକାରୀ ଆସନ୍ତି ସହରକୁ । ସେମାନେ ଭାବନ୍ତି ସହରରେ ଅଛନ୍ତି ଧନୀ ବଡ଼ଲୋକ.....କେତେ ପଇସା ମିଳିବ.....ଅଭାବ ରହିବନି । କିନ୍ତୁ ସେ ଆଶା ତାଙ୍କର ମରୀଚିକା ପରି ଉଭେଇ ଯାଏ । ଶେଷରେ ଦିନେ ଅସମୟରେ ମରଣ କୋଳରେ ଢଳି ପଡ଼ନ୍ତି । ହୁଏତ ମଣିଷ ଜୀବନର ଶାନ୍ତି ଓ ସାର୍ଥକତା ତାଙ୍କୁ ମୃତ୍ୟୁ ପରେ ହିଁ ମିଳେ ।

× × ×

ଏଇ ମଣିଷ । ଜଣେ ବଡ଼—ଜଣେ ଛୋଟ । ଜଣେ ଖାଇ ଖାଇ ଫୋପାଡ଼ିଦିଏ—ଆଉ ଜଣକୁ ଡା'ବି ଜୁଟେନା । ଜଣେ ପ୍ରାସାଦର ଖଟ ପଲଙ୍କର କୋମଳ ମସୃଣ ଶଯ୍ୟା ପରେ ଦିନ କାଟେ—ଆଉ ଜଣେ ସାରା ଜୀବନ ରାସ୍ତାର ଫୁଟ୍‌ପାଥ୍ ଉପରେ । ସେଇ ଟାଙ୍ଗର ଭୂଇଁରେ ପଡ଼ି ପଡ଼ି ମରେ—ମାଛି ଭଣଭଣ ହୁଏ—ଏଇ ମଣିଷ ପୁଣି ତାକୁ ଘୃଣାରେ ନାକ ଟେକେ ।

Digitized by srujanika@gmail.com

Digitized by srujanika@gmail.com

●●●

କବିତାଗୁଡ଼ିକ ଯୌବନର ବାସନା ସୁଗନ୍ଧିତ । ରଜନୀଗନ୍ଧା ଯେପରି ରାତିରେ ମହକି ଉଠେ, ଏହି ବୟସରେ ପ୍ରାଣରେ ଗୋଟାଏ ସୁଦୂରକୁ ଆପଣାର କରିବା ପାଇଁ ଆକାଙ୍‌କ୍ଷା ଜନ୍ମେ । କିନ୍ତୁ କବି, ଭାବୁକ ମୂର୍ତ୍ତି ଭିତର ଦେଇ ଅମୂର୍ତ୍ତିକୁ ଧରିବାକୁ ଚେଷ୍ଟା କରେ । ତାହାହିଁ କବିତାର ଜୀବନ । ସେହି କଥା ଏହି କ୍ଷୁଦ୍ର ବୃହତ କେତୋଟି କବିତାରେ ଅଛି । କବି ସବୁଦିନେ ଦରଦୀ । ସେଥିପାଇଁ ଯହିଁ ସେ ଆକୃଷ୍ଟ ତହିଁ ସେ ବଡ଼ ଦରଦୀ ଦେଖାଏ । କବିତା ସେହି ଦରଦର ପ୍ରକାଶ । ଏହି କବିତାଗୁଡ଼ିକରେ ଜୀବନର ଲୁଚକାଳି ଖେଳର ଅପୂର୍ବ ପରିବେଷଣ ହୋଇଅଛି ।

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

●

ଏହି କ୍ଷୁଦ୍ର କବିତା ସମଷ୍ଟି ତରୁଣ କବିଙ୍କ ଜୀବନର କେତେକ କୋମଳ ଅନୁଭୂତିକୁ ପ୍ରକାଶ କରିଛି । ଭାଷା, ଛନ୍ଦ ଓ ଭାବ ହୃଦୟକୁ ସ୍ପର୍ଶକରେ । ପ୍ରକାଶଭଙ୍ଗୀର ବୈଚିତ୍ର ପାଠକ ଚିତ୍ତରେ ଔତ୍ସୁକ୍ୟ ଆଣେ ଏବଂ ଛନ୍ଦର ପ୍ରତିଧ୍ୱନୀ ବାଜି ଉଠେ । ଏହି ଲେଖନୀର ସାର୍ଥକତା ଲାଗି ସାଧନା ଓ ଅନୁଶୀଳନ ଆବଶ୍ୟକ ।

ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

●●

Digitized by srujanika@gmail.com

✳ ପ୍ରେମ ରାଗ ✳

ସେ ଦିନର ସେହି ସୁରଭି ଛନ୍ଦେ
ଯେ କଥା କହିଲା ମରୁତ ସହି
ସଦ୍ୟଫୁଟା ଫୁଲ କହିଲା ଭ୍ରମର
ପରାଣ ବୀଣା ମୋ ଉଠିଛି ଗାଇ ।

ତାରାରେ ତାରାରେ ପଡ଼ିଲା ଚହଳ
ଫୁଲରେ ଫୁଲରେ ପଡ଼ିଲା ଡାକ
ନୀଳ ଗଗନରେ ଚାନ୍ଦ ହସିଲା
ସ୍ୱପ୍ନେ ଭାସିଲା ମରତଯାକ ।

ମାଟି କୁଟୀରର ଅଙ୍ଗନେ ବସି
ମୁଗ୍ଧ ହୋଇଲ ଜୋଛନା ରାଗେ
ମଉଳା ସୁଷମା ଉକୁଟି ଉଠିଲା
ପ୍ରେୟସୀ ତମରି ଅଙ୍ଗଭାଗେ ।

ଅନ୍ତର ମନ ମହକି ଉଠିଲା
ଜୀବନ-ବୀଣା ମୋ ଉଠିଲା ଥରି
ପ୍ରେମରାଗେ ସହି ରଂଜିତ କଲି
ବଦନ ତମର ପୁଲକ ଭରି ।

ସରମେ ସେଦିନ ଜୋଛନା ଲପନ
ଓଢ଼ଣା ଉଢ଼ାଲେ ପଡ଼ିଲା ନଇଁ
ହୃଦ-ସରସୀରେ ଫୁଟିଗଲା ମୋର
ମଧୁର ସୋହାଗ ପୀଚଡ଼ି-କଇଁ ।

ଚାନ୍ଦ ଲିଭିଲା ତାରା ମଉଳିଲା
ମଧୁ ନିଶି ଗଲା ମଦିରର ପାହି
ଫୁଟିଥିଲା ଫୁଲ ଧରଣୀ ଚୁମିଲା
ସ୍ମୃତି ନେଲା ଦୂରେ ସମୀର ବାହି ।

× × ×

ସେହିପରି ଦିନ କେତେ ବିତିଲାଣି
ଏ ଜୀବନେ ଆଜି ହିସାବ କାହିଁ
ସେଦିନ ନୂତନ ପୁଲକ ସ୍ପର୍ଶ
ଆଉ ତ ସଜନୀ ପାଉ ତ ନାହିଁ ।

Digitized by srujanika@gmail.com

* କାହିଁ ସେହି ମଧୁରାତି *

ତୁମେ ଯେବେ ସଖି ସରମେ
ଚରଣ ଚାଳିଲ ଧୀରେ
ପାଦର ନୂପୁର ରୁଣୁଝୁଣୁ ତାନ
ମିଳନର ଛନ୍ଦ ତୋଳିଲା ପୁରେ
ହସିଲା ବାସର ମଧୁର ରାତି
ଜନମ ଜନମ ହେଲ ତମେ ମୋର
ଅତି ଆପଣାର ପରାଣସାଥୀ ।

ରୁଦ୍ଧ କୁଟୀରେ ଜଳୁଥିଲା ଦୀପ
ପ୍ରଥମ ପ୍ରଣୟ ଗୋପନ ସାକ୍ଷୀ
ପଚାରିଲି ସଖି ନାମ ତୁମ କିସ
ଓଢ଼ଣା ଉଢାଳେ ବଦନ ରଖି
ଅସ୍ପଷ୍ଟ ସ୍ୱରେ କହିଲ ....ରେଣୁ
ଅଳସ ପ୍ରଣୟେ ଟାଣିଲି ମୁଁ କୋଳେ
ଲାଜ ଲାଜ ହେଲ ସରମେ ତେଣୁ ।

ବାତାୟନ ଦେଇ ଉଛୁଳା ଚାନ୍ଦିନୀ
ପଡ଼ିଥିଲା ଆମ ସପନପୁରେ
ପୁଷ୍ପିତ ଶତ କୁସୁମର ବାସ
ପାଗଳ କରିଲା ବାରକୁ ବାରେ
ଭୁଲିଲା ସରମେ ପ୍ରେୟସୀ ମୋର
ମିଳନର ଛନ୍ଦ ଗୁଞ୍ଜରି ଉଠି
ରୁଦ୍ଧ କରିଲା ସରମ ଦ୍ୱାର ।

ଏ ଜୀବନେ ଆଜି ପ୍ରିୟା ପାଶେ ମୋର
କେତେ ନିଶି ଖାଲି ଗଲାଣି ବିତି
ପ୍ରଥମ ପ୍ରଣୟ ସଉରଭଭରା
ଶଶି ତାରକିତ ସେ ମଧୁରାତି ।

ଆଉ ତ କାହିଁକି ଆସେନି ବାରେ
ଗୋଟିଏ ଦିନର ସ୍ମୃତି ଖାଲି ରୁହେ
ଗୋଟିଏ ଦିନକୁ ଅଲିଖ ଗାରେ ।

●

Digitized by srujanika@gmail.com

✳ କ୍ଷଣିକା ✳

ସେ କେଉଁ ଦିନର କଥା ପଡ଼େ ଆଜି ମନେ
ଜୀବନର ଅଭୁଲା ଲଗନେ ।

ପଲ୍ଲୀବୁକେ ସରସୀ କୂଳରେ
ନିଛାଟିଆ ଦିବା ଦ୍ୱିପହରେ
ସଜ ଶତଦଳ ପରି ସେ କେଉଁ କିଶୋରୀ
ସ୍ନାନ ସାରି ପଣତ ଚିପୁଡ଼ି
ଫେରିବାକୁ ନିଜ ପଲ୍ଲୀପୁରେ
ତରବର ହେଉଥିଲା, ଏତିକି ବେଳରେ
ତା ସାଥେ ମୋ ଭେଟ
ସରଳା କିଶୋରୀ ସିଏ ଭୁଲିଗଲା ବାହୁଡ଼ିବା ବାଟ ।

ଚାହିଁଲା ସେ ବାର ବାର ମୋତେ
ମୁଗ୍ଧ ନୟନ ତାର ଯେପରିକି କହୁଥିଲା ସତେ
କିଏ ତୁମେ ଆଜି
ଚଲାପଥେ ଦେଲ ମୋର ଶତ ଫୁଲ କୋମଳତା ସାଜି ।

ଆଖିର ମିଳନେ ଖାଲି
ଜୀବନରେ ସ୍ମୃତି କରି ସାର
ଫେରିଲି ମୁଁ ନିଜ ପଥେ
ତଥାପି ସେ ଚାହେଁ ବାରବାର ।

ଅବୋଧ କିଶୋରୀ
କ୍ଷଣିକ ପାଇଁ ସେ ମୋତେ ନେଲା ଅତି
ଆପଣାର କରି ।

ମରମର କେତେ କଥା
ଫୁଟି ଆଜି ଗଲାଣି ମଉଳି
କାହିଁ ସେ କେଉଁଠି ଥିବ
ତଥାପି ତା କଥା ହୁଏ ଭୁଲି ।
ମନ କୁହେ ଅବୋଧ ରୂପସୀ
କେବେ କେଉଁଦିନ ଦେଖା ଦେବୁ ପଥେ ମୋର ଆସି ।

●

Digitized by srujanika@gmail.com

✳ ସେଇ ପଥେ ✳

କେଉଁ ଗୋଧୂଳିର
ସୁନେଲି କିରଣେ
ଦେଖିଛି ମୁଁ ତାକୁ ନାହିଁ ମନେ
ସପନ ରଇଜ
ଅପସରୀ କିବା
ଫୁଲରଣୀ ସିଏ ଫୁଲବନେ ।

ପଥଚ୍ଚରୀ ମୁହିଁ
ପଥ ଚ୍ଚଲୁଥିଲି
ସୁଦୂର ସେ ଗାଁ ନଈଧାରେ
ଗୋଧୂଳି-ମଉଳା
ରୂପଶିରୀ ନେଇ
ଚ୍ଚହିଁ ସେ ଲୁଚିଲା ବାରେ ବାରେ ।

ସେଇ ପଥେ ଆଜି
ଯାଏ ଯଦି କେବେ
ଆପେ ଆପେ ଆଖି ଖୋଜେ କାରେ
ମନ କୁହେ କାହିଁ
ସେଦିନ ରୂପସୀ
ଚ୍ଚହୁଁଥିଲା ସିଏ ନଈଧାରେ ।

ପାଦର ଗତି ମୋ
ଶିଥିଳ ହୁଅଇ
ନିରେଖି ଚ୍ଚହେଁ ମୁଁ କାହିଁ କାରେ
ପିପାସା ମରେନା
ତଥାପି ଖୋଜେ ମୁଁ
ସେଇ ପଥେ ଯାଏଁ ଯେତେ ବାରେ ।

●

Digitized by srujanika@gmail.com

✳ ମରଣେ କି ଖାଲି ରହିବ ଲେଖା ✳

ମନେ ପଡ଼େ ଆଜି ଜୀବନର ଶେଷ ଦିନେ
କେବେ କେଉଁଦିନ ତା ସାଥେ ମୋ ଦେଖା
ଯଉବନ ଫୁଲବନେ
ସେହି ମୋର ପରିଚୟ
ଆଖିର ମିଳନେ ହସ ଝରଇ ସେ ଅନ୍ତର କଲା ଜୟ ।

ମଧୁରେ ଭାଷିଲା, ସଖା ହେ ଜୀବନ ତମସା-ପଥେ
ପ୍ରଦୀପ କରେ ଚାଲିବି ତୁମରି
ସହଚରୀ ରୂପେ ନେବ କି ମୋତେ
ଭୁଲିଲା ମୁଗ୍ଧ ସରଳ କବି
କଳପନା କୁଞ୍ଜେ ବରିନେଲି ତା'ରେ ନିତିଦିନ କରି ଜୀବନ ଛବି ।

ତାପରେ ବିତିଲା କେତେ ମାସ ବର୍ଷ ସପନ ପରି
ଆଜି ମୁଁ ଭାବଇ କାହିଁ କେଉଁଠି ମୋ ସେ ସହଚରୀ
ପ୍ରିତୀକି କେବଳ ସପନସାଥୀ
ଜୀବନ କି ଖାଲି ସ୍ମୃତି ସମ୍ବଳ ମଧୁଭରା ସେଇ ଜୋଛନା ରାତି ।

ଦିନ ଯାଏ ଚାଲି ସଂଧ୍ୟା ଆସଇ
ଗୋଧୂଳି ମଉଳା ତମସା ତୀରେ
ଠିଆ ହୋଇ ଆଜି ପାଏ ନାହିଁ ପଥ
ଆଉ କି ସଜନୀ ପ୍ରଦୀପ କରେ ।

ଶେଷ ପଥେ ବାରେ ନ ଦେବ ଦେଖା
ବ୍ୟଥାରେ ଜୀବନ ଭାଙ୍ଗିପଡ଼େ ଆଜି
ମରଣେ କି ଖାଲି ରହିବ ଲେଖା ।

●

Digitized by srujanika@gmail.com

✳ ସୁଦୂର ସେହି ଗହନ ବନେ ✳

ବିଜନ ପଥେ ଚ୍ଳଲଇ ଯେବେ
ରୁପସୀ ବାଳା କଳସୀ କରେ
ହସଇ ତାର ସୁଷମା ସଜ
ଚ୍ଳନ୍ଦ ମୁଖ ନଈର ଧାରେ ।

ତନୁଲତାରେ ଫୁଟାଇ ସିଏ
ଯଉବନର ସୁଷମା କଳି
ବିଜନ ଦେଶେ ପୁଲକଭର
ସଉରଭ ସେ ଦିଅଇ ଢାଳି ।

କଳସୀ ଯେବେ ଭରଇ ସିଏ
ଓଢ଼ଣା ଟାଣି ବିଜନ ଘାଟେ
ବନ ପଥିକ ପାଗଳ ହୁଏ
ନଈ କୂଳର ସେପାଖ ବାଟେ ।

ଚ୍ଳଲି ପାରେନା ପଥ ସେ ଆଉ
ଚ୍ଳହିଁ ରହଇ ନଈର ବାଙ୍କେ
ସଲିଳେ ଖସେ ଦେଖାଇ କେଉଁ
ରୂପସୀ ବାଳା କଳସୀ କାଖେ ।

ଏତିକି ବେଳେ ମଳୟ ଡିଏ
ତନୁରୁ ତାର ବସନ ଟାଣି
କୋଇଲି ବନ୍ଧୁ 'କୁହୁ' କହି
କାନେ ତା କୁହେ ପ୍ରେମର ବାଣୀ ।

ଚମକି ପଡ଼େ ବିଜନ ଘାଟେ
ସରମଭରେ ରୂପସୀ ବାଳା
ଯଉବନର ଖସଡ଼ା ପଥେ
ଚ୍ଳଲିନି ଯେଣୁ ନବଛଇଳା ।

ତର ତରକି କଳସୀ କାଖେ
ଲୁଚି ସେ ଯାଏ ଗହନ ଦେଶେ
ବିତନ ପଥ ସଜ ସୁଷମା
ଚ୍ଳନ୍ଦ ମୁଖ ତା ଆଉ ନ ଦିଶେ !

ବନ ପଥିକ ତା' ପଥ ଚ୍ଳଲେ
ଅପରିଚିତା ନାଚଇ ମନେ
ସ୍ମୃତି କରି ପଥର ସାଥୀ
ସୁଦୂର ସେହି ଗହନ ବନେ ।

●

Digitized by srujanika@gmail.com

* ତୁମରି ପାଇଁ କବିତା ଲେଖେ *

ସେଦିନ ଯେବେ ବାଦଲଘେରା ମଉନ ସଂଝେ ଚଳିଲ ଦୂରେ
ଜାଳିଲ ସଖି ପ୍ରଣୟ ଦୀପ ଗଂଧ ଭରି ଆଉ କା ପୁରେ ।
ଆଉ କା ଗଳେ ଛନ୍ଦି ହୋଇ ଗାଇଲ ବସି ମିଳନ ଗାନ
ଭୁଲିଲ ଯେତେ ଅତୀତ କୋଳୁ ସାଇତା ସ୍ମୃତି ବିରହ ମାନ ।
ମୁଁ କିନ୍ତୁ ସହି ନ ପାରି ଭୁଲି ତୁମରି ମୁଖ ସଜଳ ଶିରୀ
ଦୁନିଆ ବୁକେ ଲେଖିଲି ଖାଲି ପ୍ରଣୟ ଗୀତି ସପନ ପରି ।

ସେ ଦିନୁ ସହି କବିତା ଛନ୍ଦେ ତୁମର ଛବି ନିତି ମୁଁ ଦେଖେ
ପାଚିରି ଘେରା ଅତୀତ କୋଳୁ ସୁନାର ଦିନ ହସଇ ସୁଖେ ।
କୃଷ୍ଣଚୂଡ଼ା ଫୁଲର ଶିରୀ ଝରଉଥିଲା ରକତ ରାଗ
ତାହାରି ମୂଳେ ସେଦିନ ଭେଟ ଆଖିରେ ଆଖି ରଖିଲା ଦାଗ ।
ତାପରେ ସହି ହସିଲ ତମେ ଜୀବନେ ମମ କୁସୁମ ପରି
କେଜାଣି ଥିଲା ଅଦିନ ଝଡ଼ ସପନ ଆମ ଦେବ ଗୋ ଚୂରି ।

ଫୁଟିଲ ତୁମେ ଆଉକା ପୁରେ ଆଉ କା କୋଳେ ହସିଲ ସୁଖେ
ମୁଁ ଖାଲି ସହି ବ୍ୟର୍ଥ ସୁରେ ତୁମରି ପାଇଁ କବିତା ଲେଖେ ।
ନ ବୁଝୁ ପଛେ ଦୁନିଆ ତାହା ତୁମେ ଗୋ ସହି ବୁଝିବ ଦିନେ
ପାଗଳ କବି ଭୁଲିନି ମୋତେ କବିତା ଛନ୍ଦେ ରଖିଚି ମନେ ।
ସେ ଦିନ ସହି ବେସୁରା ଛନ୍ଦ ବିରହେ ତବ ମରମ ପୁରେ
ବାଜିବ ଖାଲି ସାର୍ଥକ ମୋ କବିତା ହେବ ନୟନ ଜଳେ ।

Digitized by srujanika@gmail.com

* ତୁମର ଦାନ *

ଏକ

ଛପି ଛପିକା ସରଗଶଶୀ ହସିଲା ଯେବେ ବଉଦ କରେ
ଚୁପି ଚୁପିକା ସଜନୀ ତମେ କହିଲ ମୃଦୁ ସରଗ ଭରେ
କବି ହେ ତୁମେ ଗରବ ମୋର
ତୁମରି ପାଇଁ ଚନ୍ଦ ହସେ ଜୋଛନା ଖେଳେ ଧରଣୀପର ।

ଦୁଇ

ତୁମରି ପାଇଁ କୁସୁମ ଫୁଟେ ଗନ୍ଧ ଛୁଟେ ସମୀର କୋଳେ
ପରଜାପତି ରଙ୍ଗିଣୀ ଧରେ ହସଇ ତାରା ସରଗ ବନେ
ତମରି ପାଇଁ ସୂର୍ଯ୍ୟ ଉଠେ
ଉଷସୀ କୋଳେ ଗନ୍ଧ ତୋଳି କମଳ କଳି ସରଗେ ଫୁଟେ ।

ତିନି

ତୁମରି ପାଇଁ ବରଷା, ଖରା ଶରତ, ଶୀତ ବସନ୍ତ ଆସେ
ମଲ୍ଲୀ, ମାଳତୀ ଶେଫାଳୀ ହସେ କୋଇଲି ଗାଏ ଚଇତ ମାସେ
ଝରଣା ଝରେ ବହଇ ନଈ
ପାଗଳ ବୋଲି କହଇ କିଏ ସବୁରି ଶିରୀ ତମରି ପାଇଁ ।

ଚାରି

ହସି ହସିକା କୁହଇ କବି ସବୁରି ଶିରୀ ମୋ ପାଇଁ ସିନା
ବିଳାସୀ କବି ପାଗଳ ସତ କେବେ କି ସହି ତୁମରି ବିନା
ଗାଇଛି ଶୋଭ ସବୁଜ ଗାନ
କବିର ପ୍ରତି ନୁହେଁ କି ସହି ସବୁରି ଶିରୀ ତୁମରି ଦାନ ।

Digitized by srujanika@gmail.com

※ ମାନସୀ ※

ସେଦିନ ସକାଳର ଫୁଟିଲା ଆଲୁଅରେ ପହିଲି ପରିଚୟ
ସଲାଜ ପ୍ରୀତିଭରା ଆଖିର ଚାହାଣିରେ ଭାବର ବିନିମୟ !

ନ ଫୁଟେ ମୁଖୁଭାଷା ହୋଇଲ ଲାଜ ଲାଜ ଓଠରେ ହସଟାଣି
ଯେତେ ମୁଁ ପଚାରିଲି ଉତ୍ତର ଦେଲ ନାହିଁ କେଜାଣି ଜାଣି ଜାଣି ।

ଆଖିର ମିଳନରେ ଯଦି ଏ ପରିଚୟ କେବଳ ହେବ ସାର
ହୃଦୟ ହୃଦୟରେ ଟାଣିବ ଯଦି ସହି କେବଳ ବ୍ୟଥା ଭାର ।

କିପାଇଁ ତେବେ ଆଜି ଜୀବନ ପଥେ ମୋର ସଗର୍ବେ ଦେଲ ଦେଖା
ନ କୁହ କଥା ଯେବେ କାହିଁକି ମନ ତଳେ ଲେଖିଲ ପ୍ରୀତିଲେଖା ।

ତଥାପି ସହି ତୁମେ ନ କହି କଥା ପଦେ ସଧୀରେ ପାଦଚାଳି
ବାହୁଡ଼ି ଗଲ ଦୂରେ ଆଡ଼ ଚାହାଁଣି ତଳୁ ପ୍ରୀତି-ପୀୟୂଷ ଢାଳି ।

ସେ ଦିନୁ ତମଛବି ନରମ ଚାହାଁଣିର ସଲାଜ ନୀରବତା
ତମରି ଓଠ ତଳ ଚାରୁ ଚପଳ ହସ ମଧୁର ଗୋପନତା ।

ମୋ ମନ ଅନ୍ତରାଳେ ଫୁଟିଚି କେତେବାର ହସିଛି କେତେ ଥର
ତୁମରି ସ୍ମୃତି ସହି ଭୁଲି ମୁଁ ପାରିନାହିଁ ଭୁଲିବି ଯେତେ ବାର ।

●

Digitized by srujanika@gmail.com

* ଫୁଟିଥିଲା ଯେବେ ଫୁଲଟି *

ଏକ

କଳପନା କୁଞ୍ଜେ ଫୁଟିଥିଲା ଯେବେ ଫୁଲଟି
ଦୁନିଆ ଦୁଆରେ ନାହିଁ ନଥିଲା ତା ମୂଲଟି ।

ସଉରଭେ ତାର କ୍ଷଣିକେ ହେଲି ମୁଁ ମଗନ
ଭୁଲିଗଲି ଯେତେ ବାସ୍ତବ ଦୁଃଖ, କଷଣ ।

ଆଶା ବୀଣା ମୋର ଗାଇଥିଲା ପ୍ରୀତି-ଗୀତଟି
କଳପନା କୁଞ୍ଜେ ଫୁଟିଥିଲା ଯେବେ ଫୁଲଟି ।

ଦୁଇ

କଳପନା କୁଞ୍ଜେ ଫୁଟିଥିଲା ଯେବେ ଫୁଲଟି
ମାଟିର ପୁର ମୋ ସୁନା ହୋଇଥିଲା ପାଲଟି ।

ମରମୁ ମଳୟ ବହିଥିଲା ସୁଖେ ସଧୀରେ
ପରାଣ ବୀଣା ମୋ ହସି ଉଠିଥିଲା ମଧୁରେ ।

ସରଗ ତୂଳି ମୋ ଆଙ୍କିଥିଲା ତାର ରୂପଟି
କଳପନା କୁଞ୍ଜେ ଫୁଟିଥିଲା ଯେବେ ଫୁଲଟି ।

●

Digitized by srujanika@gmail.com

* ତୁମରି ପଥ ଚାହିଁ *

ସେଦିନ ଯେବେ ସଖି କହିଲ କାନେ ମୋର
ଅଚ୍ଛିନ୍ନ ଆମ ପ୍ରୀତି-ସ୍ନେହ-ମମତା ଡୋର
ମୋ ମନ ଉପବନେ ଫୁଟିଲା ଆଶାକଳି
ପରଶେ ତଳେ ତବ ବାଣୀ ରହିଲା ଢଳି ।

ବିତିଲା କେତେ ଯୁଗ ଦିନ ବରଷ ମାସ
ସପନ ପରି ସବୁ ନିମିଷେ ହେଲା ଶେଷ ।
କିନ୍ତୁ ସେଦିନ ସେହି ରଜନୀ ଶେଷ ଯାମେ
ସୁଦୂରେ ଗଲ ଯେବେ ନ ରହି ଧରାଧାମେ ।

ଛିଡ଼ିଣ ଗଲା ବଳେ ମମତା ସ୍ନେହଡୋରି
ଲିଭିଲା ଝଡ଼େ ପ୍ରୀତି-ଦୀପଟି ଥରି ଥରି ।
ଆଶାର ଫୁଲଟି ମୋ ନିଦାଘେ ଗଲା ଝଡ଼ି
ଜୀବନ ପଥୁଁ ଗଲା ବସନ୍ତ ଅପସରି ।

ନୟନେ ଭରି ଲୁହ ଏକାକୀ ବସି ଆଜି
ଜୀବନ ନଦୀ କୂଳେ ଅତୀତ ସ୍ମୃତି ମାଜି ।
ସେଦିନ କଥା ଖାଲି ଭାବଇ ସିନା ସଖି
ଦଗ୍ଧ ପରାଣେ ମୁଁ ତମରି ପଥ ଚାହିଁ ।

●

Digitized by srujanika@gmail.com

* ପ୍ରିୟତମା ପ୍ରତି *

ପ୍ରିୟତମା,
ମୋ ଜୀବନ ରୁକ୍ଷ ପଥେ ଭରି ତୁମେ ଅମିୟ ସୁଷମା ।
ଯେଦିନ ଆସିଲ,
ଚୂତବନେ ଗାଇଲା କୋକିଳ ।
ଗାଇଗଲା ଦୂରେ ବନପକ୍ଷୀ
ଆସ ଯାତ୍ରୀ ସ୍ୱପ୍ନପାରେ ସୃଜନର ପ୍ରେମଛବି ଲେଖି ।
ମନେ ପଡ଼େ ସଖି
ଜୀବନର ଅଭୁଲା ଲଗନେ ତମ ସାଥେ ସେଇ ଦିନ ଦେଖା
ସେଇଦିନୁ ତବ ଛବି ପ୍ରାଣେ ପ୍ରାଣେ ରହିଲା ମୋ ଲେଖା ।

ଭୁଲିନି ରୂପସୀ
ଭୁଲି କି ପାରଇ କେବେ ମୁଗ୍‌ଧ କବି କବିତା-ପ୍ରେୟସୀ ।
ମରମର ସବୁ କଥା ତବ ପାଶେ ନୋଇଁଗଲା ମଥା
ଅଭୁଲା ରହୁଁଣି ତବ କହିଦେଲା ଅନ୍ତରର କଥା ।
କବି ତୁମେ ଗଉରବ ମୋର
ପାଶେ ତୁମ ଗଢ଼ିବି ମୁଁ ଜୀବନର ବନ୍ଧା ଧୂଳିଘର ।

ଭୁଲିଲା ସରଳ କବି, ଭୁଲିଲା ତା ଅତୀତର କଥା
ପାଇଥିଲା ଭଲ ଯାରେ କୈଶୋର ସାଥୀ ସ୍ମୃତିଲତା
                    କହିଥିଲା କେବେ ଦିନେ ତାରେ
ତୁମେ ମୁଁ ସାଥୀ ହେବା ଜୀବନର ସ୍ୱପ୍ନ-ପାରାବାରେ ।

ଅତୀତକୁ ପୋଡ଼ି ଜାଳି ତୁମକୁ ସେ ନେଲା ସୁଖେ ବରି
କବିର କବିତା ତୁମେ ସୁଖ ଦୁଃଖ ସାଥୀ ସହଚରୀ
                    କହି କି ପାରିବ ?
ଆଜି କିମ୍ବା କବି ମାନେ ଅତୀତର ଗୁରୁ ପରାଭବ ?

Digitized by srujanika@gmail.com

✳ ମିଳନ ଗଉରବ ✳

ରାଣୀ,

ଶେଫାଳୀର ଗନ୍ଧେ ଫୁଟେ ଆଜି ଗୀତିମୟ ସ୍ୱପନ କାହାଣୀ ।
ଜ୍ୟୋଛନାର ମୃଦୁ-ମଧୁ ରାଗ
ଶରତ କୁସୁମ ବନୁ ଝରାଇଲା ଅମିୟ ପରାଗ ।
କିନ୍ତୁ ରାଣୀ ସବୁ ସ୍ୱପ୍ନ ଯାଏ ଅପସରି
ଭାବନା ଲହଡ଼ି ଭାଙ୍ଗେ ବ୍ୟଥା ଉଠେ ଗୁମୁରି ଗୁମୁରି ।
ମିଳନ କଳିକା ଯେବେ ନ ଫୁଟୁଣୁ ଝାଉଁଳି ଝଡ଼ିଲା
ଜୀବନର କଥା ଯେବେ ମନେ ମନେ ଗୋପନେ ମରିଲା ।

ତେବେ କିମ୍ବା ରାଣୀ,
ପ୍ରଭାତୀ ବିହଙ୍ଗ ଗାଏ ଆମ ଶୁଭ ଜୟଯାତ୍ରା ବାଣୀ ।
ଶରତ ସକାଳ ଦିଏ ଆଗାମୀର ସ୍ୱାଗତ ସୂଚନା
ଧରଣୀର ଧୂଳିପ୍ରାଣେ ଶୁଭେ ଆମ ସୁନୀଡ଼ ରଚନା
ଆସ ତେବେ ରାଣୀ ଆଜି, ଜୀବନର ସ୍ୱର୍ଣ୍ଣ ଶୁଭାଲୋକେ
ସମାଜର ଦ୍ୱାର ଠେଲି, ଦୂର ଦେଶ ଅଜଣା ମୁଲକେ
ବରିନେବା ବିଜୟ ବିଭବ
ସେହି ଦେଶେ ରାଣୀ ଆମ ମିଳନର ଶ୍ରେଷ୍ଠ ଗଉରବ ।

Digitized by srujanika@gmail.com

* ମନେ ନାହିଁ *

ବ୍ୟର୍ଥ ସୁରେ ବଇଁଶି ଉଠେ ବାଜି
ପଡ଼େନି ମନେ ସେଦିନ କଥା ଆଜି
ପଡ଼େନି ମନେ କେବେ ମୁଁ ଦିନେ ଖେଳିଲି ତମ ସାଥେ
ସ୍ନିଗ୍ଧ ସେହି ଜୋଛନା ମଧୁ ରାତେ ।

ମଳୟ ବାଆ କହିଲା କାନେ କାନେ
କି କଥା ସହି ପଡ଼େନି ଆଜି ମନେ
ପଡ଼େନି ମନେ କେବେ ମୁଁ ଦିନେ ତୋଳିଲି ଧୂଳିଘର
ଗଢ଼ିଲି କୋଠି, କାଟିଲି ଫୁଲ କ୍ଷଣକେ ହେଲା ଚୂର ।

ପଡ଼େନି ମନେ କେବେ କି ଦିନେ ତମରି ହାତ ଧରି
ଖେଳିଲି କେତେ ଲୁଚକାଳି ମୁଁ ଚକା ଚକାଭଉଁରୀ ।
ବୁଲିଲି କେତେ ସବୁଜ ଗିରି, କାନନ, ନଦୀ, ଭୂଇଁ
ପଲ୍ଲୀ କୋଳେ ପକ୍ଷୀ ସମ ଗଗନ ଛୁଇଁ ଛୁଇଁ ।

ପଡ଼େନି ମନେ କେବେ ମୁଁ ଦିନେ ତମରି ପାଇଁ ସହି
ପାଗଳ ହେଲି ଦୁନିଆ ଯାକ ନିନ୍ଦା ରୋଷ ବହି
ମୁଗ୍ଧ ହେଲି ଜୋଛନା ରାତେ ହାସ୍ନା ହେନା ଗନ୍ଧେ
ଭୁଲିଲି ସାରା ଦୁନିଆଟାକୁ ମଳୟ ମୃଦୁ ଛନ୍ଦେ ।

ପଡ଼େନି ମନେ କେବେ ମୁଁ ଦିନେ ପ୍ରଭାତ ରବି ଆଗେ
ସଜାଇ ଦେଲି କବରୀ ତବ କମଳ-କଳି ରାଗେ ।
ବାତାୟନ ପାଶେ ବସି ଦେଖିଲି ତବ ଛବି
ନ କହି ତମେ ପ୍ରେମର ବାଣୀ ସରମେ ଗଲ ଡୁବି ।

ପଡ଼େନି ମନେ କେବେ ମୁଁ ଦିନେ ତମକୁ ଧରି ସାଥେ
କହିଲି, ସହି ଯାତ୍ରୀ ହେବା ମିଳନ ନବ ପଥେ ।
ସରାଗେ ସହି ସେ ପଥେ ତମେ ଚରଣ ଦେଲ ଟାଳି
ରୁଷ ଏହି ଜୀବନେ ମୋର ଲକ୍ଷ ଦୀପ ଜାଳି ।

●

Digitized by srujanika@gmail.com

✳ ତୁମେ ✳

ମୋ ଜୀବନ ଫୁଲସଂଜେ
ଅମିୟ ସେ ମଧୁର ଲଗନେ
ଫୁଟିଲ ଗୋ ଯେବେ ତୁମେ
ବସନ୍ତର ସୁନେଲି ସପନେ ।

ତେ ଛନା ମୁକୁଳା ହାଟେ
ଅପରୂପ ଶୋଭା ଥିଲି ଦେଖି
ତୁମେ କିନ୍ତୁ ସହି ସେହି
ରୂପ ମୋର ପ୍ରାଣେ ଦେଲ ଲେଖି ।

ମୋ ଜୀବନ ପ୍ରତି କୋଣେ
ଭରି ଦେଲ ଅମିୟ ସୁବାସ
ଗା!ଇ ହର୍ଷେ ମଧୁଗୀତି
ଶୁଷ୍କ ମୁଖେ ଫୁଟାଇଲ ହାସ ।

କନକ ପ୍ରଦୀପ କରେ
ଜାଳି ଦେଲ ପ୍ରଣୟ ସଳିତା
ପୁଷ୍ପିତ ମଞ୍ଜରୀ ସମ
ଚୁପି ଚୁପି କହିଲ ଗୋ କଥା ।

ମତ୍ତଅଳି ପରି ତେଣୁ
ପଡ଼ିଲି ମୁଁ ତୁମ କୋଳେ ଢଳି
ମିଳନର ବେଦି ମୂଳେ
ଉଠିଲା ଗୋ ଶୁଭଦୀପ ଜଳି ।

ଅନ୍ତର କୁଞ୍ଜବନ
ବେଣୁ ସ୍ୱନେ ଉଠିଲା ଗୋ ଥରି
ଜନମ ଜନମ ପାଇଁ
ହେଲ ତୁମେ ପ୍ରିୟା-ସହଚରୀ ।

Digitized by srujanika@gmail.com

* ବ୍ୟର୍ଥ-ଦୀପ *

ତୁମେ ଯେବେ ସଖି ପର କରି ଦେଇ
ରହିଲ ଦୂରେ
ପଚାରିଲ ନାହିଁ ଆପଣାର ବୋଲି
ଆଉ ତ ଥରେ ।

ତେବେ କିମ୍ପା ଆଜି ସେନେହ ପ୍ରଦୀପ
ଜଳେ ମୋ ପୁରେ
ଲିଭାଇ ନ ଦେଲ ଗଲ ତେବେ କିମ୍ପା
ସଖି ଗୋ ଦୂରେ ।

ତୁମେ ଯେବେ ସଖି ପୋଛିଦେଲ ମନୁ
ଅତୀତ କଥା
ଶୈଶବ କାଳ ଧୂଳି ଖେଳ ଯେତେ
ଆନନ୍ଦ ବ୍ୟଥା ।

କୈଶୋର ବେଳ ଲୁଚ୍ଚ ଛପା ଯେତେ
ମିଳନ ଗାନ
ଯଉବନ ଯେତେ ଆଢ଼ଗୁଣ୍ଠା ତବ
ସ୍ନେହ ଗୁମାନ ।

ତେବେ କିମ୍ପା ଆଜି ସେନେହ ପ୍ରଦୀପ
ଜଳେ ମୋ ପୁରେ
ଲିଭାଇ ନ ଦେଲ ଗଲ ତେବେ କିମ୍ପା
ବିରହ ଝୁରେ ।

ତୁମେ ଯେବେ ସଖି ବଉଳ ତଳର
ମିଳନ କୁଞ୍ଜେ
କହିଥିଲ ଧୁଖେ ମୃଦୁଭରା ବାଣୀ
ଜୋଛନା ସଞ୍ଜେ ।

Digitized by srujanika@gmail.com

ଭୁଲିଯିବା ନାହିଁ ଜୀବନେ ଆମର
ଏ ଦିନ କଥା
କୋଟି ଯୁଗ ପାଇଁ ଆଶାର ସଉଧ
ତୋଳିଛି ମଥା ।

ସବୁ କଥା ଭୁଲି ପର କରି ଦେଇ
ରହିଲ ଦୂରେ
ତେବେ କିମ୍ବା ସଖି ସେନେହ ପ୍ରଦୀପ
ଜଳେ ମୋ ପୁରେ ।

ଶତ ଦୁଃଖ ଦେଇ ତୁମେ ଯେବେ ସଖି
ଯାଇଛ ଚାଲି ·
ତଥାପି ଆଜି ବି ହାତ ଠାରି ଡାକେ
ବିଗତ କାଲି ।

ଡାକଇ ଆଜି ବି ବଉଳ ତଳର
ମିଳନ କୁଞ୍ଜ
ଫୁଟିଲାଣି ଫୁଲ ଚାନ୍ଦ ହସିଲାଣି
ଜୋଛନା ସଞ୍ଜ ।

ଡାକ ଶୁଣି ଯେବେ ନ ଆସିଲ ସଖି
ରହିଲ ଦୂରେ
ଏଜାଇଁ ଦେଉଛି ସେନେହ ପ୍ରଦୀପ
ବିରହ ଜଳେ ।

Digitized by srujanika@gmail.com

✳ ମଉଳି କି ଗଲା ସେ ବିଜନେ ✳

ଆଙ୍କିଥିଲି ଯେତେ ନୂଆଛବି
ମୋ ସରାଗ ତୂଳିକା ପରଶେ
ଦେଖିଥିଲି ଯେତେ ରୂପଶିରୀ
ଆଜି ତାହା ମନେ ନାହିଁ ଆସେ ।

ଅତୀତର କୁହେଳିକାମୟ
ନିଦମିଶା ବାସ୍ତବ ସପନେ
ପାଇଥିଲି ଯାହାର ପରଶ
ତନ୍ଦ୍ରାଳୁର ଅଳସ ନୟନେ ।

କାହିଁ ତାହା, ଯା' ସାଥେ ଦେଖା ମୋର
ପରବାସେ ଅଭୁଲା ଲଗନେ
ବଣମଲ୍ଲୀ ସମ ଫୁଟି
ମଉଳି କି ଗଲା ସେ ବିଜନେ ।

●

✳ ମଉଳେ ମୋ ସ୍ନେହଫୁଲ ✳

ହୃଦୟ ବୃନ୍ତରେ ଫୁଟେ ସ୍ନେହକଳି
ମାନସେ ଜାଗଇ ଆଶା
ଚାରି ଆଖି ଯେବେ ଏକାଠି ହୁଅଇ
ସରମେ ଫୁଟେନା ଭାଷା ।

ନିରାଶାର ଝଡ ଏକାଳେ ପଡ଼ିବା
ସବୁ ଦୁଃଖ କରେ ଠୁଳ
ପ୍ରେମର ଦେଉଳ ଭାଙ୍ଗିଯାଏ କ୍ଷଣେ
ମଉଳେ ମୋ ସ୍ନେହଫୁଲ ।

●

Digitized by srujanika@gmail.com

✳ ଫୁଲ ସକାଳେ ✳

ପ୍ରଭାତର ଶୀତ ବାଆ ପରଶରେ ହଜିଗଲା
ସୁନାର ସପନ ମୋର କ୍ଷଣେ
ସୁଖ ନିଦ୍ରା ଗଲା ଭାଜି, ଚାହିଁ ଦେଖେ ଉଷାଲୋକ
ବାତାୟନ ଦେଇ ଘରକଣେ ।

ଫୁଲର ଉଛୁଳା ଗନ୍ଧ ଭାସି ଆସି ଜଗାଇଲା
ମନେ ମୋର ଶତ ନବ ଆଶା
ଭରିଦେଲା ସଉରଭ ଅନ୍ତର ଗୋପନପୁରେ
ବଢ଼ାଇଲା ଆଖିର ପିପାସା ।

ଧୀରେ ଧୀରେ ଚାଲି ଚାଲି ପହଞ୍ଚିଲି ଉପବନେ
ଦେଖିବାକୁ ଫୁଲ ରୂପଶିରୀ
ଗନ୍ଧ ଯାର କବିପ୍ରାଣେ ଫୁଟାଏ ନୂତନ ଭାଷା
କଳ୍ପନାରେ କେତେ ଭାବ ଧରି ।

ଫୁଲବନେ ଫୁଟି ଫୁଲ ସରାଗରେ ଦୋଳେ ବାତେ
ଛୁଟାଇଣ ସଉରଭ ନବ
ସୁଷମାର ସୁଅ ଖେଳେ କ୍ଷଣିକରେ ମରତରେ
ଭୁଲୁଛି ଏ ମାଟିର ମାନବ ।

ଦେଖୁ ଦେଖୁ ନଜର ମୋ ପଡ଼ିଗଲା ଉପବନେ,
ଫୁଲର ଗହଳ ଦେଇ ଦୂରେ
ଡୋଳେ କେ ବାଳିକା ଏକ ସଜଫୁଟା ଫୁଲକଳି
ସ୍ମିତହାସେ ସରଗେ ମଧୁରେ ।

ଝୁଲୁ ଝୁଲୁ ସମୀରଣ ମୃଦୁମନ୍ଦ ପରଶରେ
ଉଡୁଥିଲା ତା ଚୂର୍ଣ୍ଣ କୁନ୍ତଳ
ପଡୁଥିଲା ଶିରଦେଶୁ ବାର ବାର ଶାଢ଼ୀ ଖସି
ମଜାଡ଼ି ସେ ତୋଳୁଥିଲା ଫୁଲ ।

Digitized by srujanika@gmail.com

ଛପି ଛପି ଧୀରେ ଧୀରେ କଡିରେ ତାହାର ମିଳି
ପଚାରିଲି ଅନୁରାଗ ଭରି

ତମେ କିଆଁ ତୋଳ ଏଠି ଆମ ବଗିଚାରୁ ଫୁଲ
ମରତ ସରଗ ଶୋଭା ହରି ।

ପଡ଼ିଅଛ ଧରା ଆଜି ନ ଛାଡ଼ିବି କେବେହେଲେ
ଦେଇଯାଅ ଯେତେ ଶୋଧ ମୂଲ

ସରମେ ସେ କୁହେ ଧୀରେ, ନ ପାରିବି ମୂଲ ଦେଇ
ନିଅ ପଛେ ତୁମ ତୋଳା ଫୁଲ ।

ତୁହିଙ୍କ ମଧୁର ହାସ ମିଳିଗଲା ନବରାଗେ
ଚାରି ଆଖି ଏକ ହେଲା ବଳେ

ସରମେ ଚାଙ୍ଗୁଡ଼ା ତାର ପଡ଼ିଗଲା ହାତୁ ଖସି
ଫୁଲ ବିଞ୍ଚି ମୋର ପାଦ ତଳେ ।

ପରକ୍ଷଣେ ଚମକି ସେ ଚପଳ ଗତିରେ ଭୟେ
ଚାଲିଗଲା ଆସିଥିବା ପଥେ

ମୋ ଅନ୍ତର ସରସୀରେ ଫୁଟିଥିବା ସ୍ନେହକଇଁ
ମଉଳିଲା ତା ବିଦାୟ ସାଥେ ।

ସପନ ରାଇଜୁ ଫେରି ଚେତନା ମୋ ଆସିବାରୁ
ଭାବିଲି ମୁଁ ବସି ମନେ ମନେ

କିଏ ଏ ବାଳିକା ନିତି କାହିଁପାଇଁ ତୋଳେ ଫୁଲ
ଉପବନେ ନୀରବେ ଗୋପନେ ।

ଭାବନାର ଚକ ମୋର ଘୂରୁଥିଲା ଅବିରତ
ହସୁଥିଲା ଫୁଲର ସକାଳ

ହୃଦ-ବୀଣା କହୁଥିଲା ବାଳିକା ସେ ଦେଇଗଲା
ପାଦେ ଢାଳି ତୋର ଫୁଲ ମୂଲ ।

Digitized by srujanika@gmail.com

* ନଈକୂଳେ *

ଆମ ଗାଁ ଘର ଦେଇ ବହିଯାଏ ନଈଟିଏ
ମୃଦୁ ମୃଦୁ କୁଳୁ କୁଳୁ ତାନେ
ନଈ କୂଳେ ଘଞ୍ଚବନ ଲାଗିଥାଏ ପକ୍ଷୀମେଳା
ନିତି ନିତି ନବ ନବ ଗାନେ

ପାହାଡ଼ ତା କିଛିଦୂରେ ଲୁଚେ ସେଠି ଦିନମଣି
ରକ୍ତରାଗ ଦିନାନ୍ତେ ହଜାଇ
ଲେଖିଯାଏ ଧରାପୃଷ୍ଠେ ଅତୀତର ଇତିହାସ
କେତେ ରଂଗେ ସୁଷମା ଜଗାଇ

ବସି ଦିନେ ମନେ ମନେ ଆଙ୍କୁଥିଲି ନବଛବି
କଳ୍ପନାର ସୁନେଲି ସପନେ
ମନେ ଥିଲା ନବ ଆଶା ଶତ ସଉରଭ ଭରା
ନଈକୂଳେ ଗୋଧୂଳି ଲଗନେ ।

ଶୁଭୁଥିଲା ବହୁଦୂରୁ ବିରହୀର ବେଣୁସ୍ୱନ
ସେ ପାରିକୁ ଧୀରେ ନାବ ବାହି
ଗାଇଥିଲା ନାବିକ ସେ ସମୀରଣ ହିଲ୍ଲୋଳେ
ଉପଇନ୍ଦ୍ର ସଂଗୀତ ଛୁଟାଇ ।

ଏକାଳେ ମୁଁ ରହିଁ ଦେଖେ ଉଭା କେ କିଶୋରୀ ଏକ
ନଈ ଘାଟେ ଦର ଦର ହାସେ
ହୃଦୟ ମୋ ପୂରିଗଲା କିଜାଣି କି ସୁଖାଶାରେ
ମଧୁମୟ ପୁଲକ ଉଚ୍ଛ୍ୱାସେ ।

Digitized by srujanika@gmail.com

ଚାରି ଆଖି ମିଳିଗଲା ପରକ୍ଷଣେ ସଲ୍ଲଜେ ସେ
ଓଢ଼ଣାଟି ଧୀରେ ନେଲା ଟାଣି
କଳସୀରେ ନୀର ଭରି ଚାଲିଗଲା ତରବରେ
ହୃଦେ ମୋର ଶେଷ ଦୃଷ୍ଟି ହାଣି ।

ଦିନର ଶେଷ ଆଲୁଏ ଦିଶୁଥିଲା ସତେ କି ସେ
ଗୋଲାପି ରଙ୍ଗ ଅପସରୀ
ଲୁଚିଗଲା ଦୂର ପଥେ ଆଶାର ଆଲୁଅ ମୋର
ଦୁଇଗୁଣ ତେଜୋଦିତ କରି ।

ଚପଳ ନୟନ ତାର କହିଗଲା ନୀରବରେ
ହେ କିଶୋର ତବ ହୃଦତଳେ
ବସି ଏଠି କାହ୍ନାଛବି ଭାବି ଆଙ୍କ ନୀରବରେ
କଳପନା ତୂଳିମୁନ ବଳେ ।

× × ×

ସେ ଦିନର ସେ କଥାଟି ସ୍ମୃତିର ପ୍ରଦୀପ ରୂପେ
ଜଳେ ମୋର ମନ ବେଦି ମୂଳେ
ଆଉ କି ଆସିବ ନାହିଁ, ଆଜି ସେ ନବ କିଶୋରୀ
ଆମ ଗାଁ ଏଇ ନଈ କୂଳେ ।

Digitized by srujanika@gmail.com

* ହାର *

ସଜଫୁଟା ଫୁଲ ସଉରଭ ପରି ନାମଟି ତାର
ସବୁଗରେ କେତେ ଡାକେ ମୁଁ ତାହାକୁ ହାର ଗୋ ହାର ।
ହସେ ଖାଲି ସିଏ ମୁରୁକି ମୁରୁକି କହେନି କଥା
ସତେ କି ଝରଇ ହସରୁ ତାହାର ମଣି ମୁକୁତା ।
କଡ଼ା କରି କଥା ଦି'ପଦ କହିଲେ ରାଗଇ ଭାରି
ନରମ ନୟନେ ଲୁହଭରି ଆସେ କ୍ଷଣିକେ ତାରି ।
ପରକ୍ଷଣେ ମୁହିଁ ଆଦରେ କହିଲେ ରୁଷିଲ ହାର
ଟିକକ କଥାରେ ଏତେ ଯଦି ରୁଷ ମୁଁ କଣ ପର ?
ଅଭିମାନ ତୁଟେ, ଅନୁରାଗ ଢାଳି ମୃଦୁ ମଧୁରେ
ସୁରଭିଭ ତୁମେ ଭାରି ଜଣେ ଏକା କୁହେ ସେ ଧୀରେ ।

ମନେ ଜାଗେ ଆଜି ସୁଦୂର ବିଦେଶେ ତା କଥାସବୁ
ଭାବନା ବାଦଲ ଛୁଟିଯିବେ ଦୂରେ ମୁଁ ଭାବୁ ଭାବୁ ।
ବାର ବରଷର ଦେଖିଥିଲି ତାକୁ ଆଉତ ଜମା
ଦେଖିନି କିପରି ହେଲାଣି ଆଜି ତା ରୂପ ଗାରିମା ।
ପରବାସୀ ମୁହିଁ ଭାବନା ମୋହର ମାନସ ସାଥୀ
ସାଥୀ ଦିଏ ମୋର ଦରଦୀ ହୃଦୟେ ଆଶା ଓ ଶାନ୍ତି ।

×　　　×　　　×

ଏତେ ଦିନ ପରେ ଫେରିଛି ଆଜି ମୁଁ ଗାଁ ଗହଳେ
ଅତି ପରିଚିତ ଦରଭୁଲା ଛବି ଆଖିରେ ଦୋଳେ
ବିଦେଶ ବନ୍ଧୁଡ଼ା ଜୀବନଟା ମୋର ଉଠିଛି ହସି
ଅନ୍ତର କଣେ ଅଜଣା ଆନନ୍ଦ ସୁଖ ପରଶି
ଧୂଳି ଘରର ସେ ଘରଣୀ ହାରକୁ ଭେଟିବା ପାଇଁ
ମିଳିଲି ଏକାକୀ ଘରେ ତା ରହିଲି ହୋଇ ଆଶାୟୀ ।
ଦେଖିଲି ହାର ତ କଥା କୁହେ ନାହିଁ ଓଢ଼ଣା ଟାଣି
ମା' ତା ଆକଟି କୁହନ୍ତି ବୟସ ହେଲା'ଣି ଜାଣି ।
ଫେରିଲି ପଥେ ମୁଁ ଭାବଇ ଏହି କି ସେ ଦିନ ହାର
ଟାଣିଥିଲା ଯିଏ ମାନସପଟେ ମୋ ଅଲିଭାଗାର ।
ହାୟରେ ଦୁନିଆ ବୁଝିଲ ତ ନାହିଁ ମରମ ଗିର
ଇମିତି ତ ଦିନେ ହୋଇଯିବେ ସବୁ ନିଜର ପର ।

Digitized by srujanika@gmail.com

✳ ଶେଷ ଉତ୍ତର ✳

ତୁମେ ଯେବେ ସହି
ଚାଲିଗଲ ବହୁ ଦୂରେ
ଅଜଣା ଦେବତା ପୁରେ ।

ଅଶ୍ରୁ କରିଣ ଜୀବନର ସାଥୀ
ପଚାରଇ ଖାଲି ତୁମଠାରେ ମୁଁ ନିତି
ଆଉ କି ପଡ଼େନି ମନେ
କବିଠାରୁ କେବେ ଚୁମ୍ବନ ନେଲ
ନିଶୀଥ ଆଳାପନେ ।

ସବୁ କି ଗୋ ଭୁଲିଗଲ
ଅତୀତର ଯେତେ ଧୂଳିଖେଳ କଥା
ମାନ ଅଭିମାନ ଗେଲ ।

ଚନ୍ଦିନୀ ରାତି ନିରୋଳା ଲଗନ
ସଉରଭ ଭରା ପ୍ରୀତି ଉପବନ
ଆଉ କି ପଡ଼େନି ମନେ
ରଚିଥିଲ ଯେବେ ଆଶାର ସଉଧ ଯଉବନ କୁଞ୍ଜବନେ ।

ଅତୀତ କି ପାସୋରିଲ
କବିର ଯୋଗ୍ୟ ସରାଗ ସୁମନ ଆପେ କି ଗୋ ଦଳିଦେଲ ।

ଉତ୍ତର ନ ଦେଇ ତୁମେ ଯେବେ ସହି
ନୀରବ ରହିବ ଖାଲି
ସ୍ମୃତି କରି ମୁଁ ପଥର ପାଥେୟ
ଶେଷେ ଦିନେ ଯିବି ଚାଲି
ଏଇ ପଥେ ଏକା ଏକା
ଲୋଡ଼ାନାହିଁ ମୋର ସାଥୀ ସହଚରୀ
ତୁମେ ମୋ ବିଜୟ ଟୀକା ।

●

Digitized by srujanika@gmail.com

ନିଜ କଥା

ବର୍ଣ୍ଣାଳୀରେ ସନ୍ନିବେଶିତ ଗଳ୍ପ, ଉପନ୍ୟାସ, କବିତାଗୁଡ଼ିକ ୧୯୪୬ରୁ ୧୯୫୮ ମଧ୍ୟରେ ଲେଖା । କେତେକ ଗଳ୍ପ ଓ କବିତା ନବୀନ, ଆସନ୍ତାକାଲି, ଉଦୟ, ସହକାର, ଶତାବ୍ଦୀ, ରବିବାସରୀୟ ପ୍ରଜାତନ୍ତ୍ର ଓ କଲିକତାରୁ ଶ୍ରୀ ଆକୁଳି ମିଶ୍ରଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା 'ଆଲୁଅରେ' ପ୍ରକାଶ ପାଇଥିଲା । 'ପ୍ରିୟା ଓ ପରକୀୟା' ୧୯୫୮ ମସିହାରେ ପ୍ରଥମେ ପ୍ରକାଶ ପାଇଥିଲା ।

କଲିକତାରେ ୧୯୪୬ ମସିହାରେ ଯେତେବେଳେ ମୋର ଲେଖକ-ଜୀବନ ଆରମ୍ଭ ହୁଏ, ସେତେବେଳେ ପତ୍ରପତ୍ରିକାର ସଂଖ୍ୟା ସୀମିତ ଥିଲା । ସାହିତ୍ୟିକ ବନ୍ଧୁ ରୂପେ ଥିଲେ ଶ୍ରୀ ଗୋପୀନାଥ ବେହେରା ଓ ଶ୍ରୀ କସ୍ତୁରି ଚରଣ ଦାସ । ଆମମାନଙ୍କ ଲେଖାଗୁଡ଼ିକ ବିଭିନ୍ନ ପତ୍ରପତ୍ରିକାରେ ଯେତେବେଳେ ମଝିରେ ମଝିରେ ପ୍ରକାଶ ପାଉଥିଲା — ସେ ଆନନ୍ଦର ଉଚ୍ଛ୍ୱାସ ହୃଦୟକୁ ଉଦ୍‌ବେଳିତ କରୁଥିଲା । ସେତେବେଳେ କଲିକତାର ବ୍ରଜବନ୍ଧୁ ନୈଶ-ବିଦ୍ୟାଳୟ ଓ ପ୍ରଗତି ସଂଘ ଦୁଇଟି ଅନୁଷ୍ଠାନ ଖୁବ୍ ସକ୍ରିୟ ଥିଲା । ଏହି ଅନୁଷ୍ଠାନ ଉଦ୍ୟମରେ ପ୍ରତିଷ୍ଠିତ ପାଠାଗାର ଦୁଇଟି କଲିକତାରେ ଓଡ଼ିଆ ପାଠକ ସୃଷ୍ଟି କରିବାରେ ଯଥେଷ୍ଟ ପ୍ରଭାବ ପକାଉଥିଲା । ସେତେବେଳର ପ୍ରକାଶିତ ବିଭିନ୍ନ ପତ୍ର-ପତ୍ରିକା ଓ ନୂଆ ହୋଇ ବାହାରୁଥିବା ବହି ନିୟମିତ ଏଠାକୁ ଆସୁଥିଲା । କଲିକତାସ୍ଥିତ ଓଡ଼ିଆ ଭାଇମାନେ ଏହା ପଢ଼ିବାକୁ ସୁଯୋଗ ପାଉଥିଲେ ।

୧୯୪୧ ମସିହାରେ 'ପ୍ରବାସୀ ଉତ୍କଳ ସାହିତ୍ୟ ସମ୍ମିଳନୀର' ପ୍ରଥମ ଅଧିବେଶନ ଶ୍ରୀଯୁକ୍ତ ମାୟାଧର ମାନସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହାର ପ୍ରଧାନ ଉଦ୍ୟୋକ୍ତା ଥିଲେ ଶ୍ରୀଯୁକ୍ତ କୁଞ୍ଜବିହାରୀ ଦାଶ ଓ ସ୍ୱର୍ଗୀୟ ବଳରାମ ନନ୍ଦ ।

ଦୀର୍ଘ ବ୍ୟବଧାନ ପରେ ମୋର କଲିକତାସ୍ଥିତ ସାହିତ୍ୟିକ ବନ୍ଧୁମାନଙ୍କ ପ୍ରଚେଷ୍ଟାରେ ଏହାର ଦ୍ୱିତୀୟ ଅଧିବେଶନ ପାଇଁ ଆୟୋଜନ ଚାଲିଲା ।

Digitized by srujanika@gmail.com

ଶ୍ରୀ ରାମଚନ୍ଦ୍ର ବେହୁରା, ଶ୍ରୀ ଅପର୍ତ୍ତି ଚରଣ ନାଇକ, ଶ୍ରୀ ସଚ୍ଚି ରାଉତରାୟ, ଶ୍ରୀ ଦାମୋଦର ମହାନ୍ତି, ଶ୍ରୀ ସୋମନାଥ ବେହେରା, ଶ୍ରୀ କସ୍ତୁରିଚରଣ ଦାସ, ପଣ୍ଡିତ ଗୌରୀଶ୍ୟାମ ମିତ୍ର, ଶ୍ରୀ ଗୋଦାବରୀଶ ମିଶ୍ର ପ୍ରମୁଖ କର୍ମି ଓ ସାହିତ୍ୟିକମାନେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏଥିପାଇଁ ଅଭ୍ୟର୍ଥନା ସମିତି ଗଠିତ ହୋଇ ଶ୍ରୀଯୁକ୍ତ ସଚ୍ଚି ରାଉତରାୟ ରହିଲେ ସଭାପତି—ମୋତେ ଓ ଶ୍ରୀ ଗୋପୀନାଥ ବେହେରାଙ୍କୁ ଯୁଗ୍ମ ସମ୍ପାଦକ ରୂପେ ମନୋନୀତ କରାଗଲା । ବିପୁଳ ଉତ୍ସାହ ଓ ଉନ୍ମାଦନା ଭିତରେ ୧୯୪୯ ମସିହା ଜାନୁୟାରୀ ଆଠ ଓ ନଅ ତାରିଖ ଦୁଇଦିନ ଧରି ଇଣ୍ଡିଆନ ଆସୋସିଏସନ ହଲ୍‌ରେ ଓଡ଼ିଶାର ପ୍ରଖ୍ୟାତନାମା ସାହିତ୍ୟିକ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପ୍ରବାସୀ ଉତ୍କଳ ସାହିତ୍ୟ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହେଲା । ସମ୍ମିଳନୀ ଉଦ୍‌ଘାଟନ କରିଥିଲେ ବଙ୍ଗଳାର ଅପ୍ରତିଦ୍ୱନ୍ଦୀ କଥାସାହିତ୍ୟିକ ଶ୍ରୀ ତାରାଶଙ୍କର ବନ୍ଦ୍ୟୋପାଧ୍ୟାୟ । ବିଶିଷ୍ଟ ଅତିଥିରୂପେ ଯୋଗ ଦେଇଥିଲେ 'ଡଗରା'ର ପ୍ରିୟ ସମ୍ପାଦକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଅଧ୍ୟାପକ ଶ୍ରୀ କୁଞ୍ଜବିହାରୀ ଦାଶ, ଅଧ୍ୟାପକ ଶ୍ରୀ ସିଦ୍ଧେଶ୍ୱର ହୋତା, 'ଉଦୟ'ର ସମ୍ପାଦକ ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି ଓ ଶ୍ରୀ ଅନ୍ନଦାଶଙ୍କର ରାୟ । ସମ୍ମିଳନୀରେ ଗୋଟିଏ ମାସିକ ସାହିତ୍ୟ ପତ୍ରିକା ପ୍ରକାଶ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ପ୍ରସ୍ତାବକୁ ରୂପ ଦେଇ ପରେ 'ଆସନ୍ତାକାଲି' ଧାରାବାହିକ ଭାବେ କଲିକତାରୁ ପ୍ରକାଶ ପାଇଲା ।

ମୋର ଲେଖକଜୀବନର ପ୍ରଥମ ପ୍ରଭାତରେ ଓଡ଼ିଆ ଲେଖକ ସହଯୋଗ ସମିତିର ପ୍ରତିଷ୍ଠାତା ସାହିତ୍ୟିକ ବନ୍ଧୁ ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କର ସ୍ନେହ ସହଯୋଗ ଭୁଲିହେବ ନାହିଁ । 'ଉଦୟ'ରେ ଆମମାନଙ୍କର ଲେଖା ପ୍ରକାଶ କରି ସେ ଯଥେଷ୍ଟ ଉତ୍ସାହିତ କରିଛନ୍ତି ।

୧୯୪୯ ମସିହାରେ ମୋର ବିବାହର ଅଳ୍ପ କେତେ ମାସ ପରେ ମାଆ ହାରାମଣି ଦେବୀଙ୍କର ଅକାଳ ବିୟୋଗ ଘଟିଲା । ମୋତେ ଯେତେବେଳେ ସାତବର୍ଷ ବାପା ଯାଇଥିଲେ । ମାଆଙ୍କ ବିୟୋଗ ପରେ ଏକବାର ଭାଙ୍ଗିପଡ଼ିଲି । ପରିବାରର ଆର୍ଥିକ ସ୍ଥିତି ମଧ୍ୟ ଭଲ ନଥିଲା । ନାନା ଦ୍ୱନ୍ଦ୍ୱ ଭିତରେ କଲିକତା 'ବୋର୍ଣ୍ଣ ଏଣ୍ଡ ଶେଫାର୍ଡ଼'ର ଚାକିରୀ ମମତା ଛିନ୍ନ କରିଦେଲି । ଗୋଟିଏ ପୁସ୍ତକ ପ୍ରକାଶନ ସଂସ୍ଥା ଗଢ଼ିବାକୁ ବହୁଦିନରୁ ଅଭିଳାଷ ଓ ସ୍ୱପ୍ନ ମଧ୍ୟ ଥିଲା । ସେହି ସ୍ୱପ୍ନ ସାର୍ଥକ ହେବାର ସୁଯୋଗ ମିଳିଲା । ଫଳରେ ୧୯୪୯ ମସିହା ଶେଷଭାଗରେ ପ୍ରବାସରେ ଥିବା ମୋର ବନ୍ଧୁମାନଙ୍କ ସ୍ନେହ ସାହଚର୍ଯ୍ୟ, ଜୀବନର ସ୍ମୃତିମଧୁର ପ୍ରଥମ କର୍ମକ୍ଷେତ୍ର କଲିକତାର ସେହି ୨୨ନମ୍ବର ମଟ୍‌ଲେନକୁ ଛାଡ଼ି ଆସିବାକୁ ପଡ଼ିଲା ।

କଲିକତାରେ ଥିବା କେତେକ ଓଡ଼ିଆ ଅନୁଷ୍ଠାନ ସହିତ ମୁଁ ଘନିଷ୍ଠ ଭାବେ ଜଡ଼ିତ ଥିଲି । ସେହି ସବୁ ଅନୁଷ୍ଠାନର ଆଲୋକ ଆନନ୍ଦ ଭରା ପରିବେଶ, ବନ୍ଧୁମାନଙ୍କର ଘନିଷ୍ଠ ନିବିଡ଼ତା ଆଉ ଜୀବନରେ ମିଳିବ ନାହିଁ ଏହା ଭାବିଲା ବେଳେ ମନ ଶତ ବେଦନାରେ ଭାଙ୍ଗି ପଡୁଥିଲା । ତଥାପି କର୍ତ୍ତବ୍ୟର ଆହ୍ୱାନରେ ମୋତେ ତାହା ଏଡ଼ାଇ ଯିବାକୁ ପଡ଼ିଲା ।

Digitized by srujanika@gmail.com

୧୯୨୧ ମସିହା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସମୟରୁ ମୋର କଲିକତା ଛାଡ଼ିବା ୧୯୪୯ ମସିହା ପର୍ଯ୍ୟନ୍ତ ଏହି ଦୀର୍ଘ ବ୍ୟବଧାନ ଭିତରେ 'ପ୍ରବାସୀ ଓଡ଼ିଆ ଆନ୍ଦୋଳନ' ନବ ରୂପରେ ବିକାଶ ଲାଭ କରିଥିଲା । କଲିକତା ଓ ଆଖପାଖ ସହରତଳି ଶ୍ରୀରାମପୁର, ଲିଲୁଆ, ବାଲି, ହାଓଡ଼ା, ବାଉଡ଼ିଆ, ସାଲିମାର, ଟିଟାଗଡ଼, ଜଗଦଳ, ବେଲୁର, ମାଟିଆବୁରୁଜ, ରିସଡ଼ା ପ୍ରଭୃତି ଅଞ୍ଚଳମାନଙ୍କରେ ଓଡ଼ିଆମାନଙ୍କ ସଂଗଠିତ ଉଦ୍ୟମରେ ବହୁ ଅନୁଷ୍ଠାନ ଗଢ଼ି ଉଠିଥିଲା । ଏହା ଓଡ଼ିଆ ଆନ୍ଦୋଳନକୁ ସଂଗଠିତ କରିବା ସଙ୍ଗେ ସଙ୍ଗେ ସ୍ୱାଧୀନତା ଆନ୍ଦୋଳନକୁ ପ୍ରେରଣା ଯୋଗାଉଥିଲା । କଲିକତା ଅନୁଷ୍ଠାନ ଗୁଡ଼ିକ ମଧ୍ୟରେ ଚିତ୍ତରଞ୍ଜନ ନୈଶ ବିଦ୍ୟାଳୟ, ଗୋପବନ୍ଧୁ ଶ୍ରମଜୀବୀ ବିଦ୍ୟାଳୟ, ଓଡ଼ିଶା ପ୍ରଗତି ସଂଘ, ଉତ୍ତର ବାଲେଶ୍ୱର ସେବାସଂଘ, ଓଡ଼ିଶା ଆସୋସିଏସନ, ଉତ୍କଳ ବାହିନୀ ଓ ସହରତଳି ଅନୁଷ୍ଠାନ ଗୁଡ଼ିକ ମଧ୍ୟରେ ଜଗଦଳ ଉତ୍କଳ ସମାଜ, ବାଉଡ଼ିଆ ଉତ୍କଳ ବାହିନୀ ଶାଖା ଶିବିର, ଟିଟାଗଡ଼ ଗୋପବନ୍ଧୁ ପାଠାଗାର, ହାଓଡ଼ା ପ୍ରବାସୀ ଉତ୍କଳ ସମାଜ, ହାଓଡ଼ା ତରୁଣ ସଂଘ, ହାଜିନଗର ଫ୍ରି ସ୍କୁଲ, ରିସଡ଼ା ଓଡ଼ିଆ ସମାଜ ପ୍ରଭୃତି ଅନୁଷ୍ଠାନ ଗୁଡ଼ିକ ସୁଚାରୁରୂପେ କାର୍ଯ୍ୟ କରି 'ପ୍ରବାସୀ ଓଡ଼ିଆ ଆନ୍ଦୋଳନକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଜାତୀୟ ଏକତା ପ୍ରତିଷ୍ଠିତ କରୁଥିଲେ ।

ଆଜି ୧୯୭୭ ମସିହାରେ କଲିକତାରେ 'ପ୍ରବାସୀ ଓଡ଼ିଆ ଆନ୍ଦୋଳନ' ସୁପ୍ତ ପ୍ରାୟ ମନେ ହେଉଛି । ପୁରୁଣା ସଂଗଠନଗୁଡ଼ିକ ମଧ୍ୟରୁ କେତେକ ହୁଏତ ଭାଙ୍ଗି ଯିବଣି । ତଥାପି ଏହି ସଂଗଠନର କର୍ମକର୍ତ୍ତାମାନେ ସୁଦୂର ଅତୀତରେ ଦେଶ ଓ ଜାତିପାଇଁ ଯେଉଁ କାର୍ଯ୍ୟ କରି ଯାଇଛନ୍ତି ସେଥିପାଇଁ ସେମାନଙ୍କୁ ଅନ୍ତରଙ୍ଗ ଶ୍ରଦ୍ଧା ନିବେଦନ ଜଣାଉଛୁ ।

୧୯୫୦ ଏପ୍ରିଲ ପହିଲାରେ କଟକ କଲେଜ ରୋଡ଼ରେ 'ପ୍ରକାଶ ବୁକ୍ ଷ୍ଟୋର୍' ଜନ୍ମଲାଭ କଲା । ଏହି ପ୍ରତିଷ୍ଠାନ ସହିତ ସଂପୃକ୍ତ ରହିବାପରେ ପ୍ରଥମେ 'ନବଜନ୍ମ' ପ୍ରକାଶ ପାଇଲା । ପରେ ପରେ ପ୍ରେମରାଗ, ଖସଡ଼ା ପଥରେ, ଶେଫାଳି ଝଡ଼ିଯାଏ, ଝଡ଼ ଓ ଝରାଫୁଲ, ମନର ଯେତେ ଆଶା, ପରବାସୀ, ବିଦେଶ ବାହୁଡ଼ା, ମନହରିଣୀ କାନ୍ଦେ, ଗାଁ ମାଟି ଡାକେ, ପ୍ରିୟା ଓ ପରକୀୟା, କଥା କେତୋଟି ପ୍ରକାଶ ପାଇଲା । ୧୯୬୮ ମସିହା ପର୍ଯ୍ୟନ୍ତ ନିୟମିତ ଲେଖାଲେଖି କରୁଥିଲି । ଏହାପରେ ଗତି ଶିଥିଳ ହୋଇଗଲା । ପ୍ରଧାନ କାରଣ ଥିଲା ବ୍ୟବସାୟ ଭିତରେ ବ୍ୟସ୍ତରହି ଲେଖାଲେଖି ପାଇଁ ଯଥେଷ୍ଟ ସମୟ ଓ ସୁଯୋଗ ମିଳୁନଥିଲା ।

ଜୀବନରେ ପ୍ରଥମେ କବିତା ଲେଖା ଆରମ୍ଭ—ଏହା ଖୁବ୍ ଆନନ୍ଦ ଦେଉଥିଲା । ପ୍ରଥମ ଯୌବନର ସୁରଭିସିକ୍ତ କବିତାଗୁଡ଼ିକ 'ପ୍ରେମରାଗ' ରୂପେ ୧୯୫୦ ମସିହାରେ ପ୍ରକାଶ ପାଇ ପାଠକ ସମାଜରେ ଆଦର ଲାଭ କରିଥିଲା । ପ୍ରେମରାଗରେ ପ୍ରକାଶିତ କବିତାଗୁଡ଼ିକ ଏହି ବର୍ଣ୍ଣାଳୀରେ ସନ୍ନିବେଶିତ ହୋଇଛି । ଗଳ୍ପଗୁଡ଼ିକ ମଧ୍ୟ ପୂର୍ବରୁ ଶେଫାଳୀ ଝଡ଼ିଯାଏ, ଗାଁ ମାଟି ଡାକେ, କଥା କେତୋଟି, ତିନୋଟି ପୁସ୍ତକରେ ସନ୍ନିବେଶିତ ହୋଇଥିଲା ।

Digitized by srujanika@gmail.com

ଲେଖକ-ଜୀବନ ଆରମ୍ଭ ସମୟରେ ପତ୍ର-ପତ୍ରିକା ସଂଖ୍ୟା ସୀମିତ ଥିଲା । ଲେଖା ପଠାଇ ତାହା ଉକ୍ତ ପତ୍ରିକାରେ ସ୍ଥାନ ନ ପାଇଲେ ମନରେ ଦାରୁଣ ଆଘାତ ଲାଗୁଥିଲା । କିନ୍ତୁ ଆଜି ୧୯୭୭ ମସିହାରେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି ପତ୍ର-ପତ୍ରିକା ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲିଛି । ସେଥିରେ ଲେଖା ପ୍ରକାଶ ପାଇଁ ଯଥେଷ୍ଟ ସୁଯୋଗ ରହିଛି । ଲେଖା ପଠାଇବା ପାଇଁ ସ୍ନେହପୂର୍ଣ୍ଣ ଅନୁରୋଧ ମଧ୍ୟ ମିଳୁଛି । କିନ୍ତୁ ଲେଖିବା ପାଇଁ ଆଜି ଇଚ୍ଛାଥିଲେ ବି ପରିସ୍ଥିତି ଉପରେ ଯଥେଷ୍ଟ ଅବକାଶ ନାହିଁ । ପାରିବାରିକ ଜଂଜାଳ ମଧ୍ୟ ସେହି ବାସନାକୁ ପରିସ୍ଫୁଟିତ କରିବାକୁ ସୁଯୋଗ ଆଣି ଦେଉନାହିଁ । ଏଣୁ ଅତୀତ ଦିନଗୁଡ଼ିକ ପରି ଏହା ଭାବିଲେ ଆଜି ମଧ୍ୟ ସେହିପରି ଆଘାତର ସ୍ପର୍ଶ ଲାଗୁଛି ।

ନୂତନ କିଛି ଲେଖିପାରି ନାହିଁ । ସେହି ପୁରାତନକୁ ନୂତନ ରୂପରେ ପ୍ରକାଶ କରି 'ବର୍ଣ୍ଣାଳୀ' ଆଜି ପାଠକସମାଜ ଆଗରେ ଥୋଇ ଦେଉଛି ।

କବିତା ଭବନ
ଯୋବ୍ରା, କଟକ-୭୫୩୦୦୩
ଶ୍ରୀଗୁଣ୍ଡିଚା
ଜୁଲାଇ ୧୮, ୧୯୭୭

ଶୁକଦେବ ସାହୁ

Digitized by srujanika@gmail.com